# ଧରିତ୍ରୀ
DHARITRI

ଶନିବାର, ଜୁନ୍ ୨୦/୨୦୨୦ (୨୦ ପୃଷ୍ଠା) Saturday, June 20/2020

୪୬ଶ ଭାଗ ୨୦୫ ସଂଖ୍ୟା www.orissakhabar.com/www.dharitri.com | Printed at Bhubaneswar, Sambalpur, Angul and Rayagada ମୂଲ୍ୟ ₹୫/-




## ଗରିବଙ୍କୁ ଭୋଜନ ଦେବେ ପ୍ରଗ୍ୟା

ବଲିଉଡ୍ ଅଭିନେତା ସୁଶାନ୍ତ ସିଂ ରାଜପୁତଙ୍କ ସମ୍ମାନାର୍ଥେ ନିର୍ଦ୍ଦେଶକ ଅଭିଷେକ କପୁରଙ୍କ ସ୍ତ୍ରୀ ପ୍ରଗ୍ୟା କପୁର ୩୪୦୦ ଗରିବ ପରିବାରଙ୍କୁ ଭୋଜନ ଦେବା ଲାଗି ଯୋଜନା କରିଛନ୍ତି।

୧୦ | ୨୦

## ଓଡ଼ିଶା ଏଫ୍‌ସିର ନୂଆ କୋଚ୍

ଇଣ୍ଡିଆନ ସୁପର ଲିଗ୍‌ର ସପ୍ତମ ସଂସ୍କରଣ ପୂର୍ବରୁ ନୂଆ କୋଚ୍‌ଭାବେ ଷ୍ଟୁଆର୍ଟ ବକ୍ସଟରଙ୍କ ସହ ୨ ବର୍ଷିଆ ଚୁକ୍ତି କରିଛି ଓଡ଼ିଶା ଏଫ୍‌ସି।



### ରଥଯାତ୍ରା ପ୍ରସଙ୍ଗ: ‘ଦାଖଲ ପିଟିଶନ ନିଷ୍ପତ୍ତିକୁ ଅପେକ୍ଷା’

### ଚାଇନା ଆମଦାନୀ ଉପରେ କଟକଣା ଲାଗିପାରେ

### ମହାନଦୀରେ ଓଲଟିଲା ଡଙ୍ଗା, ବର୍ତ୍ତିଲେ ୫ ଶ୍ରମିକ

........ ୪. ........

**ଆଜିର ସମ୍ପାଦକୀୟ**

### ବିବାଦୀୟ କେରଳୀ ବାବୁ

**ଆଜିର ମନ୍ତବ୍ୟ**

“ ଗଲୱାନ ଉପତ୍ୟକାରେ ଚାଇନା ସୈନ୍ୟଙ୍କ ଆକ୍ରମଣ ପ୍ରାୟୋଜିତ ଥିଲା। କେନ୍ଦ୍ର ସରକାର ଶୋଇପଡ଼ିଥିବାରୁ ଭାରତୀୟ ଯବାନମାନଙ୍କୁ ମୂଲ୍ୟ ଦେବାକୁ ପଡ଼ିଲା।

**-ରାହୁଲ ଗାନ୍ଧୀ, କଂଗ୍ରେସ ନେତା**

# ଭାଜପା ୮, କଂଗ୍ରେସ ୪

**ନୂଆଦିଲ୍ଲୀ,୧୯।୬**

୧୯ ରାଜ୍ୟ ସଭା ଆସନ ମଧ୍ୟରୁ ଗୁଜରାଟର ୪ ଆସନ ଉପରେ ସମସ୍ତଙ୍କ ନଜର ଥିବାବେଳେ ଏଠାରେ ନିର୍ବାଚନ ଫଳାଫଳ ବିଳମ୍ବିତ ହୋଇଛି। ଆନ୍ଧ୍ରପ୍ରଦେଶରେ ସମସ୍ତ ୪ଟି ଆସନ ଶାସକ ୱାଇଏସ୍‌ଆର୍ କଂଗ୍ରେସ ହାତକୁ ଯାଇଛି। ସେହିପରି ମଧ୍ୟପ୍ରଦେଶର ୩ ଆସନରୁ ଭାଜପା ୨ଟିରେ ସଫଳତା ପାଇଥିବାବେଳେ ରାଜସ୍ଥାନରେ ଏହାର ଓଲଟା ଫଳ ଦେଖିବାକୁ ମିଳିଛି। ଏଥିସହ ଜ୍ୟୋତିରାଦିତ୍ୟ ସିନ୍ଧିଆ, ମଲ୍ଲିକାର୍ଜୁନ ଖାର୍ଗେ, ଏମ୍. ଥାମ୍ବିଦୁରାଇ, କେ.ସି. ବେଣୁଗୋପାଳ ଏବଂ ଆର୍.କେ. ସୁରେଶ ରେଡ୍ଡୀଙ୍କ ଭଳି ହେଭିୱେଟ୍‌ମାନେ ପ୍ରଥମ ଥର ପାଇଁ ଉଚ୍ଚ ସଦନକୁ ନିର୍ବାଚିତ ହୋଇଛନ୍ତି।

କରୋନା ଭାଇରସ୍ ଯୋଗୁ ମାର୍ଚ୍ଚରେ ସ୍ଥଗିତ ଥିବା ରାଜ୍ୟ ସଭାର ୨୪ ଆସନ ପାଇଁ ଜୁନ ୧୯ରେ ନିର୍ବାଚନ ଅନୁଷ୍ଠିତ ହେବ ବୋଲି ଭାରତର ନିର୍ବାଚନ କମିଶନ (ଇସିଆଇ) ପୂର୍ବରୁ ଘୋଷଣା କରିଥିଲେ। ଭୋଟ ଗ୍ରହଣ ପୂର୍ବରୁ ଜୁନ ୧୨ ତାରିଖରେ କର୍ଣ୍ଣାଟକର ୪ ଓ ଅରୁଣାଚଳ ପ୍ରଦେଶର ଗୋଟିଏ ଆସନର ପ୍ରାର୍ଥୀ ନିର୍ଦ୍ୱନ୍ଦ୍ୱରେ ନିର୍ବାଚିତ ହୋଇଥିଲେ। କର୍ଣ୍ଣାଟକରୁ ପୂର୍ବତନ ପ୍ରଧାନମନ୍ତ୍ରୀ ଏଚ୍.ଡି. ଦେବେଗୌଡ଼ା, ବରିଷ୍ଠ କଂଗ୍ରେସ ନେତା ମଲ୍ଲିକାର୍ଜୁନ ଖାର୍ଗେ, ଭାଜପାର ଇରାନ୍ନା କାଡାଡି ଓ ଅଶୋକ ଗସ୍ତି ବିନା ପ୍ରତିଦ୍ୱନ୍ଦ୍ୱିତାରେ ଜିତିଥିଲେ। ସେହିପରି ଅରୁଣାଚଳ ପ୍ରଦେଶର ଏକମାତ୍ର ଆସନ ପାଇଁ ଭାଜପା ପ୍ରାର୍ଥୀ ନବାମ ରେବିଆ ନିର୍ଦ୍ୱନ୍ଦ୍ୱରେ ବିଜୟୀ ହୋଇଥିଲେ। ଅବଶିଷ୍ଟ ୧୯ ଆସନରେ ଶୁକ୍ରବାର ନିର୍ବାଚନ ହୋଇଛି। ଗୁଜରାଟ ଓ ଆନ୍ଧ୍ରପ୍ରଦେଶର ୪ଟି ଲେଖାଏ, ମଧ୍ୟପ୍ରଦେଶ ଓ ରାଜସ୍ଥାନର ୩ଟି ଲେଖାଏ, ଝାଡ଼ଖଣ୍ଡର ୨ ସହିତ ଉତ୍ତର-ପୂର୍ବ ରାଜ୍ୟ ମେଘାଳୟ, ମଣିପୁର ଓ ମିଜୋରାମର ଗୋଟିଏ ଲେଖାଏ ଆସନରେ ☞ପୃଷ୍ଠା-୪

**ରାଜ୍ୟ ସଭା ନିର୍ବାଚନ**



- ମଧ୍ୟପ୍ରଦେଶରୁ ସିନ୍ଧିଆ, ଦିଗ୍‌ବିଜୟ ବିଜୟୀ
- ରାଜସ୍ଥାନରେ କଂଗ୍ରେସ ୨, ଭାଜପାକୁ ୧
- ଆନ୍ଧ୍ରର ୪ ଆସନ ପୋଛିନେଲା ୱାଇଏସ୍‌ଆର୍ କଂଗ୍ରେସ

## ଗୁଜରାଟରେ ଗଣତି ୪ ଘଣ୍ଟା ବିଳମ୍ବିତ

**ଅହମଦାବାଦ,୧୯।୬**

ଗୁଜରାଟର ୪ ଆସନ ଉପରେ ସମସ୍ତଙ୍କ ନଜର ଥିବାବେଳେ ଏଠାରେ ଭୋଟ ଗଣତି ବିଳମ୍ବିତ ହୋଇଥିଲା। ଭାଜପାର ଦୁଇଟି ଭୋଟକୁ ଅବୈଧ ଘୋଷଣା ପାଇଁ ନିର୍ବାଚନ କମିଶନ(ଇସି)ଙ୍କ ନିକଟରେ କଂଗ୍ରେସ ଦାବି କରିଥିଲା। ଏଠାରେ ରାତି ୯ଟା ୧୮ରେ ଭୋଟ ଗଣତି ଆରମ୍ଭ ହୋଇଥିଲା। ବିରୋଧୀ ଦଳ ନେତା ପରେଶ ଧନାନି କହିଥିଲେ, ଭାଜପା ବିଧାୟକ କେଶରୀ ସିଂ ସୋଲାଙ୍କି ଓ ମନ୍ତ୍ରୀ ଭୂପେନ୍ଦ୍ର ସିଂ ଚୂଡ଼ାସମାଙ୍କ ଭୋଟକୁ ରଦ୍ଦ କରିବା ପାଇଁ କଂଗ୍ରେସ ପକ୍ଷରୁ ଦାବି କରାଯାଇଛି। ଆମ କଥା ନ ଶୁଣିବା ଯାଏ ଭୋଟ ଗଣତି ଆରମ୍ଭ କରାଇଦେବୁ ନାହିଁ। କଂଗ୍ରେସ ଏପରି ଦାବି କରିବା କାରଣ

**ଭାଜପାର ୨ ଭୋଟକୁ ନେଇ ବିବାଦ**

ହେଉଛି ଚୂଡ଼ାସମାଙ୍କ ନିର୍ବାଚନକୁ ଗତମାସ ଗୁଜରାଟ ହାଇକୋର୍ଟ ରଦ୍ଦ କରିଦେଇଥିଲେ। ଉକ୍ତ ରାୟ ଉପରେ ସୁପ୍ରିମକୋର୍ଟ ସ୍ଥଗିତାଦେଶ ଜାରି କରିଛନ୍ତି। ସେହିପରି ସୋଲାଙ୍କିଙ୍କ ସହ ଜଣେ ଅନଧିକୃତ ବ୍ୟକ୍ତି ପୋଲିଂ ବୁଥ୍‌କୁ ଯାଇଥିଲେ। ସୋଲାଙ୍କି ହସ୍ପିଟାଲରୁ ମତଦାନ ପାଇଁ ହ୍ୱିଲ୍‌ଚେୟାରରେ ଆସିଥିବାବେଳେ ତାଙ୍କୁ ସହାୟତା ଦେବା ପାଇଁ ଉକ୍ତ ବ୍ୟକ୍ତିଜଣକ ସାଙ୍ଗରେ ଯାଇଥିଲେ। ତେବେ ନିର୍ବାଚନ କମିଶନଙ୍କ ପର୍ଯ୍ୟବେକ୍ଷକ ବିରୋଧୀ ଦଳର ଦାବିକୁ ଅଗ୍ରାହ୍ୟ କରି ଇସିଙ୍କ ଦିଲ୍ଲୀ ମୁଖ୍ୟାଳୟ ଏହି ମାମଲାର ବିଚାର କରିବ ବୋଲି କହିଥିଲେ।

# ୧୦ ଯବାନଙ୍କୁ ମୁକ୍ତ କଲା ଚାଇନା

**ନୂଆଦିଲ୍ଲୀ,୧୯।୬**

ପୂର୍ବ ଲଦାଖର ଗଲୱାନ ଉପତ୍ୟକାରେ ଗତ ସୋମବାର ହିଂସାତ୍ମକ ସଂଘର୍ଷରେ ୨୦ ଭାରତୀୟ ଯବାନ ଶହୀଦ ହୋଇଥିଲେ। ଚାଇନାର ପିପୁଲ୍ସ ଲିବରେଶନ ଆର୍ମି (ପିଏଲ୍ଏ) ଅଟକ ରଖିଥିବା ୧୦ ଭାରତୀୟ ଯବାନଙ୍କୁ ଶୁକ୍ରବାର ଛାଡ଼ିଦେଇଛି। ସେମାନଙ୍କ ମଧ୍ୟରେ ଦୁଇଜଣ ମେଜରଙ୍କ ସମେତ ୪ ଅଫିସର ଅଛନ୍ତି। ମେଜର ଜେନେରାଲଙ୍କ ନେତୃତ୍ୱରେ ଉଭୟ ପକ୍ଷ ମଧ୍ୟରେ ଆଲୋଚନା ପରେ ଅଟକ ଯବାନମାନଙ୍କୁ ଚାଇନା ମୁକ୍ତ କରିଛି। ସେମାନେ ଭାରତୀୟ ପାର୍ଶ୍ୱକୁ ଫେରିଆସିଛନ୍ତି। କାର୍ଯ୍ୟାନୁଷ୍ଠାନ ବେଳେ କୌଣସି ଭାରତୀୟ ଯବାନ ନିଖୋଜ ହୋଇ ନ ଥିବା ସେନା ପକ୍ଷରୁ ଗୁରୁବାର ସ୍ପଷ୍ଟ କରାଯାଇଥିଲା। ସୋମବାର ସଂଘର୍ଷରେ ଆହତ ହୋଇଥିବା ୭୬ ଭାରତୀୟ ଯବାନ ହସ୍ପିଟାଲରେ ଚିକିତ୍ସିତ ହେଉଛନ୍ତି।

ସଂଘର୍ଷରେ ଅନେକ ଭାରତୀୟ ଯବାନ ନିଖୋଜ ହୋଇଥିବା କଥା ବିଭିନ୍ନ ଗଣମାଧ୍ୟମରେ ପ୍ରକାଶ ପାଇବା ପରେ ଏହାକୁ ସରକାରଙ୍କ ପକ୍ଷରୁ ଖଣ୍ଡନ କରାଯାଇଥିଲା। ଭାରତର କୌଣସି ଯବାନ ନିଖୋଜ ହୋଇ ନ ଥିବା ଗୁରୁବାର ସେନା ସ୍ପଷ୍ଟ କରିଥିଲା। ଶୁକ୍ରବାର ଚାଇନା ୧୦ ଭାରତୀୟ ଯବାନଙ୍କୁ ମୁକ୍ତ କରିବା ପରେ ଭାରତୀୟ ସେନାର ସୂଚନା ଉପରେ ସନ୍ଦେହ ପ୍ରକାଶ

**କେହି ନିଖୋଜ ହୋଇ ନ ଥିବା କହୁଥିଲା ଭାରତ**

ପାଇଛି। ଯଦି କେହି ନିଖୋଜ ହୋଇ ନ ଥିଲେ ତେବେ ୧୦ ଯବାନ ଆସିଲେ କେଉଁଠୁ ବୋଲି ପ୍ରଶ୍ନ ଉଠୁଛି। ସୋମବାର ସଂଘର୍ଷ ପରେ ବହୁ ଭାରତୀୟ ଯବାନ ନିଖୋଜ ହୋଇଛନ୍ତି କିମ୍ବା ସେମାନଙ୍କ ସମ୍ପର୍କରେ ହିସାବ ରଖାଯାଇନାହିଁ ବୋଲି କେତେକ ଭାରତୀୟ ଗଣମାଧ୍ୟମ ପ୍ରକାଶ କରିଥିଲେ। ସୀମାରୁ ଉତ୍ତେଜନା ହ୍ରାସ ଲାଗି ଗୁରୁବାର ଉଭୟ ପକ୍ଷର ମେଜର ଜେନେରାଲ ସ୍ତରୀୟ ଅଧିକାରୀଙ୍କ ମଧ୍ୟରେ ଆଲୋଚନା ହୋଇଥିଲା। ଦୁଇ ସେନା ମଧ୍ୟରେ ମୁହାଁମୁହିଁ ପରେ ଏହା ସପ୍ତମ ବୈଠକ ହୋଇଥିଲା ବେଳେ ଗଲୱାନ ଉପତ୍ୟକା ସଂଘର୍ଷ ପରେ ତୃତୀୟ ଆଲୋଚନା ଥିଲା। ପାଟ୍ରୋଲ ପଏଣ୍ଟ ୧୪ ନିକଟବର୍ତ୍ତୀ ସଂଘର୍ଷସ୍ଥଳଠାରେ ହୋଇଥିବା ଆଲୋଚନାରେ ଭାରତ ପକ୍ଷରୁ ୩ ଇନ୍‌ଫାଣ୍ଟ୍ରି ଡିଭିଜନ କମାଣ୍ଡର ମେଜର ଜେନେରାଲ ଅଭିଜିତ ବାପଟ୍ ନେତୃତ୍ୱ ନେଇଥିଲେ। ୧୦ ଜଣଙ୍କୁ ଛଡ଼ାଯିବା ପରେ ଆଉ କୌଣସି ଭାରତୀୟ ଯବାନ ଅଟକ ନ ଥିବା ଚାଇନା ବହିର୍ବ୍ୟାପାର ମନ୍ତ୍ରଣାଳୟ ମୁଖପାତ୍ର ଝାଓ ଲିଜିଆନ କହିଛନ୍ତି। ସୀମାରେ ଉତ୍ତେଜନା ହ୍ରାସ ପାଇଁ ଦୁଇ ପଡୋଶୀ ଆଲୋଚନା ଜାରି ରଖିଥିବା ସେ କହିଛନ୍ତି।

**ପିପିଇ କିଟ୍ ପିନ୍ଧି ଭୋଟ୍ !**




## ପିପିଇ ପିନ୍ଧି ଭୋଟଦେଲେ ସଂକ୍ରମିତ ବିଧାୟକ

**ନୂଆଦିଲ୍ଲୀ, ୧୯।୬**

କରୋନା ସଂକ୍ରମିତ ହୋଇଥିବା ମଧ୍ୟପ୍ରଦେଶର କଂଗ୍ରେସ ବିଧାୟକ କୁନାଲ ଚୌଧୁରୀ ପିପିଇ ସୁଟ୍ ପିନ୍ଧି ଭୋପାଳରେ ରାଜ୍ୟ ସଭା ପାଇଁ ଭୋଟ ଦେଇଛନ୍ତି। ଆମ୍ବୁଲାନ୍ସ ଯୋଗେ ସେ ମଧ୍ୟାହ୍ନରେ ରାଜ୍ୟ ବିଧାନସଭାକୁ ଆସିଥିଲେ। କୁନାଲ ନିଜ ଦଳର ପ୍ରାର୍ଥୀଙ୍କୁ ଭୋଟ ଦେଇ ଫେରିଆସିଥିବା କହିଛନ୍ତି। ପ୍ରକାଶଥାଉ କି, ଜୁନ୍ ୧୨ରେ କୁନାଲ କରୋନା ଭୂତାଣୁ ଆକ୍ରାନ୍ତ ହୋଇଥିଲେ। ସେ ଏବେ ଚିକିତ୍ସାଧୀନ ଅଛନ୍ତି। ମଧ୍ୟପ୍ରଦେଶର ଖାଲିଥିବା ୩ ରାଜ୍ୟ ସଭା ଆସନ ଲାଗି ଏହି ମତଦାନ କରାଯାଇଥିବାବେଳେ ୨୦୬ ବିଧାୟକ ଭୋଟ ଦେଇଥିଲେ।

# ପୁନର୍ବିଚାର ପାଇଁ ପିଟିଶନ ଦାଏର

**ନୂଆଦିଲ୍ଲୀ/ ପୁରୀ ଅଫିସ୍, ୧୯।୬**

ଏବର୍ଷ ପୁରୀ ସମେତ ସାରା ଓଡ଼ିଶାରେ ରଥଯାତ୍ରା ଉପରେ ସୁପ୍ରିମକୋର୍ଟ ରୋକ ଲଗାଇବାର ଦିନକ ପରେ ଉକ୍ତ ରାୟରେ ପରିବର୍ତ୍ତନ ପାଇଁ ପିଟିଶନ ଦାଏର ହୋଇଛି। କେବଳ ପୁରୀରେ ସେବାୟତମାନଙ୍କୁ ନେଇ ରଥଯାତ୍ରା କରିବାକୁ ଅନୁମତି ପ୍ରଦାନ ପାଇଁ ଆବେଦନକାରୀ ସର୍ବୋଚ୍ଚ ଅଦାଲତଙ୍କୁ ନିବେଦନ କରିଛନ୍ତି। ଆବେଦନକାରୀ ନୟାଗଡ଼ ଜିଲା ଇଟାମାଟି ଅଞ୍ଚଳର ଅଫତାଭ ହୁସେନ ନିଜ ପିଟିଶନରେ ଉଲ୍ଲେଖ କରିଛନ୍ତି ଯେ, ସୁପ୍ରିମକୋର୍ଟ ଗୁରୁବାର ଦେଇଥିବା ରାୟର ପୁନର୍ବିଚାର କରନ୍ତୁ। ପୁରୀ ଗ୍ରୀନ୍ ଜୋନରେ ରହିଛି। ସହରରେ ଯେଉଁମାନେ ବି କରୋନା ଭୂତାଣୁ ଦ୍ୱାରା ସଂକ୍ରମିତ ହୋଇଛନ୍ତି, ତାହା କେବଳ ବାହାର ରାଜ୍ୟରୁ ଆସିଥିବା ପ୍ରବାସୀଙ୍କ ଯୋଗୁ ହୋଇଛି। ତେଣୁ ଉକ୍ତ ରାୟରେ ପରିବର୍ତ୍ତନ ଆଣି ଶ୍ରୀମନ୍ଦିରରୁ ଶ୍ରୀଗୁଣ୍ଡିଚା ମନ୍ଦିର ପର୍ଯ୍ୟନ୍ତ ପ୍ରଭୁ ଜଗନ୍ନାଥଙ୍କ ରଥଯାତ୍ରା କେବଳ ସେବାୟତମାନଙ୍କ ଦ୍ୱାରା କରାଇବା ପାଇଁ ରାଜ୍ୟ ସରକାରଙ୍କୁ ନିର୍ଦ୍ଦେଶ ଦିଅନ୍ତୁ। ରଥଯାତ୍ରା ବେଳେ ସମଗ୍ର ପୁରୀ ଜିଲାକୁ ଶଟ୍‌ଡାଉନ୍ କରାଯାଉ। ରଥଯାତ୍ରାରେ ସର୍ବସାଧାରଣଙ୍କ ଯୋଗଦାନ ଉପରେ କଟକଣା ଲଗାଯାଉ। ରଥଯାତ୍ରା ଦିନ ପୁରୀ ସହରକୁ ସମ୍ପୂର୍ଣ୍ଣ ଶଟ୍‌ଡାଉନ୍ କରାଗଲେ ସେବାୟତମାନେ ସୁରୁଖୁରୁରେ ଯାତ୍ରା ପାଇଁ ସେବା କରିପାରିବେ। ସାଧାରଣ ଲୋକ ସଂକ୍ରମିତ ହେବେ ନାହିଁ ଏବଂ ନ୍ୟାୟ ମିଳିବ ବୋଲି ଆବେଦନକାରୀ ଦର୍ଶାଇଛନ୍ତି।

**ରଥଯାତ୍ରା ବନ୍ଦ ନେଇ ସୁପ୍ରିମକୋର୍ଟଙ୍କ ରାୟ ପ୍ରସଙ୍ଗ**



ସର୍ବସାଧାରଣଙ୍କ ବିନା ଉପସ୍ଥିତିରେ ବିନା ବାଧାରେ ରଥଯାତ୍ରା କରାଇବା ପାଇଁ ରାଜ୍ୟ ସରକାର ସମ୍ପୂର୍ଣ୍ଣ ପ୍ରସ୍ତୁତ ଥିବାରୁ ମାତ୍ର ୭୫୦ ଜଣଙ୍କ ଯୋଗଦାନ ପର୍ଯ୍ୟାପ୍ତ। କିନ୍ତୁ ୧୧୭୨ ଜଣ ସେବାୟତଙ୍କ କରୋନା ନେଗେଟିଭ୍ ବାହାରିଥିବାରୁ ସେମାନେ ରଥଯାତ୍ରା ପରିଚାଳନା କରିପାରିବେ ବୋଲି ଆବେଦନକାରୀ ଉକ୍ତ ପିଟିଶନରେ ଉଲ୍ଲେଖ କରିଛନ୍ତି। ସେହିପରି ଶୁକ୍ରବାର ଶ୍ରୀମନ୍ଦିର ଦଇତାପତି ନିଯୋଗ ମଧ୍ୟ ସୁପ୍ରିମ୍‌କୋର୍ଟରେ ମୋଡିଫିକେଶନ ପିଟିଶନ ଦାଏର କରିଛନ୍ତି। ରାୟରେ ପରିବର୍ତ୍ତନ କରିବାକୁ ପିଟିଶନରେ ଆବେଦନ କରାଯାଇଛି। ସେହିପରି ଅନ୍ତଃରାଷ୍ଟ୍ରୀୟ ହିନ୍ଦୁ ମହାସଂଘ ମଧ୍ୟ ରାୟର ପୁନର୍ବିଚାର ପାଇଁ ସୁପ୍ରିମ୍‌କୋର୍ଟରେ ରିଭ୍ୟୁ ପିଟିଶନ ଦାଖଲ କରିଛି। ମହାସଂଘ ଅଧ୍ୟକ୍ଷ ଡ. ବଦ୍ରିନାଥ ପଟ୍ଟନାୟକ ଏହି ପିଟିଶନ ଫାଇଲ କରିଛନ୍ତି। ଡ. ପଟ୍ଟନାୟକ ଗଣମାଧ୍ୟମକୁ କହିଛନ୍ତି, ମହାପ୍ରଭୁଙ୍କ ନୀତିକୁ ବନ୍ଦ କରିବା ଅହିତଜନକ। ଶ୍ରୀଜଗନ୍ନାଥଙ୍କ ମୂଳପୀଠରେ କିଭଳି ବିଧି ରକ୍ଷା ହେବ ସେଥିପାଇଁ ସମସ୍ତେ ସହଯୋଗ କରିବା ଆବଶ୍ୟକ। ମହାପ୍ରଭୁଙ୍କ କରୁଣାରୁ ସ୍ନାନଯାତ୍ରା ସୁରୁଖୁରୁରେ ଶେଷ ହୋଇଛି। ରଥଯାତ୍ରା ନ କରିବା ଉଦ୍ଦେଶ୍ୟ ପଛରେ କ’ଣ ରହସ୍ୟ ତାହା ସମୟ କହିବ। ମହାପ୍ରଭୁଙ୍କ ରଥଯାତ୍ରା କେତେକ ନିର୍ଦ୍ଦିଷ୍ଟ ସେବାୟତଙ୍କୁ ନେଇ ଅନୁଷ୍ଠିତ ହେଉ। ବିଶ୍ୱବାସୀ ଯେପରି ଘରେ ବସି ଦେଖିପାରିବେ ସେଥିପାଇଁ ବ୍ୟବସ୍ଥା କରାଯାଉ ବୋଲି ଡ. ପଟ୍ଟନାୟକ ମତ ରଖିଛନ୍ତି।

ପୁରୀ ସମେତ ସାରା ରାଜ୍ୟରେ ଜୁନ ୨୩ରେ ରଥଯାତ୍ରା ହୋଇଥାନ୍ତା। କରୋନା ସଂକ୍ରମଣକୁ ଦୃଷ୍ଟିରେ ରଖି ଗୁରୁବାର ସୁପ୍ରିମକୋର୍ଟ ଚଳିତବର୍ଷ ଓଡ଼ିଶାରେ ରଥଯାତ୍ରା ହେବ ନାହିଁ ବୋଲି ରାୟ ଦେଇଥିଲେ। ଭାରତର ପ୍ରଧାନ ବିଚାରପତି (ସିଜେଆଇ) ଏସ୍. ଏ. ବୋବ୍‌ଡେଙ୍କ ଅଧ୍ୟକ୍ଷତାରେ ଗଠିତ ଖଣ୍ଡପୀଠ ଏହି ଐତିହାସିକ ପରମ୍ପରା ଉପରେ ସ୍ଥଗିତାଦେଶ ଜାରି କରିଥିଲେ। ଲକ୍ଷ ଲକ୍ଷ ଲୋକଙ୍କ ସମାଗମ ହେଉଥିବାରୁ ରଥଯାତ୍ରା ପାଇଁ ଅନୁମତି ଦେଇଥିଲେ ପ୍ରଭୁ ଶ୍ରୀଜଗନ୍ନାଥ ଆମକୁ କ୍ଷମା କରି ନ ଥାନ୍ତେ ବୋଲି ସିଜେଆଇ ବୋବ୍‌ଡେ କହିଥିଲେ। ରଥଯାତ୍ରା ବନ୍ଦ କରିବା ଲାଗି ‘ଓଡ଼ିଶା ବିକାଶ ପରିଷଦ’ ପକ୍ଷରୁ ଏକ ଜନସ୍ୱାର୍ଥ ମାମଲା (ପିଆଇଏଲ୍) ଦାଏର ହୋଇଥିଲା। ସେହିପରି ‘ଭାରତୀୟ ବିକାଶ ପରିଷଦ’ ତରଫରୁ ସୁରେନ୍ଦ୍ର ପାଣିଗ୍ରାହୀ ଓଡ଼ିଶା ହାଇକୋର୍ଟଙ୍କ ରାୟକୁ ଚ୍ୟାଲେଞ୍ଜ କରି ଏକ ଅପିଲ୍ ପିଟିଶନ ଦାଏର କରିଥିଲେ।




ଧରିତ୍ରୀ
DHARITRI
ଶନିବାର, ୨୦ ଜୁନ୍, ୨୦୨୦

## ପରିବାରର ୪ ଜଣଙ୍କ ଆତ୍ମହତ୍ୟା

ମହାରାଷ୍ଟ୍ରର ପୁଣେ ସହରରେ ଏକ ଦମ୍ପତି ସେମାନଙ୍କ ଦୁଇ ନାବାଳକ ପିଲାଙ୍କୁ ହତ୍ୟା କରିବା ପରେ ନିଜେ ଆତ୍ମହତ୍ୟା କରିଥିବା ଜଣାପଡିଛି। ଆର୍ଥିକ ସଙ୍କଟରୁ ସେମାନେ ଆତ୍ମହତ୍ୟା କରିଥିବା ପୋଲିସ ସନ୍ଦେହ କରୁଛି। ଗୁରୁବାର ବିଳମ୍ବିତ ରାତିରେ ସୁଖସାଗର ନଗରରେ ଥିବା ସେମାନଙ୍କ ଘର ସିଲିଂରୁ ୪ ମୃତଦେହ ଝୁଲୁଥିବା ଦେଖିବାକୁ ମିଳିଥିଲା।



# ‘କେହି ଇଞ୍ଚେ ଜମି ନେଇପାରିବେ ନାହିଁ’

ନୂଆଦିଲ୍ଲୀ,୧୯।୬

- ପ୍ରଧାନମନ୍ତ୍ରୀଙ୍କ ସର୍ବଦଳୀୟ ବୈଠକ
- ଚାଇନା ଭାରତ ସୀମାରେ ପ୍ରବେଶ କରିନାହିଁ: ମୋଦି
- ସରକାରଙ୍କୁ ସବୁ ଦଳର ସମର୍ଥନ
- ଗୋଇନ୍ଦା ବିଫଳତାକୁ ନେଇ ପ୍ରଶ୍ନ ଉଠାଇଲେ ସୋନିଆ



ଭାରତ ସୀମା ମଧ୍ୟରେ ଚାଇନା ପ୍ରବେଶ କରିନାହିଁ କିମ୍ବା କୌଣସି ଘାଟିକୁ ଦଖଲ କରିନାହିଁ। ଭାରତଠାରୁ କେହି ଇଞ୍ଚେ ବି ଜମି ନେଇପାରିବ ନାହିଁ ବୋଲି ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ସର୍ବଦଳୀୟ ବୈଠକ ଶେଷରେ ଗଣମାଧ୍ୟମକୁ କହିଛନ୍ତି। ଭାରତର ୨୦ ଯବାନ ଶହୀଦ ହୋଇଛନ୍ତି। କିନ୍ତୁ ଭାରତ ମାତା ପ୍ରତି ଯେଉଁମାନେ ଦୁଃସାହସ ପ୍ରଦର୍ଶନ କରିଥିଲେ ସେମାନେ ଶିକ୍ଷା ପାଇଛନ୍ତି ବୋଲି ପ୍ରଧାନମନ୍ତ୍ରୀ କହିଥିଲେ।

ଭାରତ ପାଖରେ ଯେଉଁ ସାମର୍ଥ୍ୟ ରହିଛି, କେହି ଆମର ଇଞ୍ଚେ ହେଲେ ବି ଜମି ଉପରେ ଆଖି ପକାଇବାକୁ ସାହସ କରିବ ନାହିଁ। ଏକସଙ୍ଗେ ଏକାଧିକ କ୍ଷେତ୍ରରେ ପହଞ୍ଚିବାର ସାମର୍ଥ୍ୟ ଭାରତ ପାଖରେ ରହିଥିବା ପ୍ରଧାନମନ୍ତ୍ରୀ କହିଥିଲେ। ସୀମା ପ୍ରସଙ୍ଗରେ ସବୁ ଦଳ ସରକାରଙ୍କ ପଛରେ ରହିଥିବା ସର୍ବଦଳୀୟ ବୈଠକରେ ମତ ପ୍ରକାଶ ପାଇଥିଲା।

ପୂର୍ବ ଲଦାଖର ଗଲୱାନ ଉପତ୍ୟକାରେ ଚାଇନା ସୈନ୍ୟଙ୍କ ଆକ୍ରମଣରେ ୨୦ ଭାରତୀୟ ଯବାନ ଶହୀଦ ହେବା ପରେ ସୀମାରେ ଉତ୍ତେଜନା ବୃଦ୍ଧି ପାଇଛି। ଲଦାଖ ସଂଘର୍ଷ ଓ ଏହା ପରବର୍ତ୍ତୀ ସ୍ଥିତି ସମ୍ପର୍କରେ ଆଲୋଚନା ଲାଗି ପ୍ରଧାନମନ୍ତ୍ରୀ ଶୁକ୍ରବାର ସର୍ବଦଳୀୟ ବୈଠକ ଡାକିଥିଲେ। ପ୍ରଥମ ବିରୋଧୀ ଦଳ ବକ୍ତା ଭାବେ କଂଗ୍ରେସ ଅଧ୍ୟକ୍ଷା ସୋନିଆ ଗାନ୍ଧୀ ଉଦ୍‌ବୋଧନ ଦେଇ ବର୍ତ୍ତମାନ ସୁଦ୍ଧା ସରକାର ସମସ୍ତଙ୍କୁ ଅନ୍ଧକାରରେ ରଖିଥିବା ନେଇ କଡ଼ା ସମାଲୋଚନା କରିଥିଲେ। ଏଲ୍‌ଏସି ସମ୍ପର୍କରେ ସୂଚନା ପ୍ରଦାନରେ ଗୋଇନ୍ଦା ବିଭାଗ ବିଫଳ ହୋଇଥିଲା କି ବୋଲି ସେ ପ୍ରଶ୍ନ କରିଥିଲେ। ସୀମାରେ ସ୍ଥିତାବସ୍ଥା ବଜାୟ ରହିବ ଏବଂ ଚାଇନା ତା’ର ମୂଳ ସ୍ଥାନକୁ ଫେରିଯିବା ନେଇ ପ୍ରଧାନମନ୍ତ୍ରୀ ପ୍ରତିଶ୍ରୁତି ଦିଅନ୍ତୁ ବୋଲି ସେ ଦାବି କରିଥିଲେ।

ଅନ୍ୟପକ୍ଷରେ ତୃଣମୂଳ କଂଗ୍ରେସ ଅଧ୍ୟକ୍ଷା ମମତା ବାନାର୍ଜୀଙ୍କ ସମେତ ଅଧିକାଂଶ ନେତା ଚାଇନାର ଆକ୍ରମଣାତ୍ମକ ଆଭିମୁଖ୍ୟ ପ୍ରତି ସରକାରଙ୍କ ଜବାବକୁ ସମର୍ଥନ ଜଣାଇଥିଲେ। ସର୍ବଦଳୀୟ ବୈଠକ ରାଷ୍ଟ୍ର ପାଇଁ ଏକ ଭଲ ବାର୍ତ୍ତା ଏବଂ ଯବାନଙ୍କ ପଛରେ ସମସ୍ତଙ୍କର ସମର୍ଥନ ରହିଥିବା ଏଥିରୁ ସ୍ପଷ୍ଟ ହେଉଛି ବୋଲି ମମତା କହିଥିଲେ। ଖରାପ ବାର୍ତ୍ତା ଯିବା ଭଳି କୌଣସି କଥା କହିବାନାହିଁ କି ଚାଇନା ପାଖରେ ମୁଣ୍ଡ ନୁଆଁଇବା ନାହିଁ। ଆମକୁ ଏକାଠି କାମ କରିବାକୁ ହେବ। ଏକାଠି କହିବା, ଏକାଠି ଭାବିବା ଓ ଏକାଠି କାମ କରିବା ପାଇଁ ପଶ୍ଚିମବଙ୍ଗ ମୁଖ୍ୟମନ୍ତ୍ରୀ ଆହ୍ୱାନ ଦେଇଥିଲେ। ଯବାନମାନେ ଅସ୍ତ୍ର ନେଇଥିଲେ କି ନାହିଁ ତାହା ଉପରେ ଚର୍ଚ୍ଚା ନ କରି ଏଭଳି ସମ୍ବେଦନଶୀଳ ଘଟଣାକୁ ସମ୍ମାନ ଜଣାଇବାକୁ ହେବ ବୋଲି ଏନ୍‌ସିପି ନେତା ଶରଦ ପାୱାର କହିଥିଲେ।

ବୈଠକରେ ଭାଜପା, କଂଗ୍ରେସ, ଟିଏମ୍‌ସି, ଏଆଇଏଡିଏମ୍‌କେ, ବିଜେଡି, ଏଲ୍‌ଜେପି, ବିଏସ୍‌ପି, ସମାଜବାଦୀ ପାର୍ଟି, ଶିବସେନା ଏବଂ ଏନ୍‌ସିପିର ନେତାମାନେ ଯୋଗଦେଇଥିଲେ। ଦେଶ ପାଇଁ ଆମେ ସମସ୍ତେ ଏକାଠି ବୋଲି ଡିଏମ୍‌କେ ନେତା ଏମ୍.କେ. ଷ୍ଟାଲିନ୍ କହିଛନ୍ତି। ସେହିପରି ସୀମାରେ ଭିତ୍ତିଭୂମି କାର୍ଯ୍ୟ ବନ୍ଦ କରାଯିବା ଉଚିତ ନୁହେଁ ବୋଲି ଏନ୍‌ପିପି ନେତା କନ୍‌ରାଡ୍ ସାଙ୍ଗମା କହିଥିଲେ। ଆମେ ସମ୍ପୂର୍ଣ୍ଣ ତଥା ନିଃସର୍ତ୍ତ ଭାବେ ସରକାରଙ୍କ ପଛରେ ଅଛୁ ବୋଲି ବିଜେଡି ନେତା ପିନାକୀ ମିଶ୍ର କହିଥିଲେ।




ସାଙ୍ଗଲି: ଭାଜପା କାର୍ଯ୍ୟକର୍ତ୍ତାମାନେ ବିକ୍ଷୋଭ କରିବା ସହ ଚାଇନା ପତାକା ଓ ରାଷ୍ଟ୍ରପତି ସି ଜିନ୍‌ପିଙ୍ଗଙ୍କ କୁଶପୁତ୍ତଳିକା ଦାହ କରୁଛନ୍ତି।

## ୧୭ ତାଲିବାନ୍ ଆତଙ୍କବାଦୀ ନିହତ

କାବୁଲ, ୧୯।୬: ଆଫଗାନିସ୍ତାନର ସରୋଜାଇ ଜିଲାରେ ସୁରକ୍ଷାକର୍ମୀଙ୍କ ଆକ୍ରମଣରେ ୧୭ ତାଲିବାନ୍ ଆତଙ୍କବାଦୀ ନିହତ ହୋଇଛନ୍ତି। ପ୍ରାୟ ୨୦ ଜଣ ଆତଙ୍କବାଦୀ ଆହତ ହୋଇଥିବା ଜଣାପଡ଼ିଛି। ଗୁରୁବାର ରାତିରେ ପାକ୍‌ଟିକା ପ୍ରଦେଶରେ ଏଭଳି ଘଟିଥିବା ଆଫଗାନ୍ ପ୍ରତିରକ୍ଷା ମନ୍ତ୍ରଣାଳୟ ପକ୍ଷରୁ ସ୍ପଷ୍ଟ କରାଯାଇଛି। ତାଲିବାନ୍‌ମାନେ ପ୍ରଥମେ ଆଫଗାନ୍ ସୁରକ୍ଷାକର୍ମୀଙ୍କ ଉପରେ ଆକ୍ରମଣ କରିଥିବା ବେଳେ ଏହାର ଦୃଢ଼ ଜବାବ ଦିଆଯାଇଥିଲା। ସଂଘର୍ଷରେ ଜଣେ ଏଏନ୍‌ଏ ସୈନ୍ୟ ନିହତ ହୋଇଥିବା ଓ ୨ ଜଣ ଆହତ ଥିବା ପ୍ରତିରକ୍ଷା ମନ୍ତ୍ରଣାଳୟ ପକ୍ଷରୁ କୁହାଯାଇଛି।

## ଜାମିନ ସତ୍ତ୍ୱେ ଜେଲରେ ରହିବେ ଦାବିନ୍ଦର



ନୂଆଦିଲ୍ଲୀ,୧୯।୬(ଆଇଏଏନ୍‌ଏସ୍) ଆତଙ୍କବାଦୀଙ୍କ ସହ ସମ୍ପୃକ୍ତ ଥିବା ଅଭିଯୋଗରେ ନିଲମ୍ବିତ ହୋଇ ଜେଲ୍‌ରେ ଥିବା ଜମ୍ମୁ-କଶ୍ମୀରର ନିଲମ୍ବିତ ଡିଏସ୍‌ପି ଦାବିନ୍ଦର ସିଂଙ୍କୁ ଶୁକ୍ରବାର ଦିଲ୍ଲୀର ଏକ କୋର୍ଟ ଜାମିନ ପ୍ରଦାନ କରିଛନ୍ତି। ଏହା ସତ୍ତ୍ୱେ ସେ ବିଚାର ବିଭାଗୀୟ ହାଜତରେ ରହିବେ ବୋଲି ମାମଲାର ତଦନ୍ତ କରୁଥିବା ଜାତୀୟ ତଦନ୍ତକାରୀ ସଂସ୍ଥା (ଏନ୍‌ଆଇଏ) ପକ୍ଷରୁ କୁହାଯାଇଛି। ଦାବିନ୍ଦରଙ୍କ ବିରୋଧରେ ଯଥେଷ୍ଟ ପ୍ରମାଣ ରହିଛି ଏବଂ ଠିକ୍ ସମୟରେ ତାଙ୍କ ବିରୋଧରେ ଚାର୍ଜଶିଟ୍ ଦାଖଲ କରାଯିବ ବୋଲି ଏନ୍‌ଆଇଏର ଜଣେ ଅଧିକାରୀ କହିଛନ୍ତି।

# ଲେହରେ ଭାରତୀୟ ଯୁଦ୍ଧବିମାନ

ନୂଆଦିଲ୍ଲୀ,୧୯।୬

### ପ୍ରସ୍ତୁତି ସମୀକ୍ଷା କଲେ ବାୟୁସେନା ମୁଖ୍ୟ



ଗଲ୍‌ୱାନ ଉପତ୍ୟକାରେ ଚାଇନା ସୈନ୍ୟଙ୍କ ଆକ୍ରମଣରେ ୨୦ ଭାରତୀୟ ଯବାନ ଶହୀଦ ହେବା ପରେ ପୂର୍ବ ଲଦାଖ ସୀମାରେ ଉତ୍ତେଜନା ବୃଦ୍ଧି ପାଇଛି। ବାୟୁସେନା ମୁଖ୍ୟ ମାର୍ଶାଲ ଆର୍.କେ.ଏସ୍. ଭଦୁରିଆ ଲଦାଖକୁ ଦୁଇଦିନିଆ ଗସ୍ତରେ ଯାଇ ସେଠାରେ ଭାରତୀୟ ବାୟୁସେନାର ପ୍ରସ୍ତୁତି ସମୀକ୍ଷା କରିଛନ୍ତି। ବୁଧବାର ସେ ଲେହ ଏୟାରବେସ୍ ଏବଂ ଗୁରୁବାର ଶ୍ରୀନଗର ଏୟାରବେସ୍ ଗସ୍ତ କରିଥିଲେ। ପୂର୍ବ ଲଦାଖ ନିକଟବର୍ତ୍ତୀ ପ୍ରକୃତ ନିୟନ୍ତ୍ରଣ ରେଖା (ଏଲ୍‌ଏସି)ରେ ଚାଇନା ୧୦ ହଜାରରୁ ଅଧିକ ସୈନ୍ୟ ଠୁଳ କରିବା ସହ ଆକ୍ରମଣାତ୍ମକ ସ୍ଥିତିରେ ଥିବାରୁ ଏହାର ମୁକାବିଲା ପାଇଁ ସବୁ ପ୍ଲାଟଫର୍ମର ପ୍ରସ୍ତୁତିକୁ ଯାଞ୍ଚ କରିଥିଲେ ବାୟୁସେନା ମୁଖ୍ୟ।

ଶୁକ୍ରବାର ଭାରତୀୟ ବାୟୁସେନାର ଯୁଦ୍ଧବିମାନ, ନିକଟରେ କିଣାଯାଇଥିବା ଆପାଚେ ଚୋପର୍ ସମେତ ଲଢୁଆ ହେଲିକପ୍ଟର ଲେହ ଉପରେ ଉଡୁଥିବା ଦେଖାଯାଇଛି। ସୁଖୋଇ-୩୦ଏମ୍‌କେଆଇ, ମିରାଜ୍୨୦୦୦ ଏବଂ ଜାଗୁଆର ଯୁଦ୍ଧବିମାନକୁ ଆଡଭାନ୍ସ ପୋଜିଶନ୍‌କୁ ନିଆଯାଇଛି, ଯେଉଁଠୁ ସେମାନେ ଆଖିପିଛୁଳାକେ କାର୍ଯ୍ୟାନୁଷ୍ଠାନ ପାଇଁ ଉଡ଼ାଣ କରିପାରିବେ। ସ୍ଥଳସେନା ପ୍ରସ୍ତୁତ ରହିଥିବା ଅଞ୍ଚଳର ଖୁବ୍ ନିକଟରେ ଆପାଚେ ଲଢୁଆ ହେଲିକପ୍ଟର ପ୍ରସ୍ତୁତ ହୋଇ ରହିଛି।

ଚାଇନା ବାୟୁସେନାର ଉପସ୍ଥିତି ସମ୍ପର୍କରେ ଭାରତୀୟ ବାୟୁସେନା କୌଣସି ସୂଚନା ଦେଇନାହିଁ। ତେବେ ସାଟେଲାଇଟ୍ ଚିତ୍ରରୁ ଯାହା ଜଣାପଡୁଛି, ସେମାନେ ପୋଙ୍ଗଓଙ୍ଗ ହ୍ରଦଠାରୁ ଅଳ୍ପ ଦୂରରେ ତିବ୍ବତର ନଗରୀ ବାୟୁସେନା ଘାଟିରେ ଦ୍ରୁତ ଭିତ୍ତିଭୂମି ନିର୍ମାଣ ଚଳାଇଛନ୍ତି। ଚାଇନା ତିବ୍ବତରେ ଅନେକ ବାୟୁସେନା ଘାଟି ସମେତ ପାକ୍ ଅଧିକୃତ କଶ୍ମୀରରେ ଥିବା ସ୍କର୍ଦୁ ଏୟାର ବେସ୍‌କୁ ବ୍ୟବହାର କରୁଛି। ଭାରତୀୟ ବାୟୁସେନା ସ୍କର୍ଦୁ ଘାଟି ଉପରେ ନଜର ରଖିଥିଲେ ହେଁ ସେଠାରେ ଚାଇନା ଯୁଦ୍ଧବିମାନ ଥିବା ନେଇ ସ୍ପଷ୍ଟ ସୂଚନା ମିଳିନାହିଁ।

# ଦିଲ୍ଲୀ ସ୍ୱାସ୍ଥ୍ୟମନ୍ତ୍ରୀ ଗୁରୁତର

ନୂଆଦିଲ୍ଲୀ,୧୯।୬



ସତ୍ୟେନ୍ଦ୍ର ଜୈନ

### ପ୍ଲାଜ୍‌ମା ଚିକିତ୍ସା ପାଇଁ ସାକେତ୍ ହସ୍ପିଟାଲକୁ ସ୍ଥାନାନ୍ତର

କରୋନା ପଜିଟିଭ୍ ଚିହ୍ନଟ ହୋଇଥିବା ଦିଲ୍ଲୀ ସ୍ୱାସ୍ଥ୍ୟମନ୍ତ୍ରୀ ସତ୍ୟେନ୍ଦ୍ର ଜୈନଙ୍କ ସ୍ୱାସ୍ଥ୍ୟାବସ୍ଥା ଗୁରୁତର ହୋଇଛି। ଶ୍ୱାସକ୍ରିୟାରେ କଷ୍ଟ ଅନୁଭବ କରିବା ସହ ଜ୍ୱର ବଢ଼ିଯାଇଛି। ସେ ନିମୋନିଆରେ ପୀଡ଼ିତ ଥିବା ଜଣାପଡ଼ିବା ପରେ ତାଙ୍କୁ ଆଇସିୟୁରେ ଅକ୍ସିଜେନ୍ ସପୋର୍ଟରେ ରଖାଯାଇଛି। ଡାକ୍ତରଙ୍କ ପରାମର୍ଶକ୍ରମେ ପ୍ଲାଜ୍‌ମା ଚିକିତ୍ସା ଲାଗି ତାଙ୍କୁ ମାକ୍ସ ହସ୍ପିଟାଲର ଦକ୍ଷିଣ ଦିଲ୍ଲୀରେ ଥିବା ସାକେତ୍ ଚିକିତ୍ସାକେନ୍ଦ୍ରକୁ ସ୍ଥାନାନ୍ତର କରାଯାଇଥିବା ଜଣାପଡ଼ିଛି। ସ୍ୱରାଷ୍ଟ୍ର ମନ୍ତ୍ରୀ ଅମିତ୍ ଶାହା ଟୁଇଟ୍ କରି ସତ୍ୟେନ୍ଦ୍ରଙ୍କ ଆଶୁ ଆରୋଗ୍ୟ କାମନା କରିଛନ୍ତି। ଉପରାଜ୍ୟପାଳ ଅନୀଲ ବୈଜାଲ ମଧ୍ୟ ସ୍ୱାସ୍ଥ୍ୟମନ୍ତ୍ରୀଙ୍କ ଉତ୍ତମ ସ୍ୱାସ୍ଥ୍ୟ କାମନା କରିଛନ୍ତି। ଗତ ମଙ୍ଗଳବାର ସତ୍ୟେନ୍ଦ୍ରଙ୍କୁ ରାଜୀବ ଗାନ୍ଧୀ ସୁପର ସ୍ପେଶିଆଲିଟି ହସ୍ପିଟାଲରେ ଭର୍ତ୍ତି କରାଯାଇଥିଲା। ତାଙ୍କଠାରେ କରୋନା ପଜିଟିଭ୍ ଥିବା ବୁଧବାର ଜଣାପଡିଥିଲା। ତାଙ୍କ ହାତରେ ଥିବା ସ୍ୱାସ୍ଥ୍ୟ, ପୂର୍ତ୍ତ ଓ ଅନ୍ୟ ବିଭାଗ ଦାୟିତ୍ୱ ଉପମୁଖ୍ୟମନ୍ତ୍ରୀ ମନୀଷ ସିସୋଡ଼ିଆଙ୍କୁ ଦିଆଯାଇଛି।

# ଏନ୍‌କାଉଣ୍ଟରରେ ୬ ଆତଙ୍କବାଦୀ ନିହତ

ଶ୍ରୀନଗର,୧୯।୬(ପି.ଟି.)



ଜମ୍ମୁ-କଶ୍ମୀରର ପୁଲ୍‌ୱାମା ଓ ଶୋପିଆନ ଜିଲାରେ ଦୁଇଟି ପୃଥକ ଏନ୍‌କାଉଣ୍ଟରରେ ୬ ଆତଙ୍କବାଦୀ ନିହତ ହୋଇଛନ୍ତି। ସୁରକ୍ଷା ବଳ ପକ୍ଷରୁ ଗତ ରାତିରୁ ଚାଲିଥିବା ତଲାସି ଅଭିଯାନରେ ଏମାନଙ୍କୁ ମିଶାଇ ମୋଟ ୮ ଆତଙ୍କବାଦୀଙ୍କ ମୃତ୍ୟୁ ଘଟିଛି। ପୁଲ୍‌ୱାମା ଜିଲାର ପମ୍ପୋରେ ଅନ୍ତର୍ଗତ ମିଜ୍‌ଠାରେ ଆତଙ୍କବାଦୀ ରହିଥିବା ସୂଚନା ପାଇ ଗୁରୁବାର ସୁରକ୍ଷା ବଳ ଉକ୍ତ ଅଞ୍ଚଳକୁ ଚାରିପଟୁ ଘେରି ତଲାସି ଅଭିଯାନ ଆରମ୍ଭ କରିଥିଲା। ଆତଙ୍କବାଦୀମାନେ ପ୍ରଥମେ ଗୁଳି ଚଳାଇବାରୁ ତଲାସି ଅଭିଯାନ ଏନ୍‌କାଉଣ୍ଟର ରୂପ ନେଇଥିଲା। ଯବାନଙ୍କ ଗୁଳିରେ ଜଣେ ଆତଙ୍କବାଦୀ ନିହତ ହୋଇଥିବାବେଳେ ଅନ୍ୟ ଦୁଇଜଣ ନିକଟସ୍ଥ ଏକ ମସ୍‌ଜିଦରେ ପଶିଯାଇଥିଲେ। ସେମାନଙ୍କୁ ବାହାର କରିବା ଲାଗି ସୁରକ୍ଷା ବଳ ଟିଅର ସ୍ମୋକ୍ ସେଲ୍ ବ୍ୟବହାର କରିଥିଲା। ଶେଷରେ ସେମାନେ ନିହତ ହୋଇଥିଲେ। ସେହିପରି ଶୋପିଆନର ମୁନନ୍ଦ-ବନ୍ଦପଭା ଅଞ୍ଚଳରେ ଶୁକ୍ରବାର ସକାଳେ ଏନ୍‌କାଉଣ୍ଟରରେ ୪ ଆତଙ୍କବାଦୀ ନିହତ ହୋଇଥିବା ପ୍ରତିରକ୍ଷା ମୁଖପାତ୍ର ରାଜେଶ କାଳିଆ ସୂଚନା ଦେଇଛନ୍ତି।

## ‘ଉଦ୍ଧବ ପ୍ରଧାନମନ୍ତ୍ରୀ ହୋଇପାରିବେ’

ମୁମ୍ବାଇ,୧୯।୬(ଆଇଏଏନ୍‌ଏସ୍)

ମହାରାଷ୍ଟ୍ର ମୁଖ୍ୟମନ୍ତ୍ରୀ ଉଦ୍ଧବ ଠାକ୍‌ରେ ଭବିଷ୍ୟତରେ ପ୍ରଧାନମନ୍ତ୍ରୀ ହୋଇପାରିବେ। ତାଙ୍କଠାରେ ଆମେ ଭବିଷ୍ୟତର ଜଣେ ପ୍ରଧାନମନ୍ତ୍ରୀଙ୍କୁ ଦେଖୁଛୁ ବୋଲି ଶିବସେନା ନେତା ସଞ୍ଜୟ ରାଉତ କହିଛନ୍ତି। ଶିବସେନାର ୫୪ତମ ପ୍ରତିଷ୍ଠା ଦିବସରେ ସଞ୍ଜୟ କହିଛନ୍ତି, ଶିବସେନା ପ୍ରତିଷ୍ଠାତା ବାଲ୍ ଠାକ୍‌ରେ ଚାହୁଁଥିଲେ ଶିବସେନାରୁ କେହି ମହାରାଷ୍ଟ୍ରର ମୁଖ୍ୟମନ୍ତ୍ରୀ ହୁଅନ୍ତୁ। ସେହି ସ୍ୱପ୍ନ ପୂରଣ ହୋଇଛି। ଏବେ ଉଦ୍ଧବ ଭାରତର ପ୍ରଧାନମନ୍ତ୍ରୀ ହୁଅନ୍ତୁ ବୋଲି ଆମେ ଚାହୁଁ।

# ଆଉ ଜଣେ ପ୍ରଶଂସକଙ୍କ ଆତ୍ମହତ୍ୟା

ମୁମ୍ବାଇ, ୧୯।୬

### ଅଭିନେତା ସୁଶାନ୍ତଙ୍କ ମୃତ୍ୟୁରେ ମ୍ରିୟମାଣ ଥିଲେ

ବଲିଉଡ୍ ଅଭିନେତା ସୁଶାନ୍ତ ସିଂ ରାଜପୁତଙ୍କ ଆତ୍ମହତ୍ୟା ପରେ ତାଙ୍କ ପ୍ରଶଂସକମାନେ ଜଣକ ପରେ ଜଣେ ଆତ୍ମହତ୍ୟା କରିଚାଲିଛନ୍ତି। ଏବେ ଆଉ ଜଣେ ପ୍ରଶଂସକ ଆଣ୍ଡାମାନ- ନିକୋବରର ଛାତ୍ରୀ ରଶି ଲଗାଇ ଆତ୍ମହତ୍ୟା କରିଛନ୍ତି। ସେ ଏକ ଡାଏରୀ ମଧ୍ୟ ଲେଖୁଥିଲେ, ଯେଉଁଥିରେ ସୁଶାନ୍ତଙ୍କ ସହିତ ଜଡ଼ିତ କିଛି କଥା ଲେଖିଥିଲେ। ଆଣ୍ଡାମାନ-ନିକୋବରର ରାଜଧାନୀ ପୋର୍ଟବ୍ଲେୟାରର ୧୫ ବର୍ଷୀୟା ଏହି ଛାତ୍ରୀ ଜଣକ ୧୭ ଜୁନ୍‌ରେ ରଶି ଲଗାଇ ଆତ୍ମହତ୍ୟା କରିଛନ୍ତି। ତାଙ୍କ ପରିବାର ଲୋକେ କୁହନ୍ତି, ସୁଶାନ୍ତଙ୍କ ମୃତ୍ୟୁ ପରେ ତାଙ୍କ ଝିଅ ବହୁତ ଭାଙ୍ଗି ପଡ଼ିଥିଲେ। ତାଙ୍କ ଡାଏରୀରେ ସେ ସବୁବେଳେ ସୁଶାନ୍ତଙ୍କ ପାଇଁ କିଛି ନା କିଛି ଲେଖୁଥିଲେ। କିନ୍ତୁ ତାଙ୍କ ଆତ୍ମହତ୍ୟା ସମ୍ପର୍କରେ କୌଣସି ନୋଟ୍ ମିଳିନାହିଁ।

ଏହା ପୂର୍ବରୁ ମଧ୍ୟପ୍ରଦେଶ ସାଗର ଜିଲାର ଜଣେ ୨୦ ବର୍ଷୀୟା ଯୁବତୀ ଆତ୍ମହତ୍ୟା କରିଥିଲେ। ଆତ୍ମହତ୍ୟା କରିବାର କିଛି ଘଣ୍ଟା ପୂର୍ବରୁ ସେ କହିଥିଲେ, ‘ମୁଁ ସୁଶାନ୍ତ ସିଂ ରାଜପୁତଙ୍କ ପରି ଆତ୍ମହତ୍ୟା କରିବି’। ସେହିପରି ଉତ୍ତରପ୍ରଦେଶର ବରେଲିରେ ଜଣେ ୧୦ମ ଶ୍ରେଣୀ ଛାତ୍ର ସୁଶାନ୍ତଙ୍କ ମୃତ୍ୟୁରେ ମ୍ରିୟମାଣ ହୋଇ ଆତ୍ମହତ୍ୟା କରିଥିଲେ।



ଲଦାଖର ଗଲୱାନ୍ ଉପତ୍ୟକାରେ ଶହୀଦ ହୋଇଥିବା ରେୱାର ଦୀପକ ସିଂଙ୍କ ମରଶରୀରକୁ ଶୋଭାଯାତ୍ରାରେ ନିଆଯାଉଛି।

# ସବୁ କୋଭିଡ୍ ହସ୍ପିଟାଲରେ ସିସିଟିଭି ଲଗାଅ

ନୂଆଦିଲ୍ଲୀ,୧୯।୬(ଆଇଏଏନ୍‌ଏସ୍)

### ରାଜ୍ୟଗୁଡ଼ିକୁ ସୁପ୍ରିମକୋର୍ଟଙ୍କ ନିର୍ଦ୍ଦେଶ



କରୋନା ଆକ୍ରାନ୍ତ ଚିକିତ୍ସିତ ହେଉଥିବା ସମସ୍ତ କୋଭିଡ୍ ହସ୍ପିଟାଲରେ ସିସିଟିଭି କ୍ୟାମେରା ଲଗାଇବା ଦିଗରେ ରାଜ୍ୟ ସରକାରମାନେ ପଦକ୍ଷେପ ନେବାକୁ ସୁପ୍ରିମକୋର୍ଟ ଶୁକ୍ରବାର କହିଛନ୍ତି। ଦିଲ୍ଲୀର ଲୋକନାୟକ ଜୟପ୍ରକାଶ ନାରାୟଣ (ଏଲ୍‌ଏନ୍‌ଜେପି) ହସ୍ପିଟାଲ ଏହାର ସମସ୍ତ ୱାର୍ଡରେ ସିସିଟିଭି ଲଗାଇଥିବାରୁ ଏହା ସ୍ୱାଗତଯୋଗ୍ୟ ପଦକ୍ଷେପ ବୋଲି ଜଷ୍ଟିସ୍ ଅଶୋକ ଭୂଷଣ, ସଞ୍ଜୟ କିଶନ କୌଲ ଏବଂ ଏମ୍.ଆର୍. ଶାହାଙ୍କୁ ନେଇ ଗଠିତ ଖଣ୍ଡପୀଠ କହିଥିଲେ। ଏହା ହସ୍ପିଟାଲ ପରିଚାଳନା ସମେତ ରୋଗୀ ଯତ୍ନ ନେବାରେ ସ୍ୱଚ୍ଛତାକୁ ସୁନିଶ୍ଚିତ କରିବ। କୋଭିଡ୍-୧୯ ରୋଗୀଙ୍କ ଉପଯୁକ୍ତ ଚିକିତ୍ସା ଓ ହସ୍ପିଟାଲରେ ମୃତଦେହଗୁଡ଼ିକର ଠିକ୍ ପରିଚାଳନା ଲାଗି ସର୍ବୋଚ୍ଚ ଅଦାଲତ ଶୁକ୍ରବାର ଅନେକ ଉପଦେଶ ଦେଇଛନ୍ତି। ଦିଲ୍ଲୀ ସମେତ ସବୁ ରାଜ୍ୟର କୋଭିଡ୍ ହସ୍ପିଟାଲରେ ସିସିଟିଭି ଲଗାଇବା ଦିଗରେ ପଦକ୍ଷେପ ନେବା ଲାଗି ମୁଖ୍ୟ ସଚିବମାନେ ପଦକ୍ଷେପ ନେବାକୁ ଅଦାଲତ କହିଥିଲେ। ସେହିପରି କୋଭିଡ୍ ପରୀକ୍ଷା ବଢ଼ାଇବା ଦିଗରେ ଉପଯୁକ୍ତ ଗାଇଡ୍‌ଲାଇନ ଜାରି କରିବା ଲାଗି ଖଣ୍ଡପୀଠ କେନ୍ଦ୍ରକୁ ପରାମର୍ଶ ଦେଇଥିଲେ।

## କର୍ନାଟକ ରଣନୀତି ଅନୁସରଣ ଲାଗି କେନ୍ଦ୍ରର ପରାମର୍ଶ

ନୂଆଦିଲ୍ଲୀ, ୧୯।୬

ଦେଶରେ ମହାମାରୀ କରୋନା ଭୂତାଣୁର ତାଣ୍ଡବ ଜାରି ରହିଛି। ସଂକ୍ରମିତଙ୍କ ସଂଖ୍ୟା ବଢ଼ି ୩.୮୬ ଲକ୍ଷରେ ପହଞ୍ଚିଥିବା ବେଳେ ୧୨,୬୭୭ ଲୋକଙ୍କ ଜୀବନ ଗଲାଣି। କରୋନା ମୁକାବିଲା ନେଇ କେନ୍ଦ୍ର ସରକାର କର୍ନାଟକ ରଣନୀତି ଅନୁସରଣ କରିବାକୁ ଶୁକ୍ରବାର ଅନ୍ୟ ରାଜ୍ୟଗୁଡ଼ିକୁ ପରାମର୍ଶ ଦେଇଛନ୍ତି। କରୋନାକୁ ରୋକିବା ଲାଗି ବ୍ୟାପକ ପରୀକ୍ଷା କରାଯିବା, ଫୋନ୍ ଜରିଆରେ ଘରକୁ ଘର ସର୍ଭେ କରିବା, ମହାମାରୀ ପରିଚାଳନା ଦକ୍ଷତାର ସହ କରିବା ଲାଗି ସ୍ୱରାଷ୍ଟ୍ରମନ୍ତ୍ରୀ ଅମିତ୍ ଶାହା କର୍ନାଟକର ଉଦାହରଣ ଦେଇ କହିଛନ୍ତି।

ଦେଶରେ ଶୁକ୍ରବାର ୧୩, ୫୮୬ ନୂଆ ମାମଲା ଦେଖାଦେଇଥିବା ବେଳେ ଦିନକୁ ଦିନ ଏହା ଭୟଙ୍କର ରୂପ ଧାରଣ କରୁଛି। ମହାରାଷ୍ଟ୍ରରେ ଆକ୍ରାନ୍ତଙ୍କ ସଂଖ୍ୟା ୧ ଲକ୍ଷ ୨୦ ହଜାର ଟପିଥିବା ବେଳେ ତାମିଲନାଡୁ ଓ ଦିଲ୍ଲୀରେ ଯଥାକ୍ରମେ ୫୫ ହଜାର ଓ ୫୦ ହଜାର ସଂକ୍ରମିତ ହେଲେଣି। ଅନ୍ୟ ରାଜ୍ୟଗୁଡ଼ିକରେ ସ୍ଥିତି ଜଟିଳ ହେବାରେ ଲାଗିଛି। ତାମିଲନାଡୁରେ ଲଗାତର ୩ ଦିନ ହେବ ୨ ହଜାରରୁ ଊର୍ଦ୍ଧ୍ୱ ଭୂତାଣୁ ଆକ୍ରାନ୍ତ ହେବା ଚିନ୍ତା ବଢ଼ାଇଦେଇଛି। ଯଦିଓ ୨ ଲକ୍ଷ ୮ ହଜାରରୁ ଅଧିକ ଲୋକ ସୁସ୍ଥ ହେଲେଣି, ତଥାପି ଉଗ୍ର ସଂକ୍ରମଣ ସ୍ଥିତି ଲାଗି ରହିଛି। ରାଜସ୍ଥାନରେ ୧୪ ହଜାର, ଗୁଜରାଟରେ ୨୫ ହଜାର, ଉତ୍ତରପ୍ରଦେଶରେ ୧୫ ହଜାର, ପଶ୍ଚିମବଙ୍ଗରେ ୧୨ ହଜାର ଓ ମଧ୍ୟପ୍ରଦେଶରେ ୧୧ ହଜାରରୁ ଅଧିକ ରୋଗୀ ରହିଛନ୍ତି। ତେଣୁ ଏହାର ମୁକାବିଲା ଲାଗି ସମସ୍ତେ ସତର୍କ ଓ ସଚେତନ ରହିବା ଲାଗି କେନ୍ଦ୍ର ପରାମର୍ଶ ଦେଇଛି।

## ବୁଲୁଛି ଅସୁସ୍ଥ ମାଈହାତୀ



ଢେଙ୍କାନାଳ ଅଫିସ, ୧୯।୬: ଢେଙ୍କାନାଳ ସଦର ରେଞ୍ଜ୍ ଅଧୀନ ୫୫ନଂ. ଜାତୀୟ ରାଜପଥର ପୋଡ଼ାପଡ଼ା ନିକଟ ଜଙ୍ଗଲରେ ଦୁଇଦିନ ହେଲା ଏକ ଅସୁସ୍ଥ ମାଈହାତୀ ବୁଲୁଛି। ଉକ୍ତ ହାତୀ କାମାକ୍ଷାନଗର ପଟୁ ବ୍ରାହ୍ମଣୀ ନଦୀ ପାରହୋଇ ଚାଲି ଆସିଥିବା ଅନୁମାନ କରାଯାଉଛି। ଏ ସଂକ୍ରାନ୍ତରେ ରେଞ୍ଜର ଧରିତ୍ରୀ ମୁର୍ମୁ କୁହନ୍ତି, ହାତୀଟି ଏକ ଗାଡ଼ିଆ ନିକଟକୁ ପାଣି ପିଇବାକୁ ଆସୁଛି। ଦୀର୍ଘ ସମୟ ଧରି ଛିଡ଼ା ହୋଇ ରହୁଛି। ଏହାର ଗତିବିଧି ଉପରେ ନଜର ରଖାଯାଇଥିବା ସେ ସୂଚନା ଦେଇଛନ୍ତି।

## ସଂକ୍ଷେପରେ

### ସୁଧୁରୁଛି ରାଜ୍ୟ ଅର୍ଥ ବ୍ୟବସ୍ଥା: ମନ୍ତ୍ରୀ

ଭୁବନେଶ୍ୱର, ୧୯।୬(ବ୍ୟୁରୋ): ରାଜ୍ୟରେ କରୋନା ଲାଗି ବିପର୍ଯ୍ୟସ୍ତ ହୋଇପଡ଼ିଥିବା ଅର୍ଥ ବ୍ୟବସ୍ଥା ସୁଧୁରୁଛି। ବିଶେଷ କରି ଗ୍ରାମୀଣ ଅର୍ଥନୀତି ସ୍ୱାଭାବିକ ହେବାରେ ଲାଗିଛି, ଯାହା ଓଡ଼ିଶା ପାଇଁ ଶୁଭସଙ୍କେତ ବୋଲି ଶିଳ୍ପମନ୍ତ୍ରୀ ଦିବ୍ୟଶଙ୍କର ମିଶ୍ର କହିଛନ୍ତି। ଏମ୍ଏସ୍ଏମ୍ଇ, ଅର୍ଥ ବିଭାଗ ଓ ଭାରତୀୟ ଚାମ୍ବର୍ସ ଅଫ୍ କମର୍ସର ମିଳିତ ଆନୁକୂଲ୍ୟରେ ଆୟୋଜିତ ୱେବ୍ କନ୍‌ଫରେନ୍ସରେ ଯୋଗଦେଇ ମନ୍ତ୍ରୀ କହିଲେ ଯେ, ଲୋକଙ୍କ ମଧ୍ୟରେ ଆର୍ଥିକ କାରବାର ବଢ଼ିଲେ ଅର୍ଥନୀତି ସୁଦୃଢ଼ ହେବ। ଲୋକେ ଚାହିଦା ସୃଷ୍ଟି ପାଇଁ ଅର୍ଥ ବିନିଯୋଗ କରିବା ଆବଶ୍ୟକ। ଏହାଦ୍ୱାରା ଅର୍ଥ ବ୍ୟବସ୍ଥା ପୂର୍ବସ୍ଥିତିକୁ ଫେରିପାରିବ। ଅର୍ଥ ବିଭାଗ ପ୍ରମୁଖ ସଚିବ ଅଶୋକ ମୀନା କହିଲେ, ଚଳିତବର୍ଷ ୯୦ହଜାର କୋଟି ମଧ୍ୟରୁ ଏମ୍ଏସ୍ଏମ୍ଇ କ୍ଷେତ୍ର ଲାଗି ୩୮ ହଜାର କୋଟି ଟଙ୍କା ପ୍ରାବଧାନ କରାଯାଇଛି। ଅର୍ଥ ସଦ୍‌ବିନିଯୋଗ ଲାଗି ଏକ ଆନ୍ତଃ ମନ୍ତ୍ରୀସ୍ତରୀୟ କମିଟି ଗଠିତ ହୋଇଛି। ରୁଗ୍‌ଣ ଏମ୍ଏସ୍ଏମ୍ଇ ସେକ୍ଟରକୁ ସହାୟତା ଯୋଗାଇ ଦେବାକୁ ଯୋଜନା ପ୍ରସ୍ତୁତ କରାଯାଉଥିବା ସେ ସୂଚନା ଦେଇଛନ୍ତି। ଇଣ୍ଡିଆ ଚାମ୍ବର୍ସ ଅଫ୍ କମର୍ସର ସଭ୍ୟ ମାତୃଦତ୍ତ ମିଶ୍ର ବର୍ତ୍ତମାନସ୍ଥିତିରେ ଅର୍ଥ ନେଣଦେଣ ବ୍ୟବସ୍ଥାର ଆବଶ୍ୟକତା, ନିଶ୍ଚିତ ଋଣ ଯୋଜନାରେ ଆବେଦନ ତାରିଖ ହିଁ ମୋଟ ଋଣ ଅର୍ଥର ୩୦ରୁ ୪୦% ପ୍ରଦାନ କରିବା ଉପରେ ଗୁରୁତ୍ୱାରୋପ କରିଥିଲେ। ଏହି ଅବସରରେ ଏମ୍ଏସ୍ଏମ୍ଇ ପାଇଁ ରହିଥିବା କେତେକ ସ୍କିମ୍ ଉପରେ ଆଲୋକପାତ କରାଯାଇଥିଲା। ଭାରତୀୟ ଚାମ୍ବର୍ସ ଅଫ୍ କମର୍ସର ଓଡ଼ିଶା ବିତ୍ତ ଓ ଟିକସ କମିଟି ଆବାହକ ରାଜୀବ ଶେଖର ସାହୁ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ।

# କମିଛି ସହରାଞ୍ଚଳ ପ୍ରଦୂଷଣ

■ ପରିବେଶ ଲାଗି ବରଦାନ ସାବ୍ୟସ୍ତ ହୋଇଛି ଲକ୍‌ଡାଉନ
■ ପ୍ରଦୂଷଣ ରୋକିବାକୁ ବାୟୋ ଡାଇଭର୍‌ସିଟି କମିଟି, ଆକ୍ସନ ପ୍ଲାନ

ଭୁବନେଶ୍ୱର,୧୯।୬(ବ୍ୟୁରୋ)

ସ୍ୱାସ୍ଥ୍ୟଠାରୁ ଆରମ୍ଭ କରି ଆର୍ଥିକ, ସାମାଜିକ ଏବଂ ସାଂସ୍କୃତିକ କ୍ଷେତ୍ର ପାଇଁ ବିପଜ୍ଜନକ ହୋଇଥିବା କୋଭିଡ୍-୧୯ ବା କରୋନା ମହାମାରୀ ପରିବେଶ ନିମନ୍ତେ କିନ୍ତୁ ବରଦାନ ପାଲଟିଛି। ମାର୍ଚ୍ଚ ପୂର୍ବରୁ ପ୍ରଦୂଷଣରେ ଘାଣ୍ଟି ହେଉଥିବା ରାଜ୍ୟର ବହୁ ସହର ଏବେ ଅନେକାଂଶରେ ସ୍ୱଚ୍ଛ ହୋଇଯାଇଛି। ରାଜ୍ୟ ପ୍ରଦୂଷଣ ନିୟନ୍ତ୍ରଣ ବୋର୍ଡ ପକ୍ଷରୁ କରାଯାଇଥିବା ସର୍ଭେରୁ ବାୟୁ ପ୍ରଦୂଷଣର ହାର ବହୁମାତ୍ରାରେ ହ୍ରାସ ପାଇଥିବା ତଥ୍ୟ ମିଳିଛି।

ମିଳିଥିବା ସୂଚନା ଅନୁଯାୟୀ, ଲକ୍‌ଡାଉନ ପୂର୍ବରୁ ଅର୍ଥାତ୍ ମାର୍ଚ୍ଚ ୨୧ ତାରିଖ ଯାଏ ଅନୁଗୋଳ ସହରରେ ବାୟୁର ଗୁଣବତ୍ତା ମାନ(ଏକ୍ୟୁଆଇ) ୮୮ ଥିବା ବେଳେ ଏପ୍ରିଲରେ ତାହା ୫୭କୁ ହ୍ରାସ ପାଇଛି। ସେହିପରି ତାଳଚେର ୧୦୪ରୁ ୭୩, ବାଲେଶ୍ୱର ୮୮ରୁ ୬୦, ବ୍ରହ୍ମପୁର ୪୮ରୁ ୨୨, ଭୁବନେଶ୍ୱର ୯୯ରୁ ୪୫ ଏବଂ କଟକ ସହରର ପ୍ରଦୂଷଣ ହାର ୧୦୦ ଏକ୍ୟୁଆଇରୁ ୫୭କୁ ଖସିଆସିଛି। ସେହିଭଳି ଝାରସୁଗୁଡ଼ା ସହରର ପ୍ରଦୂଷଣ ମାନ ୧୧୦ରୁ ୬୫, କଳିଙ୍ଗନଗର ୧୨୨ରୁ ୬୧, କେନ୍ଦୁଝର ୧୦୦ରୁ ୫୩, କୋଣାର୍କ ୬୦ରୁ ୩୪, ପାରାଦୀପ ୧୦୧ରୁ ୬୫, ପୁରୀ ୮୭ରୁ ୩୬, ରାୟଗଡ଼ା ୭୬ରୁ ୫୫, ରାଜଗାଙ୍ଗପୁର ୮୫ରୁ ୬୨, ରାଉରକେଲା ୧୦୭ରୁ ୫୧ ଏବଂ ସମ୍ବଲପୁର ସହରରେ ବାୟୁ ପ୍ରଦୂଷଣ ଇଣ୍ଡେକ୍ସ ୧୦୯ ଥିବାବେଳେ ଏବେ ତାହା ୫୦କୁ ହ୍ରାସ ପାଇଛି। ଏହା ଭଲ ସଙ୍କେତ ଦେଉଥିଲେ ମଧ୍ୟ ଆଗାମୀ ଦିନରେ ସଚେତନ ନ ହେଲେ ପ୍ରଦୂଷଣ ହାର ପୁଣି ବଢ଼ିଯିବ ବୋଲି ପରିବେଶବିତ୍ ଚେତାଇ ଦେଇଛନ୍ତି। ଦେଶର ୧୦୨ଟି ସହର ପ୍ରଦୂଷଣର ବିଷାକ୍ତ ବଳୟ ମଧ୍ୟକୁ ଚାଲିଯାଇଛି। ଓଡ଼ିଶାର ଭୁବନେଶ୍ୱର ସମେତ କଟକ, ଅନୁଗୋଳ, ତାଳଚେର, ବାଲେଶ୍ୱର, ରାଉରକେଲା ଏବଂ କଳିଙ୍ଗନଗର ଆଦି ୭ଟି ସହର ଅତି ପ୍ରଦୂଷଣ ତାଲିକାରେ ସ୍ଥାନ ପାଇଛି। ସହରାଞ୍ଚଳର ଏପରି ପ୍ରଦୂଷିତ ପରିବେଶକୁ ନେଇ ଜାତୀୟ ଗ୍ରୀନ୍ ଟ୍ରିବ୍ୟୁନାଲ(ଏନ୍‌ଜିଟି) ମଧ୍ୟ ଉଦ୍‌ବେଗ ପ୍ରକାଶ କରିଛନ୍ତି। ଏ ନେଇ ଏକ ଦୀର୍ଘ ମିଆଦୀ ଯୋଜନା ପ୍ରସ୍ତୁତ କରିବାକୁ ଏନ୍‌ଜିଟି ରାଜ୍ୟ ସରକାରଙ୍କୁ ନିର୍ଦ୍ଦେଶ ଦେଇଛନ୍ତି। ସେହିପରି ରାଜ୍ୟ ସରକାର ଏକ ସମନ୍ୱିତ ସ୍ୱଚ୍ଛ ବାୟୁ ଆକ୍ସନ ପ୍ଲାନ (କମ୍ପ୍ରିହେନ୍‌ସିଭ କ୍ଲିନ ଏୟାର ଆକ୍ସନ ପ୍ଲାନ) ପ୍ରସ୍ତୁତ କରିଛନ୍ତି। ଏଥିରେ ରାଜ୍ୟ ସରକାରଙ୍କ ବିଭିନ୍ନ ବିଭାଗକୁ ସାମିଲ କରାଯାଇଛି। ରାଜ୍ୟ ପ୍ରଦୂଷଣ ନିୟନ୍ତ୍ରଣ ବୋର୍ଡକୁ ନୋଡାଲ ଏଜେନ୍ସି ଭାବେ ଦାୟିତ୍ୱ ଦିଆଯାଇଛି। ଏହି ଆକ୍ସନ ପ୍ଲାନ କାର୍ଯ୍ୟକାରୀ ପାଇଁ ବିଭିନ୍ନ ପର୍ଯ୍ୟାୟରେ କର୍ମଶାଳା ଆୟୋଜନ କରାଯିବ ବୋଲି ରାଜ୍ୟ ଜଙ୍ଗଲ ଓ ପରିବେଶ ବିଭାଗର ଜଣେ ବରିଷ୍ଠ ଅଧିକାରୀ କହିଛନ୍ତି। ଏହାଛଡା ସହରାଞ୍ଚଳ ପ୍ରଦୂଷଣ ନିୟନ୍ତ୍ରଣ କରିବାକୁ ସମସ୍ତ ୧୧୪ଟି ସହରାଞ୍ଚଳରେ ବାୟୋ ଡାଇଭର୍‌ସିଟି କମିଟି ଗଠନ କରାଯାଇଛି। ପ୍ରଦୂଷଣ ନିୟନ୍ତ୍ରଣ ବୋର୍ଡ ଏହି କମିଟିକୁ ମନିଟରିଂ କରିବ। ଶିଳ୍ପାଞ୍ଚଳ ପ୍ରଦୂଷଣ ଜାଣିବା ପାଇଁ ରାଜ୍ୟ ପ୍ରଦୂଷଣ ନିୟନ୍ତ୍ରଣ ବୋର୍ଡ ପକ୍ଷରୁ ଅନ୍‌ଲାଇନ ମନିଟରିଂ ବ୍ୟବସ୍ଥା କରାଯାଇଛି। ଏଥିସହ ଆହୁରି ଅନେକ ପଦକ୍ଷେପ ନିଆଯାଉଛି ବୋଲି ବୋର୍ଡର ଜଣେ ବରିଷ୍ଠ ବୈଜ୍ଞାନିକ ପ୍ରକାଶ କରିଛନ୍ତି।

# ୨ ହାତୀ ମୃତ୍ୟୁ ଘଟଣା: ୩ ଅଭିଯୁକ୍ତ ଗିରଫ

■ ମିଳିଲାନି ଦାନ୍ତ, ବଢ଼ିଲା ବନ ବିଭାଗର ମୁଣ୍ଡବିନ୍ଧା
■ ବାର୍‌ହା ଶିକାର ପାଇଁ ବିଛାଇଥିଲେ ବିଦ୍ୟୁତ୍ ତାର

କେନ୍ଦୁଝର/ବଡ଼ବିଲ/ଯୋଡ଼ା, (ସ୍ୱ.ପ୍ର./ଡି.ଏନ୍.ଏ.), ୧୯।୬

କେନ୍ଦୁଝର ଜିଲା ଚମ୍ପୁଆ ଫରେଷ୍ଟ ରେଞ୍ଜର ଗୁରୁବେଡ଼ା ସ୍ଥିତ ବୈତରଣୀ(ଖ) ସଂରକ୍ଷିତ ଜଙ୍ଗଲରେ ୨ ହାତୀଙ୍କ ମୃତ୍ୟୁ ଘଟଣାର ୬ ଦିନ ପରେ ବନବିଭାଗ ୩ ଅଭିଯୁକ୍ତଙ୍କୁ ଗିରଫ କରିଛି। ସେମାନେ ହେଲେ ଯୋଡ଼ା ବ୍ଲକ ଭୋଳବେଡା (ଗୁରୁବେଡା) ଗାଁର ଶ୍ରୀଧର ମୁଣ୍ଡା, ବିନ୍ଦରାଇ ମୁଣ୍ଡା ଓ ମାତଲୁ ମୁଣ୍ଡା। ତେବେ ଅଭିଯୁକ୍ତଙ୍କଠାରୁ ଗାଏବ ହାତୀଦାନ୍ତ ଉଦ୍ଧାର ହୋଇ ପାରି ନ ଥିବାରୁ ବନବିଭାଗର ମୁଣ୍ଡବିନ୍ଧା ବଢ଼ି ଯାଇଛି। ବନ ବିଭାଗ ସୂଚନା ଅନୁଯାୟୀ, ଶନିବାର ରାତିରେ ଅଭିଯୁକ୍ତମାନେ ବାର୍‌ହା ଶିକାର ପାଇଁ ଜଙ୍ଗଲରେ ବିଦ୍ୟୁତ୍ ତାର ବିଛାଇଥିଲେ। ରବିବାର ଭୋର ସମୟରେ ଜଙ୍ଗଲକୁ ଯାଇ ଦେଖିଥିଲେ ଯେ, ବାର୍‌ହା ବଦଳରେ ୨ଟି ହାତୀ ବିଦ୍ୟୁତ୍ ତାର ସଂସ୍ପର୍ଶରେ ଆସି ମୃତ୍ୟୁବରଣ କରିଥିଲେ। ତେବେ ମୃତ ହାତୀ ଦ୍ୱୟଙ୍କୁ ଦେଖି ଭୟଭୀତ ହୋଇ ସେଠାରୁ ଚାଲିଯାଇଥିଲେ ଏବଂ ହାତୀ ଦାନ୍ତ କିଏ ନେଇଛି ସେ ନେଇ ସେମାନେ କିଛି ଜାଣି ନାହାନ୍ତି ବୋଲି କହିଥିବା ବନ ବିଭାଗ ସୂଚନା ଦେଇଛି। କେନ୍ଦୁଝର ଡିଏଫଓ ସନ୍ତୋଷ ଯୋଶୀ କୁହନ୍ତି, ତଦନ୍ତ ଚାଲିଛି, ଦାନ୍ତ ଉଦ୍ଧାର ପାଇଁ ଚେଷ୍ଟା କରାଯାଉଛି। ଅନ୍ୟପକ୍ଷେ ହାତୀ ଦାନ୍ତ କିଏ ନେଲା ସେ ନେଇ ପ୍ରଶ୍ନବାଚୀ ସୃଷ୍ଟି ହୋଇଛି। ସୂଚନାଯୋଗ୍ୟ,ଏହି ହାତୀ ମୃତ୍ୟୁ ଘଟଣାରେ ଯୋଡ଼ା ଫରେଷ୍ଟର ଓ ଜଣେ ଫରେଷ୍ଟଗାର୍ଡଙ୍କୁ କର୍ତ୍ତବ୍ୟରେ ଅବହେଳା ଦର୍ଶାଇ ବନ ବିଭାଗ ପକ୍ଷରୁ ନିଲମ୍ବନ କରାଯାଇଛି।



ଗିରଫ ୩ ଅଭିଯୁକ୍ତ

## ଭୁବନେଶ୍ୱର ଏମ୍‌ସ ଛାତ୍ରୀ ଭିନିଥା ଟପ୍ପର

ଏମ୍‌ସ ସର୍ବଭାରତୀୟ ପିଜି ପ୍ରବେଶିକା ପରୀକ୍ଷା

ଭୁବନେଶ୍ୱର, ୧୯।୬(ବ୍ୟୁରୋ)

ଅଖିଳ ଭାରତୀୟ ଆୟୁର୍ବିଜ୍ଞାନ ସଂସ୍ଥାନ (ଏମ୍‌ସ)ର ସର୍ବଭାରତୀୟ ପିଜି ପ୍ରବେଶିକା ପରୀକ୍ଷା ଫଳ ଶୁକ୍ରବାର ନୂଆଦିଲ୍ଲୀ ଏମ୍‌ସ ପକ୍ଷରୁ ଘୋଷଣା କରାଯାଇଛି। ଶ୍ରେଷ୍ଠ ୧୦୦ରେ ଏମ୍‌ସର ୨୯ଜଣ ଛାତ୍ରୀଛାତ୍ର ରହିଥିବାବେଳେ ଭୁବନେଶ୍ୱର ଏମ୍‌ସର ଏମ୍‌ବିବିଏସ୍ ଛାତ୍ରୀ ଡା. ଭିନିଥା କେ ଟପ୍ପର ହୋଇଛନ୍ତି। ଭିନିଆ ୧୦୦ ପର୍ସେଣ୍ଟାଇଲ ରଖି ସର୍ବଭାରତୀୟ ସ୍ତରରେ ର୍‍ୟାଙ୍କ ୧ରେ ରହିଛନ୍ତି। ଭିନିଥାଙ୍କୁ ମିଶାଇ ଶ୍ରେଷ୍ଠ ୧୦୦ରେ ଭୁବନେଶ୍ୱର ଏମ୍‌ସର ୬ଜଣ ରହିଥିବାବେଳେ ମୋଟ ୭୪ଜଣଙ୍କୁ ର୍‍ୟାଙ୍କ୍ ମିଳିଛି। ସେହିଭଳି ଯୋଧପୁର ଓ ଋଷିକେଶ ଏମ୍‌ସର ୬ଜଣ, ଭୋପାଳ ଏମ୍‌ସର ୫, ନୂଆଦିଲ୍ଲୀ ଏମ୍‌ସର ୪, ପାଟଣା ଓ ରାୟପୁର ଏମ୍‌ସର ଜଣେ ଲେଖାଏ ଛାତ୍ରୀଛାତ୍ର ରହିଛନ୍ତି। ତେବେ ଭିନିଥାଙ୍କ ସଫଳତା ପରେ ଭୁବନେଶ୍ୱର ଏମ୍‌ସ ନିର୍ଦ୍ଦେଶିକା ଗୀତାଞ୍ଜଳି ବାଟମାନବେନ ତାଙ୍କ ସମେତ ସମସ୍ତ କୃତୀ ଛାତ୍ରୀଛାତ୍ରଙ୍କୁ ଶୁଭେଚ୍ଛା ଜଣାଇଛନ୍ତି। ଏଥିସହ ଅଧ୍ୟାପକଙ୍କ ପରାମର୍ଶ ଓ ଶିକ୍ଷାଦାନକୁ ମଧ୍ୟ ପ୍ରଶଂସା କରିଛନ୍ତି। ଭବିଷ୍ୟତରେ ଡାକ୍ତରୀ ବିଜ୍ଞାନରେ ଭୁବନେଶ୍ୱର ଏମ୍‌ସ ଦେଶର ସର୍ବୋତ୍ତମ ଏକାଡେମିକ ଅନୁଷ୍ଠାନ ହେବ ବୋଲି ଗୀତାଞ୍ଜଳି କହିଛନ୍ତି। ଅନ୍ୟପକ୍ଷରେ ନିଜର ସଫଳତା ସମ୍ପର୍କରେ ଭିନିଥା କହିଛନ୍ତି, କୌଣସି ପରୀକ୍ଷା ଦେବାବେଳେ ମୁଁ ମୋର ପୂର୍ବ ପରୀକ୍ଷାକୁ ତର୍ଜମା କରିଥାଏ। ଆଉ କ'ଣ ଅଧିକ କଲେ ଆଗାମୀ ପରୀକ୍ଷା ଭଲ ହେବ ସେହି ଦିଗରେ ଗୁରୁତ୍ୱ ଦିଏ। ତେବେ ଯେଉଁମାନେ ପ୍ରବେଶିକା ପରୀକ୍ଷା ଦେବାକୁ ଚାହୁଁଛନ୍ତି ସେମାନଙ୍କୁ କହିବି ଯେ, ସେମାନେ ପରୀକ୍ଷାରେ କେଉଁ ର୍‍ୟାଙ୍କରେ ରହିବେ ଚିନ୍ତା ନ କରି ଜଣେ ଭଲ ଡାକ୍ତର ହେବାକୁ ଲକ୍ଷ୍ୟ ରଖିଲେ ନିଶ୍ଚିତ ସଫଳତା ପାଇପାରିବେ ବୋଲି ସେ କହିଛନ୍ତି।

ସୂଚନାଯୋଗ୍ୟ, ଏମ୍‌ସ ଦିଲ୍ଲୀ, ଭୋପାଳ, ଭୁବନେଶ୍ୱର, ଯୋଧପୁର, ନାଗପୁର, ପାଟନା, ଋଷିକେଶ ଏବଂ ରାୟପୁରରେ ପିଜି ନାମଲେଖା ପାଇଁ ଗତ ୧୧ ତାରିଖରେ ପ୍ରେବେଶିକା ପରୀକ୍ଷା କରାଯାଇଥିଲା। ଦେଶର ମୋଟର ୩୩ହଜାର ଛାତ୍ରୀଛାତ୍ର ପରୀକ୍ଷା ଦେଇଥିବାବେଳେ ଭୁବନେଶ୍ୱର ଏମ୍‌ସରୁ ୪୩୩୫ ଛାତ୍ରୀଛାତ୍ର ଥିଲେ।



ଡା. ଭିନିଥା କେ

## ହାତୀ ଆକ୍ରମଣରେ ଯୁବକ ମୃତ

ବନ୍ତଳା, ୧୯।୬(ଡି.ଏନ.ଏ.)

ଅନୁଗୋଳ ଜିଲା ବନ୍ତଳା ରେଞ୍ଜ ମାଗୁରାଖାଲ ଗ୍ରାମ ଆମ୍ବବୁରୀ ନିକଟରେ ଶୁକ୍ରବାର ହାତୀ ଆକ୍ରମଣରେ ଜଣଙ୍କ ମୃତ୍ୟୁ ଘଟିଛି। ମୃତକ ହେଲେ ବାରଗୌଣିଆ ଗ୍ରାମର ସୁଦାମ ପ୍ରଧାନ (୪୦)। ଏଥିରେ ଅନ୍ୟ ଜଣେ ଆହତ ହୋଇଛନ୍ତି। ସୂଚନା ପାଇ ରେଞ୍ଜର ବିନ୍ଦୁ ପ୍ରସାଦ ପ୍ରଧାନ, ଡେପୁଟି ରେଞ୍ଜର ଜୟନ୍ତ ସାହୁ, ଆଇଆଇସି ଗୀତାଞ୍ଜଳି ସାହୁ ସଦଳବଳ ପହଞ୍ଚି ମୃତଦେହ ଜବତ କରି ଜିଲା ମୁଖ୍ୟ ଚିକିତ୍ସାଳୟକୁ ବ୍ୟବଚ୍ଛେଦ ପାଇଁ ପଠାଇଥିଲେ। ଶୁଦ୍ଧିକ୍ରିୟା ପାଇଁ ମୃତକଙ୍କ ପରିବାରକୁ ୪୦ ହଜାର ଟଙ୍କା ସହାୟତା ଦିଆଯାଇଛି। ଆବଶ୍ୟକ କାଗଜପତ୍ର ଦାଖଲ କରିବା ପରେ ଅବଶିଷ୍ଟ ଅନୁକମ୍ପାମୂଳକ ଅର୍ଥରାଶି ପ୍ରଦାନ କରାଯିବ ବୋଲି ବନ ବିଭାଗ ପକ୍ଷରୁ କୁହାଯାଇଛି।

# ଆଜି ନବଯୌବନ ଦର୍ଶନ

■ ମହାପ୍ରଭୁଙ୍କୁ ଦେଖିପାରିବେନି ଭକ୍ତ ■ ମହାମାରୀ କରୋନା ସାଜିଛି ବାଧକ

ପୁରୀ ଅଫିସ,୧୯।୬

ଶେଷ ହୋଇଛି ମହାପ୍ରଭୁଙ୍କ ୧୫ ଦିନର ଅଣସର। ସୁସ୍ଥ ହୋଇ ଭକ୍ତଙ୍କୁ ଦର୍ଶନ ଦେବା ଲାଗି ପ୍ରସ୍ତୁତ ହୋଇସାରିଛନ୍ତି ଚତୁର୍ଦ୍ଧାବିଗ୍ରହ। ଶନିବାର ମଧ୍ୟାହ୍ନରେ ଦଇତାପତିମାନେ ଚକା ଅପସାରଣ କରିବା ପରେ ଫିଟିବ ଅଣସର ତାଟି। ଏହାପରେ ଦାରୁବିଗ୍ରହ ନବଯୌବନ ବେଶରେ ଦର୍ଶନ ଦେବେ। କିନ୍ତୁ ଭକ୍ତମାନେ ମହାପ୍ରଭୁଙ୍କ ଏହି ଦିବ୍ୟ ବେଶ ଦେଖିପାରିବେ ନାହିଁ। ମହାମାରୀ କରୋନା ଭକ୍ତ-ଭଗବାନଙ୍କ ମଧ୍ୟରେ ବାଧକ ସାଜିଛି। କରୋନା ପାଇଁ ତିନିମାସ ହେବ ଶ୍ରଦ୍ଧାଳୁ ମନ୍ଦିର ଭିତରକୁ ଯାଇପାରୁ ନାହାନ୍ତି। ଆଶା ଥିଲା ରଥରେ ବିରାଜିତ ମହାପ୍ରଭୁଙ୍କୁ ଦର୍ଶନ କରିବେ। ଚର୍ମ ଚକ୍ଷୁରେ ନ ହେଲା ନାହିଁ, ଟିଭିରେ ଦେଖିବେ। ହେଲେ ସେତକ ସୁଯୋଗ ବି ମିଳିବ ନାହିଁ। କରୋନା ଯୋଗୁ ଏ ବର୍ଷ ରଥଯାତ୍ରା ହେବ ନାହିଁ ବୋଲି ସୁପ୍ରିମ୍‌କୋର୍ଟ ରାୟ ଦେଇଛନ୍ତି। ତେଣୁ ଶ୍ରୀମନ୍ଦିରକୁ ପ୍ରବେଶ କଟକଣା ଏବଂ ରଥଯାତ୍ରା ବନ୍ଦ ଯୋଗୁ ମହାପ୍ରଭୁଙ୍କ ନବଯୌବନ ଦର୍ଶନରୁ ଭକ୍ତ ବଞ୍ଚିତ ହେବେ।

ଦେବସ୍ନାନ ପୂର୍ଣ୍ଣିମାରେ ସ୍ନାନବେଦିରେ ଦାରୁଦିଅଁ ପ୍ରତ୍ୟକ୍ଷ ସ୍ନାନ କରି ଜ୍ୱରରେ ପୀଡ଼ିତ ହୋଇଥିଲେ। ଅଣସର ଘରେ ତାଙ୍କର ଉପଚାର ଚାଲିଥିଲା। ଦଇତାପତି ସେବକମାନେ ଶ୍ରୀଅଙ୍ଗ ସେବା କରିଥିଲେ। ମହାପ୍ରଭୁ ଏବେ ସୁସ୍ଥ ହୋଇ ଯାଇଛନ୍ତି। ଶନିବାର ଅଣସର ଘରେ ମହାପ୍ରଭୁଙ୍କ ଆସ୍ଥାନ ଚକା ଅପସାରଣ କରାଯିବ। ଦଶାବତାର ତଥା ପତିଦିଅଁଙ୍କ ନିକଟରେ ମଙ୍ଗଳ ଆଳତି, ମଇଲମ ଏବଂ ଅବକାଶ ନୀତି ବଢ଼ିବ। ପଟି ଠାକୁର ମଣ୍ଡଳୀ ଘରକୁ ଏବଂ ଅନ୍ୟ ୭ ଠାକୁର ଦକ୍ଷିଣୀ ଘରକୁ ବିଜେ କରିବା ପରେ ଅଣସର ତାଟି ଫିଟିବ। ଏହାପରେ ନବଯୌବନ ଦର୍ଶନ ରହିଛି। କିନ୍ତୁ ଏଥର କରୋନା କଟକଣା ଯୋଗୁ କୌଣସି ଭକ୍ତ ଦାରୁବିଗ୍ରହଙ୍କୁ ଦର୍ଶନ କରିପାରିବେ ନାହିଁ।

ସାଧାରଣତଃ ତିନିଦିନ ଧରି ନବଯୌବନ ଦର୍ଶନ ପଡ଼ି ନ ଥାଏ। କିନ୍ତୁ ଚଳିତ ବର୍ଷ ଶନିବାର, ରବିବାର ଓ ସୋମବାର ତିନିଦିନ ଧରି ଠାକୁରଙ୍କ ନବଯୌବନ ଦର୍ଶନ ରହିଛି। ଯେହେତୁ ଏବର୍ଷ ଆଷାଢ଼ ଅମାବାସ୍ୟା ଦିନ ସୂର୍ଯ୍ୟୋପରାଗ ରହିଛି ତେଣୁ ଏଭଳି ନୀତି ପଡିଛି ବୋଲି ଗବେଷକ ଡ. ନରେଶ ଚନ୍ଦ୍ର ଦାଶ କହିଛନ୍ତି।

# ସରକାରଙ୍କ କରୋନା ତଥ୍ୟରେ ଅମେଳ

■ ରାଜ୍ୟରେ ପୁଣି ୧୬୫ ପଜିଟିଭ୍ ଚିହ୍ନଟ, ୧୫୩ ସୁସ୍ଥ
■ ଦ୍ୱନ୍ଦ୍ୱ ସୃଷ୍ଟି କଲା କଟକ ଜିଲାର ଆକ୍ରାନ୍ତ, ସକ୍ରିୟ ରୋଗୀଙ୍କ ସଂଖ୍ୟା
■ ସ୍ୱାସ୍ଥ୍ୟ ବିଭାଗ ଓ କୋଭିଡ୍ ଡ୍ୟାସ୍‌ବୋର୍ଡରେ ରହିଛି ଭିନ୍ନ ତଥ୍ୟ

ଭୁବନେଶ୍ୱର, ୧୯।୬(ବ୍ୟୁରୋ)

ରାଜ୍ୟରେ ପ୍ରତିଦିନ ନୂଆ କରୋନା ରୋଗୀ ଚିହ୍ନଟ ହେଉଛନ୍ତି। ସେହିଭଳି ଅନେକ ଆକ୍ରାନ୍ତ ମଧ୍ୟ ସୁସ୍ଥ ହେଉଛନ୍ତି। ଏ ସଂକ୍ରାନ୍ତରେ ରାଜ୍ୟ ସରକାରଙ୍କ ପକ୍ଷରୁ ତଥ୍ୟ ଦିଆଯାଉଛି। ସ୍ୱାସ୍ଥ୍ୟ ବିଭାଗର ୱେବ୍‌ସାଇଟ୍, କୋଭିଡ୍-୧୯ ଡ୍ୟାସ୍‌ବୋର୍ଡ ସହ ଟୁଇଟର ହ୍ୟାଣ୍ଡେଲ୍‌ରେ କରୋନା ସଂକ୍ରାନ୍ତ ସମସ୍ତ ରିପୋର୍ଟ ଅପ୍‌ଡେଟ୍ କରାଯାଉଛି। ହେଲେ ଏବେ ସ୍ୱାସ୍ଥ୍ୟ ବିଭାଗ ୱେବ୍‌ସାଇଟ୍ ଓ କୋଭିଡ୍-୧୯ ଡ୍ୟାସ୍‌ବୋର୍ଡରେ ଦିଆଯାଇଥିବା ତଥ୍ୟ ମଧ୍ୟରେ ତାଳମେଳ ରହୁ ନ ଥିବା ଦେଖାଯାଇଛି। ଶୁକ୍ରବାର ସରକାରୀ ପୋର୍ଟାଲଗୁଡ଼ିକରେ ନୂଆ ତଥ୍ୟ ପ୍ରଦାନ କରାଯାଇଥିଲା। ମୋଟ ଆକ୍ରାନ୍ତଙ୍କ ସଂଖ୍ୟା ସମାନ ଥିଲେ ମଧ୍ୟ ଅନ୍ୟ କେତେକ ତଥ୍ୟରେ ଅମେଳ ରହିଥିଲା। ସ୍ୱାସ୍ଥ୍ୟ ବିଭାଗ ପୋର୍ଟାଲରେ କଟକ ଜିଲାରେ ମୋଟ ସଂକ୍ରମିତଙ୍କ ସଂଖ୍ୟା ୩୬୬ ରହିଥିଲାବେଳେ ୨୪୩ ସୁସ୍ଥ ଓ ୧୨୨ଜଣ ସକ୍ରିୟ ରୋଗୀ ଥିବା ଉଲ୍ଲେଖ ଥିଲା। କିନ୍ତୁ କୋଭିଡ୍-୧୯ ଡ୍ୟାସ୍‌ବୋର୍ଡରେ ଦେଖିବାକୁ ମିଳିଥିଲା ଭିନ୍ନ ତଥ୍ୟ। ଏଥିରେ କଟକ ଜିଲାରେ ମୋଟ ଆକ୍ରାନ୍ତଙ୍କ ସଂଖ୍ୟା ୫୭୨ ଉଲ୍ଲେଖ ରହିଥିଲାବେଳେ ୨୪୩ ସୁସ୍ଥ ଓ ୩୨୮ଜଣ ସକ୍ରିୟ ରୋଗୀ ରହିଥିବା ଦେଖିବାକୁ ମିଳିଥିଲା। ଏହି ଦୁଇ ସରକାରୀ ପୋର୍ଟାଲରେ ଭିନ୍ନ ତଥ୍ୟକୁ ନେଇ ଦ୍ୱନ୍ଦ୍ୱ ସୃଷ୍ଟି ହୋଇଛି।

ନୂଆ ତଥ୍ୟ ଅନୁସାରେ, ଶେଷ ୨୪ ଘଣ୍ଟା ମଧ୍ୟରେ ରାଜ୍ୟରେ ଆଉ ୧୬୫ କରୋନା ପଜିଟିଭ୍ ଚିହ୍ନଟ ହୋଇଛନ୍ତି। ଏଥିମଧ୍ୟରୁ ୧୪୦ଜଣ କ୍ୱାରାଣ୍ଟାଇନ ସେଣ୍ଟରରୁ ଓ ୨୫ଜଣ ସ୍ଥାନୀୟ ଆକ୍ରାନ୍ତ ରହିଛନ୍ତି। ଫଳରେ ରାଜ୍ୟରେ ଏବେ ମୋଟ ସଂକ୍ରମିତଙ୍କ ସଂଖ୍ୟା ୪୬୭୭ରେ ପହଞ୍ଚିଛି। ନୂଆ ଆକ୍ରାନ୍ତଙ୍କ ମଧ୍ୟରେ ଗଞ୍ଜାମରେ ସର୍ବାଧିକ ୪୧ଜଣ ଥିବାବେଳେ ଗଜପତିରୁ ୨୮, ବାଲେଶ୍ୱରରୁ ୨୧, କଟକରୁ ୨୦, ଖୋର୍ଦ୍ଧା ଓ ଯାଜପୁରରୁ ୮ଜଣ ଲେଖାଏ ଚିହ୍ନଟ ହୋଇଛନ୍ତି। ସେହିପରି ପୁରୀରୁ ୭, ସୁନ୍ଦରଗଡ଼ରୁ ୬, ମୟୂରଭଞ୍ଜ, ନବରଙ୍ଗପୁରରୁ ୩ଜଣ ଲେଖାଏ ଥିବାବେଳେ ଝାରସୁଗୁଡ଼ା ଓ ବଲାଙ୍ଗୀରରୁ ୨ଜଣ ଲେଖାଏ, ଜଗତ୍‌ସିଂହପୁର, ଅନୁଗୋଳ, ମାଲକାନଗିରି, କୋରାପୁଟ ଓ ନୟାଗଡ଼ରୁ ଜଣେ ଲେଖାଏ ରହିଛନ୍ତି। ଏଥିସହିତ ପଶ୍ଚିମବଙ୍ଗରୁ ଫେରିଥିବା ଆଉ ୧୧ଜଣ ଅମ୍ପନ ଉଦ୍ଧାରକାରୀ କରୋନା ପଜିଟିଭ୍ ଚିହ୍ନଟ ହୋଇଛନ୍ତି। ଏମାନଙ୍କୁ ମିଶାଇ ମୋଟ ୨୦୬ଜଣ ଓଡ୍ରାଫ୍, ଏନ୍‌ଡିଆର୍‌ଏଫ୍ ଓ ଅଗ୍ନିଶମ କର୍ମଚାରୀ କରୋନାରେ ସଂକ୍ରମିତ ହୋଇସାରିଲେଣି।

ସେପଟେ ଶୁକ୍ରବାର ଆଉ ୧୫୩ କରୋନା ଆକ୍ରାନ୍ତ ସୁସ୍ଥ ହୋଇଛନ୍ତି। ଏମାନଙ୍କ ମଧ୍ୟରୁ କଟକରୁ ୪୩ଜଣ ଥିବାବେଳେ ଜଗତ୍‌ସିଂହପୁରରୁ ୨୧, କନ୍ଧମାଳରୁ ୧୮, ଖୋର୍ଦ୍ଧାରୁ ୧୨, ଭଦ୍ରକରୁ ୧୧, ଗଜପତିରୁ ୯, କଳାହାଣ୍ଡିରୁ ୭, ବାଲେଶ୍ୱର, ଦେବଗଡ଼, ଗଞ୍ଜାମ, ମୟୂରଭଞ୍ଜ ଓ ସୁନ୍ଦରଗଡ଼ରୁ ୫ଜଣ ଲେଖାଏ ରହିଛନ୍ତି। ଏଥିସହିତ ବଲାଙ୍ଗୀର, ଝାରସୁଗୁଡ଼ା ଓ ନୟାଗଡ଼ରୁ ୨ଜଣ ଲେଖାଏ ଥିବାବେଳେ କୋରାପୁଟରୁ ଜଣେ ରହିଛନ୍ତି। ବର୍ତ୍ତମାନ ରାଜ୍ୟରେ ସୁସ୍ଥ ରୋଗୀଙ୍କ ସଂଖ୍ୟା ୩୨୯୭କୁ ବୃଦ୍ଧି ପାଇଛି। ସେହିଭଳି ରାଜ୍ୟରେ ୧୩୬୬ଜଣ ସକ୍ରିୟ ଆକ୍ରାନ୍ତ ବିଭିନ୍ନ କୋଭିଡ୍ ହସ୍ପିଟାଲରେ ଚିକିତ୍ସିତ ହେଉଥିବାବେଳେ ଗଞ୍ଜାମ ଜିଲାରେ ସର୍ବାଧିକ ୧୪୯ଜଣ ସକ୍ରିୟ ରୋଗୀ ରହିଛନ୍ତି।

## ଲାଞ୍ଚ ନେଇ କନିଷ୍ଠଯନ୍ତ୍ରୀ ଗିରଫ

କେନ୍ଦୁଝର,୧୯।୬ (ଡି.ଏନ.ଏ./ସ୍ୱ.ପ୍ର.): ରାସ୍ତା କାମର ବିଲ୍ କରାଇବାକୁ ଜଣେ ଠିକାଦାରଙ୍କଠାରୁ ଲାଞ୍ଚ ନେଉଥିବା ବେଳେ କେନ୍ଦୁଝର ସଦର ବ୍ଲକର କନିଷ୍ଠଯନ୍ତ୍ରୀ ପ୍ରମୋଦ କୁମାର ପଣ୍ଡା ଶୁକ୍ରବାର ଭିଜିଲାନ୍ସ ଦ୍ୱାରା ଗିରଫ ହୋଇଛନ୍ତି। ପରେ ତାଙ୍କର କେନ୍ଦୁଝର କାଶୀପୁରସ୍ଥିତ ଭଡା ଘର, ତାଙ୍କ କାର୍ଯ୍ୟାଳୟ ଏବଂ ଭଦ୍ରକ ଜିଲା ଜଗନ୍ନାଥପୁରସ୍ଥିତ ତାଙ୍କ ପୈତୃକ ବାସଭବନରେ ମଧ୍ୟ ଚଢ଼ାଉ କରାଯାଇଛି। ଏନେଇ ବାଲେଶ୍ୱର ଭିଜିଲାନ୍ସ ଥାନାରେ ମାମଲା (ନଂ. ୧୭/୨୦୨୦) ରୁଜୁ କରାଯାଇଛି। କେନ୍ଦୁଝର ସଦର ବ୍ଲକ କାଉଁରୀକଳା ପଞ୍ଚାୟତ ବଉଳମାଳ ଗ୍ରାମର ଯୁଧିଷ୍ଠିର ମହାନ୍ତ ୨ଲକ୍ଷ ଟଙ୍କାର ଏକ କଂକ୍ରିଟ ରାସ୍ତା କରି ବିଲ୍ କରିବାକୁ କନିଷ୍ଠଯନ୍ତ୍ରୀ ପଣ୍ଡାଙ୍କ ପାଖକୁ ବାରମ୍ବାର ଧାଇଁ ନିରାଶ ହୋଇଥିଲେ। କନିଷ୍ଠଯନ୍ତ୍ରୀ ଜଣକ ଉକ୍ତ କାମର ବିଲ୍ ପାଇଁ ୬ହଜାର ଟଙ୍କା ଲାଞ୍ଚ ମାଗିଥିଲେ। ପରବର୍ତ୍ତୀ ସମୟରେ କାମ କରିବାକୁ ହେଲେ ଆଉ ୫ହଜାର ଟଙ୍କା ମିଶାଇ ମୋଟ ୧୧ହଜାର ଟଙ୍କା ଲାଞ୍ଚ ଦାବି କରିଥିଲେ। ଯୁଧିଷ୍ଠିର ଏନେଇ ଭିଜିଲାନ୍ସର ଦ୍ୱାରସ୍ଥ ହୋଇଥିଲେ। ଭିଜିଲାନ୍ସ ପକ୍ଷରୁ ଏକ ଯୋଜନା ପ୍ରସ୍ତୁତ କରାଯାଇଥିଲା। ପୂର୍ବାହ୍ନରେ କେନ୍ଦୁଝର ସଦର ବ୍ଲକସ୍ଥିତ କାର୍ଯ୍ୟାଳୟରେ କନିଷ୍ଠଯନ୍ତ୍ରୀ ପଣ୍ଡା ୧୧ହଜାର ଟଙ୍କା ଲାଞ୍ଚ ନେଉଥିବା ବେଳେ ପୂର୍ବରୁ ଛକି ରହିଥିବା ଭିଜିଲାନ୍ସ ବିଭାଗ କର୍ମଚାରୀମାନେ ତାଙ୍କୁ କାବୁ କରି ନେଇଥିଲେ। ଏହି ଚଢ଼ାଉରେ କେନ୍ଦୁଝର ଭିଜିଲାନ୍ସ ଡିଏସ୍‌ପି ଦେବଦତ୍ତ ସେଠ, ଭିଜିଲାନ୍ସ ଇନ୍ସପେକ୍ଟର ହେମାମାଳିନୀ ନାୟକଙ୍କ ସମେତ ବାଲେଶ୍ୱର ଓ କେନ୍ଦୁଝର ଭିଜିଲାନ୍ସ ୟୁନିଟ୍‌ର କର୍ମଚାରୀମାନେ ସାମିଲ ଥିଲେ।

# ଶହୀଦ ନନ୍ଦୁରାମଙ୍କୁ ଅଶ୍ରୁଳ ଶ୍ରଦ୍ଧାଞ୍ଜଳି

ପୈତୃକ ଗ୍ରାମରେ ରାଷ୍ଟ୍ରୀୟ ମର୍ଯ୍ୟାଦା ସହ ଶେଷକୃତ୍ୟ ସମ୍ପନ୍ନ

ବାରିପଦା ଅଫିସ/ ରାଇରଙ୍ଗପୁର,୧୯।୬ (ଡି.ଏନ୍.ଏ.)

ରାଷ୍ଟ୍ରୀୟ ମର୍ଯ୍ୟାଦା ସହ ଓଡ଼ିଆ ଯବାନ ଶହୀଦ ନନ୍ଦୁରାମ ସୋରେନ୍‌ଙ୍କ ଶେଷକୃତ୍ୟ ସମ୍ପନ୍ନ ହୋଇଛି। ଶୁକ୍ରବାର ସକାଳେ ମୟୂରଭଞ୍ଜ ଜିଲା ବିଜତଳା ବ୍ଲକ ବଡ଼ଚମ୍ପାଉଦାସ୍ଥିତ ପୈତୃକ ଗ୍ରାମରେ ଶୋକାକୁଳ ପରିବେଶରେ ପଞ୍ଚଭୂତରେ ଲୀନ ହୋଇଛି ଶହୀଦଙ୍କ ମରଶରୀର। ଅନ୍ତିମ ଶୋଭାଯାତ୍ରା ବେଳେ ଅଞ୍ଚଳବାସୀ ରାସ୍ତା କଡ଼ରେ ଛିଡ଼ା ହୋଇ ଅଶ୍ରୁଳ ଶ୍ରଦ୍ଧାଞ୍ଜଳି ଜଣାଇଥିଲେ। ସାହସୀ ବୀର ଯବାନ ନନ୍ଦୁରାମ ଅମର ରହେ, ଭାରତ ମାତା କି ଜୟ ସ୍ଲୋଗାନ୍‌ରେ କମ୍ପି ଉଠିଥିଲା ସହର। ଗୁରୁବାର ବିଳମ୍ବିତ ରାତିରେ ସେନାର ଏକ ସ୍ୱତନ୍ତ୍ର ଗାଡ଼ିରେ ଶହୀଦଙ୍କ ମରଶରୀର ରାଇରଙ୍ଗପୁରଠାରେ ପହଞ୍ଚିଥିଲା। ପରେ ଇଚିଣ୍ଡା ଗ୍ରାମସ୍ଥିତ ନୂତନ ବାସଗୃହକୁ ନିଆଯାଇଥିଲା। ସେଠାରେ ପରିବାରବର୍ଗ ତାଙ୍କ ଶେଷ ଦର୍ଶନ କରିଥିଲେ। ଶୁକ୍ରବାର ଭୋର ୫ଟା ୩୦ ସମୟରେ ରାଇରଙ୍ଗପୁର ଟାଉନ ଥାନାଠାରୁ ସେନା କର୍ମଚାରୀମାନେ ଶହୀଦଙ୍କ ମରଶରୀରକୁ ଏକ ସୁସଜ୍ଜିତ ଗାଡ଼ିରେ ସହର ପରିକ୍ରମା କରାଇ ବଡ଼ଚମ୍ପାଉଦା ଗ୍ରାମକୁ ନେଇଥିଲେ। ବଡ଼ଚମ୍ପାଉଦା ଗ୍ରାମର ଖେଳପଡ଼ିଆଠାରେ ମରଶରୀର ପହଞ୍ଚିବା ପରେ ସେନା ପକ୍ଷରୁ ତାଙ୍କୁ ଗାର୍ଡ ଅଫ ଅନର ଦିଆଯାଇଥିଲା। ବାଙ୍ଗିରିପୋଷୀ ବିଧାୟକ ତଥା ରାଜସ୍ୱ ମନ୍ତ୍ରୀ ସୁଦାମ ମାରାଣ୍ଡି, ମୟୂରଭଞ୍ଜ ଏମ୍‌ପି ଇଂ. ବିଶେଶ୍ୱର ଟୁଡୁ, ରାଇରଙ୍ଗପୁର ବିଧାୟକ ନବଚରଣ ମାଝି, ସାରସକଣା ବିଧାୟକ ଡା.ବୁଦାନ ମୁର୍ମୁ, ମୋରଡ଼ା ବିଧାୟକ ରାଜକିଶୋର ଦାସ ପ୍ରମୁଖ ଯୋଗଦେଇ ଶହୀଦଙ୍କୁ ଶ୍ରଦ୍ଧାଞ୍ଜଳି ଜ୍ଞାପନ କରିଥିଲେ। ଜିଲାପାଳ ବିନୀତ ଭରଦ୍ୱାଜ, ପୂର୍ବାଞ୍ଚଳ ଡିଆଇଜି ଦୀପ୍ତେଶ କୁମାର ପଟ୍ଟନାୟକ, ଏସ୍‌ପି ପରମାର ସ୍ମିଥ ପୁରୁଷୋତ୍ତମ ଦାସ ପ୍ରମୁଖ ବହୁ ପ୍ରଶାସନିକ ଅଧିକାରୀ ଯୋଗଦେଇ ଶ୍ରଦ୍ଧାଞ୍ଜଳି ଜ୍ଞାପନ କରିଥିଲେ। ପୂର୍ବାହ୍ନ ୯ଟା ୩୦ ସମୟରେ ଶହୀଦ ନନ୍ଦୁରାମଙ୍କ ପାର୍ଥିବ ଶରୀରକୁ ତୋପ ସଲାମୀ ଦିଆଯାଇଥିଲା। ପରେ ଆଦିବାସୀ ସାନ୍ତାଳୀ ସମ୍ପ୍ରଦାୟ ବିଧି ଅନୁଯାୟୀ ଶହୀଦଙ୍କ ଶେଷକୃତ୍ୟ ସମ୍ପନ୍ନ ହୋଇଥିଲା। ପୁତୁରା କାହ୍ନୁଚରଣ ମୁଖାଗ୍ନି ଦେଇଥିଲେ। ରାଜ୍ୟପାଳ ପ୍ରଫେସର ଗଣେଶୀ ଲାଲ୍ ଦେଇଥିବା ମାନପତ୍ରକୁ ଜିଲାପାଳ ଶହୀଦ ନନ୍ଦୁରାମଙ୍କ ସ୍ତ୍ରୀ ଲକ୍ଷ୍ମୀଙ୍କୁ ପ୍ରଦାନ କରିଥିଲେ। ଉଲ୍ଲେଖଯୋଗ୍ୟ ଯେ, ପୂର୍ବ ଲଦାଖ ସୀମା ଗଲୱାନ୍ ଉପତ୍ୟକାରେ ଚାଇନା ସେନାଙ୍କ ସହ ଲଢ଼େଇ କରି ଶହୀଦ ନନ୍ଦୁରାମ ଦେଶମାତୃକା ପାଇଁ ପ୍ରାଣବଳି ଦେଇଛନ୍ତି।



# 'ଶହୀଦ ଚନ୍ଦ୍ରକାନ୍ତ ଅମର ରହେ' ଧ୍ୱନିରେ କମ୍ପିଲା ପାଙ୍ଗାନାଜୁ ପଡ଼ିଆ

ରାଇକିଆ,୧୯।୬(ଡି.ଏନ.ଏ)

ପୂର୍ବ ଲଦାଖ ସୀମା ଗଲ୍‌ୱାନ ଉପତ୍ୟକାରେ ଚାଇନା ସେନା ସହ ସଂଘର୍ଷରେ ଶହୀଦ ଓଡ଼ିଆ ଯବାନ କନ୍ଧମାଳ ଜିଲା ରାଇକିଆ ବ୍ଲକ ବିଅରପାଙ୍ଗା ଗ୍ରାମର ଚନ୍ଦ୍ରକାନ୍ତ ପ୍ରଧାନଙ୍କ ରାଷ୍ଟ୍ରୀୟ ମର୍ଯ୍ୟାଦା ସହ ଶୁକ୍ରବାର ଜନ୍ମମାଟିରେ ଶେଷକୃତ୍ୟ ସମ୍ପନ୍ନ ହୋଇଛି। ପାଙ୍ଗାନାଜୁ ମହୋତ୍ସବ ପଡିଆରେ ତାଙ୍କ ପାର୍ଥିବ ଶରୀର ରଖାଯିବା ପରେ ଚନ୍ଦ୍ରକାନ୍ତଙ୍କ ବାପା, ମା'ଙ୍କ ସମେତ ବହୁ ବିଶିଷ୍ଟ ବ୍ୟକ୍ତି ଶ୍ରଦ୍ଧାଞ୍ଜଳି ଜ୍ଞାପନ କରିଥିଲେ। 'ଶହୀଦ ଚନ୍ଦ୍ରକାନ୍ତ ଅମର ରହେ' ଧ୍ୱନିରେ କମ୍ପିଥିଲା ପାଙ୍ଗାନାଜୁ ମହୋତ୍ସବ ପଡିଆ।

ଏକ ସ୍ୱତନ୍ତ୍ର ସେନା ଗାଡିରେ ଶୁକ୍ରବାର ସକାଳ ପ୍ରାୟ ୭ଟାରେ ମଣ୍ଡାକିଆ ଛକରେ ପହଞ୍ଚିଥିଲା ଶହୀଦ ଚନ୍ଦ୍ରକାନ୍ତଙ୍କର ପାର୍ଥିବ ଶରୀର। ସେଠାରୁ ୫କି.ମି. ଦୂର ରାଇକିଆ ପାଙ୍ଗାନାଜୁ ମହୋତ୍ସବ ପଡ଼ିଆକୁ ବାଇକ ଶୋଭାଯାତ୍ରାରେ ନିଆଯାଇଥିଲା। ହଜାର ହଜାର ଲୋକଙ୍କ ଉପସ୍ଥିତିରେ ଗାର୍ଡ ଅଫ୍ ଅନର ପ୍ରଦାନ ସହ ପୂର୍ଣ୍ଣ ସାମରିକ ମର୍ଯ୍ୟାଦା ସହ ଶ୍ରଦ୍ଧାଞ୍ଜଳି ଜ୍ଞାପନ କରାଯାଇଥିଲା। ପ୍ରଥମେ ଶହୀଦ ଚନ୍ଦ୍ରକାନ୍ତଙ୍କ ମା' ବିଳାସିନୀ ଓ ବାପା କରୁଣାକର ପୁଷ୍ପଗୁଚ୍ଛ ଦେଇ ଶ୍ରଦ୍ଧାଞ୍ଜଳି ଜ୍ଞାପନ କରିଥିଲେ। ପରେ କୃଷି ଓ ଉଚ୍ଚଶିକ୍ଷା ମନ୍ତ୍ରୀ ଡ. ଅରୁଣ ସାହୁ, କନ୍ଧମାଳ ଏମ୍‌ପି ଡ. ଅଚ୍ୟୁତ ସାମନ୍ତ, ଜି.ଉଦୟଗିରି ବିଧାୟକ ସାଲୁଗା ପ୍ରଧାନ, ବାଲିଗୁଡ଼ା ବିଧାୟକ ଚକ୍ରମଣି କହଁର, କନ୍ଧମାଳ ଜିଲାପାଳ ଡ. ବୃନ୍ଦା ଡି, ଏସ୍‌ପି ପ୍ରତୀକ ସିଂ, ବିହାର ରେଜିମେଣ୍ଟ ଓ ଗୋପାଳପୁର ଆର୍ମି ଏଡି କଲେଜର ବରିଷ୍ଠ ଅଧିକାରୀ ଶ୍ରଦ୍ଧାଞ୍ଜଳି ଜ୍ଞାପନ କରିଥିଲେ। ସେଠାରେ ପୋଲିସ ତରଫରୁ ତୋପ ସଲାମୀ ଦିଆଯାଇଥିଲା। ଶେଷ ଦର୍ଶନ ପାଇଁ ସମଗ୍ର ଅଞ୍ଚଳ ଲୋକାରଣ୍ୟ ହୋଇପଡିଥିଲା। ପରେ ପାର୍ଥିବ ଶରୀର ଜନ୍ମମାଟି ବିଅରପାଙ୍ଗା ଅଭିମୁଖେ ବାହାରିଥିଲା। ଶହଶହ ଗ୍ରାମବାସୀ ଓ ଆତ୍ମୀୟ ସ୍ୱଜନଙ୍କ ଉପସ୍ଥିତିରେ ଗାଁ ନିକଟରେ ଖ୍ରୀଷ୍ଟୀୟ ରୀତିନୀତି ଅନୁଯାୟୀ ଚନ୍ଦ୍ରକାନ୍ତଙ୍କୁ ସମାଧି ଦିଆଯାଇଥିଲା।



ଶହୀଦ ପୁଅକୁ ଶ୍ରଦ୍ଧାଞ୍ଜଳି ଦେଉଛନ୍ତି ମା'।

ରାଷ୍ଟ୍ରୀୟ ମର୍ଯ୍ୟାଦା ସହ ପାଙ୍ଗାନାଜୁରେ ଶେଷକୃତ୍ୟ

## ଜନ୍ମଦିନର ଶୁଭେଚ୍ଛା

ନାମ: ......................................
ବୟସ:......................................
ଜନ୍ମ ତାରିଖ: ..................................


ତିତୁଲ୍
ପରିବାରବର୍ଗ


ସୁଜୟ
ପରିବାରବର୍ଗ

ଏଠାରେ ୨ X ୨ ସେ.ମି. ଫଟୋ ଲଗାନ୍ତୁ

ସର୍ତ୍ତାବଳୀ: ଏହି କୁପନ ବ୍ୟବହାର କରି ସମ୍ପୂର୍ଣ୍ଣ ମାଗଣାରେ ଜନ୍ମଦିନର ଶୁଭେଚ୍ଛା ଜଣାନ୍ତୁ। ଫଟୋଗ୍ରାଫ ସହିତ କୁପନଟି ପ୍ରକାଶନ ତାରିଖର ୭ ଦିନ ପୂର୍ବରୁ ଜନ୍ମଦିନ ଶୁଭେଚ୍ଛା, ଧରିତ୍ରୀ, ବି-୨୬, ରସୁଲଗଡ ଶିଳ୍ପାଞ୍ଚଳ, ଭୁବନେଶ୍ୱର-୧୦ ଠିକଣାରେ ପହଞ୍ଚିବା ଆବଶ୍ୟକ।


# ମହାନଦୀରେ ଓଲଟିଲା ଡଙ୍ଗା, ବର୍ତ୍ତିଲେ ୫ ଶ୍ରମିକ

**ମହାକାଳପଡ଼ା, (ଡି.ଏନ୍.ଏ.)୧୯।୬**

କେନ୍ଦ୍ରାପଡ଼ା ଜିଲା ମହାକାଳପଡା ତହସିଲ ଜମ୍ବୁ ମେରାଇନ୍ ଥାନା ପୀତାପାଟ ଗ୍ରାମ ନିକଟ ମହାନଦୀରେ ଶୁକ୍ରବାର ଭାରସାମ୍ୟ ହରାଇ ଏକ ଡଙ୍ଗା ଓଲଟିପଡିଛି । ଏଥିରେ ଥିବା ୫ ଶ୍ରମିକ ପାଣିରେ ବୁଡିଯାଇଥିଲେ ମଧ୍ୟ ପହଁରି ଆସି ବର୍ତ୍ତିଯାଇଛନ୍ତି। ଡଙ୍ଗାରେ ଥିବା ଏକ ବାଇକ୍ ପାଣିରେ ପଡିଯାଇଥିବାବେଳେ ତାହାକୁ ସ୍ଥାନୀୟ ମତ୍ସ୍ୟଜୀବୀ ଉଦ୍ଧାର କରିଛନ୍ତି। ବାଇକ୍ ମାଲିକ ସ୍ଥାନୀୟ ଲୁଣିମାଠିଆ ଗ୍ରାମର ବସନ୍ତ କୁମାର କହନ୍ତି, ସେମାନେ ପାରାଦୀପର ଶିଳ୍ପାଞ୍ଚଳରେ କାର୍ଯ୍ୟ କରନ୍ତି। କରୋନା ପାଇଁ ଫେରିଘାଟ ବନ୍ଦ ଥିବାରୁ ସକାଳ ୭ଟାରେ କାର୍ଯ୍ୟସ୍ଥଳୀକୁ ଯିବା ପାଇଁ ଗ୍ରାମର ଏକ ମାଛଧରା ଡଙ୍ଗାର ସାହାରା ନେଇଥିଲେ। ଡଙ୍ଗାଟି ନଦୀର ମାତ୍ର ୫୦ ମିଟର ଯିବା ପରେ କୌଣସି କାରଣରୁ ଭାରସାମ୍ୟ ହରାଇ ଓଲଟି ପଡିଥିଲା। ସମସ୍ତେ ନଈରେ ପହଁରି କୂଳକୁ ଆସିଥିବା ସେ କହିଥିଲେ। ଡଙ୍ଗାବୁଡି ସମ୍ପର୍କରେ ଜିଲାପାଳ ସମର୍ଥ ବର୍ମା କୁହନ୍ତି, ଏପରି ଘଟଣା ତାଙ୍କ ନଜରକୁ ଆସି ନାହିଁ। ପଞ୍ଚାୟତ କାର୍ଯ୍ୟାଳୟ ତଦାରଖରେ ଡଙ୍ଗା ଚାଳନା ପାଇଁ ବ୍ୟବସ୍ଥା ହେବ। ସୂଚନାଯୋଗ୍ୟ, ମହାକାଳପଡାର ଅର୍ଦ୍ଧାଧିକ ଶ୍ରମିକ ପାରାଦୀପ ଶିଳ୍ପାଞ୍ଚଳ ଉପରେ ନିର୍ଭର କରିଥାନ୍ତି। ତାଲାବନ୍ଦ ଯୋଗୁ ଏଠାରେ ନଦୀ ପାର ବ୍ୟବସ୍ଥା ବନ୍ଦ ହୋଇଥିବା ବେଳେ ସ୍ଥାନୀୟ ମାଛଧରା ଡଙ୍ଗା ସେମାନଙ୍କ ସାହାରା ପାଲଟିଛି। ବିପଦପୂର୍ଣ୍ଣ ଭାବେ ଏହି ନୌପରିବହନ ହେଉଥିବା ବେଳେ ଡଙ୍ଗା ମାଲିକ ଜଣପିଛା ଶତାଧିକ ଟଙ୍କା ଆଦାୟ କରୁଥିବା ଅଭିଯୋଗ ହେଉଛି। ଏହା ବନ୍ଦ ପାଇଁ ସ୍ଥାନୀୟ ଅଞ୍ଚଳବାସୀ ଦାବି କରିଛନ୍ତି। ୨୦୦୩ ମାର୍ଚ୍ଚ ୧ ତାରିଖରେ ୧୩ଜଣ ପିଲା ପାରାଦୀପରୁ କ୍ରିକେଟ ଖେଳିବାକୁ ମାଛଧରା ଡଙ୍ଗାରେ ପୀତାପାଟ ଆସୁଥିବାବେଳେ ଏହି ସ୍ଥାନରେ ଡଙ୍ଗାବୁଡ଼ି ଯୋଗୁ ସେମାନଙ୍କ ଦୁଃଖଦ ମୃତ୍ୟୁ ଘଟିଥିଲା।


ମହାନଦୀରେ ବିପଦପୂର୍ଣ୍ଣ ନୌଯାତ୍ରା।

# ‘ଦାଖଲ ପିଟିଶନ ନିଷ୍ପତ୍ତିକୁ ଅପେକ୍ଷା’

**ପୁରୀ ଅଫିସ,୧୯।୬**

ଚଳିତବର୍ଷ କରୋନା ଯୋଗୁ ହୋଇପାରିବନି ରଥଯାତ୍ରା। ସୁପ୍ରିମ୍‌କୋର୍ଟଙ୍କ ଏହି ରାୟ ପରେ କିପରି ମହାପ୍ରଭୁଙ୍କ ଏହି ମହାନ ପରମ୍ପରା ବଜାୟ ରହିବ? ଶ୍ରୀମନ୍ଦିର ଭିତରେ କେମିତି ହେବ ବିଧି ରକ୍ଷା? ପରମ୍ପରା ଓ ଶାସ୍ତ୍ରସମ୍ମତ ବ୍ୟବସ୍ଥା କିଭଳି ପାଳନ କରାଯିବ ସେ ନେଇ ଶୁକ୍ରବାର ପୁରୀରେ ବସିଛି ଘନ ଘନ ବୈଠକ। ରୁଦ୍ଧଦ୍ୱାର କୋଠରୀ ମଧ୍ୟରେ ହୋଇଛି ମାନସ ମନ୍ଥନ। ସନ୍ଧ୍ୟାରେ ନୀଳାଦ୍ରି ଭକ୍ତନିବାସରେ ଅନୁଷ୍ଠିତ ଛତିଶା ନିଯୋଗ ବୈଠକରେ ଗଜପତି ମହାରାଜାଙ୍କ ସମେତ ପରିଚାଳନା କମିଟି କାର୍ଯ୍ୟକାରୀ ଅଧ୍ୟକ୍ଷ ସୁରେଶ ଚନ୍ଦ୍ର ମହାପାତ୍ର, ଜିଲାପାଳ ବଲୱନ୍ତ ସିଂ, ଏସ୍‌ପି ଉମାଶଙ୍କର ଦାଶ, ପରିଚାଳନା କମିଟି ସଦସ୍ୟ ଏବଂ ଛତିଶା ନିଯୋଗର କର୍ମକର୍ତ୍ତା ଉପସ୍ଥିତ ଥିଲେ। ବୈଠକ ପ୍ରାୟ ୪ଘଣ୍ଟା ଧରି ଚାଲିଥିଲା। ବୈଠକ ପରେ ଗଣମାଧ୍ୟମକୁ ସୂଚନା ଦେଇ ଗଜପତି ମହାରାଜା କହିଛନ୍ତି, ରଥଯାତ୍ରା ପ୍ରସଙ୍ଗ ନେଇ ସୁପ୍ରିମକୋର୍ଟରେ ବିଭିନ୍ନ ସଂସ୍ଥା ଓ ବ୍ୟକ୍ତି ବିଶେଷଙ୍କ ପକ୍ଷରୁ ପିଟିଶନ ଦାଏର ହୋଇଛି। ତେଣୁ ଆମକୁ ପିଟିଶନ ନିଷ୍ପତ୍ତିକୁ ଅପେକ୍ଷା କରିବାକୁ ପଡ଼ିବ। ବୈଠକରେ ଉପସ୍ଥିତ ସଦସ୍ୟମାନେ ଏହି ମତପ୍ରକାଶ କରିବା ସହ କହିଛନ୍ତି ଯେ, ଗୋଟେ ଦିନ ହେଲେ ମଧ୍ୟ ରଥଯାତ୍ରା ପାଇଁ ସମୟ ଅଛି। ତେଣୁ ରାଜ୍ୟ ସରକାର ଏହି ପ୍ରସଙ୍ଗ ନେଇ ସୁପ୍ରିମକୋର୍ଟରେ ସାନି ମତ ରଖନ୍ତୁ। ଶନିବାର ଓ ରବିବାର ଦୁଇଦିନ ଧରି ଆମ ମଧ୍ୟରେ ଏ ନେଇ ଆଲୋଚନା ଜାରି ରହିବ। ସୁପ୍ରିମକୋର୍ଟ ଉକ୍ତ ପିଟିଶନଗୁଡ଼ିକର ପୁନର୍ବିଚାର କରୁଛନ୍ତି କି ନାହିଁ ତାହା ସୋମବାର ଜଣାପଡିବ। ତେଣୁ ସୋମବାର ପର୍ଯ୍ୟନ୍ତ ଆମ ସମସ୍ତଙ୍କୁ ଧୈର୍ଯ୍ୟର ସହ ଅପେକ୍ଷା କରିବାକୁ ପଡ଼ିବ ବୋଲି ଗଜପତି ମହାରାଜା ପ୍ରକାଶ କରିଛନ୍ତି। ପୂର୍ବାହ୍ନରେ ନୀଳାଦ୍ରି ଭକ୍ତନିବାସରେ ପରିଚାଳନା କମିଟି ବୈଠକ ଅନୁଷ୍ଠିତ ହୋଇଥିଲା। ଏଥିରେ ଗଜପତି ମହାରାଜା ଦିବ୍ୟସିଂହ ଦେବ ଅଧ୍ୟକ୍ଷତା କରିଥିଲେ। ରଥଯାତ୍ରା ବନ୍ଦ ଓ ଶ୍ରୀମନ୍ଦିର ଭିତରେ ବିଧି ରକ୍ଷାକୁ ନେଇ ବହୁ ବିଚାର ବିମର୍ଷ ହୋଇଥିଲା। ପରେ ଛତିଶା ନିଯୋଗ ବୈଠକରେ ଆଲୋଚନା ଲାଗି ସ୍ଥିର ହୋଇଥିଲା। ସେହି ଅନୁଯାୟୀ ସନ୍ଧ୍ୟାରେ ଛତିଶା ନିଯୋଗ ବୈଠକ ବସିଥିଲା।

### ରଥଯାତ୍ରା ପ୍ରସଙ୍ଗ

ପୂର୍ବାହ୍ନରେ ପରିଚାଳନା କମିଟି ବୈଠକ ପରେ ଗଣମାଧ୍ୟମକୁ ଗଜପତି ମହାରାଜା କହିଥିଲେ, ସୁପ୍ରିମ୍‌କୋର୍ଟଙ୍କ ନିର୍ଦ୍ଦେଶକୁ ପୂର୍ଣ୍ଣ ମାତ୍ରାରେ ପାଳନ କରାଯିବ। ବାହାରେ ରଥଯାତ୍ରା ହୋଇପାରିବ ନାହିଁ। ଅର୍ଥାତ୍ ଏ ବର୍ଷ ପାଇଁ ଗୁଣ୍ଡିଚାଯାତ୍ରା, ବାହୁଡ଼ାଯାତ୍ରା, ସୁନାବେଶ, ଅଧରପଣା, ନୀଳାଦ୍ରିବିଜେ ଏସବୁ ସମ୍ଭବ ନୁହେଁ। କୋଭିଡ୍‌କୁ ଦୃଷ୍ଟିରେ ରଖି ଅତ୍ୟନ୍ତ ଦୁଃଖର ସହିତ ଏଭଳି ନିଷ୍ପତ୍ତି ନିଆଯାଇଛି। ତେବେ ଶ୍ରୀମନ୍ଦିର ଭିତରେ ରୀତିନୀତି କ’ଣ ପାଳନ କରାଯିବ ସେ ବିଷୟରେ ପରିଚାଳନା କମିଟିକୁ ପଦକ୍ଷେପ ନେବା ଲାଗି ରାଜ୍ୟ ସରକାର ପରାମର୍ଶ ଦେଇଛନ୍ତି। ସେହି ଅନୁଯାୟୀ ମନ୍ଦିର ଭିତରେ କ’ଣ ହୋଇପାରିବ ତାହା ଉପରେ ପରିଚାଳନା କମିଟି ସଦସ୍ୟମାନେ ବିଚାର ଓ ଭିନ୍ନ ଭିନ୍ନ ମତ ରଖିଥିଲେ। ଗୋଟିଏ ରୋଗ ପାଇଁ ମହାପ୍ରଭୁଙ୍କ ରଥଯାତ୍ରା ବନ୍ଦ ହେବା ଇତିହାସରେ କେଉଁଠି ନାହିଁ। ତେଣୁ ଛତିଶା ନିଯୋଗ ବୈଠକରେ ପୁନର୍ବାର ଆଲୋଚନା କରାଯାଇ ପରମ୍ପରା ସମ୍ମତ ଓ ଶାସ୍ତ୍ରସମ୍ମତ ବ୍ୟବସ୍ଥା କରାଯିବାକୁ ସ୍ଥିର ହୋଇଥିଲା। ଛତିଶା ନିଯୋଗରେ ଯାହା ନିଷ୍ପତ୍ତି ବା ପ୍ରସ୍ତାବ ହେବ ତାହାକୁ ଜଗଦ୍‌ଗୁରୁ ଶଙ୍କରାଚାର୍ଯ୍ୟଙ୍କୁ ଜଣାଯିବ।

# ଚାଇନା ଆମଦାନୀ ଉପରେ କଟକଣା ଲାଗିପାରେ

**ନୂଆଦିଲ୍ଲୀ,୧୯।୬**

ସୀମାରେ ଚାଇନାର ଔଦ୍ଧତ୍ୟ ଯୋଗୁ ଭାରତୀୟ ୨୦ ଯବାନ ଶହୀଦ ହେବା ପରେ ଦେଶରେ ପ୍ରତିବାଦର ସ୍ୱର ତୀବ୍ର ହୋଇଛି। ଚାଇନାକୁ ଉଚିତ ଜବାବ ଦେବା ଲାଗି ସୋସିଆଲ ମିଡିଆ କ୍ୟାମ୍ପେନ ସମେତ ସାରା ଦେଶରେ ଲୋକମାନେ ରାସ୍ତାକୁ ଓହ୍ଲାଇଛନ୍ତି। ଦେଶ ମଧ୍ୟରେ ଚାଇନା ସାମଗ୍ରୀ ଓ ପତାକା ପୋଡାଜଳା ହେଉଛି। ପ୍ରାଥମିକ ପର୍ଯ୍ୟାୟରେ ରାଷ୍ଟ୍ରାୟତ୍ତ ଟେଲିକମ କମ୍ପାନୀଗୁଡିକ କୌଣସି ସାମଗ୍ରୀ ଚାଇନାରୁ ନ ଆଣିବା ଲାଗି ଟେଲିକମ ବିଭାଗ ପକ୍ଷରୁ ନିର୍ଦ୍ଦେଶ ରହିଛି। ଏପଟେ ଚାଇନାକୁ ଘେରିବା ଲାଗି ସରକାର ଯୋଜନା କରୁଥିବା ଜଣାପଡିଛି। ଚାଇନାରୁ ଭାରତ ଆମଦାନୀ କରୁଥିବା ସାମଗ୍ରୀ ଉପରେ କଟକଣା ଲଗାଇବାକୁ ଯୋଜନା ହେଉଛି। ସେଠାରୁ ଆସୁଥିବା ପ୍ରାୟ ୩୦୦ ସାମଗ୍ରୀ ଉପରେ ଉଚ୍ଚ ପରିମାଣର ଟିକସ ଲାଗି କରି ଚାଇନାକୁ ବାଣିଜ୍ୟିକ କ୍ଷେତ୍ରରେ ଅସୁବିଧାରେ ପକାଇବାକୁ ସରକାର ବିଚାର କରୁଛନ୍ତି। ଏହି ପ୍ରୟାସ ଦ୍ୱାରା ଘରୋଇ ଶିଳ୍ପଗୁଡିକୁ ସହାୟତା ମିଳିବ ବୋଲି ଜଣେ ବରିଷ୍ଠ ସରକାରୀ ଅଧିକାରୀ ଶୁକ୍ରବାର ସୂଚନା ଦେଇଛନ୍ତି। ଉକ୍ତ ଯୋଜନା ଉପରେ ଗତ ଏପ୍ରିଲ ମାସରୁ ସରକାର ବିଚାର କରୁଥିବା ରଏଟର୍ସ ପକ୍ଷରୁ ଏକ ରିପୋର୍ଟରେ କୁହାଯାଇଛି। ଅପରପକ୍ଷରେ ଘରୋଇ ବଜାରରେ ପ୍ରସ୍ତୁତ ହେଉଥିବା ସାମଗ୍ରୀକୁ ଉତ୍ସାହିତ କରିବା ଲାଗି ପ୍ରଧାନମନ୍ତ୍ରୀ ‘ଆତ୍ମନିର୍ଭର ଭାରତ’ ଯୋଜନା ଘୋଷଣା କରିଛନ୍ତି। ଚାଇନା ସାମଗ୍ରୀ ଉପରେ କେତେ ପରିମାଣର ଟିକସ ଲାଗୁ ହେବ ସେ ନେଇ ବର୍ତ୍ତମାନ କୌଣସି ସ୍ପଷ୍ଟ ସୂଚନା ମିଳିନାହିଁ। କାରଣ ଯୋଜନାର ଚୂଡାନ୍ତ ନିଷ୍ପତ୍ତି ଏବେ ଯାଏ ହୋଇନାହିଁ। ଆଗାମୀ କିଛିଦିନ ମଧ୍ୟରେ ଏ ସଂକ୍ରାନ୍ତରେ ସ୍ପଷ୍ଟ ହେବ ବୋଲି ଅଧିକାରୀ ଜଣକ କହିଛନ୍ତି।

### ବାଣିଜ୍ୟିକ ଉପାୟରେ ଘେରିବାକୁ ଯୋଜନା

ଏହି ଯୋଜନା ଉପରେ ଅର୍ଥ ମନ୍ତ୍ରଣାଳୟ ଏବଂ ବାଣିଜ୍ୟ ମନ୍ତ୍ରଣାଳୟ ବର୍ତ୍ତମାନ କାମ କରୁଛନ୍ତି। ହେଲେ ରଏଟର୍ସ ପକ୍ଷରୁ ଏ ସମ୍ପର୍କରେ ସ୍ପଷ୍ଟୀକରଣ ଲୋଡାଯାଇଥିଲେ ମଧ୍ୟ କୌଣସି ସ୍ପଷ୍ଟ ସୂଚନା ବର୍ତ୍ତମାନ ଯାଏ ମିଳି ପାରିନାହିଁ। ୧୦୦ରୁ ୨୦୦ ସାମଗ୍ରୀ ଉପରେ ଆମଦାନୀ ଟିକସ ବୃଦ୍ଧି ଏବଂ ଅନ୍ୟ ୧୦୦ ସାମଗ୍ରୀ ଉପରେ ଅଣ ଟାରିଫ କଟକଣା ଯଥା-ଲାଇସେନ୍ସ ଆବଶ୍ୟକତା ଏବଂ ଗୁଣବତ୍ତା ପରୀକ୍ଷା ଭଳି ଦିଗ ଉପରେ ସରକାର କଡାକଡା ଭାବେ ବିଚାର କରିବେ ବୋଲି ଅଧିକାରୀ କହିଛନ୍ତି। ଅନ୍ୟ ଜଣେ ଅଧିକାରୀ କହିଛନ୍ତି ଯେ, ଏଭଳି ନିଷ୍ପତ୍ତି ଦ୍ୱାରା ଚାଇନାର ୮ରୁ ୧୦ ବିଲିୟନ ସାମଗ୍ରୀ ଉପରେ ଟାର୍ଗେଟ କରାଯିବ। ଅଣଅତ୍ୟାବଶ୍ୟକ ତଥା ନିମ୍ନ ଗୁଣବତ୍ତା ବିଶିଷ୍ଟ ପ୍ରଡକ୍ଟ ଭାରତକୁ ଆଣିବାରେ ମଧ୍ୟ କଟକଣା ଲାଗୁ କରିବାକୁ ବିଚାର କରାଯାଉଛି। ଚାଇନା ଏଭଳି ପ୍ରଡକ୍ଟ ଦ୍ୱାରା ଭାରତୀୟ ବଜାରକୁ କ୍ଷତି ପହଞ୍ଚାଉଛି। ସେହିଭଳି ଅନ୍ୟ ଅଧିକାରୀ ଜଣକ କହିଛନ୍ତି ଯେ, ନିର୍ଦ୍ଦିଷ୍ଟ ଭାବେ କୌଣସି ଦେଶକୁ ଏଥିରେ ଟାର୍ଗେଟ କରିବା ଯୋଜନା ନାହିଁ। ମାତ୍ର ଭାରତ ସହ ଚାଇନାର ଅତ୍ୟଧିକ ବାଣିଜ୍ୟ ନିଅଣ୍ଟକୁ କମ୍ କରିବା ଦିଗରେ ସରକାର ପଦକ୍ଷେପ ନେବେ। ଚାଇନାରୁ ଆସୁଥିବା ମୋଟ ସାମଗ୍ରୀ ମଧ୍ୟରୁ ରିଟେଲ କ୍ଷେତ୍ରରେ ୧୭ ବିଲିୟନ ଡଲାର ଅଂଶ ରହିଛି। ବିଭିନ୍ନ ବ୍ୟବସାୟୀ ସଂଘ ୪୫୦ ବର୍ଗରେ ୩୦୦୦ ସାମଗ୍ରୀ ବ୍ୟବସାୟୀ ବିକ୍ରି କରିବା ବନ୍ଦ କଲେ ପ୍ରାୟ ୧୭ ବିଲିୟନ ଡଲାରର ଧକ୍କା ଚାଇନା ସହିବ ବୋଲି ଆକଳନ କରାଯାଇଛି।

## ଢଗଢମାଳି



(କ୍ରମେ ଲୋକମୁଖରୁ ଓ ଜନମାନସରୁ ବିସ୍ମୃତ ହେଉଥିବା ଢଗଢମାଳିକୁ ପାଠିକା-ପାଠକଙ୍କ ନିକଟରେ ପହଞ୍ଚାଇବା ସକାଶେ ଧରିତ୍ରୀର ପ୍ରୟାସ)

**ଘରେ ନାହିଁ ଖଣ୍ଡିଆ ମୁଣ୍ଡି**
**ଦାଣ୍ଡ ପହଣ୍ଡିଆ ଚାଦର ଖଣ୍ଡି ।**

ଘରର ଆର୍ଥିକ ଅବସ୍ଥା ଅତ୍ୟନ୍ତ ଶୋଚନୀୟ ହୋଇଥିବା ସ୍ଥଳେ କେତେକ ବ୍ୟକ୍ତି ବାହାରେ ନିଜର ଆତ୍ମବଡିମା ଦେଖାଇ ହୁଅନ୍ତି । ନିଜର ପ୍ରଶଂସା ନିଜେ କରିବା ସହ ନିଜ ପାରିବାର ପଣିଆକୁ ନେଇ ଅନ୍ୟ ଆଗରେ ତୁଚ୍ଛା ବାହାସ୍ଫୋଟ ମାରିଥାନ୍ତି। ନିଃସ୍ୱ ବ୍ୟକ୍ତିଙ୍କ ପକ୍ଷେ ଏପରି ବାହ୍ୟ ଆଡ଼ମ୍ବର ଶୋଭନୀୟ ହେଉ ନ ଥିବା ଅର୍ଥରେ ଏଭଳି ଉକ୍ତି ଉଲ୍ଲେଖ କରାଯାଇଛି।

**ଘରେ ନୁହେଁ କିଛି**
**ପିଢ଼ାରେ କୁଆ ବସେଇ ଦେଉନାହିଁ।**

କିଛି ବ୍ୟକ୍ତି ଉପରେ ପଡି ନିଜର ପଣିଆ ଦେଖେଇ ହୁଅନ୍ତି । ଅନ୍ୟ ଘରେ ଜୋର କରି ନିଜର ମୁରବି ପଣିଆ ଜାହିର କରିବାରେ ପଛଘୁଞ୍ଚା ଦେଇ ନ ଥାନ୍ତି । ଅସ୍ତିତ୍ୱ ନ ଥାଇ ସ୍ଥିତି ଜାହିର କରିବା ହାସ୍ୟାସ୍ପଦ ଅର୍ଥରେ ଏଭଳି ଉକ୍ତି ପ୍ରକାଶ କରାଯାଇଛି ।

ଓଡ଼ିଆ ଢଗଢମାଳି ଓ ଲୋକଗୀତ – ଫ୍ରେଣ୍ଡସ୍ ପବ୍ଲିଶର୍ସ

# ବାଘ ଶିକାର: ଏସ୍‌ଟିଏଫ୍ ରିମାଣ୍ଡରେ ସମିତି ସଭ୍ୟ

**ନୟାଗଡ଼ ଅଫିସ/ ରଣପୁର,୧୯।୬(ସ୍ୱ.ପ୍ର.)**

ବାଘ ଶିକାରର ମୁଖ୍ୟ ଅଭିଯୁକ୍ତ ରଣପୁର ବ୍ଲକ ବନ୍ଧମୁଣ୍ଡା ସମିତି ସଭ୍ୟ ଲକ୍ଷ୍ମୀଧର ନାୟକଙ୍କୁ କ୍ରାଇମବ୍ରାଞ୍ଚର ଏସ୍‌ଟିଏଫ୍ ଶୁକ୍ରବାର ରିମାଣ୍ଡରେ ନେଇଛି । ୩ଦିନ ପରେ ସୋମବାର ପୁଣି ହାଜର କରାଇବାକୁ ରଣପୁର କୋର୍ଟ ପକ୍ଷରୁ ନିର୍ଦ୍ଦେଶ ରହିଛି। ସେହିଭଳି ଏହି ମାମଲାରେ ରଣପୁର ରେଞ୍ଜ ପକ୍ଷରୁ ଅଟକ ଥିବା ଜାମୁଗଣ୍ଡର ବିରିଞ୍ଚି ନାୟକ, ଭାସ୍କର ନାୟକ ଓ କରୁଣା ନାୟକଙ୍କୁ ରଣପୁର କୋର୍ଟ ଚାଲାଣ କରାଯାଇଥିଲା। ଜାମିନ ନାମଞ୍ଜୁର ପରେ ଏମାନଙ୍କୁ ରଣପୁର ସବ୍‌ଜେଲକୁ ପଠାଇ ଦିଆଯାଇଛି। ଗତ ୧୩ ତାରିଖରେ ଜାମୁଗଣ୍ଡରୁ ଏସ୍‌ଟିଏଫ ୨ଟି ବାଘଛାଲ ଓ ହାଡ ଜବତ ସହ ସମିତି ସଭ୍ୟ ନାୟକଙ୍କୁ ଗିରଫ କରିଥିଲା। ସେବେଠାରୁ ନାୟକ ରଣପୁର ସବ୍‌ଜେଲରେ ଥିଲେ।


# classifieds Everyday 0674-2580101, 2549302




**SALE**

ଫୁଲନଖରା ଛକ ନିକଟରେ **boundary** ହୋଇଥିବା **developed gharabari plot** କିଣନ୍ତୁ। **9937166932.** D-69317

3BHK Duplex 36,00,000/-, finishing Hanspal, Gharabari plot Atala, Bhingarpur. 8093465134. D-68691

ଭୁବନେଶ୍ୱର ଧଉଳିଠାରେ ଘରବାରି **boundary plot 1650sqft.** କୁ **sqft-1400** ରେ ବିକ୍ରିହେବ। **7991052183.** D-69121

**SC Plot 5gunth (Ctc) 100ft. road near Hanspal. Best for any commercial- 9040059669.** D-68692

ଭୁବନେଶ୍ୱର ଟଙ୍କପାଣି ରୋଡ୍‌ରେ **2BHK,** ପୁରୀ **VIP** ରୋଡ୍‌ରେ **4BHK, CT** ରୋଡ୍‌ରେ **1BHK flat, 18** ନଳା ପାଖରେ **studio** ଫ୍ଲାଟ ବିକ୍ରୟ ହେବ, **9438109040, 8144658008.** D-17526

**3BHK flat for resale Jayadev Bihar, BBSR, 1500sqft. 8639726868, 8249165990.** D-17509




Do you want to construct commercial, residencial buildings on your plot for any assistance. Contact KK Construction. 7008268129, 9439143273. D-67555




1200sqft. Office space available for rent at Goutam Nagar, Bhubaneswar- 9337117523. D-67554

**Email** ମାଧ୍ୟମରେ କ୍ଲାସିଫାଏଡକୁ ବିଜ୍ଞାପନ ପଠାଇବାର ଠିକଣା:- classifieddharitri@gmail.com

Available ground floor on rent for Family near at Palasuni Hata, Bhubaneswar. Contact: 9658484848. D-69318




Monalisa massage club : All types body massage with hiprofile smart lady rooms service available 9708545108. D-17503

Rejuvenate and Ayurvedic full body massage by smart therapist. 9114402304. D-69289

Get refreshment, body massage by expert therapist @ 999 Pokhariput, Bhubaneswar. 9556978408. D-69287

Herbal full body massage by smart / expert therapist. Contact: 8338067247. D-69288

**ପାଠକଙ୍କ ପାଇଁ ସୂଚନା**
କ୍ଲାସିଫାଏଡରେ ପ୍ରକାଶିତ କେତେକ ବିଜ୍ଞାପନକୁ ଭିତ୍ତିକରି କିଛି ପାଠକ ଠକାମିର ଶିକାର ହେଉଥିବା ଆମର ଦୃଷ୍ଟିଗୋଚର ହେଉଛି। ବିଜ୍ଞାପନ ଦେଉଥିବା ସଂସ୍ଥାମାନଙ୍କ ସହ କାରବାର କରିବା ପୂର୍ବରୁ ସବିଶେଷ ତଥ୍ୟ ଓ ନିଜର ବିବେକ ଖଟାଇ କାରବାର କରନ୍ତୁ। ଏଥିପାଇଁ ଧରିତ୍ରୀ କର୍ତ୍ତୃପକ୍ଷ ଦାୟୀ ରହିବେ ନାହିଁ।


## ପ୍ରଥମ ପୃଷ୍ଠାରୁ...

### ଭାଜପା ୮, କଂଗ୍ରେସ ...

ପୂର୍ବାହ୍ନ ୯ଟାରୁ ଅପରାହ୍ନ ୪ଟା ପର୍ଯ୍ୟନ୍ତ ମତଦାନ ହୋଇଥିଲା। କରୋନା ଭାଇରସ୍ ସଂକ୍ରମଣକୁ ଦୃଷ୍ଟିରେ ରଖି ବିଧାନସଭାର ମତଦାନ କେନ୍ଦ୍ରଗୁଡ଼ିକରେ ସାମାଜିକ ଦୂରତ୍ୱ ଓ ଅନ୍ୟ ଆବଶ୍ୟକ ବ୍ୟବସ୍ଥା କରାଯାଇଥିଲା। ମତଦାନ ପୂର୍ବରୁ ବିଧାୟକମାନଙ୍କୁ ସ୍କ୍ରିନିଂ କରାଯାଇ ତାପମାତ୍ରା ମପାଯାଇଥିଲା। କଡ଼ା ସୁରକ୍ଷା ବଳୟ ମଧ୍ୟରେ ଅପରାହ୍ନ ୫ଟାରୁ ଭୋଟ ଗଣତି କରାଯାଇଥିଲା। କେବଳ ଗୁଜରାଟରେ ରାତି ୯ଟା ୧୮ରେ ଭୋଟ ଗଣତି ଆରମ୍ଭ ହୋଇଥିଲା। ଉଚ୍ଚ ସଦନରେ ଏନ୍‌ଡିଏକୁ ସଂଖ୍ୟାଗରିଷ୍ଠତା ପାଇଁ ପ୍ରାୟ ୩୦ଟି ଆସନ ଆବଶ୍ୟକ ଥିବାରୁ ଏହି ନିର୍ବାଚନ ଭାଜପା ପାଇଁ ଗୁରୁତ୍ୱପୂର୍ଣ୍ଣ ଥିଲା। ତେଣୁ ଗୁଜରାଟ, ମଧ୍ୟପ୍ରଦେଶ ଓ ରାଜସ୍ଥାନ ଉପରେ ସମସ୍ତଙ୍କ ନଜର ରହିଥିଲା। ଇତିମଧ୍ୟରେ ଏହି ୩ ରାଜ୍ୟ ସମେତ ମଣିପୁରରେ ମଧ୍ୟ ହାଇଭୋଲ୍‌ଟେଜ ଡ୍ରାମା ଦେଖିବାକୁ ମିଳିଥିଲା। କେଉଁଠି ଦଳବଦଳ ତ ଆଉ କେଉଁଠି ଘୋଡ଼ାବେପାର ହୋଇଥିବା ଅଭିଯୋଗ ହୋଇଥିଲା। ମିଳିଥିବା ସୂଚନାନୁସାରେ ମଧ୍ୟପ୍ରଦେଶର ଦୁଇଟି ଆସନ ଶାସକ ଭାଜପା ହାତକୁ ଯାଇଥିବାବେଳେ ବିରୋଧୀ କଂଗ୍ରେସ ଗୋଟିଏରେ ବିଜୟୀ ହୋଇଛି। ଭାଜପାର ଜ୍ୟୋତିରାଦିତ୍ୟ ସିନ୍ଧିଆ ଓ ସୁମେର ସିଂ ସୋଲାଙ୍କି ଜିତିଛନ୍ତି। କଂଗ୍ରେସର ଦିଗ୍‌ବିଜୟ ସିଂ ବିଜୟୀ ହୋଇଛନ୍ତି। ଦିଗ୍‌ବିଜୟ ୫୭, ସିନ୍ଧିଆ ୫୬ ଓ ସୋଲାଙ୍କିଙ୍କ ସପକ୍ଷରେ ୫୫ ଭୋଟ ପଡ଼ିଛି। କଂଗ୍ରେସର ଅନ୍ୟ ପ୍ରାର୍ଥୀ ତଥା ଦଳିତ ନେତା ଫୁଲ ସିଂ ବାରିୟା ୩୬ ଖଣ୍ଡ ଭୋଟ ପାଇ ନିର୍ବାଚନ ହାରିଯାଇଛନ୍ତି। ସମାଜବାଦୀ ପାର୍ଟି (ଏସ୍‌ପି) ବିଧାୟକ ରାଜେଶ ଶୁକ୍ଲା କ୍ରସ୍‌ଭୋଟିଂ କରି ଭାଜପା ସପକ୍ଷରେ ମତଦାନ କରିଥିବାରୁ ଦଳ ତାଙ୍କୁ ନିଲମ୍ବିତ କରିଛି। ଅନ୍ୟପକ୍ଷରେ ରାଜସ୍ଥାନରେ ଏହାର ବିପରୀତ ଫଳ ଆସିଛି। ଏହି ରାଜ୍ୟରେ ୩ ଆସନ ମଧ୍ୟରୁ ଶାସକ କଂଗ୍ରେସ ଦୁଇଟିରେ ବିଜୟୀ ହୋଇଥିବାବେଳେ ଭାଜପାକୁ ଗୋଟିଏ ଆସନରେ ସଫଳତା ମିଳିଛି। କଂଗ୍ରେସର କେ.ସି. ବେଣୁଗୋପାଳ ଓ ନୀରଜ ଡାଙ୍ଗି ବିଜୟୀ ହୋଇଛନ୍ତି। ଭାଜପାର ରାଜେନ୍ଦ୍ର ଗେହଲଟ ଜିତିଥିବାବେଳେ ଦ୍ୱିତୀୟ ପ୍ରାର୍ଥୀ ଓଁକାର ସିଂ ଲଖାଓ୍ୱତ ହାରିଯାଇଛନ୍ତି। ଏହାସହ ରାଜ୍ୟ ସଭାରେ ରାଜସ୍ଥାନର କଂଗ୍ରେସ ସଦସ୍ୟଙ୍କ ସଂଖ୍ୟା ୧୦କୁ ବୃଦ୍ଧି ପାଇଛି। ଅନ୍ୟ ୭ ଜଣ ହେଉଛନ୍ତି ଭାଜପା ସଦସ୍ୟ। ୧୮୨ ଆସନ ବିଶିଷ୍ଟ ଗୁଜରାଟ ବିଧାନସଭାରେ ବର୍ତ୍ତମାନ ୧୭୨ ବିଧାୟକ ଅଛନ୍ତି। ଦଳୀୟ ସ୍ଥିତିକୁ ଦେଖିଲେ ଭାଜପା ଦୁଇଟି ଏବଂ କଂଗ୍ରେସ ଗୋଟିଏ ଆସନରେ ବିଜୟୀ ହେବା ନିଶ୍ଚିତ ଥିଲା। ରାଜ୍ୟ ସଭାକୁ ଯିବା ପାଇଁ ଜଣେ ପ୍ରାର୍ଥୀଙ୍କୁ ଅନ୍ୟୂନ ୩୫ ବିଧାୟକଙ୍କ ସମର୍ଥନ ଆବଶ୍ୟକ ଥିଲା। ଚତୁର୍ଥ ଆସନ ଉପରେ ସମସ୍ତଙ୍କ ନଜର ରହିଥିବାବେଳେ ଭାରତୀୟ ଟ୍ରାଇବାଲ ପାର୍ଟି (ବିଟିପି)ର ୨ ଏବଂ ଜାତୀୟତାବାଦୀ କଂଗ୍ରେସ ପାର୍ଟି (ଏନ୍‌ସିପି)ର ଜଣେ ବିଧାୟକ ଏହି ଆସନର ଭାଗ୍ୟ ନିର୍ଦ୍ଧାରଣ କରିବେ ବୋଲି କୁହାଯାଉଥିଲା। ହେଲେ ବିଟିପିର ୨ ବିଧାୟକଙ୍କୁ ବାଦ୍ ଦେଇ ଅବଶିଷ୍ଟ ୧୭୦ ଜଣ ଭୋଟ ଦେଇଥିଲେ। ଭାଜପା ପକ୍ଷରୁ ଅଭୟ ଭରଦ୍ୱାଜ, ରାମିଲା ବାରା ଓ ନରହରି ଅମିନଙ୍କୁ ପ୍ରାର୍ଥୀ କରାଯାଇଥିବାବେଳେ କଂଗ୍ରେସ ଶକ୍ତିସିଂ ଗୋହିଲ ଓ ଭରତ ସିଂ ସୋଲାଙ୍କିଙ୍କୁ ଟିକେଟ ଦେଇଥିଲା। ଭାଜପାର ତିନି ଜଣଯାକ ପ୍ରାର୍ଥୀ ବିଜୟୀ ହୋଇ ୩ ଆସନ ଅକ୍ତିଆର କରିଥିବାବେଳେ ଅନ୍ୟ ଆସନଟି କଂଗ୍ରେସ ହାତକୁ ଯାଇଛି। ଏଠାରେ ଶକ୍ତିସିଂ ଗୋହିଲ ବିଜୟୀ ହୋଇଛନ୍ତି। ଭରତ ସିଂ ସୋଲାଙ୍କିଙ୍କୁ ନିରାଶ ହେବାକୁ ପଡ଼ିଛି।

ଆନ୍ଧ୍ରପ୍ରଦେଶର ସମସ୍ତ ୪ ଆସନକୁ ଶାସକ ୱାଇଏସ୍‌ଆର୍ କଂଗ୍ରେସ ପାର୍ଟି ପୋଛିନେଇଛି। ଏହି ଆସନଗୁଡ଼ିକରେ ଉପମୁଖ୍ୟମନ୍ତ୍ରୀ ପିଲ୍ଲି ସୁଭାଷ ଚନ୍ଦ୍ର ବୋଷ, ମନ୍ତ୍ରୀ ମୋପିଦେବୀ ଭେଙ୍କଟ ରମଣ, ଶିଳ୍ପପତି ପରିମଳ ନାଥୱାଣି ଓ ରିଏଲ୍ଟର ଅଯୋଧ୍ୟା ରାମି ରେଡ୍ଡୀ ୩୮ ଖଣ୍ଡ ଲେଖାଏ ଭୋଟ ପାଇ ବିଜୟୀ ହୋଇଛନ୍ତି। ଝାଡ଼ଖଣ୍ଡରେ ଶାସକ ଝାଡ଼ଖଣ୍ଡ ମୁକ୍ତି ମୋର୍ଚ୍ଚା (ଜେଏମ୍‌ଏମ୍) ଏବଂ ବିରୋଧୀ ଭାଜପାକୁ ଗୋଟିଏ ଲେଖାଏ ଆସନରେ ସଫଳତା ମିଳିଛି। ଜେଏମ୍‌ଏମ୍ ଅଧ୍ୟକ୍ଷ ଶିବୁ ସୋରେନ୍ ୩୧ ଭୋଟ ପାଇ ଉଚ୍ଚ ସଦନକୁ ଯାଇଛନ୍ତି। ସେହିପରି ଭାଜପା ରାଜ୍ୟ ସଭାପତି ଦୀପକ ପ୍ରକାଶ ୩୧ ଖଣ୍ଡ ଭୋଟ ପାଇ ବିଜୟୀ ହୋଇଛନ୍ତି। ଏଠାରେ ଜଣେ ପ୍ରାର୍ଥୀଙ୍କୁ ବିଜୟୀ ହେବା ପାଇଁ ପ୍ରଥମ ପସନ୍ଦର ୨୭ ଭୋଟ ଆବଶ୍ୟକ ଥିବାବେଳେ କଂଗ୍ରେସର ଶାହଜାଦା ଅନ୍‌ୱାଙ୍କୁ ମାତ୍ର ୧୮ ଭୋଟ ମିଳିଛି।

ଉତ୍ତର-ପୂର୍ବ ରାଜ୍ୟ ମଣିପୁରରେ ଭାଜପା ନେତୃତ୍ୱାଧୀନ ମେଣ୍ଟ ସରକାରରୁ ୯ ବିଧାୟକ ସମର୍ଥନ ପ୍ରତ୍ୟାହାର କରିବା ପରେ ମୁଖ୍ୟମନ୍ତ୍ରୀ ଏନ୍. ବୀରେନ ସିଂଙ୍କ ପାଇଁ ସଙ୍କଟ ସୃଷ୍ଟି ହୋଇଛି। ଏହାସତ୍ତ୍ୱେ ବିରୋଧୀ କଂଗ୍ରେସକୁ ରାଜ୍ୟର ଏକମାତ୍ର ଆସନରେ ସଫଳତା ମିଳିନାହିଁ। ଉକ୍ତ ଆସନରେ ଭାଜପା ପ୍ରାର୍ଥୀ ଲେଇସେମ୍ବା ସାନାଜାଓବା କଂଗ୍ରେସର ଟି. ମାଙ୍ଗି ବାବୁଙ୍କୁ ହରାଇ ବିଜୟୀ ହୋଇଛନ୍ତି। ସେହିପରି ମେଘାଳୟର ଏକମାତ୍ର ଆସନରେ ଶାସକ ନ୍ୟାଶନାଲ ପିପୁଲ୍ସ ପାର୍ଟି (ଏନ୍‌ପିପି) ପ୍ରାର୍ଥୀ ଡକ୍ଟର ୱାଇ.ଆର୍. ଖାର୍ଲୁଖି ବିଜୟୀ ହୋଇଛନ୍ତି। ମୁଖ୍ୟମନ୍ତ୍ରୀ ତଥା ଏନ୍‌ପିପି ଅଧ୍ୟକ୍ଷ କନ୍‌ରାଡ୍ ସାଙ୍ଗମା ଟୁଇଟ୍ କରି ତାଙ୍କୁ ଅଭିନନ୍ଦନ ଜଣାଇଛନ୍ତି। ମିଜୋରାମରେ ଭାଜପା ପକ୍ଷରୁ ପ୍ରାର୍ଥୀ ଦିଆଯାଇ ନ ଥିବାରୁ ଦଳର ଜଣେ ମାତ୍ର ବିଧାୟକ ବୁଦ୍ଧ ଧନ ଚକ୍‌ମା ମତଦାନରୁ ବିରତ ରହିଥିଲେ। ଏନ୍‌ଡିଏ ସହଯୋଗୀ ମିଜୋ ନ୍ୟାଶନାଲ ଫ୍ରଣ୍ଟ (ଏମ୍‌ଏନ୍‌ଏଫ୍) ପ୍ରାର୍ଥୀ କେ.ବନ୍‌ଲାଲଭେନା, ମିଜୋ ପିପୁଲ୍ସ ମୁଭ୍‌ମେଣ୍ଟର ବି. ବାଲଛନଜୋଭା ଓ କଂଗ୍ରେସର ଲାଲ୍ଲିଆନ୍‌ଛୁଙ୍ଗାଙ୍କ ମଧ୍ୟରେ ତ୍ରିମୁଖୀ ପ୍ରତିଦ୍ୱନ୍ଦ୍ୱିତା ହୋଇଥିଲା। ଶେଷରେ ଏହି ଆସନକୁ ଏମ୍‌ଏନ୍‌ଏଫ୍ ଦଖଲ କରିଛି।

## ଆଜିର ରାଶିଫଳ

ଜ୍ୟୋତିର୍ବିଦ୍ୟା ବିଶାରଦ ପ୍ରସନ୍ନ କୁମାର ମହାପାତ୍ର
ମଙ୍ଗରାଜପୁର ଶାସନ, କାଦୁଆ, ଗଞ୍ଜାମ

**ମେଷ** – ପାରିବାରିକ ଜୀବନରେ ଶାନ୍ତି ଓ ସ୍ଥିରତା ଅବ୍ୟାହତ ରହିବ । ଅପରାହ୍ନରେ ଅଫିସରେ ଜଣେ ବନ୍ଧୁଙ୍କ ଉପସ୍ଥିତିକୁ କେନ୍ଦ୍ର କରି ଝଗଡା ଲାଗିପାରେ । ଦ୍ୱିଜାର ଫାଇଦା ହାସଲ ମାନସରେ ମିତ୍ରମାନେ ପ୍ରଶଂସା ଗାଇ ବୁଲିବେ । ରଖିଥିବା ଅର୍ଥ ଭିନ୍ନ ବାଟରେ ଖର୍ଚ୍ଚ ହୋଇଯିବା କାରଣରୁ ଦୁଃଖ ପ୍ରକାଶ କରିପାରନ୍ତି ।

**ବୃଷ** – ମନୋବଳ ଭାଙ୍ଗିଲାଭଳି ଅନୁଭବ କରିବେ । ଅଯଥାରେ ଅନ୍ୟମାନଙ୍କ ଉପରେ ବିରକ୍ତି ପ୍ରକାଶ କରନ୍ତୁ ନାହିଁ, ଯାହା କି ଶତ୍ରୁତା ସୃଷ୍ଟି କରିପାରେ । ରୋହିଣୀର ଶିଳ୍ପ, ବାଣିଜ୍ୟ ଓ ବ୍ୟବସାୟ ଭଲରେ ଚାଲିବ ଏବଂ ଲାଭବାନ୍ ମଧ୍ୟ ହେବେ । ପରିବହନରେ ସାଧାରଣ କଥାରେ ଝଗଡା କିମ୍ବା ତତ୍‌ଜନିତ ସମସ୍ୟାର ଆଶଙ୍କା ରହିଛି ।

**ମିଥୁନ** – ଆରଦ୍ରା ନକ୍ଷତ୍ରର ଅର୍ଥନୈତିକ ଅଭିବୃଦ୍ଧି ସଙ୍ଗକୁ ବିଭିନ୍ନ ଯୋଜନା କ୍ଷେତ୍ରରେ ଅନୁକୂଳ ବାତାବରଣ ସୃଷ୍ଟି ହେବାରୁ ଖୁସୀ ରହିବେ । ଛୋଟ ଛୋଟ କଥାକୁ କେନ୍ଦ୍ର କରି ପରିବାର ଭିତରେ ସମ୍ପର୍କ ହାନି ଫଳରେ ଚିନ୍ତା ପ୍ରକଟ କରିପାରନ୍ତି । ରାଜନୀତି କ୍ଷେତ୍ରରେ ନେତୃତ୍ୱ ନେଇ କିମ୍ବା ସମର୍ଥକମାନଙ୍କ ଶୁଭକାମନାରୁ ଖୁସୀ ରହିବେ ।

**କର୍କଟ** – ପୂର୍ବ ସମସ୍ୟା ସମାଧାନ ହେବାରେ କୌଣସି ନୀଚ ଜାତିର ବ୍ୟକ୍ତି ମୁଖ୍ୟ ଭୂମିକା ଗ୍ରହଣ କରିବେ । ପୁଷ୍ୟା ନକ୍ଷତ୍ରର ସଭାସମିତିରେ ତର୍କ ବୃଦ୍ଧି ପାଇବା କାରଣରୁ ଆଲୋଚନା ଅମୀମାଂସିତ ରହିବ । ନିର୍ମାଣ କିମ୍ବା ଯୋଜନାଗୁଡିକ ଠିକ୍‌ଭାବେ ସମ୍ପୂର୍ଣ୍ଣ ହେବ ନାହିଁ । ବନ୍ଧୁଙ୍କ ସ୍ୱାସ୍ଥ୍ୟାବସ୍ଥାରେ ଉନ୍ନତି ଘଟିବାରୁ ମନ ଖୁସୀ ହୋଇଯିବ ।

**ସିଂହ** – ସ୍ଥଗିତ କାମଗୁଡିକୁ ତ୍ୱରାନ୍ୱିତ କରିବାରେ ସମର୍ଥ ହେବେ । ପରିବାରରେ ପାରସ୍ପରିକ ସହଯୋଗ ପରିବେଶକୁ ସରସ,ସୁନ୍ଦର କରିବାରେ ସହାୟକ ହେବ । ଉତ୍ତରାଫାଲଗୁନୀ ନକ୍ଷତ୍ର କର୍ମକ୍ଷେତ୍ରରେ ତରବରିଆ ପଦକ୍ଷେପ ନେଲେ ଅସୁବିଧାରେ ପଡିବେ । ସାହିତ୍ୟ, କଳା, ବୈଷୟିକ କ୍ଷେତ୍ରରୁ ପ୍ରଶଂସିତ ହେବେ ।

**କନ୍ୟା** – ବ୍ୟବସାୟିକ ସ୍ଥିତି ବିଶେଷ ଭଲ ରହିବ । ଭୁଲ୍ ବୁଝାମଣା ହେତୁ ଆତ୍ମୀୟମାନଙ୍କ ଅସହଯୋଗ, ଅସମ୍ମାନ ପାଇ ଦୁଃଖର ମାତ୍ରାକୁ ବଢାଇଦେଇପାରେ । ହସ୍ତା ନକ୍ଷତ୍ର ଯାନ୍ତ୍ରିକ ଶିଳ୍ପ ଓ ପରିବହନ କ୍ଷେତ୍ରରେ ଆଶା ଅନୁରୂପ ଫଳ ପାଇବେ । ଖର୍ଚ୍ଚ ପରିମାଣ କ୍ରମଶଃ ବୃଦ୍ଧିପାଇବା କାରଣରୁ ସାମୟିକ ଚିନ୍ତା କରିପାରନ୍ତି ।

**ତୁଳା** – ଯିବା ସମୟରେ ନୂତନ ବନ୍ଧୁ ସମ୍ପର୍କ ସ୍ଥାପିତ ହୋଇପାରେ । ଜଣେ ପଡୋଶୀ କିମ୍ବା ବନ୍ଧୁଙ୍କ ଜରିଆରେ ଦୀର୍ଘଦିନର ଆଶା ଫଳବତୀ ହେବ । ସ୍ୱାତୀ ସକାଶେ ଧର୍ମକାର୍ଯ୍ୟ କିମ୍ବା ସାଂସ୍କୃତିକ କାର୍ଯ୍ୟ ସକାଶେ ସତ୍‌ସଙ୍ଗୀଙ୍କ ପ୍ରେରଣା ମିଳିବ । ପିଲାଙ୍କ ଆଚରଣର ପରିବର୍ତ୍ତନ କାରଣରୁ ମନେ ମନେ ବିରକ୍ତ ଅନୁଭବ କରିବେ ।

**ବିଛା** – ସବୁ କାମଗୁଡିକ ସମ୍ପନ୍ନ ହେବାରୁ ମନ ଏକ ପ୍ରକାର ଖୁସୀ ହୋଇଯିବ । ଧୈର୍ଯ୍ୟହରା ନ ହୋଇ ପରିସ୍ଥିତିର ମୁକାବିଲା କରନ୍ତୁ ଦେଖିବେ ସବୁ ପ୍ରତିବନ୍ଧକ ଦୂରେଇଯିବ । ମନ ବୁଝିଲା ଭଳି କଥା କହି ବନ୍ଧୁଙ୍କୁ ଆପଣେଇ ନେବା ସକାଶେ ଦିନଟି ବହୁତ ଭଲ । କଳା, ସାହିତ୍ୟ, ସଭା ସମିତି ଓ ମନୋରଞ୍ଜନରେ ଆଗ୍ରହୀ ହେବେ ।

**ଧନୁ** – ଯେଉଁ କଥା ପାଇଁ ଆଶଙ୍କା କରୁଛନ୍ତି ସେଥିରେ କିଛି ହେବ ନାହିଁ । କିଛି ସମୟ ପୂର୍ବରୁ ଅପେକ୍ଷା କରିବାକୁ କହିଥିବା ବନ୍ଧୁଙ୍କୁ ନିର୍ଦ୍ଦିଷ୍ଟ ସ୍ଥାନରେ ନ ପାଇ ବ୍ୟସ୍ତ ହୋଇପଡିବେ । ମୂଳା ନକ୍ଷତ୍ର ବିବାଦୀୟ ଘଟଣାରେ ଦୁଃସାହସିକ ପଦକ୍ଷେପ ନେବା ଠିକ୍ ହେବନି । ବନ୍ଧୁଙ୍କ ସହ ନୂତନ ସ୍ଥାନ ପରିଭ୍ରମଣ ସାଙ୍ଗକୁ ଭ୍ରମଣ ସୁଯୋଗ ଜୁଟିବ ।

**ମକର** – ପରିସ୍ଥିତି କଥା ଚିନ୍ତା କରି ଦୁଶ୍ଚିନ୍ତା କାରଣରୁ ରକ୍ତଚାପ ମଧ୍ୟ ବଢିଯାଇପାରେ । ଆକସ୍ମିକ ଧାର କରଜ କରି କାମ ତୁଲାଇ ନେବାକୁ ବାଧ୍ୟ ହେବେ । ନିକଟ ସମ୍ପର୍କୀୟମାନେ କାଳେ ଦେବାକୁ ପଡିବ,ଏହି କାରଣରୁ ପାଖ ମାଡିବେ ନାହିଁ । ସ୍ୱାସ୍ଥ୍ୟାବସ୍ଥାରେ ଉନ୍ନତି ଘଟିବା କାରଣରୁ ସାମୟିକ ଆଶ୍ୱସ୍ତି ଲାଭ କରିବେ ।

**କୁମ୍ଭ** – ଆବଶ୍ୟକ ମନେ କରୁଥିବା ଅର୍ଥ ପାଇବେ ଏବଂ ସ୍ଥଗିତ କାର୍ଯ୍ୟକୁ ପୂର୍ଣ୍ଣାଙ୍ଗ କରି ପାରିବେ । ପୂର୍ବଭାଦ୍ରବ ନକ୍ଷତ୍ର ଜାତବ୍ୟକ୍ତିମାନେ ନୂତନ ଜିନିଷ କ୍ରୟ କରିବା ସକାଶେ ମନ ବଳାଇ ପାରନ୍ତି । କର୍ମ କ୍ଷେତ୍ରରେ ତରବରିଆ ପଦକ୍ଷେପ ନିଅନ୍ତୁ ନାହିଁ, ଯାହାକି ପରିସ୍ଥିତିକୁ ବଦଳାଇ ଦେଇପାରେ ।

**ମୀନ** – ପରିବାରର ଅଶାନ୍ତ ପରିବେଶକୁ ସ୍ୱାଭାବିକ କରିବାରେ ବନ୍ଧୁମାନଙ୍କର ଭୂମିକା ଅବିସ୍ମରଣୀୟ ରହିବ । ଅର୍ଥ ଆଦାୟ କରିବାରେ ସକ୍ଷମ ହେବେ ତଥାପି ବାକ୍ ଅସଂଯମତା ଯୋଗୁଁ ସୁସମ୍ପର୍କ ବ୍ୟାହତ ହୋଇପାରେ । ବିବାଦୀୟ ଘଟଣା ଟିକିଏ ଜଟିଳ ଆଡ଼କୁ ଗତି କରିବ ଏବଂ ସହଯୋଗର ନିରର୍ଥକ ମନେହେବ ।

ଆଜି ଆଷାଢ଼ କୃଷ୍ଣ ଚତୁର୍ଦ୍ଦଶୀ ଯୁକ୍ତ ଅମାବାସ୍ୟା ଶନିବାର, ଶ୍ରୀମନ୍ଦିରରେ ନେତ୍ରୋତ୍ସବ ଓ ଚକା ଅପସାରଣ, ଜୁନ୍ ୨୦ ତାରିଖ, ବିଶ୍ୱ ଶରଣାର୍ଥୀ ଦିବସ, ଅମାବାସ୍ୟାର ନିଶା ପାଳନ, ଦିବା ଘ.୧୨.୦୦ମି. ଗତେ-ମୃଗଶିରା/ବୃଷ, ବିଛା ରାଶିର ଘାତଚନ୍ଦ୍ର, ଅମାବାସ୍ୟାର ଏକୋଦ୍ଦିଷ୍ଟ ଓ ପାର୍ବଣ ଶ୍ରାଦ୍ଧ, ଦିବା ଘ.୦୨.୦୦ମି. ଗତେ ଘ.୦୩.୪୫ମି. ମଧ୍ୟେ, ସନ୍ଧ୍ୟା ଘ.୦୭.୦୭ମି. ଗତେ ଘ.୦୭.୫୦ମି. ମଧ୍ୟେ, ରାତ୍ରି ଘ.୧୧.୨୬ମି. ଗତେ ଘ.୦୧.୩୬ମି. ମଧ୍ୟେ, ଘ.୦୩.୦୨ମି. ଗତେ ଘ.୦୫.୧୨ମି. ମଧ୍ୟେ ଅମୃତବେଳା। ସକାଳ ଘ.୦୫.୧୨ମି. ଗତେ ଘ.୦୬.୦୫ମି. ମଧ୍ୟେ, ଘ.୦୯.୩୬ମି. ଗତେ ଘ.୧୨.୧୪ମି. ମଧ୍ୟେ ମାହେନ୍ଦ୍ର ବେଳା। ସକାଳ ଘ.୦୮.୩୦ମି. ଗତେ ଘ. ୧୦.୦୯ମି. ମଧ୍ୟେ ରାହୁକାଳ ।

**୨ ବନ କର୍ମଚାରୀ ନିଲମ୍ବିତ**

ମାଲକାନଗିରି (ଡି.ଏନ୍.ଏ.): କାର୍ଯ୍ୟରେ ଅବହେଳା ଅଭିଯୋଗରେ ନିଲମ୍ବିତ ହୋଇଛନ୍ତି ମାଲକାନଗିରି ଜିଲା ସଦର ରେଞ୍ଜ୍ ବନପାଳ ଦୀପଙ୍କର ଶିଉଳି ଏବଂ ବନରକ୍ଷୀ ଦୀପ୍ତିରଞ୍ଜନ ନାୟକ। ଡିଏଫ୍‌ଓଙ୍କ ନିର୍ଦ୍ଦେଶକ୍ରମେ ଏହି କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯାଇଛି। ମାଲକାନଗିରି-ସୁକୁମା ମୁଖ୍ୟରାସ୍ତାର ଚଲାଣଗୁଡ଼ା ନିକଟରେ ରୋପଣ କରାଯାଇଥିବା ଚାରା ଚତୁଃପାର୍ଶ୍ୱରେ ଦିଆଯାଇଥିବା ଘେରାବନ୍ଦୀ ଚୋରି ହୋଇଯାଇଥିଲା। ଏହି ଖବର 'ଧରିତ୍ରୀ'ରେ ପ୍ରକାଶ ପାଇବା ପରେ ଘଟଣାର ବିଭାଗୀୟ ତଦନ୍ତ ଆରମ୍ଭ ହୋଇଥିଲା।



# ହଜିଯିବ ୧୬ ଐତିହ୍ୟ ମଠ ସମାଧି

ସସ୍ମିତା ପାଇକରାୟ
ଭୁବନେଶ୍ୱର,୧୯।୬

ଐତିହ୍ୟର ଗନ୍ତାଘର ଓଡ଼ିଶା। ଉତ୍କଳୀୟ ଐତିହ୍ୟ ଓ ନିର୍ମାଣଶୈଳୀରେ ଥିବା ସ୍ୱତନ୍ତ୍ରତା ସାରା ବିଶ୍ୱରେ ଅନନ୍ୟ। ମାତ୍ର ସମୟକ୍ରମେ ବହୁ ପ୍ରାଚୀନ ଐତିହ୍ୟ ନଷ୍ଟ ହେବାକୁ ଲାଗିଥିବାବେଳେ ଜବରଦଖଲ ଯୋଗୁ ଓ ସଂରକ୍ଷଣ ଅଭାବରୁ କିଛି ସତ୍ତା

## ଲିଙ୍ଗରାଜ ମନ୍ଦିର ସୌନ୍ଦର୍ଯ୍ୟକରଣ

ହରାଇଛି। ଓଡ଼ିଶାର ୫ ହଜାରରୁ ଅଧିକ କୀର୍ତ୍ତିରାଜି ରହିଥିବାବେଳେ ଏବେ ଏହି ସଂଖ୍ୟା ଖସିଆସି ୨୨୦୦ରେ ପହଞ୍ଚିଲାଣି। ରାଜ୍ୟ ପ୍ରତ୍ନତାତ୍ତ୍ୱିକ ସଂସ୍ଥା ଅଧୀନରେ ୨୧୮ଟି ଐତିହ୍ୟ, କୀର୍ତ୍ତିରାଜି ରହିଥିବାବେଳେ ସ୍ୱଳ୍ପ ବଜେଟ୍‌ରେ ଏତେସଂଖ୍ୟକ ଐତିହ୍ୟସ୍ଥଳୀର ସଂରକ୍ଷଣ କରାଯିବା ଅସମ୍ଭବ ହୋଇପଡିଛି। ସେହିଭଳି ଭାରତୀୟ ପ୍ରତ୍ନତାତ୍ତ୍ୱିକ ସର୍ବେକ୍ଷଣ(ଏଏସ୍‌ଆଇ) ସଂସ୍ଥା ଅଧୀନରେ ରାଜ୍ୟର ୭୮ଟି କୀର୍ତ୍ତିରାଜି ରହିଥିବାବେଳେ କେବଳ ପୁରୀ, କୋଣାର୍କ ଏବଂ ଭୁବନେଶ୍ୱରର ହାତଗଣତି କୀର୍ତ୍ତିରାଜିକୁ ଛାଡିଦେଲେ ଅନ୍ୟ କୀର୍ତ୍ତିରାଜିର ସଂରକ୍ଷଣକୁ ଅଣଦେଖା କରାଯାଉଛି। ଏକାମ୍ର କ୍ଷେତ୍ରରେ ଥିବା ୨୦ରୁ ଅଧିକ ପ୍ରାଚୀନ ଐତିହ୍ୟ ଏବେ ଜବରଦଖଲକାରୀଙ୍କ କବ୍‌ଜାରେ ରହିଛି। ଅନ୍ୟପକ୍ଷରେ ଲିଙ୍ଗରାଜ ମନ୍ଦିର ସୌନ୍ଦର୍ଯ୍ୟକରଣ ଉଚ୍ଛେଦରେ ବହୁ କୀର୍ତ୍ତିରାଜି ମାଟିରେ ମିଶିଯାଇଥିବାବେଳେ ଏବେ ୧୬ରୁ ଊର୍ଦ୍ଧ୍ୱ ଐତିହ୍ୟ ମଠ ସମାଧି ସତ୍ତା ହରାଇବାକୁ ଯାଉଛି। ଭୁବନେଶ୍ୱର ଏଏସ୍‌ଆଇ କାର୍ଯ୍ୟାଳୟଠାରୁ ମାତ୍ର ୫ରୁ ୮ କିମି ଅଞ୍ଚଳରେ ଏଭଳି ସ୍ଥିତି ଉପୁଜିଥିବାବେଳେ ରାଜ୍ୟର ଅନ୍ୟ ଐତିହ୍ୟଗୁଡିକର ସୁରକ୍ଷା ଓ ସଂରକ୍ଷଣକୁ ନେଇ ଆଶଙ୍କା ଦେଖାଦେଇଛି।

ଏକାମ୍ର କ୍ଷେତ୍ରରେ ଲିଙ୍ଗରାଜ ମନ୍ଦିର ସଂସ୍କୃତି ସହ ବହୁ ପୁରାତନ ତଥା ଐତିହାସିକ ମଠ ମନ୍ଦିର ରହିଛି। ଜବରଦଖଲ ଯୋଗୁ କାହା ଘର ପଛପଟେ କିଛି ଐତିହ୍ୟ ଲୁଚି ଯାଇଥିବାବେଳେ ଆଉ କିଛି ସମ୍ପୂର୍ଣ୍ଣ ଭାବେ ପୋତି ହୋଇଯାଇଛି। ରହିଯାଇଥିବା ଐତିହ୍ୟ ମଠ ସମାଧିଗୁଡ଼ିକର ପୁନରୁଦ୍ଧାର ପରିବର୍ତ୍ତେ ଏବେ ରାଜ୍ୟ ସରକାର ସେଗୁଡିକୁ ଭାଙ୍ଗି ଦେବାକୁ ନିର୍ଦ୍ଦେଶ ଦେଇଛନ୍ତି। ଲିଙ୍ଗରାଜ ମନ୍ଦିର ଚତୁର୍ପାର୍ଶ୍ୱରେ ସୌନ୍ଦର୍ଯ୍ୟକରଣ ପାଇଁ ଅନେକ ପୁରୁଣା କୋଠା ଓ ମଠ ମନ୍ଦିରକୁ ଭଙ୍ଗାଯାଇଥିଲା। ଏବେ ଦ୍ୱିତୀୟ ପର୍ଯ୍ୟାୟରେ ରଥଗଡା ଛକଠାରୁ ବିନ୍ଦବାସିନୀ ମନ୍ଦିର ପର୍ଯ୍ୟନ୍ତ ଉଚ୍ଛେଦ ହେବ। ଏହି ୭୦ମିଟର ମଧ୍ୟରେ ୧୬ଟି ପ୍ରାଚୀନ ସମାଧି ସମୂହ ରହିଥିଲେ ମଧ୍ୟ ଏନେଇ ସ୍ଥାନୀୟ ପ୍ରଶାସନ କିମ୍ବା ଏଏସ୍‌ଆଇ ଆଦୌ ଅବଗତ ନାହାନ୍ତି। ଏହି ସମାଧିଗୁଡ଼ିକ ଶିବ ତୀର୍ଥମଠର ବହୁ ପୂର୍ବରୁ ନିର୍ମାଣ କରାଯାଇଛି। ଶିବ ତୀର୍ଥମଠ ଦ୍ୱାଦଶ ଶତାବ୍ଦୀ ପୂର୍ବରୁ ଅର୍ଥାତ୍ ଲିଙ୍ଗରାଜ ମନ୍ଦିର ନିର୍ମାଣ ସମୟରେ ହୋଇଥିବା ଜଣାଯାଏ। ଏବେ ଏହି ମଠ ଅଞ୍ଚଳରେ ଥିବା ମନ୍ଦିର ଆକୃତିର ସମାଧିଗୁଡ଼ିକ ଅନାବନା ଗଛଲତା ଓ ଜଙ୍ଗଲ ମଧ୍ୟରେ ଲୁଚିରହି ଅନାଲୋଚିତ ହୋଇଯାଇଛି। ସୌନ୍ଦର୍ଯ୍ୟକରଣରେ ଏସବୁକୁ ଭଙ୍ଗା ନ ଯାଇ ପୁନରୁଦ୍ଧାରର ଆବଶ୍ୟକତା ରହିଛି।





### ଐତିହାସିକ ଗ୍ରନ୍ଥ, ମନ୍ଦିର ରେକର୍ଡରେ ଐତିହ୍ୟ ସମାଧି

ସମସ୍ତ ସମାଧି ମସ୍ତକରେ ୩ ଥାକିଆ ପିଢା ସହ କଳସ ରହିଛି। ଗୋଟିଏ ସରଳରେଖାରେ ଥିବା ୮ଟି ସମାଧି ଭଲରେ ଦୃଶ୍ୟମାନ ହେଉଥିବାବେଳେ ସେଥିମଧ୍ୟରୁ ଅଧିକାଂଶ ବହୁବର୍ଷ ପୂର୍ବରୁ ନଷ୍ଟ ହୋଇଗଲାଣି। ତେବେ ଏହି ସମାଧିଗୁଡିକ ମଠ ଓ ଲିଙ୍ଗରାଜ ମନ୍ଦିରର ଐତିହାସିକ କାଳାନୁକ୍ରମିକ ରେକର୍ଡ ବୋଲି ଇନ୍‌ଟାକ୍ ପକ୍ଷରୁ କୁହାଯାଇଛି। ଏହି ସମାଧିଗୁଡ଼ିକର ଇତିହାସ ଦ୍ୱାଦଶ ଶତାବ୍ଦୀରୁ ବିଂଶ ଶତାବ୍ଦୀ ମଧ୍ୟରେ ବୋଲି ଅନୁମାନ କରାଯାଉଛି। ସମସ୍ତ ସମାଧିରେ ଛୋଟ ଛୋଟ ଶିବଲିଙ୍ଗ ରହିଥିବାବେଳେ ୨ଟିରୁ ଶିବଲିଙ୍ଗ ଚୋରି ହୋଇଯାଇଛି। ଐତିହାସିକ ଗ୍ରନ୍ଥ ଓ ମନ୍ଦିରର ରେକର୍ଡରେ ମଧ୍ୟ ଏହି ସମାଧି ସମ୍ପର୍କରେ ଉଲ୍ଲେଖ କରାଯାଇଛି। ତେଣୁ ଏଭଳି ପ୍ରାଚୀନ ଐତିହ୍ୟର ଆଖପାଖକୁ ଭଙ୍ଗାରୁଜା କରିବା ସମୟରେ ସତର୍କତାର ସହ କରିବା ଏବଂ ଐତିହାତିକଙ୍କ ବିନା ପରାମର୍ଶରେ ମନଇଚ୍ଛା ନ ଭାଙ୍ଗିବାକୁ ଦାବି ହୋଇଛି।

# କଟକଣାଯୁକ୍ତ ରଥଯାତ୍ରା ଦାବି

**ପୁରୀ ଅଫିସ,୧୯।୬:** ଏ ବର୍ଷ ବଡ଼ଦାଣ୍ଡରେ ଗଡ଼ିପାରିବନି ରଥ। କରୋନା ସଂକ୍ରମଣକୁ ଦୃଷ୍ଟିରେ ରଖି ଗୁରୁବାର ସୁପ୍ରିମ୍‌କୋର୍ଟ ଏହି ରାୟ ଦେବା ପରେ ଭକ୍ତ ମହଲରେ ଅସନ୍ତୋଷ ପ୍ରକାଶ ପାଇଛି। ତେଣୁ ସର୍ବୋଚ୍ଚ ନ୍ୟାୟାଳୟ ତାଙ୍କ ରାୟର ପୁନର୍ବିଚାର କରନ୍ତୁ ବୋଲି ଦାବି ନେଇ ଶୁକ୍ରବାର ଶ୍ରୀମନ୍ଦିର ସିଂହଦ୍ୱାର ସମ୍ମୁଖରେ ଶାନ୍ତିପୂର୍ଣ୍ଣ ବିକ୍ଷୋଭ ପ୍ରଦର୍ଶନ କରାଯାଇଛି। ନୀଳମାଧବ ବିନାୟକ ସମିତିର ସଦସ୍ୟମାନେ ମୁହଁରେ ମାସ୍କ ବାନ୍ଧି ସାମାଜିକ ଦୂରତ୍ୱ ରକ୍ଷା କରି ସିଂହଦ୍ୱାର ସମ୍ମୁଖରେ ବିକ୍ଷୋଭ କରିବା ସହ ଦୀପଦାନ କରିଥିଲେ। ମହାପ୍ରଭୁ ଶ୍ରୀଜଗନ୍ନାଥଙ୍କୁ ନେଇ କୌଣସି ରାଜନୀତି କରା ନ ଯାଉ, ଜଗନ୍ନାଥପ୍ରେମୀ ଭକ୍ତମାନଙ୍କ ଧର୍ମୀୟ ଭାବନା ପ୍ରତି କୁଠାରାଘାତ ନ କରାଯାଉ, ଶ୍ରୀଜଗନ୍ନାଥଙ୍କ ଧର୍ମୀୟ ପରମ୍ପରାକୁ ଭଙ୍ଗ କରା ନ ଯାଉ, କୋଭିଡ-୧୯ର କଟକଣା ଅନୁଯାୟୀ ରଥଯାତ୍ରା ହେଉ ଆଦି ଲେଖାଥିବା ପ୍ଲାକାର୍ଡମାନ ଧରି ଏହି ବିକ୍ଷୋଭ କରାଯାଇଥିଲା।


DSPL-12

omfed®
Purity, Health & Trust.... our Mission

HOME DELIVERY
OF MILK AND DAIRY PRODUCTS

ORDER PERIOD
8 am - 11 am

DELIVERY PERIOD
By 6pm
(Same day)

39 YEARS OF TRUST

Stay home Stay strong

LIST OF CONTACT PERSON FOR HOME DELIVERY

| Sl. No. | Town | Contact Person | Mobile No. |
|---|---|---|---|
| 1 | Bhubaneswar | Jagadish Mallick | 9439718151 |
| | | Surya Narayan Kar | 9777139298 |
| | | Surendra Sahu | 9861331111 |
| | | Sankar Behera | 8917684848 |
| | Cuttack | P.K. Behera | 8327729519 |
| | | P. Samal | 9439385001 |
| | | D.P. Mohanty | 9437278122 |
| | Puri | Sashikanta Swain | 9658889352 |
| | | Indramani Mohapatra | 9937436720 |
| | Jatni & Khurda | B. Sahoo | 9937797203 |
| | | Susanta Das | 7978993485 |
| 2 | Balasore | N.D. Samanta | 8895052696 |
| | | D. Rout | 9438862220 |
| | Bhadrak | S.Nayak | 7008316617 |
| | | S.S.Panda | 9437297657 |
| 3 | Bolangir | Sumanta | 9853954743 |
| | | K.K. Hazra | 9853540822 |
| 4 | Jajpur Town | Tapan Satapathy | 9437510140 |
| | | Dilip Puri | 9437838742 |
| | Jajpur Road | Susil Dhara | 9438767015 |
| | | A. Bhuyan | 7008196560 |
| 5 | Berhampur | R.R.Khatai | 9337961196 |
| | | Amita Dash | 7978782710 |

T&C Applied

Enhance your Immunity with Pure and Healthy Products From Omfed

OIPR-06063/13/0014/2021


# ଖଳି ଲାଗି ହେଲେ ମହାପ୍ରଭୁ

**ପୁରୀ ଅଫିସ,୧୯।୬:** ଶ୍ରୀମନ୍ଦିରରେ ଶୁକ୍ରବାର ମହାପ୍ରଭୁଙ୍କ ଖଳି ଲାଗି ହୋଇଛି। ଗୁରୁବାର ରାତିରେ ମହାପ୍ରଭୁଙ୍କ ଘଣା କଟାଯାଇଥିଲା। ଏହାପରେ ପ୍ରଧାପନ ବୁଣାଟ ହୋଇ ଘଣା ଲାଗି କରାଯାଇଥିଲା। ପାଟରା ସେବକଙ୍କଠାରୁ ଆସିଥିବା ନାଗନାଗୁଣୀ ଘଣା ଦାରୁବିଗ୍ରହଙ୍କ ଶରୀର (ପେଟ ଓ ଶ୍ରୀପୟର)ରେ ଲାଗି କରାଯାଇଥିଲା। ଗଡ଼ାବସ୍ତ୍ର ଦିଆଯାଇ ସିଲ୍ କରାଯାଇଥିଲା। ଏହି ନୀତି ବଢ଼ିବା ପରେ ଅଣସର ଶୁଦ୍ଧସୁଆରଙ୍କ ଘରୁ ଖଳିହାଣ୍ଡି ଅଣାଯାଇ ଠାକୁରଙ୍କ ଶ୍ରୀଅଙ୍ଗରେ ଲାଗି କରାଯାଇଥିଲା। ଏହାପରେ ଶ୍ରୀମୁଖ ଓଡା କପଡ଼ା ପକାଯାଇଥିଲା। ଏହି ନୀତି ସମ୍ପନ୍ନ ପରେ ଦତ୍ତମହାପାତ୍ରଙ୍କ ଘରୁ ଖଡ଼ି ପ୍ରସାଦ ଅଣାଯାଇ ଲାଗି କରାଯାଇଥିଲା। ପତି ମହାପାତ୍ର ସଂସ୍କାର କରିବା ପରେ ଦତ୍ତମହାପାତ୍ର ସେବକମାନେ ଖଡି ଲାଗି କରିଥିଲେ। ଏହାପରେ ଅଣସର ଦ୍ୱାର ବନ୍ଦ କରାଯାଇ ଦଶାବତାର ଠାକୁରଙ୍କ ଆଳତି, ଅବକାଶ ଓ ଭୋଗମଣ୍ଡପ ବଢ଼ିଥିଲା।

# ଶ୍ରୀମନ୍ଦିର ପାଇଁ ସ୍ୱତନ୍ତ୍ର ନୀତି ନିର୍ଘଣ୍ଟ

ପୁରୀ ଅଫିସ,୧୯।୬

## ୨୧ରେ ସୂର୍ଯ୍ୟୋପରାଗ

ସୂର୍ଯ୍ୟୋପରାଗ ପାଇଁ ଶ୍ରୀମନ୍ଦିର ପ୍ରଶାସନ ପକ୍ଷରୁ ସ୍ୱତନ୍ତ୍ର ନୀତି ନିର୍ଘଣ୍ଟ କରାଯାଇଛି। ଚନ୍ଦ୍ରଗ୍ରହଣ ହେଉ ଅବା ସୂର୍ଯ୍ୟୋପରାଗ ସ୍ପର୍ଶ ସମୟରେ କୌଣସି ଦେବଦେବୀ ମନ୍ଦିରରେ ଦେବନୀତି କରାଯାଏ ନାହିଁ। ଶ୍ରୀମନ୍ଦିରରେ କିନ୍ତୁ ଏହାର ବ୍ୟତିକ୍ରମ ଦେଖିବାକୁ ମିଳେ। ଯେହେତୁ ଶ୍ରୀଜଗନ୍ନାଥ ମହାପ୍ରଭୁ ହେଉଛନ୍ତି ଗ୍ରହରୂପୀ ଜନାର୍ଦ୍ଦନ ତେଣୁ ତାଙ୍କର ଗ୍ରହଣ କିମ୍ବା ପରାଗ ସ୍ପର୍ଶ ପରେ ଦେବନୀତି ଆରମ୍ଭ ହୋଇଥାଏ। ଏହିଦିନ ମହାସ୍ନାନ ଓ ଖଇକୋରା ଭୋଗ ବିଶେଷ ନୀତି ମଧ୍ୟ ଅନୁଷ୍ଠିତ ହୋଇଥାଏ। ୨୧ ତାରିଖ ପୂର୍ବାହ୍ନ ୧୦ଟା ୩୭ ମିନିଟ୍ ୫୫ ସେକେଣ୍ଡରେ ପରାଗ ସ୍ପର୍ଶ ପରେ ମହାପ୍ରଭୁଙ୍କର ଗ୍ରହଣ ମହାସ୍ନାନ, ମଇଲମ ଓ ବେଶ, ମଙ୍ଗଳ ଆଳତି, ଅବକାଶ, ରୋଷହୋମ, ସୂର୍ଯ୍ୟପୂଜା, ଦ୍ୱାରପାଳ ପୂଜା, ପରାଗ ସାଦା ବେଶ ପରେ ପରାଗ ଭୋଗ ଓ ଖଇକୋରା ଭୋଗ ଆଦି କରାଯିବା ପାଇଁ ନିର୍ଘଣ୍ଟ ହୋଇଛି।

## ଆଜି ରାତି ୧୦. ୩୮ରୁ ପାକତ୍ୟାଗ

ଆସନ୍ତା ୨୧ ତାରିଖ ଆଷାଢ଼ ଅମାବାସ୍ୟା ତିଥିରେ ସଂଘଟିତ ହେବ ରାହୁଗ୍ରସ୍ତ ଚୂଡ଼ାମଣି ଯୋଗ ସୂର୍ଯ୍ୟୋପରାଗ। ରବିବାର ପୂର୍ବାହ୍ନ ୧୦ ଘଣ୍ଟା ୩୭ ମିନିଟ୍ ୫୫ ସେକେଣ୍ଡରେ ପରାଗ ସ୍ପର୍ଶ ହୋଇ ୩ ଘଣ୍ଟା ୩୨ ମିନିଟ୍ ୭ ସେକେଣ୍ଡ ପର୍ଯ୍ୟନ୍ତ ରହିବ। ମଧ୍ୟାହ୍ନ ୧୨ଟା ୨୫ ମିନିଟ୍ ୫୩ ସେକେଣ୍ଡରେ ମୋକ୍ଷ ଆରମ୍ଭ ହୋଇ ଅପରାହ୍ନ ୨ଟା ୯ ମିନିଟ୍ ୨ ସେକେଣ୍ଡରେ ସର୍ବମୋକ୍ଷ ହେବ। ତେବେ ପରାଗ ସ୍ପର୍ଶର ୧୨ ଘଣ୍ଟା ପୂର୍ବରୁ ଅର୍ଥାତ୍ ଶନିବାର ରାତି ୧୦ଟା ୩୭ ମିନିଟ୍ ୫୫ ସେକେଣ୍ଡଠାରୁ ରବିବାର ଅପରାହ୍ନ ୨ଟା ୯ ମିନିଟ୍ ୨ ସେକେଣ୍ଡ ଗ୍ରହଣ ସର୍ବମୋକ୍ଷ ପର୍ଯ୍ୟନ୍ତ ପାକତ୍ୟାଗ, ଅନ୍ନଭୋଜନ ଓ ଦେବନୀତି ନିଷେଧ। ବାଳକ, ବୃଦ୍ଧ, ରୋଗୀଙ୍କ ପକ୍ଷେ ନିୟମ ଲଂଘନୀୟ। ଗ୍ରହଣ ସର୍ବମୋକ୍ଷ ପରେ ଦେବଦେବୀମାନଙ୍କର ମହାସ୍ନାନ କରାଯାଇ ପାକ କର୍ମ ଓ ଦେବନୀତି କରଣୀୟ। ମିଥୁନ, କର୍କଟ, କନ୍ୟା, ତୁଳା, ବିଛା ଓ ଧନୁ ଏହି ୬ ରାଶିର ବ୍ୟକ୍ତିମାନଙ୍କ ପାଇଁ ପରାଗ ଦର୍ଶନ ଅଶୁଭ। ଏତଦ୍‌ଭିନ୍ନ ମେଷ, ବୃଷ, ସିଂହ, ମକର, କୁମ୍ଭ, ମୀନ ରାଶିର ବ୍ୟକ୍ତିମାନଙ୍କ ନିମନ୍ତେ ପରାଗ ଦର୍ଶନ ଶୁଭ ବୋଲି ଗବେଷକ ଡ. ନରେଶ ଚନ୍ଦ୍ର ଦାଶ କହିଛନ୍ତି।


**NOTICE**
**Kalinga Hospital, Bhubaneswar**

As per the defined guidelines prevailing, it is decided for shredding the Medical Records of the patients registered during 1st January 2012 to 31st December 2014 and the above periods of records treating as inactive.

Therefore, any patients / authorized attendants /legal heirs who are interested to collect their treatment records of the above periods within 30 days from the date publication of this notice, can contact our medical records department between 10.00 a.m. to 5.00 p.m. except on Sundays & Public Holidays, by producing requisite identification proof or any other relevant document as may be required. Records will be provided as per Hospital policy.

Contact No. 0674 666 5222 / 222

For **Kalinga Hospital Ltd.**
Sd/-
Medical Superintendent
Address: Chandrasehkarpur, Bhubaneswar-751023, Khordha, Odisha


# ଦୂରଦର୍ଶିତାପୂର୍ଣ୍ଣ ନିର୍ଣ୍ଣୟ ହେବା ଆବଶ୍ୟକ

## ରଥଯାତ୍ରା ବନ୍ଦ ପ୍ରସଙ୍ଗରେ ଶଙ୍କରାଚାର୍ଯ୍ୟଙ୍କ ପ୍ରତିକ୍ରିୟା

ପୁରୀ ଅଫିସ,୧୯।୬

ଏଥର ବଡ଼ଦାଣ୍ଡରେ ଗଡ଼ିବନି ରଥ। କରୋନା ସଂକ୍ରମଣକୁ ଦୃଷ୍ଟିରେ ରଖି ଏଥର ରଥଯାତ୍ରାକୁ ବନ୍ଦ କରିଛନ୍ତି ସୁପ୍ରିମ୍‌କୋର୍ଟ। ଗୁରୁବାର ସର୍ବୋଚ୍ଚ ନ୍ୟାୟାଳୟଙ୍କ ଏହି ନିଷ୍ପତ୍ତି ପରେ ଜଗନ୍ନାଥପ୍ରେମୀଙ୍କ ମଧ୍ୟରେ ତୀବ୍ର ପ୍ରତିକ୍ରିୟା ପ୍ରକାଶ ପାଇଛି। ଭକ୍ତ, ସେବାୟତ କେହି ଏହାକୁ ସହଜରେ ଗ୍ରହଣ କରିପାରୁ ନାହାନ୍ତି।



ଶଙ୍କରାଚାର୍ଯ୍ୟ ସ୍ୱାମୀ ନିଶ୍ଚଳାନନ୍ଦ ସରସ୍ୱତୀ

ବିଶ୍ୱନିୟନ୍ତାଙ୍କୁ ନେଇ ଏଭଳି ନିଷ୍ପତ୍ତି ବିରୋଧରେ ଅସନ୍ତୋଷ ଜାରି ରହିଥିବାବେଳେ ଶୁକ୍ରବାର ଏହି ପ୍ରସଙ୍ଗରେ ନିଜର ପ୍ରତିକ୍ରିୟା ରଖିଛନ୍ତି ଗୋବର୍ଦ୍ଧନ ମଠର ଶଙ୍କରାଚାର୍ଯ୍ୟ ସ୍ୱାମୀ ନିଶ୍ଚଳାନନ୍ଦ ସରସ୍ୱତୀ। ଏକ ପ୍ରେସ୍ ବିବୃତିରେ ଜଗଦ୍‌ଗୁରୁ କହିଛନ୍ତି, ମହାମାରୀ କରୋନା ଭୂତାଣୁ ସଂକ୍ରମଣଠାରୁ ଓଡ଼ିଶାବାସୀଙ୍କୁ ସୁରକ୍ଷା ଦେବା ପାଇଁ ସୁପ୍ରିମ୍‌କୋର୍ଟଙ୍କ ଏହି ରାୟ ସ୍ୱାଗତଯୋଗ୍ୟ। ତଥାପି ଅତ୍ୟାବଶ୍ୟକ ବ୍ୟକ୍ତିଙ୍କ ଦ୍ୱାରା ଶାସ୍ତ୍ରସମ୍ମତ, ପରମ୍ପରାପ୍ରାପ୍ତ ଏବଂ ପୁନର୍ବିଚାର ଦ୍ୱାରା ଦୂରଦର୍ଶିତାପୂର୍ଣ୍ଣ ନିର୍ଣ୍ଣୟ ହେବା ଆବଶ୍ୟକ। ଏହାଦ୍ୱାରା ରଥାରୁଢ ଠାକୁରଙ୍କୁ ଯାନ୍ତ୍ରିକ ବ୍ୟବସ୍ଥା ମାଧ୍ୟମରେ ଭକ୍ତମାନେ ଦର୍ଶନ କରି ଦୁଃଖକଷ୍ଟରୁ ମୁକ୍ତି ପାଇବାକୁ ସମର୍ଥ ହୋଇପାରିବେ ବୋଲି ଶଙ୍କରାଚାର୍ଯ୍ୟ ପ୍ରକାଶ କରିଛନ୍ତି।

# ପୁରୀ ବନ୍ଦ ପ୍ରଭାବ ଶୂନ୍ୟ

ପୁରୀ ଅଫିସ,୧୯।୬

ରଥଯାତ୍ରା ଆୟୋଜନ ଦାବିରେ ଶ୍ରୀକ୍ଷେତ୍ର ସୁରକ୍ଷା ବାହିନୀ ଏବଂ ଶ୍ରୀଜଗନ୍ନାଥ ସେନା ପକ୍ଷରୁ ଶୁକ୍ରବାର ୬ଘଣ୍ଟିଆ ଶାନ୍ତିପୂର୍ଣ୍ଣ ପୁରୀ ବନ୍ଦ ଡାକରା ଦିଆଯାଇଥିଲା। ହେଲେ ଏହି

## ଶ୍ରୀକ୍ଷେତ୍ର ସୁରକ୍ଷା ବାହିନୀ ସଦସ୍ୟ ଅଟକ

ବନ୍ଦ ପ୍ରଭାବ ଶୂନ୍ୟ ରହିଥିବା ଦେଖିବାକୁ ମିଳିଛି। ବଡ଼ଦାଣ୍ଡରେ ହାତଗଣତି କେତୋଟି ଦୋକାନ ବ୍ୟତୀତ ଆଉ ସବୁ ଖୋଲା ଥିଲା। ଗାଡ଼ି ଚଳାଚଳ ସମ୍ପୂର୍ଣ୍ଣ ସ୍ୱାଭାବିକ ରହିଥିଲା।

କରୋନା ସଂକ୍ରମଣକୁ ଦୃଷ୍ଟିରେ ରଖି ଏଥର ରଥଯାତ୍ରା ହୋଇପାରିବ ନାହିଁ ବୋଲି ଗୁରୁବାର ସୁପ୍ରିମ୍‌କୋର୍ଟ ରାୟ ଦେଇଥିଲେ। ଏହି ନିଷ୍ପତ୍ତିକୁ ନେଇ ସମସ୍ତଙ୍କ ମନରେ ତୀବ୍ର ଅସନ୍ତୋଷ ପ୍ରକାଶ ପାଇଛି। ସମସ୍ତ ପ୍ରକାର ପ୍ରସ୍ତୁତି ସତ୍ତ୍ୱେ କାହିଁକି ରଥଯାତ୍ରା ବନ୍ଦ କରାଗଲା ତାକୁ ନେଇ ଭକ୍ତ ଓ ସେବାୟତଙ୍କ ମଧ୍ୟରେ କ୍ଷୋଭ ସୃଷ୍ଟି ହୋଇଛି। ତେଣୁ ବିନା ଭକ୍ତରେ ରଥଯାତ୍ରା ହେଉ ଦାବି କରି ଉପରୋକ୍ତ ଦୁଇ ସଙ୍ଗଠନ ପକ୍ଷରୁ ଶୁକ୍ରବାର ସକାଳ ୬ରୁ ମଧ୍ୟାହ୍ନ ୧୨ଟା ପର୍ଯ୍ୟନ୍ତ ୬ଘଣ୍ଟିଆ ପୁରୀ ବନ୍ଦ ଡାକରା ଦିଆଯାଇଥିଲା। କିନ୍ତୁ ଏହା ପ୍ରଭାବ ଶୂନ୍ୟ ରହିଥିଲା। ସକାଳେ ଶ୍ରୀକ୍ଷେତ୍ର ସୁରକ୍ଷା ବାହିନୀର ଆବାହକ ସ୍ୱାଧୀନ କୁମାର ପଣ୍ଡାଙ୍କ ସମେତ ସୁଜିତ ମହାପାତ୍ର, ପ୍ରେମଜିତ୍ ମହାନ୍ତି, ଅମରେନ୍ଦ୍ର ପାଇକରାୟ, ବିଶ୍ୱନାଥ ଦାଶ, ଅନିମେଶ ପଟ୍ଟନାୟକ, ସର୍ବେଶ୍ୱର ସ୍ୱାଇଁ, ଚନ୍ଦନ ବିଶ୍ୱାଳ ପ୍ରମୁଖ ବଡ଼ଶଙ୍ଖସ୍ଥିତ ଏକ ଘରୋଇ ସ୍ଥାନରେ ଉପସ୍ଥିତ ଥିଲେ। ଖବର ପାଇ ପୋଲିସ ପହଞ୍ଚି ସେମାନଙ୍କୁ ସେଠାରେ ପ୍ରାୟ ୬ଘଣ୍ଟା ଅଟକ ରଖିଥିଲା। ପରେ ସେମାନଙ୍କୁ ଛାଡ଼ି ଦିଆଯାଇଥିଲା।



ବନ୍ଦକୁ ଦୃଷ୍ଟିରେ ରଖି ପୁରୀ ସହରରେ ପୋଲିସ ମୁତୟନ କରାଯାଇଛି।


**DIRECTORATE OF TECHNICAL EDUCATION & TRAINING, ODISHA, KILLAMAIDAN, BUXIBAZAAR, CUTTACK-753001, email: dacdtetodisha@gmail.com**
**Website: http://www.dtetorissa.gov.in**

**DIPLOMA ADMISSION -2020**

**Admission to 1st Semester Diploma in Engineering/Technology, Lateral Admission to 3rd Sem. Engineering/ Technology & 1st Sem./1st Year Non-Engineering/Film & TV Courses**

**No.KK-07:- ONLINE Applications are invited from eligible candidates for admission to 1st Semester Diploma Courses in Engineering/ Technology, Lateral Admission of the eligible Candidates to 3rd Semester Diploma Engineering/Technology Courses, 1st Semester / 1st year Non-Engineering, Film & Television (available at BPFTIO, Cuttack) for the session 2020-21.**

**ELIGIBILITY:**

**A) (i) Admission to 1st Semester of Engineering / Technology:** Pass in HSC examination/ 10th Standard examination conducted/declared equivalent by BSE, Odisha and obtained at least 35% marks in aggregate, securing 30% marks in each subject at the qualifying examination with Math, Science & English subjects.

**(iii) Admission to 3rd Semester under Lateral Entry Scheme for eligible candidates:** Pass in +2 Science Examination from CHSE, Odisha or its equivalent examination with PCM/+2 Vocational (2 years course) in any Engineering Trade/2 years ITI in Engineering Trade with pass in HSC examination / 10th standard examination conducted / declared equivalent by BSE, Odisha securing 30% marks in each subject at the qualifying examination.

**Age:** Minimum 14 years for all courses except Mining/ Drilling and Minimum 16 years for Mining/Drilling as on **01.07.2020**. No Upper Age limit.

**Reservation:** Reservation under different categories will be applicable for Odisha State candidates only as per norms specified by Government of Odisha.

**Outside State Candidates:** Outside State candidates fulfilling eligibility criteria are also eligible for :

(i) Admission to 1st Semester of 3 year Diploma Engineering Courses against 15% seats reserved for them in Private Engineering Schools & Polytechnics only.

(ii) They are also eligible to take admission under Lateral Entry provided they have prosecuted their study for the qualifying examination in an institution having approval from the competent authority after exhaustion of state merit list.

**B) Admission to Film & TV Courses (available at BPFTIO, Cuttack):**

**(i) Cinematography/Sound & T.V. Engineering:** 10+2 Science from any State Board/ICSE/CBSE or equivalent declared by CHSE, Odisha with minimum 35% marks in aggregate.

**(ii) Film & Video Editing:** 10+2 Science / Arts/Commerce from any State Board/ICSE/CBSE or equivalent declared by CHSE, Odisha with minimum 35% marks in aggregate.

**Age:** 16 to 28 years as on 01.06.2020. For SC/ST candidates, upper age limit is relaxed by 3 years.

**C) Admission to Non-Engineering Diploma Courses:**

**(i) Modern Office Management (MOM):** Pass in 10+2 Examination from CHSE, Odisha or its equivalent examination in Science/ Arts/Commerce recognized by CHSE, Odisha securing 30% marks in each subject at the qualifying examination.

**(ii) Pharmacy:** Pass in +2 Science Examination from CHSE, Odisha or its equivalent examination and obtained at least 35% marks in aggregate with Physics, Chemistry, Biology or Mathematics as approved by PCI securing 30% marks in each subject at the qualifying examination.

**(iii) Hotel Management & Catering Technology (HM&CT):** Pass in +2 Examination from CHSE, Odisha or its Equivalent examination with Science /Arts/Commerce recognized by CHSE, Odisha and obtained at least 35% marks in aggregate securing 30% marks in each subject at the qualifying examination.

**(iv) Beauty Culture (BC):** Educational qualification is same as 1st Semester of Engineering/Technology course.

**Age:** Minimum 14 years for BC & 16 years for other as on 01.07.2020. No Upper Age limit.

*N.B.: 1) Reservation under different categories will be applicable as specified by Government of Odisha.*

*2) Candidate appearing in the qualifying examination may also apply. However he/she has to produce the said pass certificate (with minimum marks as mentioned above) at the time of document verification* ***(if not validated online). For more details, refer to the Information Brochure available in the website: http://www.dtetorissa.gov.in***

**IMPORTANT NOTES:** Candidates should read the Information Brochure carefully and apply through **ONLINE mode only** along with required DATA & application fee of (i) **Rs.200/- for ST, SC & FEMALE, (ii) Rs.300/- for MALE** candidates (PC & Trans gender category of applicants are exempted from payment of application fee) and the payment can be made through ATM cum DEBIT/Credit Card/Net Banking only through Internet by logging on to website: **http://www.dtetorissa.gov.in**

**IMPORTANT DATES**

AVAILABILITY of ONLINE Application Form (CAF) (3rd Sem. (L.E.) : 20.06.2020 to 30.07.2020
(1st Sem./Year): 20.06.2020 to 02.08.2020

*NB: (i) The details of counselling procedure shall be available in local newspaper and in our official website:http://www.dtetorissa.gov.in before commencement of the counselling schedule. (ii) Document verification is mandatory for participation in the counselling process (if not validated online).*

*(iii) For any specific query, contact Diploma Admission call centre Phone No. 155335/1800-345-6770 (Toll Free) - (From 9 A.M. to 6 P.M.)*

**Sd./-**
**Director of Technical Education & Training**
OIPR-14004/11/0006/2021

ଆଧ୍ୟାତ୍ମିକ ଚିନ୍ତାରେ ଓ ଅନୁଭବରେ ସବୁପ୍ରକାର ନୀଚତା, ସଂକୀର୍ଣ୍ଣତା ଓ ବହିର୍ମୁଖତା ପରିତ୍ୟାଗ କରିବ। ବିଶାଳତମ ଦିଗ୍‌ବଳୟ ଅପେକ୍ଷା ବିଶାଳ ହେବ। ଉଚ୍ଚତମ କାଞ୍ଚନଜଂଘା ଅପେକ୍ଷା ସମୁଚ୍ଚ ହେବ। ଗଭୀରତମ ମହାସାଗର ଅପେକ୍ଷା ମଧ୍ୟ ଗଭୀର ହେବ। -ଶ୍ରୀଅରବିନ୍ଦ



# ବିବାଦୀୟ କେରଳୀ ବାବୁ

## ଦିଲ୍ଲୀକା ବାବୁ

ଦିଲୀପ ଚେରିଏନ୍

ବିବାଦୀୟ କେରଳ ଆଇପିଏସ୍ ଅଫିସର ଯାଦବ ଟମାସ ନିଜର ରଙ୍ଗିନ କ୍ୟାରିଅରକୁ ଏକ ଗଣମାଧ୍ୟମର ଶିରୋନାମା ତିଆରି କଲା ଭଳି ଢଙ୍ଗରେ ସମାପ୍ତ କରିଛନ୍ତି। ଚାକିରିର ଶେଷଦିନରେ ଟମାସ ତାଙ୍କ ଅଫିସ୍ ଚଟାଣରେ ଶୋଇଥିଲେ ଏବଂ ଏହାପରେ ସେ ପୁରାଣର ପର୍ଶୁରାମ ଭାବରେ ଜୀବନର ପରବର୍ତ୍ତୀ ପର୍ଯ୍ୟାୟ ଆରମ୍ଭ କରିବେ ବୋଲି କହିଥିଲେ! ଆଇପିଏସ୍ ଭାବରେ ତାଙ୍କର ୩୫ ବର୍ଷର ସେବାକାଳ ଭିତରୁ ପ୍ରାରମ୍ଭିକ ପ୍ରାୟ ପାଞ୍ଚବର୍ଷ ଯାଏ ଟମାସ ଖାକି ୟୁନିଫର୍ମ ପିନ୍ଧିଥିଲେ। ତାଙ୍କର ଅବଶିଷ୍ଟ କ୍ୟାରିୟରର ଅଧିକାଂଶ ଅଂଶ ବିଭିନ୍ନ ଅନୁଷ୍ଠାନ ଏବଂ ରାଷ୍ଟ୍ରାୟତ୍ତ ଉଦ୍ୟୋଗରେ ଡେପୁଟେସନରେ କଟିଥିଲା। ତାଙ୍କର ଶେଷ ପୋଷ୍ଟିଂ ଏକ ରାଷ୍ଟ୍ରାୟତ୍ତ ଉଦ୍ୟୋଗର ପରିଚାଳନା ନିର୍ଦ୍ଦେଶକ ଭାବରେ ହୋଇଥିଲା, ଯାହା ଧାତବ ଓ ଅନୁରୂପ ଉପକରଣ ଉତ୍ପାଦନ କରେ। ପର୍ଯ୍ୟବେକ୍ଷକମାନେ କୁହନ୍ତି ଯେ, ଟମାସ ଜଣେ ସରଳଭାଷୀ ମଣିଷ ଥିଲେ, ଯିଏକି ପରେ ରାଜନେତାମାନଙ୍କ ରୋଷର ଶିକାର ହୋଇଥିଲେ। ତେଣୁ ତାଙ୍କୁ ଜଙ୍ଗଲ ଜମି ଜବରଦଖଲ ସମେତ ଅନେକ ଦୁର୍ନୀତି ଅଭିଯୋଗର ସାମ୍ନା କରିବାକୁ ପଡିଥିଲା। ଯେତେବେଳେ ମୁଖ୍ୟମନ୍ତ୍ରୀ ପିନାରାୟି ବିଜୟନ୍ ତାଙ୍କୁ ଭିଜିଲାନ୍ସ ନିର୍ଦ୍ଦେଶକ ଭାବରେ ନିଯୁକ୍ତ କରିଥିଲେ, ସେତେବେଳେ ତାଙ୍କ କ୍ୟାରିୟର କିଛି ମାତ୍ରାରେ ସୁଧୁରିଥିଲା। କିନ୍ତୁ ଏହି କାର୍ଯ୍ୟକାଳ ମଧ୍ୟରେ ଟମାସ ଜଣେ ମନ୍ତ୍ରୀ ତଥା ଅନେକ ଆଇଏଏସ୍ ଓ ଆଇପିଏସ୍ ଅଧିକାରୀଙ୍କ ବିରୋଧରେ ତଦନ୍ତ ଆରମ୍ଭ କରିଥିଲେ, ଯେଉଁଥିପାଇଁ ତାଙ୍କୁ ଉକ୍ତ ପଦବୀ ହରାଇବାକୁ ପଡ଼ିଥିଲା। ଏହାପରେ ଟମାସ ଖୋଲାଖୋଲି ସରକାରଙ୍କୁ ସମାଲୋଚନା କରିବା ସହ ପ୍ରଶାସନିକ ଅନୁମତି ନ ନେଇ ନିଜ କ୍ୟାରିୟର ଉପରେ ଏକ ପୁସ୍ତକ ଲେଖିଥିଲେ। ଦୁଇବର୍ଷ ନିଲମ୍ବିତ ହୋଇ ଘରେ ବସିବା ପରେ ଗତବର୍ଷ ତାଙ୍କୁ ବର୍ତ୍ତମାନର ପଦବୀରେ ଅବସ୍ଥାପିତ କରାଯାଇଥିଲା। ଏବେ ଅବସର ପରେ ମଧ୍ୟ ଟମାସ ଲାଇମ୍‌ଲାଇଟ୍‌ରୁ ଦୂରେଇଯିବାର ସମ୍ଭାବନା ନାହିଁ ବୋଲି ପର୍ଯ୍ୟବେକ୍ଷକମାନେ ମତ ଦେଇଛନ୍ତି। ସେ ସମ୍ଭବତଃ ସରକାରୀ ବ୍ୟବସ୍ଥା ବିରୋଧରେ ନିଜର ଭାଷଣବାଜି ଜାରି ରଖିବେ, ଆହୁରି ଖୋଲାଖୋଲି ଭାବରେ।

### ସମାଲୋଚନା କରି ଅଡୁଆରେ

ଯେତେବେଳେ କୌଣସି ଆଡୁ ସମାଲୋଚନା ଆସେ ଉତ୍ତରପ୍ରଦେଶ ସରକାର ସେଥିରେ ଅତିଶୟ ପ୍ରତିକ୍ରିୟା ପ୍ରକାଶ କରିବାର ଦେଖାଯାଏ। ଜଣେ ଅବସରପ୍ରାପ୍ତ ଆଇଏଏସ୍ ଅଧିକାରୀ ସୂର୍ଯ୍ୟପ୍ରତାପ ସିଂ ତାଙ୍କ ଟୁଇଟ୍‌ରେ ସରକାର ପ୍ରକୃତ କୋଭିଡ୍ ସଂକ୍ରମିତଙ୍କ ସଂଖ୍ୟା ଲୁଚାଇବା ପାଇଁ ସ୍ୱଳ୍ପ ପରୀକ୍ଷା କରୁଥିବାର ଅଭିଯୋଗ କରି ଏବେ ଅଡୁଆରେ ପଡ଼ିଛନ୍ତି। ମହାମାରୀ ବିଷୟରେ ଗୁଜବ ପ୍ରଚାର କରୁଥିବା ଅଭିଯୋଗରେ ତାଙ୍କୁ ବିପର୍ଯ୍ୟୟ ପରିଚାଳନା ଆଇନ ଏବଂ ମହାମାରୀ ଅଧିନିୟମ ଅନୁଯାୟୀ ବୁକ୍ କରାଯାଇଛି। ୧୯୮୨ ବ୍ୟାଚ୍‌ର ଆଇଏଏସ୍ ଅଧିକାରୀ ସିଂ ତାଙ୍କ କ୍ୟାରିଅର୍‌ରେ ଜଣେ ହ୍ୱିଶିଲବ୍ଲୋୟର୍ ଭାବରେ ଜଣାଶୁଣା। ବାବୁ ଭାବରେ ତାଙ୍କର ୨୫ ବର୍ଷର କ୍ୟାରିୟରରେ ତାଙ୍କୁ ୫୪ ଥର ବଦଳି କରାଯାଇଛି! ସୂଚନା ଅନୁଯାୟୀ, ରାଜ୍ୟରେ କ୍ଷମତାରେ ଥିବା ଯେକୌଣସି ସରକାର ବିରୋଧରେ ସିଂ ସ୍ୱର ଉତ୍ତୋଳନ କରି ଆସିଛନ୍ତି ଏବଂ ଅଖିଳେଶ ଯାଦବଙ୍କ ଅଧୀନରେ ସମାଜବାଦୀ ପାର୍ଟି ସରକାରରେ ହୋଇଥିବା ଦୁର୍ନୀତିକୁ ନେଇ ପ୍ରଶ୍ନ ଉଠାଇଥିଲେ। ସେତେବେଳେ ଭାଜପା ନେତାମାନେ ତାଙ୍କୁ ପ୍ରଶଂସା କରିଥିଲେ। ମାତ୍ର ବର୍ତ୍ତମାନ ଭାଜପା କ୍ଷମତାରେ ଥିବାବେଳେ ଅବସରପ୍ରାପ୍ତ ବାବୁ ଜଣକ ସୋସିଆଲ ମିଡିଆ ପ୍ଲାଟ୍‌ଫର୍ମରେ ଦେଉଥିବା ମତାମତକୁ ଗ୍ରହଣ କରିପାରୁ ନାହିଁ। ଯେଉଁମାନେ ସିଂଙ୍କୁ ଜାଣନ୍ତି ସେମାନଙ୍କ ମତରେ ସରକାରଙ୍କ କାର୍ଯ୍ୟାନୁଷ୍ଠାନ ତାଙ୍କୁ ରୋକିବାର ସମ୍ଭାବନା ନାହିଁ। କିନ୍ତୁ ସିଂଙ୍କ ଦ୍ୱାରା ଅନୁପ୍ରାଣିତ ହୋଇ ଯେଉଁମାନେ ସରକାରଙ୍କୁ ଅସହଜ ପ୍ରଶ୍ନ ପଚାରିବାକୁ ହୁକୁ ହୁକୁ ହେଉଥିବେ ଏହା ସେମାନଙ୍କୁ ଏକ ଚେତାବନୀ ପ୍ରଦାନ କରିବ।

### ଏମ୍‌ବିବିଏସ୍ ବାବୁଙ୍କୁ କରୋନା ଦାୟିତ୍ୱ

ଯେଉଁ ଆଇଏଏସ୍, ଆଇପିଏସ୍ ଏବଂ ଆଇଆର୍‌ଏସ୍ ବାବୁଙ୍କର ଏମ୍‌ବିବିଏସ୍ ଡିଗ୍ରୀ ଅଛି ସେମାନଙ୍କୁ ମାରାତ୍ମକ କରୋନା ଭୂତାଣୁ ବିରୋଧୀ ଲଢ଼େଇରେ ସାମିଲ କରିବାକୁ କେନ୍ଦ୍ର ସରକାର ଚିନ୍ତା କରୁଛି। ପ୍ରଶାସନିକ ଅଭିଜ୍ଞତା ଥିବା ସହିତ ସେମାନେ ଡାକ୍ତରୀ ବିଦ୍ୟାରେ ମଧ୍ୟ ତାଲିମ ନେଇଥିବାରୁ ସେମାନଙ୍କୁ ବିଶେଷତଃ ସବୁଠାରୁ ଅଧିକ ପ୍ରଭାବିତ ରାଜ୍ୟମାନଙ୍କରେ କୋଭିଡ୍-୧୯ ରୋଗୀଙ୍କୁ ଚିକିତ୍ସା କରୁଥିବା ଡାକ୍ତରଖାନାରେ ନିୟୋଜିତ କରାଯିବ। ସୂଚନାନୁସାରେ, କାର୍ମିକ ବିଭାଗ ରାଷ୍ଟ୍ରମନ୍ତ୍ରୀ ଜିତେନ୍ଦ୍ର ସିଂ ତାଙ୍କ କର୍ମଚାରୀମାନଙ୍କୁ ଏକମାସ ପୂର୍ବରୁ ଏପରି ବାବୁମାନଙ୍କ ତାଲିକା ପ୍ରସ୍ତୁତ କରିବାକୁ କହିଥିଲେ, ଯେଉଁମାନଙ୍କ ସେବାକୁ ଆବଶ୍ୟକତା ଅନୁଯାୟୀ କେନ୍ଦ୍ର ଓ ରାଜ୍ୟ ସରକାରମାନେ ବ୍ୟବହାର କରିପାରିବେ। ତେବେ ଏହା ଉପରେ ବର୍ତ୍ତମାନ ହିଁ କାର୍ଯ୍ୟ ଆରମ୍ଭ ହୋଇଛି। ପ୍ରାପ୍ତ ସୂଚନା ଅନୁସାରେ, ମୁମ୍ବାଇରେ ମହାମାରୀର ପ୍ରଭାବଶାଳୀ ପରିଚାଳନା ପାଇଁ ନିକଟରେ ଚାରିଜଣ ଆଇଏଏସ୍ ଅଧିକାରୀଙ୍କୁ ସହରର ସରକାରୀ ଡାକ୍ତରଖାନାର ପରିଚାଳନା ଉପରେ ନଜର ରଖିବା ଦାୟିତ୍ୱ ଦିଆଯାଇଛି। ଏହି ତାଲିକା ନିଶ୍ଚିତ ଭାବରେ ମହାରାଷ୍ଟ୍ର ଏବଂ ଗୁଜରାଟ ଭଳି ରାଜ୍ୟକୁ ସାହାଯ୍ୟ କରିବ, ଯେଉଁଠାରେ କରୋନା ଭୂତାଣୁ ଜନିତ ମୃତ୍ୟୁହାର ଦେଶରେ ସର୍ବାଧିକ ରହିଛି। ଅଧିକାଂଶ ବାବୁ ଏହି ପଦକ୍ଷେପକୁ ସ୍ୱାଗତ କରିଥିବା ଜଣାଯାଇଛି। ତେବେ ଅନେକଙ୍କ ମନରେ ପ୍ରଶ୍ନ ଉଠୁଛି- ଏଭଳି ବାବୁମାନେ ଯଦି ମହାମାରୀର ମୁକାବିଲା ପାଇଁ ନିୟୋଜିତ ହେବେ, ତା'ହେଲେ ପ୍ରଶାସନ ଓ ଆଇନଶୃଙ୍ଖଳା କଥା କିଏ ବୁଝିବ?

Email: dilipcherian@gmail.com

# ଯୋଗ ଗୋଷ୍ଠୀ, ପ୍ରତିରୋଧ ଶକ୍ତି ଓ ଏକତା

ରମେଶ ପୋଖରିୟାଲ 'ନିଶଙ୍କ'

୨୦୧୪ ସେପ୍ଟେମ୍ବର ୨୭ ତାରିଖ ଦିନ ଭାରତର ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ମିଳିତ ଜାତିସଂଘର ସାଧାରଣ ପରିଷଦରେ ଦେଇଥିବା ଭାଷଣ ଅବସରରେ ସେ କରିଥିବା ପ୍ରଚେଷ୍ଟା ଯୋଗୁ ଜୁନ ୨୧ ତାରିଖକୁ ଆନ୍ତର୍ଜାତିକ ଯୋଗ ଦିବସ (ଆଇୱାଇଡି) ରୂପେ ପାଳନ କରିବା ସକାଶେ ଜାତିସଂଘ ଘୋଷଣା କରିଥିଲା। ଜାତିସଂଘ ଏହି ଘୋଷଣା ୨୦୧୪ ମସିହା ଡିସେମ୍ବର ୧୧ ତାରିଖ ଦିନ କରିଥିଲା, ଯାହା କି ଭାରତ ପାଇଁ ଏକ ଗୌରବର ଦିନ କହିଲେ ଅତ୍ୟୁକ୍ତି ହେବନାହିଁ। ଏହି ସଂକଳ୍ପ କାହିଁକି ବୈଶ୍ୱିକ ଓ ବିଶେଷ ମହତ୍ତ୍ୱ ରଖେ? ଏହି ପ୍ରଶ୍ନର ଉତ୍ତର ହେଉଛି ଯୋଗର ସାର୍ବଜନୀନତା ଏବଂ ଗ୍ରହଣୀୟତା। ବିଶ୍ୱ ଭୌଗୋଳିକ ଅବସ୍ଥିତି ଦୃଷ୍ଟିରୁ ହୁଏତ ବିଭାଜିତ ହୋଇଥାଇ ପାରେ କିନ୍ତୁ ଯୋଗ ଏହାକୁ ଏକତା ସୂତ୍ରରେ ବାନ୍ଧି ରଖିପାରିଛି ଏବଂ ଏହା ଏହି ଦୃଷ୍ଟିରୁ ପ୍ରମାଣିତ ଯେ ବିଶ୍ୱର ୧୭୭ଟିରୁ ଅଧିକ ରାଷ୍ଟ୍ର ଆନ୍ତର୍ଜାତିକ ଯୋଗ ଦିବସ ପ୍ରସ୍ତାବକୁ ସମର୍ଥନ କରିଥିଲେ, ଯଦ୍ୟପି ୧୭୫ଟି ରାଷ୍ଟ୍ର ଭାରତ ସହ ମିଶି ପ୍ରସ୍ତାବ ଆଗତ କରିଥିଲେ। ଗୋଟିଏ ପ୍ରସ୍ତାବକୁ ଏତେ ସଂଖ୍ୟକ ରାଷ୍ଟ୍ର ମିଳିତ ଭାବେ ଦେବା ଅଦ୍ୟାବଧି ମିଳିତ ଜାତିସଂଘ ଇତିହାସରେ ସର୍ବପ୍ରଥମ। ପୁନଶ୍ଚ ମାତ୍ର ୯୦ ଦିନ ମଧ୍ୟରେ ଗୋଟିଏ ରାଷ୍ଟ୍ର ଦ୍ୱାରା ପ୍ରସ୍ତାବିତ ହୋଇ ତାହା ଜାତିସଂଘ ସାଧାରଣ ପରିଷଦ ଭଳି ବୈଶ୍ୱିକ ସଂଗଠନ ଦ୍ୱାରା ଚୂଡ଼ାନ୍ତ ଭାବେ ଗୃହୀତ ହେବା ମଧ୍ୟ ଅନ୍ୟ ଏକ ବିରଳ କୀର୍ତ୍ତିମାନ। ପ୍ରଧାନମନ୍ତ୍ରୀ ମୋଦି କ୍ଷମତାକୁ ଆସିବାର ମାତ୍ର ଛଅମାସ ମଧ୍ୟରେ ଏହି ପରିକଳ୍ପନାକୁ ଆଶ୍ଚର୍ଯ୍ୟଜନକ ଭାବେ ସଂପାଦନ କରିପାରିଥିଲେ, ଯାହା କି ଦେଶ ସ୍ୱାଧୀନ ହେବାର ୭୩ ବର୍ଷରେ ଆଜି ପର୍ଯ୍ୟନ୍ତ ହାସଲ କରାଯାଇ ପାରି ନ ଥିଲା। ଯୋଗର ୫୦୦୦ ବର୍ଷର ଐତିହ୍ୟକୁ ଏହା ଫଳରେ ବାସ୍ତବ ଭାବେ ବୈଶ୍ୱିକ ସ୍ୱୀକୃତି ମିଳିଛି। ସେ ଏ ସମ୍ପର୍କରେ ନିଜର ମତ ପ୍ରଦାନ କରି କହିଥିଲେ ଯେ, "ଯୋଗ ହେଉଛି ସ୍ୱାସ୍ଥ୍ୟ ଓ ନିରାମୟତା ହାସଲ ଦିଗରେ ବୈଶ୍ୱିକ ଆକାଂକ୍ଷାର ପ୍ରତୀକ। ଜିରୋ ବଜେଟ ଦ୍ୱାରା ଏହା ସମସ୍ତ ଜନଙ୍କୁ ସ୍ୱାସ୍ଥ୍ୟ ବୀମା ପ୍ରଦାନ କରିଥାଏ। ବିଶ୍ୱକୁ ଏହା ଅସୁସ୍ଥତାରୁ ନିରାମୟତା ଦିଗରେ ମାର୍ଗ ପ୍ରଦର୍ଶନ କରିଛି।"

"ଯୋଗ କୌଣସି ଧର୍ମ ନୁହେଁ। ଏହା ହେଉଛି ନିରାମୟତା, ଯୁବକତ୍ୱ ଏବଂ ମନ, ଶରୀର ଓ ଆତ୍ମା ମଧ୍ୟରେ ଅବିରାମ ସମନ୍ୱୟ ସ୍ଥାପନ କରିବାର ବିଜ୍ଞାନ। ଏହା ମାନବ ସମାଜକୁ ସମନ୍ୱୟ ଓ ଶାନ୍ତିର ମାର୍ଗ ପ୍ରଦର୍ଶନ କରିଥାଏ, ଯାହା କି ବିଶ୍ୱକୁ ଯୋଗର ପ୍ରକୃତ ବାର୍ତ୍ତା। ଏହା ମନ ଦ୍ୱାରା ମନକୁ ଏବଂ ମନ ମାଧ୍ୟମରେ ଯାତ୍ରା କରିବାର ଏକ ଅବ୍ୟର୍ଥ ସାଧନ।

ମହର୍ଷି ପତଞ୍ଜଳି ତାଙ୍କର ଯୋଗ ସାଧନା ଗ୍ରନ୍ଥ 'ପତଞ୍ଜଳି ଯୋଗସୂତ୍ର' ପାଇଁ ସୁପ୍ରସିଦ୍ଧ। ଶ୍ରୀଅରବିନ୍ଦ ଯୋଗ ଏବଂ ଯୋଗାଭ୍ୟାସର ନିର୍ଯ୍ୟାସକୁ ଅନୁବାଦ କରିବା ଦିଗରେ ମହାନ୍ ଯୋଗଦାନ କରି ଯାଇଛନ୍ତି। ସେ ପ୍ରସିଦ୍ଧ ହିନ୍ଦୁ ଧର୍ମଶାସ୍ତ୍ର ଭଗବଦ୍ ଗୀତା ଏବଂ ବିଭିନ୍ନ ଉପନିଷଦରୁ ନିର୍ଯ୍ୟାସ ସଂଗ୍ରହ କରି ତାହାକୁ ସରଳ ଓ ପ୍ରାଞ୍ଜଳ ଭାବେ ବ୍ୟାଖ୍ୟା କରିଛନ୍ତି। ବି.ଏସ୍. ଆୟାଙ୍ଗାର ଏବଂ ମହର୍ଷି ପରମହଂସ ଯୋଗାନନ୍ଦ ସମଗ୍ର ବିଶ୍ୱରେ ଯୋଗର ସାରତତ୍ତ୍ୱକୁ ପ୍ରଚାର ଓ ପ୍ରସାର କରିବା ଦିଗରେ ମହତ୍ତ୍ୱପୂର୍ଣ୍ଣ ଭୂମିକା ଗ୍ରହଣ କରିଛନ୍ତି। ସେମାନେ ଧର୍ମଶାସ୍ତ୍ର ମାଧ୍ୟମରେ ଏବଂ ସେଥିରେ ଥିବା ଯୋଗର ଗୂଢ଼ ରହସ୍ୟକୁ ଯୋଗାଭ୍ୟାସ ଦ୍ୱାରା ଲୋକଙ୍କ ନିକଟରେ ପହଞ୍ଚାଇଛନ୍ତି। ସେମାନଙ୍କ ଶୃଙ୍ଖଳିତ ଏବଂ ପ୍ରେରଣାଦାୟୀ ଜୀବନଚର୍ଯ୍ୟା ଅସଂଖ୍ୟ ଲୋକଙ୍କୁ ଯୋଗ ପ୍ରତି ଆକୃଷ୍ଟ କରିଆସିଛି। ସେମାନେ ଏହାଦ୍ୱାରା ଏକ ପ୍ରଭାବିତ ଓ ଉନ୍ନତ ଜୀବନ ବଞ୍ଚିବାର ମାର୍ଗ ପାଇପାରିଛନ୍ତି। ସ୍ୱାମୀ ବିବେକାନନ୍ଦ ପାଶ୍ଚାତ୍ୟ ଜଗତରେ ଯୋଗକୁ ସର୍ବାଧିକ ମାତ୍ରାରେ ପ୍ରଚାରିତ ଓ ପ୍ରସାରିତ କରିବା ଗୌରବର ଅଧିକାରୀ। ଭାରତୀୟ ବେଦାନ୍ତ ଦର୍ଶନ ଓ ଯୋଗ ଦର୍ଶନକୁ ସେ ପାଶ୍ଚାତ୍ୟ ରାଷ୍ଟ୍ରମାନଙ୍କରେ ନିଜର ଭାଷଣ ମାଧ୍ୟମରେ ପ୍ରଚାରିତ କରିଥିଲେ। ଭାରତୀୟ ଦର୍ଶନ ଓ ଆଧ୍ୟାତ୍ମିକତା ସମ୍ପର୍କରେ ତାଙ୍କର ଅନାହତ ସ୍ୱର ଆଜି ସୁଦ୍ଧା ଆମେରିକାର ଶିକାଗୋ ସହରରେ ଗୁଞ୍ଜରିତ ହୁଏ।

ଆଜି ଯୋଗ ଜଗତୀକରଣର ସବୁଠାରୁ ସଫଳ ଉତ୍ପାଦ ଭାବେ ବିବେଚିତ ହୋଇଛି। ପୁନଶ୍ଚ ମାନବୀୟ ଚେତନା ଓ ନିରାମୟତା ସକାଶେ ସର୍ବାଧିକ ଲୋକଙ୍କ ଦ୍ୱାରା ପାଳନ କରାଯାଉଥିବା ଉତ୍ସବ ବୋଲି ଏହାକୁ ଗ୍ରହଣ କରାଯାଇପାରେ। କ୍ଷେତ୍ର ଅବା ଧର୍ମ ନିର୍ବିଶେଷରେ ଆଜି ଯୋଗ କାର୍ଯ୍ୟକ୍ରମମାନ ସମଗ୍ର ବିଶ୍ୱରେ ଉତ୍ସବାକାରରେ ଆୟୋଜନ କରାଯାଉଛି। ଏହା ଆଜି ସବୁଠାରୁ ଦୃଢ଼ ଧର୍ମନିରପେକ୍ଷ ରଜ୍ଜୁରେ ପରିଣତ ହୋଇଛି, ଯାହା ବିବିଧ ତଥା ବିଭାଜିତ ବିଶ୍ୱକୁ ଏକତା ସୂତ୍ରରେ ବାନ୍ଧି ରଖିବାରେ ସହାୟକ ହେଉଛି। ପୁନଶ୍ଚ ସ୍ୱାସ୍ଥ୍ୟ ଓ ଆନନ୍ଦକୁ ଏଥିରେ ପ୍ରାଧାନ୍ୟ ଦିଆଯାଇଛି। ଯେତେବେଳେ ବିଶ୍ୱ ନାନା କାରଣରୁ ବିଭାଜିତ ହୋଇଯାଉଛି ଯୋଗ ପୁଣି ଥରେ ମାନବ ସମାଜକୁ ଯୋଡୁଛି, ପରିବାରକୁ ପରସ୍ପର ସହ ମିଳାଉଛି, ସମାଜକୁ ଏକତା ସୂତ୍ରରେ ବାନ୍ଧି ରଖୁଛି ଏବଂ ରାଷ୍ଟ୍ରମାନଙ୍କୁ ଏକଜୁଟ କରି ବିଶ୍ୱର ସବୁଠାରୁ ବଡ଼ ଶକ୍ତିରେ ପରିଣତ କରୁଛି।

ଏହା ଖୁସିର କଥା ଯେ ଯୋଗ ହେଉଛି ସର୍ବାଧୁନିକ ଓ ସାର୍ବଜନୀନ ଭାବେ ବ୍ୟବହୃତ ହେଉଥିବା ସ୍ୱାସ୍ଥ୍ୟ ଉପକ୍ରମ, ଯାହା କି ପାଶ୍ଚାତ୍ୟ ରାଷ୍ଟ୍ରମାନଙ୍କରେ ଏବେ ପରିଲକ୍ଷିତ ହୋଇଛି। ବିଶ୍ୱବାସୀ ସେମାନଙ୍କ ଜୀବନରେ ଯୋଗ କି ପ୍ରକାର ସକାରାତ୍ମକ ପ୍ରଭାବ ପକାଇଛି ତାହା ଅନୁଭବ କରିପାରିଛନ୍ତି। ଆମେରିକାର ଲାଇବ୍ରେରୀ ଅଫ୍ ମେଡିସିନ ଦ୍ୱାରା ପ୍ରକାଶିତ ରିପୋର୍ଟରେ ଦର୍ଶାଯାଇଛି ଯେ, ଧ୍ୟାନ ସହିତ ଯୋଗାଭ୍ୟାସ ଲୋକମାନଙ୍କ ବାର୍ଦ୍ଧକ୍ୟ ପ୍ରକ୍ରିୟାକୁ ମନ୍ଥର କରିଥାଏ ଏବଂ ଅନେକ ପ୍ରକାର ରୋଗ ଆକ୍ରମଣରୁ ରକ୍ଷା କରିଥାଏ ବୋଲି ବୈଜ୍ଞାନିକମାନେ ଗବେଷଣାରୁ ଜାଣିପାରିଛନ୍ତି। ଯୋଗ ଅଭ୍ୟାସ ଦ୍ୱାରା ଜଣେ ବ୍ୟକ୍ତିର ଚିନ୍ତାଶକ୍ତିକୁ ଅଧିକ ପ୍ରଖର କରାଯାଇପାରିବ ଏବଂ ଯୋଗାଭ୍ୟାସ କରୁଥିବା ବ୍ୟକ୍ତି ଦୀର୍ଘ ନିରାମୟ ଜୀବନ ଲାଭ କରିଥାନ୍ତି। ଯୋଗ କେବଳ ଶାରୀରିକ ସ୍ୱାସ୍ଥ୍ୟ ଚିକିତ୍ସାରେ ସହାୟକ ହୋଇ ନ ଥାଏ, ଅପରନ୍ତୁ ଏହା ଆବେଗିକ ତଥା ମାନସିକ ନିରାମୟତା ପ୍ରଦାନରେ ମଧ୍ୟ ସହାୟକ ହୋଇଥାଏ। ଏହା ଜଣେ ବ୍ୟକ୍ତିର ଆୟୁ ବଢ଼ାଇ ନ ଥାଏ ବରଂ ଆୟୁରେ ଜୀବନ ଭରି ଦେଇଥାଏ। ଗବେଷଣାରୁ ଜଣାପଡ଼ିଛି ଯେ, ଯୋଗାଭ୍ୟାସ ଦ୍ୱାରା ଶରୀରରେ ମଲିକ୍ୟୁଲାର ପରିବର୍ତ୍ତନ ଘଟିଥାଏ, ଯାହା ରୋଗ ପ୍ରତିରୋଧକ ଶକ୍ତି ବୃଦ୍ଧିରେ ସହାୟକ ହୋଇଥାଏ। ମାନସିକ ଅବସାଦ ଦୂର କରିବାରେ ମଧ୍ୟ ଯୋଗ ସାହାଯ୍ୟ କରିଥାଏ। ଯୋଗ ସର୍ବଦା ଭାରତୀୟ ସ୍ୱାସ୍ଥ୍ୟରକ୍ଷା ଏବଂ ଶାରୀରିକ ଶିକ୍ଷାରେ ଏକ ଗୁରୁତ୍ୱପୂର୍ଣ୍ଣ ଅଙ୍ଗ ହୋଇ ରହିଆସିଛି। ଏବେ ବିଶ୍ୱ ସ୍ୱାସ୍ଥ୍ୟରକ୍ଷା ପ୍ରତି ସାମଗ୍ରିକ ଭାବେ ଉପକ୍ରମ ଆରମ୍ଭ କରିଛି ଏବଂ ଯୋଗ ଏ ଦିଗରେ ନିର୍ଦ୍ଦେଶାତ୍ମକ ଶିକ୍ଷା ପରିବର୍ତ୍ତେ ଏକ 'ଦିବ୍ୟ ଅନୁଭବ ଶିକ୍ଷା' ବୋଲି କୁହାଯାଇପାରେ। ଯୋଗ ସମ୍ପର୍କରେ ଏକଥା ମଧ୍ୟ ଆଲୋଚନା କରାଯାଏ ଯେ, ଏହାକୁ ଅଲିମ୍ପିକ୍ସରେ ଏକ କ୍ରୀଡ଼ା ପ୍ରତିଯୋଗିତା ଭାବେ ମଧ୍ୟ ଗ୍ରହଣ କରାଯାଇପାରିବ। ଆମେରିକା ଏହାକୁ ସଫଳତାର ସହ ଏକ କ୍ରୀଡ଼ା ଶୃଙ୍ଖଳା ଭାବେ ଆନୁଷ୍ଠାନିକ ସ୍ୱୀକୃତି ପ୍ରଦାନ କରିସାରିଛି।

ହଲିଉଡ୍‌ଠାରୁ ନେଇ ହରିଦ୍ୱାର ପର୍ଯ୍ୟନ୍ତ, ସାଧାରଣ ଲୋକଙ୍କଠାରୁ ଆରମ୍ଭ କରି ବିଶିଷ୍ଟ ବ୍ୟକ୍ତିଙ୍କ ଯାଏ, ପ୍ରତ୍ୟେକ ବ୍ୟକ୍ତି ଯୋଗାଭ୍ୟାସର ଉପକାରିତାକୁ ବର୍ତ୍ତମାନର ବୈଶ୍ୱିକ ମହାମାରୀ କରୋନା ସଂକ୍ରମଣର ସଂକଟ ସମୟରେ ଗୁରୁତ୍ୱର ସହ ଗ୍ରହଣ କରିଛନ୍ତି। ମୁଁ ହିମାଳୟ ପାଦଦେଶରେ ଅବସ୍ଥିତ ଦେବଭୂମି ଉତ୍ତରାଖଣ୍ଡ ରାଜ୍ୟର ଅଧିବାସୀ, ଯାହାକୁ କି ଯୋଗ ଏବଂ ଆୟୁର୍ବେଦର ଉତ୍ପତ୍ତି ସ୍ଥଳ ବୋଲି ବିବେଚନା କରାଯାଇପାରେ। ଏବେ ସମଗ୍ର ବିଶ୍ୱ ଆମ ଆଡ଼କୁ ଲକ୍ଷ୍ୟ କରୁଛି ଏବଂ ଏଭଳି ବୈଶ୍ୱିକ ମହାମାରୀ ସଂକଟ ବେଳେ ଆମକୁ ଅନୁକରଣ କରୁଛି। ଆଜି ବିଶ୍ୱ ଘରର ଚାରିକାନ୍ଥ ଭିତରେ ଆବଦ୍ଧ ହୋଇ ରହିଛି।

କିନ୍ତୁ ଏବେ ଯୋଗ ହିଁ ସର୍ବଶ୍ରେଷ୍ଠ ସ୍ୱାସ୍ଥ୍ୟ ସଂସାଧନ, ଯାହା ଲୋକମାନଙ୍କ ରୋଗ ପ୍ରତିରୋଧକ ଶକ୍ତି ବୃଦ୍ଧି କରିବା ସହ ଜୀବନର ସନ୍ତୁଳନ ରକ୍ଷା ଦିଗରେ ସହାୟକ ହେଉଛି। ବିଗତ ବର୍ଷମାନଙ୍କ ଭଳି ସ୍ୱାଭାବିକ ପରିସ୍ଥିତି ହୋଇଥିଲେ ଆମେମାନେ ଚଳିତବର୍ଷ ମଧ୍ୟ ସେହିଭଳି ଉତ୍ସାହ ଓ ଉଦ୍ଦୀପନା ମଧ୍ୟରେ ଆନ୍ତର୍ଜାତିକ ଯୋଗ ଦିବସ ପାଳନ କରିଥାନ୍ତେ। କିନ୍ତୁ କୋଭିଡ୍-୧୯ ପରିସ୍ଥିତି ଯୋଗୁ ଆମକୁ ଏବେ ସାମାଜିକ ଦୂରତା ରକ୍ଷା କରିବାକୁ ପଡୁଛି ଏବଂ ଏଭଳି ସ୍ଥିତିରେ ଆମେମାନେ ଯୋଗ ଦିବସକୁ କେବଳ ପରିବାରର ସଦସ୍ୟଙ୍କ ସହ ଏକ ସୀମିତ ସ୍ଥାନରେ ହିଁ ପାଳିବାକୁ ପଡୁଛି। ମୁଁ ସମଗ୍ର ଦେଶ ଓ ବିଶ୍ୱ ସମୁଦାୟକୁ ନିବେଦନ କରୁଛି ଯେ, କୋଭିଡ୍-୧୯ ସେମାନଙ୍କ ମନରୁ ଯୋଗ ଦିବସର ଉତ୍ସାହକୁ ଯେପରି ପ୍ରଶମିତ କରି ନ ଦେଉ। ବିଗତ ପାଞ୍ଚବର୍ଷ ଭିତରେ ଆମେ ଯେଉଁ ସଫଳତା ହାସଲ କରିଛେ ତାହା କାଏମ ରହୁ। ବିଭିନ୍ନ ପ୍ରକାର ଅଧ୍ୟୟନ ଏବଂ ରିପୋର୍ଟ ପ୍ରମାଣିତ କରିଛି ଯେ, ଯୋଗ ଏବଂ ଧ୍ୟାନ କୋଭିଡ୍-୧୯ ସ୍ଥିତିରେ ଉତ୍ପନ୍ନ ମନସ୍ତାତ୍ତ୍ୱିକ ପ୍ରଭାବକୁ ପ୍ରତିହତ କରିବାର ସର୍ବଶ୍ରେଷ୍ଠ ଉପଶମକାରୀ ଶକ୍ତି। ଯୋଗରେ ବିଭିନ୍ନ ପ୍ରକାର 'ପ୍ରାଣାୟାମ' ରହିଛି, ଯାହା ଆମର ଶ୍ୱାସକ୍ରିୟା ବ୍ୟବସ୍ଥାକୁ ସୁଦୃଢ଼ କରିଥାଏ। ଅଧ୍ୟୟନରୁ ଆହୁରି ମଧ୍ୟ ଜଣାପଡ଼ିଛି ଯେ 'ପ୍ରାଣାୟମ' କିଭଳି ଭାବେ ନଭେଲ କରୋନା ଭୂତାଣୁ ସଂକ୍ରମଣକୁ ପ୍ରତିହତ କରିପାରୁଛି। ଯୋଗ ବାସ୍ତବରେ ସମାଜ ପାଇଁ ଏକ ଅବ୍ୟର୍ଥ ମହୌଷଧି, ଯାହା ରୋଗ ପ୍ରତିରୋଧୀ ଶକ୍ତି ତଥା ଏକତା ବୃଦ୍ଧିରେ ସହାୟକ ହୋଇଥାଏ। ଯୋଗ, ଆୟୁର୍ବେଦ ଏବଂ ଆଧ୍ୟାତ୍ମିକତା ହେଉଛି ବିଶ୍ୱ ସମୁଦାୟକୁ ଯୁଗ ଯୁଗ ଧରି ଆମର ବାର୍ତ୍ତା ଯାହା ଆଜି ସୁଦ୍ଧା ସେହିଭଳି ପ୍ରଯୁଜ୍ୟ ଯେପରି ସହସ୍ର ବର୍ଷ ପୂର୍ବେ ଥିଲା। ତେଣୁ ନିର୍ବିବାଦରେ କୁହାଯାଇପାରେ ଯେ, ଯୋଗ ହେଉଛି ବିଶ୍ୱ ଶାନ୍ତି ଏବଂ ସୌହାର୍ଦ୍ଦ୍ୟର ଉନ୍ମୁକ୍ତ ତୋରଣ ସଦୃଶ।

(ଲେଖକ ମାନବ ସମ୍ବଳ ବିକାଶ ମନ୍ତ୍ରୀ, ଭାରତ ସରକାର)

# ମଧ୍ୟବିତ୍ତଙ୍କ ବେଳା ଖରାପ

ଦେବେନ୍ଦ୍ର କର

ଦେଶରେ କରୋନା ରୋଗୀଙ୍କ ସଂଖ୍ୟା ଦିନକୁ ଦିନ ବୃଦ୍ଧି ପାଇବାରେ ଲାଗିଛି। ଅନେକ ସ୍ଥାନରେ ଲକ୍‌ଡାଉନ୍ ବଳବତ୍ତର ଥିବାବେଳେ ଆଉ କିଛି ସ୍ଥାନରେ କୋହଳ କରାଯାଇଛି। ବଜାର ଧୀରେ ଧୀରେ ଫିଟିଲାଣି, ଗାଡିମୋଟର ଚାଲିଲାଣି, ଲୋକେ ନିଜ ନିଜ କର୍ମକ୍ଷେତ୍ରରେ ଯୋଗଦେଲେଣି। ଏସବୁ ଭିତରେ ବିଚରା ମଧ୍ୟବିତ୍ତ ପରିବାର ନାହିଁ ନ ଥିବା ଅସୁବିଧାର ସମ୍ମୁଖୀନ ହେଉଛି। ମଧ୍ୟବିତ୍ତ ପରିବାର ପ୍ରାୟତଃ ବେସରକାରୀ ଚାକିରିଆ କିମ୍ବା ଛୋଟମୋଟ ଦୋକାନୀ। ବେସରକାରୀ ଚାକିରିଆ ଯାହାଙ୍କର ମାସିକ ଦରମା ୧୦ରୁ ୧୫ହଜାର ଭିତରେ ସୀମିତ, ସେମାନଙ୍କୁ ବଜାର ମାନ୍ଦାବସ୍ଥା ଦର୍ଶାଇ ବିଭିନ୍ନ ମାଲିକ ଦୁଇମାସର ଦରମା ବଦଳରେ ଗୋଟିଏ ମାସର ଦରମା ଦେଇଛନ୍ତି, ପୁଣି କିଛି ମାଲିକ ସମ୍ପୂର୍ଣ୍ଣ ଦରମା କାଟି ଦେଇଛନ୍ତି। ରୋଜଗାର କମିଯିବା ପରେ ନିମ୍ନ ଓ ମଧ୍ୟବିତ୍ତ ପରିବାର ନାନା ସମସ୍ୟାର ସମ୍ମୁଖୀନ ହେଉଛି। ଅଭାବରୁ ସ୍ୱଭାବ ନଷ୍ଟ ପରି ପରିବାରରେ କଳିଗୋଳ, ପାଟିତୁଣ୍ଡ ସବୁଦିନିଆ କଥାରେ ପରିଣତ ହେଲାଣି। ଏକ ରିପୋର୍ଟ ଅନୁଯାୟୀ କରୋନା ଲାଗି ପାଖାପାଖି ୮୦ପ୍ରତିଶତ ପରିବାରର ରୋଜଗାର ପ୍ରଭାବିତ ହୋଇଛି। ବଜାରରେ ଜିନିଷ ମହଜୁଦ ଅଛି, ଦରଦାମ୍ ବି ସ୍ଥିର ଅଛି, ହେଲେ ଅର୍ଥ ନାହିଁ କିଣିବାକୁ। ସହରାଞ୍ଚଳରେ ବେସରକାରୀ ଚାକିରିଆଙ୍କ ସଂଖ୍ୟା ଢେର ଅଧିକ, ଯେଉଁମାନେ ସେଲ୍ସମ୍ୟାନ, ମାର୍କେଟିଂ, ଗାଡି ଚାଳକ, ସିକ୍ୟୁରିଟି ଗାର୍ଡ, ଡାଟା ଏଣ୍ଟ୍ରି ଅପରେଟର, ରିସେପ୍‌ସନିଷ୍ଟ, ଘରୋଇ ସ୍କୁଲ ଶିକ୍ଷକ, ମନ୍ଦିର ପୂଜକ ବା ବେସରକାରୀ ରୋଗ ନିରୂପଣ କେନ୍ଦ୍ରରେ କାର୍ଯ୍ୟରତ ଟେକ୍‌ନିସିଆନ। ଏମିତି ବିଭିନ୍ନ ପ୍ରାଇଭେଟ ସେକ୍ଟରରେ କାର୍ଯ୍ୟରତ କର୍ମଚାରୀଙ୍କ ଆଜି ଗୋଟିଏ ଅବସ୍ଥା। କରୋନା ଆଳରେ କିଛି ମାଲିକ ଓ କମ୍ପାନୀବାଲା ମାର୍ଚ୍ଚ ମାସର ଇନ୍‌କ୍ରିମେଣ୍ଟ ଓ ପୂର୍ବରୁ ବାକି ଥିବା ଅନ୍ୟାନ୍ୟ ବକେୟା ପାଉଣା ଦେବାକୁ ସମ୍ପୂର୍ଣ୍ଣ ମନା କରିଦେଇଛନ୍ତି। ଚାକିରି ହରେଇବା ଭୟରେ କର୍ମଚାରୀମାନେ ମୁହଁ ଖୋଲି ପାରୁନାହାନ୍ତି। ଯେଉଁମାନେ ଚାକିରିରୁ ଛଟେଇ ହୋଇଛନ୍ତି ସେମାନଙ୍କ ଅବସ୍ଥା ନ କହିଲେ ଭଲ। ଯେଉଁମାନେ ସହରରେ ଘରଭଡ଼ା ନେଇ ପରିବାର ସହ ରହୁଥିଲେ ସେମାନଙ୍କ ପାଖରେ ଏବେ ଘରଭଡ଼ା ଦେବାକୁ ବି ପଇସା ନାହିଁ। ଘର ମାଲିକ ଓଲଟା ଯୁକ୍ତି ବାଢୁଚି- ମୁଁ ନିଜେ ତ ଚଳିପାରୁନି, ତୁମକୁ କେମିତି ଘରଭଡ଼ା ଛାଡ଼ କରିବି। ଛୁଆପିଲାଙ୍କର ବାର୍ଷିକ ପରୀକ୍ଷା ପରେ ସ୍କୁଲରେ ରିଆଡ୍‌ମିଶନ ଆରମ୍ଭ ହେଇଯାଇଛି। ନୂଆ ବହିଖାତା କିଣାହେବ, ଟ୍ୟୁଶନ ବି ଆରମ୍ଭ ହୋଇଗଲାଣି। ଘରେ ବୟୋଜ୍ୟେଷ୍ଠଙ୍କ ଔଷଧ ତାଲିକା ବି କିଛି କମ୍ ନାହିଁ। ସବୁକଥା ଭାବି ଭାବି ବିଚରା ମଧ୍ୟବିତ୍ତଙ୍କ ଆଖିରୁ ନିଦ ହଜିଗଲାଣି।

ବଡ଼ବଡ଼ିଆ ଥିଲାବାଲାଙ୍କ ଉପରେ କରୋନାର ପ୍ରଭାବ ପଡିଥିବା ପରି ମନେହେଉ ନାହିଁ। ସେମାନେ ଭଲ ଖାଇପିଇ ଖୁସିବାସିରେ ଅଛନ୍ତି। ଶୁଣିବାକୁ ମିଳୁଛି ଆହୁରି ୫-୬ମାସ ଏଇଭଳି ପରିସ୍ଥିତି ଲାଗି ରହିବ। ପୂର୍ବରୁ ସ୍ୱଳ୍ପ ଆୟରେ ମାସ ଗୋଟାକ କଷ୍ଟେମଷ୍ଟେ ଚଳି ହେଉଥିଲା। ଦରମା କଟିଯିବା ପରେ ଘର ଚଳାଇବା ବଡ଼ ମୁସ୍କିଲ ହେଲାଣି। କୁନିକୁନି ପିଲାମାନେ ତ ଏ ପରିସ୍ଥିତି ବିଷୟରେ ସମ୍ପୂର୍ଣ୍ଣ ଅଜ୍ଞ। ସେମାନଙ୍କ ଛୋଟମୋଟ ବରାଦକୁ ଟାଳି ଦେବା ବି ସମ୍ଭବ ନୁହେଁ। ଅଜାଗା ଘା' ପରି ମଧ୍ୟବିତ୍ତଙ୍କ ଅବସ୍ଥା। ନିଜ ଦୁଃଖ ନା କାହାକୁ ଲୁଚେଇ ପାରୁଛି ନା ଅନ୍ତର ଭିତରେ ଚାପି ପାରୁଛି। ପୂର୍ବରୁ ନିଜେ ନ ଖାଇ ନ ପିନ୍ଧି ନିଜ ପିଲାଙ୍କୁ ଖୁସି ରଖିପାରୁଥିଲା, ହେଲେ ଏବେ ତାହା ବି ସମ୍ଭବ ନୁହେଁ। ବର୍ତ୍ତମାନ ତ ଅତ୍ୟାବଶ୍ୟକ ଜିନିଷ କିଣିବାକୁ ବି ଅର୍ଥ ନାହିଁ। କେତେଦିନ ଏମିତି ଚାଲିବ, କେବେ ପରିସ୍ଥିତି ସୁଧୁରିବ କେହି ବି କହିପାରିବେ ନାହିଁ। ପରିବାରର ୪-୫ଜଣଙ୍କ ଦାୟିତ୍ୱ ମୁଣ୍ଡ ଉପରେ। କାଟିକୁଟି ଚଳିବାରେ ମଧ୍ୟବିତ୍ତ ପରିବାର ବେଶ୍ ଅଭ୍ୟସ୍ତ। ଏବେ ନା ସାହା ହେବାକୁ କେହି ଅଛି ନା ଆଶ୍ୱାସନା ଦେବାକୁ କେହି ଅଛି। ସରକାରୀ ସହାୟତା ଓ ଅନୁଦାନ ତ ମଧ୍ୟବିତ୍ତ ପରିବାର ଭାଗ୍ୟରେ ହିଁ ଲେଖାନାହିଁ। ଯେତେ କମ୍ ଦରମା ପାଉଥିଲେ ବି ଏମାନେ ଚାକିରିଆ ଭାବେ ଗଣା। ଅନେକଙ୍କ ପାଖରେ ରାଶନ୍ କାର୍ଡ ବି ନାହିଁ।

ଆଜିର ଏ ମହଙ୍ଗା ଯୁଗରେ ପରିବାର ଚଳେଇବାକୁ ସର୍ବନିମ୍ନ ଅର୍ଥ ନିତାନ୍ତ ଜରୁରୀ। ରୋଜଗାର ବୃଦ୍ଧି କରିବା ବି ଏ ପରିସ୍ଥିତିରେ ସମ୍ଭବ ହେଉନି। ଫାଇନାନ୍ସ କମ୍ପାନୀରୁ ଗାଡି ଲୋନ ନେଇଥିବା ବ୍ୟକ୍ତି ଋଣ ଶୁଝିବା ଚିନ୍ତାରେ ଆହୁରି ଦହଗଞ୍ଜ ହେଉଛି। ଯାହା ଲାଗୁଛି ପିଲାଙ୍କ ଭବିଷ୍ୟତ ପାଇଁ ସଞ୍ଚିଥିବା ଅଳ୍ପବହୁତ ଟଙ୍କା ଏବେ ଘରର ଭରଣପୋଷଣରେ ସରିଯିବ। ବିଚରା ମଧ୍ୟବିତ୍ତର ବେଳକାଳ ଭଲନାହିଁ। ନିଜ ଭାଗ୍ୟକୁ ଦୋଷ ଦେବା ଛଡା ଅନ୍ୟବାଟ ନାହିଁ। ଅନେକ ଦିନରୁ ଘରେ ସାଇତି ଥିବା ନୂଆନୂଆ ନୋଟ ସବୁ ଲକ୍‌ଡାଉନ୍ ବେଳେ ସଉଦା କିଣାରେ ସରିଥିଲା। ପିଲାଏ ନିଜ ମାଟି ଘଡିରେ ଯାହା ବି ସଞ୍ଚିଥିଲେ ତା' ବି ଖର୍ଚ୍ଚ ହେଲା। ସେଭିଂ ଆକାଉଣ୍ଟରେ ଯାହା ଯେତିକି ଟଙ୍କା ଥିଲା ଉଠେଇବା ପରେ ଘରଖର୍ଚ୍ଚ ଆରମ୍ଭ ହୋଇଛି। ମଧ୍ୟବିତ୍ତ ସର୍ବଦା ସ୍ୱାଭିମାନର ଜୀବନ ବଞ୍ଚିବାକୁ ପସନ୍ଦ କରେ। ଅଭାବରେ ଥିଲେ ବି ଦୁନିଆ ଆଗରେ କେବେ ମୁହଁ ଖୋଲେ ନାହିଁ। କାହାରିକି କେବେ ହାତ ପତାଏ ନାହିଁ କି ସରକାରୀ ସୁବିଧାକୁ ଚାହିଁ ବସେ ନାହିଁ। ସ୍ୱାର୍ଥସର୍ବସ୍ୱ ଦୁନିଆରେ ଯେଉଁ ମାଲିକ ଲକ୍ଷଲକ୍ଷ କୋଟି ଟଙ୍କା ତା'ରି ବଳରେ ଲାଭବାନ୍ ହେଉଥିଲେ ଆଜି ସେମାନେ ମୁହଁ ଫେରାଇ ନେଉଛନ୍ତି। କରୋନା ଅପସରି ଯାଉ, ପରିସ୍ଥିତି ସ୍ୱାଭାବିକ ହେଉ, ମଧ୍ୟବିତ୍ତ ନିଜ ପ୍ରାପ୍ୟଟା ପାଇଯାଉ- ଏବେ କେବଳ ଏତିକି ଆଶା।

କଟକ, ମୋ-୯୯୩୭୯୬୩୯୧୦

## ଏଇ ଭାରତରେ

ଛତିଶଗଡ଼ର ଆଦିବାସୀ ଅଧ୍ୟୁଷିତ ମାଓବାଦୀପ୍ରବଣ ବସ୍ତର ଜିଲାରେ ପିଲାମାନଙ୍କୁ ସ୍ମାର୍ଟ କ୍ଲାସ୍ ମାଧ୍ୟମରେ ପୁଣି ସ୍କୁଲକୁ ଫେରାଇ ଅଣାଯାଇପାରୁଛି। ଏହି କ୍ଲାସ୍‌ର ସଷ୍ଟ୍ରା ହେଉଛନ୍ତି ବସ୍ତରର ଲୋହାଣ୍ଡିଗୁଡି ମଣ୍ଡଳ ଶିକ୍ଷାଧିକାରୀ ଚନ୍ଦ୍ରଶେଖର ଯାଦବ। ଯାଦବଙ୍କ ସ୍ମାର୍ଟ କ୍ଲାସ୍‌ର ଶିକ୍ଷକ କିଏ ଜାଣିଛନ୍ତି? ଡିଜିଟାଲ୍ ଭଏସ୍ ଆସିଷ୍ଟାଣ୍ଟ ଡିଭାଇସ୍ ଆଲେକ୍ସା, ଏକ ଯନ୍ତ୍ରଚାଳିତ ଶିକ୍ଷକ। ସ୍ମାର୍ଟ କ୍ଲାସ୍‌ରେ ଆଲେକ୍ସା ଶିକ୍ଷକ ଭୂମିକା ନିଭାଉଛି ଓ ତାକୁ ଯେ କୌଣସି ପ୍ରଶ୍ନ ପଚାରିଲେ ସଙ୍ଗେ ସଙ୍ଗେ ଉତ୍ତର ଦେଇପାରୁଛି। ପିଲାମାନେ ଏହା ସହ ପଢ଼ିବାକୁ ଭାରି ଭଲ ପାଉଛନ୍ତି। ସେମାନେ ଶିକ୍ଷକଙ୍କୁ ପ୍ରଶ୍ନ ପଚାରିବାକୁ କୁଣ୍ଠାବୋଧ କରୁଥିବାବେଳେ ଆଲେକ୍ସା ସହ ସାଙ୍ଗ ପରି ମିଶି ପ୍ରଶ୍ନ ପଚାରୁଛନ୍ତି। ଶିକ୍ଷକ ଓ ପିଲାମାନେ ଯେଭଳି ଶ୍ରେଣୀଗୃହରେ ମଜା ଉଠାନ୍ତି ଠିକ୍ ସେମିତି ପରିବେଶ ସୃଷ୍ଟି ହେଉଛି। ଏହାଦ୍ୱାରା ଏବେ ବସ୍ତରରେ ସ୍କୁଲଗଡ଼ିକରେ ପିଲାମାନଙ୍କ ସଂଖ୍ୟା ବଢ଼ିବାରେ ଲାଗିଛି। ଲୋହାଣ୍ଡିଗୁଡିରେ ଏକ ପ୍ରଦର୍ଶନୀରେ ଡିଜିଟାଲ ଆଲେକ୍ସାକୁ ଚନ୍ଦ୍ରଶେଖର ପ୍ରଦର୍ଶିତ କରିଥିଲେ। ସେଠାରେ ଲୋକମାନେ ଆଲେକ୍ସାକୁ ପ୍ରଶ୍ନ ପଚାରିଥିଲେ ଓ ଠିକ୍ ଉତ୍ତର ପାଇବା ପରେ ସ୍କୁଲ୍‌ରେ ଏହାକୁ ବ୍ୟବହାର କରିବା ପାଇଁ ସେମାନେ ଚନ୍ଦ୍ରଶେଖରଙ୍କୁ ପରାମର୍ଶ ଦେଇଥିଲେ। ଚନ୍ଦ୍ରଶେଖର ଆଲେକ୍ସା ସମ୍ପର୍କରେ ବସ୍ତର ଜିଲାପାଳ ଆୟାଜ ତାମ୍ବୋଲିଙ୍କୁ ଜଣାଇବା ପରେ ସ୍କୁଲ୍‌ଗୁଡିକରେ ସ୍ମାର୍ଟ କ୍ଲାସ ପାଇଁ ସେ ଅନୁମତି ଦେଇଥିଲେ ଓ ଏହା କାର୍ଯ୍ୟକାରୀ ହେଉଛି। ଏବେ ବସ୍ତରରେ ୪୦ଟି ସ୍କୁଲରେ ସ୍ମାର୍ଟ କ୍ଲାସ୍ ପ୍ରୋଜେକ୍ଟ କାର୍ଯ୍ୟକାରୀ କରାଯାଇଛି ଯେଉଁଠି ଆଲେକ୍ସା ପାଲଟିଛି ମୁଖ୍ୟ ଆକର୍ଷଣ। ଏହାକୁ ଜିଲାର ୪୦୦ସ୍କୁଲକୁ ସମ୍ପ୍ରସାରଣ କରିବା ପାଇଁ ଲକ୍ଷ୍ୟ ରଖାଯାଇଛି। ନେଟ୍‌ୱର୍କ ଓ ପ୍ରଶିକ୍ଷିତ ଶିକ୍ଷକଦ୍ୱାରା ଶିକ୍ଷାର ନୂଆଧାରା ଆଗକୁ ବଢ଼ିପାରିବ ବୋଲି କହିଛନ୍ତି ଚନ୍ଦ୍ରଶେଖର।

## ୨୫ ବର୍ଷ ତଳର ଧରିତ୍ରୀ

୨୦ ଜୁନ୍ ୧୯୯୫

- ଦକ୍ଷିଣ ପଶ୍ଚିମ ଆଙ୍ଗୋଲାରେ ଏକ ବିମାନ ଦୁର୍ଘଟଣାଗ୍ରସ୍ତ ହେବା ଫଳରେ ୩୬ ଜଣ ବ୍ୟକ୍ତି ପ୍ରାଣ ହରାଇଛନ୍ତି।
- ଗ୍ରୀସ୍‌ର ଉପକୂଳବର୍ତ୍ତୀ ସହର ଇଜିଅନଠାରେ ଭୂମିକମ୍ପ ହେବା ଫଳରେ ୨୩ ଜଣ ବ୍ୟକ୍ତିଙ୍କ ପ୍ରାଣହାନି।
- ଟେଲି ଯୋଗାଯୋଗ ବ୍ୟବସ୍ଥାର କେତେକ କ୍ଷେତ୍ରକୁ ଘରୋଇକରଣ କରିଦିଆଯାଉଥିବା ପ୍ରତିବାଦରେ ଟେଲିକମ୍ କର୍ମଚାରୀଙ୍କ ଦେଶବ୍ୟାପୀ ଧର୍ମଘଟ।

## ଚିରନ୍ତନୀ

ଭୁବନ ତିନ୍ତିଲାଣି ପ୍ରଭାତ ଛନ୍ଦେ
ହରଷ ଉପୁଜାଏ ପବନ ମନ୍ଦେ
ଉଠ ଗୋ ଉଠ ପ୍ରିୟ! ପୁଲକେ ମାଜି ହିଆ
ବଦନ ପଖାଳ ଗୋ ପରାଗ ଗନ୍ଧେ
ଭୁବନ ତିନ୍ତିଲାଣି ପ୍ରଭାତ ଛନ୍ଦେ। (ପ୍ରଭାତ ପ୍ରାସ)

-କାଳିନ୍ଦୀ ଚରଣ ପାଣିଗ୍ରାହୀ

## ସୁ-ଡୋ-କୁ

su|do|ku
Puzzles by Srikant Ghosh

| | | | | | | | | | | | | | | |
|---|---|---|---|---|---|---|---|---|---|---|---|---|---|---|
| | | | | | 3 | | 0 | C | | | | | | |
| | | | | | 8 | 1 | | | E | | D | 9 | | |
| | 6 | | 5 | | | | D | | | | 3 | 8 | | |
| | | 9 | | | 6 | A | | | 7 | 4 | 8 | 3 | | |
| | | | 9 | | | 4 | | 7 | | | 1 | | 0 | |
| | | | D | | | C | | 6 | | 8 | | 7 | 1 | |
| | A | 8 | 1 | | 5 | | 4 | | | | | E | | |
| | D | | | E | | 5 | B | | 4 | | | C | | |
| | 1 | B | | | | | | | | E | 2 | | | D |
| 3 | | | 2 | B | 0 | | | | D | | 7 | | | |
| | 4 | | | 9 | 1 | E | | B | 8 | | 6 | | | 2 |
| | B | C | | | 4 | | | 2 | | 0 | | | | |
| 9 | 2 | | | | | | | | | A | | | | |
| | | E | | 0 | | | 8 | | 3 | | | | 4 | |
| A | | | B | 8 | 2 | | 5 | 1 | | D | | | | |

ଏହାର ଉତ୍ତର ଆସନ୍ତାକାଲି ପ୍ରକାଶ ପାଇବ

ଉପରେ ପ୍ରଦତ୍ତ ସୁଡୋକୁର ଏପରି ସମାଧାନ କରିବାକୁ ହେବ, ଯେପରି ପ୍ରତ୍ୟେକ ଧାଡି, ସ୍ତମ୍ଭ ଓ ଆୟତାକାର ବାକ୍ସ ଭିତରେ ୦ରୁ ୯ ପର୍ଯ୍ୟନ୍ତ ଅଙ୍କ ଓ Aରୁ E ପର୍ଯ୍ୟନ୍ତ ଇଂଲିଶ ଲିପି ରହିବ।

| | | | | | | | | | | | | | | |
|---|---|---|---|---|---|---|---|---|---|---|---|---|---|---|
| E | A | D | 7 | 9 | 0 | 3 | 8 | 1 | B | 5 | 2 | 4 | C | 6 |
| 5 | 1 | B | E | D | A | 0 | 9 | 7 | 4 | 6 | C | 3 | 8 | 2 |
| 3 | 6 | 4 | B | 1 | 8 | C | A | 2 | E | D | 7 | 9 | 0 | 5 |
| 9 | C | 0 | 4 | 2 | 5 | 6 | B | D | 3 | 8 | A | 7 | E | 1 |
| 7 | 2 | 8 | 3 | 6 | C | E | 5 | 4 | 9 | 0 | 1 | B | A | D |
| 6 | 5 | 1 | 8 | A | 2 | B | E | 0 | C | 9 | 3 | D | 7 | 4 |
| C | 3 | 7 | 9 | 0 | B | 1 | D | 6 | 5 | E | 4 | 8 | 2 | A |
| 8 | B | E | 6 | 4 | 1 | 5 | 7 | A | D | 2 | 0 | C | 3 | 9 |
| 0 | D | 2 | C | 7 | 3 | 9 | 4 | 8 | A | 1 | B | 6 | 5 | E |
| A | 4 | 9 | 5 | E | D | 2 | 3 | C | 6 | 7 | 8 | 0 | 1 | B |
| B | 7 | C | D | 3 | 9 | A | 2 | 5 | 0 | 4 | E | 1 | 6 | 8 |
| 4 | 8 | 3 | 0 | 5 | 6 | 7 | 1 | B | 2 | A | 9 | E | D | C |
| 1 | 0 | 5 | 2 | 8 | E | D | C | 9 | 7 | B | 6 | A | 4 | 3 |
| 2 | 9 | A | 1 | C | 7 | 4 | 6 | E | 8 | 3 | D | 5 | B | 0 |
| D | E | 6 | A | B | 4 | 8 | 0 | 3 | 1 | C | 5 | 2 | 9 | 7 |

ଗତକାଲିର ଉତ୍ତର

## ପାଠକ ଶ୍ରେଷ୍ଠ ବିଚାରକ

### ଧନ୍ୟବାଦ ଧରିତ୍ରୀ

ମହାଶୟ,

ପୁରୀ ଜିଲା ପୂର୍ବ ସତ୍ୟବାଦୀର ଭାର୍ଗବୀ ନଦୀବନ୍ଧ ବାମପାର୍ଶ୍ୱ ଚନ୍ଦନପୁର ବ୍ରାଞ୍ଚ କେନାଲ ରାସ୍ତା ବଙ୍ଗଳାଠାରୁ ଗବକୁଣ୍ଡ ପର୍ଯ୍ୟନ୍ତ ପିଚୁ କରାଯାଇଥିଲା। ଏହି ରାସ୍ତାର ଚିଲପାଟଣାଠାରୁ ଗୁଆଳିଗୋରଡ଼ା-ଖଡ଼ିକୁଦା ଛକ ପର୍ଯ୍ୟନ୍ତ ରାସ୍ତା ଖଣ୍ଡିଆଖାବରା ହୋଇ ମରଣଯନ୍ତା ହେବାରୁ ଧରିତ୍ରୀରେ ଖବର ପ୍ରକାଶ ପାଇଥିଲା। ଏବେ ଏହି ରାସ୍ତା ସମ୍ପ୍ରସାରିତ ହେବା ସହିତ ପିଚୁ କାର୍ଯ୍ୟ ଆରମ୍ଭ ହୋଇଥିବାରୁ ସମସ୍ତେ ଆନନ୍ଦିତ। ବର୍ଷାଦିନ ପୂର୍ବରୁ ଏହା ତିଆରି ନ ହେଲେ ଜନସାଧାରଣ ପଙ୍କକାଦୁଅରେ ଯାତାୟାତ କରିବା କଷ୍ଟକର ହୋଇପଡ଼ିବ। ସୋମବାରରେ 'ଆମ ସମସ୍ୟା' ସ୍ତମ୍ଭ ଧରିତ୍ରୀ ପ୍ରକାଶ କରି ଜନସାଧାରଣଙ୍କ ଉପକାର କରୁଥିବାରୁ ଧନ୍ୟବାଦ।

ଶ୍ରୀରାମଚନ୍ଦ୍ର ଦାଶ, ଗୁଆଳିଗୋରଡ଼ା, ଗବକୁଣ୍ଡ, ପୁରୀ

### ଲଣ୍ଠନ ୩୦୦ ଓ କାଚ ୫୦ ଟଙ୍କା

ଲଣ୍ଠନ ଏବେ ବି ତା'ର ଆଦର ବଜାୟ ରଖିଛି। ଗାଁର ଲୋକମାନେ ରାତିରେ ଲାଇନ୍ ନ ଥିଲେ ଲଣ୍ଠନ ବ୍ୟବହାର କରିବାକୁ ବାଧ୍ୟ ହୋଇଥାନ୍ତି। ଶଗଡ଼ିଆ ରାତିରେ ଶଗଡ଼ ମଧ୍ୟଭାଗରେ ଲଣ୍ଠନଟିଏ ଝୁଲାଇଥାଏ। ଅତୀତରେ ମୁଁ ଲଣ୍ଠନ ଗୋଟାକୁ ୧୦୦ ଟଙ୍କା ଏବଂ କାଚ ଗୋଟାକୁ ୧୦ ଟଙ୍କା ଦେଇ କିଣିଛି। ବର୍ତ୍ତମାନ ସେହି ଲଣ୍ଠନ ଗୋଟାକୁ ୩୦୦ ଏବଂ କାଚ ଗୋଟାକୁ ୫୦ ଟଙ୍କା ହେଲାଣି। ସମୟ ପ୍ରଭାବରେ ସବୁ ବଦଳେ। ଏପରି ସ୍ଥଳେ ଲଣ୍ଠନ ଗୋଟାକୁ ୩୦୦ ଟଙ୍କା ନ ହେବ କାହିଁକି?

ରଞ୍ଜନ ମିଶ୍ର, ଶ୍ରୀରାମଚନ୍ଦ୍ରପୁର, ସତ୍ୟବାଦୀ, ପୁରୀ

ପାଠକ ଶ୍ରେଷ୍ଠ ବିଚାରକ ସ୍ତମ୍ଭକୁ ପତ୍ର ପଠାଇବାର ଠିକଣା: ସମ୍ପାଦକ, ଧରିତ୍ରୀ, ବି-୧୫, ରସୁଲଗଡ ଶିଳ୍ପାଞ୍ଚଳ, ଭୁବନେଶ୍ୱର-୭୫୧୦୧୦
କେବଳ ସମ୍ପାଦକଙ୍କୁ ପତ୍ର, ଖବର ପାଇଁ ବ୍ୟବହାର କରନ୍ତୁ : E-mail:dharitripress@gmail.com (Use only for letters to Editor, news & news photos) କେବଳ ବିଜ୍ଞାପନ ପାଇଁ ବ୍ୟବହାର କରନ୍ତୁ: E-mail:advt@dharitri.com :miku11@yahoo.com (Use only for advertisements,commercial queries)

## କୋଭିଡ ଡ୍ୟୁଟିରେ ଯାଇଥିବା ୪୦ ବସ୍ ଡ୍ରାଇଭରଙ୍କୁ ଜରିମାନା

ଜୟପୁର ,୧୯।୬ (ଡି.ଏନ.ଏ ): ରାଜ୍ୟ ସଡକ ପରିବହନ ନିଗମର କୋରାପୁଟ ଜିଲା ଜୟପୁର ଡିପୋ ପକ୍ଷରୁ ୨୦ଟି ବସ୍ ବ୍ରହ୍ମପୁରକୁ କୋଭିଡ-୧୯ ଡ୍ୟୁଟିରେ ରାଜ୍ୟ ଏବଂ ବାହାର ରାଜ୍ୟର ଶ୍ରମିକଙ୍କୁ ପରିବହନ ପାଇଁ ଯାଇଥିଲା। ଏଥିରେ ୪୦ ଜଣ ଡ୍ରାଇଭର ନିୟୋଜିତ ଥିଲେ। ମାତ୍ର ନିର୍ଦ୍ଧାରିତ କିଲୋମିଟରଠାରୁ ଅଧିକ ଡିଜେଲ ବସ୍‌ରେ ବ୍ୟବହାର କରାଯାଇଥିବାରୁ ସମସ୍ତଙ୍କୁ ଜରିମାନା କରାଯାଇଛି। ୩୮ ଜଣ ଡ୍ରାଇଭରଙ୍କୁ ୧ଲକ୍ଷ ୪୯ ହଜାର ୯୧୫ଟଙ୍କା ୨୦ ପଇସା ଜରିମାନା ଭାବେ ତୁରନ୍ତ ପୈଠ କରିବାକୁ କୁହାଯାଇଛି। ନଚେତ ସେମାନଙ୍କ ଆଗାମୀ ଦରମାରୁ ଏହା ଆଦାୟ କରାଯିବ ବୋଲି ଭୁବନେଶ୍ୱର ଉଚ୍ଚ କର୍ତ୍ତୃପକ୍ଷଙ୍କ ପକ୍ଷରୁ ନିର୍ଦ୍ଦେଶ ଆସିଛି।

**ସଂକ୍ଷେପରେ**

## ରାଜେନ୍ଦ୍ର ବିଶ୍ୱବିଦ୍ୟାଳୟ, କଳାହାଣ୍ଡି ବିଶ୍ୱବିଦ୍ୟାଳୟର କୁଳପତି ନିଯୁକ୍ତ

ଭୁବନେଶ୍ୱର, ୧୯।୬(ବ୍ୟୁରୋ): ବଲାଙ୍ଗୀରସ୍ଥିତ ରାଜେନ୍ଦ୍ର ବିଶ୍ୱବିଦ୍ୟାଳୟ ଓ ଭବାନୀପାଟଣାସ୍ଥିତ କଳାହାଣ୍ଡି ବିଶ୍ୱବିଦ୍ୟାଳୟ ପାଇଁ କୁଳପତି ନିଯୁକ୍ତ କରିଛନ୍ତି ରାଜ୍ୟପାଳ। ଏନେଇ ଶୁକ୍ରବାର ରାଜଭବନ ପକ୍ଷରୁ ବିଜ୍ଞପ୍ତି ପ୍ରକାଶ ପାଇଛି। ରାଜେନ୍ଦ୍ର ବିଶ୍ୱବିଦ୍ୟାଳୟ ପ୍ରଥମ କୁଳପତି ଭାବେ ସମ୍ବଲପୁର ବିଶ୍ୱବିଦ୍ୟାଳୟ କୁଳପତି ପ୍ରଫେସର ଦୀପକ କୁମାର ବେହେରାଙ୍କୁ ନିଯୁକ୍ତ କରାଯାଇଛି। ୨୦୨୧ ଜାନୁଆରୀ ୧୭ କିମ୍ବା ରେଗୁଲାର କୁଳପତି ଯୋଗ ନ ଦେବା ପର୍ଯ୍ୟନ୍ତ ପ୍ରଫେସର ବେହେରା ଏହି ଦାୟିତ୍ୱ ତୁଲାଇବେ। ସେହିପରି ବ୍ରହ୍ମପୁର ବିଶ୍ୱବିଦ୍ୟାଳୟର କୁଳପତି ପ୍ରଫେସର ଗୋବିନ୍ଦ ଜେ. ଚକ୍ରପାଣିଙ୍କୁ କଳାହାଣ୍ଡି ବିଶ୍ୱବିଦ୍ୟାଳୟର ପ୍ରଥମ କୁଳପତି ଭାବେ ନିଯୁକ୍ତି ଦିଆଯାଇଛି। ସେ ଆସନ୍ତା ଏକ ବର୍ଷ କିମ୍ବା ରେଗୁଲାର କୁଳପତି ଯୋଗ ନ ଦେବା ପର୍ଯ୍ୟନ୍ତ ଏହି ଭାର ସମ୍ଭାଳିବେ।

## ୬ ଜିଲାରେ ବର୍ଷା ସମ୍ଭାବନା

ଭୁବନେଶ୍ୱର,୧୯।୬(ବ୍ୟୁରୋ): ଝାଡ଼ଖଣ୍ଡ, ପଶ୍ଚିମବଙ୍ଗ ଉପରେ ଏକ ଟ୍ରଫ ଲାଇନ ରହିଛି। ଏହାର ପ୍ରଭାବରେ ଆସନ୍ତା ୨୪ ଘଣ୍ଟାରେ ଦେବଗଡ଼, ସୁନ୍ଦରଗଡ଼, ଝାରସୁଗୁଡ଼ା, ସମ୍ବଲପୁର, କେନ୍ଦୁଝର ଏବଂ ମୟୂରଭଞ୍ଜ ଜିଲାର ଗୋଟିଏ ଦୁଇଟି ସ୍ଥାନରେ ପ୍ରବଳ ବର୍ଷା ହେବାର ସମ୍ଭାବନା ରହିଛି। ସେହିପରି ଗଞ୍ଜାମ, ନୟାଗଡ଼, ଖୋର୍ଦ୍ଧା, କନ୍ଧମାଳ, ମୟୂରଭଞ୍ଜ, କେନ୍ଦୁଝର ଏବଂ ଢେଙ୍କାନାଳ ଜିଲାର କେତେକ ସ୍ଥାନରେ ଝଡ଼ବର୍ଷା ହୋଇପାରେ।

# ଜଳ ଜୀବନ ମିଶନରେ ଲକ୍ଷ୍ୟ ପୂରଣ କରୁନି ଓଡ଼ିଶା

ଭୁବନେଶ୍ୱର,୧୯।୬(ବ୍ୟୁରୋ)

- ମୁଖ୍ୟମନ୍ତ୍ରୀଙ୍କୁ ଚିଠି ଲେଖିଲେ କେନ୍ଦ୍ରମନ୍ତ୍ରୀ
- ଲକ୍ଷ୍ୟ ୧୫ ଲକ୍ଷ, ପାଇଛନ୍ତି ୪ ଲକ୍ଷ
- ୨୦୨୪ ସୁଦ୍ଧା ସବୁ ଘରକୁ ପାଇପ୍ ଜଳ ଯୋଗାଇବା ଲକ୍ଷ୍ୟ
- ଜେଜେଏମ୍ ଅନୁଦାନ ରାଶି ୮୧୫ କୋଟିକୁ ବଢ଼ିଲା

ରାଜ୍ୟରେ ଜଳ ଜୀବନ ମିଶନ (ଜେଜେଏମ୍)ରେ ଆଶାନୁରୂପ ପ୍ରଗତି ହୋଇନାହିଁ। ୨୦୧୯-୨୦ରେ ମାତ୍ର ୨୭.୯୭% ଲକ୍ଷ୍ୟ ହାସଲ ହୋଇଛି। କେନ୍ଦ୍ର ଜଳଶକ୍ତି ମନ୍ତ୍ରୀ ଗଜେନ୍ଦ୍ର ସିଂ ଶେଖାୱତ୍ ଚିନ୍ତାପ୍ରକଟ କରିବା ସହିତ ଏ ନେଇ ଶୁକ୍ରବାର ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କୁ ଚିଠି ଲେଖିଛନ୍ତି। କେନ୍ଦ୍ରମନ୍ତ୍ରୀଙ୍କ ସୂଚନା ଅନୁଯାୟୀ ୨୦୧୯-୨୦ରେ ରାଜ୍ୟର ୧୫.୬୧ ଲକ୍ଷ ଘରକୁ ଟ୍ୟାପ୍ ଯୋଗେ ପିଇବା ପାଣି ଯୋଗାଇ ଦେବାକୁ ଲକ୍ଷ୍ୟ ରଖାଯାଇଥିବାବେଳେ ମାତ୍ର ୪.୩୭ ଲକ୍ଷ(୨୭.୯୭%)ଘରକୁ ଜଳ ଜୀବନ ମିଶନରେ ପାନୀୟ ଜଳ ଯୋଗାଇ ଦିଆଯାଇଛି। ଏହି ମିଶନ ଜରିଆରେ ୨୦୨୪ ସୁଦ୍ଧା ଗ୍ରାମାଞ୍ଚଳର ସମସ୍ତ ଘରକୁ ଟ୍ୟାପ ଯୋଗେ ପାନୀୟ ଜଳ ଯୋଗାଇ ଦେବାକୁ କେନ୍ଦ୍ର ସରକାରଙ୍କ ପକ୍ଷରୁ ଲକ୍ଷ୍ୟ ରଖାଯାଇଛି। କେନ୍ଦ୍ର ସରକାର ଏହି ମିଶନରେ ଯୋଗାଇ ଦେଉଥିବା ପାଣ୍ଠିରୁ ବହୁତ କମ୍ ଉପଯୋଗ କରାଯାଇଛି। ଓଡ଼ିଶାକୁ ଏଥିପାଇଁ ୨୦୧୯-୨୦ରେ ୩୬୪.୭୪ କୋଟି ଟଙ୍କା ଯୋଗାଇ ଦିଆଯାଇଥିବା ବେଳେ ରାଜ୍ୟ ସରକାର ମାତ୍ର ୨୭୫.୦୨ କୋଟି ଟଙ୍କା ଖର୍ଚ୍ଚ କରିଥିବା କେନ୍ଦ୍ର ତାଙ୍କ ଚିଠିରେ ଦର୍ଶାଇଛନ୍ତି। ପାଣ୍ଠି ବିନିଯୋଗ କମ୍ ହୋଇଥିବାରୁ ଏହାର ଯୋଜନା ଓ କାର୍ଯ୍ୟକାରିତା ଉପରେ ସମୀକ୍ଷା କରି ପାଣ୍ଠି ବିନିଯୋଗକୁ ତ୍ୱରାନ୍ୱିତ କରିବାକୁ କେନ୍ଦ୍ରମନ୍ତ୍ରୀ ମୁଖ୍ୟମନ୍ତ୍ରୀଙ୍କୁ ଅନୁରୋଧ କରିଛନ୍ତି।

କେନ୍ଦ୍ରମନ୍ତ୍ରୀ ଶେଖାୱତ୍ କହିଛନ୍ତି ଯେ, ଜଳ ମିଶନରେ ୨୦୨୦-୨୧ ଆର୍ଥିକ ବର୍ଷ ପାଇଁ ଓଡ଼ିଶା ଅନୁଦାନକୁ ୩୬୪.୭୪ କୋଟିରୁ ୮୧୨.୧୫ କୋଟି ଟଙ୍କାକୁ ବୃଦ୍ଧି କରାଯାଇଛି। ଗତବର୍ଷ ଖର୍ଚ୍ଚ ହୋଇ ପାରି ନ ଥିବା ୯୦ କୋଟି ଟଙ୍କାକୁ ମିଶାଇ ଚଳିତ ଆର୍ଥିକ ବର୍ଷରେ ମୋଟ ୮୧୨ କୋଟି ଟଙ୍କା ଅନୁମୋଦନ କରାଯାଇଛି। ରାଜ୍ୟ ସରକାରଙ୍କ ଅଂଶଧନକୁ ମିଶାଇ ମୋଟ ୧୮୦୫ କୋଟି ଟଙ୍କା ଜଳଜୀବନ ମିଶନରେ ଖର୍ଚ୍ଚ ହେବ ବୋଲି ଶେଖାୱତ୍ କହିଛନ୍ତି। ରାଜ୍ୟର ୨୧,୫୧୬ ଗ୍ରାମକୁ ପାନୀୟ ଜଳ ଯୋଗାଇବାକୁ ଏକ ଦୃଢ଼ ଯୋଜନା କରିବାକୁ କେନ୍ଦ୍ରମନ୍ତ୍ରୀ ମୁଖ୍ୟମନ୍ତ୍ରୀଙ୍କୁ ଅନୁରୋଧ କରିଛନ୍ତି। ଏହାଦ୍ୱାରା ଗ୍ରାମାଞ୍ଚଳର ଗରିବ ଓ ମଧ୍ୟବିତ୍ତ ପରିବାର ଲୋକେ ଟ୍ୟାପ ଯୋଗେ ପାନୀୟ ଜଳ ପାଇପାରିବେ। ୨୦୨୦-୨୧ ଆର୍ଥିକ ବର୍ଷରେ ପଞ୍ଚଦଶ ଅର୍ଥ କମିଶନ ଗ୍ରାଣ୍ଟରୁ ପଞ୍ଚାୟତିରାଜ ଅନୁଷ୍ଠାନଗୁଡ଼ିକ ପାଇଁ ଓଡ଼ିଶାକୁ ୨,୨୫୮ କୋଟି ଟଙ୍କା ପ୍ରଦାନ କରାଯାଇଛି। ଏହି ଅର୍ଥରୁ ପାନୀୟ ଜଳ ଯୋଗାଣ ଓ ପରିମଳ ପାଇଁ ୫୦ ପ୍ରତିଶତ ଅର୍ଥ ଖର୍ଚ୍ଚ କରାଯିବାକୁ ବ୍ୟବସ୍ଥା ରହିଛି। ଏହାଛଡ଼ା ଗ୍ରାମାଞ୍ଚଳରେ ବର୍ଷା ଜଳ ସଂରକ୍ଷଣ, ପାନୀୟ ଜଳ ଯୋଗାଣ ଓ ବର୍ଜ୍ୟଜଳ ବିଶୋଧନ ଆଦି କାର୍ଯ୍ୟ ପାଇଁ ଉକ୍ତ ଅର୍ଥ ଖର୍ଚ୍ଚ କରାଯାଇ ପାରିବ ବୋଲି ମନ୍ତ୍ରୀ କହିଛନ୍ତି।

# ଡକାୟତି ପାଇଁ କ୍ଷୀର ବ୍ୟବସାୟୀଙ୍କୁ ହୋଇଥିଲା ହତ୍ୟା

ବ୍ରହ୍ମପୁର ଅଫିସ,୧୯।୬



## ଗାଡ଼ି ଡ୍ରାଇଭର ସମେତ ୩ ଗିରଫ
## ସୁନାଗହଣା, ଟଙ୍କା ଜବତ

ଗଞ୍ଜାମ ଜିଲା ଗୋସାଣିନୂଆଗାଁ ଥାନା ହିଲପଟଣା ଅଞ୍ଚଳର କ୍ଷୀର ବ୍ୟବସାୟୀ ଲମ୍ବୋଦର ମୁନିଙ୍କୁ ହତ୍ୟା ଓ ସୁନାଗହଣା, ଟଙ୍କା ଲୁଟ ଘଟଣାର ପର୍ଦ୍ଦାଫାଶ ହୋଇଛି। ଗତ ୧୩ ତାରିଖ ରାତିରେ ଡକାୟତି ଉଦ୍ଦେଶ୍ୟରେ ଲମ୍ବୋଦରଙ୍କୁ ହତ୍ୟା କରାଯାଇଥିଲା। ଏହାର ମୁଖ୍ୟ ଅଭିଯୁକ୍ତ ତଥା କ୍ଷୀର ଗାଡି ଡ୍ରାଇଭର ଗୋଷାଣୀନୂଆଗାଁ ଥାନା ଅନ୍ତର୍ଗତ ନେହେରୁ ନଗରର ରୂପେଶ ପାଢ଼ୀ ଓରଫ ଲାଲା, ଶିବ ମହାକୁଡ ଓ ଦିଗପହଣ୍ଡି ଥାନା ଭୀଷ୍ମଗିରିର ରଞ୍ଜିତ ସାହୁ ଓରଫ ନାକାଙ୍କୁ ଗିରଫ କରାଯାଇଛି। ଅନ୍ୟ ୨ ଅଭିଯୁକ୍ତ ଫେରାର୍ ଅଛନ୍ତି। ଗିରଫ ଅଭିଯୁକ୍ତମାନଙ୍କଠାରୁ ୪ ଲକ୍ଷ ଟଙ୍କା ଓ ୮୯ ଗ୍ରାମର ସୁନା ଅଳଙ୍କାର, ୫ ମୋବାଇଲ ଫୋନ୍ ଓ ସିସିଟିଭି ଡିଭିଆର ଜବତ କରାଯାଇଥିବା ଶୁକ୍ରବାର ଖବରଦାତା ସମ୍ମିଳନୀରେ ବ୍ରହ୍ମପୁର ଏସ୍‌ପି ପିନାକ ମିଶ୍ର ସୂଚନା ଦେଇଛନ୍ତି।

ହେରିଟେଜ୍ କ୍ଷୀର କମ୍ପାନୀର ଡିଲର ଲମ୍ବୋଦରଙ୍କ ବାସଭବନରୁ ଡକାୟତି ପାଇଁ ଡ୍ରାଇଭର ରୂପେଶ ବ୍ଲୁ ପ୍ରିଣ୍ଟ ପ୍ରସ୍ତୁତ କରିଥିଲେ। ଲମ୍ବୋଦର ରହୁଥିବା ଆପାର୍ଟମେଣ୍ଟ ନିକଟରେ ଲକ୍ଷ୍ମୀ ଭଣ୍ଡାର ନାମକ ଏକ ଗୋଦାମ କରି ରାତିରେ ସେଠାରେ ଶୋଉଥିଲେ। ସହଯୋଗୀମାନଙ୍କ ସହ ମିଶି ରୂପେଶ ଗତ ୧୩ ତାରିଖ ରାତିରେ ସେଠାରୁ ଡକାୟତି କରିବାକୁ ଯାଇଥିଲେ। ସେମାନଙ୍କୁ ଲମ୍ବୋଦର ଚିହ୍ନଟ କରିଦେବାରୁ ସଂଘବଦ୍ଧ ଭାବେ ହତ୍ୟା କରି ଟଙ୍କା, ସୁନାଗହଣା ଲୁଟି ନେଇଥିଲେ। ଅଭିଯୁକ୍ତମାନଙ୍କୁ ଧରିବା ପାଇଁ ସ୍ୱତନ୍ତ୍ର ଟିମ ଗଠନ ହୋଇଥିଲା। ହିଲପଟଣାରେ ଥିବା ଲକ୍ଷ୍ମୀଭଣ୍ଡାର ରାସ୍ତା ସଂଲଗ୍ନ ସମସ୍ତ ଗଳିରେ ଲାଗିଥିବା ପ୍ରାୟ ୨୦ରୁ ୨ଟି ସିସିଟିଭି ଫୁଟେଜ ଯାଞ୍ଚ କରାଯାଇଥିଲା। ଲମ୍ବୋଦର ଫୋନ ଉଠାଉ ନ ଥିବା ଗୋଦାମ ମ୍ୟାନେଜରଙ୍କୁ ପ୍ରଥମେ ସୂଚନା ଦେଇଥିବା ଡ୍ରାଇଭର ରୂପେଶଙ୍କ ଗତିବିଧି ଉପରେ ନଜର ରଖାଯିବା ଓ ଫୋନ ଟ୍ରାକିଂରୁ ପୋଲିସକୁ ପ୍ରାଥମିକ ସଫଳତା ମିଳିଥିଲା। ତାଙ୍କୁ ଜେରା ପରେ ଶିବ ଓ ରଞ୍ଜିତଙ୍କୁ କାବୁ କରାଯାଇଥିଲା। ରୂପେଶଙ୍କ ଠାରୁ ୨ ଲକ୍ଷ ଟଙ୍କା ଓ ଏକ ସୁନା ଚେନ୍, ଶିବଙ୍କଠାରୁ ୧ ଲକ୍ଷ ଟଙ୍କା ଓ ଗୋଟିଏ ମୁଦି ଏବଂ ରଞ୍ଜିତଙ୍କ ଠାରୁ ୧ ଲକ୍ଷ ଟଙ୍କା ଓ ହଳେ କାନଫୁଲ ଜବତ କରାଯାଇଛି। ଅଭିଯୁକ୍ତମାନଙ୍କୁ ମାମଲା ନଂ.୮୭/୧୯ରେ କୋର୍ଟଚାଲାଣ କରାଯାଇ ଅଧିକ ତଦନ୍ତ ଜାରି ରହିଛି। ଫେରାର ଥିବା ଅନ୍ୟ ୨ ଅଭିଯୁକ୍ତଙ୍କୁ ଖୁବ୍‌ଶୀଘ୍ର ଗିରଫ କରାଯିବ ବୋଲି ଖବରଦାତା ସମ୍ମିଳନୀରେ ଉପସ୍ଥିତ ବ୍ରହ୍ମପୁର ଏସଡିପିଓ ବିଷ୍ଣୁପ୍ରସାଦ ପତି କହିଛନ୍ତି।

**ବ୍ଲକସ୍ତରୀୟ ନିଯୁକ୍ତି**
Required 7th to +3, ITI, Diploma, B.Tech Qualification ଥିବା candidate ଆବଶ୍ୟକ।
ଦରମା - 7000/- ରୁ 38000/-
7894509327

**REQUIRED**
Engineer (Civil, Electrical & Mechanical) Gents/Lady, experience Architect, Marketing Lady/Gents, Supervisor & Technician, Off Asst., Front Office Lady, Office Asst. Manager, Car Driver.
Contact: 0674-2973254, 9090732020, 9238482524, 9090964245

Wanted Life Insurance Agent / Advisor, Unlimited Income Source, *Flexible working hours *Qualification : 10th / +2/ Graduate, Area of Operation - Cuttack, Athagarh, Badamba, Tigiria, Narsingpur, and Trishulia.
Contact : 7008823334

## ଶ୍ରମିକ ଉପକରଣ କିଣାରେ ୩୦୦ କୋଟି ଆତ୍ମସାତ

### ଶ୍ରମମନ୍ତ୍ରୀଙ୍କ ଇସ୍ତଫା ଦାବି କଲା କଂଗ୍ରେସ

ଭୁବନେଶ୍ୱର,୧୯।୬(ବ୍ୟୁରୋ): ରାଜ୍ୟରେ କରୋନା କାୟା ବିସ୍ତାର କରିଚାଲିଥିବା ବେଳେ ସରକାର ଶ୍ରମିକଙ୍କୁ ଶୋଷଣ କରିଚାଲିଛନ୍ତି। ଶ୍ରମିକଙ୍କ ପାଇଁ ସରକାର ଯୋଗାଇ ଦେଉଥିବା ଉପକରଣ କିଣାରେ କୋଟି କୋଟି ଟଙ୍କାର ହେରଫେର ପଦାକୁ ଆସିଛି। ଏନେଇ ଶ୍ରମମନ୍ତ୍ରୀଙ୍କ ବିରୋଧରେ ଦୃଢ଼ କାର୍ଯ୍ୟାନୁଷ୍ଠାନ ଗ୍ରହଣ ପୂର୍ବକ ତାଙ୍କୁ ବରଖାସ୍ତ କରିବାକୁ କଂଗ୍ରେସ ଦାବି କରିଛି। କଂଗ୍ରେସ କାର୍ଯ୍ୟାଳୟଠାରେ ଶୁକ୍ରବାର ଆୟୋଜିତ ଖବରଦାତା ସମ୍ମିଳନୀରେ ପିସିସି କାର୍ଯ୍ୟକାରୀ ସଭାପତି ପ୍ରଦୀପ ମାଝି କହିଛନ୍ତି, ବର୍ତ୍ତମାନ ଓଡ଼ିଶାରେ ୩୦ ଜିଲାରେ ୨୮,୨୨,୬୯୬ ଜଣ ନିର୍ମାଣ ଶ୍ରମିକ ନାମ ପଞ୍ଜୀକରଣ କରିଛନ୍ତି। ଏହି ଶ୍ରମିକଙ୍କୁ ସରକାରଙ୍କ ତରଫରୁ ସୁରକ୍ଷା ସାମଗ୍ରୀ ଓ କାମ କରିବା ଉପକରଣ ଯୋଗାବାର ପ୍ରାବଧାନ ଅଛି। ସେଥିପାଇଁ ଓଡ଼ିଶା କୋଠାବାଡିଏବଂ ଅନ୍ୟାନ୍ୟ ନିର୍ମାଣ ଶ୍ରମିକ କଲ୍ୟାଣ ବୋର୍ଡ ଶ୍ରମିକଙ୍କ ସୁରକ୍ଷା ସାମଗ୍ରୀ ଏବଂ କାର୍ଯ୍ୟ ଉପକରଣ ପାଇଁ ମୋଟ ୪୯୯୯ ଟଙ୍କା ଦେଇଥାଏ। ଏଥିଲାଗି ସମ୍ପୃକ୍ତ ଜିଲାର ଜିଲାପାଳମାନେ ବିଭିନ୍ନ ସଂସ୍ଥାକୁ ଏହି ଉପକରଣ ଯୋଗାଇବାକୁ ଟେଣ୍ଡର ଦିଅନ୍ତି। ଜିଲା ଶ୍ରମ ଅଧିକାରୀ ଏହି କାର୍ଯ୍ୟର ସଠିକତା ସମ୍ପର୍କରେ ତଦାରଖ କରନ୍ତି। ସବୁଠାରୁ ଆଶ୍ଚର୍ଯ୍ୟର କଥା ରାଜ୍ୟରେ ୩୦ ଜିଲାରେ ଉପକରଣର ପ୍ରକୃତ ଦାମ୍‌ଠାରୁ ଯଥେଷ୍ଟ ଅଧିକ ଦାମ୍‌ରେ କିଣାଯାଇ ସରକାରୀ ତହବିଲକୁ ତୋସରପାତ କରାଯାଇଛି। ଏଠାରେ ମାଲକାନଗିରି, ଅନୁଗୋଳ ଏବଂ କଟକ ଜିଲାକୁ ଉଦାହରଣ ଭାବେ ନିଆଯାଇପାରେ। ଗୋଟିଏ ବେଲ୍‌ଚାର ଦାମ ୧୭୦ ଟଙ୍କାରେ କିଣାଯାଇଥିବା ବେଳେ ସରକାର ଟେଣ୍ଡର ନେଇଥିବା ସଂସ୍ଥାଠାରୁ ୩୯୭ ଟଙ୍କାରେ କିଣିଛନ୍ତି। ସେହିଭଳି ସୁରକ୍ଷା ଜୋତାର ପ୍ରକୃତ ଦାମ ୧୧୦-୨୮୦ ଟଙ୍କା ଥିବାବେଳେ ସରକାର ୪୧୩ ଟଙ୍କାରେ କିଣିଛନ୍ତି। ମାସ୍କର ଦାମ ଅଢେଇରୁ ୧୦ଟଙ୍କା ଥିବାବେଳେ ସରକାର ୮୦ ଟଙ୍କାରେ କିଣିଛନ୍ତି। ସମସ୍ତ ୩୦ ଜିଲାରୁ ଏସବୁ ଉପକରଣର ପ୍ରକୃତ ଦାମ୍‌ଠାରୁ ସରକାର ଢେର ଅଧିକ ମୂଲ୍ୟଦେଇ କିଣିବା ଏଥିରେ ଶ୍ରମମନ୍ତ୍ରୀଙ୍କ ସମ୍ପୃକ୍ତିକୁ ସନ୍ଦେହ ଘେରକୁ ଆଣିଛି। ଗରିବ ଜନସାଧାରଣଙ୍କ ଅର୍ଥକୁ ଏଭଳି ଲୁଟ କରି ପ୍ରାୟ ୩୦୦କୋଟି ଟଙ୍କା ଆତ୍ମସାତ କରିବା ଅତ୍ୟନ୍ତ ନିନ୍ଦା ଓ ଶ୍ରମିକଙ୍କ ପେଟକୁ ନାତ ବୋଲି ମାଝି ଅଭିଯୋଗ କରିଛନ୍ତି।

**ପୂର୍ବ ତଟ ରେଳପଥ**
**ଭଡ଼ା ସୂତ୍ରରେ ଗାଡ଼ି**
ଟେଣ୍ଡର ବିଜ୍ଞପ୍ତି ସଂ.MSM-CW-SBP-RV-2-20
**କାର୍ଯ୍ୟର ନାମ :** 03(ତିନି) ବର୍ଷ ସମୟାବଧି ନିମନ୍ତେ କ୍ଷତିଗ୍ରସ୍ତ ୱାଗନ ସମ୍ବନ୍ଧରେ ଅଗ୍ରନକ ଯାଞ୍ଚ ଏବଂ ବ୍ରେକ୍‌ଡ଼ାଉନ୍ ମାମଲାରେ କ୍ୟାରେଜ୍ ଏବଂ ୱାଗନ (C&W) ସୁପରଭାଇଜର ଏବଂ ଅଧିକାରୀମାନଙ୍କ ଯିବା ଆସିବା (Movement) ତଥା EIMWB, ୱାଗନ ଟିପ୍‌ଲର (Wagon Tippler) ର ନିରୀକ୍ଷଣ ନିମନ୍ତେ ଏକ ଗୋଟି ନନ୍-ଏସି ଗାଡ଼ି ଭଡ଼ା ସୂତ୍ରରେ ନେବା।
**କାର୍ଯ୍ୟର ଆନୁମାନିକ ମୂଲ୍ୟ (ଟଙ୍କାରେ):** ₹15,14,691.60, EMD (ଟଙ୍କାରେ) : ₹ 30,300/-, ଟେଣ୍ଡର ନଥିପତ୍ରର ମୂଲ୍ୟ (ଟଙ୍କାରେ) : ₹ 2,360/-, କାର୍ଯ୍ୟ ଶେଷ ହେବା ଅବଧି : 03 (ତିନି) ବର୍ଷ।
**ଟେଣ୍ଡର ବନ୍ଦ ହେବା ତାରିଖ ଓ ସମୟ :** ତା.06.07.2020 ରିଖ 1100 ଘଟିକାରେ।
ଏହି ଇ-ଟେଣ୍ଡର କ୍ଷେତ୍ରରେ ଡାକ/କୋରିଅର/ଫ୍ୟାକ୍ସ ମାଧ୍ୟମରେ କିମ୍ବା ବ୍ୟକ୍ତିଗତ ରୂପେ ପଠାଯାଇଥିବା କୌଣସି ପ୍ରକାର ମାନୁଆଲ ଅଫର ଗ୍ରହଣଯୋଗ୍ୟ ହେବ ନାହିଁ, ଯଦ୍ୟପି ଏଗୁଡ଼ିକ Firm ର ଲେଟରହେଡ୍‌ରେ ଦାଖଲ କରାଯାଇଥିବ ଏବଂ ଯଥା ସମୟରେ ଗ୍ରହଣ କରାଯାଇଥିବ। ଏହିଭଳି ସମସ୍ତ ମାନୁଆଲ ଅଫର ଗୁଡ଼ିକ ଅବୈଧ ବୋଲି ଧରାଯିବ ଏବଂ କୌଣସି ବିଚାର ବିନା ବିଧିବଦ୍ଧରୂପେ ନାକଚ କରାଯିବ।
ଇ-ଟେଣ୍ଡର ନଥିପତ୍ର ସହିତ ସଂପୂର୍ଣ୍ଣ ବିବରଣୀ ୱେବ୍‌ସାଇଟ୍ http://www.ireps.gov.in ରେ ଉପଲବ୍ଧ ହେବ।
ସିନିୟର ଡିଭିଜନାଲ ମେକାନିକାଲ ଇଂଜିନିୟର, ସମ୍ବଲପୁର
PR-105/L/20-21

**ପୂର୍ବ ତଟ ରେଳପଥ**
**ଭଡ଼ା ସୂତ୍ରରେ ଗାଡ଼ି**
ଟେଣ୍ଡର ବିଜ୍ଞପ୍ତି ସଂ. S&TConSBPHV74, ତା: 15.06.2020
**କାର୍ଯ୍ୟର ନାମ :** ଉପ ମୁଖ୍ୟ ସଂକେତ ଏବଂ ଦୂରସଂଚାର ଯନ୍ତ୍ରୀ/ନିର୍ମାଣ/ସମ୍ବଲପୁର ଅଧୀନସ୍ଥ ସମ୍ବଲପୁର ଠାରେ ସୁପରଭାଇଜର ଏବଂ ଅନ୍ୟ କାର୍ଯ୍ୟାଳୟ ସମ୍ବନ୍ଧୀୟ କାର୍ଯ୍ୟ ନିମନ୍ତେ ଗୋଟିଏ 5 ସିଟ୍ ବିଶିଷ୍ଟ ପିକ୍ ଅପ୍ ଭ୍ୟାନ୍, ଉପ ମୁଖ୍ୟ ସଂକେତ ଏବଂ ଦୂରସଂଚାର ଯନ୍ତ୍ରୀ/ନିର୍ମାଣ/ସମ୍ବଲପୁର, ଅନୁଗୋଳ ସ୍ଥିତ ମଣ୍ଡଳ ସଂକେତ ଏବଂ ଦୂରସଂଚାର ଯନ୍ତ୍ରୀ/ନିର୍ମାଣ/ଅନୁଗୋଳ ଏବଂ ସହାୟକ ସଂକେତ ତଥା ଦୂରସଂଚାର ଯନ୍ତ୍ରୀ/ନିର୍ମାଣ/ସମ୍ବଲପୁର ନିମନ୍ତେ ପାଞ୍ଚଗୋଟି କବାଟ ଥିବା ତିନି ଗୋଟି ନନ/ଏସି ଟାଟା ସୁମୋ DX/ମହିନ୍ଦ୍ରା ଏବଂ ମହିନ୍ଦ୍ରା "ବୋଲେରୋ" ମଡେଲ କିମ୍ବା ଅନୁରୂପ କିମ୍ବା ଉଚ୍ଚତର ବଡ଼ ଆବରଣ ହୋଇଥିବା ବଡି (Large Covered Body) ବିଶିଷ୍ଟ ଗାଡ଼ି ଭଡ଼ା ସୂତ୍ରରେ ନେବା (ଅଗଷ୍ଟ'2020 ଠାରୁ ଜୁଲାଇ'2021 ପର୍ଯ୍ୟନ୍ତ)।
**କାର୍ଯ୍ୟର ଆନୁମାନିକ ମୂଲ୍ୟ (ଟଙ୍କାରେ):** ₹23,66,953/-, EMD (ଟଙ୍କାରେ) : ₹ 47,300/-, ଟେଣ୍ଡର ନଥିପତ୍ରର ମୂଲ୍ୟ (ଟଙ୍କାରେ) : ₹ 3,540/-, କାର୍ଯ୍ୟ ଶେଷ ହେବା ଅବଧି : 12 (ବାର) ମାସ।
**ଟେଣ୍ଡର ବନ୍ଦ ହେବା ତାରିଖ ଓ ସମୟ :** ତା.07.07.2020 ରିଖ 1200 ଘଟିକାରେ, ଟେଣ୍ଡର ଖୋଲା ଯିବା ତାରିଖ ଓ ସମୟ : ତା.07.07.2020 ରିଖ 1230 ଘଟିକାରେ।
ଏହି ଟେଣ୍ଡର ସନ୍ଦର୍ଭରେ ମାନୁଆଲ ଅଫର ଗୁଡ଼ିକୁ ଅନୁମତି ଦିଆଯିବ ନାହିଁ ଏବଂ ସେହିଭଳି ପ୍ରାପ୍ତ ଯେକୌଣସି ମାନୁଆଲ ପ୍ରସ୍ତାବକୁ ଗ୍ରହଣ କରାଯିବ ନାହିଁ।
ଉପରୋକ୍ତ ଇ-ଟେଣ୍ଡର ର ଇ-ଟେଣ୍ଡର ନଥିପତ୍ର ସହିତ ସଂପୂର୍ଣ୍ଣ ବିସ୍ତୃତ ବିବରଣୀ ୱେବ୍‌ସାଇଟ୍ http://www.ireps.gov.in ରେ ଉପଲବ୍ଧ ଅଛି।
ଉପ ମୁଖ୍ୟ ସଂକେତ ଏବଂ ଦୂରସଂଚାର ଯନ୍ତ୍ରୀ(ନିର୍ମାଣ), ସମ୍ବଲପୁର
PR-17/CD/20-21

**UNION PUBLIC SERVICE COMMISSION**
**NATIONAL DEFENCE ACADEMY AND NAVAL ACADEMY EXAMINATION (II), 2020**
The Union Public Service Commission will hold the Examination for **National Defence Academy and Naval Academy Examination (II), 2020** on **06th September, 2020**, for admission to Army, Navy and Air Force Wings of NDA for **146th Course** and for the **108th** Indian Naval Academy Course (INAC) commencing from **02nd July, 2021**. The detailed notice for **NDA & NA Examination (II), 2020** will be available on the Commission's website [http://upsc.gov.in] on **16th June, 2020**. Last date for submission of application is **06.07.2020**.
**Candidates are required to apply online at http://upsconline.nic.in only. No other mode is allowed for submission of application. For details regarding the Eligibility Conditions, Syllabus and Scheme of the Examination, Centers of Examination, Guidelines for filling up online application form etc. aspirants must refer to the Detailed Notice of the examination on the Commission's website.**
davp 10621/14/0001/2021

**OFFICE OF THE DIVISIONAL FOREST OFFICER PARALAKHEMUNDI FOREST DIVISION**
Contact No. 9437079579, E-mail: dfo_pkd@yahoo.com
Tender Call Notice No. / Dated.
Sub: Tender Call Notice for supply of Vermicompost/Bio-fertilizer & Insecticides ( Neem Based) under IGC, GMM, CAMPA & MGNREGS plantations raised in Paralakhemundi Forest Division.
No. MM-35: Sealed tenders are invited from reputed Agencies/ individuals separately for supply of good quality Vermicompost/ Bio-fertilizer & Insecticides ( Neem Based) at various locations in Paralakhemundi Forest Division during the year 2020-21. The separate tender application forms shall be obtained from the O/O-the DFO, Paralakhemundi Forest Division on working days from 10 AM to 5 PM from 19.06.2020 to 29.06.2020 on payment of Rs.200/- each in shape of nonrefundable Demand Draft drawn in favour of Divisional Forest Officer, Paralakhemundi Forest Division payable at Paralakhemundi. The last date for submission of sealed tender by Regd. Post/ Speed Post/ By hand is 30.06.2020 up to 5 PM. Only the Technical bids shall be opened in the Afternoon of 01.07.2020 in presence of the bidder or his authorized representative in the office of the undersigned. The financial bids shall be tentatively opened after evaluation of the technical bids by the Tender Selection Committee. Final Selection of the bidder shall be done based on quality and cost of the materials. The undersigned reserves the right to reject any or all tender without assigning any reason thereof.
Divisional Forest Officer, Paralakhemundi Division
OIPR-08050/11/0001/2021

**THE ODISHA MINING CORPORATION LIMITED** No. CAD-187
OMC House, Bhubaneswar-751001,Odisha
CIN: U13100OR1956SGC000313, www.omcltd.in
OMC ODISHA NEW OPPORTUNITIES
**E-Procurement Notice**
NIT No. OMC/E-PROC/FE/1/2020 Dtd.19.06.2020

| | | |
|---|---|---|
| 1. | Name of the Work | Preparation of EIA/EMP report for the grant of Environmental Clearance (EC) from MoEF&CC, New Delhi for Enhancement of Bauxite Ore production from 3.0 MTPA to 6.00 MTPA at Kodingamali Bauxite Mine (Area: 428.075 ha) |
| 2. | Availability of bid document in Govt. portal | 20.06.2020 to 04.07.2020 upto 5.00 P.M. |
| 3. | Last date of online submission of tender in portal | 04.07.2020 upto 5.00 P.M. |
| 4. | Submission of Bid Document Cost | Rs.1,000.00 (Rupees one thousand only) Plus GST @ 18% as available in www.tendersodisha.gov.in |
| 5. | Submission of EMD | Rs.10,000.00 (Rupees ten thousand) only through online as available in www.tendersodisha.gov.in. |
| 6. | Date of opening of Techno-Commercial Bid | 06.07.2020 at 11.00 A.M. |

All other details can be seen from the tender document available at Govt. website **www.tendersodisha.gov.in** & in OMC website **www.omcltd.in**
OMC reserves the right to reject any or all tenders without assigning any reason thereof.
OIPR-30005/11/0029/2021 Head (F&E)

**OFFICE OF THE EXECUTIVE ENGINEER UI RIGHT CANAL DIVISION NO.I, MUKHIGUDA, KALAHANDI, ODISHA**
Ph.06673-252287, e-mail = eeuircd1@gmail.com
QUOTATION CALL NOTICE NO-EE, RCD-I-02(01)/2020-21, Dt-16.06.2020.
**FOR HIRING VEHICLE**
No. 140-A: Sealed quotations are invited from interested reputed travel agencies/tour operators or private individuals for providing 01 (one) No. of Diesel driven vehicle (TUV300/ Bolero/Sumo Gold/Ertiga) for office use in the office of the Sub-Divisional Officer, UI Right Canal Sub-Division No.- III & IV, Chiliguda and Junagarh, Dist- Kalahandi on monthly rent basis. The Quotation booklets will be available in the office of the Executive Engineer, UI Right Canal Division No.I, Mukhiguda, office of the S.D.O, UI Right Canal Sub-Division No-II, Kalampur and office of the S.D.O, UI Right Canal Sub-Division No-IV, Junagarh, from 22.06.2020 to 02.07.2020 during office hours. The quotations shall be opened on 03.07.2020 at 11.00 AM in the office of the undersigned.
Further details can be obtained from the Quotation booklets.
Sd./- Executive Engineer
Right Canal Divn.No.-I
Mukhiguda, Kalahandi
OIPR-32022/11/0001/2021

ADMIN HEAD, PROJECT HEAD, SR.ACCOUNTANT, MARKETING, EXCEL EXPERT, LABOUR CONTRACTOR, RECOVERY AGENT, SUPERVISOR, TELE-CALLER, DIGITAL & ONLINE MARKETING
FOR PRE-CAST MANUFACTURING UNIT
TWO-WHEELER MUST; ALL ODISHA
9040019196/8328824805/7008401977

**STATE SELECTION BOARD DEPARTMENT OF HIGHER EDUCATION**
GOVT. OF ODISHA
BHUBANESWAR -09
Advt. No. 004/2020
**CORRIGENDUM NOTICE**
No. N-17: It is hereby notified for all concerned that a Corrigendum Notice vide No. 530 dt. 19.06.2020 has been issued in which the Sambalpur University is added and there is slight modification in the qualification.
All concerned are requested to visit the website: **www.ssbodisha.nic.in** for further details.
Sd./- Secretary, SSB
OIPR-11015/11/0005/2021

**GOVERNMENT OF ODISHA** No. B-92
**OFFICE OF THE SUPERINTENDING ENGINEER, SOUTHERN (R&B) CIRCLE, BERHAMPUR**
Phone: 0680-2281582, Fax: 0680-2281582, e-mail: sescpwd@yahoo.co.in
**INVITATIONS FOR BIDS (IFB) [e-Procurement]**
Bid Identification No. S.E., S.C. (R&B)-BAM-03/2020-21
No. 1574 Dated: 16.06.2020
1. The **Superintending Engineer, Sothern (R&B) Circle, Berhampur** on behalf of Governor of Odisha invites **Percentage Rate Bid** in double cover system in **ONLINE MODE** from eligible contractors for construction of **Bridge Works** as detailed in the table below.
2. Nature of Work : Bridge Work
3. No. of Work : 4 Nos.
4. Tender Cost : Rs.10,000/- (Online)
5. Class of Contractor : "B", "A" & Special Class
6. Availability of Bid document in the Website : From 01.07.2020 10.00 A.M. to 15.07.2020 4.00 P.M.
7. Date of Opening of Bid : 16.07.2020 at 11.30 A.M.
8. The bidders have to participate in ONLINE bidding only. Further details can be seen from the website **https://tendersorissa.gov.in**.
9. Any Addendum/Corrigendum/Cancellation of tender can also be seen in the said website only..

Sd./- Superintending Engineer
Southern (R&B) Circle, Berhampur
OIPR-34103/11/0003/2021

**OFFICE OF THE SUPERINTENDENT PANDIT RAGHUNATH MURMU MEDICAL COLLEGE & HOSPITAL, BARIPADA, MAYURBHANJ - 757001**
E-mail ID: superintendentprmmch@gmail.com
Landline Phone No.: 0679-2257013
**CORRIGENDUM NOTICE**
No. E-67: This is to inform to all the bidders with reference to Tender Call Notice No. 1600/PRM MCH/2020-21, Date 09.06.2020 that the requirement mentioned at Section 4.3 (b) i.e. "In the absence of the EMD, technical proposal of the bidder shall be rejected" is hereby changed and be read as "In the absence of the EMD, technical proposal of the bidder shall be rejected. However, as per the Finance Department, Govt. of Odisha Office Memorandum No. 21926 dated 12.08.2015, the **local** MSMEs registered with respective DICS, Khadi Village, Cottage & Handicraft Industries, OSIC and NSIC are exempted from submission of EMD while participating in tenders of Govt. Departments and Agencies under its control. It is further clarified that the above exemption is applicable to **local MSMEs registered in odisha only**. This exemption to the local MSMEs shall be applicable if the **kind of service** as required under this tender enquiry is clearly specified against the details of the service to be provided in their DIC/NSIC registration certificate to be furnished in the technical bid".
Sd./- Superintendent
PRM MCH, Baripada
OIPR-10120/11/0004/2021

**ତହସିଲଦାର କାର୍ଯ୍ୟାଳୟ, ରସୁଲପୁର**
ବିଜ୍ଞପ୍ତି ସଂ. 1324 ତା 19.06.2020
**ଲଘୁ ଖଣିଜ ଦ୍ରବ୍ୟ ଦୀର୍ଘମିଆଦୀ ଲିଜ୍ ନିମନ୍ତେ ବିଜ୍ଞାପନ**
ଏତଦ୍ଦ୍ୱାରା ସର୍ବସାଧାରଣଙ୍କ ଅବଗତି ନିମନ୍ତେ ଜଣାଇ ଦିଆଯାଉଅଛି ଯେ, ଓଡ଼ିଶା ସରକାରଙ୍କ ରାଜସ୍ୱ ଓ ବିପର୍ଯ୍ୟୟ ପରିଚାଳନା ବିଭାଗ ଅଧୀନସ୍ଥ ରସୁଲପୁର ତହସିଲ ଅନ୍ତର୍ଗତ ନିମ୍ନସୂଚୀ ପ୍ରଦତ୍ତ (ଲଘୁ ଖଣିଜ ଦ୍ରବ୍ୟ) ସୈରାତ ଉତ୍ସଗୁଡ଼ିକୁ ଅନ୍ୟୂନ ୫ (ପାଞ୍ଚ) ବର୍ଷ ନିମନ୍ତେ ଦୀର୍ଘମିଆଦୀ ଲିଜ୍ ସୂତ୍ରେ ନେବା ପାଇଁ ଦରଖାସ୍ତ ଆହ୍ୱାନ କରାଯାଉଅଛି।
ନିଲାମ ସମ୍ବନ୍ଧୀୟ ସମସ୍ତ ସର୍ତ୍ତାବଳୀ ଓ ନିଲାମ ଧାର୍ଯ୍ୟ ତାରିଖ ଇତ୍ୟାଦି ବାବଦରେ ତହସିଲ କାର୍ଯ୍ୟାଳୟରେ (ଛୁଟିଦିନ ବ୍ୟତୀତ) ସମସ୍ତ କାର୍ଯ୍ୟ ଦିବସରେ ଉପଲବ୍ଧ ହେବ ଏବଂ ଜିଲ୍ଲା ୱେବ୍‌ସାଇଟ୍ www.jajpur.nic.inର Tender ଲିଙ୍କ ମାଧ୍ୟମରେ ମଧ୍ୟ ଏହି ବାବଦରେ ସମସ୍ତ ସୂଚନା ପାଇପାରିବେ।
**ସୈରାତ ଉତ୍ସଗୁଡ଼ିକର ବିବରଣୀ**

| କ୍ର.ନଂ. | ସୈରାତ କେସ୍ ନଂ. ଓ ବର୍ଷ | ସୈରାତ ଉତ୍ସର ନାମ | ମୌଜା | ଖାତା ନଂ. ଓ ସ୍ୱତ୍ୱ | ପ୍ଲଟ ନଂ. | ରକବା (ଏକର) | କିସମ | ବାର୍ଷିକ ସର୍ବନିମ୍ନ ଧାର୍ଯ୍ୟ ଉତ୍ତୋଳନ ପରିମାଣ (ଘ.ମି.) | ସର୍ବନିମ୍ନ ରୟାଲଟି ମୂଲ୍ୟ (ଘନ ମିଟରରେ ପ୍ରତି) | ସର୍ବନିମ୍ନ ଅତିରିକ୍ତ ଦେୟ (ଘନ ମିଟର ପ୍ରତି) |
|---|---|---|---|---|---|---|---|---|---|---|
| ୧ | ୨ | ୩ | ୪ | ୫ | ୬ | ୭ | ୮ | ୯ | ୧୦ | ୧୧ |
| ୧ | ୧/୨୦୧୬-୧୭ | ଭଗତପୁର ବାଲିଘାଟ | ଭଗତପୁର | ୩୭୮ (ଆ.ଯୋ.ଅ) | ୧୪୪୩ | ଏ ୧୫.୦୦ | ନଦୀ | ୧୨୧୧୨ ଘନ ମିଟର | ଟ.୩୫/- | ଟ.୪୫/- |
| ୨ | ୨/୨୦୧୬-୧୭ | ନୂଆହାଟ ବାଲିଘାଟ | ନୂଆହାଟ | ୪୦୦ (ଆ.ଯୋ.ଅ) | ୮୮୪ | ଏ ୧୫.୦୦ | ନଦୀ | ୧୦୩୨୧ ଘନ ମିଟର | ଟ.୩୫/- | ଟ.୪୫/- |
| ୩ | ୩/୨୦୧୬-୧୭ | ବ୍ରାହ୍ମଣବାଡ଼ ବାଲିଘାଟ | ବ୍ରାହ୍ମଣବାଡ଼ | ୩୩୬ (ଆ.ଯୋ.ଅ) | ୦୧ | ଏ ୧୪.୦୦ | ନଦୀ | ୮୧୦୦ ଘନ ମିଟର | ଟ.୩୫/- | ଟ.୪୫/- |
| ୪ | ୪/୨୦୧୬-୧୭ | ମାନପୁର ବାଲିଘାଟ | ମାନପୁର | ୨୦୨ (ଆ.ଯୋ.ଅ) | ୮୩୪ | ଏ ୧୦.୦୦ | ନଦୀ | ୮୪୬୭ ଘନ ମିଟର | ଟ.୩୫/- | ଟ.୪୫/- |
| ୫ | ୧/୨୦୨୦-୨୧ | ବଡ଼ଚପୋଇ ବାଲିଘାଟ | ବଡ଼ଚପୋଇ | ୪୦୨ (ଆ.ଯୋ.ଅ) | ୨୧ | ଏ ୧୨.୫୦ | ନଦୀ | ୧୦୧୦୦ ଘନ ମିଟର | ଟ.୩୫/- | ଟ.୪୫/- |
| ୬ | ୨/୨୦୨୦-୨୧ | କରଜଙ୍ଗା ବାଲିଘାଟ | କରଜଙ୍ଗା | ୩୨୪ (ଆ.ଯୋ.ଅ) | ୧୨୩୬ | ଏ ୧୨.୫୦ | ନଦୀ | ୧୫୧୩୦ ଘନ ମିଟର | ଟ.୩୫/- | ଟ.୪୫/- |

ସ୍ୱା./- ତହସିଲଦାର, ରସୁଲପୁର

Your classified advertisement published in Dharitri will be listed free in Dharitri online edition : www.dharitri.com

## ପମ୍ପହାଉସ୍‌ରୁ ଯୁବକଙ୍କ ମୃତଦେହ ଉଦ୍ଧାର

ବାରଙ୍ଗ,(ଡି.ଏନ୍.ଏ.): ଚନ୍ଦକା ଥାନା ଅର୍ନ୍ତଗତ ଚନ୍ଦକା ପମ୍ପହାଉସରେ ଶୁକ୍ରବାର ସକାଳେ ଜଣେ ଯୁବକଙ୍କ ମୃତଦେହ ଉଦ୍ଧାର ହୋଇଛି। ମୃତକ ହେଲେ ଚନ୍ଦକା ଗ୍ରାମର ଦୀପକ କୁମାର ବଡଜେନା(୨୭)। ସୂଚନାଯୋଗ୍ୟ, ଶୁକ୍ରବାର ସକାଳେ ପମ୍ପହାଉସ ନିକଟକୁ କେତେଜଣ କର୍ମଚାରୀ ଯାଉଥିବା ବେଳେ ଦୀପକ ନିଜ ବେକରେ ରଶି ଲଗାଇ ଝୁଲୁଥିବାର ଦେଖିଥିଲେ। ପରେ ସେମାନେ ପୋଲିସକୁ ଜଣାଇବା ପରେ ପୋଲିସ ପହଞ୍ଚି ମୃତଦେହ ଉଦ୍ଧାର କରି ବ୍ୟବଚ୍ଛେଦ ପାଇଁ ପଠାଇଛି। ଏ ନେଇ ପୋଲିସ ନଂ.୧୪/୨୦ରେ ଏକ ଅପମୃତ୍ୟୁ ମାମଲା ରୁଜୁକରି ତଦନ୍ତ ଚଳାଇଛି। ତେବେ ମୃତ୍ୟୁର କାରଣ ସ୍ପଷ୍ଟ ହୋଇପାରି ନାହିଁ।



## ସଂକ୍ଷେପରେ

### ୪ ରେଳ, ଜଣେ ହସ୍ପିଟାଲ କର୍ମଚାରୀଙ୍କୁ କରୋନା

**ଭୁବନେଶ୍ୱର, ୧୯।୬(ବ୍ୟୁରୋ):** ଭୁବନେଶ୍ୱରରୁ ଗତ ୨୪ ଘଣ୍ଟାରେ ପୁଣି ୭ କରୋନା ଆକ୍ରାନ୍ତ ଚିହ୍ନଟ ହୋଇଛନ୍ତି। ସେମାନଙ୍କ ମଧ୍ୟରୁ ୪ଜଣ ହୋମ୍ କ୍ୱାରେଣ୍ଟାଇନ୍‌ରେ ଥିବାବେଳେ ୩ଜଣ ସ୍ଥାନୀୟ ସଂକ୍ରମିତ ରହିଛନ୍ତି। ହୋମ୍ କ୍ୱାରେଣ୍ଟାଇନ୍‌ରେ ଥିବା ୪ଜଣ ହେଉଛନ୍ତି ରେଲ୍‌ୱେ କର୍ମଚାରୀ। ସେମାନଙ୍କର ଗସ୍ତ ବିବରଣୀ ଦିଲ୍ଲୀ ଥିବାବେଳେ ସମସ୍ତେ ପୁରୁଷ ଏବଂ ବୟସ ଯଥାକ୍ରମେ ୩୮, ୩୦, ୩୪ ଓ ୩୧ ରହିଛି। ସେହିପରି ସ୍ଥାନୀୟ ସଂକ୍ରମିତଙ୍କ ମଧ୍ୟରୁ ୨ଟି କେସ୍ ଡୁମୁଡୁମା ହାଉସିଂ ବୋର୍ଡ କଲୋନୀର ବୋଲି ଜଣାପଡିଛି। ଏହି ଦୁଇଜଣ ଗୋଟିଏ ପରିବାରର ହୋଇଥିବାବେଳେ ଜଣେ ୪୫ ବର୍ଷର ମହିଳା ଓ ଅନ୍ୟଜଣେ ୧୦ ବର୍ଷର ନାବାଳକ। ଅନ୍ୟଜଣେ ଆକ୍ରାନ୍ତ ୩୧ ବର୍ଷୀୟ ମହିଳା ଓ ସେ ଏକ ଘରୋଇ ହସ୍ପିଟାଲ କର୍ମଚାରୀ ବୋଲି ଭୁବନେଶ୍ୱର ମହାନଗର ନିଗମ (ବିଏମ୍‌ସି) ପକ୍ଷରୁ ଟୁଇଟ୍ ଯୋଗେ ସୂଚନା ଦିଆଯାଇଛି। ଏମାନଙ୍କୁ ମିଶାଇ ଭୁବନେଶ୍ୱରରେ ମୋଟ ଆକ୍ରାନ୍ତଙ୍କ ସଂଖ୍ୟା ୧୬୫ରେ ପହଞ୍ଚିଛି। ଅନ୍ୟପକ୍ଷରେ ଶୁକ୍ରବାର ଜଣେ ଆକ୍ରାନ୍ତ ସୁସ୍ଥ ହୋଇଛନ୍ତି। ସେ ହେଲେ ଚନ୍ଦ୍ରଶେଖରପୁର ଅଞ୍ଚଳର ୨୮ ବର୍ଷୀୟ ଯୁବକ।

### ୭୮ ଘଣ୍ଟା କୋଟସାହି ପଞ୍ଚାୟତ ଶଟ୍‌ଡାଉନ

**ଟାଙ୍ଗୀ(କଟକ)୧୯।୬(ଡି.ଏନ୍.ଏ):** ଟାଙ୍ଗୀ-ଚୌଦ୍ୱାର ବ୍ଲକର ୪ର୍ଥ କରୋନା ପଜିଟିଭ ଆକ୍ରାନ୍ତ କୋଟସାହି ପଞ୍ଚାୟତ ଟାଙ୍ଗୀ ଗ୍ରାମରେ ଶୁକ୍ରବାର ଚିହ୍ନଟ ହୋଇଛି। ଆକ୍ରାନ୍ତଙ୍କ ବୟସ ୪୫ ବର୍ଷ ହୋଇଥିବାବେଳେ ଘର କେନ୍ଦ୍ରାପଡ଼ା ଜିଲା ଡେରାବିଶ ବ୍ଲକ ନୂଆପଡ଼ା ଅଞ୍ଚଳର। ତେବେ ଗୋଷ୍ଠୀ ସଂକ୍ରମଣକୁ ଦୃଷ୍ଟିରେ ରଖି ସରପଞ୍ଚ ଅମୂଲ୍ୟ ସାହୁ ଟାଙ୍ଗୀ ସମେତ କୋଟସାହି ପଞ୍ଚାୟତକୁ ୭୮ ଘଣ୍ଟା ପାଇଁ ଶଟ୍‌ଡାଉନ୍ ଘୋଷଣା କରିଛନ୍ତି। ଏହା ଶୁକ୍ରବାର ମଧ୍ୟାହ୍ନ ୧୨ଟାରୁ ସୋମବାର ସନ୍ଧ୍ୟା ୬ଟା ପର୍ଯ୍ୟନ୍ତ ବଳବତ୍ତର ରହିବ। ସୂଚନାଯୋଗ୍ୟ, ଉକ୍ତ ବ୍ୟକ୍ତିଜଣକ ଗତ ୧୩ତାରିଖରେ ମହାରାଷ୍ଟ୍ରରୁ ଫେରି ଟାଙ୍ଗୀ ମଦନମୋହନ ସାହିସ୍ଥିତ ଶ୍ୱଶୁର ଘରେ ସଙ୍ଗରୋଧରେ ରହିଥିଲେ। ବୁଧବାର ଆଗ୍ରାହାଟଠାରେ ତାଙ୍କସହ ୬୫ଜଣଙ୍କ ସ୍ୱାବ ପରୀକ୍ଷା ପାଇଁ ପଠାଯାଇଥିଲା। ଉକ୍ତ ବ୍ୟକ୍ତିଙ୍କ ରିପୋର୍ଟ ପଜିଟିଭ୍ ଆସିଥିଲା। ପରେ ତାଙ୍କୁ କଟକ କୋଭିଡ ହସ୍ପିଟାଲକୁ ଚିକିତ୍ସା ନିମନ୍ତେ ସ୍ଥାନାନ୍ତର କରାଯାଇଛି।

### ଡାକ୍ତର ସନାତନ ରଥଙ୍କୁ ଶ୍ରଦ୍ଧାଞ୍ଜଳି

**କଟକ ଅଫିସ,୧୯।୬:** ଓଡ଼ିଶାର ବରିଷ୍ଠ ସ୍ନାୟୁଶଲ୍ୟ ଚିକିତ୍ସକ ଡା. ସନାତନ ରଥଙ୍କ ଏକାଦଶାହରେ ଏସ୍‌ସିବି ସ୍ନାୟୁଶଲ୍ୟ ବିଭାଗ ତରଫରୁ ଶ୍ରଦ୍ଧାଞ୍ଜଳି ଦିଆଯାଇଛି। ନ୍ୟୁରୋ ସର୍ଜରୀ ବିଭାଗର ମୁଖ୍ୟ ଡା. ସୁଧାଂଶୁ ଶେଖର ମିଶ୍ର, ଏମ୍‌ସିଏଚ୍ ଛାତ୍ରୀଛାତ୍ର ଓ କର୍ମଚାରୀମାନେ ସ୍ୱର୍ଗତ ଡା. ସନାନତ ରଥଙ୍କ ସ୍ମୃତିଚାରଣ କରିଥିଲେ। ଡା. ରଥଙ୍କୁ ଓଡ଼ିଶା ସ୍ନାୟୁ ବିଜ୍ଞାନର ଭୀଷ୍ମ ପିତାମହ ବିବେଚନା କରାଯାଉଥିବା ବେଳେ ଏପରି ପ୍ରେରଣାଦାୟୀ ବ୍ୟକ୍ତିଙ୍କୁ ଓଡ଼ିଶା ତଥା ସମଗ୍ର ବିଶ୍ୱ ମନେ ପକାଇବ ବୋଲି ମତ ପ୍ରକାଶ ପାଇଥିଲା। ସ୍ନାୟୁଶଲ୍ୟ ବିଜ୍ଞାନର ସଂସ୍କାରକଙ୍କ ଅବର୍ତ୍ତମାନରେ ରୋଗୀ ତଥା ବିଭାଗୀୟ କର୍ମଚାରୀ ତାଙ୍କର ସ୍ମୃତିଚାରଣ କରିଛନ୍ତି।

# ଧରାପଡ଼ିଲା ୪.୫ କୋଟିର ବ୍ରାଉନସୁଗାର

ଭୁବନେଶ୍ୱର,୧୯।୬(ବ୍ୟୁରୋ)

କ୍ରାଇମବ୍ରାଞ୍ଚର ସ୍ପେଶଲ ଟାସ୍କଫୋର୍ସ (ଏସ୍‌ଟିଏଫ୍) ଶୁକ୍ରବାର ବ୍ରାଉନସୁଗାର କାରବାର ବିରୋଧରେ ବଡ଼ ସଫଳତା ପାଇଛି। ବାଲେଶ୍ୱରରୁ ଭୁବନେଶ୍ୱର ଚାଲାଣରେ ସମ୍ପୃକ୍ତ ବ୍ରାଉନ୍‌ସୁଗାର ରାକେଟ୍‌କୁ ଧରିଛି ଏସ୍‌ଟିଏଫ୍। ବୋଲେରୋରେ ଚାଲାଣ କରାଯାଉଥିବା ୪ କେଜି ୪୮୬ ଗ୍ରାମର ବ୍ରାଉନସୁଗାରକୁ ଜବତ କରିଛି ଏସ୍‌ଟିଏଫ୍ ଯାହାର ବଜାର ମୂଲ୍ୟ ସାଢ଼େ ୪ କୋଟି ଟଙ୍କା ହେବ। ଚାଲାଣରେ ସମ୍ପୃକ୍ତ ୩ଜଣ ଏଜେଣ୍ଟଙ୍କୁ ଗିରଫ କରାଯାଇଥିବା ପୋଲିସ ଡିଜି ଅଭୟ ଏସ୍‌ଟିଏଫ୍ କାର୍ଯ୍ୟାଳୟରେ ଆୟୋଜିତ ଖବରଦାତା ସମ୍ମିଳନୀରେ ସୂଚନା ଦେଇଛନ୍ତି। ଗିରଫ ଅଭିଯୁକ୍ତମାନେ ହେଲେ ବାଲେଶ୍ୱର ନରସିଂହପୁରର ଦେବାଶିଷ ବେହେରା ଓରଫ ରିଙ୍କୁ, ବାଲେଶ୍ୱର ଟାଉନ୍ ଗୋପାଳଗାଁର ଏସ୍.କେ. କୌସର ଅଲ୍ଲୀ ଓ ପ୍ରବୀର କୁମାର ସିଂ। ସେମାନଙ୍କ ବିରୋଧରେ ଏନ୍‌ଡିପିଏସ୍ ମାମଲା ରୁଜୁ ସହ ତଦନ୍ତ ଚାଲିଛି। ଶନିବାର ସେମାନଙ୍କୁ କୋର୍ଟ ଚାଲାଣ କରାଯିବ।

ଡିଜି ଅଭୟଙ୍କ ସୂଚନା ଅନୁଯାୟୀ, ଶୁକ୍ରବାର ସନ୍ଧ୍ୟାରେ ୩ଜଣ ଏଜେଣ୍ଟ ବୋଲେରୋରେ ବ୍ରାଉନ୍‌ସୁଗାର ଧରି ବାଲେଶ୍ୱରରୁ ଭୁବନେଶ୍ୱର ଆଣୁଥିଲେ। ଏହି ଖବର ପାଇ ଏସ୍‌ଟିଏଫ୍‌ର ଅଧିକାରୀମାନେ ରସୁଲଗଡ଼ ଛକରେ ଜଗି ରହିଥିଲେ। ଏଜେଣ୍ଟମାନେ ସେଠାରେ ପହଞ୍ଚିବା ମାତ୍ରେ ଏସ୍‌ଟିଏଫ୍ ଗାଡ଼ି ଅଟକାଇ ଯାଞ୍ଚ କରିବା ବେଳେ ସେଥିରୁ ୪ କେଜି ୪୮୬ ଗ୍ରାମର ବ୍ରାଉନସୁଗାର ମିଳିଥିଲା। ଭୁବନେଶ୍ୱରରେ କାହାକୁ ଏହି ବ୍ରାଉନସୁଗାର ଦିଆଯାଇଥାନ୍ତା, ତାହା ଜେରା ବେଳେ ପଚରାଯାଇଥିଲେ ମଧ୍ୟ ସେମାନେ କିଛି କହୁ ନ ଥିବା ଡିଜିପ କହିଛନ୍ତି। ଲକ୍‌ଡାଉନ୍‌ରେ ବ୍ରାଉନସୁଗାର ବେପାର ପୂରା ଠପ୍ ହୋଇଥିଲା। ତେଣୁ ବେପାରୀମାନେ ବାଂଲାଦେଶରୁ ଭାୟା କଲିକତା ଦେଇ ବାଲେଶ୍ୱରକୁ ଏହି ବ୍ରାଉନସୁଗାର ଆଣୁଥିଲେ। ଜଳପଥ ଦେଇ ଏହି ବ୍ରାଉନସୁଗାର ଆସୁଥିବା ଏସ୍‌ଟିଏଫ୍ ସନ୍ଦେହ କରୁଛି। ଧରାପଡ଼ିଥିବା ୩ ଅଭିଯୁକ୍ତ ବ୍ରାଉନସୁଗାରର ହୋଲସେଲର ନା ଏଜେଣ୍ଟ, ତାହାର ଖୋଳତାଡ଼ କରୁଛି ଏସ୍‌ଟିଏଫ୍। ଖବରଦାତା ସମ୍ମିଳନୀରେ କ୍ରାଇମ୍‌ବ୍ରାଞ୍ଚ ଏଡିଜି ସୌମେନ୍ଦ୍ର ପ୍ରିୟଦର୍ଶୀ ମଧ୍ୟ ଉପସ୍ଥିତ ଥିଲେ।



ଖବରଦାତା ସମ୍ମିଳନୀରେ ଡିଜିପି ଅଭୟ ସୂଚନା ଦେଉଛନ୍ତି (ଉପର)। ଗିରଫ ୩ ଅଭିଯୁକ୍ତ।

### ଏସ୍‌ଟିଏଫ୍ ହାତରେ ୩ ଏଜେଣ୍ଟ

#### ଏସ୍‌ଟିଏଫ୍ ଟାର୍ଗେଟ୍‌ରେ ବ୍ରାଉନସୁଗାର ବେପାରୀ

ବ୍ରାଉନସୁଗାର କାରବାରକୁ ଲଗାମ ଦେବା ଦିଗରେ ୨୦୧୮ରୁ ୨୦୧୯ ମଧ୍ୟରେ ଓଡ଼ିଶା ପୋଲିସ ଯାହା କରିନାହିଁ, ତାହା ୨୦୨୦ରେ କରି ଦେଖାଇଛି ଏସ୍‌ଟିଏଫ୍। ୨୦୧୦ରେ ବିଗତ ଦିନରେ ଜବତ ହୋଇଥିବା ବ୍ରାଉନସୁଗାରର ୬ ଗୁଣା ପରିମାଣ କେବଳ ୨୦୨୦ରେ ଜବତ କରିପାରିଛି ଏସ୍‌ଟିଏଫ୍। ୨୦୨୦ରେ ଏସ୍‌ଟିଏଫ୍ ୧୨ କେଜି ୨୫ ଗ୍ରାମର ବ୍ରାଉନସୁଗାର ଜବତ କରିବା ସହ ୧୯ଟି ମାମଲା ରୁଜୁ କରିଛି। ଏଥିରେ ଅଦ୍ୟାବଧି ୩୯ ଜଣଙ୍କୁ ଏସ୍‌ଟିଏଫ ଗିରଫ କଲାଣି।

# ପୁଣି ସୁସ୍ଥ ହେଲେ ଏନ୍‌ଡିଆରଏଫ୍‌ର ୩୬ ଯବାନ

ନରାଜ,୧୯।୬(ଡି.ଏନ.ଏ.)

କଟକ ମୁଣ୍ଡଳୀସ୍ଥିତ ତୃତୀୟ ବାଟାଲିୟନ ଏନ୍‌ଡିଆରଏଫ୍‌ର ୫୧ ଯବାନ କରୋନାରେ ଆକ୍ରାନ୍ତ ହୋଇଥିଲେ। ସେମାନଙ୍କ ମଧ୍ୟରୁ ଗୁରୁବାର ୧୩ଜଣ ସୁସ୍ଥ ହୋଇ ଫେରିଥିବାବେଳେ ଶୁକ୍ରବାର ପୁଣି ୩୬ ଯବାନ ସୁସ୍ଥ ହୋଇ ଫେରିଛନ୍ତି। ଯବାନମାନେ ଭୁବନେଶ୍ୱରସ୍ଥିତି କୋଭିଡ ହସ୍ପିଟାଲରେ ଚିକିତ୍ସାଧୀନ ଥିଲେ। ଶୁକ୍ରବାର ସୁସ୍ଥ ହୋଇଥିବା ଯବନାଙ୍କୁ ସ୍ୱତନ୍ତ୍ର ଗାଡିରେ ମୁଣ୍ଡଳୀ ଏନ୍‌ଡିଆରଏଫ୍ ପରିସରକୁ ଅଣାଯାଇଥିଲା। ପରେ ପ୍ରତ୍ୟେକଙ୍କୁ ସମ୍ବର୍ଦ୍ଧନା ଦିଆଯାଇଥିଲା। ପ୍ରବେଶଦ୍ୱାର ନିକଟରେ ଏନ୍‌ଡିଆରଏଫ୍‌ର ସିନିୟର କମାଣ୍ଡାଣ୍ଟ ଜାକବ୍ କିସ୍‌ପୋଟା ଓ ଆସିଷ୍ଟାଣ୍ଟ କମାଣ୍ଡାଣ୍ଟ ଏ.କେ ପଟ୍ଟନାୟକଙ୍କ ତତ୍ତ୍ୱାବଧାନରେ ସମସ୍ତ ଅଧିକାରୀ ଓ କର୍ମଚାରୀ ସମବେତ ହୋଇଥିଲେ। ପ୍ରଶାସନିକ କାର୍ଯ୍ୟାଳୟରେ ଭିଡିଓ କନ୍‌ଫରେନ୍ସ ଜରିଆରେ ଏନ୍‌ଡିଆରଏଫ ଡିଜି ସତ୍ୟନାରାୟଣ ପ୍ରଧାନ ସମସ୍ତଙ୍କୁ କୃତଜ୍ଞତା ଜଣାଇବା ସହ ଆଇସୋଲେଶନରେ ରହିବାକୁ ପରାମର୍ଶ ଦେଇଥିଲେ। ସୂଚନାଯୋଗ୍ୟ, ଏନ୍‌ଡିଆରଏଫ୍‌ର ୧୭୮ ଯବାନ ଅମ୍ଫନ ମୁକାବିଲା ନିମନ୍ତେ ପଶ୍ଚିମବଙ୍ଗ ଯାଇଥିଲେ। ସେଠାରୁ ଫେରିବା ପରେ ୫୧ ଜଣ କରୋନା ପଜିଟିଭ ବୋଲି ଜଣାପଡିଥିଲା। ଦୁଇ ଜଣ କଟକସ୍ଥିତ କୋଭିଡ୍ ହସ୍ପିଟାଲରେ ଚିକିତ୍ସିତ ହେଉଥିବା ବେଳେ ୪୯ଜଣଙ୍କୁ ଭୁବନେଶ୍ୱରରେ ଚିକିତ୍ସା କରାଯାଉଥିଲା।

# ଖପୁରିଆ ଆଇଟିଆଇ ପ୍ରସ୍ତୁତ କଲା ମଲ୍ଟି ଷ୍ଟେଶନ ହ୍ୟାଣ୍ଡ ସାନିଟାଇଜର

କଟକ ଅଫିସ,୧୯।୬

ସ୍ୱଦେଶୀ ବୈଷୟିକ ଜ୍ଞାନ କୌଶଳ ଓ ସମ୍ବଳକୁ ଆଧାର କରି ରାଜ୍ୟରେ କରୋନା ମୁକାବିଲା ପାଇଁ ନୂତନ ଉଦ୍ଭାବନ ଜାରି ରଖିଛି। କଟକ ଖପୁରିଆସ୍ଥିତ ସରକାରୀ ଆଇଟିଆଇ। ଲକ୍‌ଡାଉନ୍ ସମୟରେ ଲଗାତାର ଭାବେ ଅନେକ ନୂତନ ଉଦ୍ଭାବନ କରି ଅନୁଷ୍ଠାନ ଜାତୀୟସ୍ତରରେ ପ୍ରଶଂସିତ ମଧ୍ୟ ହୋଇଛି। କିଛି ଦିନ ତଳେ ପ୍ରସ୍ତୁତ ହୋଇଥିଲା ଦୁଇଟି ରୋବୋଟ୍। ଦେଶୀୟ ଜ୍ଞାନକୌଶଳରେ ପ୍ରସ୍ତୁତ ଉକ୍ତ ଦୁଇ ରୋବୋଟ୍‌ର ନାମ ଥିଲା କୋ-ବଟ୍ ଓ ନିଗା-ବଟ୍। ଏହା ପୂର୍ବରୁ ଫୁଟ୍ ଅପରେଟେଡ ସାନିଟାଇଜର ଓ ସାମ୍ପଲ ସଂଗ୍ରହ କିଓସ୍କ, ବିଶୋଧନାଗାର, ଥର୍ମାଲ ଗନ୍ ପ୍ରସ୍ତୁତ କରିଥିବା ବେଳେ ବର୍ତ୍ତମାନ ଅନୁଷ୍ଠାନର ଉଦ୍ଭାବନ ତାଲିକାରେ ଯୋଡ଼ି ହୋଇଛି ମଲ୍ଟି ଷ୍ଟେଶନ ହ୍ୟାଣ୍ଡ ସାନିଟାଇଜର। କରୋନା ସଂକ୍ରମଣରୁ ରକ୍ଷା ପାଇବା ପାଇଁ ଏହି ହ୍ୟାଣ୍ଡ ସାନିଟାଇଜର ଯନ୍ତ୍ର ପ୍ରସ୍ତୁତ କରାଯାଇଛି। ଏହାଦ୍ୱାରା ଏକ ସମୟରେ ବହୁ ଲୋକ ନିଜକୁ ଜୀବାଣୁମୁକ୍ତ କରିପାରିବେ। ବିନା ବିଦ୍ୟୁତ୍‌ରେ ଏହା ପରିଚାଳିତ ହୋଇପାରିବ। ଏଥିରେ ୫ଶହ ଲିଟର କ୍ଷମତା ବିଶିଷ୍ଟ ଏକ ଟ୍ୟାଙ୍କର ସୁବିଧା ରହିଛି। ଏହାକୁ ପ୍ରତିଷ୍ଠାନର ୱେଲଡର ଏବଂ ଫିଟର ଟ୍ରେଡର ପ୍ରଶିକ୍ଷକମାନେ ପ୍ରସ୍ତୁତ କରିଛନ୍ତି। ପ୍ରସ୍ତୁତିରେ ୩୦ ହଜାର ଟଙ୍କା ଖର୍ଚ୍ଚ ହୋଇଥିବା ଆଇଟିଆଇ ଅଧକ୍ଷ ଡ. ହୃଷିକେଶ ମହାନ୍ତି କହିଛନ୍ତି।




# ବାପା-ଝିଅ ପରେ ମା’ ବି ପଜିଟିଭ

କଟକ ଅଫିସ,୧୯।୬

କଟକ ସହର ଅରୁଣୋଦୟ ନଗରରୁ ଶୁକ୍ରବାର ଆଉ ଜଣେ କରୋନା ପଜିଟିଭ ଚିହ୍ନଟ ହୋଇଛନ୍ତି। ୩୦ ବର୍ଷୀୟା ଏହି ମହିଳା ଜଣକ କିଛିଦିନ ପୂର୍ବରୁ ମୁମ୍ବାଇରୁ ଫେରି ଗୃହ ସଙ୍ଗରୋଧରେ ଥିଲେ। ପୂର୍ବରୁ ତାଙ୍କ ସ୍ୱାମୀ ଏବଂ ଝିଅଙ୍କ ରିପୋର୍ଟ ମଧ୍ୟ ପଜିଟିଭ୍ ବାହାରିବା ପରେ କୋଭିଡ୍ ହସ୍ପିଟାଲ୍‌ରେ ସେମାନଙ୍କୁ ଭର୍ତ୍ତି କରାଯାଇଛି। ୧୩ ତାରିଖରେ ୩୭ ବର୍ଷୀୟ ବାପାଙ୍କ ରିପୋର୍ଟ ପଜିଟିଭ୍ ଆସିଥିବା ବେଳେ ୧୫ ତାରିଖରେ ୬ ବର୍ଷୀୟା ଝିଅର ରିପୋର୍ଟ ପଜିଟିଭ୍ ବାହାରିଥିଲା।

ଅନ୍ୟପଟେ ଶୁକ୍ରବାର ଜିଲାରେ ୧୪ ଜଣ ନୂଆ ଆକ୍ରାନ୍ତ ଚିହ୍ନଟ ହୋଇଛନ୍ତି। ନିଆଳି ଏବଂ ବାରଙ୍ଗରୁ ଦୁଇ ଜଣ ଲେଖାଏଁ ଚିହ୍ନଟ ହୋଇଥିବା ବେଳେ ଟାଙ୍ଗୀରୁ ଜଣେ ଏବଂ ତିଗିରିଆରୁ ୮ଜଣଙ୍କ ରିପୋର୍ଟ ପଜିଟିଭ୍ ଆସିଛି। ଏମାନଙ୍କ ମଧ୍ୟରୁ ଟାଙ୍ଗୀର ଆକ୍ରାନ୍ତ ଜଣକ ମହାରାଷ୍ଟ୍ରରୁ ଫେରିବା ପରେ ଗୃହ ସଙ୍ଗରୋଧରେ ରହିଥିଲେ। ଏଥିସହ ଜିଲାରେ ମୋଟ ଆକ୍ରାନ୍ତଙ୍କ ସଂଖ୍ୟା ୩୮୦ରେ ପହଞ୍ଚିଛି। ସେଥିରୁ ୨୪୩ ଜଣ ସୁସ୍ଥ ହୋଇଥିବା ବେଳେ ୧୩୬ ଜଣ ଚିକିତ୍ସିତ ହେଉଛନ୍ତି। ଜଣଙ୍କର ମୃତ୍ୟୁ ହୋଇଛି।

ଅପରପକ୍ଷେ ଶୁକ୍ରବାର ଚିହ୍ନଟ ହୋଇଥିବା ୨୦ ଜଣ ଆକ୍ରାନ୍ତଙ୍କ ବିଷୟରେ ଜିଲା ପ୍ରଶାସନ ତରଫରୁ ସୂଚନା ଦିଆଯାଇଛି। ଏମାନଙ୍କ ମଧ୍ୟରେ ସୁବର୍ଣ୍ଣପୁରର ୮ ଜଣ ଥିବାବେଳେ ନିଶ୍ଚିନ୍ତକୋଇଲିର ୭ ଜଣ, ଆଠଗଡ଼ ସହରର ୪ ଜଣ ଏବଂ ଡମପଡ଼ାରୁ ଜଣେ ରହିଛନ୍ତି। ଡମପଡ଼ାର ବ୍ୟକ୍ତି ଜଣକ ସ୍ଥାନୀୟ ଆକ୍ରାନ୍ତ ବୋଲି କୁହାଯାଉଛି। ସେ ନିକଟ ଅତୀତରେ ବାହାରକୁ ଯାଇ ନ ଥିଲେ। ତାଙ୍କର କୌଣସି ଗସ୍ତ ବିବରଣୀ ନାହିଁ। ପଜିଟିଭ୍ ଚିହ୍ନଟ ହେବା ପରେ ତାଙ୍କୁ ଭୁବନେଶ୍ୱର ଏମ୍ସରେ ଚିକିତ୍ସା ପାଇଁ ଭର୍ତ୍ତି କରାଯାଇଛି।

# ସଂକ୍ରମଣ ଭୟରେ ଆଶ୍ରୟସ୍ଥଳୀ ଫାଙ୍କା

କଟକ ଅଫିସ,୧୯।୬

କଟକ ମହାନଗର ନିଗମ (ସିଏମ୍‌ସି) ନିରାଶ୍ରୟ ଓ ଅସହାୟ ଲୋକଙ୍କ ପାଇଁ ରାତ୍ରି ଆଶ୍ରୟସ୍ଥଳୀ ନିର୍ମାଣ କରିଛି। କିନ୍ତୁ ଲକ୍‌ଡାଉନ୍ ଚାଲିଥିବା ବେଳେ ସଂକ୍ରମଣ ଭୟ ଯୋଗୁ ଅଧିକାଂଶ ଆଶ୍ରୟସ୍ଥଳୀ ଫାଙ୍କା ପଡୁଛି। ନିରାଶ୍ରୟମାନେ ରାସ୍ତାକଡ଼ରେ ରାତିବିତାଉଛନ୍ତି। ସିଏମ୍‌ସି ଅଧୀନରେ ସହରରେ ମୋଟ ୬ଟି ରାତ୍ରି ଆଶ୍ରୟସ୍ଥଳୀ ରହିଛି। ସେଥିମଧ୍ୟରୁ ଶିଶୁଭବନ ପରିସର, ବାଦାମବାଡ଼ି, ସତୀଚଉରା, ଉତ୍ତର ଦେଉଳସାହି, କାଠଗୋଲା ଓ ଜଗତପୁରରେ ରାତ୍ରି ଆଶ୍ରୟସ୍ଥଳୀ ରହିଛି। କରୋନା ପାଇଁ

### ରାସ୍ତାକଡ଼ରେ କଟୁଛି ନିରାଶ୍ରୟଙ୍କ ଜୀବନ

ସମସ୍ତ ଆଶ୍ରୟସ୍ଥଳୀ ଏବେ ପୂରା ଫାଙ୍କା। ଶିଶୁଭବନରେ ମୋଟ ୫୮ଟି ବେଡ ଥିବାବେଳେ ଏବେ ୨୦ରୁ ୨୫ ଜଣ, ବାଦାମବାଡିରେ ୨୪ଟି ବେଡରୁ ୧୦ ଜଣ ଏବଂ ସତୀଚଉରାରେ ୫୦ଟି ବେଡରେ ମାତ୍ର ୮ଜଣ ବ୍ୟକ୍ତି ଆଶ୍ରୟ ନେଉଛନ୍ତି। କରୋନା ସଂକ୍ରମଣ ଭୟ ଆଶଙ୍କାରେ ଅଧିକାଂଶ ଅସହାୟ ଏବଂ ନିରାଶ୍ରୟ ରାସ୍ତାକଡ଼ରେ ରାତ୍ରିଯାପନ କରୁଥିଲେ ମଧ୍ୟ ଆଶ୍ରୟସ୍ଥଳୀକୁ ଯାଉନାହାନ୍ତି। ଅନେକ ସମୟରେ ସହରରେ ମୁଖ୍ୟ ସ୍ଥାନ ଯେପରି ଏସ୍‌ସିବି, କଟକ ରେଳ ଷ୍ଟେଶନ, ମଧୁପାଟଣା ଆଦି ଜନଗହଳିପୂର୍ଣ୍ଣ ଜାଗାରେ ଆଶ୍ରୟସ୍ଥଳୀ ନିର୍ମାଣ ପାଇଁ ଦାବି କରାଯାଉଛି। ଅନ୍ୟପକ୍ଷରେ ସିଏମ୍‌ସି ପକ୍ଷରୁ ନିର୍ମାଣ ହୋଇଥିବା ୬ଟି ଆଶ୍ରୟସ୍ଥଳୀର ସଠିକ୍ ରକ୍ଷଣାବେକ୍ଷଣର ଅଭାବ ଦେଖାଦେଇଛି। ଲକ୍‌ଡାଉନ୍ ବେଳେ ଆଶ୍ରୟସ୍ଥଳୀର ଶଯ୍ୟାଗୁଡ଼ିକ ଧୂଳି ଖାଉଥିବାବେଳେ ତାହାର ସଫେଇ ଉପରେ ଗୁରୁତ୍ୱ ଦିଆଯାଉ ନ ଥିବା ଅଭିଯୋଗ ହେଉଛି।

# ରାସ୍ତାକୁ ଓହ୍ଲାଇଲା କଂଗ୍ରେସ

### ତୈଳଦର ବୃଦ୍ଧିର ପ୍ରତିବାଦ




ମାଷ୍ଟର କ୍ୟାଣ୍ଟିନ ଛକରେ ପିସିସି ସଭାପତି ନିରଞ୍ଜନ ପଟ୍ଟନାୟକଙ୍କ ସମେତ ନେତା ଓ କର୍ମୀ ପ୍ରତିବାଦ କରୁଛନ୍ତି।

ଭୁବନେଶ୍ୱର,୧୯।୬(ବ୍ୟୁରୋ)

କଂଗ୍ରେସ ସଭାପତି ନିରଞ୍ଜନ ପଟ୍ଟନାୟକଙ୍କ ନେତୃତ୍ୱରେ ଶତାଧିକ କଂଗ୍ରେସ ନେତୃବୃନ୍ଦ ଓ କର୍ମୀ ପେଟ୍ରୋଲ ଏବଂ ଡିଜେଲର ଅହେତୁକ ଦରବୃଦ୍ଧିର ପ୍ରତିବାଦ କରିଛନ୍ତି। ପ୍ରଦେଶ କଂଗ୍ରେସ କାର୍ଯ୍ୟାଳୟରୁ ବାହାରି ମାଷ୍ଟର କ୍ୟାଣ୍ଟିନ ଛକଠାରେ ଶତାଧିକ ନେତା ଓ କର୍ମୀ ପ୍ରତିବାଦ ଜଣାଇଛନ୍ତି। ୨୦୧୪ରେ ଯେତେବେଳେ ଅଶୋଧିତ ତୈଳର ଦାମ ୧୦୭ ଡଲାରରୁ ବଢ଼ି ୧୩୫ ହୋଇଥିଲା ସେତେବେଳେ ପେଟ୍ରୋଲର ମୂଲ୍ୟ ୪୨ ଏବଂ ଡିଜେଲ ମୂଲ୍ୟ ୩୫ଟଙ୍କା ଥିଲା। କିନ୍ତୁ ବର୍ତ୍ତମାନ ବିଶ୍ୱ ବଜାରରେ ଅଶୋଧିତ ତୈଳର ଦାମ ୪୦ ଡଲାରୁ ୩୭ ଡଲାରକୁ ଖସିଥିଲା ବେଳେ ପେଟ୍ରୋଲ ଦାମ ୭୮ ଟଙ୍କା ଏବଂ ଡିଜେଲର ଦାମ ୭୫ ଟଙ୍କାରେ ପହଞ୍ଚିଛି। ଗତ ସପ୍ତାହ ମଧ୍ୟରେ ପେଟ୍ରୋଲ ଏବଂ ଡିଜେଲ ଦାମ ପାଖାପାଖି ୭ରୁ ୮ଟଙ୍କା ବୃଦ୍ଧି ପାଇଛି। କରୋନା ସମୟରେ ଏବେ ଲୋକଙ୍କର ରୋଜଗାର ନ ଥିବାବେଳେ ସେମାନଙ୍କ ଜୀବନ ଜୀବିକା ପ୍ରଭାବିତ ହୋଇଛି। ଯାତ୍ରୀ ଭଡ଼ା ଆହୁରି ଆଗକୁ ମଧ୍ୟ ବଢ଼ିବ। କିନ୍ତୁ ସବୁଠାରୁ ଗୁରୁତ୍ୱପୂର୍ଣ୍ଣ ଘଟଣା ହେଉଛି କେନ୍ଦ୍ର ସରକାର ୩୨ ଟଙ୍କା ଲିଟର ପିଛା ଉତ୍ପାଦ ଶୁଳ୍କ ନେଉଥିଲା ବେଳେ ଅର୍ଥ କମିଶନଙ୍କ ସୁପାରିସ ହିସାବରେ ମାତ୍ର ୪୧% ଉତ୍ପାଦ ଶୁଳ୍କ ଡ୍ୟୁଟିରୁ ରାଜ୍ୟଗୁଡ଼ିକୁ ଭାଗ ମିଳିବ। ଏହି ୪୧%ରୁ ଓଡ଼ିଶାକୁ ମାତ୍ର ୩.୪୬% ଅର୍ଥ ମିଳିବ। କିନ୍ତୁ ୨୦୧୪ ମସିହାରେ ରାଜ୍ୟଗୁଡ଼ିକୁ ୪୨% ହାରରେ ଭାଗ ମିଳୁଥିଲା। ତେଣୁ ପେଟ୍ରୋଲ ଓ ଡିଜେଲର ଦରବୃଦ୍ଧି ଯୋଗୁ କେନ୍ଦ୍ର ସରକାର ଅଧିକରୁ ଅଧିକ ରାଜସ୍ୱ ଆୟ କରିଚାଲିଛନ୍ତି। ଏଣୁ ଯଥାଶୀଘ୍ର କେନ୍ଦ୍ର ଏବଂ ରାଜ୍ୟ ସରକାର ଉଭୟ ପେଟ୍ରୋଲ ଏବଂ ଡିଜେଲ ଉପରେ ଯେଉଁ କର ଆଦାୟ କରୁଛନ୍ତି ତାହା କମ୍ କରନ୍ତୁ ବୋଲି କଂଗ୍ରେସ ଦାବି କରିଛି।

# କ୍ୱାରାଣ୍ଟାଇନରେ ଡାକ୍ତରଙ୍କ ସମେତ ୫ ସ୍ୱାସ୍ଥ୍ୟକର୍ମୀ

ନିମାପଡ଼ା,୧୯।୬(ଡି.ଏନ୍.ଏ.)

ଜଣେ କରୋନା ସଂକ୍ରମିତଙ୍କ ସଂସ୍ପର୍ଶରେ ଆସି ନିମାପଡ଼ା ସରକାରୀ ସ୍ୱାସ୍ଥ୍ୟକେନ୍ଦ୍ରର ଜଣେ ଡାକ୍ତର, ଜଣେ ଷ୍ଟାଫ ନର୍ସ, ଜଣେ ଏଏନ୍‌ଏମ୍ ଦିଦି, ୨ଜଣ ଆଟେଣ୍ଡାଣ୍ଟ ହୋମ କ୍ୱାରାଣ୍ଟାଇନରେ ରହିଛନ୍ତି। ଫଳରେ ସ୍ୱାସ୍ଥ୍ୟକେନ୍ଦ୍ରର ଅନ୍ୟାନ୍ୟ ସ୍ୱାସ୍ଥ୍ୟ ବିଭାଗ କର୍ମଚାରୀମାନେ ଆତଙ୍କିତ ଅବସ୍ଥାରେ କାର୍ଯ୍ୟ କରୁଛନ୍ତି। ସୂଚନାଯୋଗ୍ୟ, ଗୋପ ଥାନା ଅଞ୍ଚଳର ଜଣେ ୫୮ବର୍ଷୀୟ ବୃଦ୍ଧ ଡାଇବେଟିସ ଓ ଶ୍ୱାସ ରୋଗରେ ଆକ୍ରାନ୍ତ ହୋଇ ଗତ ବୁଧବାର ନିମାପଡ଼ା ସ୍ୱାସ୍ଥ୍ୟକେନ୍ଦ୍ରକୁ ଆସିଥିଲେ। ପରେ ଅବସ୍ଥା ଗୁରୁତର ହେବାରୁ ତାଙ୍କୁ ପ୍ରଥମେ କ୍ୟାପିଟାଲ ହସ୍ପିଟାଲ ପରେ ଏକ କୋଭିଡ୍ ହସ୍ପିଟାଲ ପଠାଯାଇଥିଲା। ସେଠାରେ ତାଙ୍କ ସ୍ୱାବ ପରୀକ୍ଷା କରାଯିବାବେଳେ ରିପୋର୍ଟ ପଜିଟିଭ ବାହାରିଥିବା ନିମାପଡ଼ା ସ୍ୱାସ୍ଥ୍ୟକେନ୍ଦ୍ରର ମୁଖ୍ୟ ଚିକିତ୍ସାଧିକାରୀ ଡ.କ୍ଷମାନିଧି ସେଠୀ କହିଛନ୍ତି। ଫଳରେ ସଂକ୍ରମଣ ଦୃଷ୍ଟିକୁ ଦେଖି ଏହି ୫ଜଣ ସ୍ୱାସ୍ଥ୍ୟ କର୍ମଚାରୀଙ୍କୁ କ୍ୱାରାଣ୍ଟାଇନରେ ରହିବାକୁ ଡ.ସେଠୀ କହିଥିଲେ। ଏହାସହ ନିମାପଡ଼ା ସ୍ୱାସ୍ଥ୍ୟକେନ୍ଦ୍ରକୁ ସାନିଟାଇଜ କରାଯିବା ସହ ସମସ୍ତ କର୍ମଚାରୀଙ୍କ ସ୍ୱାବ ପରୀକ୍ଷା ପାଇଁ ଦାବି ହୋଇଛି।

# ପ୍ରବାସୀଙ୍କୁ ନେଇ ଆଜି ବାହାରିନରୁ ଆସିବ ବିମାନ

ଭୁବନେଶ୍ୱର, ୧୯।୬(ବ୍ୟୁରୋ)

ବାହାରିନ୍‌ରେ ଫସି ରହିଥିବା ଓଡ଼ିଆ ଶ୍ରମିକଙ୍କୁ ନେଇ ଏୟାର ଇଣ୍ଡିଆର ଏକ ସ୍ୱତନ୍ତ୍ର ବିମାନ ଶନିବାର ଭୁବନେଶ୍ୱର ବିମାନ ବନ୍ଦରରେ ପହଞ୍ଚିବ। କରୋନା ଲକ୍‌ଡାଉନ୍ ପାଇଁ ଅଧିକାଂଶ ଶ୍ରମିକ ଜୀବିକା ହରେଇ ଆର୍ଥିକ ତଥା ସ୍ୱାସ୍ଥ୍ୟଗତ ସମସ୍ୟା ଦେଇ ଗତି କରୁଥିଲେ। ବାହାରିନ୍‌ର ଓଡ଼ିଆ ସମାଜ ସହଯୋଗର ହାତ ବଢ଼ାଇ ସେମାନଙ୍କୁ ସିଧାସଳଖ ନିଜ ଜନ୍ମ ମାଟିରେ ପହଞ୍ଚାଇବାରେ ବ୍ୟବସ୍ଥା କରିଛି। ବାହାରିନ୍ ଓଡ଼ିଆ ସମାଜର ସାଧାରଣ ସମ୍ପାଦକ ସୁସ୍ମିତା ରାଉତ କହିଛନ୍ତି, ପୂର୍ବରୁ ସେଠାରେ ଥିବା ପ୍ରବାସୀ ଶ୍ରମିକଙ୍କୁ ଖାଦ୍ୟ ଓ ଆବଶ୍ୟକ ସାମଗ୍ରୀ ଯୋଗେଇଆଯିବା ସହ ଘରକୁ ପଠାଇବାର ବ୍ୟବସ୍ଥା କରିବାକୁ ଆଶ୍ୱାସନା ଦେଇଥିଲୁ। ଏଥିପାଇଁ ଭାରତ ସରକାର, ରାଜ୍ୟ ସରକାର ତଥା ବାହାରିନରେ ଥିବା ଭାରତୀୟ ଦୂତାବାସ ସହ ଅହରହ ସମ୍ପର୍କ ରଖିଥିଲୁ। ବିମାନ ବ୍ୟବସ୍ଥା ହୋଇଥିବା ଶୁଣିବା ପରେ ପ୍ରବାସୀମାନେ ଆନନ୍ଦଲାଭ କରିଥିବାବେଳେ ବାହାରିନ୍ ଓଡ଼ିଆ ସମାଜର ସଭାପତି ତପନ ମିଶ୍ର ମଧ୍ୟ ଖୁସିବ୍ୟକ୍ତ କରିଛନ୍ତି। ଏଥିପାଇଁ ସେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି, ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ, କେନ୍ଦ୍ର ପେଟ୍ରୋଲିୟମ୍ ମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ, ବୈଦେଶିକ ବ୍ୟାପାର ମନ୍ତ୍ରୀ ଏସ୍. ଜୟ ଶଙ୍କର, ବିମାନ ଚଳାଚଳ ମନ୍ତ୍ରୀ ହର୍‌ଦୀପ୍ ସିଂପୁରୀ ଏବଂ ବାହାରିନସ୍ଥିତ ଭାରତୀୟ ରାଷ୍ଟ୍ରଦୂତଙ୍କୁ କୃତଜ୍ଞତା ଜ୍ଞାପନ କରିଛନ୍ତି।

# ‘ମୋତେ ଭୟଭୀତ କରି ଭିଡିଓ କରାଯାଇଛି’

ଖୋର୍ଦ୍ଧା ଅଫିସ,୧୯।୬

### ଅସଦାଚରଣ ଘଟଣାରେ ପ୍ରତିକ୍ରିୟା ରଖିଲେ ଡା. ବୈଦ୍ୟନାଥ

ଜଣେ ମହିଳାଙ୍କୁ ଅସଦାଚରଣ ଅଭିଯୋଗରେ ଖୋର୍ଦ୍ଧା ଟାଉନ (ଆଦର୍ଶ) ଥାନା ପୋଲିସ ଖୋର୍ଦ୍ଧାର ପୂର୍ବତନ ସିଡିଏମ୍‌ଓ ତଥା ସ୍ତ୍ରୀ ରୋଗ ବିଶେଷଜ୍ଞ ଡା. ବୈଦ୍ୟନାଥ ନାୟକଙ୍କୁ ଗିରଫ କରିଥିଲା। ସର୍ତ୍ତମୂଳକ ଜାମିନରେ ଆସିବା ପରେ ଡା. ନାୟକ ନିଜକୁ ନିର୍ଦ୍ଦୋଷ ଏବଂ ତାଙ୍କୁ ଫସାଇ ଦିଆଯାଇଛି ବୋଲି ଶୁକ୍ରବାର ତାଙ୍କ ବାସଭବନରେ ଆୟୋଜିତ ଏକ ଖବରଦାତା ସମ୍ମିଳନୀରେ କହିଛନ୍ତି।

ସେ ଆହୁରି କହିଛନ୍ତି ଯେ, ଗତ ୧୬ତାରିଖରେ ହଠାତ୍ ଜଣେ ମହିଳାଙ୍କ ସମେତ ୪ଜଣ ମୋ କ୍ଲିନିକ୍‌କୁ ପଶି ଆସି ଭିତର ପଟୁ କବାଟ ବନ୍ଦ କରିଦେଇଥିଲେ। ହୃଦ୍‌ରୋଗୀ ହୋଇଥିବାରୁ ମୁଁ ସେମାନଙ୍କୁ ଦେଖି ଭୟଭୀତ ହୋଇପଡିଥିଲି। କିଛି ବୁଝିବା ପୂର୍ବରୁ ସେମାନେ ମୋତେ ଧକ୍କା ମାରିଥିଲେ। ଏହା ପରେ ସେମାନେ ଗୋଡ ତଳେ ପଡ଼ି କ୍ଷମା ମାଗ ଏବଂ ମୁଁ ଯାହା କରିଛି ଭୁଲ କରିଛି ବୋଲି କହିବାକୁ କହିଥିଲେ। ଭୟଭୀତ ଅବସ୍ଥାରେ ଥିବାରୁ ସେମାନେ ମୋତେ ଯାହା କହିଥିଲେ, ମୁଁ କରିଥିଲି। ସେମାନେ ଏହାକୁ ଭିଡିଓ କରି ସୋସିଆଲ ମିଡିଆରେ ଭାଇରାଲ କରିଥିଲେ। ପରେ ଦୁଇଜଣ ମୋତେ ବାଇକ୍‌ରେ ନେଇ ପୋଲିସ ଜିମା ଦେଇଥିଲେ। ଏହି ଘଟଣା ମୋ ସମ୍ମାନ ହାନି କରିଛି। ସେମାନଙ୍କର କେଉଁ ମନ୍ଦ ଉଦ୍ଦେଶ୍ୟ ରହିଥିଲା, ସେ ସମ୍ପର୍କରେ କିଛି ଜାଣିନାହିଁ ବୋଲି ଡା. ନାୟକ କହିଛନ୍ତି। ଅନ୍ୟପଟେ ନିଜ ପ୍ରତିଷ୍ଠା ବଜାୟ ରଖିବା ଲାଗି ଡା.ନାୟକ ଗଣମାଧ୍ୟମ ଆଗରେ ନିଜ ସଫେଇ ଦେଇଛନ୍ତି ବୋଲି ବିଭିନ୍ନ ମହଲରେ ଚର୍ଚ୍ଚା ହେଉଛି। ଏ ସମ୍ପର୍କରେ ଟାଉନ ଥାନା ଅଧିକାରୀ ଉମାଶଙ୍କର ସିଂ କୁହନ୍ତି, ଗୁରୁବାର ଡା. ନାୟକ ସମ୍ପୃକ୍ତ ମହିଳା ଓ ତାଙ୍କ ସମ୍ପର୍କୀୟଙ୍କ ବରୋଧରେ ଥାନାରେ ଲିଖିତ ଅଭିଯୋଗ କରିଛନ୍ତି।

ଏ ସମ୍ପର୍କରେ ଏସ୍‌ପିଙ୍କ ସହ ଆଲୋଚନା କରାଯାଇ ପରବର୍ତ୍ତୀ ପଦକ୍ଷେପ ନିଆଯିବ। ସୂଚନାଥାଉକି, ୧୬ ତାରିଖରେ ଜଣେ ମହିଳା ଗର୍ଭଜନିତ ଚିକିତ୍ସା ଲାଗି ଡା.ନାୟକଙ୍କ ନିକଟକୁ ଆସିଥିଲେ। ଡାକ୍ତର ତାଙ୍କୁ ଅସଦାଚାରଣ କରିଥିବା ନେଇ ମହିଳାଜଣକ ୧୭ ତାରିଖରେ ଥାନାରେ ଅଭିଯୋଗ କରିଥିଲେ। ଡାକ୍ତର ସମ୍ପୃକ୍ତ ମହିଳା ଏବଂ ସମ୍ପର୍କୀୟଙ୍କ ଗୋଡ଼ ତଳେ ପଡି କ୍ଷମା ମାଗୁଥିବା ଭିଡିଓ ଭାଇରାଲ ହୋଇଥିଲା। ଘଟଣାର ଅନୁସନ୍ଧାନ ବେଳେ ସତ୍ୟତା ରହିଥିବା ଜଣାପଡ଼ିଥିଲା। ଏହା ପରେ ପୋଲିସ ଡା. ନାୟକଙ୍କୁ ଗିରଫ କରିଥିଲା।


## CLASSIFIED DISPLAY

MORE SPACE • SAME PRICE

TARIFF — GST 5%

| For Single Day | | For 7 Days | | For 15 Days | | For 30 days | |
|---|---|---|---|---|---|---|---|
| 6 x 4 | 12 x 4 | 6 x 4 | 12 x 4 | 6 x 4 | 12 x 4 | 6 x 4 | 12 x 4 |
| 1,500.00 | 2,000.00 | 6,000.00 | 12,000.00 | 12,000.00 | 25,000.00 | 20,000.00 | 40,000.00 |

ଋଣ ଋଣ ଋଣ
ଖର୍ଚ୍ଚ ଋଣ ମଞ୍ଜୁର ହେବା ପରେ
DHANLAXMI BANK LTD. REG. NO. U6519TN198PLC00855
ଆଧାରକାର୍ଡ, ଏଗ୍ରିକଲ୍ଚର, ମାର୍କଶିଟ୍, ପର୍ସନାଲ, ପ୍ରପର୍ଟି ଋଣ ମାତ୍ର 3-4 ଦିନରେ
2% ସୁଧ 40% ରିହାତି
ଠକାମିର ଶିକାର ହୋଇଥିବା ବ୍ୟକ୍ତି ଥରେ ନିଶ୍ଚୟ କଲ୍ କରନ୍ତୁ
73765-91521
73106-44620
B-34/7 A Block Vijay Enclave, Bururi, New Delhi

NEEM SEEDS
required on urgent basis for Manufacturing.
ନିମ ମଞ୍ଜି
ଅତିଶୀଘ୍ର ଦରକାର।
At: DHENKANAL
Contact No.:
9178545391,
9439468968,
9668855308.

INDIA NETWORK
ଗୋଲ୍ଡ ମେଡାଲିଷ୍ଟ Govt. Approved କମ୍ପାନି ଦ୍ୱାରା ମାନ୍ୟତା ପ୍ରାପ୍ତ ସମସ୍ତ ଡିଜିଟାଲ ମଲ୍ଟିମିଡିଆ 4G/5G ଟାୱାର କମ୍ପାନି ଆପଣଙ୍କ ର ଖାଲି ଜମି, ଛାତ ଏବଂ ପ୍ଲଟରେ ଲଗାନ୍ତୁ।
Rupees 20 ଲକ୍ଷ advance 35,000/- rent, 2 ଜଣଙ୍କୁ ଚାକିରି ସହିତ 20,000/- ଦରମା
www.indiatelecome.in
7599145935
8280122168

GLOBAL FINANCE LIMITED
(Reg. No. KA08FGD557S113)
(ଖର୍ଚ୍ଚ ଲୋନ ପାସ୍ ହେଲା ପରେ)
୧୯୮୧ ରୁ ଆପଙ୍କର ସେବାରେ ମାର୍କସିଟ, ପର୍ସନାଲ, ସମ୍ପତି, BPL, IIT ଭତ୍ତା, କୁକୁଡାପାଳନ, ଇତ୍ୟାଦି ସମସ୍ତ ଋଣ ମାତ୍ର ୨୪ ଘଣ୍ଟାରେ ଘରେ ବସି ପାଆନ୍ତୁ।
2% ସୁଧ ଏବଂ 40% ଛାଡ
ଧୋକାବାଜ୍ କୁ ସାବଧାନ, ଧୋକା ଖାଇଥିବା ଅବଶ୍ୟ କଲ କରନ୍ତୁ
2th floor, Krishna Reddy, Mumbai, Maharastra
7653848538

**ପାଠକଙ୍କ ପାଇଁ ସୂଚନା:** ଏହି ପୃଷ୍ଠାରେ ପ୍ରକାଶିତ କେତେକ ବିଜ୍ଞାପନକୁ ଭିତ୍ତିକରି କିଛି ପାଠକ ଠକାମିର ଶିକାର ହେଉଥିବା ଆମର ଦୃଷ୍ଟିଗୋଚର ହେଉଛି। ବିଜ୍ଞାପନ ଦେଇଥିବା ସଂସ୍ଥାମାନଙ୍କ ସହ କାରବାର କରିବା ପୂର୍ବରୁ ସବିଶେଷ ତଥ୍ୟ ଓ ନିଜର ବିବେକ ଖଟାଇ କାରବାର କରନ୍ତୁ। ଏଥିପାଇଁ ଧରିତ୍ରୀ କର୍ତ୍ତୃପକ୍ଷ ଦାୟୀ ରହିବେ ନାହିଁ।

## ସ୍ମୃତି ରଞ୍ଜନ ନୂଆ ଅନ୍ତରୀଣ ଯୁବ କଂଗ୍ରେସ ସଭାପତି

**ଭୁବନେଶ୍ୱର(ବ୍ୟୁରୋ):** ରାଜ୍ୟ କଂଗ୍ରେସ ପକ୍ଷରୁ ନୂତନ ଅନ୍ତରୀଣ କାଳୀନ ଯୁବ ସଭାପତି ଚୟନ କରାଯାଇଛି। ପ୍ରଦେଶ ଯୁବ କଂଗ୍ରେସ ସଭାପତି ଭାବେ ସ୍ମୃତି ରଞ୍ଜନ ଲେଙ୍କାଙ୍କୁ ନିଯୁକ୍ତ କରାଯାଇଛି। ଦଳର ରାଷ୍ଟ୍ରୀୟ ଉପାଧ୍ୟକ୍ଷ ବି.ଭି ଶ୍ରୀନିବାସ ତାଙ୍କୁ ଏନେଇ ଦାୟିତ୍ୱ ମିଳିଥିବା ଦଳ ପକ୍ଷରୁ ବିଧିବଦ୍ଧଭାବେ ସୂଚନା ପ୍ରଦାନ କରିଛନ୍ତି। ଏହାପୂର୍ବରୁ ଲୋକନାଥ ମହାରଥୀ ଯୁବ ସଭାପତି ଦାୟିତ୍ୱରେ ଥିଲେ। ମାତ୍ର ତାଙ୍କ କାର୍ଯ୍ୟକାଳ ଶେଷ ହେବାପରେ ଏହି ସ୍ଥାନରେ ସ୍ମୃତି ରଞ୍ଜନଙ୍କୁ ନୂଆ ଦାୟିତ୍ୱ ମିଳିଛି।

# ଆଖିଧରା କରୋନାର ପ୍ରାଥମିକ ଲକ୍ଷଣ ହୋଇପାରେ

ଟରଣ୍ଟୋ, ୧୯।୬(ପି.ଟି.)



କାଶ, ଜ୍ୱର ଏବଂ ନିଃଶ୍ୱାସ ନେବାରେ ଅସୁବିଧା ହେବା କରୋନା ସଂକ୍ରମଣର ସାଧାରଣ ଲକ୍ଷଣ। ହେଲେ ଏକ ନୂଆ ଅଧ୍ୟୟନରୁ ଜଣାପଡ଼ିଛି ଯେ, ଆଖିଧରିବା ବା ଆଖି ଗୋଲାପୀ ପଡ଼ିଗଲେ ମଧ୍ୟ କରୋନା ଟେଷ୍ଟ କରାଯିବା ଆବଶ୍ୟକ। କାରଣ କଞ୍ଜୁକ୍ଟିଭିଟିସ୍(ଆଖିଧରା) ଏବଂ କିରୋଟୋକଞ୍ଜୁକ୍ଟିଭିଟିସ୍ (କର୍ନିଆ ପ୍ରଦାହ ସହ ଆଖିଧରା) ମଧ୍ୟ ମହାମାରୀ କରୋନାର ପ୍ରାଥମିକ ଲକ୍ଷଣ ହୋଇପାରେ। ଚକ୍ଷୁ ବିଜ୍ଞାନ ସମ୍ପର୍କିତ କାନାଡାର ଏକ ଜର୍ନାଲରେ ଏହି ଅଧ୍ୟୟନ ପ୍ରକାଶ ପାଇଛି। ଗବେଷକମାନେ ସୂଚାଇଛନ୍ତି ଯେ, ଗତ ମାର୍ଚ୍ଚରେ ଜଣେ ୨୯ ବର୍ଷ ବର୍ଷୀୟା ମହିଳା ଆଲବର୍ଟାର ରୟାଲ ଆଲେକ୍ସଜାଣ୍ଡାର ହସ୍ପିଟାଲର ଚକ୍ଷୁ ପ୍ରତିଷ୍ଠାନକୁ ଆସିଥିଲେ। ତାଙ୍କର ଆଖିଧରା ସାଙ୍ଗକୁ ସାମାନ୍ୟ ଶ୍ୱାସକ୍ରିୟା ସମସ୍ୟା ଥିବା ଦେଖାଯାଇଥିଲା। କିଛିଦିନ ଚିକିତ୍ସା ପରେ ତାଙ୍କ ସ୍ୱାସ୍ଥ୍ୟରେ ଉନ୍ନତି ଆସିଥିଲା। ହେଲେ ଟ୍ରାଭେଲ ହିଷ୍ଟ୍ରି (ଏସିଆରୁ ଘରକୁ ଫେରିଥିଲେ) ଥିବାରୁ ସ୍ଥାନୀୟ ପ୍ରଶାସନର ନିର୍ଦ୍ଦେଶରେ ତାଙ୍କର କରୋନା ଟେଷ୍ଟ କରାଯାଇଥିଲା। ଏହାପରେ ସେ କରୋନା ସଂକ୍ରମିତ ଥିବା ଜଣାପଡ଼ିଥିଲା। ହେଲେ ତାଙ୍କ ଅସୁସ୍ଥତାର ମୁଖ୍ୟ ଲକ୍ଷଣ ଶ୍ୱାସକ୍ରିୟା ସମସ୍ୟା ନ ଥିଲା, ବରଂ ଆଖିଧରା ଥିଲା ବୋଲି କାନାଡା ଆଲବର୍ଟା ବିଶ୍ୱବିଦ୍ୟାଳୟର ସହଯୋଗୀ ପ୍ରଫେସର କାର୍ଲୋସ୍ ସୋଲାର୍ଟ କହିଛନ୍ତି। ତାଙ୍କ କହିବାନୁଯାୟୀ ଉକ୍ତ ମହିଳାଙ୍କୁ କାଶ କିମ୍ବା ଜ୍ୱର ନ ଥିଲା, ତେଣୁ ଆମେ ଆରମ୍ଭରେ କରୋନା ସନ୍ଦେହ କରି ନ ଥିଲୁ। ଆମେ ଜାଣି ନ ଥିଲୁ ଯେ, କରୋନାର ଲକ୍ଷଣ ମୁଖ୍ୟତଃ ଫୁସ୍‌ଫୁସ୍ ନୁହେଁ, ଆଖି ଜରିଆରେ ପ୍ରକାଶ ପାଇଛି। ମହାମାରୀ ଆରମ୍ଭରେ ହୋଇଥିବା ଏକାଡେମିକ ଅଧ୍ୟୟନ ବେଳେ ୧୦ରୁ ୧୫% ସଂକ୍ରମିତଙ୍କଠାରେ ଆଖିଧରା ଦ୍ୱିତୀୟ ଲକ୍ଷଣ ଭାବେ ଚିହ୍ନଟ ହୋଇଥିଲା ବୋଲି ପ୍ରଫେସର ସୋଲାର୍ଟ କହିଛନ୍ତି। ସେବେଠାରୁ ବୈଜ୍ଞାନିକମାନେ ଜାଣିବାକୁ ପାଇଥିଲେ ଯେ, କରୋନା ଭୂତାଣୁ କିପରି ଶରୀର ମାଧ୍ୟମରେ ସଞ୍ଚାରିତ ହୋଇପାରେ ଏବଂ ଶ୍ୱାସକ୍ରିୟା ପ୍ରଣାଳୀକୁ ପ୍ରଭାବିତ କରିପାରେ, ଯେଉଁଥିରୁ କଞ୍ଜୁନ୍‌ଟିଭା(ଆଖିଡ଼ୋଳା ଉପରର ଏବଂ ପତା ଭିତରର ପତଳା ଶ୍ଳେଷ୍ମାଭ ଆବରଣ)କୁ ବ୍ୟାପିପାରେ। ଏହି ଅନୁସନ୍ଧାନ ଜନସାଧାରଣଙ୍କ ପାଇଁ ନୂଆ ଗୁରୁତ୍ୱପୂର୍ଣ୍ଣ ସ୍ୱାସ୍ଥ୍ୟ ସୂଚନା ହୋଇଥିବାବେଳେ ଚକ୍ଷୁ ବିଶେଷଜ୍ଞ ଏବଂ କର୍ମଚାରୀଙ୍କ ପାଇଁ ଆଖି ପରୀକ୍ଷା କରିବା ଜଟିଳ ହେବ ବୋଲି ଗବେଷକମାନେ ଦର୍ଶାଇଛନ୍ତି। ଆଖିଧରା ରୋଗରେ ପୀଡ଼ିତ ହୋଇ ଚିକିତ୍ସାଳୟ ଆସୁଥିବା ବ୍ୟକ୍ତିଙ୍କୁ ବର୍ତ୍ତମାନ ସମ୍ଭାବ୍ୟ କରୋନା ରୋଗୀ ଭାବେ ଆବଶ୍ୟକ ପରୀକ୍ଷା କରାଯିବା ସହ ଚିକିତ୍ସକ ଏବଂ କର୍ମଚାରୀଙ୍କୁ ଏନେଇ ସତର୍କତା ଅବଲମ୍ବନ କରିବାକୁ ପଡ଼ିବ ବୋଲି ଗବେଷକମାନେ ଚେତାଇ ଦେଇଛନ୍ତି।

# ସେପ୍ଟେମ୍ବରରେ ସରିବ ରାଉରକେଲା ସ୍ୱେରେଜ କାମ

ଭୁବନେଶ୍ୱର, ୧୯।୬(ବ୍ୟୁରୋ)

ଆସନ୍ତା ସେପ୍ଟେମ୍ବର ଶେଷ ସୁଦ୍ଧା ରାଉରକେଲା ସ୍ୱେରେଜ ବ୍ୟବସ୍ଥା ସମ୍ପୂର୍ଣ୍ଣ ହେବ। ସହରରେ ୨୩୮.୯୬ କୋଟି ଟଙ୍କା ବ୍ୟୟ ଅଟକଳରେ ସ୍ୱେରେଜ ନିର୍ମାଣ ହେଉଛି। ୨୦୧୭ରୁ ଆରମ୍ଭ ହୋଇଥିବା ଏହି କାର୍ଯ୍ୟ ଅଦ୍ୟାବଧି ୮୩ ପ୍ରତିଶତ ସମ୍ପୂର୍ଣ୍ଣ ହୋଇଛି। ଶୁକ୍ରବାର ପଞ୍ଚାୟତିରାଜ, ପାନୀୟ ଜଳ, ଆଇନ, ଗୃହ ଓ ନଗରଉନ୍ନୟନ ମନ୍ତ୍ରୀ ପ୍ରତାପ ଜେନାଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ସମୀକ୍ଷା ବୈଠକରେ ଏହି ସୂଚନା ଦିଆଯାଇଛି।

ରାଜ୍ୟର ବିଭିନ୍ନ ସହରାଞ୍ଚଳରେ ଚାଲିଥିବା ସ୍ୱେରେଜ ବ୍ୟବସ୍ଥା ସମ୍ପର୍କରେ ହୋଇଥିବା ସମୀକ୍ଷାରୁ ଜଣାପଡ଼ିଛି ଯେ, ସମ୍ବଲପୁର ସହରରେ ୨୯୪ କୋଟି ଟଙ୍କା ବ୍ୟୟ ଅଟକଳରେ ଆରମ୍ଭ କରାଯାଇଥିବା ସ୍ୱେରେଜ ବ୍ୟବସ୍ଥା ବିଭିନ୍ନ କାରଣ ଯୋଗୁ ବିଶେଷ ଅଗ୍ରଗତି ହୋଇ ପାରି ନାହିଁ। ଏହି କାର୍ଯ୍ୟକୁ ତ୍ୱରାନ୍ୱିତ କରିବାକୁ ମନ୍ତ୍ରୀ ନିର୍ଦ୍ଦେଶ ଦେଇଛନ୍ତି। ଏ ନେଇ କାର୍ଯ୍ୟ କରୁଥିବା ସମ୍ପୃକ୍ତ ସଂସ୍ଥା ସହିତ ଆଲୋଚନା କରି କାର୍ଯ୍ୟକୁ ଆଗେଇ ନେବା ପାଇଁ ସେ ପରାମର୍ଶ ଦେଇଛନ୍ତି। ସ୍ୱେରେଜ ବୋର୍ଡ ତରଫରୁ କଟକ, ସମ୍ବଲପୁର, ପୁରୀ, ରାଉରକେଲାରେ ୭୫୭ ଲକ୍ଷ ଟଙ୍କା ବ୍ୟୟରେ ୮ଟି ସେପ୍ଟେଜ ନିର୍ମାଣ କରାଯାଇଛି। ସେହିପରି ଦ୍ୱିତୀୟ ପର୍ଯ୍ୟାୟରେ ୮୭.୯୬ କୋଟି ଟଙ୍କା ବ୍ୟୟ ଅଟକଳରେ ୩୦ ଜିଲାରେ ସେପ୍ଟେଜ ନିର୍ମାଣ କାର୍ଯ୍ୟ ଆଗେଇ ଚାଲିଛି। ତୃତୀୟ ପର୍ଯ୍ୟାୟରେ ୯୬ କୋଟି ଟଙ୍କା ବ୍ୟୟରେ ନିର୍ମାଣ ହେବାକୁ ଥିବା ସେପ୍ଟେଜ ପାଇଁ ଟେଣ୍ଡର ଆହ୍ୱାନ କରାଯାଇ ବର୍ତ୍ତମାନ ତା'ର ମୂଲ୍ୟାୟନ କରାଯାଉଛି। ସ୍ୱେରେଜ ବୋର୍ଡର କାର୍ଯ୍ୟକାଳ ଅବଧି ସରିଯାଇଥିବା ବେଳେ ତାକୁ ପୁନର୍ଗଠନ କରିବା ପାଇଁ ନିଷ୍ପତ୍ତି ଗ୍ରହଣ କରାଯାଇଛି। ଲୋକସେବା ଭବନଠାରେ ଅନୁଷ୍ଠିତ ଉକ୍ତ ବୈଠକରେ ବୋର୍ଡର ସଦସ୍ୟ ସଚିବ ଅମୂଲ୍ୟ ମଲ୍ଲିକ, ଭୁବନେଶ୍ୱର ପ୍ରକଳ୍ପ ନିର୍ଦ୍ଦେଶକ ବିନୋଦ ସାହୁ, କଟକ ପ୍ରକଳ୍ପ ନିର୍ଦ୍ଦେଶକ ରତୀନ୍ଦ୍ରନାଥ ମଲ୍ଲିକଙ୍କ ସମେତ ଅନ୍ୟାନ୍ୟ ବିଭାଗୀୟ ପଦାଧିକାରୀ ଉପସ୍ଥିତ ଥିଲେ।


रजिस्ट्री सं. डी.एल.- 33004/99 REGD. NO. D.L.-33004/99

भारत का राजपत्र
The Gazette of India

सी.जी.-डी.एल.-अ- 25022020-216344
CG-DL-E-25022020-216344

असाधारण
EXTRAORDINARY
भाग II-खण्ड, ३-उप-खण्ड (ii)
PART II-Section 3-Sub-section (ii)
प्राधिकार से प्रकाशित
PUBLISHED BY AUTHORITY

सं. 723] नई दिल्ली, बृहस्पतिवार, फरवरी-20, 2020/फाल्गुन-1 1941
No. 723] New Delhi, Thursday, February 20, 2020/Phalguna 1, 1941

MINISTRY OF ROAD TRANSPORT AND HIGHWAYS
ସଡ଼କ ପରିବହନ ଓ ରାଜପଥ ମନ୍ତ୍ରଣାଳୟ

NOTIFICATION
ବିଜ୍ଞପ୍ତି

New Delhi, the 19th February, 2020
ନୂଆଦିଲ୍ଲୀ, ୧୯ ଫେବୃଆରୀ ୨୦୨୦

**ଏସ୍.ଓ. ୭୯୨ (E)**- ଭାରତ ସରକାରଙ୍କ ସଡ଼କ ପରିବହନ ଏବଂ ରାଜପଥ ମନ୍ତ୍ରଣାଳୟର ବିଜ୍ଞପ୍ତି ସଂଖ୍ୟା ଏସ୍‌ଓ ୧୦୧୩(E), ତା ୨୨ ଫେବୃଆରୀ ୨୦୧୯ରେ ପ୍ରକାଶିତ ଭାରତର ରାଜପତ୍ରର ସ୍ୱତନ୍ତ୍ର ସମ୍ଭାଗ ୨, ଧାରା ୩, ଜାତୀୟ ରାଜମାର୍ଗ ଅଧିନିୟମ ୧୯୫୬ (୧୯୫୬ର ୪୮) (ଏହା ପରେ ଏଥିରେ ପୂର୍ବୋକ୍ତ ଅଧିନିୟମ ଭାବରେ ବର୍ଣ୍ଣନା କରା ଯାଇଛି) ଅନୁସାରେ କେନ୍ଦ୍ର ସରକାର ଉକ୍ତ ବିଜ୍ଞପ୍ତିରେ ନିର୍ଦ୍ଧାରିତ ସଂଲଗ୍ନ ବିବରଣୀରେ ଉଲ୍ଲିଖିତ ଭୂମି ବିନିର୍ମାଣ (ପ୍ରଶସ୍ତିକରଣ/ ଛଅଟିକିଆ ଇତ୍ୟାଦି), ରକ୍ଷଣାବେକ୍ଷଣ, ପ୍ରବନ୍ଧନ ଏବଂ କାର୍ଯ୍ୟ ଅନୁପାଳନ ପାଇଁ ଓଡ଼ିଶାର ଭଦ୍ରକ ଜିଲ୍ଲାରେ ୬୨.୦୦୦ କିମି.ରୁ ୧୩୬.୫୦୦ କିମି (ଚଣ୍ଡିଖୋଲ-ଭଦ୍ରକ ସଂଭାଗ) ଆବଶ୍ୟକ ଜମି ଅଧିଗ୍ରହଣ ନିମନ୍ତେ ନିଜର ଉଦ୍ଦେଶ୍ୟର ଘୋଷଣା କରୁଛନ୍ତି।

ଏବଂ ଯେମିତିକି ଉକ୍ତ ବିଜ୍ଞପ୍ତିର ତଥ୍ୟ "ପ୍ରମେୟ" ଏବଂ "ଧରିତ୍ରୀ" ଉଭୟରେ ୧୬ ମାର୍ଚ୍ଚ ୨୦୧୯ ସଂଖ୍ୟାରେ ପ୍ରକାଶିତ; କଥିତ ଆଇନର ଧାରା ୩ ଏ'ର ଉପଧାରା (୩) ଅଧୀନରେ;

ଏବଂ ଯେପରିକି ଉକ୍ତ ବିଜ୍ଞପ୍ତି ଉପରେ ଆପତ୍ତିମାନ ଶୁଣାଣି ପାଇଁ ଗ୍ରହଣ କରାଯାଇ ସକ୍ଷମ ଅଧିକାରୀଙ୍କ ଦ୍ୱାରା ଖାରଜ ହୋଇସାରିଛି;

ଏବଂ ଯେପରିକି ଉକ୍ତ ଆଇନର ଧାରା ୩ଡି ଅନ୍ତର୍ଗତ ଉପଧାରା(୧)ର ଅନୁପାଳନରେ ସକ୍ଷମ ଅଧକାରୀ ତାଙ୍କର ରିପୋର୍ଟ କେନ୍ଦ୍ର ସରକାରଙ୍କୁ ପ୍ରଦାନ କରିସାରିଛନ୍ତି;

ଏଣୁ ବର୍ତ୍ତମାନ, ସକ୍ଷମ ଅଧିକାରୀଙ୍କଠାରୁ ପ୍ରାପ୍ତ ରିପୋର୍ଟ ଆଧାରରେ ଏବଂ ଉକ୍ତ ଆଇନର ଧାରା ୩ଡି ଅନ୍ତର୍ଗତ ଉପଧାରା (୧)ରେ ପ୍ରଦତ୍ତ କ୍ଷମତାର ଉପଯୋଗରେ କେନ୍ଦ୍ର ସରକାର ଏତଦ୍ୱାରା ଘୋଷଣା କରୁଛନ୍ତି କି ଉକ୍ତ ନିର୍ଦ୍ଧାରିତ ସଂଲଗ୍ନ ବିବରଣୀରେ ଉଲ୍ଲିଖିତ ଜମି ଉପରୋକ୍ତ ଉଦ୍ଦେଶ୍ୟରେ ଅଧିଗ୍ରହଣୀୟ;

ଏବଂ ଆଗକୁ ଏହି ଆଇନର ଧାରା ୩ ଡି ଅନ୍ତର୍ଗତ ଉପଧାରା (୨)ର ଅନୁପାଳନରେ କେନ୍ଦ୍ର ସରକାର ଏତଦ୍ୱାରା ଘୋଷଣା କରୁଛନ୍ତି କି ଉକ୍ତ ସରକାରୀ ରାଜପତ୍ରରେ ଏହି ବିଜ୍ଞାପନ ପ୍ରକାଶନ ଦ୍ୱାରା ନିର୍ଦ୍ଦିଷ୍ଟ ଜମି ସମ୍ପୂର୍ଣ୍ଣରୂପେ ସମସ୍ତ ବାଧାମୁକ୍ତ ଭାବେ କେନ୍ଦ୍ର ସରକାରଙ୍କ ଉପରେ ନ୍ୟସ୍ତ ହେବ।

**ଅନୁସୂଚି**

ଏନ୍‌ଏଚ୍-୧୬ (ପୁରାତନ ଏନ୍‌ଏଚ୍-୫)ଅନ୍ତର୍ଗତ ଓଡ଼ିଶାର ଭଦ୍ରକ ଜିଲା (ଚଣ୍ଡିଖୋଲ-ଭଦ୍ରକ ସଂଭାଗ)ରେ ଆସୁଥିବା ୬୨.୦୦୦ କିମି. ରୁ ୧୩୬.୫୦୦ କିମି. ପର୍ଯ୍ୟନ୍ତ ସଂରଚନା ସହିତ ବା ରହିତ ଅଧିଗ୍ରହଣ ହେବାକୁ ଥିବା ଜମିର ସମ୍ପୂର୍ଣ୍ଣ ବିବରଣୀ।

ରାଜ୍ୟ: ଓଡ଼ିଶା ଜିଲ୍ଲା: ଭଦ୍ରକ

| କ୍ର. ନଂ. | ସର୍ବେକ୍ଷଣ ସଂଖ୍ୟା | ଜମିର ପ୍ରକାର | ଜମିର କିସମ | କ୍ଷେତ୍ର(ସ୍ଥାନୀୟ ଏକକରେ) | ଜମି ସ୍ୱତ୍ୱାଧିକାରୀଙ୍କ ନାମ/ଆଗ୍ରହୀ ବ୍ୟକ୍ତି ବିଭାଗ ସର୍ବେକ୍ଷଣ ସଂଖ୍ୟା |
|---|---|---|---|---|---|
| ତାଲୁକ : ଭଣ୍ଡାରୀପୋଖରୀ | | | | | |
| ଗ୍ରାମ : ବେଣିପୁର-୧୧୭ | | | | | |
| ୧ | ୩୮୧ | ସରକାରୀ | ଗୋଚର | ୦.୦୮୯୮ | ରକ୍ଷିତ |
| ୨ | ୩୮୯ | ସରକାରୀ | ଗୋଚର | ୦.୦୬୮୮ | ରକ୍ଷିତ |
| ଗ୍ରାମ : ଭୂତିଆ-୭୭ | | | | | |
| ୩ | ୧୧୧ | ସରକାରୀ | ଉନ୍ନତ ଯୋଜନା ଯୋଗ୍ୟ | ୦.୦୨୦୨ | ରକ୍ଷିତ |
| ୪ | ୧୧୮ | ସରକାରୀ | ଉନ୍ନତ ଯୋଜନା ଯୋଗ୍ୟ | ୦.୧୪୧୬ | ରକ୍ଷିତ |
| ୫ | ୧୧୯ | ସରକାରୀ | ବସ୍ତି ଯୋଗ୍ୟ | ୦.୧୬୧୯ | ରକ୍ଷିତ |
| ୬ | ୧୭୭ | ସରକାରୀ | ବସ୍ତି ଯୋଗ୍ୟ | ୦.୧୯୪୩ | ରକ୍ଷିତ |
| ୭ | ୮୫ | ସରକାରୀ | ନୟନଜୋରୀ | ୦.୦୪୦୫ | ପୂର୍ତ୍ତ ବିଭାଗ |
| ଗ୍ରାମ : ଦକ୍ଷିଣବାଡ଼-୪୨ | | | | | |
| ୮ | ୧୧୪୨ | ସରକାରୀ | ରାସ୍ତା | ୦.୦୨୦୨ | ପୂର୍ତ୍ତ ବିଭାଗ |
| ୯ | ୧୧୬୨ | ସରକାରୀ | ନୟନଜୋରୀ | ୦.୦୦୮୧ | ଜଳସେଚନ ବିଭାଗ |
| ୧୦ | ୧୧୬୩ | ସରକାରୀ | କେନାଲ | ୦.୦୦୮୧ | ଜଳସେଚନ ବିଭାଗ |
| ୧୧ | ୧୨୬୭ | ସରକାରୀ | ପତିତ | ୦.୦୦୨୮ | ଅବାଦ୍ୟ ଯୋଗ୍ୟ ଅନାବାଦି |
| ୧୨ | ୧୨୬୯ | ସରକାରୀ | ନୟନଜୋରୀ | ୦.୦୦୮୧ | ଜଳସେଚନ ବିଭାଗ |
| ୧୩ | ୧୨୭୦ | ରୟତି | ଜଳାଶୟ-୨ | ୦.୦୧୦୧ | ହରମୋହନ ମହାପାତ୍ର, ପିତା-ଶିବ ଚରଣ ପ୍ରହରାଜ |
| ୧୪ | ୧୨୭୫ | ସରକାରୀ | ବନ୍ଧ | ୦.୦୦୨୪ | ଜଳସେଚନ ବିଭାଗ |
| ୧୫ | ୧୨୭୬ | ସରକାରୀ | କେନାଲ | ୦.୦୧୭୮ | ଜଳସେଚନ ବିଭାଗ |
| ୧୬ | ୧୨୭୭ | ସରକାରୀ | ବନ୍ଧ | ୦.୦୦୮୧ | ଜଳସେଚନ ବିଭାଗ |
| ୧୭ | ୧୨୮୨ | ସରକାରୀ | ନୟନଜୋରୀ | ୦.୦୦୬୧ | ଜଳସେଚନ ବିଭାଗ |
| ୧୮ | ୧୨୮୩ | ସରକାରୀ | ନୟନଜୋରୀ | ୦.୦୦୬୧ | ଜଳସେଚନ ବିଭାଗ |
| ୧୯ | ୧୨୮୪ | ସରକାରୀ | ଗୋଚର | ୦.୦୧୧୩ | ରକ୍ଷିତ |
| ୨୦ | ୧୩୪୪ | ସରକାରୀ | ପତିତ | ୦.୦୦୨ | ଜଳସେଚନ ବିଭାଗ |
| ୨୧ | ୧୩୪୫ | ରୟତି | ସାରଦ ଜଳ-୨ | ୦.୦୧୨୧ | ଜଗବନ୍ଧୁ ଦାସ, ଗଙ୍ଗାଧର ଦାସ, ନୃସିଂହଚରଣ ଦାସ, ପିତା-ଦୁର୍ଯ୍ୟୋଧନଦାସ, ରମେଶ ଚନ୍ଦ୍ର ଦାସ, ପିତା-ଗଙ୍ଗାଧର ଦାସ, ମିନାରାଣି ନାୟକ, ସ୍ୱା-ରବିନ୍ଦ୍ର ନାୟକ, ଉମେଶ ଚନ୍ଦ୍ର ଦାସ, ପିତା-ଗଙ୍ଗାଧର ଚନ୍ଦ୍ର ଦାସ, ପ୍ରତିମା ବାରିକ, ସ୍ୱା-ଉତ୍ତମ କୁମାର ବାରିକ, ମାମି ସାହୁ, ସ୍ୱା-ମଧୁସୁଦନ ସାହୁ, ପଦ୍ମାବତୀ ବେହେରା, ସ୍ୱା-ସନ୍ତୋଷ କୁମାର ସାହୁ। |
| ୨୨ | ୧୩୪୭ | ରୟତି | ସାରଦ ଜଳ-୨ | ୦.୦୦୪ | ସନ୍ତୋଷ କୁମାର ଦାସ, ପିତା-ଗୟାଧର ଦାସ, ନିରୁପମା ଦାସ, ସ୍ୱା-ସନ୍ତୋଷ କୁମାର ଦାସ, ବୀଣାପାଣି ଦାସ, ପିତା-ରତ୍ନାକର ଦାସ, ରମେଶ ଚନ୍ଦ୍ର ଦାସ, ପିତା-ଗଙ୍ଗାଧର ଦାସ |
| ୨୩ | ୧୫୫୧ | ରୟତି | ଘରବାରି | ୦.୦୩୩୬ | ଜୟଶ୍ରୀ ନାୟକ, ସ୍ୱା-କୁମାରବର ନାୟକ |
| ୨୪ | ୧୫୫୩ | ରୟତି | ଘରବାରି | ୦.୦୧୬୨ | ଅଭିରାମ ସ୍ୱାଇଁ, ପିତା-ମହେନ୍ଦ୍ର ସ୍ୱାଇଁ, କିସ୍ମତ ୮ ଅଣା, ଜୟଶ୍ରୀ ନାୟକ, ସ୍ୱା-କୁମାରବର ନାୟକ, କିସ୍ମତ ୮ ଅଣା |
| ୨୫ | ୧୫୫୪ | ରୟତି | ସାରଦ ଜଳ-୧ | ୦.୦୦୮୧ | ରାସବିହାରୀ ସାହୁ, ପିତା-ବାଞ୍ଛାନିଧି ସାହୁ |
| ୨୬ | ୧୬୦୩ | ସରକାରୀ | ନୟନଜୋରୀ | ୦.୦୦୫୩ | ଜଳସେଚନା ବିଭାଗ |
| ୨୭ | ୧୬୦୪ | ସରକାରୀ | କେନାଲ | ୦.୦୦୬୯ | ଜଳସେଚନା ବିଭାଗ |
| ୨୮ | ୧୬୦୫ | ସରକାରୀ | ବନ୍ଧ | ୦.୦୦୪ | ଜଳସେଚନା ବିଭାଗ |
| ୨୯ | ୧୬୦୭ | ରୟତି | ଘରବାରି | ୦.୦୫୬୭ | ଜ୍ୟୋସ୍ନାମୟୀ ସାହୁ, ସ୍ୱା-ସୁବାସ ଚନ୍ଦ୍ର ସାହୁ |
| ୩୦ | ୧୬୦୮ | ରୟତି | ଘରବାରି | ୦.୦୧୩ | ଅଚ୍ୟୁତାନନ୍ଦ ରାଉତ, ପିତା-ନବଘନ ରାଉତ |
| ୩୧ | ୧୬୦୯ | ରୟତି | ଘରବାରି | ୦.୦୧୦୯ | ପଦ୍ମନାଭ ରାଉତ, ପ୍ରଫୁଲ୍ଲ କୁମାର ରାଉତ, ସୁଦାମ ଚରଣ ରାଉତ, ଅଚ୍ୟୁତାନନ୍ଦ ରାଉତ, ପିତା-ନବଘନ ରାଉତ |
| ୩୨ | ୧୬୧୦ | ରୟତି | ଘରବାରି | ୦.୦୨୦୨ | ଶସିମିରା ନାୟକ, ସ୍ୱା-ଲକ୍ଷ୍ମୀଧର ନାୟକ |
| ୩୩ | ୧୬୧୧ | ରୟତି | ଘରବାରି | ୦.୦୪୪୫ | ପ୍ରଭାକର ନାୟକ, ପିତା-ସୁଦର୍ଶନ ନାୟକ, ସେବତୀଲତା ନାୟକ, ସ୍ୱା-ଉମାକାନ୍ତ ପାତ୍ର, ଶସିମିରା ନୟକ, ସ୍ୱା-ଲକ୍ଷ୍ମୀଧର ନାୟକ |
| ୩୪ | ୧୬୨୯ | ରୟତି | ଘରବାରି | ୦.୦୩୮୪ | ମାଳତୀ ସେନାପତୀ, ସ୍ୱା-ଗୋବର୍ଦ୍ଧନ ସେନାପତି |
| ୩୫ | ୧୬୩୦ | ରୟତି | ପତିତ | ୦.୦୧୬୨ | ଧନେଶ୍ୱର ବିଶ୍ୱାଳ, ପିତା-ମନ୍ଦର ବିଶ୍ୱାଳ |
| ୩୬ | ୧୬୩୧ | ରୟତି | ଘରବାରି | ୦.୦୦୫୩ | ଦାସରଥି ସାହୁ, ପିତା-ସିଦ୍ଧନାଥ ସାହୁ |
| ୩୭ | ୧୬୩୨ | ରୟତି | ଘରବାରି | ୦.୦୧୩ | ରାହସ ବିହାରୀ ମହାପାତ୍ର, ପିତା-ଗଣନାଥ ମହାପାତ୍ର |
| ୩୮ | ୧୬୫୦ | ରୟତି | ସାରଦ ଜଳ-୨ | ୦.୦୨୦୨ | ମାଳତୀ ମଞ୍ଜରୀ ସାହୁ, ସ୍ୱା-ଗଙ୍ଗାଧର ସାହୁ, କଳ୍ପତରୁ ସାହୁ, ପିତା-ଗଙ୍ଗାଧର ସାହୁ |
| ୩୯ | ୧୬୫୧ | ରୟତି | ସାରଦ ଜଳ-୨ | ୦.୦୧୨୧ | ନବଘନ ସ୍ୱାଇଁ, ପିତା-ପରିକ୍ଷିତ ସ୍ୱାଇଁ, ବାସୁଦେବ ବିଶ୍ୱାଳ, ପିତା-ବୃନ୍ଦାବନ ବିଶ୍ୱାଳ, ସରତ ଚନ୍ଦ୍ର ବିଶ୍ୱାଳ, ପିତା-ଧ୍ରୁବ ଚରଣ ବିଶ୍ୱାଳ |
| ୪୦ | ୧୬୫୩ | ରୟତି | ସାରଦ-୨ | ୦.୦୦୪ | ଶଶିଭୂଷଣ ଦାସ, ଶରତ ଚନ୍ଦ୍ର ଦାସ, ଶିଶିର କୁମାର ଦାସ, ପିତା-ଭାଗିରଥି ଦାସ, ସବିତାରାଣୀ ମହାନ୍ତି, ସ୍ୱା-ପ୍ରମୋଦ କୁମାର ମହାନ୍ତି |
| ୪୧ | ୧୬୫୪ | ରୟତି | ଘରବାରି | ୦.୦୧୨୧ | ନବଘନ ସ୍ୱାଇଁ, ପିତା-ପରିକ୍ଷିତ ସ୍ୱାଇଁ |
| ୪୨ | ୧୬୫୫ | ରୟତି | ସାରଦ ଜଳ-୨ | ୦.୦୩୨୪ | ଶୁକ ବିଶ୍ୱାଳ, ସ୍ୱା-ମାୟାଧର ବିଶ୍ୱାଳ |
| ୪୩ | ୧୬୫୭ | ରୟତି | ଘରବାରି | ୦.୦୨୪୩ | ଶଶାଙ୍କ ସେଖର ପଣ୍ଡା, ସରୋଜ କୁମାର ପଣ୍ଡା, ପିତା-ବିଦ୍ୟାଧର ପଣ୍ଡା |
| ୪୪ | ୧୬୫୮ | ରୟତି | ସାରଦ ଜଳ-୨ | ୦.୦୦୪ | ନୃସିଂହ ଚରଣ ସେନାପତି, ପିତା-ଦାସରଥି ସେନାପତି |
| ୪୫ | ୧୬୬୩ | ସରକାରୀ | ରାସ୍ତା | ୦.୦୧୪୨ | ସର୍ବସାଧାରଣ |
| ୪୬ | ୧୬୬୪ | ସରକାରୀ | ନୟନଜୋରୀ | ୦.୦୧୦୧ | ସର୍ବସାଧାରଣ |
| ୪୭ | ୧୬୬୫ | ରୟତି | ଘରବାରି | ୦.୦୧୨୧ | ନୃସିଂହ ଚରଣ ସେନାପତି, ପିତା-ଦାସରଥି ସେନାପତି, କିସ୍ମତ ୨ ଅଣା, ଗୋପିନାଥ ସେନାପତି, କିସ୍ମତ ୧ ଅଣା,ଲୋକନାଥ ସେନାପତି କିସ୍ମତ ୧ ଅଣା, ପିତା-ଶ୍ୟାମସୁନ୍ଦର ସେନାପତି, ଭଗବାନ ସେନାପତି, ପିତା-ଦଶରଥ ସେନାପତି, କିସ୍ମତ ୪ ଅଣା, ଭର୍ତ୍ତୃହରି ସେନାପତି, ପିତା-ଦୁର୍ଯ୍ୟୋଧନ ସେନାପତି, କିସ୍ମତ ୨ ଅଣା, ଗୌରାଙ୍ଗ ସେନାପତି, ପିତା-ଦୈତାରି ସେନାପତି, କିସ୍ମତ ୪ ଅଣା, ସମ୍ପଦ ସେନାପତି, ପିତା-ସୁକଦେବ ସେନାପତି, କିସ୍ମତ ୧ ଅଣା, ଦିନବନ୍ଧୁ ସେନାପତି, ପିତା-ଇନ୍ଦ୍ରମଣୀ ସେନାପତି, କିସ୍ମତ ୧ ଅଣା |
| ୪୮ | ୧୬୬୬ | ରୟତି | ସାରଦ ଜଳ-୨ | ୦.୦୨୪୩ | ନୃସିଂହ ଚରଣ ସେନାପତି, ପିତା-ଦାସରଥି ସେନାପତି, କିସ୍ମତ ୨ ଅଣା, ଗୋପିନାଥ ସେନାପତି, କିସ୍ମତ ୧ ଅଣା, ଲୋକନାଥ ସେନାପତି କିସ୍ମତ ୧ ଅଣା, ପିତା-ଶ୍ୟାମସୁନ୍ଦର ସେନାପତି, ଭଗବାନ ସେନାପତି, ଦାସରଥି ସେନାପତି, କିସ୍ମତ ୨ ଅଣା, ସୁରେନ୍ଦ୍ର ଚନ୍ଦ୍ର ସେନାପତି, କମଳାକାନ୍ତ ସେନାପତି, ସୁଭକାନ୍ତ ସେନାପତି, ପିତା-ଭଗବାନ ସେନାପତି, କିସ୍ମତ ୮ ଅଣା, ସମ୍ପଦ ସେନାପତି, ସ୍ୱା-ସୁକଦେବ ସେନାପତି, କିସ୍ମତ ୧ ଅଣା, ଦିନବନ୍ଧୁ ସେନାପତି, ପିତା-ଇନ୍ଦ୍ରମଣୀ ସେନାପତି, କିସ୍ମତ ୧ ଅଣା |
| ୪୯ | ୧୬୬୯ | ରୟତି | ସାରଦ ଜଳ-୨ | ୦.୦୨୪୩ | ସୁରେଶ ଚନ୍ଦ୍ର ସେନାପତି, ପିତା-ଭଗବାନ ସେନାପତି |
| ୫୦ | ୧୬୭୦ | ରୟତି | ଘରବାରି | ୦.୦୦୮୧ | ଶାନ୍ତିଲତା ସାମଲ, ସ୍ୱା-ବାଇଧର ସାମଲ |
| ଗ୍ରାମ : ନାରାୟଣପୁର-୭୬ | | | | | |
| ୫୧ | ୫୧୮ | ସରକାରୀ | ଗୋଚର | ୦.୪୧୨୮ | ରକ୍ଷିତ |
| ୫୨ | ୫୫୬ | ସରକାରୀ | ଗୋଚର | ୦.୦୨୦୨ | ରକ୍ଷିତ |
| ୫୩ | ୫୮୧ | ସରକାରୀ | ଉନ୍ନତ ଯୋଜନା ଯୋଗ୍ୟ | ୦.୦୦୮୧ | ରକ୍ଷିତ |
| ୫୪ | ୫୯୩ | ସରକାରୀ | ଗୋଚର | ୦.୦୨୦୨ | ରକ୍ଷିତ |
| ୫୫ | ୬୩୨ | ସରକାରୀ | ଗୋଚର | ୦.୦୧୬୨ | ରକ୍ଷିତ |
| ୫୬ | ୬୩୯ | ସରକାରୀ | ଗୋଚର | ୦.୧୯୮୩ | ରକ୍ଷିତ |
| ଗ୍ରାମ : ପୁରୀପଡ଼ା-୭୪ | | | | | |
| ୫୭ | ୩୬୮ | ସରକାରୀ | ଗୋଚର | ୦.୦୯୭୧ | ସାଳଣିଆ ଜଳସେଚନ ବିଭାଗ, ପୁରିପଡ଼ା ମାଇନର୍ |
| ୫୮ | ୪୦୩ | ସରକାରୀ | ଗୋଚର | ୦.୦୧୨୧ | ସାଳଣିଆ ଜଳସେଚନ ବିଭାଗ, ପୁରିପଡ଼ା ମାଇନର୍ |
| ୫୯ | ୪୦୪ | ସରକାରୀ | ଗୋଚର | ୦.୧୦୯୩ | ସାଳଣିଆ ଜଳସେଚନ ବିଭାଗ, ପୁରିପଡ଼ା ମାଇନର୍ |
| ୬୦ | ୯୦ | ସରକାରୀ | ଦଣ୍ଡା (ଗୋଦଣ୍ଡା) | ୦.୦୧୨୧ | ସର୍ବସାଧାରଣ |
| ୬୧ | ୯୧ | ସରକାରୀ | ରାସ୍ତା (ଗ୍ରାମ୍ୟ ରାସ୍ତା) | ୦.୦୦୬୫ | ସର୍ବସାଧାରଣ |
| ୬୨ | ୯୨ | ସରକାରୀ | ଦଣ୍ଡା (ଗୋଦଣ୍ଡା) | ୦.୧୨୭୫ | ସର୍ବସାଧାରଣ |
| ଗ୍ରାମ : ରାମଚନ୍ଦ୍ରପୁର-୭୮ | | | | | |
| ୬୩ | ୪୬୧ | ସରକାରୀ | ନୟନଜୋରୀ | ୦.୦୦୬୮ | ପୂର୍ତ୍ତ ବିଭାଗ |
| ୬୪ | ୪୬୨ | ସରକାରୀ | ସଡ଼କ | ୦.୦୦୪ | ପୂର୍ତ୍ତ ବିଭାଗ |
| ୬୫ | ୪୬୩ | ସରକାରୀ | ନୟନଜୋରୀ | ୦.୦୦୪୮ | ପୂର୍ତ୍ତ ବିଭାଗ |
| ୬୬ | ୪୬୫ | ସରକାରୀ | ବସ୍ତି ଯୋଗ୍ୟ | ୦.୦୦୪ | ରକ୍ଷିତ |
| ଗ୍ରାମ : ଶାସନ-୩୨ | | | | | |
| ୬୭ | ୧ | ସରକାରୀ | ଗୋଚର | ୦.୩୭୨୩ | ରକ୍ଷିତ |
| ୬୮ | ୪୭୭ | ସରକାରୀ | ଗୋଚର | ୦.୦୨୪୩ | ରକ୍ଷିତ |
| ୬୯ | ୪୭୮ | ସରକାରୀ | ଗୋଚର | ୦.୦୦୪ | ରକ୍ଷିତ |
| ୭୦ | ୪୮୧ | ସରକାରୀ | ଗୋଚର | ୦.୦୧୬୨ | ରକ୍ଷିତ |
| ୭୧ | ୪୯୫ | ସରକାରୀ | ପତିତ | ୦.୦୩୬୪ | ଜଳସେଚନା ବିଭାଗ |
| | | | ମୋଟ | ୨.୮୫୨୧ | |

[F. No. NHAI/BOT/11012/58/2005/Pt./LA/NH-16/3D5]
RAJESH GUPTA, Dy. Secy.



ପରିବର୍ତ୍ତିତ ଜୀବନ ଶୈଳୀରେ ବହୁ ଭାରତୀୟ ମାନସିକ ଅବସାଦ ଗ୍ରସ୍ତ ହୋଇଥାନ୍ତି। କେତେକ ଏହାର ଚିକିତ୍ସା ମଧ୍ୟ କରିଥାନ୍ତି। ଅପରପକ୍ଷରେ ଏହାର ଚିକିତ୍ସା ପାଇଁ ଲାଗୁ ଥିବା ଟଙ୍କାର ଅଭାବ ଯୋଗୁ ବହୁ ଲୋକ ନିଜର ସ୍ଥିତି ସହିତ ବଞ୍ଚିବାକୁ ବାଧ ହୋଇଥାନ୍ତି। ଏଭଳି ସମସ୍ୟା ଭୋଗୁଥିବା ଲୋକଙ୍କୁ କେବଳ ପରାମର୍ଶ ଦେବା ଲାଗି ୧୫ ଶହ ଟଙ୍କା ପର୍ଯ୍ୟନ୍ତ ଚିକିତ୍ସକ ନେଇଥାନ୍ତି। ସମସ୍ୟା ଭୋଗୁଥିବା ବ୍ୟକ୍ତିଙ୍କର ୧୬ ହଜାରରୁ ୨୪ ହଜାର ପର୍ଯ୍ୟନ୍ତ ଖର୍ଚ୍ଚ ହୋଇଥାଏ। ଯାହାକି ଭାରତ ଭଳି ଦେଶରେ ଜଣେ ସାଧାରଣ ଲୋକ ଲାଗି ଏହା ଅସମ୍ଭବ ମନେ ହୁଏ।

# ଗରିବଙ୍କୁ ଭୋଜନ ଦେବେ ପ୍ରଗ୍ୟା



ପ୍ରଗ୍ୟା କପୁର

**ମୁମ୍ବାଇ:** ପ୍ରଥମେ ଷ୍ଟ୍ରଗଲ୍, ତା'ପରେ ସକ୍‌ସେସ୍ ଓ ଶେଷରେ ସୁଇସାଇଡ୍ ରାସ୍ତା ଆପଣାଇଥିବା ବଲିଉଡ୍ ଅଭିନେତା ସୁଶାନ୍ତ ସିଂ ରାଜପୁତଙ୍କୁ ନେଇ ନାନାଦି କଥା ଶୁଣିବାକୁ ମିଳୁଛି। ତାଙ୍କ ଆତ୍ମହତ୍ୟା ପଛରେ ବଲିଉଡ୍‌ର କେତେକ ଆଗଧାଡ଼ିର ସେଲିବ୍ରିଟିଙ୍କ ହାତ ରହିଥିବା ନେଇ ଅଭିଯୋଗ ଉଠିଛି। ତେବେ ସେ ଯାହାହେଉନା କାହିଁକି ସୁଶାନ୍ତଙ୍କ ପ୍ରଶଂସକମାନେ ଏବେ ଦୁଃଖରେ ଭାଙ୍ଗିପଡ଼ିଛନ୍ତି। ନିର୍ଦ୍ଦେଶକ ଅଭିଷେକ କପୁରଙ୍କ ପରିବାର ଦୁଃଖରେ ତାଙ୍କୁ ଝୁରୁଛନ୍ତି। ସୁଶାନ୍ତଙ୍କ ସହିତ ଅଭିଷେକଙ୍କ ପରିବାରର ଭଲ ସମ୍ପର୍କ ଥିଲା। ତେଣୁ ଅଭିଷେକଙ୍କ ସ୍ତ୍ରୀ ପ୍ରଗ୍ୟା କପୁର ସୁଶାନ୍ତଙ୍କ ସମ୍ମାନରେ ୩୪୦୦ ଗରିବ ପରିବାରଙ୍କୁ ଭୋଜନ ଦେବା ଲାଗି ଯୋଜନା କରିଛନ୍ତି। ସୁଶାନ୍ତ ଅଭିଷେକଙ୍କ ନିର୍ଦ୍ଦେଶନାରେ ୨୦୧୩ରେ ପ୍ରଥମ ଫିଲ୍ମ 'କାଇ ପୋ ଚେ'ରେ ଅଭିନୟ କରିଥିଲେ। ପ୍ରଗ୍ୟା ଏକ ସାଥ୍: ଦି ଆର୍ଥ ଫାଉଣ୍ଡେଶନ ନାମକ ଏକ ସ୍ୱେଚ୍ଛାସେବୀ ଅନୁଷ୍ଠାନ ଚଳାଉଛନ୍ତି। ଏହି ଅନୁଷ୍ଠାନ ମାଧ୍ୟମରେ ସେ ଗରିବ ପରିବାରଙ୍କୁ ଭୋଜନ ଦେବାର ନିଷ୍ପତ୍ତି କରିଛନ୍ତି। ଏସମ୍ପର୍କରେ ପ୍ରଗ୍ୟା ଇନଷ୍ଟାଗ୍ରାମ୍‌ରେ ସୂଚନା ଦେଇଛନ୍ତି।

# ପରାକ୍ରମ ଦେଖାଇଛି 'ବିହାର ରେଜିମେଣ୍ଟ'

**ସର୍ଜିକାଲ ଷ୍ଟ୍ରାଇକ୍ ହେଉ କି ସୀମାପାର ଲଢ଼େଇ, ସବୁଥିରେ ଆଗୁଆ 'ବିହାର ରେଜିମେଣ୍ଟ'। ଏହି ରେଜିମେଣ୍ଟର ଯବାନଙ୍କ ପରାକାଷ୍ଠା, ଶୌର୍ଯ୍ୟ, କୀର୍ତ୍ତି, ବୀରତ୍ୱର ଗାଥା ଇତିହାସର ସ୍ୱର୍ଣ୍ଣାକ୍ଷରରେ ଲିପିବଦ୍ଧ।**

**ନୂଆଦିଲ୍ଲୀ:** ଭାରତ-ଚାଇନା ସୀମାନ୍ତରେ ଉଭୟ ପକ୍ଷ ମଧ୍ୟରେ ହୋଇଥିବା ସଂଘର୍ଷ ଗଲୱାନ ଘାଟିରେ ସୃଷ୍ଟି କରିଛି ଯୁଦ୍ଧ ପରିସ୍ଥିତି। ହାତାହାତି, ମରଣାନ୍ତକ ଆକ୍ରମଣରେ ଭାରତର ୨୦ ଯବାନ ଶହୀଦ ହୋଇଥିବାବେଳେ ଅନେକ ଗୁରୁତର ହୋଇଛନ୍ତି। ଏହି ଘଟଣା ପରେ ପୁଣି ଥରେ ଚର୍ଚ୍ଚାକୁ ଆସିଛି 'ବିହାର ରେଜିମେଣ୍ଟ'। ଭାରତ-ଚାଇନା ସୀମାନ୍ତର ସତର୍କପ୍ରହରୀ ସାଜିଥିବା ଏହି ରେଜିମେଣ୍ଟର ଯବାନମାନେ ୬ ଦଶନ୍ଧି ଧରି ସୀମାରେ ଅଭେଦ୍ୟ ପ୍ରାଚିର ଭଳି ଛିଡ଼ା ହୋଇ ବୀରତ୍ୱର ପରାକାଷ୍ଠା ଦେଖାଇ ଚାଲିଛନ୍ତି। ପାକିସ୍ତାନ ସୀମାନ୍ତ ଉରିରେ ଥିବା ଭାରତୀୟ ସେନା କ୍ୟାମ୍ପରେ ଆତଙ୍କବାଦୀ ଅନୁପ୍ରବେଶ କରିଥିଲେ। ଆତଙ୍କବାଦୀଙ୍କ ସହ ହୋଇଥିବା ରକ୍ତାକ୍ତ ସଂଘର୍ଷରେ ୧୭ଜଣ ଭାରତୀୟ ଯବାନ ଶହୀଦ ହୋଇଯାଇଥିଲେ। ତନ୍ମଧ୍ୟରୁ କେବଳ ୧୫ଜଣ ଥିଲେ ବିହାର ରେଜିମେଣ୍ଟର। ସେଥିରୁ ୬ଜଣ ଥିଲେ ବିହାରର ମୂଳ ବାସିନ୍ଦା। ଯଦିଓ ଐତିହାସିକ ଘଟଣାକ୍ରମେ ବିହାରରୁ ଆରମ୍ଭ ହୋଇଥିବାରୁ ଏହାର ନାମ 'ବିହାର ରେଜିମେଣ୍ଟ' ହୋଇଛି, ତଥାପି ଏଥିରେ ବିହାରକୁ ବାଦ୍ ଦେଲେ ଅନ୍ୟ ପ୍ରାନ୍ତର ଯବାନମାନେ ମଧ୍ୟ ନିଯୁକ୍ତ



ସନ୍ଦୀପ ଉନ୍ନିକୃଷ୍ଣନ୍



ମରିୟପ୍ପନ ସରାବନନ



ସନ୍ତୋଷ ବାବୁ

ଅଛନ୍ତି। ୨୦୦୮ରେ ମୁମ୍ବାଇ ଆତଙ୍କବାଦୀ ଆକ୍ରମଣ ସମୟରେ ଭାରତୀୟ ସେନା ପକ୍ଷରୁ ଆରମ୍ଭ ହୋଇଥିଲା ଅପରେଶନ 'ବ୍ଲାକ୍ ଟର୍ନାଡ୍ରୋ'। ଆତଙ୍କବାଦୀଙ୍କ ସହ ଲଢ଼େଇ ବେଳେ ବୀରଗତି ପ୍ରାପ୍ତ ହୋଇଥିଲେ ଏନ୍‌ଏସ୍‌ଜି ମେଜର ସନ୍ଦୀପ ଉନ୍ନିକୃଷ୍ଣନ୍। ସେ ବିହାର ରେଜିମେଣ୍ଟରୁ ଥିଲେ। ପରବର୍ତ୍ତୀ ସମୟରେ ତାଙ୍କୁ ଏନ୍‌ଏସ୍‌ଜି ଅପରେଶନରେ ସାମିଲ କରାଯାଇଥିଲା। ଏଥିପୂର୍ବରୁ ୧୯୯୯ କାର୍‌ଗିଲ ଯୁଦ୍ଧ ସମୟରେ ମଧ୍ୟ ବିହାର ରେଜିମେଣ୍ଟ ଇତିହାସ ରଚିଥିଲା। ବାଟାଲିକ୍ ସେକ୍ଟରର ପଏଣ୍ଟ ୪୨୬୮ ଏବଂ ଜୁବର ରିଜ୍‌କୁ ପାକିସ୍ତାନୀ ଅନୁପ୍ରବେଶକାରୀମାନେ କବ୍‌ଜା କରିବାକୁ ଉଦ୍ୟମ କରୁଥିବାବେଳେ ଏହାକୁ ପଣ୍ଡ କରିଦେଇଥିଲେ ବିହାରୀ ରେଜିମେଣ୍ଟର ଯବାନ। ଏହି ଯୁଦ୍ଧରେ ଶହୀଦ ହୋଇଥିବା କ୍ୟାପ୍‌ଟେନ ଗୁରଜିନ୍ଦର ସିଂ ସୁରୀଙ୍କୁ ମରଣୋତ୍ତର ମହାବୀର ଚକ୍ର ଏବଂ ମେଜର ମରିୟପ୍ପନ ସରାବନନଙ୍କୁ ମରଣୋତ୍ତର ବୀରଚକ୍ରରେ ସମ୍ମାନିତ କରାଯାଇଥିଲା। କାର୍‌ଗିଲ୍ ଯୁଦ୍ଧରେ ବିହାର ରେଜିମେଣ୍ଟର ମୋଟ ୧୮ଜଣ ଯବାନ



ଶହୀଦ ହୋଇଥିଲେ। ପାଟଣାର ଗାନ୍ଧୀ ମଇଦାନରେ ନିର୍ମିତ ସ୍ମାରକ ସେମାନଙ୍କ ସ୍ମୃତିବହନ କରୁଛି। ୧୯୭୧ରେ ବାଂଲାଦେଶ ମୁକ୍ତି ଯୁଦ୍ଧ ସମୟରେ ବିହାର ରେଜିମେଣ୍ଟର ବୀରତ୍ୱକୁ ବିଶ୍ୱବାସୀ ଭୂରିଭୂରି ପ୍ରଶଂସା କରିଥିଲେ। ଏହି ସମୟରେ ଗୁଳିର ଅଭାବ ହେବାରୁ ରେଜିମେଣ୍ଟର ଯବାନମାନେ ହାତ ହତିଆରରେ ଲଢେଇ କରି ପାକିସ୍ତାନକୁ ମାତ୍ ଦେଇଥିଲେ। ଏହି ଯୁଦ୍ଧରେ ୯୬ ହଜାର ପାକିସ୍ତାନୀ ସୈନିକ ବିହାର ରେଜିମେଣ୍ଟ ଆଗରେ ଆତ୍ମସମର୍ପଣ କରିବାକୁ ବାଧ୍ୟ ହୋଇଥିଲେ। ଶତ୍ରୁପକ୍ଷର ଏପରି ଆତ୍ମସମର୍ପଣ ଘଟଣାକୁ ଆଜି ବି ବିରଳତମ ବୋଲି ବିବେଚନା କରାଯାଏ। ଯୁଦ୍ଧ ଇତିହାସରେ ଏହା ଏକ ରେକର୍ଡ ମଧ୍ୟ। ପ୍ରତିକୂଳ ପରିବେଶରେ ବଳିଷ୍ଠ ରଣନୀତି, ସ୍ଥିତାବସ୍ଥା ବଜାୟ ରଖିବାର କ୍ଷମତା ଏହି ରେଜିମେଣ୍ଟର ଯବାନଙ୍କୁ ସ୍ୱତନ୍ତ୍ର କରିଛି। ତେଣୁ ଏମାନଙ୍କୁ ଗଲୱାନ ଘାଟି ଭଳି ଦୁର୍ଗମ ସ୍ଥାନରେ ନିୟୋଜିତ କରାଯାଇଥାଏ।

୧୮୦୦ ଶତାବ୍ଦୀରେ ଆରମ୍ଭ ହୋଇଥିବା 'ବିହାର ବାଟାଲିୟନ' ୧୯୪୧ରେ ପରିବର୍ତ୍ତିତ ହୋଇଥିଲା 'ବିହାର ରେଜିମେଣ୍ଟ'ରେ। ସ୍ୱାଧୀନ ଭାରତର ପ୍ରାୟ ସବୁ ଯୁଦ୍ଧ, ସର୍ଜିକାଲ ଷ୍ଟ୍ରାଇକ୍, ଶତ୍ରୁପକ୍ଷ ଲଢେଇରେ ଏହି ରେଜିମେଣ୍ଟ ସାମିଲ ହୋଇ ବୀରତ୍ୱର ପରାକାଷ୍ଠା ଦେଖାଇଛି। କେବଳ ଏତିକି ନୁହେଁ, ମିଳିତ ଜାତିସଂଘର ଶାନ୍ତି ଅଭିଯାନରେ ସୋମାଲିଆ, କଙ୍ଗୋରେ ଭାରତ ପକ୍ଷରୁ ପ୍ରତିନିଧିତ୍ୱ କରିଛନ୍ତି ଏହି ରେଜିମେଣ୍ଟର ସୈନିକ। ୨୦୧୬ ସେପ୍ଟେମ୍ବର ୧୮ରେ

ସ୍ୱାଧୀନତା ପୂର୍ବରୁ ବିହାର ରେଜିମେଣ୍ଟ ନାମରେ ୫ଟି ମିଲିଟାରି କ୍ରସ, ୯ ମିଲିଟାରି ମେଡାଲ ଥିଲା। ସ୍ୱାଧୀନତା ପରେ ଅଦ୍ୟାବଧି ଏହି ରେଜିମେଣ୍ଟ ଖାତାରେ ୭ ଅଶୋକ ଚକ୍ର, ୯ ମହାବୀର ଚକ୍ର, ୨୧ କୀର୍ତ୍ତିଚକ୍ର, ୭୦ ଶୌର୍ଯ୍ୟ ପଦକ ସହିତ ସେନାର ଶତାଧିକ ମେଡାଲ ସାମିଲ ହୋଇଛି। ବିହାର ରେଜିମେଣ୍ଟର ଉଦ୍ଦେଶ୍ୟ 'କର୍ମ ହିଁ ଧର୍ମ'। ଏହାର ଅର୍ଥ ମାତୃଭୂମି ପ୍ରତି କର୍ତ୍ତବ୍ୟ ହିଁ ଯବାନଙ୍କ କର୍ମ ଏବଂ ଧର୍ମ। ସେହିପରି 'ଜୟ ବଜରଙ୍ଗବାଲୀ', 'ବୀର୍ସା ମୁଣ୍ଡାଙ୍କ ଜୟ' ହୁଙ୍କାର ଦେଇ ବୀର ଯବାନମାନେ ଶତ୍ରୁପକ୍ଷ ଉପରେ ଆକ୍ରମଣ କରିଥାନ୍ତି।

୫ମ ବର୍ଷ ଜନ୍ମଦିନ ଉପଲକ୍ଷେ



ଭାଗ୍ୟଲିପି ବାରିକ୍ (ମାମୁନୀ)
ସତୀ ପଡିଆ,
ବାଇଁ ସିରିଆ, ଯାଜପୁର
୨୦.୦୬.୨୦୨୦
ଆଜି ତୋର ୫ମ ଜନ୍ମ ବାର୍ଷିକରେ ମହାପ୍ରଭୁ ତତେ ଆର୍ଶିବାଦ କରି ତୋର ଚଲାପଥ କୁସୁମିତ କରନ୍ତୁ
ଶୁଭେଚ୍ଛା ସହ :
ବାବା, ମାମା, ଛେଛେ ମା, ଆରତ ବାପା, ଝିଲ୍ଲି ଦେଈ, ବଡ ଦେଈ, ମାମୁଁ, ମାଇଁ, ବଡ ପିଇସା, ସାନ ପିଇସା, ମିଲ୍ଲି ଦେଈ, ପୁଜା, ଜୁଜା, ବବୁଲ୍, ଜଣ୍ଡେଇ, କାହ୍ନୁ, ଆଉ ଓ ସହ ପରିବାର ବର୍ଗ
ଧ-୬୯୪୧୧

# ମାଲିକ ନୁହେଁ, ବିଶ୍ୱାସରେ ଚାଲେ ଦୋକାନ

**ଗୁଆହାଟୀ(ଆସାମ):** ଉତ୍ତର-ପୂର୍ବ ଭାରତର ମିଜୋରାମ ଏବଂ ମଣିପୁର ଜାତୀୟ ରାଜପଥ କଡ଼ରେ ଦେଖିବାକୁ ମିଳିଥାଏ ଅନେକ ପାରମ୍ପରିକ ଅସ୍ଥାୟୀ ପରିବା ଦୋକାନ। ଅନେକ ଚାଷୀ ଟଙ୍କା ଅଭାବରୁ ଗାଡ଼ି ଭଡ଼ା ଦେଇ ନିଜ ଉତ୍ପାଦିତ ପରିବା ବଜାରକୁ ପଠାଇବାରେ ଅକ୍ଷମ ହୋଇଥାନ୍ତି। ତେଣୁ ରାସ୍ତାକଡ଼ରେ ପ୍ରତିଦିନ ବାଉଁଶରେ ଅସ୍ଥାୟୀ ଷ୍ଟଲ୍ କରି ପରିବା ବିକ୍ରି କରିଥାନ୍ତି। ତେବେ ଗୁରୁତ୍ୱପୂର୍ଣ୍ଣ ବିଷୟ ହେଲା ଦୋକାନଗୁଡ଼ିକରେ ବିଭିନ୍ନ କିସମର ପରିବା ସଜେଇ ରଖାଯାଇଥାଏ। ହେଲେ ବିକ୍ରି କରିବା ପାଇଁ କେହି ଦୋକାନୀ(ମାଲିକ) ନ ଥାନ୍ତି। ପ୍ରତ୍ୟେକ ପରିବା ନିକଟରେ ତାହାର ଦାମ୍ ଉଲ୍ଲେଖ ରହିଥାଏ। ଲୋକେ ନିଜ ପସନ୍ଦ ଅନୁଯାୟୀ ପନିପରିବା ନେଇଥାନ୍ତି। ନିକଟରେ ରଖାଯାଇଥିବା ଏକ ଡବା(ଟଙ୍କାବାକ୍ସ)ରେ ଗ୍ରାହକ ଟଙ୍କା ରଖିଦେଇ ଯାଆନ୍ତି। ଏଠାରେ ନା କୌଣସି ଜିନିଷର ମୂଲଚାଲ ପାଇଁ ସୁବିଧା ଅଛି ନା ଖୁଚୁରା ପାଇଁ କୌଣସି ସମସ୍ୟା। ଖୁଚୁରା ନ ଥିଲେ ଲୋକେ ପରିବା ଦାମ୍ ଦେଇ ବାକ୍ସରୁ ଅବଶିଷ୍ଟ ଟଙ୍କା ନିଜେ ନେଇଥାନ୍ତି। ଦୋକାନରେ ଜିନିଷ ରଖି ଦୋକାନୀମାନେ ଚାଲିଯାଆନ୍ତି ନିକଟ କ୍ଷେତକୁ। ଏଠାରେ କେବଳ ବିଶ୍ୱାସରେ ଚାଲେ ଦୋକାନ। ଏହି ଦୋକାନଗୁଡ଼ିକ 'ନଘା ଲୌ ଦାୱ୍‌ର' ଭାବେ ପରିଚିତ। ଏହା ଏବେକାର ଦୋକାନ ନୁହେଁ ଦୀର୍ଘ ବର୍ଷ ଧରି ଏଠାରେ ଏହି ବିଶ୍ୱାସର ବ୍ୟବସାୟ ଚାଲିଛି। ଏ ପର୍ଯ୍ୟନ୍ତ ଗ୍ରାହକମାନେ ନିରାଶ କରି ନ ଥିବା ଚାଷୀମାନେ କୁହନ୍ତି। ଲୋକେ ସ୍ନେହରେ କିଛି ଟଙ୍କା ଅଧିକ ମଧ୍ୟ ରଖିଦେଇ ଯାଆନ୍ତି ବୋଲି ସେମାନେ କୁହନ୍ତି। ତେବେ ସଚ୍ଚୋଟତା, ଆତିଥ୍ୟତା ଓ ବିଶ୍ୱାସ ପୁଣି କାମରେ ଆସିଛି। ପାରମ୍ପରିକ 'ନଘା ଲୌ ଦାୱ୍‌ର' କରୋନା ମୁକାବିଲା କ୍ଷେତ୍ରରେ ସାମାଜିକ ଦୂରତା ରକ୍ଷା ପାଇଁ ସହାୟକ ହୋଇଛି ବୋଲି ମିଜୋରାମ୍‌ର ମୁଖ୍ୟମନ୍ତ୍ରୀ ଜୋରାମଥାଙ୍ଗା ଟୁଇଟ୍ କରିଛନ୍ତି। ଏଥିରେ ସେ ଶେୟାର କରିଥିବା ଫଟୋରେ ଗୋଟିଏ ଦୋକାନରେ ପରିବା ଗଚ୍ଛିତ ଥିବା ଦେଖିବାକୁ ମିଳିଥିବାବେଳେ ଅନ୍ୟ ଦୋକାନରେ ଗ୍ରାହକମାନେ ପରିବା କିଣିବା ଦେଖିବାକୁ ମିଳିଛି। ତେବେ ଉଭୟ ଦୋକାନରେ କେହି ଦୋକାନୀ ନ ଥିବା ନଜରକୁ ଆସିଛି।



# ୪ ଶାବକ ଜନ୍ମଦେଲା 'ଜୀବଦା'



**ଜୟପୁର:** ସାଧାରଣତଃ ଚିତାବାଘ ଥରକରେ ୨ରୁ ୩ଟି ଛୁଆ ଜନ୍ମ ଦେଇଥାଏ। ହେଲେ ରାଜସ୍ଥାନର ପାଲି ଜିଲା ଅଧୀନ ଜୱାଇ ବନ୍ଧ ଲିଓପାର୍ଡ କଞ୍ଜର୍ଭେଶନ ରିଜର୍ଭରେ ଏକ ବିରଳ ଘଟଣା ଦେଖିବାକୁ ମିଳିଛି। ଏଠାରେ ଥିବା ଏକ ଚିତାବାଘ ନିକଟରେ ୪ଟି ଛୁଆ ଜନ୍ମ ଦେଇଛି। ତେବେ ଚିତାବାଘ ଏକାସଙ୍ଗେ ୪ଟି ଛୁଆ ଜନ୍ମ ଦେବା ଘଟଣା ଏହି ଅଞ୍ଚଳର ଇତିହାସରେ ଦ୍ୱିତୀୟ ଘଟଣା ବୋଲି କୁହାଯାଉଛି। ଏହି ଚିତାର ନାମ 'ଜୀବଦା' ବୋଲି ଜଣାପଡ଼ିଛି। ଶନିବାର ସନ୍ଧ୍ୟାରେ ସେ ୪ ଛୁଆଙ୍କୁ ଜନ୍ମ ଦେଇଛି। କେତେଜଣ ୱାଇଲ୍ଡ ଲାଇଫ୍ ଫଟୋଗ୍ରାଫର ଚିତା ଛୁଆମାନଙ୍କ ସହ ଜୀବଦାର ଫଟୋ ଉତ୍ତୋଳନ କରିଥିବା ଜଣାପଡ଼ିଛି। ବନ ବିଭାଗର ଜଣେ କର୍ମଚାରୀଙ୍କ କହିବା ହେଲା ଏହି ଅଞ୍ଚଳର ନାମ ମଧ୍ୟ ଜୀବଦା। ତେବେ ଏହି ଚିତାବାଘ(ଜୀବଦା) ୨୦୧୮ରେ ମଧ୍ୟ ୨ଟି ଛୁଆ ଜନ୍ମ ଦେଇଛି। ଅଞ୍ଚଳରେ ଚିତାଙ୍କ ସଂଖ୍ୟା ବୃଦ୍ଧି ପାଇବା ନିଶ୍ଚିତଭାବେ ଶୁଭ ସଙ୍କେତ ବୋଲି ସେ କହିଛନ୍ତି। ଅନ୍ୟପକ୍ଷରେ ଅନେକ ବନ୍ୟପ୍ରାଣୀ ପ୍ରେମୀ ଏବଂ ତଥ୍ୟ ଅନୁଯାୟୀ, ଗୋଟିଏ ଚିତା ୪ଛୁଆ ଜନ୍ମଦେବା ଜୱାଇରେ ପ୍ରଥମ ଘଟଣା। ଏ ନେଇ 'ଲିଓପାର୍ଡ ଆଣ୍ଡ ଶେଫର୍ଡସ୍ ଅଫ୍ ଜୱାଇ' ନାମକ ଏକ ପୁସ୍ତକର ସହ ଲେଖକଭାବେ ବନ୍ୟପ୍ରାଣୀ ସଂରକ୍ଷକ ଶତ୍ରୁଞ୍ଜୟ ପ୍ରତାପ ସିଂ କୁହନ୍ତି, ଏଥିପୂର୍ବରୁ ୨୦୧୮ ନଭେମ୍ବରରେ 'ଦେବା' ନାମକ ଅନ୍ୟ ଏକ ଚିତାବାଘ ୪ଟି ଛୁଆ ଜନ୍ମ ଦେଇଥିବା ଏହି ପୁସ୍ତକରେ ଫଟୋ ସହ ପ୍ରମାଣ ରହିଛି। ଏହି ଶାବକଗୁଡ଼ିକ ମାର୍ଚ୍ଚ ୨୦୧୯ରେ ବାହାରକୁ ଯିବା ଆରମ୍ଭ କରିଥିଲେ ବୋଲି ସେ କୁହନ୍ତି। ସେହିପରି ବନ୍ୟପ୍ରାଣୀ ପ୍ରେମୀ ନବୀନ ମେନନ୍‌ଙ୍କ କହିବା ହେଲା ଜୱାଇ ଅଞ୍ଚଳର ସ୍ୱାତନ୍ତ୍ର୍ୟ ରହିଛି। କର୍ଣ୍ଣାଟକର କାବିନି ସଂରକ୍ଷିତ ଜଙ୍ଗଲ ଭଳି କେତେକ ଜଙ୍ଗଲରେ ଚିତାବାଘମାନେ ଗଛରେ ରହିଥାନ୍ତି। ତେବେ ଜୱାଇ ବନ୍ଧ ଏକମାତ୍ର ସ୍ଥାନ, ଯେଉଁଠାରେ କି ଚିତାମାନେ ଗୁମ୍ଫାରେ ରହୁଥିବା ଦେଖିବାକୁ ମିଳିଥାଏ। ଜୱାଇର ୬୦ କି.ମି. ପର୍ଯ୍ୟନ୍ତ ଅଞ୍ଚଳ ବିଶ୍ୱ ମାନଚିତ୍ରରେ ଚିତାବାଘ ଅଞ୍ଚଳଭାବେ ଏକ ସ୍ୱତନ୍ତ୍ର ସ୍ଥାନ ଅଧିକାର କରିଛି।

# ହିଂସା ଥମିଲେ କମିବେ ଶରଣାର୍ଥୀ

**ନୂଆଦିଲ୍ଲୀ:** ପ୍ରତିବର୍ଷ ଜୁନ୍ ୨୦କୁ ବିଶ୍ୱ ଶରଣାର୍ଥୀ ଦିବସ ଭାବେ ପାଳନ କରାଯାଇଥାଏ। ବିଶ୍ୱରେ ଶରଣାର୍ଥୀମାନଙ୍କ ସ୍ଥିତି ସମ୍ପର୍କରେ ସଚେତନ କରାଇବା ଲାଗି ଏହି ଦିବସ ପାଳନ କରାଯାଇଥାଏ। ଡିସେମ୍ବର ୪, ୨୦୦୦ରେ ଜାତିସଂଘ ସାଧାରଣ ପରିଷଦରେ ଜୁନ୍ ୨୦କୁ ବିଶ୍ୱ ଶରଣାର୍ଥୀ ଦିବସ ଭାବେ ପାଳନ କରାଯିବା ଲାଗି ପ୍ରସ୍ତାବ ପାରିତ କରାଯାଇଥିଲା। ଦ୍ୱନ୍ଦ୍ୱ, ହିଂସା, ଯୁଦ୍ଧ ଓ ବିଭିନ୍ନ ବିପତ୍ତି ସମୟରେ ଏହି ଶରଣାର୍ଥୀମାନେ ନାନା ସମସ୍ୟାର ସମ୍ମୁଖୀନ ହୋଇଥାନ୍ତି। ଯୁଦ୍ଧ ଯୋଗୁ କେଉଁଠି ସେମାନଙ୍କୁ ତଡ଼ି ଦିଆଯାଉଛି ତ ଆଉ କେଉଁଠି ଜୀବନ ବଞ୍ଚାଇବା ଲାଗି ସଂଘର୍ଷ କରୁଛନ୍ତି। କରୋନା କାଳରେ ବହୁ ଲୋକ ବାହାର ରାଜ୍ୟରେ ଫସିରହି ନାନାଦି ସମସ୍ୟା ଭୋଗିଥିବାବେଳେ ଅନେକେ ଶହ ଶହ କି.ମି. ଚାଲି ଶରଣାର୍ଥୀ ଶିବିରରେ କାଳ କାଟିଥିଲେ। ସେମାନଙ୍କ ଦୁର୍ବିଷହ ଜୀବନ ଜୀବିକା କଥା ନିଜେ ନ ଦେଖିଲେ ବିଶ୍ୱାସ ହେବନି।

ବିଶ୍ୱର ଶହେରୁ ଉର୍ଦ୍ଧ୍ୱ ଦେଶ ଶରଣାର୍ଥୀ ଦିବସକୁ ପାଳନ କରିଆସୁଛନ୍ତି। ମିଳିମିଶି ଶରଣାର୍ଥୀଙ୍କ ସମସ୍ୟାର ସମାଧାନ କରିବା, ସେମାନଙ୍କୁ ନିଜ ଘରକୁ ସୁରକ୍ଷିତ ଭାବେ ପଠାଇବା, ସେମାନଙ୍କ ଜୀବନଶୈଳୀରେ ପରିବର୍ତ୍ତନ ଆଣିବା, ହିଂସା ଓ ଭୟଠାରୁ ସେମାନଙ୍କୁ ଦୂରେଇ ରଖିବା ଲାଗି ବିଭିନ୍ନ କାର୍ଯ୍ୟ କରାଯାଉଛି। ଏବେ ବିଶ୍ୱରେ ପାଖାପାଖି ୭ କୋଟି ଲୋକ ଶରଣାର୍ଥୀ ଭାବେ ରହିଆସୁଛନ୍ତି। ଏବେ ବିଶ୍ୱର ସର୍ବାଧିକ ଶରଣାର୍ଥୀ କ୍ୟାମ୍ପ କେନିଆର ଦାଦାବ୍‌ରେ ରହିଛି। ପ୍ରାୟ ୩.୩ ଲକ୍ଷ ଶରଣାର୍ଥୀ ସେଠାରେ ରହୁଛନ୍ତି। ବିଶ୍ୱରେ




ଆଜି ବିଶ୍ୱ ଶରଣାର୍ଥୀ ଦିବସ

ଥିବା ମୋଟ ଶରଣାର୍ଥୀଙ୍କ ମଧ୍ୟରୁ ଅର୍ଦ୍ଧାଧିକ ୧୮ ବର୍ଷରୁ କମ୍ ବୋଲି ଜଣାପଡ଼ିଛି। ବିଶ୍ୱଯୁଦ୍ଧ କିମ୍ବା ସିରିଆ ଯୁଦ୍ଧ ପରେ ଶରଣାର୍ଥୀଙ୍କ ସଂଖ୍ୟା ବୃଦ୍ଧିପାଇଛି। ବିଭିନ୍ନ ସୋସିଆଲ ମିଡିଆରେ ସେମାନଙ୍କ ଦୁଃଖ ଓ ସମସ୍ୟା ସମ୍ପର୍କରେ ତଥ୍ୟ ଲୋକଲୋଚନକୁ ଆଣିବା, ସହାନୁଭୂତି, ସୁରକ୍ଷା ସହ ସେମାନଙ୍କୁ ସାମାଜିକ ମୁଖ୍ୟ ସ୍ରୋତରେ ସାମିଲ କରିବା ନିହାତି ଆବଶ୍ୟକ। ଶରଣାର୍ଥୀମାନେ ଆମ ଭଳି ମଣିଷ। ସେମାନଙ୍କର ସୁଖ ଶାନ୍ତିରେ ରହିବାର ଅଧିକାର ଅଛି। ଅନ୍ୟ ଦେଶରେ ରହି ମଧ୍ୟ ସେମାନେ ନିର୍ଭୟରେ ସହ ବଞ୍ଚିବାର ଅଧିକାର ରହିଛି। ଏଥିରେ ଦ୍ୱିମତ ନାହିଁ।

# ବାପାଙ୍କ ଶିକ୍ଷାକୁ ମନେ ପକାଇଲେ ଅମିତାଭ

**ମୁମ୍ବାଇ:** ବିଗ୍ ବି ଅମିତାଭ ବଚ୍ଚନ ଏବଂ ତାଙ୍କ ପିତାଙ୍କ ସମ୍ପର୍କ କେତେ ଭଲ ତାହା ପ୍ରଶଂସକମାନେ ବେଶ୍ ଭଲ ଭାବେ ଜାଣିଛନ୍ତି। ଦୁହେଁ ଦୁହିଁଙ୍କ ଖୁବ୍ ନିକଟତର ଥିଲେ। ଅମିତାଭ ଆଜି ବି ଏ ବୟସରେ ପ୍ରତି ମୁହୂର୍ତ୍ତରେ ପିତାଙ୍କୁ ମନେ ପକାଉଛନ୍ତି। ପିତାଙ୍କର ଆଦର୍ଶ ଏବଂ ଶିକ୍ଷାକୁ ପାଥେୟ କରି ଜୀବନ ଯୁଦ୍ଧରେ ବଞ୍ଚିବା ଶିଖୁଛନ୍ତି। ଖାଲି ମନେ ପକାଉ ନାହାନ୍ତି, ପିତାଙ୍କ ବିଷୟରେ କିଛି ଧାଡ଼ି ଲେଖି ନିଜ ଇନ୍‌ଷ୍ଟାଗ୍ରାମ୍ ଆକାଉଣ୍ଟରେ ଶେୟାର କରି ଫ୍ୟାନ୍‌ମାନଙ୍କୁ ମଧ୍ୟ ଜଣାଇଛନ୍ତି ସେ।

ସେ ଲେଖିଛନ୍ତି, 'ମନ ଚାହେଁ ତ ଭଲ'। 'ମନ ଚାହୁଁନି ତ ସବୁଠୁ ଭଲ'। ଜୀବନର ଏକ ବିଚଳିତ ମୋଡ଼ରେ ମୋ' ପିତା ମୋତେ ଏହା ଶିଖାଇଥିଲେ। ମୁଁ କିନ୍ତୁ ପିତାଙ୍କ ଏହି କଥାକୁ ସେତେବେଳେ ବୁଝି ପାରି ନ ଥିଲି। ପରେ ସେ ମୋତେ ବୁଝାଇଥିଲେ, ମନ ଠାରୁ ଭଲ କଥା କିଛି ନାହିଁ। ଈଶ୍ୱରଙ୍କ ଇଚ୍ଛାରେ ସବୁ ହେଉଛି। ତେଣୁ ଈଶ୍ୱର ଚାହୁଁନାହାନ୍ତି ମାନେ ତାହା ଭଲ ନୁହେଁ। ଈଶ୍ୱର ସବୁବେଳେ ସମସ୍ତଙ୍କର ଭଲ ହିଁ ଚାହିଁଥାନ୍ତି। ତେଣୁ ଏହା ସବୁଠୁ ଭଲ।



ଅମିତାଭ ଏହା ପୋଷ୍ଟ କରିବାର କିଛି ସମୟ ମଧ୍ୟରେ ଏହାକୁ ୧ ଲକ୍ଷ ଲୋକ ଲାଇକ୍ ଏବଂ ଶେୟାର କରିସାରିଲେଣି। କମେଣ୍ଟ ବକ୍ସରେ ମଧ୍ୟ ୟୁଜରମାନେ ନିଜର ନିଜର ମତାମତ ରଖିଛନ୍ତି। କିଛି ୟୁଜର ଲେଖିଛନ୍ତି, ଅମିତାଭ ଏହି ପୋଷ୍ଟ କ'ଣ ଭାବି ଲେଖିଛନ୍ତି। ଏ ତ ଗଲା ତାଙ୍କ ବ୍ୟକ୍ତିଗତ କଥା। ଯଦି ତାଙ୍କ ଫିଲ୍ମ ବିଷୟରେ କହିବା ତେବେ ଅମିତାଭଙ୍କ କିଛି ଫିଲ୍ମ ମହାମାରୀ କରୋନା ଯୋଗୁ ଅଟକି ରହିଛି। ଫିଲ୍ମ 'ବ୍ରହ୍ମାସ୍ତ୍ର'ରେ ସେ ନଜର ଆସିବେ। ଏଥିରେ ରଣବୀର କପୁର ଏବଂ ଆଲିଆ ଭଟ୍ଟ ମଧ୍ୟ ଅଭିନୟ କରିଛନ୍ତି। ଅୟାନ ମୁଖାର୍ଜୀଙ୍କ ନିର୍ଦ୍ଦେଶନାରେ ହେବାକୁ ଥିବା ଏହି ଫିଲ୍ମକୁ ଦର୍ଶକେ ଚାତକ ପରି ଅପେକ୍ଷା କରିଛନ୍ତି। ମାତ୍ର ଲକ୍‌ଡାଉନ୍ ଯୋଗୁ ଫିଲ୍ମର ଶୁଟିଂକୁ ଅଧାରୁ ବନ୍ଦ ରହିଛି।

ମନେ ପଡ଼ନ୍ତି

୭ମ ଶ୍ରାଦ୍ଧବାର୍ଷିକୀ ଉପଲକ୍ଷେ
ଅଶ୍ରୁଳ ଶ୍ରାଞ୍ଜଳି



ସ୍ୱର୍ଗତା ମନସ୍ୱିନୀ ସାହୁ (ବୁନୁ)
ସ୍ଥାନ- ବାଛରା, ଜଟଣୀ, ଖୋର୍ଦ୍ଧା
ଆବିର୍ଭାବ: ୦୫।୦୪।୧୯୯୨
ତିରୋଧାନ: ୧୯।୦୬।୨୦୧୩
ବୁନୁ ମାମା, ଚାହୁଁ ଚାହୁଁ ସାତବର୍ଷ ବିତିଗଲା, ଏପର୍ଯ୍ୟନ୍ତ ପ୍ରତିଟି ମୁହୂର୍ତ୍ତ ତୋର ଅଳି, ଅଝଟ, ସ୍ନେହ ମମତା ଅବିସ୍ମରଣୀୟ ଏବଂ ଜୀବନ୍ତ। ପ୍ରତି ମୁହୂର୍ତ୍ତରେ ଲାଗୁଛି ତୁ ଆମ ପାଖରେ ଅଛୁ, ସର୍ବଦା ଆମ୍ଭେ ତୋର ଉପସ୍ଥିତି ଅନୁଭବ କରୁଅଛୁ। ତୁ ଯେଉଁଠି ବି ଥାଆ, ଜଗତରନାଥ ଶ୍ରୀଜଗନ୍ନାଥ ତୋତେ ସହାୟ ହୁଅନ୍ତୁ, ତୁ ଭଲରେ ଥାଆ। ତୋର ଅମର ଆତ୍ମାର ସଦ୍‌ଗତି ହେଉ।
-:ଇତି ତୋର:-
ହତଭାଗିନୀ ବୋଉ, ମା', ଦାଦା, ଖୁଡ଼ୀ, ଗୁଡ୍ଡୁ, ରିନୁ, ସୋନୁ।
ଧ-୧୭୫୨୫

ଅଶ୍ରୁଳ ଶ୍ରଦ୍ଧାଞ୍ଜଳି



ସ୍ୱର୍ଗତ ଭଜମନ ନାଥ
ହାଉସିଂବୋର୍ଡ଼ କଲୋନୀ, ଢେଙ୍କାନାଳ
ଜନ୍ମସ୍ଥାନ: ମହାପଦା, ଢେଙ୍କାନାଳ
ଆବିର୍ଭାବ: ୦୪।୦୪।୧୯୪୮
ତିରୋଧାନ: ୧୧।୦୬।୨୦୨୦
ଆପଣଙ୍କ ଅମରାତ୍ମା ଶାନ୍ତି ଓ ସଦ୍‌ଗତି ଲାଭକରୁ, ଏତିକି ପ୍ରଭୁ ଶ୍ରୀଜଗନ୍ନାଥଙ୍କ ନିକଟରେ ପ୍ରାର୍ଥନା କରୁଛୁ।
ଶୋକସନ୍ତପ୍ତ ପରିବାରବର୍ଗ:
ସ୍ତ୍ରୀ: ଦମୟନ୍ତୀ, ପୁତ୍ର: ଦେବେନ୍ଦ୍ର, ଧୀରେନ୍ଦ୍ର, ବୋହୂ: ମଧୁସ୍ମିତା, ସଂଘମିତ୍ରା, ଝିଅ-ଜ୍ୱାଇଁ: କଳ୍ପନା- ପ୍ରଣତ, ନାତି-ନାତୁଣୀ: ଶୋନୁ, ସାଇ, ଗୁନୁ, ଗୁଡ଼ି, କିଟୁ।
ଧ-୬୬୮୬୪

ପ୍ରଥମ ବର୍ଷ ଶ୍ରାଦ୍ଧବାର୍ଷିକୀ ଉପଲକ୍ଷେ
ଅଶ୍ରୁଳ ଶ୍ରଦ୍ଧାଞ୍ଜଳି



ଭବାନୀପାଳି, ବିନିକା, ସୁବର୍ଣ୍ଣପୁର
ତିରୋଧାନ: ୨୦।୦୬।୨୦୧୯
ସୁରେଶ,
ଆଜି ତୁମର ପ୍ରଥମ ଶ୍ରାଦ୍ଧବାର୍ଷିକୀ। ଠିକ୍ ଆଜିର ଦିନରେ ତୁମେ ଆମକୁ ଛାଡ଼ି ଚାଲିଗଲ, ତୁମେ ଯେଉଁଠି ବି ଥାଅ ଖୁସିରେ ଥାଅ। ତୁମରି ଆତ୍ମାର ସଦ୍‌ଗତି ନିମନ୍ତେ ଆମେ ସମସ୍ତେ ଭଗବାନଙ୍କ ପାଖରେ ପ୍ରାର୍ଥନା କରୁଛୁ।
:ଶ୍ରଦ୍ଧାଞ୍ଜଳି ସହ:
ତୁମର ସ୍ମୃତିରେ ଶୋକସନ୍ତପ୍ତ ତୁମ ସାଙ୍ଗମାନେ- ଜୟ, ଝସ, ରାଜୀବ, ନବୀନ, ନିରାକାର ଓ ଲକ୍ଷ୍ମଣ।
ଧ-୧୭୫୨୮

# କବିତା

## ଏତିକି କରୁଛି ଅଳି



ଜଗା ଆସୁନାହିଁ ରଥ ଉପରକୁ
ଭାଇ ଭଉଣୀଙ୍କୁ ନେଇ,
କୋଟି ଭକତଙ୍କ ମନର ବେଦନା
ଜାଣନ୍ତି ଜଗତ ସାଇଁ।
ସାରା ଜଗତଟା କରୋନା କବଳେ
ମରେ ଲୋକ ଲକ୍ଷ ଲକ୍ଷ,
ସେ କଳଙ୍କ ଟିକା ଲାଗିବ ପ୍ରଭୁଙ୍କୁ
ସେ ପାଇଁ ଅବା ବିମୁଖ।
ଓଡିଆ ଜାତିର ଗଉରବ ଆମ
ଧରମା, ବାଜିଆ କଥା,
ଜାତି ବିପତ୍ତିରେ ନୂଆଇଁ ଦେବାକି
ଓଡିଆ ମା'ର ମଥା।
ଭକତି ଭାବନା ଏଇ ବରଷଟା
ଅନ୍ତରେ ଦେଖ ଠାକୁର
ଦାସିଆ ହୋଇବା ନଡିଆ ଯାଚିବା
ନେବ ସେ ବଢ଼େଇ କର।
ଆର ବରଷକୁ ଖେଳିବା ତା' ସାଥେ
ବଡ ଦାଣ୍ଡେ ହୋଇ ମେଳି
କରୋନା କବଳୁ ମୁକତି ଦିଅ ହେ
ଏତିକି କରୁଛି ଅଳି।

**–ବୀର କିଶୋର ପରିଡା**
ବଡଗଡ ବ୍ରିଟ୍ କଲୋନୀ, ଭୁବନେଶ୍ୱର

## ବାପା ମୋ ମହାନ୍

କାନ୍ଧରେ ବସାଇ ଯିଏ ମେଳାରେ ବୁଲାଏ
ଅଳିକଲେ ନାନାଦ୍ରବ୍ୟ ଆଣି ହାତେ ଦିଏ,
ପୁଅ, ଝିଅ ମୋର କହି ଛାତିକୁ ଫୁଲାଏ
ଭବିଷ୍ୟତ ଗଢିବାକୁ ନିତି ଖଟୁଥାଏ,
ବାପା ମୋର ସିଏ
କର୍ତ୍ତବ୍ୟର ମୂର୍ତ୍ତି, କେବେ ଆପତ୍ତି ନ ଥାଏ।
ପରିବାର, ଗାଁ ଗଣ୍ଡା, ସହର, ବଜାର
ସବୁଠାରେ ତାଙ୍କ ନାମେ ମୁଁ ଅଟେ ନିଜର,
ହାରେ ନାହିଁ କେଉଁଠି ମୁଁ ଥିଲେ ବାପା ମୋର
ଅଭୟର ବର ରୂପରେ ସିଏ ଅବତାର,
ନାହିଁ ବାପା ଯା'ର
ଡରଲାଗେ, ପରଲାଗେ ଏସାରା ସଂସାର।
ସ୍ୱାର୍ଥକୁ କରନ୍ତି ପଛ ନିଃସ୍ୱାର୍ଥକୁ ଆଗ
ଧାରଣ କରନ୍ତି ଗୁଣ ତ୍ୟାଗ, ବଇରାଗ,
ଚରିତ୍ର ଯୋଗୀଟି ପରି ନାହିଁ ଟିକେ ଦାଗ
ଅନ୍ୟର ସୁବିଧାଠାରେ ଥାଏ ସୁଖ, ଭାବ,
ବାପାଙ୍କର ରାଗ
ଉପରଟି ଭାରି ଟାଣ ଭିତରେ ସରାଗ।
ସମର୍ପେ ନିଜକୁ ଯିଏ ଧନ୍ୟ ସେ ସନ୍ତାନ
ଊଣା କରିବାନି କେବେ ତାଙ୍କ ସନମାନ,
ସ୍ନେହ, ଆଶୀର୍ବାଦ ବିନା ସବୁ ଅସଂପୂର୍ଣ୍ଣ
ପିତୃ ଋଣ ଶୁଝିବାରେ ଯାଉ ଏ ଜୀବନ,
ବାପା ମୋ ମହାନ୍
ହୃଦୟରେ ହୋଇଥାନ୍ତୁ ସଦା ସେ ଆସୀନ।

**–ଶୁଭନାରାୟଣ ଶତପଥୀ**
ବିଜିପୁର, ବ୍ରହ୍ମଗିରି, ପୁରୀ

## ଜେଜେ ଓ ଜେଜୀ

ହାତରେ ବାନ୍ଧି ଯୌତୁକ ଘଡି
ମୁଣ୍ଡରେ ଖଦି ପଗଡି
ଜେଜେ ମୋ ଚାଲିଲେ ଶଶୁର ଘର
ଭୁଡୁଭୁଡୁ କରି ମୋଟର ଗାଡି।
ଜେଜୀ ଗଲା ପରେ ତା' ବାପା ଘର
ଦେଶରେ ଲକଡାଉନ ହେଲା ଆରମ୍ଭ
ଅଖ ଚକ ସବୁ ହୋଇଲା ଠପ୍
ବଢ଼ିଗଲା ତା'ର ରକତ ଚାପ।
ପାରିଲାନି ଫେରି ହୋଇଲା ଡେରି
ଭାଗ୍ୟକୁ ଦିଅଇ ନିଇତି ଗାଳି।
ଜେଜେ କଥା ମନେ ପଡଇ ନିତି
କେବେ ହେବ ଏହି ପ୍ରତୀକ୍ଷା ଇତି।
ଆସିଲା ଶେଷରେ ସେହି ସମୟ
ଲକ୍‌ଡାଉନ ଟିକିଏ ହେଲା କୋହଳ
ଜେଜୀ ଫୋନ୍ କଲେ ଜେଜେ ପାଖକୁ
କହିଲେ ସଅଳ ନେଇ ଯିବାକୁ।
ଜେଜୀ କଥା ଶୁଣି ଜେଜେ ଆମର
ଘରୁ ବାହାରିଲେ ହୋଇ ତରତର।
କରୋନାଠୁ ବର୍ତ୍ତିବାର ମାନି ନିୟମ
ସରକାରୀ ନୀତି କର ପାଳନ।

**–ସୁବ୍ରତ ମଲ୍ଲିକ**
ମଙ୍ଗଳପୁର, ଅସୁରାଳି, ଭଦ୍ରକ

# ଆଇନା




# ଜାଣିଛ କି

- ଗତ ୫୦୦ ବର୍ଷ ମଧ୍ୟରେ ମାନବ ସଭ୍ୟତା କାରଣରୁ ହିଁ ୩୨୨ ପ୍ରଜାତିର ଜୀବଜନ୍ତୁ ସମ୍ପୂର୍ଣ୍ଣ ଲୋପ ପାଇ ଗଲେଣି।
- ଅନୁସନ୍ଧାନରୁ ଜଣାଯାଇଛି କି କାର୍ଯ୍ୟକ୍ଷେତ୍ରରେ ପଶୁପକ୍ଷୀ ମାନଙ୍କର କ୍ୟୁଟ ଫଟୋ ଦେଖିଲେ କାର୍ଯ୍ୟକ୍ଷମତା ବୃଦ୍ଧି ପାଇଥାଏ।
- ପ୍ରଖ୍ୟାତ ବୈଜ୍ଞାନିକ ଚାର୍ଲସ ଡାରୱିନ ଆବିଷ୍କାର କରିଥିବା ସବୁ ଜୀବଙ୍କୁ ଖାଇଛନ୍ତି।





- ଜଙ୍ଗଲରେ ରହୁଥିବା ୭୦ ପ୍ରତିଶତ ଜୀବଜନ୍ତୁ ଜୀବନଧାରଣ ନିମନ୍ତେ ଡିମ୍ବିରି ଫଳ ଉପରେ ନିର୍ଭର କରିଥାନ୍ତି।
- ଏକ ସୁପରସୋନିକ୍ ଜେଟ୍ ବିମାନରେ ପାରାଚୁଟରେ ଉଡ଼ାଣ କରିଥିବା ପ୍ରଥମ ପଶୁ ହେଉଛି ଏକ ଭାଲୁ।
- ପ୍ରଖ୍ୟାତ ଚିତ୍ରକର ଲିଓ ନାର୍ଡୋ ଦା ଭିନସି ସବୁବେଳେ ପିଞ୍ଜରାରେ ବନ୍ଦୀ ଥିବା ଜୀବଜନ୍ତୁଙ୍କୁ କିଣି ମୁକ୍ତ କରି ଦେଇଥାନ୍ତି।



# ଖିଲିଖିଲି ହସ

ପ୍ରଥମ– ଭାଇ ବୁଝିଲୁ ଯେତେବେଳେ ଆମେ ଆମେରିକାରେ ଥିଲୁ ସେତେବେଳେ ବିଦ୍ୟୁତ ସରବରାହ ବନ୍ଦ ହେଲେ ତୁରନ୍ତ ସୋସାଇଟି ମୁଖ୍ୟଙ୍କୁ ଫୋନ୍ କରୁଥିଲୁ।
ଦ୍ୱିତୀୟ– ହେଲେ ଆମ କଟକରେ ତ ମୁଁ ପାଖ ଘର ଲୋକଙ୍କୁ ପଚାରିଦିଏ ଲାଇନ୍ କଟିଛି କି ନାହିଁ।

ବାପା– ପୁଅ ଶୁଣ ତୁ ଯଦି ଏଥର ପରୀକ୍ଷାରେ ଫେଲ ହେବୁ ତେବେ ମତେ ବାପା ଡାକିବୁ ନାହିଁ।
(ପରୀକ୍ଷା ଫଳ ବାହାରିଲା ପରେ)
ବାପା–ତୋର ରେଜଲ୍‌ଟ କ'ଣ ହେଲା
ପୁଅ– ବାପା, ମୁଁ ଆଉ ତୁମକୁ ବାପା ବୋଲି ଡାକିବି ନାହିଁ। କାରଣ ତୁମର ଆକଳନ ଅନୁସାରେ ମୁଁ ଏଥର ବି ଫେଲ୍ ହୋଇଛି।

ପୁଅ– ବାପା ତମ ମୁଣ୍ଡରେ ଦୁଇଟା ଚୁଟି ଧଳା କାହିଁକି ହେଇଯାଇଛି ?
ବାପା– ଯୋଉ ପିଲାମାନେ ତାଙ୍କ ବାପାଙ୍କୁ ଯେତେ ହଇରାଣ କରନ୍ତି ତାଙ୍କର ସେତେ ଧଳା ହେଇଯାଏ।
ପୁଅ– ଓହୋ ଏବେ ବୁଝିଲି ଜେଜେଙ୍କ ଚୁଟି ଏତେ ଧଳା କାହିଁକି ହେଇଛି।

# ଗିନିଜ୍ ୱାର୍ଲ୍ଡ ରେକର୍ଡ

## ୧୪୫ କି.ଗ୍ରା.ର ରୁଟି



ପିଲାମାନେ, ତମେ ସମସ୍ତେ ରୁଟି ତ ନିଶ୍ଚୟ ଖାଇଥିବ। ଘରେ ରୁଟି ତିଆରି ହେବା ସମୟରେ ବି ଦେଖିଥିବ। ରୁଟିର ଆକାର ଏବଂ ଏହା କେତେ ବଡ଼ ସେ କଥା ବି ଜାଣିଥିବ। ଗୋଟିଏ ରୁଟିର ଓଜନ କ'ଣ ୧୪୫ କିଗ୍ରା ହୋଇପାରେ ? ଏମିତି ଗୋଟିଏ ରୁଟି ତୁମେମାନେ କେବେ ହେଲେ ଦେଖି ନ ଥିବ। କିନ୍ତୁ ଏପରି ଏକ ବିଶାଳ ତଥା ସବୁଠାରୁ ଓଜନବିଶିଷ୍ଟ ଏହି ରୁଟିକୁ ୨୦୧୨ରେ ତିଆରି କରାଯାଇଥିଲା। ତାହାକୁ ପ୍ରସ୍ତୁତ କରିଥିଲେ ଗୁଜରାଟର ଜାମନଗରରେ ରହୁଥିବା ଦଗଡୁ ସେଠ୍। ଏମିତି ଏକ ବିରାଟକାୟ ରୁଟି ତିଆରି କରି ସେ ଗିନିକ୍ ବୁକ୍ ରେକର୍ଡରେ ନିଜ ନାଁ ସାମିଲ୍ କରିପାରିଛନ୍ତି। ହେଲେ ଆଜିପର୍ଯ୍ୟନ୍ତ ଦୀର୍ଘ ୮ବର୍ଷ ପରେ ମଧ୍ୟ ତାଙ୍କର ଏହି ରୁଟି ରେକର୍ଡକୁ କେହି ଭାଙ୍ଗି ପାରିନାହାନ୍ତି। ହଁ ଏତେ ବଡ଼ ରୁଟିକୁ ସବୁଠାରୁ ଓଜନବିଶିଷ୍ଟ ରୁଟି ଭାବରେ ଗିନିଜ୍ ୱାର୍ଲ୍ଡ ରେକର୍ଡରେ ସ୍ଥାନ ମିଳିଛି।

# ଆଶା ରହିଗଲା...



### ସୁପ୍ରିମ କୋର୍ଟଙ୍କ ନିର୍ଦ୍ଦେଶ ଅନୁସାରେ ଏଥର ରଥଯାତ୍ରା ହେବ ନାହିଁ। ଏ ସମ୍ପର୍କରେ କେତେ ଜଣ ଛାତ୍ରୀଛାତ୍ର ଯାହା କହନ୍ତି...


ଅରୋଅର୍ପିତ


ବିଶ୍ୱଜିତ୍


ଚିରଞ୍ଜୀବୀ


ଓମ୍‌ପ୍ରକାଶ


ଶ୍ରଦ୍ଧାଞ୍ଜଳି

**ବିଶ୍ୱଜିତ ମହାପାତ୍ର** (କ୍ଲାସ–୯, ସୁଧାନନ୍ଦବିଦ୍ୟାଳୟ, ନଛିପୁର, କଟକ): ଏଥର ରଥଯାତ୍ରାକୁ ନେଇ ମୋର ଅନେକ ଆଶା ଥିଲା। କାରଣ ପ୍ରତିବର୍ଷ ଆମ ଘର ନିକଟସ୍ଥ ନୂଆଗଡରେ ବେଶ୍ ଜାକଜମକରେ ରଥଯାତ୍ରା ପାଳନ କରାଯାଇଥାଏ। ହେଲେ ସୁପ୍ରିମ କୋର୍ଟଙ୍କ ନିର୍ଦ୍ଦେଶ ଅନୁସାରେ ଏଥର ରଥଯାତ୍ରା ହେବ ନାହିଁ। ମନ ତ ଦୁଃଖ ହେଉଛି ତଥାପି କିଛି ଉପାୟ ନାହିଁ। ମୁଁ ସବୁଦିନ ସକାଳେ ଜଗନ୍ନାଥଙ୍କୁ ମୁଣ୍ଡିଆ ମାରିଥାଏ। ତାଙ୍କର ଆଶୀର୍ବାଦ ମୋ ଉପରେ ରହିଥାଉ, ଏବର୍ଷ ରଥଯାତ୍ରା ଅବସରରେ ଏତିକି ପ୍ରଭୁ ଜଗନ୍ନାଥଙ୍କ ନିକଟରେ ପ୍ରାର୍ଥନା କରୁଛି।

**ଅରୋଅର୍ପିତ ମହାପାତ୍ର** (କ୍ଲାସ–୭, ବୈଦେଶ୍ୱର ସରକାରୀ ପ୍ରାଥମିକ ବିଦ୍ୟାଳୟ, ଦାଇଁଲୋ, ଜଗତ୍‌ସିଂହପୁର) : ଏଥର ରଥ ଯାତ୍ରା ହେବ ନାହିଁ–ଏକଥା ଜାଣିବା ପରେ ମନ ଦୁଃଖ। ହେଲେ ଜଗତର ନାଥ ଜଗନ୍ନାଥଙ୍କ ଯାହା ଇଚ୍ଛା। ଏଥର ରଥଯାତ୍ରା ହେବ କି ନାହିଁ ତାକୁ ନେଇ ଅନେକ ଆଲୋଚନା ହେଉଥିଲା। ଶେଷରେ ସୁପ୍ରିମ କୋର୍ଟ ଏଥର ରଥଯାତ୍ରାକୁ ବନ୍ଦ କରିବାକୁ ନିର୍ଦ୍ଦେଶ ଦେଇଛନ୍ତି। ପ୍ରଭୁଙ୍କ ନିକଟରେ ପ୍ରାର୍ଥନା କରୁଛି ଆମ ସମସ୍ତଙ୍କୁ ସବୁବେଳେ ସୁସ୍ଥ ରଖନ୍ତୁ, ଆଉ କରୋନା ମହାମାରୀ ବିଶ୍ୱରୁ ଶୀଘ୍ର ଅପସରି ଯାଉ।

**ଶ୍ରଦ୍ଧାଞ୍ଜଳି ରାୟ** (କ୍ଲାସ–୧୦, ସରସ୍ୱତୀ ଶିଶୁ ବିଦ୍ୟାମନ୍ଦିର, ଧର୍ମବିହାର, ଜଗତ୍‌ସିଂହପୁର) : ଏଥର ରଥ ଯାତ୍ରା ହେବ ନାହିଁ ଶୁଣିବା ପରେ ମୋର ମନ ଦୁଃଖ। କାରଣ ଯଦି ରଥଯାତ୍ରା ହୋଇଥାଆନ୍ତା, ଲକ୍‌ଡାଉନ ପାଇ ତ ପୁରୀ କେହି ଯାଇପାରି ନ ଥାନ୍ତେ। ମୁଁ ପ୍ରତିବର୍ଷ ଟିଭିର ରଥଯାତ୍ରା ଦେଖିଥାଏ। ଦୁଇ–ତିନି ଥର ପୁରୀ ଯାଇ ରଥ ଯାତ୍ରା ଦେଖିଛି। ହେଲେ ଏଥର ସେହି ସୌଭାଗ୍ୟ ଆସିବ ନାହିଁ। ତଥାପି ସୁପ୍ରିମ କୋର୍ଟଙ୍କ ଅର୍ଡରକୁ ଆମକୁ ମାନିବାକୁ ପଡିବ। ଜଗତର ନାଥ ଜଗନ୍ନାଥ ସମଗ୍ର ବିଶ୍ୱକୁ କରୋନା କବଳରୁ ରକ୍ଷା କରନ୍ତୁ– ଏତିକି ତାଙ୍କ ନିକଟରେ ପ୍ରାର୍ଥନା।

**ଚିରଞ୍ଜୀବୀ ମହାପାତ୍ର** (କ୍ଲାସ–୮,ଶ୍ରୀମା ଅରବିନ୍ଦ ସ୍କୁଲ, ଫୁଲନଖରା) :କରୋନା ପୂର୍ବରୁ ଏଥର ରଥ ଯାତ୍ରା ଦେଖିବାକୁ ପୁରୀ ଯିବି ବୋଲି ବାପା ଯୋଜନା କରିଥିଲେ। ହେଲେ ତାହା ଆଉ ହୋଇପାରିବ ନାହିଁ। କାରଣ ଗୋଟିଏ ପଟେ ଲକଡାଉନ୍‌କୁ ନେଇ ରଥ ଯାତ୍ରା ହେବ କି ନାହିଁ ଆଶଙ୍କା ଥିଲା। ହେଲେ ମାନ୍ୟବର ସୁପ୍ରିମ କୋର୍ଟ ଏବର୍ଷ ରଥ ଯାତ୍ରା ହେବ ନାହିଁ ବୋଲି ଅର୍ଡର ଦେଇଛନ୍ତି। ଏକଥା ଶୁଣିବା ପରେ ମୋ ମନ ଭାରି ଦୁଃଖ। ହେଲେ କ'ଣ କରିବା ? ଘରେ ରହି ପ୍ରଭୁ ଜଗନ୍ନାଥଙ୍କ ନିକଟରେ ପ୍ରାର୍ଥନା କରୁଛି ଯେ ବିଶ୍ୱବାସୀଙ୍କୁ କରୋନା ମହାମାରୀରୁ ଶୀଘ୍ର ଉଦ୍ଧାର କରନ୍ତୁ।

**ଓମ୍‌ପ୍ରକାଶ ମହାପାତ୍ର** (କ୍ଲାସ–୯, ଦିଲ୍ଲୀ ପବ୍ଲିକ ସ୍କୁଲ, କଳିଙ୍ଗା, କଟକ) : ଚଳିତବର୍ଷ ରଥଯାତ୍ରାକୁ ନେଇ ବେଶ୍ କଳ୍ପନା ଜଳ୍ପନା ଲାଗି ରହିଥିଲା। ଗୋଟିଏ ପଟେ ରଥ ନିର୍ମାଣ କାର୍ଯ୍ୟ ଶେଷ ପର୍ଯ୍ୟାୟରେ ପହଞ୍ଚି ଯାଇଛି। ହେଲେ ସୁପ୍ରିମ କୋର୍ଟଙ୍କ ଅର୍ଡର ଅନୁସାରେ ଏବର୍ଷ ରଥଯାତ୍ରା ହେବ ନାହିଁ। ରଥ ଯାତ୍ରାରେ ମୁଁ ପୂର୍ବରୁ କେତେଥର ପୁରୀ ଯାଇଛି। ଯେଉଁବର୍ଷ ରଥ ଯାତ୍ରାରେ ଯାଇପାରେନା, ସେହିବର୍ଷ, ବାହୁଡା, ନ ହେଲେ ସୁନାବେଶରେ ପୁରୀ ଯାଇ ରଥାରୁଢ଼ ଜଗନ୍ନାଥଙ୍କୁ ଦର୍ଶନ କରିଥାଏ। ଏଥର ରଥ ଯାତ୍ରା ବନ୍ଦ ହେବ ଶୁଣିବା ପରେ ମନ ତ ନିଶ୍ଚୟ ଦୁଃଖ। ହେଲେ ଘରେ ରହି ତିନିଠାକୁରଙ୍କୁ ପ୍ରାର୍ଥନା କରୁଛି ଆମକୁ କରୋନା ମହାମାରୀ କବଳରୁ ଶୀଘ୍ର ଉଦ୍ଧାର କରନ୍ତୁ।

# ମତାମତ

► ଗତ ସପ୍ତାହରେ ପ୍ରକାଶିତ 'ଗପ' ପଢ଼ି ଭଲ ଲାଗିଲା।
*–ସୁବ୍ରତ ସାହୁ, ରାୟଗଡା*

► ଏହି ପୃଷ୍ଠାରେ ପ୍ରକାଶିତ ପ୍ରତିଟି ସ୍ତମ୍ଭ ମନଛୁଆଁ ହୋଇପାରୁଛି।
*–ପ୍ରତ୍ୟାଶା ରାଉତ, ବ୍ରହ୍ମପୁର*

► ଗତ ସପ୍ତାହରେ 'ତୁମ ତୂଳୀରୁ' ସ୍ତମ୍ଭରେ ପ୍ରକାଶିତ ଚିତ୍ରଗୁଡିକ ସୁନ୍ଦର ହୋଇଥିଲା।
*–ସୁନୀଲ କୁମାର ନାୟକ, ପୁରୀ*

► ଗତ ସପ୍ତାହରେ ରଜ ଉପରେ ପ୍ରକାଶିତ କବିତାଗୁଡିକ ଭଲ ଲାଗିଲା।
*–ତନ୍ମୟ କୁମାର ଦାସ, କେନ୍ଦ୍ରାପଡା*

'ଗିନିଜ ୱାର୍ଲ୍ଡ ରେକର୍ଡ' ସ୍ତମ୍ଭଟି ବେଶ୍ ଶିକ୍ଷଣୀୟ ହୋଇପାରୁଛି।
–ବିକାଶ କୁମାର ନାୟକ, ବ୍ରହ୍ମପୁର

# ତୁମ ତୂଳୀରୁ


ଅନନ୍ୟା ରୂପାଲୀ ତ୍ରିପାଠୀ
(କ୍ଲାସ–୫, ସରକାରୀ ଉଚ୍ଚ ପ୍ରାଥମିକ ବିଦ୍ୟାଳୟ,ଗୋବିନ୍ଦପାଲ୍ଲୀ, ମାଲକାନଗିରି)







ଧନେଶ୍ୱରୀ ଶବର (କ୍ଲାସ–୮, ପ୍ରା.ଉ.ବିଦ୍ୟାଳୟ, ଶୁକ୍ଳିମୁଣ୍ଡି, ନୂଆପଡା)




ଆକାଂକ୍ଷା ରଣା (କ୍ଲାସ–୯, ବିଦ୍ୟାଭାରତୀ ଆବାସିକ ବିଦ୍ୟାଳୟ ବଲାଙ୍ଗୀର)

# ଟଗଲା ଭୀମୁ



## ମାହାଙ୍ଗା ତହସିଲରେ ଏକ ଘଣ୍ଟାରେ ଜମିପଟ୍ଟା ପ୍ରଦାନ

ମାହାଙ୍ଗା,(ସ୍ୱ.ପ୍ର.): ମାହାଙ୍ଗା ତହସିଲ ପକ୍ଷରୁ ଏକ ଘଣ୍ଟା ମଧ୍ୟରେ କୋଳିଅଠା ରାଜସ୍ୱ ନିରୀକ୍ଷକ ଅଧୀନ ମଧୁପୁର ଗ୍ରାମର ସେକ ମୋତାହିର ଅହେମ୍ମଦଙ୍କୁ ଜମି ପଟ୍ଟା ପ୍ରଦାନ କରାଯାଇଛି। ମଧୁପୁର ଗ୍ରାମର ସେକ ଜିଆଉଦ୍ଦିନ ସେହି ଗ୍ରାମର ସେକ ମୋତାହିର ଅହେମ୍ମଦଙ୍କୁ ତାଙ୍କର ଜମି ମାହାଙ୍ଗା ସବରେଜେଷ୍ଟ୍ରିରେ ଗୁରୁବାର ସେଲ ଡିଡ୍ କରିଥିଲେ। ସେକ ମୋତାହିର ସେଲ ଡିଡ ପାଇବା ପରେ ମ୍ୟୁଟେସନ ନିମନ୍ତେ ମାହାଙ୍ଗା ତହସିଲରେ ଆବେଦନ କରିଥିଲେ। ଆବେଦନ କରିବାର ଏକ ଘଣ୍ଟା ମଧ୍ୟରେ ତାଙ୍କୁ ଜମି ପଟ୍ଟା ତହସିଲ ପକ୍ଷରୁ ପ୍ରଦାନ କରାଯାଇଥିଲା।

## ସଂକ୍ଷେପରେ

### ନିଖୋଜ ଯୁବକଙ୍କ ମୃତଦେହ ଉଦ୍ଧାର

କଟକ ସଦର,୧୯।୬(ଡି.ଏନ୍.ଏ.): କିଶନନଗର ଥାନା ପୋଲିସ ଶୁକ୍ରବାର ବାରେଡ଼ିଆ ଜଙ୍ଗଲରୁ ଜଣେ ନିଖୋଜ ଯୁବକଙ୍କ ମୃତଦେହ ଉଦ୍ଧାର କରିଛି। ସେ ହେଲେ କିଶୋରନଗର ଗ୍ରାମର ବିନୋଦ ମଣ୍ଡଳ। ମେ ୨୬ରେ ବିନୋଦ କଟକ ଯାଇ ଆଉ ଘରକୁ ଫେରି ନ ଥିଲେ। ଏ ନେଇ ପରିବାରଲୋକଙ୍କ ଅଭିଯୋଗ କ୍ରମେ ପୋଲିସ ଏକ ମାମଲା (ନଂ.୮୦/୨୦)ରୁଜୁକରି ମୁଖ୍ୟ ଅଭିଯୁକ୍ତ ଶାରଦା କୁଣ୍ଡୁଙ୍କୁ ଗତ ୫ ତାରିଖରେ ଗିରଫ କରିଥିଲା। ପରେ ଅଭିଯୁକ୍ତ ଶାରଦାଙ୍କୁ ରିମାଣ୍ଡରେ ଆଣି ପୋଲିସ ପଚରାଉଚରା କରିବା ପରେ ବିନୋଦଙ୍କ ମୃତଦେହ ସମ୍ପର୍କରେ କହିଥିଲା। କିଶନନଗର ପୋଲିସ ଅଧିକାରୀଙ୍କ ସମେତ ଜଗତ୍‌ପୁର ଥାନା ପୋଲିସ କର୍ମଚାରୀ ଘଟଣାସ୍ଥଳରେ ପହଞ୍ଚି ମୃତଦେହ ଉଦ୍ଧାର କରିଥିଲେ। ମୃତଦେହ ନିକଟରୁ ବିନୋଦଙ୍କ ଆଧାରକାର୍ଡ ମିଳିଥିଲା।

### ବିଡିଓଙ୍କ ବିରୋଧରେ ଜିଲାପାଳଙ୍କୁ ଅଭିଯୋଗ

ଖୋର୍ଦ୍ଧାଅଫିସ,୧୯।୬: ଖୋର୍ଦ୍ଧା ଜିଲା ଜଟଣୀ ବିଡିଓଙ୍କ ବିରୋଧରେ ଶୁକ୍ରବାର ଜଣେ ମହିଳା ସରପଞ୍ଚ ଜିଲାପାଳଙ୍କ ନିକଟରେ ଫେରାଦ ହେବା ସହ ଏକ ଅଭିଯୋଗପତ୍ର ପ୍ରଦାନ କରିଛନ୍ତି। ଜଟଣୀ ବ୍ଲକ ଅନ୍ତର୍ଗତ ଜାମୁକୋଳି ପଞ୍ଚାୟତ ସରପଞ୍ଚ ଜ୍ୟୋତିର୍ମୟୀ ଛୋଟରାୟ ଅଭିଯୋଗପତ୍ରରେ ଦର୍ଶାଇଛନ୍ତି ଯେ, ବିଡିଓ ତାଙ୍କୁ କୌଣସି କାର୍ଯ୍ୟରେ ସହଯୋଗ କରୁନାହାନ୍ତି। ଏହି ପଞ୍ଚାୟତରେ ଯେ କୌଣସି ଉନ୍ନତିମୂଳକ କାର୍ଯ୍ୟ ପାଇଁ ଡିଆରଡିଏ କାର୍ଯ୍ୟାଳୟ ଖୋର୍ଦ୍ଧାକୁ ଯିବାକୁ ପଡୁଛି। ଫଳରେ ପଞ୍ଚାୟତରେ ଉନ୍ନୟନମୂଳକ କାର୍ଯ୍ୟ ପାଇଁ ବାଧା ଦେଖାଦେଉଛି। ଆମ ଗାଁ ଆମ ବିକାଶ ଯୋଜନାରେ ଆସିଥିବା ପ୍ରକଳ୍ପକୁ ମା' ମଙ୍ଗଳା କମ୍ୟୁନିଟି ସେଣ୍ଟର ନାମରେ ମଞ୍ଜୁର ହୋଇଥିଲା। କିନ୍ତୁ କିଛି କାର୍ଯ୍ୟ କରାଯାଇନାହିଁ। ପାଇଖାନା ପାଇଁ କାର୍ଯ୍ୟ, ଫନୀ ଅର୍ଥ ଏ ପର୍ଯ୍ୟନ୍ତ ପଡିରହିଛି। କାର୍ଯ୍ୟାନୁଷ୍ଠାନ ନ ହେଲେ ଆଗକୁ ଜଟଣୀ ବ୍ଲକର ସମସ୍ତ ମହିଳା ସରପଞ୍ଚ ରାଜରାସ୍ତାକୁ ଓହ୍ଲାଇବେ ବୋଲି ଚେତାବନୀ ଦିଆଯାଇଛି।

### ଭେଣ୍ଡିଂ ଜୋନ୍ ନିର୍ମାଣକୁ ନେଇ ବିବାଦ

ଖୋର୍ଦ୍ଧା ଅଫିସ,୧୯।୬: ଖୋର୍ଦ୍ଧା ପୌରାଞ୍ଚଳ ଅନ୍ତର୍ଗତ ଭାଲିଆବାଡି ଗ୍ରାମରେ ଭେଣ୍ଡିଂଜୋନ ନିର୍ମାଣକୁ ନେଇ ଶୁକ୍ରବାର ଗ୍ରାମବାସୀ ଓ ଠିକାଦାର ମୁହାଁମୁହିଁ ହୋଇଛନ୍ତି। ଖବରପାଇ ଆଦର୍ଶ ଥାନା ପୋଲିସ ପହଞ୍ଚି ପରିସ୍ଥିତିକୁ ନିୟନ୍ତ୍ରଣ କରିଥିଲା। ପରେ ଥାନାରେ ଏସ୍‌ଡିପିଓ ସୁଶୀଲ ମିଶ୍ର, ଥାନା ଅଧିକାରୀ ଉମାଶଙ୍କର ସିଂ ଏବଂ ପୌର ନିର୍ବାହୀ ଅଧିକାରୀ ଶ୍ୱେତପଦ୍ମା ଡି. ଶତପଥୀଙ୍କ ଉପସ୍ଥିତିରେ ଆପୋଷ ବୁଝାମଣା ମାଧ୍ୟମରେ ଏହାର ସମାଧାନ ହୋଇଥିଲା ବୋଲି ଥାନା ଅଧିକାରୀ ସିଂ କହିଛନ୍ତି। ସୂଚନାଥାଉ କି, ଭାଲିଆବାଡିରେ ଏକ ଭେଣ୍ଡିଂ ଜୋନ୍ ନିର୍ମାଣ ଲାଗି ପୌର ପ୍ରଶାସନ ପକ୍ଷରୁ ଟେଣ୍ଡର ହୋଇଥିଲା। ଏହାକୁ ବିରୋଧ କରି ଗ୍ରାମବାସୀଙ୍କ ପକ୍ଷରୁ ହାଇକୋର୍ଟରେ ଏକ ମାମଲା ଦାଏର ହୋଇଥିଲା। କୋର୍ଟ ପକ୍ଷରୁ ଏହି ନିର୍ମାଣ କାର୍ଯ୍ୟ ଉପରେ ରହିତାଦେଶ ଜାରି କରାଯାଇଛି ବୋଲି ପୋଲିସ କହିଛି।

### ଶହୀଦ ଯବାନଙ୍କୁ ଶ୍ରଦ୍ଧାଞ୍ଜଳି

ପୁରୁଣା ଭୁବନେଶ୍ୱର,୧୯।୬(ଡି.ଏନ୍.ଏ.): ଲଦାଖ ସୀମା ଗଲ୍‌ୱାନ ଉପତ୍ୟକାରେ ଚାଇନା-ଭାରତ ସଂଘର୍ଷରେ ଭାରତର ୨୦ ଯବାନ ଶହୀଦ ହୋଇଥିଲେ। ଭାରତମାତାର ଏହି ବୀର ଯବାନଙ୍କ ଉଦ୍ଦେଶ୍ୟରେ ରାଜଧାନୀ ଉପକଣ୍ଠ ନାଥପୁରସ୍ଥିତ ସିଦ୍ଧମଣ୍ଡପରେ ଆଞ୍ଚଳିକ ବିକାଶ ପରିଷଦ ପକ୍ଷରୁ ଶ୍ରଦ୍ଧାଞ୍ଜଳି ଦିଆଯିବା ସହ ୨ମିନିଟ୍ ନୀରବ ପ୍ରାର୍ଥନା କରିଥିଲେ।

### ନାବାଳକଙ୍କ ଝୁଲନ୍ତା ମୃତଦେହ ଉଦ୍ଧାର

ଚୌଦ୍ୱାର,୧୯।୬(ଡି.ଏନ୍.ଏ): ଚୌଦ୍ୱାର ପୌରପାଳିକା ୧୭ନଂ. ୱାର୍ଡ କପାଳେଶ୍ୱର ନୂଆସାହିରୁ ଶୁକ୍ରବାର ପୋଲିସ ଜଣେ ନାବାଳକଙ୍କ ମୃତଦେହ ଉଦ୍ଧାର କରିଛି। ସେ ହେଲେ ସରୋଜ ରାଉତରାୟ(୧୪)। ଏ ସମ୍ପର୍କରେ ଚୌଦ୍ୱାର ଥାନା ପୋଲିସ ଏକ ଅପମୃତ୍ୟୁ ମାମଲା (ନଂ.୧୯/୨୦)ରୁଜୁକରି ତଦନ୍ତ ଚଳାଇଛି। ସୂଚନା ଅନୁଯାୟୀ, ସରୋଜ ସରଳ ସ୍ୱଭାବର ପିଲା ଥିବା ବେଳେ ସବୁ କାର୍ଯ୍ୟରେ ସହଯୋଗ କରିଥାନ୍ତି ବୋଲି ତାଙ୍କ ମା' କହିଛନ୍ତି। ହେଲେ ମଧ୍ୟାହ୍ନ ପ୍ରାୟ ୧୨ଟାରେ ସରୋଜ ଫ୍ୟାନରେ ଝୁଲୁଥିବା ଅବସ୍ଥାରେ ତାଙ୍କ ମା' ଦେଖିବାକୁ ପାଇଥିଲେ। ଖବରପାଇ ପୋଲିସ ପହଞ୍ଚି ମୃତଦେହ ଜବତ କରି ବ୍ୟବଚ୍ଛେଦ ପାଇଁ ପଠାଇଛି।

# ବଞ୍ଚିଗଲା ମା', ଦୁଇ ପିଲାଙ୍କ ଜୀବନ

ଭୁବନେଶ୍ୱର,୧୯।୬(ବ୍ୟୁରୋ)

**ଦେବଦୂତ ସାଜିଲେ ପିସିଆର କର୍ମଚାରୀ**

- ପାରିବାରିକ କହଳକୁ ନେଇ ଆତ୍ମହତ୍ୟା ଉଦ୍ୟମ କରିଥିଲେ
- ପିଲାଙ୍କୁ ଧରି ଟ୍ରେନ୍ ଆଗକୁ ଡେଇଁବାକୁ ଅପେକ୍ଷା କରିଥିଲେ ମହିଳା

ପୋଲିସ ପାଇଁ ବଞ୍ଚିଗଲା ୩ ଜୀବନ। ଦୁଇ ପିଲା ସହ ଜଣେ ମହିଳା ଟ୍ରେନ୍ ଲାଇନରେ ଆତ୍ମହତ୍ୟା କରିବା ପୂର୍ବରୁ ଦେବଦୂତ ସାଜିଲେ ପିସିଆର୍ କର୍ମଚାରୀ। ଗୁରୁବାର ବମିଖାଲ ଓଭରବ୍ରିଜ୍ ନିକଟରେ ଘଟିଥିଲା ଏହି ସ୍ୱର୍ଶକାତର ଘଟଣା। ରାତି ପ୍ରାୟ ୯ଟା ୪୫ ମିନିଟ୍ ସମୟରେ ପିସିଆର୍ ନଂ.୯ ପାଟ୍ରୋଲିଂ କରୁଥିଲା। ଏତେ ରାତିରେ ଜଣେ ମହିଳା ଦୁଇ ପିଲାଙ୍କୁ ଧରି ଟ୍ରେନ୍ ଲାଇନ ଉପରେ ଠିଆ ହୋଇଥିବା ଦେଖି ଡ୍ରାଇଭର ଅଜୟ କୁମାର ବିଶ୍ୱାଳଙ୍କର ସନ୍ଦେହ ହୋଇଥିଲା। ସେ ଗାଡି ରଖି ସେମାନଙ୍କ ଉପରେ ନଜର ପକାଇଥିଲେ। ଏହି ସମୟରେ ଏକ ଟ୍ରେନ୍ ହର୍ନ ଦେଇ ଆସୁଥିବାବେଳେ ମହିଳା ଜଣକ ଅସ୍ତବ୍ୟସ୍ତ ହୋଇପଡୁଥିଲେ। କିଛି ଘଟିବାର ଆଶଙ୍କା କରି ଅଜୟ ଓ ପିସିଆର୍‌ର ଅନ୍ୟ କର୍ମଚାରୀମାନେ ଉକ୍ତ ମହିଳାଙ୍କ ସହ ଦୁଇ ପିଲାଙ୍କୁ ଉଦ୍ଧାର କରି ସେଠାରୁ ଦୂରକୁ ନେଇ ଆସିଥିଲେ। ପଚରାଉଚରାବେଳେ ଆତ୍ମହତ୍ୟା ପାଇଁ ଆସିଥିବା ମହିଳା ଜଣକ କହିଥିଲେ। ସକାଳୁ ଭୋକରେ ଥିବା ଜାଣିବା ପରେ ଅଜୟ ନିଜ ପାଇଁ ଆଣିଥିବା ଜଳଖିଆ ସେମାନଙ୍କୁ ଖାଇବାକୁ ଦେଇଥିଲେ। ଏହାପରେ ସେମାନଙ୍କୁ ଥାନାକୁ ନିଆଯାଇଥିଲା। ମହିଳାଙ୍କଠାରୁ ସବୁକଥା ଶୁଣିବା ପରେ ତାଙ୍କ ସ୍ୱାମୀଙ୍କୁ ଥାନାକୁ ଡକାଯାଇଥିଲା। ପରେ ଲିଖିତ ମୁଚାଲିକାରେ ମହିଳା ଓ ଦୁଇ ପିଲାଙ୍କୁ ସ୍ୱାମୀଙ୍କ ଜିମା ଦିଆଯାଇଥିଲା।

ପୋଲିସ ସୂଚନାନୁସାରେ, ମହିଳା ଜଣକ ହେଲେ ନିରୁପମା ସାହୁ। ସେ ୧୫ ବର୍ଷ ତଳେ ଜିଜିପି କଲୋନୀରେ ରହୁଥିବା ରବୀନ୍ଦ୍ର ସାହୁଙ୍କୁ ବିବାହ କରିଥିଲେ। ଇତି ମଧ୍ୟରେ ସେମାନଙ୍କର ଦୁଇ ପିଲା ଅଛନ୍ତି। ଆର୍ଥିକ ପରିସ୍ଥିତିକୁ ନେଇ ଉଭୟଙ୍କ ମଧ୍ୟରେ ମଝିରେ ମଝିରେ ଝଗଡା ହେଉଥିଲା। ଗୁରୁବାର ଏହି ଝଗଡା ଉଗ୍ରରୂପ ନେଇଥିଲା। ଘରେ ରୋଷେଇ ମଧ୍ୟ ହୋଇ ନ ଥିଲା। ପିଲାଛୁଆ ସମସ୍ତେ ଭୋକରେ ରହିଥିଲେ। ଏଥିରେ ନିରୁପମା ମାନସିକ ସ୍ତରରେ ଭାଙ୍ଗିପଡି ଆତ୍ମହତ୍ୟା ନିଷ୍ପତ୍ତି ନେଇଥିଲେ। ରାତିରେ ଦୁଇ ପିଲାଙ୍କୁ ଧରି ଘରୁ ବାହାରି ଆସିଥିଲେ। ଚାଲିଚାଲି ବମିଖାଲ ଓଭରବ୍ରିଜ ନିକଟରେ ପହଞ୍ଚିବା ପରେ ତଳେ ଯାଇଥିବା ଟ୍ରେନ୍ ଲାଇନ୍ ଉପରେ ଦୁଇ ପିଲାଙ୍କୁ ଧରି ଆତ୍ମହତ୍ୟା କରିବାକୁ ଟ୍ରେନ୍‌କୁ ଅପେକ୍ଷା କରିଥିଲେ। ପିସିଆର୍ ପୋଲିସ ନ ପହଞ୍ଚିଥିଲେ ମାତ୍ର କିଛି କ୍ଷଣ ମଧ୍ୟରେ ୩ ଜୀବନ ଅକାଳରେ ଚାଲିଯାଇଥାନ୍ତା। ତେବେ ସେମାନଙ୍କୁ ଉଦ୍ଧାର କରିଥିବାରୁ ଡ୍ରାଇଭର ଅଜୟଙ୍କ ସମେତ ହୋମଗାର୍ଡ କଳିଙ୍ଗ ସେନ୍ ପ୍ରଧାନ, ଫୋର୍ସ ସଞ୍ଜୟ ସାହୁ ଓ ହାବିଲଦାର ପ୍ରତାପ ମୁଣ୍ଡା ଖୁସିବ୍ୟକ୍ତ କରିଛନ୍ତି। ଭଗବାନ ଠିକ୍ ସମୟରେ ସେଠାକୁ ପଠାଇଥିବା କହିଛନ୍ତି।



ରଥ ଉପରକୁ ଉଠିଲା ପ୍ରଭା।

# ଉଠିଲା ପ୍ରଭା, ରଙ୍ଗ ହେଲେ ଘୋଡ଼ା

ପୁରୀ ଅଫିସ,୧୯।୬

**ଅଟକିଯାଇନି ରଥ କାମ**

ଚଳିତବର୍ଷ ରଥଯାତ୍ରା ବନ୍ଦ ରହିବ ବୋଲି ସୁପ୍ରିମ୍‌କୋର୍ଟ ରାୟ ଶୁଣାଇଛନ୍ତି। ହେଲେ ଏହି ରାୟ ପରେ ବିଭିନ୍ନ ମହଲରେ କ୍ଷୋଭ ସୃଷ୍ଟି ହୋଇଛି। ବଡ଼ଦାଣ୍ଡରେ ମହାପ୍ରଭୁଙ୍କ ରଥ ନ ଗଡ଼ିବା କଥାକୁ କେହି ସହଜେ ଗ୍ରହଣ କରିପାରୁ ନାହାନ୍ତି। ତଥାପି ଏଭଳି ନିଷ୍ପତ୍ତି ପରେ ବି ଶୁକ୍ରବାର ରଥଖଳାରେ ଅଟକି ଯାଇ ନ ଥିଲା ରଥ କାମ । ଅଳ୍ପ କିଛି ଯାହା କାମ ବାକି ରହିଥିଲା ତାହାକୁ ରଥ ନିର୍ମାଣ ସମ୍ପୃକ୍ତ ସେବକ ଜାରି ରଖିଥିବା ଦେଖିବାକୁ ମିଳିଥିଲା। ତିନିରଥର ପ୍ରଭା ଉଠିଥିବାବେଳେ ପ୍ରତି ରଥର ଘୋଡ଼ାଗୁଡ଼ିକୁ ରଙ୍ଗ ଦିଆଯାଇଥିଲା। ହେଲେ ରଥଯାତ୍ରା ବନ୍ଦ ନିଷ୍ପତ୍ତିକୁ ନେଇ କୋହ ସମ୍ଭାଳି ପାରି ନ ଥିଲେ ମହାରଣା ସେବକ। ତାଳଧ୍ୱଜ ରଥର ମୁଖ୍ୟ ମହାରଣା ସେବକ ନରସିଂହ ମହାପାତ୍ର କାନ୍ଦି ପକାଉଥିବା ଦେଖିବାକୁ ମିଳିଥିଲା। ତେବେ କୌଣସି ଅଘଟଣ ଆଶଙ୍କା କରି ଶୁକ୍ରବାର ଶ୍ରୀମନ୍ଦିର କାର୍ଯ୍ୟାଳୟକୁ ଜଗି ରହିଥିଲା ପୋଲିସ।

ସକାଳୁ ରଥଖଳାକୁ ଆସିଥିଲେ ରଥ ନିର୍ମାଣକାରୀ ସେବକ। ହେଲେ ସମସ୍ତେ ଏକପ୍ରକାର ଉଦାସ ରହିଥିଲେ। କିନ୍ତୁ ମହାପ୍ରଭୁଙ୍କ କାମକୁ ଭୁଲି ନ ଥିଲେ। ଭୋଇ ସେବକମାନେ ତିନିରଥର ପ୍ରଭାକୁ ଉପରକୁ ଉଠାଇଥିଲେ। ମହାରଣା ସେବକମାନେ ତାଙ୍କୁ ସହଯୋଗ କରିବା ପରେ ପ୍ରଭା ଉଠିଲା। ଏହାପରେ ଅଶ୍ୱକୁ ରଙ୍ଗ କରାଯାଉଥିଲା। ତେବେ ଅଶ୍ୱକୁ ରଙ୍ଗ ଦେଉଥିବା ଚିତ୍ରକର ସେବକ ଚନ୍ଦ୍ରଶେଖର ମହାରଣା କହିଥିଲେ, ସଂସାର ରଥକୁ ମହାପ୍ରଭୁ ଆଗକୁ ବଢ଼ାଉଛନ୍ତି। କେତେବେଳେ କ'ଣ ହୋଇଯିବ ଆମେ ଜାଣିପାରିବା ନାହିଁ। ମହାପ୍ରଭୁ ଚାହିଁଲେ ସବୁ କିଛି ଓଲଟପାଲଟ ହୋଇଯିବ। ସେମିତି ବିଶ୍ୱାସ ବି ରହିଛି ।

# ବର୍ଷିଲେ ବିଜୟ, କାନ୍ଦିପକାଇଲେ ସୁର

ଭୁବନେଶ୍ୱର,୧୯।୬(ବ୍ୟୁରୋ)

**ରଥଯାତ୍ରା ବନ୍ଦ ନେଇ ସରକାରଙ୍କୁ ବିରୋଧୀଙ୍କ ଟାର୍ଗେଟ**

ରଥଯାତ୍ରା ବନ୍ଦ ହେବା ନେଇ ସୁପ୍ରିମକୋର୍ଟଙ୍କ ନିର୍ଦ୍ଦେଶ ଆସିବାପରେ ସବୁଆଡୁ ସରକାରଙ୍କୁ ସମାଲୋଚନାର ଶିକାର ହେବାକୁ ପଡୁଛି। ରାଜ୍ୟ ସରକାର ଜାଣିଶୁଣି ରଥଯାତ୍ରା ବନ୍ଦ କରିଥିବା ବିରୋଧୀ ଦଳ ତରଫରୁ ଅଭିଯୋଗ କରାଯାଉଛି। ବରିଷ୍ଠ ଭାଜପା ନେତା ବିଜୟ ମହାପାତ୍ର ସରକାରଙ୍କ ଉପରେ ବର୍ଷିଥିବା ବେଳେ ନିଜ କୋହ ନ ସମ୍ଭାଳିପାରି କାନ୍ଦି ପକାଇଛନ୍ତି ବରିଷ୍ଠ କଂଗ୍ରେସ ନେତା ସୁରେଶ କୁମାର ରାଉତରାୟ। ଅନ୍ୟପକ୍ଷରେ ବିଜେଡି ନେତ୍ରୀ ପ୍ରମିଳା ମଲ୍ଲିକ ରଥଯାତ୍ରା ବନ୍ଦ ହେବାର ଆବଶ୍ୟକତା ଅନୁଭବକରି ସୁପ୍ରିମକୋର୍ଟ ଏହି ନିଷ୍ପତ୍ତି ନେଇଥିବା କହିଛନ୍ତି।

ବିଜୟ କହିଛନ୍ତି ଯେ, ରଥଯାତ୍ରା ବନ୍ଦ ସକାଶେ ଚକ୍ରାନ୍ତ ଓ ଷଡ଼ଯନ୍ତ୍ର ଚାଲିଛି ବୋଲି ଆଶଙ୍କା କରାଯାଉଥିଲା। ଶେଷରେ ସେମାନେ ସଫଳ ହେଲେ। ଭାଜପା ରାଜ୍ୟ ସଭାପତି ସୁପ୍ରିମକୋର୍ଟଙ୍କ ରାୟକୁ ସ୍ୱାଗତ କରୁଥିଲା ବେଳେ ବିଜୟ କିନ୍ତୁ ସରକାରଙ୍କୁ ସମାଲୋଚନା କରିଛନ୍ତି। ଗତ ଗୁରୁବାର ଓଡ଼ିଶା ପାଇଁ ସ୍ମରଣୀୟ ଦିନ ହୋଇରହିବ। ସମସ୍ତ ପ୍ରକାର କଟକଣା ଭିତରେ ମହାପ୍ରଭୁଙ୍କ ସ୍ନାନଯାତ୍ରାଠାରୁ ଏ ପର୍ଯ୍ୟନ୍ତ ନୀତିକାନ୍ତି ହୋଇଛି। ସୁପ୍ରିମକୋର୍ଟଙ୍କ ରାୟକୁ ସମସ୍ତେ ମାନିବେ, କିନ୍ତୁ ଏଠାରେ ସରକାରଙ୍କ ଭୂମିକା ସନ୍ଦେହଜନକ ବୋଲି ସେ କହିଛନ୍ତି। ରଥଯାତ୍ରା କରିବାକୁ ସରକାରଙ୍କ ଆନ୍ତରିକତା ନ ଥିଲା। ମହାପ୍ରଭୁଙ୍କ ବାକି ନୀତିକାନ୍ତି କିପରି ହେବ ସେନେଇ ସରକାର ଶନିବାର ସୁଦ୍ଧା ନିଷ୍ପତ୍ତି ନିଅନ୍ତୁ ବୋଲି ସେ କହିଛନ୍ତି।

କଂଗ୍ରେସ ବିଧାୟକ ସୁରେଶ କୁମାର ରାଉତରାୟ କହିଛନ୍ତି ଯେ, ଯାହା ହେଲା କିଛି ଭଲ ହୋଇନାହିଁ। ସୁପ୍ରିମକୋର୍ଟଙ୍କ ଜରିଆରେ ଜାଣିଶୁଣି ରଥଯାତ୍ରା ବନ୍ଦ କରାଗଲା। ଏ ନିଷ୍ପତ୍ତି ଠିକ୍ ନୁହେଁ ବୋଲି ସେ କହିଛନ୍ତି। ବିଜେଡି ନେତ୍ରୀ ପ୍ରମିଳା ମଲ୍ଲିକ କହିଛନ୍ତି, ସୁପ୍ରିମକୋର୍ଟଙ୍କ ନିର୍ଦ୍ଦେଶକୁ ପାଳନ କରାଯିବ। ରଥଯାତ୍ରା ବନ୍ଦ ନେଇ କୌଣସି ଷଡ଼ଯନ୍ତ୍ର ହୋଇନାହିଁ। ରଥଯାତ୍ରା ହେବାକୁ ଦାବି କରୁଥିବା ଲୋକମାନେ ରାଜ୍ୟରେ କରୋନା ସଂକ୍ରମଣ ବୃଦ୍ଧି ଲାଗି ଦାୟୀ ହେବେ କି ବୋଲି ସେ ପ୍ରଶ୍ନ କରିଛନ୍ତି। ରଥଯାତ୍ରା ହେଲେ କରୋନା ବ୍ୟାପିବ ନାହିଁ ବୋଲି ଗ୍ୟାରେଣ୍ଟି ଦେବେ କି। ଲୋକଙ୍କ ସ୍ୱାସ୍ଥ୍ୟକୁ ଦୃଷ୍ଟିରେ ରଖି ସୁପ୍ରିମକୋର୍ଟ ଯେଉଁ ନିର୍ଦ୍ଦେଶ ଦେଇଛନ୍ତି ତାହା ପାଳନ କରାଯିବ। ସ୍ନାନଯାତ୍ରା ଏବଂ ରଥଯାତ୍ରା ମଧ୍ୟରେ ବହୁ ଫରକ ଅଛି। ସ୍ନାନଯାତ୍ରା ମନ୍ଦିର ଭିତରେ ହୁଏ ଓ ରଥଯାତ୍ରା ସମ୍ପୂର୍ଣ୍ଣ ବାହାରେ ହୁଏ ବୋଲି ପ୍ରମିଳା କହିଛନ୍ତି।

## ରଥଯାତ୍ରା ସପକ୍ଷରେ କହିଲେ ମୋକିମ୍

କଟକ ଅଫିସ,୧୯।୬

କରୋନା ଭୂତାଣୁ ସଂକ୍ରମଣର ଭୟାବହତାକୁ ଦୃଷ୍ଟିରେ ରଖି ଚଳିତ ବର୍ଷ ରଥଯାତ୍ରା ଆୟୋଜନ ଉପରେ ରୋକ୍ ଲଗାଇଛନ୍ତି ସୁପ୍ରିମ୍‌କୋର୍ଟ। ରଥଯାତ୍ରାକୁ ବନ୍ଦ କରି ଦିଆଯିବା ଅତ୍ୟନ୍ତ ଦୁର୍ଭାଗ୍ୟଜନକ ବୋଲି ବାରବାଟୀ-କଟକ ବିଧାୟକ ମହମ୍ମଦ ମୋକିମ ପ୍ରକାଶ କରିଛନ୍ତି। ରାଜ୍ୟ ସରକାରଙ୍କ ଚରମ ଅବହେଳା ଓ ଆନ୍ତରିକତା ଅଭାବରୁ ରଥଯାତ୍ରା ବନ୍ଦ ହେବାକୁ ଯାଉଛି। ଏ ମାମଲାରେ ରାଜ୍ୟ ସରକାର ସୁପ୍ରିମକୋର୍ଟରେ ପକ୍ଷ ରଖିବାରେ ବିଫଳ ହୋଇଛନ୍ତି ବୋଲି ସେ କହିଛନ୍ତି। କୋଭିଡ୍ ଗାଇଡ୍‌ଲାଇନ ମାନି ଦେବସ୍ନାନ ନୀତି, ରଥ ନିର୍ମାଣ ଓ ମହାପ୍ରଭୁଙ୍କ ଦୈନନ୍ଦିନ ନୀତି କରାଯାଉଥିଲା ବେଳେ ଚଳିତ ବର୍ଷର ରଥଯାତ୍ରା କାହିଁକି ହୋଇପାରିବ ନାହିଁ ବୋଲି ସେ ରାଜ୍ୟ ସରକାରଙ୍କୁ ପ୍ରଶ୍ନ କରିଛନ୍ତି। ଏବେ ବି ସମୟ ଅଛି, ତୁରନ୍ତ ରାଜ୍ୟ ସରକାର ବିଧାନସଭାର ସ୍ୱତନ୍ତ୍ର ଅଧିବେଶନ ଡାକି ଅଧ୍ୟାଦେଶ ଜରିଆରେ ସୁପ୍ରିମକୋର୍ଟଙ୍କ ରାୟର ପୁନଃସମୀକ୍ଷା ପାଇଁ ଆବେଦନ କରନ୍ତୁ ବୋଲି ବିଧାୟକ ମୋକିମ ଦାବି କରିଛନ୍ତି।



ଭୁବନେଶ୍ୱର ରେଳ ଷ୍ଟେଶନରେ ଶୁକ୍ରବାର ସାମାଜିକ ଦୂରତ୍ୱ ନ ରଖି ଯାତ୍ରୀମାନେ ଅପେକ୍ଷା କରିଛନ୍ତି।

## ଚାଇନା ରାଷ୍ଟ୍ରପତିଙ୍କ କୁଶପୁତ୍ତଳିକା ଦାହ

ପୁରୀ ଅଫିସ,୧୯।୬

ଦେଶ ମାତୃକାର ସୁରକ୍ଷା ପାଇଁ ନିଜ ଜୀବନକୁ ଉତ୍ସର୍ଗ କରିଥିବା ଯବାନଙ୍କ ଅମର ଆତ୍ମାର ସଦ୍‌ଗତି ପାଇଁ ଶୁକ୍ରବାର ଟାଉନ ଥାନା ସମ୍ମୁଖରେ ଶ୍ରଦ୍ଧାଞ୍ଜଳି କାର୍ଯ୍ୟକ୍ରମ ହୋଇଛି। ସ୍ୱଦେଶୀ ଜାଗରଣ ମଞ୍ଚ ପୁରୀ ଜିଲା ପକ୍ଷରୁ ଜିଲା ସଂଯୋଜକ ପ୍ରଶାନ୍ତ ଭୂୟାଁଙ୍କ ସଂଯୋଜନାରେ ଏହି କାର୍ଯ୍ୟକ୍ରମରେ ଚାଇନା ଆମର ପ୍ରଧାନ ଶତ୍ରୁ, ଏହାର ଉତ୍ପାଦିତ ସାମଗ୍ରୀ ବର୍ଜନ ପାଇଁ ଆମେ ବଜ୍ର ଶପଥ ନେବା ଆବଶ୍ୟକ ବୋଲି ପ୍ରାନ୍ତ ସଂଘର୍ଷ ବାହିନୀ ପ୍ରମୁଖ ସଚ୍ଚିଦାନନ୍ଦ ଦାଶ କହିଥିଲେ। ଜିଲା ବିଚାର ବିଭାଗର ପୂର୍ଣ୍ଣଚନ୍ଦ୍ର ମିଶ୍ର ଶହୀଦ ଯବାନଙ୍କୁ ଶ୍ରଦ୍ଧାଞ୍ଜଳି ଜଣାଇବା ସହ ଚାଇନା ଉତ୍ପାଦିତ ଦ୍ରବ୍ୟ ବର୍ଜନ ଶ୍ରେଷ୍ଠ ରାଷ୍ଟ୍ରଧର୍ମ ହେବ ବୋଲି କହିଥିଲେ। ଏହି ଅବସରରେ ଚାଇନା ରାଷ୍ଟ୍ରପତିଙ୍କ କୁଶପୁତ୍ତଳିକା ଦାହ କରାଯାଇଥିଲା।

# ଟୁଇଟରରେ ଭଲ, ବାସ୍ତବରେ ଭେଲ

କଟକ ଅଫିସ,୧୯।୬

- କଟକ ସହରକୁ ଜଳବନ୍ଦୀ ଚିନ୍ତା
- ଅଭିଯୋଗ ପରେ ବି ସିଏମ୍‌ସିର କାର୍ଯ୍ୟାନୁଷ୍ଠାନ ଶୂନ



କଟକ ସହର ପାଇଁ ବର୍ଜ୍ୟ ଓ ବର୍ଷାଜଳ ନିଷ୍କାସନ ଦୀର୍ଘବର୍ଷ ଧରି ମୁଖ୍ୟ ସମସ୍ୟା ହୋଇ ରହିଆସିଛି। ବର୍ଷାଦିନ ଆସିଲେ ସହରବାସୀଙ୍କ ମନରେ ଚିନ୍ତା ପଶେ। କିଛି ଦିନ ତଳେ ନାରାୟଣ ମିଶ୍ରଲେନ୍, ଦୋଳମୁଣ୍ଡାଇ, ବାଦାମବାଡ଼ି, ରକ୍ସିଲେନ୍, ପୁରୁଣା ଏଲ୍‌ଆଇସି କଲୋନୀ, ଶ୍ରୀରାମନଗର ଅଞ୍ଚଳରେ ଜଳବନ୍ଦୀ ସମସ୍ୟାର ସମାଧାନ ପାଇଁ ସେଠାକାର ବାସିନ୍ଦା କଟକ ମହାନଗର ନିଗମ (ସିଏମ୍‌ସି) କମିଶନର ଅନନ୍ୟା ଦାସଙ୍କୁ ଅଭିଯୋଗ କରିଥିଲେ। କିନ୍ତୁ ଏଯାବତ୍ ସମସ୍ୟାର ସମାଧାନ ହୋଇନାହିଁ। ଗୋଟିଏ ପଟେ ସିଏମ୍‌ସି ନିଜ ଟୁଇଟର ହ୍ୟାଣ୍ଡେଲରେ ଲୋକଙ୍କ ସମସ୍ୟା ଅବଗତ ହୋଇ କିଛି ଦିନ ମଧ୍ୟରେ ତାହାର ସମାଧାନ କରୁଛି। କିନ୍ତୁ ଯେଉଁମାନେ ସିଏମ୍‌ସି ଅଫିସ୍‌କୁ ଯାଇ ସମସ୍ୟା ଜଣାଉଛନ୍ତି, ତାହା ସମାଧାନ ହୋଇପାରୁନାହିଁ।

ଉଲ୍ଲେଖଯୋଗ୍ୟ, ସିଏମ୍‌ସି କମିଶନର ଉକ୍ତ ଅଞ୍ଚଳର ବର୍ଜ୍ୟଜଳ ନିଷ୍କାସନର ମୁଖ୍ୟପଥ ନାରାୟଣ ମିଶ୍ରଲେନ୍‌ସ୍ଥିତ ବଡ଼ ଡ୍ରେନ୍ ନିର୍ମାଣ ଓ ମହତାବ ରୋଡ୍ ପେଟ୍ରୋଲ ପମ୍ପ ସମ୍ମୁଖରେ କଲଭର୍ଟର ପୁନଃ ନିର୍ମାଣ ପାଇଁ ନିଷ୍ପତ୍ତି ନେଇଥିଲେ। ଏ ନେଇ ଟେଣ୍ଡର ମଧ୍ୟ ଡକାଯାଇଥିଲା। ମାତ୍ର କୌଣସି କାରଣବଶତଃ ତାହାକୁ ରଦ୍ଦ କରାଯାଇ ପୁନର୍ବାର ଟେଣ୍ଡର ଆହ୍ୱାନ କରାଯାଇଥିଲା। ଏବେ ସୁଦ୍ଧା ଏହି କାମ ଆରମ୍ଭ ହୋଇ ନ ଥିବାରୁ ଚଳିତବର୍ଷ ଉକ୍ତ ଅଞ୍ଚଳଗୁଡ଼ିକ ଜଳବନ୍ଦୀ ହେବାର ଆଶଙ୍କା ରହିଛି। ନାରାୟଣ ମିଶ୍ର ଲେନ୍ ଦେଇ ଯାଇଥିବା ବଡ଼ଡ୍ରେନ୍ ବକ୍ସକବାଟି ଏମ୍‌ଏସ୍‌ଡବ୍ଲ୍ୟୁ ଡ୍ରେନ୍ ସହ ସଂଯୋଗ କରୁଛି। ଏହାର ବହୁ ଅଂଶ ଏବେ ମଧ୍ୟ ଅପନ୍ତରା ଅବସ୍ଥାରେ ରହିଛି। ଯାହାର ଦୁଇପାଖରେ କୌଣସି କଙ୍କ୍ରିଟ୍ କିମ୍ବା ସିମେଣ୍ଟ ପାଚେରି ନାହିଁ। ସବୁବର୍ଷ ବର୍ଷା ପୂର୍ବରୁ ଏହାର ଦୁଇପାଖକୁ ତଲେଇ ଦ୍ୱାରା ସୁରକ୍ଷିତ କରାଯାଏ, ଯେପରି ବଡ଼ବର୍ଷାରେ ଡ୍ରେନ୍‌ର ଦୁଇପାଖରୁ ମାଟି ଅତଡ଼ା ଖାଇ ତାହା ପୋତି ନ ହୋଇଯାଏ। କିନ୍ତୁ ଏବର୍ଷ ତଲେଇ ମଧ୍ୟ ଦିଆଯାଇନାହିଁ। ଲଗାଣ ବର୍ଷାରେ ଏହି ଡ୍ରେନ୍‌ର ଉଭୟ ପାର୍ଶ୍ୱ ମାଟି ଧସି ପୋତି ହୋଇଯିବା ଭଳି ସ୍ଥିତି ହେଲାଣି। ଏନେଇ କମିଶନର ଦାଶ କହିଛନ୍ତି, ଟେଣ୍ଡର ଆହ୍ୱାନ କରାଯିବ। ଶୀଘ୍ର ନିର୍ମାଣ କାର୍ଯ୍ୟ ସାରିବା ପାଇଁ ଲକ୍ଷ୍ୟ ରଖାଯାଇଛି।

# ଅର୍ଥନୀତିକୁ ଗତିଶୀଳ କରିବାକୁ କୃଷିକୁ ଗୁରୁତ୍ୱ

ଭୁବନେଶ୍ୱର,୧୯।୬(ବ୍ୟୁରୋ)

ରାଜ୍ୟ ଅର୍ଥନୀତିକୁ ଗତିଶୀଳ କରିବା ଲାଗି କୃଷି ବିଭାଗର କାର୍ଯ୍ୟକ୍ରମ ସମ୍ପର୍କରେ ସ୍ଥାନୀୟ କୃଷି ଭବନଠାରେ ଏକ ଗୁରୁତ୍ୱପୂର୍ଣ୍ଣ ବୈଠକ ରାଜ୍ୟ ଯୋଜନା ବୋର୍ଡ ଉପାଧ୍ୟକ୍ଷ ସଞ୍ଜୟ ଦାସବର୍ମାଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ହୋଇଛି। ବୈଠକରେ ପାରମ୍ପରିକ କୃଷି, ଉଦ୍ୟାନ କୃଷି, ମିଲେଟ୍ ମିଶନ, ପ୍ରବାସୀ ଶ୍ରମିକମାନଙ୍କୁ ମନରେଗା ମାଧ୍ୟମରେ କର୍ମନିଯୁକ୍ତି ଏବଂ ଉତ୍ତମ ବିପଣନ ବ୍ୟବସ୍ଥା ନେଇ ଆଲୋଚନା ହୋଇଥିଲା। ଚାଷୀ ଅଭାବୀ ବିକ୍ରିର ଶିକାର ହେବ ନାହିଁ ଏବଂ ଉତ୍ପାଦିତ କୃଷିଜାତ ସାମଗ୍ରୀର ଠିକ୍ ମୂଲ୍ୟ ପାଇ ପାରିବେ ସେଥିଲାଗି ବଜାର ବ୍ୟବସ୍ଥା ଏବଂ ଖରିଫ୍ ଚାଷ କାର୍ଯ୍ୟକ୍ରମ ବ୍ୟବସ୍ଥିତ କରିବା ଉପରେ ଦାସବର୍ମା ଗୁରୁତ୍ୱାରୋପ କରିଛନ୍ତି। ରାଜ୍ୟ ଯୋଜନା ବୋର୍ଡ ଓ ଏନ୍‌ସିଡିଏସ୍ ମଧ୍ୟରେ ସମନ୍ୱୟ ରକ୍ଷା କରି ଏହି କାର୍ଯ୍ୟ ସମ୍ପାଦନ କରିବା ନିମନ୍ତେ କୃଷି ଓ କୃଷକ ସଶକ୍ତୀକରଣ ବିଭାଗ ଅତିରିକ୍ତ ଶାସନ ସଚିବ ବନନୀ ମହାନ୍ତିଙ୍କୁ ନୋଡାଲ ଅଧିକାରୀ ନିଯୋଜିତ କରାଯାଇଛି। କୃଷିକୁ ପ୍ରାଥମିକତା ଦେଇ କୃଷି ବିଭାଗ ବିଭିନ୍ନ କାର୍ଯ୍ୟକ୍ରମ ହାତକୁ ନେଇ କାର୍ଯ୍ୟ ଆରମ୍ଭ କରିଛି ବୋଲି କୃଷି ଓ କୃଷକ ସଶକ୍ତିକରଣ ବିଭାଗ ପ୍ରମୁଖ ଶାସନ ସଚିବ ସୌରଭ ଗର୍ଗ ପ୍ରକାଶ କରିଛନ୍ତି। ଓୟୁଏଟିର କୁଳପତି ପବନ କୁମାର ଅଗ୍ରୱାଲ୍ ଛୋଟ ଛୋଟ ଶୀତଳ ଭଣ୍ଡାର କରି ପନିପରିବା ସଂରକ୍ଷଣ ଉପରେ ଗୁରୁତ୍ୱାରୋପ କରିଛନ୍ତି। ଏଥି ପାଇଁ ସୌରଶକ୍ତି ଉପଯୋଗ କରାଯାଇପାରିବ ବୋଲି ସେ ପ୍ରକାଶ କରିଛନ୍ତି।

# ଯୋବ୍ରା ଚୂନଭାଟି ବସ୍ତି ଉଚ୍ଛେଦ

କଟକ ଅଫିସ,୧୯।୬

ଏସ୍‌ସିବି ସଂପ୍ରସାରଣ କାମ ପାଇଁ ଶୁକ୍ରବାର ପୂର୍ବାହ୍ନରେ ଆରମ୍ଭ ହୋଇଛି ଦ୍ୱିତୀୟ ପର୍ଯ୍ୟାୟ ଉଚ୍ଛେଦ ପ୍ରକ୍ରିୟା । ଯୋବ୍ରା ଅଞ୍ଚଳର ଚୂନଭାଟି ବସ୍ତିର ପ୍ରାୟ ୯୮ ଘର ଜବରଦଖଲକୁ ସିଏମ୍‌ସି ଟିମ ଉଚ୍ଛେଦ କରିଛି। ଉଚ୍ଛେଦ ପରେ କ୍ଷତିପୂରଣ ବାବଦରେ ସିଏମ୍‌ସି ପକ୍ଷରୁ ପ୍ରତ୍ୟେକ ପରିବାରକୁ ନଗଦ ୫୦ ହଜାର ଟଙ୍କାର ଆର୍ଥିକ ସହାୟତା ଦିଆଯାଇଛି। ଏହା ବ୍ୟତୀତ ଆଗାମୀ ସୋମବାରଠାରୁ ଥଇଥାନ ନିମନ୍ତେ ସମସ୍ତ ବିସ୍ଥାପିତ ପରିବାରଙ୍କୁ ନିମପୁରଠାରେ ଗୃହ ନିର୍ମାଣ ପାଇଁ ଜାଗା ଯୋଗାଇ ଦିଆଯିବ ବୋଲି କଟକ ମହାନଗର ନିଗମ ତରଫରୁ ସୂଚନା ଦିଆଯାଇଛି ।



# ବିଏମ୍‌ସିର କେତେଜଣ କିରାଣି ଏବେ ୱାର୍ଡ ଅଫିସର

ଭୁବନେଶ୍ୱର, ୧୯।୬(ବ୍ୟୁରୋ)

- ବଦଳିଲେ ୩୩ ୱାର୍ଡର ୱାର୍ଡ ଅଫିସର
- ୬ମାସରେ ପୁଣି ବଦଳିକୁ ନେଇ ଚର୍ଚ୍ଚା

ଭୁବନେଶ୍ୱର ମହାନଗର ନିଗମ (ବିଏମ୍‌ସି)ରେ ଏବେ ୱାର୍ଡ ଅଫିସରଙ୍କ ବଦଳି କରାଯାଇଛି। କେତେକ ୱାର୍ଡରେ ନୂଆ ମୁହଁ ଦେଖିବାକୁ ମିଳିଥିବାବେଳେ ଆଉ କିଛି ୱାର୍ଡରେ ସେହି ପୁରୁଣା ଅଫିସର ରହିଛନ୍ତି। ତେବେ ବିଏମ୍‌ସିର ଏହି ବଦଳି ପ୍ରକ୍ରିୟାକୁ ନେଇ ଅଧିକାରୀ ଓ କର୍ମଚାରୀ ମହଲରେ ଚର୍ଚ୍ଚା ଜୋର୍ ଧରିଛି। ବିଏମ୍‌ସିରେ କାର୍ଯ୍ୟରତ କେତେଜଣ କିରାଣି ଓ ଟିକସ ଆଦାୟକାରୀଙ୍କୁ ୱାର୍ଡ ଅଫିସର ଭାବେ ଦାୟିତ୍ୱ ଦିଆଯାଇଛି। ଅନ୍ୟପକ୍ଷରେ ଗତ ଆର୍ଥିକ ବର୍ଷରେ ବିଏମ୍‌ସି ନିଜର ଟିକସ ଆଦାୟ ଉପରେ ଗୁରୁତ୍ୱ ଦେଇ ଡିସେମ୍ବର ୪ରେ ୨୨ ୱାର୍ଡର ୱାର୍ଡ ଅଫିସରଙ୍କୁ ବଦଳି କରିଥିଲା। ଏହାର ୬ ମାସ ନ ପୂରୁଣୁ, ପୁଣି କରୋନା ସଙ୍କଟ ସମୟରେ ୱାର୍ଡ ଅଫିସର ସ୍ତରରେ ଅଦଳବଦଳକୁ ନେଇ ପ୍ରଶ୍ନବାଚୀ ସୃଷ୍ଟି ହୋଇଛି।

ମିଳିଥିବା ଖବର ଅନୁଯାୟୀ, ନୂଆ କାର୍ଯ୍ୟଭାର ସମ୍ଭାଳିବାକୁ ଥିବା ଅଧିକାଂଶ ୱାର୍ଡ ଅଫିସର ବିଏମ୍‌ସିରେ ୧୦ରୁ ୨୦ ବର୍ଷ ଧରି କାର୍ଯ୍ୟରତ ଅଛନ୍ତି। ଏପରିକି କେତେଜଣ କିରାଣି ଓ ଟିକସ ଆଦାୟକାରୀ ୨୦ ବର୍ଷରୁ ଊର୍ଦ୍ଧ୍ୱ ହେବ କାର୍ଯ୍ୟ କରୁଛନ୍ତି। ଏମାନେ ୨୦୨୪ ମଧ୍ୟରେ ଅବସର ଗ୍ରହଣ କରିବେ। ତେବେ ଗତ ଡିସେମ୍ବର ବଦଳି ପରେ ୱାର୍ଡ ଅଫିସରମାନେ ଟିକସ ଆଦାୟ ସହ ଲୋକଙ୍କ ସମସ୍ୟା ଉପସ୍ଥାପନ ଓ ସମାଧାନ କରିବାରେ ତତ୍ପରତା ଦେଖାଉଥିଲେ। ଏବେ କରୋନା ମୁକାବିଲା କ୍ଷେତ୍ରରେ ମଧ୍ୟ ସେମାନଙ୍କର ପ୍ରମୁଖ ଭୂମିକା ରହିଛି। ହେଲେ ହଠାତ୍ ଏପରି ବଦଳି ସଂକ୍ରାନ୍ତରେ କେହି ମୁହଁ ଖୋଲିବାକୁ ଚାହୁଁ ନ ଥିଲେ ମଧ୍ୟ ବିଏମ୍‌ସି କମିଶନର ପ୍ରେମଚନ୍ଦ୍ର ଚୌଧାରୀ ୱାର୍ଡ ସ୍ତରରୁ ଲୋକଙ୍କ ସମସ୍ୟା ବୁଝିବା ସହ ବିକାଶ ଧାରାକୁ ଆହୁରି ତ୍ୱରାନ୍ୱିତ କରିବା ପାଇଁ ନିଜର ଏକ ସ୍ୱତନ୍ତ୍ର ଟିମ୍ ପ୍ରସ୍ତୁତ କରୁଥିବା ଆଭାସ ମିଳୁଛି।

ଉଲ୍ଲେଖଯୋଗ୍ୟ, ବିଏମ୍‌ସିର ୱାର୍ଡ ନଂ.୫୭, ୦୨, ୪୦, ୧୯, ୨୮, ୧୨, ୪୩, ୩୦, ୬୬, ୨୦, ୨୬, ୨୨, ୫୯, ୪୭, ୧୪, ୫୩, ୩୯, ୧୩, ୨୯, ୪୬, ୦୩, ୨୭, ୩୮, ୩୪, ୬୩, ୦୬, ୧୫, ୩୬, ୫୦, ୫୧, ୪୧, ୧୬ ଓ ୪୨ରେ ୱାର୍ଡ ଅଫିସରଙ୍କୁ ବଦଳି କରାଯାଇଥିବା ବିଜ୍ଞପ୍ତି ସଂଖ୍ୟା ୨୩୦୧୪ରୁ ଜଣାପଡିଛି। ଏହି ବିଜ୍ଞପ୍ତିକୁ ଆପାତକାଳୀନ ସ୍ଥିତିରେ କାର୍ଯ୍ୟକାରୀ କରିବା ସହ ପୂର୍ବ ୱାର୍ଡ ଅଫିସରମାନେ ନୂଆ ୱାର୍ଡ ଅଫିସରଙ୍କୁ ଦାୟିତ୍ୱ ହସ୍ତାନ୍ତର କରି ସମସ୍ତ କାଗଜପତ୍ର ଦେବା ପାଇଁ ବିଏମ୍‌ସି କମିଶନର ଚୌଧାରୀ ସମସ୍ତ ଜୋନାଲ ଡେପୁଟି କମିଶନରଙ୍କୁ ନିର୍ଦ୍ଦେଶ ଦେଇଛନ୍ତି।

### ଜଗତ୍‌ସିଂହପୁରରେ ପୁଣି ଜଣେ ସଂକ୍ରମିତ

**ଜଗତ୍‌ସିଂହପୁର ଅଫିସ:** ଜଗତ୍‌ସିଂହପୁର ଜିଲାରେ ପୁଣି ଜଣେ କରୋନା ପଜିଟିଭ୍ ଚିହ୍ନଟ ହୋଇଛନ୍ତି। ସେ ନାଉଗାଁ ବ୍ଲକ ଅଞ୍ଚଳର ଏବଂ ହରିୟାଣା ଫେରନ୍ତା ବୋଲି ଜଣାଯାଇଛି। ସମ୍ପୃକ୍ତ ବ୍ୟକ୍ତି ଅସ୍ଥାୟୀ ସ୍ୱାସ୍ଥ୍ୟକେନ୍ଦ୍ର (ଟିଏମ୍‌ସି)ରେ ଥିଲେ। ଏହି ବ୍ୟକ୍ତିଙ୍କୁ ମିଶାଇ ଜିଲାରେ ମୋଟ କରୋନା ପଜିଟିଭ୍ ସଂଖ୍ୟା ୧୭୫ରେ ପହଞ୍ଚିଛି। ସେମାନଙ୍କ ମଧ୍ୟରୁ ୮୯ଜଣ ସୁସ୍ଥ ହୋଇଥିବା ବେଳେ ୮୬ଜଣ ଚିକିତ୍ସାଧୀନ ଅଛନ୍ତି।

## ସଂକ୍ଷେପରେ

### ଝରକା ଭାଙ୍ଗି ସୁନା ଗହଣା ଚୋରି

**ବିଞ୍ଝାରପୁର, ୧୯।୬ (ଡି.ଏନ୍.ଏ.):** ବିଞ୍ଝାରପୁର ଥାନା ରଣପୁର ଗ୍ରାମର ଗୋବିନ୍ଦଚନ୍ଦ୍ର ଜେନାଙ୍କ ଘରୁ ଗୁରୁବାର ବିଳମ୍ବିତ ରାତିରେ ଚୋରି ହୋଇଛି। ଏ ନେଇ ଥାନାରେ ଅଭିଯୋଗ ହେବା ପରେ ପୋଲିସ ଘଟଣାର ତଦନ୍ତ ଚଳାଇଛି। ଅଭିଯୋଗ ମୁତାବକ, କେତେଜଣ ଦୁର୍ବୃତ୍ତ ଗୋବିନ୍ଦଚନ୍ଦ୍ରଙ୍କ ଘର ପଛପଟେ ଥିବା ଝରକା ଭାଙ୍ଗି ଘରେ ପଶିବା ସହ ନଗଦ ୩୭ ହଜାର ଟଙ୍କା ଓ ୬ ଭରିର ସୁନା ଗହଣା ଚୋରି କରିନେଇଛନ୍ତି। ଅଭିଯୋଗ ପାଇ ଏସଆଇ କେ.ସି. ଦାସ ଓ ହାବିଲଦାର ଆଶିଷ କୁମାର ସାମଲ ଘଟଣାସ୍ଥଳରେ ପହଞ୍ଚି ତଦନ୍ତ କରିବା ସହ ଗୋବିନ୍ଦଚନ୍ଦ୍ରଙ୍କ ପରିବାର ଲୋକଙ୍କୁ ପଚରାଉଚରା କରି ଫେରିଛନ୍ତି।

### ଯାଜପୁରରେ ସଂକ୍ରମିତଙ୍କ ସଂଖ୍ୟା ୩୫୭ ଛୁଇଁଲା

**ଯାଜପୁର ଅଫିସ,୧୯।୬:** ଯାଜପୁର ଜିଲା ବରୀ ବ୍ଲକ ଅଞ୍ଚଳରେ ୩ ଜଣ, ଯାଜପୁର ବ୍ଲକରେ ୩ଜଣ ଓ ଦଶରଥପୁର ବ୍ଲକରେ ଜଣେଙ୍କୁ ମିଶାଇ ଜିଲାରେ

**ଜିଲାରେ ୭ ନୂଆ କରୋନା ଆକ୍ରାନ୍ତ ଚିହ୍ନଟ**

ଶୁକ୍ରବାର ୭ ନୂଆ କରୋନା ସଂକ୍ରମିତ ଚିହ୍ନଟ ହୋଇଛନ୍ତି। ଏହାକୁ ମିଶାଇ ଜିଲାରେ ସଂକ୍ରମିତ ସଂଖ୍ୟା ୩୫୭ରେ ପହଞ୍ଚିଛି। ନୂଆ ସଂକ୍ରମିତଙ୍କ ମଧ୍ୟରେ ୨ଜଣ ଲେଖାଏ ସୁରଟ ଓ ଆନ୍ଧ୍ରପ୍ରଦେଶ ଫେରନ୍ତା ଏବଂ ଜଣେ ଲେଖାଏ, ମୁମ୍ବାଇ, ହରିୟାଣା ଓ ଦିଲ୍ଲୀ ଫେରନ୍ତା ବୋଲି ଜିଲା ସୂଚନା ଓ ଲୋକ ସମ୍ପର୍କ ଅଧିକାରୀ ସୂଚନା ଦେଇଛନ୍ତି।

### ପାରାଦୀପ ବନ୍ଦରର ଜଣେ ନାବିକ କରୋନା ପଜିଟିଭ

**ପାରାଦୀପ,୧୯।୬(ସ୍ୱ.ପ୍ର.):** ପାରାଦୀପ ବନ୍ଦରରେ ଜଣେ ନାବିକ କରୋନା ପଜିଟିଭ ଚିହ୍ନଟ ହୋଇଥିବା ଶୁକ୍ରବାର ସୂଚନା ମିଳିଛି। ବନ୍ଦର କର୍ତ୍ତୃପକ୍ଷଙ୍କ ସୂଚନା ଅନୁସାରେ ସମ୍ପୃକ୍ତ ନାଗରିକ ତାମିଲନାଡୁର। ସେ ୧୩ ତାରିଖରେ ଆସିଥିବା ଏମଭି ଆଲୋନିସଶ ଜାହାଜରେ ଥିଲେ। ନାବିକ ଅଦଳବଦଳ ନିୟମ ଅନୁସାରେ ସେ ଜାହାଜରୁ ଓହ୍ଲାଇ କ୍ୱାରାଣ୍ଟାଇନ ସେଣ୍ଟରରେ ଥିଲେ। ସେଠାରୁ ତାଙ୍କ ସ୍ୱାବ ପରୀକ୍ଷା ପାଇଁ ଯାଇଥିଲା। ସମ୍ପୃକ୍ତ ବ୍ୟକ୍ତିଙ୍କ ସହ ୨ ଜଣ ସିଧାସଳଖ ସମ୍ପର୍କରେ ଆସିଛନ୍ତି। ଜଣେ ଗାଡ଼ିଚାଳକ ଓ ଜଣେ ସିପିଂ କର୍ମଚାରୀ। ପାରାଦୀପ ବନ୍ଦର ପ୍ରଶାସନ ମାର୍ଚ୍ଚରୁ ଜାହାଜ ଚଳାଚଳ ମନ୍ତ୍ରାଳୟର ନିୟମ ଅନୁଯାୟୀ କୋଭିଡ-୧୯ର ସମସ୍ତ କାମ କରୁଛି। ଏଥିରେ ଗୋଷ୍ଠୀ ସଂକ୍ରମଣ ହେବାର କୌଣସି ଭୟ ନାହିଁ ବୋଲି କୁହାଯାଇଛି।

### ସରକାରୀ ଜମିରୁ ଜବରଦଖଲ ଉଚ୍ଛେଦ ଦାବି

**ବରୀ, ୧୯।୬ (ସ୍ୱ.ପ୍ର):** ବରୀ ବ୍ଲକ ଅଧୀନ ସାହୁପଡ଼ା ପଞ୍ଚାୟତ ମାଟିଆପଡ଼ା ଗ୍ରାମର ୭ ନଂ. ୱାର୍ଡରେ ଥିବା ଏକ ସରକାରୀ ଅନାବାଦି ଜମିକୁ କେତେଜଣ ମୁଷ୍ଟିମେୟ ଲୋକ ଜବରଦଖଲ କରିଛନ୍ତି। ଯାହାଫଳରେ ଉକ୍ତ ୱାର୍ଡରେ ଉନ୍ନୟନ ମୂଳକ କାର୍ଯ୍ୟ ପାଇଁ ଆସୁଥିବା ସରକାରୀ ଅନୁଦାନ ଖର୍ଚ୍ଚ ହୋଇପାରୁନାହିଁ। ଏପରିକି ଅଙ୍ଗନୱାଡି ଗୃହ, କମ୍ୟୁନିଷ୍ଟ ସେଣ୍ଟର, ପାଠାଗାର ଆଦି ଗୃହ ନିର୍ମାଣ କାର୍ଯ୍ୟ ଆରମ୍ଭ ହୋଇପାରୁନି। ଏଣୁ ସରକାରୀ ଅନାବାଦି ଜାଗା ଜବରଦଖଲ ଉଚ୍ଛେଦ ପାଇଁ ଗ୍ରାମବାସୀ ଶୁକ୍ରବାର ତହସିଲ ଅଫିସରେ ଲିଖିତ ଭାବେ ଜଣାଇଛନ୍ତି। ଅଭିଯୋଗ ମୁତାବକ, ଖାତା ନଂ. ୧୨୮୮ର ପ୍ଲଟ୍ ନମ୍ବର ୮୧, ୯୩, ୧୫୧, ୧୦୧, ୧୪୮ ଓ ଖାତା ନମ୍ବର ୧୨୯୧ର ପ୍ଲଟ ନମ୍ବର ୩୨, ୩୩, ୩୪, ୪୦, ୧୦୫ରେ ଗ୍ରାମର ଜଣେ ବ୍ୟକ୍ତି ଚାଷ କାର୍ଯ୍ୟ କରୁଛନ୍ତି। ସେହିପରି ଖାତା ନମ୍ବର ୧୨୯୧ର ପ୍ଲଟ୍ ନଂ. ୪୧୦, ୪୧୧କୁ ଅନ୍ୟଜଣେ ବ୍ୟକ୍ତି ଜବରଦଖଲ କରି ରଖିଛନ୍ତି, ଯାହାଫଳରେ କୌଣସି ଉନ୍ନୟନ କାର୍ଯ୍ୟ ପାଇଁ ଜାଗା ନ ଥିବା ଦର୍ଶାଯାଇ ଫେରାଇଦିଆଯାଉଛି ବୋଲି ଅଭିଯୋଗପତ୍ରରେ ଦର୍ଶାଯାଇଛି। ତେବେ ଏ ନେଇ ସରଜମିନ ତଦନ୍ତ କରାଯାଇ ତହସିଲ ପକ୍ଷରୁ ଜମି ସୀମା ନିର୍ଦ୍ଧାରଣ କରିବାକୁ ସରପଞ୍ଚ ସରୋଜିନୀ ପଣ୍ଡା, ୱାର୍ଡସଭ୍ୟ ବିଷ୍ଣୁ ମଲିକ, ପ୍ରମିଳା ମଲିକ, ଅଶୋକ ମଲିକ, କୁଳମଣି ମଲିକ, ଅନସୂୟା ମଲିକ, କବିତା ମଲିକ, ସାବିତ୍ରୀ ମଲିକ ପ୍ରମୁଖ ଦାବି କରିଛନ୍ତି।

# ଅନିଶ୍ଚିତତାରେ ମତ୍ସ୍ୟ ଶିଳ୍ପ

**ପାରାଦୀପ,୧୯।୬(ସ୍ୱ.ପ୍ର.)**


ମାଛଧରା ଟ୍ରଲର

**ସମୁଦ୍ରରେ ମାଛଧରା ବନ୍ଦ**
- ପାରାଦୀପରେ ୫୦ ହଜାର ମତ୍ସ୍ୟଜୀବୀ ପ୍ରଭାବିତ
- ସରକାର ଦାବିପୂରଣ କରିବାକୁ ନିବେଦନ

ସମ୍ପ୍ରତି ଦେଶରେ କରୋନା ଭୂତାଣୁକୁ ନେଇ କଟକଣା ଲାଗୁ ହୋଇଥିବାରୁ ଅର୍ଥନୀତି ନିମ୍ନଗାମୀ ହୋଇଛି। ଏହାର ପ୍ରଭାବ ଅନେକ ସଂସ୍ଥା ଉପରେ ପଡ଼ିଲାଣି। ଯାହାର ସଦ୍ୟତମ ଦୃଷ୍ଟାନ୍ତ ପାରାଦୀପ ମାଛଧରା ବନ୍ଦର। ଏହି ମତ୍ସ୍ୟଶିଳ୍ପ ଏବେ ଅନିଶ୍ଚିତତା ଘେରରେ ରହିଛି। ମାଛଧରା ସମୟ ଜୁନ ୧୫ ଅତିକ୍ରାନ୍ତ ହେଲା ପରେ ମଧ୍ୟ ରାଜ୍ୟରେ ଗୋଟିଏ ବି ମାଛଧରା ଟ୍ରଲର ସମୁଦ୍ରକୁ ମାଛ ଧରିବା ପାଇଁ ଯାଇନିହାନ୍ତି। କେବେ ଯିବେ ତାହା ମଧ୍ୟ ଅସ୍ପଷ୍ଟ। ଜୁନ୫ରେ ଅଲ ଓଡ଼ିଶା ମତ୍ସ୍ୟ ଉତ୍ପାଦକ ସଂଘ ପକ୍ଷରୁ କୁହାଯାଇଥିଲାଯେ, ସରକାର ସେମାନଙ୍କ ୪ଟି ଦାବି ସମ୍ପର୍କରେ ବିଚାର ନ କଲେ ସେମାନେ ସମୁଦ୍ରରେ ମାଛ ଧରିବେ ନାହିଁ। କାରଣ ସେମାନଙ୍କୁ ତେଲରେ ରିହାତି ମିଳୁନାହିଁ। ମାଛ ବିକ୍ରି କରିବା ପାଇଁ ବଜାର ନାହିଁ।

ସୂଚନାଯୋଗ୍ୟ,ମାଛଧରିବାଠାରୁ ବିଦେଶକୁ ରପ୍ତାନୀ ପର୍ଯ୍ୟନ୍ତ ସମସ୍ତ କାମ ଅନବରତ ଚାଲେ। ଏଥିରେ ନିୟୋଜିତ ମତ୍ସ୍ୟଜୀବୀ ଓ ଅନ୍ୟମାନେ ସେହି କାମ କରିଥାନ୍ତି। ଯଥା: ଗୋଟିଏ ଟ୍ରଲରରେ ପ୍ରାୟ ୭ରୁ୧୦ ଜଣ ମତ୍ସ୍ୟଜୀବୀ ରହିଥାନ୍ତି। ସେମାନେ ଥରେ ଫିସିଂ କରିବା ଲାଗି ୭ରୁ୧୦ ଦିନ ଲାଗିଥାଏ। ମାଛ ଧରି ଫେରିବା ପରେ ବିକ୍ରି କରିବା ପର୍ଯ୍ୟନ୍ତ ସମସ୍ତ କାମ ଏକାଠି ଚାଲେ। ତେଣୁ ଏଥିରେ ସାମାଜିକ ଦୂରତା ରହିବା ଏକପ୍ରକାର ଅସମ୍ଭବ। ଏହା ବାଦ ଏବେ ବିଦେଶକୁ ମାଛ ରପ୍ତାନୀ ଏକପ୍ରକାର ବନ୍ଦ ରହିଛି। ସାମୁଦ୍ରିକ ମାଛର ମୂଲ୍ୟ ଭାରତରେ କେହି ଦେଇ ପାରିବେ ନାହିଁ। ଖୋଲା ବଜାର ବ୍ୟବସାୟୀ ଏବେ ଆସୁ ନ ଥିବାରୁ ରପ୍ତାନୀ ଯୋଗ୍ୟ ମାଛବିକ୍ରି ହେବ ନାହିଁ। ଲକଡାଉନ, ଶଟ୍‌ଡାଉନ ପାଳନ କରିବା ସମ୍ଭବ ନୁହେଁ। ଶନିବାର ଓ ରବିବାର କିପରି ନିୟମ ପାଳନ କରିବେ। ବରଫ କାରଖାନା କରୋନା ନିୟମରେ ଚାଲିପାରିବ ନାହିଁ। ଥରେ ଟ୍ରଲର ସମୁଦ୍ରକୁ ଯାଇ ଫେରିବା ପାଇଁ ଖର୍ଚ୍ଚ ବାବଦରେ ୩ରୁ୫ ଲକ୍ଷ ଟଙ୍କା ବ୍ୟୟ ହୁଏ। ତେଣୁ ଟ୍ରଲର ଚଳାଇବା ଅପେକ୍ଷା ବନ୍ଦ ରଖିବା ଶ୍ରେୟସ୍କର ବୋଲି କୁହନ୍ତି ମାଲିକ ରଶ୍ମିରଞ୍ଜନ ପରିଡ଼ା। ନିଖିଳ ଓଡ଼ିଶା ମତ୍ସ୍ୟଜୀବୀ ମହାସଂଘ ସଭାପତି କାମେଶ୍ୱର ନାରାୟଣ ପ୍ରହରାଜ କୁହନ୍ତି, ସରକାର ତେଲରେ ରିହାତି ଓ ବିକ୍ରି ପାଇଁ ବ୍ୟବସ୍ଥା ନ କଲେ କେହି ମାଛଧରିବାକୁ ରାଜିହେବେ ନାହିଁ। ଟ୍ରଲର ଶିଳ୍ପ ବନ୍ଦ ରହିବା ଯୋଗୁ ପାରାଦୀପରେ ୫୦ ହଜାର ମତ୍ସ୍ୟଜୀବୀ ପ୍ରଭାବିତ ହୋଇଛନ୍ତି। ଯେଉଁ ମାଛଧରାବନ୍ଦର ଜୁନ୍‌ରୁ ମାର୍ଚ୍ଚ ୩୧ ପର୍ଯ୍ୟନ୍ତ କୋଳାହଳରେ ଫାଟି ପଡ଼େ ସେଠାରେ ଏବେ ନୀରବତା ଛାଇଯାଇଛି ବୋଲି ବୋଲି ଓମ୍ପା ସଭାପତି ସୁମନ୍ତ କୁମାର ବିଶ୍ୱାଳ କହିଛନ୍ତି। ତେଣୁ ଏ ଦିଗରେ ରାଜ୍ୟ ସରକାର ଦୃଷ୍ଟି ଦେବାକୁ ସଂଘ ପକ୍ଷରୁ ଦାବି ହୋଇଛି। ଏ ସମ୍ପର୍କରେ ସାମୁଦ୍ରିକ ମତ୍ସ୍ୟ ଅଧିକାରୀ ମଧୁମୟ ସାମଲ କହିଛନ୍ତି, ସେମାନଙ୍କ ଦାବି ସରକାରଙ୍କ ନିକଟରେ ବିଚାରାଧୀନ ଅଛି। ତେଣୁ ୧୫ ଦିନ ମଧ୍ୟରେ ଏହାର ସମାଧାନ କରାଯିବା ସମ୍ଭାବନା ରହିଛି।

## ପ୍ରବାସୀଙ୍କୁ ଗୁହାଳରେ ରଖିବା ନେଇ ଏନ୍‌ଏଚ୍‌ଆର୍‌ସିରେ ମାମଲା

**କେନ୍ଦ୍ରାପଡ଼ା ଅଫିସ, ୧୯।୬**

କେନ୍ଦ୍ରାପଡ଼ା ଜିଲା ଆଳି ବ୍ଲକ ଅର୍ଗଳ ଗ୍ରାମର ଶୁଭକାନ୍ତ ମଲ୍ଲିକଙ୍କୁ ସଙ୍ଗରୋଧ କେନ୍ଦ୍ର ବଦଳରେ ଗତ ମେ ୧୩ରେ ଗୁହାଳ ଘରେ ରାତିସାରା ରଖାଯାଇଥିଲା। ଏଥିରେ ମାନବାଧିକାର କ୍ଷୁଣ୍ଣ ହୋଇଥିବା ଦର୍ଶାଇ ଢ଼େଙ୍କାନାଳ ଜିଲା ଖୁରୁସିଆ ଗ୍ରାମର ସାମାଜିକ କର୍ମୀ ଭଜମନ ବିଶ୍ୱାଳ ଜାତୀୟ ମାନବାଧିକାର କମିଶନଙ୍କ ନିକଟରେ ଗତ ୬ ତାରିଖରେ ଅଭିଯୋଗ (ନଂ-୭୪୨୬/ଆଇଏନ/୨୦) କରିଛନ୍ତି। ଅଭିଯୋଗରେ ସେ ଦର୍ଶାଇଛନ୍ତି, ଶୁଭକାନ୍ତ ଚେନ୍ନାଇର ଗୁମୁଡିପୁଣ୍ଡିରେ ରୁହନ୍ତି। କରୋନା ପାଇଁ ତାଲାବନ୍ଦ ଯୋଗୁ ଅସୁବିଧା ହେବାରୁ ସେ ଗତ ଏପ୍ରିଲ ମାସରେ ସେଠାରୁ ବାହାରି ୨୨ ଦିନ ପରେ ଗ୍ରାମରେ ପହଞ୍ଚିଥିଲେ। ଆଳି ପୋଲିସ ତାଙ୍କୁ ସଙ୍ଗରୋଧ କେନ୍ଦ୍ରରେ ରହିବା ପାଇଁ ପ୍ରସ୍ତାବ ଦେଇଥିବା ବେଳେ ସ୍ଥାନୀୟ ସରପଞ୍ଚ ଏହାକୁ ବିରୋଧ କରିଥିଲେ। ପରେ ତାଙ୍କୁ ଏକ ପରିତ୍ୟକ୍ତ ଗୁହାଳ ଘରେ ରଖାଯାଇଥିଲା।

## ଭିତରକନିକାରେ ୩୦ରୁ ଊର୍ଦ୍ଧ୍ୱ କୁମ୍ଭୀର ବସା ଚିହ୍ନଟ

**କେନ୍ଦ୍ରାପଡ଼ା ଅଫିସ, ୧୯।୬:** କେନ୍ଦ୍ରାପଡ଼ା ଜିଲା ରାଜନଗର ବ୍ଲକସ୍ଥିତ ଭିତରକନିକାରୁ ୩୦ରୁ ଊର୍ଦ୍ଧ୍ୱ କୁମ୍ଭୀର ବସା ଚିହ୍ନଟ ହୋଇଛି। ଏ ସମ୍ପର୍କରେ ଡିଏଫଓ ବିକାଶରଞ୍ଜନ ଦାଶ କହିଛନ୍ତି, ଚିନ୍ତାମଣି କ୍ରିକ, ଥାନପତି, ମଙ୍ଗଳପୁର, ଶାଗୁଣାଛେରା କ୍ରିକ, ମୁଣ୍ଡୁଳି କ୍ରିକ, ଶୁଆଯୋର କ୍ରିକ, ପାଟିଆ କ୍ରିକ, ବାଲିଜୋର, ଭ୍ରମରମାରୀ ଅଞ୍ଚଳରେ ଏହି ବସା ଚିହ୍ନଟ ହୋଇଛି। ଲୁଣା କୁମ୍ଭୀରଙ୍କ ସାଧାରଣତଃ ମେ ମାସରୁ ଜୁଲାଇ ଶେଷ ଯାଏ ପ୍ରଜନନ ଋତୁ ଥାଏ। ଏଥିପାଇଁ ପ୍ରତିବର୍ଷ ଜାତୀୟ ଉଦ୍ୟାନ ବନ୍ଦ ରହୁଥିବା ବେଳେ ଚଳିତ ବର୍ଷ କୋଭିଡ୍ ୧୯ ପାଇଁ ଏହା ମାର୍ଚ୍ଚମାସରୁ ବନ୍ଦ ରହିଛି। ଏହି ସମୟ ମଧ୍ୟରେ ବନ ବିଭାଗ କର୍ମଚାରୀ ବସା ଚିହ୍ନଟ ସହିତ ସେମାନଙ୍କ ସୁରକ୍ଷା ବ୍ୟବସ୍ଥାକୁ ଧ୍ୟାନ ଦେଉଛନ୍ତି। ୨୦୧୯ରେ ୧୦୩ ବସା ଚିହ୍ନଟ ହୋଇଥିବା ଡିଏଫଓ ଦାଶ ସୂଚନା ଦେଇଛନ୍ତି।

## ମହିଳା ହାଟ ଶୀଘ୍ର କାର୍ଯ୍ୟକ୍ଷମ କରିବାକୁ ପରାମର୍ଶ

**ରସୁଲପୁର, ୧୯।୬ (ଡି.ଏନ୍.ଏ.)**

ରସୁଲପୁର ବ୍ଲକ ଅଧୀନ ବାରବାଟିଠାରେ ପ୍ରସ୍ତାବିତ ମହିଳା ହାଟ ତୁରନ୍ତ କାର୍ଯ୍ୟକ୍ଷମ କରିବାକୁ ଜିଲାପାଳ ରଞ୍ଜନ କୁମାର ଦାସ ବ୍ଲକ ପ୍ରଶାସନିକ ଅଧିକାରୀଙ୍କୁ ପରାମର୍ଶ ଦେଇଛନ୍ତି। ଏହି ପରିପ୍ରେକ୍ଷୀରେ ଗୁରୁବାର ଅପରାହ୍ନରେ ଜିଲାପାଳ ଦାସଙ୍କ ନେତୃତ୍ୱରେ ଏକ ପ୍ରତିନିଧି ଦଳ ହାଟସ୍ଥଳରେ ପହଞ୍ଚି ସ୍ଥିତି ସମୀକ୍ଷା କରିବା ସହ ତୁରନ୍ତ ଏହାକୁ କାର୍ଯ୍ୟକ୍ଷମ କରାଇବା ପାଇଁ ଜିଲା ପ୍ରଶାସନ ପ୍ରତିନିଧି ଦଳ ଓ ରସୁଲପୁର ବ୍ଲକ ପ୍ରଶାସନିକ ଅଧିକାରୀମାନଙ୍କ ସହ ଆଲୋଚନା କରିଥିଲେ। ଏହି ପ୍ରତିନିଧି ଦଳ ଜିଲାପାଳଙ୍କ ସହ ଅତିରିକ୍ତ ଜିଲାପାଳ ମିହିର ପ୍ରସାଦ ମହାନ୍ତି, ଜିଲା ପ୍ରକଳ୍ପ ନିର୍ଦ୍ଦେଶକ ଇନ୍ଦ୍ରମଣି ନାୟକ, ସୂଚନା ଓ ଲୋକ ସମ୍ପର୍କ ଅଧିକାରୀ ସନ୍ତୋଷ କୁମାର ସେଠୀଙ୍କ ସମେତ ରସୁଲପୁର ବଡିଓ ଉମାକାନ୍ତ ପରିଡା, ତହସିଲଦାର ଜ୍ୟୋତିର୍କାନ୍ତ ଭୁଜବଳ ପ୍ରମୁଖ ହାଟକୁ କାର୍ଯ୍ୟକ୍ଷମ କରିବା ଦିଗରେ ଆଲୋଚନା କରିଥିଲେ। ତେବେ ଉକ୍ତ ହାଟସ୍ଥଳୀ ନିକଟରେ ଥିବା ଦୈନିକ ପରିବା ହାଟକୁ ଜିଲାପାଳ ନ ଯିବା ନେଇ ସାଧାରଣରେ ଅସନ୍ତୋଷ ଦେଖାଦେଇଛି। ଉକ୍ତ ହାଟରେ କରୋନା ନିୟମ ପାଳନ ହେଉ ନ ଥିବା ବେଳେ ବ୍ୟବସାୟୀମାନେ ହାଟ ଭିତରକୁ ପରିବା ବୋଝେଇ ଗାଡ଼ିକୁ ପୁରାଇବା ନେଇ ଅଭିଯୋଗ ହେଉଥିବା ବେଳେ ଜିଲାପାଳ ସେ ସବୁକୁ ଅଣଦେଖା କରିଥିବା ଆଲୋଚନା ହେଉଛି।

## ୭ ଘଣ୍ଟାରେ ଜମି ପଟ୍ଟା ଦେଲା ବିରିଡ଼ି ତହସିଲ

**ବାଲିଆ,୧୯।୬:** ଆବେଦନକାରୀଙ୍କୁ ୭ଦିନ ମଧ୍ୟରେ ଜମି ପଟ୍ଟା ପ୍ରଦାନ କରିବା ପାଇଁ ରାଜ୍ୟ ସରକାରଙ୍କ ପକ୍ଷରୁ ସମସ୍ତ ତହସିଲଦାରଙ୍କୁ ନିର୍ଦ୍ଦେଶ ରହିଛି। ଏହି ନିର୍ଦ୍ଦେଶ ପାଇବା ପରେ ହିତାଧିକାରୀଙ୍କୁ ଆବେଦନର ୭ ଘଣ୍ଟା ମଧ୍ୟରେ ଜମି ପଟ୍ଟା ଦେଇ ବିରିଡି ତହସିଲ କାର୍ଯ୍ୟାଳୟ ଜଗତ୍‌ସିଂହପୁର ଜିଲାରେ ଉଦାହରଣ ସୃଷ୍ଟି କରିପାରିଛି। ତହସିଲଦାର ସାଗରିକା ପ୍ରିୟଦର୍ଶିନୀ ଶୁକ୍ରବାର ଅଲିପଡ଼ା ମୌଜାର ଅନିଲ ବାରିକ, ମଧଶାସନ ମୌଜାର ଅନିଲ ଦାଶ, ତାଞ୍ଜଣା ବ୍ରହ୍ମପୁର ମୌଜାର ଲଜପତ ମହାନ୍ତି, ଦରଡ଼ା ଗ୍ରାମ ମୌଜାର ବିଶ୍ୱରଞ୍ଜନ ମହାପାତ୍ର ଏବଂ ଉତ୍ତରଶାସନ ମୌଜାର ବନିତା ରାଉତଙ୍କୁ ଜମିପଟ୍ଟା ପ୍ରଦାନ କରିଛନ୍ତି।

## ବ୍ୟାସ ସରୋବର ପୀଠ ଉନ୍ନତୀକରଣ କାର୍ଯ୍ୟ ସାରିବାକୁ ନିର୍ଦ୍ଦେଶ

**ଯାଜପୁର ରୋଡ୍,୧୯।୬(ଡି.ଏନ.ଏ.)**


ସମୀକ୍ଷା ବୈଠକରେ ଜିଲା ପ୍ରଶାସନିକ ଅଧିକାରୀମାନେ।

ବ୍ୟାସନଗର ପୌର ପରିଷଦର ଏକାଧିକ ଯୋଜନା ଓ ପ୍ରକଳ୍ପ ପାଇଁ ଅନୁଦାନ ଆବଣ୍ଟିତ ହୋଇଥିଲେ ହେଁ ତାହା କାର୍ଯ୍ୟକାରୀ ହୋଇପାରିନାହିଁ। ରାଜ୍ୟ ସରକାରଙ୍କ ପର୍ଯ୍ୟଟନ ଓ ସଂସ୍କୃତି ବିଭାଗ ତରଫରୁ ମଞ୍ଜୁର ହୋଇଥିବା ସ୍ୱତନ୍ତ୍ର ଅର୍ଥରେ ବ୍ୟାସ ସରୋବର ପୀଠର ଉନ୍ନତୀକରଣ କାର୍ଯ୍ୟ ତ୍ୱରାନ୍ୱିତ କରିବାକୁ ଜିଲାପାଳ ରଞ୍ଜନ କୁମାର ଦାସ ନିର୍ଦ୍ଦେଶ ଦେଇଛନ୍ତି। ଶୁକ୍ରବାର ବ୍ୟାସନଗର ପୌର ପରିଷଦ ସମ୍ମିଳନୀ ଗୃହରେ ଜିଲାପାଳ ଦାସଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ସମୀକ୍ଷା ବୈଠକରେ ୫୦ ଲକ୍ଷ ଟଙ୍କା ଅଟକଳରେ ବ୍ୟାସ ସରୋବରଠାରେ ଥିବା ହ୍ରଦର ପୁନଃରୁଦ୍ଧାର କାର୍ଯ୍ୟ ଚାଲୁ ରହିଛି। ଏହାର ଉନ୍ନତିକରଣ ଓ ସୌନ୍ଦର୍ଯ୍ୟକରଣ କାର୍ଯ୍ୟ ସମ୍ପନ୍ନ କରିବାକୁ ସେ ଗୁରୁତ୍ୱାରୋପ କରିଥିଲେ। ଏହାସହ ପୌରପରିଷଦ ଅଧୀନ ୪୭ଟି ଅଙ୍ଗନୱାଡି ସଂକ୍ରାନ୍ତରେ ଆଲୋଚନା ହୋଇଥିଲା। ଅଧିକାଂଶ କେନ୍ଦ୍ରର ଜମି ସମସ୍ୟା ଥିବାରୁ ଗୃହ ନିର୍ମାଣ ହୋଇ ପାରୁ ନ ଥିବା ଜଣାପଡ଼ିଛି। ଏହାସହ ଚୋରଦାଠାରେ ନିର୍ମାଣ ହେବାକୁ ଥିବା ଭେଣ୍ଡିଂ ଜୋନ୍ କାର୍ଯ୍ୟ ନିର୍ମାଣ ହୋଇପାରୁ ନ ଥିବାରୁ ସମ୍ପୃକ୍ତ ଠିକାଦାରଙ୍କ କାର୍ଯ୍ୟାଦେଶକୁ ବାତିଲ କରି ପୁନଃ ଟେଣ୍ଡର କରିବା ପାଇଁ ନିର୍ବାହୀ ଯନ୍ତ୍ରୀଙ୍କୁ ଜିଲାପାଳ ନିର୍ଦ୍ଦେଶ ଦେଇଥିଲେ। ସହର ମଧ୍ୟରେ କଲ୍ୟାଣମଣ୍ଡପ ନିର୍ମାଣ ପାଇଁ ସରକାର ମଞ୍ଜୁର କରିଥିବା ସ୍ୱତନ୍ତ୍ର ଅନୁଦାନ ଦୀର୍ଘଦିନ ହେଲା ପଡ଼ିରହିଛି। କଲ୍ୟାଣମଣ୍ଡପ ପାଇଁ ତୁରନ୍ତ ଜମି ଚିହ୍ନଟ କରି କାମ ଆରମ୍ଭ କରିବାକୁ ଜିଲାପାଳ ଗୁରୁତ୍ୱାରୋପ କରିଥିଲେ। ସେହିପରି ଅଧାପନ୍ତରିଆ ଅବସ୍ଥାରେ ପଡିଥିବା ସଂସ୍କୃତି ଭବନ କାମକୁ ତୁରନ୍ତ ସମ୍ପୂର୍ଣ୍ଣ କରାଯାଇ ଲୋକାର୍ପଣ କରିବାକୁ ନିର୍ଦ୍ଦେଶ ଦିଆଯାଇଛି। ବୈଠକରେ ଆଇଏଏସ୍ ସଚିନ ପାୱାର, ପୌର ପ୍ରଶାସକ ସନ୍ତୋଷ କୁମାର ମିଶ୍ର, ନିର୍ବାହୀ ଅଧିକାରୀ ଶୁଭେନ୍ଦୁ କୁମାର ଜେନା ପ୍ରମୁଖ ଉପସ୍ଥିତ ଥିଲେ।

# ନଦୀ, ଚୁଆରୁ ପାଣି ପିଉଛନ୍ତି ଲୋକେ

**ରତ୍ନଗିରି, ୧୯।୬(ଡି.ଏନ.ଏ)**

**ବରୀ ବ୍ଲକରେ ପାନୀୟ ଜଳ ସଙ୍କଟ**
- ଠିକାଦରଙ୍କ ମନମୁଖି କାର୍ଯ୍ୟ
- ଅଧାପନ୍ତରିଆ ପଡିଛି ବହୁ ପାନୀୟ ଜଳ ପ୍ରକଳ୍ପ

ବରୀ ବ୍ଲକ ଅଧୀନ ୨୯ଟି ପଞ୍ଚାୟତବାସୀଙ୍କୁ ପାନୀୟ ଜଳ ଯୋଗାଇ ଦେବା ସକାଶେ ନିର୍ମାଣ ହୋଇଥିବା ପ୍ରକଳ୍ପଗୁଡିକ ମଧ୍ୟରୁ କେତେକ ପ୍ରକଳ୍ପ ଖରାପନ ହୋଇ ପଡ଼ିଥିବା ବେଳେ ଅନ୍ୟ କେତେକ ଅଧାପନ୍ତରିଆ ହୋଇପଡ଼ିରହିଛି। ଫଳରେ ଅଞ୍ଚଳବାସୀ ନଦୀ, କୁଅ ଓ ଚୂଆରୁ ପାଣି ଆଣି ପାନୀୟ ଭାବେ ବ୍ୟବହାର କରୁଛନ୍ତି। ଏଥିଯୋଗୁ ବ୍ଲକ ଅଞ୍ଚଳରେ ବହୁ ଲୋକ ବଭିନ୍ନ ପ୍ରକାର ଚର୍ମ ରୋଗ, କିଡନୀ ଜନିତ ସମସ୍ୟା ଆଦିର ସମ୍ମୁଖିନ ହେଉଛନ୍ତି।

ବିଶ୍ୱ ପ୍ରସିଦ୍ଧ ବୌଦ୍ଧପୀଠ ରତ୍ନଗିରି ନିକଟରେ ଥିବା ପାନୀୟ ଜଳ ପ୍ରକଳ୍ପଟି ପାନୀୟ ଜଳ ଉପଯୋଗୀ ହୋଇ ନ ଥିବାରୁ ସ୍ଥାନୀୟ ଲୋକେ ନଦୀ, ଚୁଆ ଓ କୂଅରୁ ପାନୀୟ ଜଳ ବ୍ୟବହାର କରୁଛନ୍ତି। ଏତଦ୍‌ବ୍ୟତୀତ କଳାମାଟିଆ, ଅମଠପୁର, ବାଲିଆ, ଗୋଳକୁଣ୍ଡ, ଇଶାଣପୁର, ଧାରପୁର ଆଦି ପଞ୍ଚାୟତରେ ସରକାରଙ୍କ ତରଫରୁ ପାନୀୟ ଜଳ ପ୍ରକଳ୍ପ ନିର୍ମାଣ ପାଇଁ ଅର୍ଥ ମଞ୍ଜୁର କରାଯାଇ ଟେଣ୍ଡର କରାଯାଇଥିଲେ ବି ଦାୟିତ୍ୱରେ ଥିବା ଠିକାଦାର କାର୍ଯ୍ୟାରମ୍ଭ କରୁନାହାନ୍ତି। ଏହାଛଡ଼ା କେତେକ ସ୍ଥାନରେ ଠିକାଦାର ପକଳ୍ପ କାର୍ଯ୍ୟ ଆରମ୍ଭ କରି ଅଧାରୁ ବନ୍ଦ ରଖିଛନ୍ତି। ଏ ନେଇ ସାଧାରଣରେ ତୀବ୍ର ଅସନ୍ତୋଷ ପ୍ରକାଶ ପାଇଛି। ପାନୀୟ ଜଳ ଯୋଗାଣକୁ ସରକାର ଗୁରୁତ୍ୱ ଦେଉଥିବା ବେଳେ ବ୍ଲକ ଅଞ୍ଚଳରେ ପାନୀୟ ଜଳ ପ୍ରକଳ୍ପ କାର୍ଯ୍ୟ କରୁଥିବା ଠିକାଦାରଙ୍କ ମନମୁଖି କାର୍ଯ୍ୟ ଯୋଗ ସାଧାରଣ ଲୋକଙ୍କୁ ଅସୁବିଧା ଭୋଗିବାକୁ ପଡୁଛି। ବିଭାଗୀୟ କର୍ତ୍ତୃପକ୍ଷ ଏ ଦିଗରେ ଦୃଷ୍ଟି ଦେବା ସହ ତୁରନ୍ତ ଅଧାପନ୍ତରିଆ ଓ ବନ୍ଦ ରହିଥିବା ପ୍ରକଳ୍ପ କାର୍ଯ୍ୟ ଶେଷ କରିବାକୁ ବ୍ଲକ ଅଞ୍ଚଳବାସୀ ଦାବି କରିଛନ୍ତି। ଏ ବିଷୟରେ ବିଭାଗୀୟ ଯନ୍ତ୍ରୀଙ୍କୁ ଯୋଗାଯୋଗ କରିବାରେ ତାହା ସମ୍ଭବ ହୋଇପାରିନାହିଁ।

## ବାଲିଘାଟ ନିଲାମ ପାଇଁ ପ୍ରୟାସ ଜାରି

**ରାହାମା,୧୯।୬(ଡି.ଏନ.ଏ.):** କୁଜଙ୍ଗ ତହସିଲ ଅନ୍ତର୍ଗତ କାଠକୋଟ ପଞ୍ଚାୟତର ଗୋବର୍ଦ୍ଧନପୁର ବାଲି ସଇରାତରୁ ଦୀର୍ଘ ବର୍ଷ ହେବ ମାଫିଆ ଦୈନିକ ଶତାଧିକ ଟ୍ରିପ୍ ବାଲି ଚୋରାଚାଲାଣ କରିଆସୁଥିଲେ। ସ୍ଥାନୀୟ ଅଞ୍ଚଳର କେତେଜଣ ଯୁବକ ଏନେଇ ଜିଲାପାଳଙ୍କ ଦୃଷ୍ଟି ଆକର୍ଷଣ କରିବା ପରେ ପ୍ରଶାସନର ତତ୍ପରତା ଦେଖିବାକୁ ମିଳିଛି। କୁଜଙ୍ଗ ତହସିଲଦାର ସ୍ମୃତିପ୍ରଜ୍ଞା ପ୍ରିୟଦର୍ଶିନୀଙ୍କ ନେତୃତ୍ୱରେ ବୁଧବାର ଅତିରିକ୍ତ ତହସିଲଦାର, ହଂସୁରା ସର୍କଲର ରାଜସ୍ୱ ନିରୀକ୍ଷକ, ଅମିନ ପ୍ରମୁଖ ସଇରାତର ସୀମା ୭ ଏକର ୫୫ ଡିସିମିଲି ଚିହ୍ନଟ କରି ୧୦ଟି ପିଲାର ପୋତିଛନ୍ତି। ଏ ସମ୍ପର୍କରେ ତହସିଲଦାର କହିଛନ୍ତି, କିପରି ଏହି ବାଲିଘାଟ ନିଲାମ ହୋଇ ରାଜସ୍ୱ ଆଦାୟ କରାଯାଇପାରିବ ସେଥିପ୍ରତି ଧ୍ୟାନ ଦିଆଯାଉଛି। ଡିଜିପିଏସ୍ ସିଷ୍ଟମ୍‌ରେ ସର୍ଭେ କରାଯାଇ ରିପୋର୍ଟ ଆସିଲା ପରେ ନିଲାମ ପାଇଁ ପ୍ରୟାସ କରାଯିବ।

## ବିଦ୍ୟୁତ୍ ତାର ସଂସ୍ପର୍ଶରେ ଆସି ଯୁବକ ମୃତ

**ଧର୍ମଶାଳା,୧୯।୬(ଡି.ଏନ.ଏ.)**

୧୧କେଭି ବିଦ୍ୟୁତ୍ ତାର ସଂସ୍ପର୍ଶରେ ଆସି ଶୁକ୍ରବାର ଧର୍ମଶାଳା ବ୍ଲକ ସିଦ୍ଧିପୁର ଗ୍ରାମର ପ୍ରଜ୍ଞା ପ୍ରକାଶ (୪୦)ଙ୍କ ମୃତ୍ୟୁ ଘଟିଛି। ପ୍ରଜ୍ଞାପ୍ରକାଶ ତାଙ୍କ ବାପାଙ୍କ ସହି ଜାରକା ବଜାରକୁ ଷ୍ଟିଲ ପାଇପ କିଣିବାକୁ ଯାଇଥିଲେ। ପାଇପ କିଣିବା ପରେ ନିକଟରେ ଥିବା ଜଣେ ବନ୍ଧୁଙ୍କ ଘରକୁ ଯାଉଥିବା ବେଳେ ପ୍ରଜ୍ଞା ରାସ୍ତାକଡ଼ରେ ଝୁଲି ରହିଥିବା ୧୧କେଭି ବିଦ୍ୟୁତ୍ ତାର ସଂସ୍ପର୍ଶରେ ଆସି ଗୁରୁତର ହୋଇଥିଲେ। ତାଙ୍କୁ ଧର୍ମଶାଳା ମେଡିକାଲରେ ଭର୍ତ୍ତି କରାଯାଇଥିଲା। ସେଠରେ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ। ଧର୍ମଶାଳା ପୋଲିସ ପହଞ୍ଚି ମୃତଦେହ ବ୍ୟବଚ୍ଛେଦ ପାଇଁ ଯାଜପୁର ଜିଲା ମୁଖ୍ୟ ଚିକିତ୍ସାଳୟକୁ ପଠାଇବା ସହ ୧୬/୨୦ ନଂ.ରେ ଅପମୃତ୍ୟୁ ମାମଲା ରୁଜୁ କରିଛି। ପ୍ରଜ୍ଞାଙ୍କ ଅକାଳ ବିୟୋଗରେ ଧର୍ମଶାଳା ବିଧାୟକ ପ୍ରଣବ ବଳବନ୍ତରାୟ, ଜିଲା ଯାଦବ ସଂଘ ସଭାପତି ରାମଚନ୍ଦ୍ର ବେହେରା ଶୋକବ୍ୟକ୍ତ କରିଛନ୍ତି।

## ବିଡିଓଙ୍କ ଦୁର୍ବ୍ୟବହାର ନେଇ ଜିଲାପାଳଙ୍କୁ ଅଭିଯୋଗ

**ଖଣ୍ଡପଡ଼ା,୧୯।୬(ସ୍ୱ.ପ୍ର.):** ଏକ ବୈଦ୍ୟୁତିକ ଗଣମାଧ୍ୟମର ଖବରଦାତା ଭାବେ କାର୍ଯ୍ୟ କରୁଥିବା ଖଣ୍ଡପଡା ବ୍ଲକ ଗୋଛାବାରୀ ଗ୍ରାମର ନିରଞ୍ଜନ ଦାସଙ୍କୁ ବିଡିଓ ଦୁର୍ବ୍ୟବହାର କରିଥିବା ନେଇ ନୟାଗଡ଼ ଜିଲାପାଳଙ୍କ ନିକଟରେ ଅଭିଯୋଗ ହୋଇଛି। ଦାସଙ୍କ ଅଭିଯୋଗକ୍ରମେ ଗତ ୯ତାରିଖରେ ସେ ଖବର ସଂଗ୍ରହ ପାଇଁ ବ୍ଲକ କାର୍ଯ୍ୟାଳୟକୁ ଯାଇଥିଲେ। ଏମ୍‌ଜିଏନ୍‌ଆର୍‌ଇଜିଏସ୍ ଓ ସ୍ୱଚ୍ଛ ଭାରତ ମିଶନରେ ବିଭିନ୍ନ ପଞ୍ଚାୟତରେ ଚାଲିଥିବା କାର୍ଯ୍ୟର ଅଗ୍ରଗତି ସମ୍ପର୍କରେ ସେ ବିଡିଓଙ୍କୁ ପଚାରିଥିଲେ। ହେଲେ ବିଡିଓ ହଠାତ୍ ରାଗିଯାଇ ଦାସଙ୍କୁ କାର୍ଯ୍ୟାଳୟରୁ ଚାଲିଯିବା ପାଇଁ ଧମକ ଦେଇଥିଲେ। ଦାସ ଏ ନେଇ ରାଜ୍ୟ ମୁଖ୍ୟ ଶାସନ ସଚିବ, ପଞ୍ଚାୟତିରାଜ ବିଭାଗ ସଚିବ, ବିଭାଗୀୟ ମନ୍ତ୍ରୀଙ୍କୁ ଲିଖିତ ଭାବେ ଅବଗତ କରାଇଛନ୍ତି। ବିଡିଓ ପ୍ରମୋଦ ନାୟକ କହିଛନ୍ତି ଅଭିଯୋଗର ସତ୍ୟତା ନାହିଁ।

# ଜିଲା ମୁଖ୍ୟାଳୟରେ ବଢ଼ିଲା ସଂକ୍ରମଣ ଭୟ

**ନୟାଗଡ଼ ଅଫିସ,୧୯।୬:** ନୟାଗଡ଼ ଜିଲା ମୁଖ୍ୟାଳୟରେ ଜଣେ ସୁନା ବ୍ୟବସାୟୀ କରୋନା ଆକ୍ରାନ୍ତ ଚିହ୍ନଟ ପରେ ସଂକ୍ରମଣ ଭୟ ବଢ଼ିଛି। ଆକ୍ରାନ୍ତ ଯୁବକଙ୍କ ସଂସ୍ପର୍ଶରେ ଆସିଥିବା ବ୍ୟକ୍ତିମାନେ ସିମ୍ପଟମ୍ ନ ଥାଇ ମଧ୍ୟ ନିଜ ଆଡୁ ସ୍ୱାବ୍ ଟେଷ୍ଟ କରିବାକୁ ପିଟିଏସ୍ କୋଭିଡ୍ ସେଣ୍ଟରରେ ଭିଡ ଜମାଇଥିଲେ। ଶୁକ୍ରବାର ସହରର ୧୫୦ ବ୍ୟକ୍ତିଙ୍କ ସ୍ୱାବ୍ ସଂଗ୍ରହ କରାଯାଇ ପରୀକ୍ଷଣ ପାଇଁ ପଠାଯାଇଛ। ସହରର ୧୦ନଂ. ୱାର୍ଡରେ ଆକ୍ରାନ୍ତଙ୍କ ଘର ବିଶୋଧନ କରାଯାଇଛି। ଖଣ୍ଡପଡା ରୋଡରେ ଥିବା ତାଙ୍କ ସୁନା ଦୋକାନ ବିଶୋଧନ କରାଯାଇ ସିଲ୍ କରାଯାଇଛି। ଏହାସହ ପରିବାର ସଦସ୍ୟମାନଙ୍କୁ ହୋମ୍ କ୍ୱାରାଣ୍ଟାଇନ୍‌ରେ ରଖାଯାଇଛି। ସମ୍ପୃକ୍ତ ଯୁବକ ସୁନା ପାଇଁ କୋଲକାତା ଯାଇଥିଲେ। ଫେରିବା ପରେ ଥଣ୍ଡା କାଶ ନ କମିବାରୁ ସ୍ୱାବ୍ ଟେଷ୍ଟ କରାଯାଇଥିଲା। ପଜିଟିଭ୍ ଆସିବା ପରେ ତାଙ୍କୁ ଭୁବନେଶ୍ୱର କୋଭିଡ୍ ହସ୍ପିଟାଲକୁ ପଠାଇ ଦିଆଯାଇଛି। ଏହି ଆକ୍ରାନ୍ତଙ୍କୁ ମିଶାଇଲେ ଜିଲାରେ ୧୧୭ ଜଣ ଚିହ୍ନଟ ହୋଇଥିବାବେଳେ ଏମାନଙ୍କ ମଧ୍ୟରୁ ୧୦୪ ଜଣ ସୁସ୍ଥ ହେଲେଣି। ୧୩ଜଣ ଚିକିତ୍ସିତ ହେଉଥିବା ସିଡିଏମ୍‌ଓ ସୁଧାଂଶୁ ଶେଖର ଷଡଙ୍ଗୀ ସୂଚନା ଦେଇଛନ୍ତି।

# ଯୌତୁକ ପାଇଁ ବଧୂ ହତ୍ୟା ଉଦ୍ୟମ

**ବାଲିକୁଦା,୧୯।୬(ସ୍ୱ.ପ୍ର.)**

ବାଲିକୁଦା ଥାନା ଅନନ୍ତପୁର ଫାଣ୍ଡି ଅନ୍ତର୍ଗତ ରାହାଣ ପଞ୍ଚାୟତ ଓରଣ୍ଡ ଗାଁରେ ଶୁକ୍ରବାର ଯୌତୁକ ପାଇଁ ବଧୂ ହତ୍ୟା ଉଦ୍ୟମ ହୋଇଛି। ଶାଶୁଘର ଲୋକେ ବଧୂଙ୍କୁ କିରୋସିନ ଢାଳି ନିଆଁ ଲଗାଇ ଦେଇଥିଲେ। ଫଳରେ ତାଙ୍କ ଶରୀର ୮୦ ପ୍ରତିଶତ ଜଳି ଯାଇଥିଲା। ତାଙ୍କୁ ପ୍ରଥମେ ବାଲିକୁଦା ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ଭର୍ତ୍ତି କରାଯାଇଥିଲା। ସେଠାରେ ଅବସ୍ଥା ସଙ୍କଟାପନ୍ନ ହେବାରୁ ପରେ କଟକ ବଡ଼ ମେଡିକାଲ ପଠାଇ ଦିଆଯାଇଛି। ଏନେଇ ଥାନାରେ ଅଭିଯୋଗ ପରେ ପୋଲିସ ଏକ ମାମଲା ରୁଜୁ କରି ତଦନ୍ତ ଆରମ୍ଭ କରିଛି। ଯୌତୁକ ପାଇଁ ଶାଶୁ ଘର ଲୋକେ ଝିଅକୁ ମାରିଦେବାକୁ ଉଦ୍ୟମ କରିଥିବା ବାପା ଏହି ଥାନା ଅନ୍ତର୍ଗତ ଆମ୍ବଶାଳ ଗାଁର ମଣି ବିଶ୍ୱାଳ ଅଭିଯୋଗରେ ଦର୍ଶାଇଛନ୍ତି। ତାଙ୍କ ଅଭିଯୋଗ ମୁତାବକ ସାନ ଝିଅ ଜୟଲକ୍ଷ୍ମୀ ଓରଫ୍ ଝିଲି(୩୫)ଙ୍କ ୬ ବର୍ଷ ତଳେ ଓରଣ୍ଡ ଗାଁର ସ୍ୱର୍ଗତ ରାଧାଶ୍ୟାମ ସ୍ୱାଇଁଙ୍କ ସାନପୁଅ ପ୍ରଫୁଲ୍ଲଙ୍କ ସହ ବୈଦିକ ରୀତିରେ ବିବାହ ହୋଇଥିଲ। ବିବାହ ସମୟରେ ପୁଅ ଘର ଦାବି ମୁତାବକ ଯୌତୁକ ବାବଦକୁ ୧ ଲକ୍ଷ ୨୦ ହଜାର ଟଙ୍କା ଓ ସୁନା ଅଳଙ୍କାର ସମେତ ଅନ୍ୟ ସାମଗ୍ରୀ ଦିଆଯାଇଥିଲା। ଏହାପରେ ଆଉ ଅଧିକ ୧ଲକ୍ଷ ଟଙ୍କା ଆଣିବା ପାଇଁ ଝିଲିଙ୍କ ଉପରେ ଚାପ ପକା ଯାଉଥିଲା। ଝିଲି ରାଜି ନ ହେବାରୁ ତାଙ୍କୁ ମାନସିକ ଓ ଶାରିରୀକ ନିର୍ଯାତନା ଦିଆଯାଉଥିଲା। ସକାଳେ ଶାଶୁ ଶ୍ୱେତପ୍ରଭା, ବିବାହିତା ନଣନ୍ଦ ରଶ୍ମିପ୍ରଭା ଓ ପ୍ରଫୁଲ୍ଲ ମିଶି ଝିଲିଙ୍କ ଦେହରେ କିରାସିନି ଢାଳି ନିଆଁ ଲଗାଇ ଦେଇଥିଲେ।

**ବାଘ ଶିକାରକୁ ନେଇ ୨ ପୃଥକ୍ ମାମଲା**

# ବାହାବା ନେବା ପାଇଁ ପ୍ରୟାସ

**ନୟାଗଡ଼ ଅଫିସ/ ରଣପୁର,୧୯।୬(ସ୍ୱ.ପ୍ର.)**

ଖୋର୍ଦ୍ଧା ବନଖଣ୍ଡ ନୟାଗଡ ଜିଲାର ରଣପୁର ରେଞ୍ଜ ଜାମୁଗଣ୍ଡରୁ ବାଘଛାଲ ଓ ହାଡ ଜବତ ଘଟଣାରେ କ୍ରାଇମବ୍ରାଞ୍ଚର ଏସ୍‌ଟିଏଫ ଓ ବନ ବିଭାଗ ପକ୍ଷରୁ ୨ଟି ପୃଥକ୍ ମାମଲା କରାଯାଇ ଗିରଫଦାରି ପରେ ସାଧାରଣରେ ଦ୍ୱନ୍ଦ୍ୱ ସୃଷ୍ଟି ହୋଇଛି। ଏସ୍‌ଟିଏଫକୁ ରୋକ୍ ଲଗାଇବାକୁ ବନ ବିଭାଗ ପ୍ରୟାସ କରୁଥିବା ଚର୍ଚ୍ଚା ଆରମ୍ଭ ହୋଇଛି। ଖୋଳତାଡ ପାଇଁ ଏସ୍‌ଟିଏଫ ସମିତିସଭ୍ୟଙ୍କୁ ରିମାଣ୍ଡରେ ନେଇଥିବାବେଳେ ବନ ବିଭାଗ ୩ଜଣଙ୍କୁ କୋର୍ଟ ଚାଲାଣ କରିଛି। ଗୋଟିଏ ଘଟଣାରେ ଦୁଇ ବିଭାଗର ତଦନ୍ତ ସଫଳତାକୁ ଦିଗହରା କରାଇବ ବୋଲି ବନ୍ୟଜନ୍ତୁପ୍ରେମୀ ସତର୍କ କରାଇ ଦେଇଛନ୍ତି।

ରଣପୁର ରେଞ୍ଜର ବିଭିନ୍ନ ଅଞ୍ଚଳରେ ଗୃହପାଳିତ ପ୍ରାଣୀଙ୍କୁ ବାଘ ଶିକାର କରୁଥିବା ଅଭିଯୋଗ ହୋଇଆସୁଛି। କେତେଜଣ ଲୋକ ବାଘ ଦେଖିଥିବା ମଧ୍ୟ କହୁଛନ୍ତି। ହେଲେ ବନ ବିଭାଗ ରଣପୁର ରେଞ୍ଜରେ ବାଘ ନ ଥିବା ସଫେଇ ଦେଉଛି। ଗତ ୧୩ ତାରିଖରେ ଜାମୁଗଣ୍ଡରୁ ବାଘ ଛାଲ ଓ ହାଡ଼ ଜବତ ହୋଇଥିଲା। ବନ୍ଦମୁଣ୍ଡାର ସମିତି ସଭ୍ୟ ଲକ୍ଷ୍ମୀଧର ନାୟକଙ୍କୁ ମୁଖ୍ୟ ଅଭିଯୁକ୍ତ ଦର୍ଶାଯାଇ କୋର୍ଟ ଚାଲାଣ କରାଯାଇଥିଲା। ଏହା ପରେ ରଣପୁର ଜଙ୍ଗଲରେ ବାଘ ଥିବା ସ୍ପଷ୍ଟ ହୋଇଥିଲା। ଜଣେ ବନ କର୍ମଚାରୀ ନିଜ ନାଁ ଗୋପନ ରଖିବା ସର୍ତ୍ତରେ କହିଥିଲେ, ରଣପୁର ରେଞ୍ଜରେ ବାଘ ଅଛନ୍ତି। ତେବେ ବିଭାଗ ପକ୍ଷରୁ ଜାଣିଶୁଣି ତଥ୍ୟ ଦିଆଯାଉନି। ଏପରି କି ଖୋର୍ଦ୍ଧା ଡିଏଫ୍‌ଓଙ୍କୁ ପଚାରିଲେ ରିପୋର୍ଟ ଦେଖି କହିବେ ଦର୍ଶାଇ ଚୁପ୍ ରହୁଛନ୍ତି। ଅପରପକ୍ଷେ ଏସ୍‌ଟିଏଫ ବାଘ ଶିକାରର ଗୁମର ଖୋଲିଥିବାବେଳେ ବାହାବା ନେବା ପାଇଁ ବନ ବିଭାଗ ପକ୍ଷରୁ ତତ୍ପରତା ପ୍ରକାଶ ପାଇଲା। ରଣପୁର ବ୍ଲକର ବାଉଁଶଗଡ କ୍ୱାରାଣ୍ଟାଇନ୍ ସେଣ୍ଟରରୁ ଗତ ୧୬ ତାରିଖରେ କେରଳ ଫେରନ୍ତା ଭାସ୍କର ନାୟକ (୫୦)ଙ୍କୁ ଉଠାଇ ନେଲା।

**ତଦନ୍ତରେ ସଫଳତା ନେଇ ପ୍ରଶ୍ନ**

ପରେ ଜାମୁଗଣ୍ଡରୁ ବିରଞ୍ଚି ନାୟକ ଓ କ୍ୱାରାଣ୍ଟାଇନ୍ ସେଣ୍ଟରରୁ କରୁଣା ନାୟକଙ୍କୁ ଉଠାଇ ନେଇଥିଲା। ଅଟକର ୨୪ ଘଣ୍ଟା ଭିତରେ ଅଭିଯୁକ୍ତଙ୍କୁ କୋର୍ଟ ଚାଲାଣ କରାଯିବାର ନିୟମ ରହିଛି। ହେଲେ ବନ ବିଭାଗ ୨ରୁ ୩ଦିନ ପରେ କୋର୍ଟ ଚାଲାଣ କରିଥିଲା। ବାଘ ଶିକାର ଘଟଣାରେ ଅଟକଙ୍କୁ ପଚରାଉଚୁରା ପରେ କ'ଣ ତଥ୍ୟ ମିଳିଲା ସେ ନେଇ ଗଣମାଧ୍ୟମକୁ ବନ ବିଭାଗ କିଛି ସୂଚନା ଦେଉନି। ଜଣେ ବନ୍ୟପ୍ରାଣୀ ପ୍ରେମୀଙ୍କ କହିବା କଥା, ବନବିଭାଗ ବାଘ ଶିକାର ଘଟଣାରେ ମୁଣ୍ଡ ପୂରାଇବାର ନ ଥିଲା। ଏସ୍‌ଟିଏଫ ତଦନ୍ତକୁ ଅପେକ୍ଷା କରିବାର ଥିଲା। ଯଦି ଅଭିଯୁକ୍ତଙ୍କୁ ଦଣ୍ଡ ଦେବାକୁ ଆଗ୍ରହୀ ତେବେ ଅଟକମାନଙ୍କୁ ବନ ବିଭାଗ କୋର୍ଟ ଚାଲାଣ ନ କରି ଏସ୍‌ଟିଏଫକୁ ହସ୍ତାନ୍ତର କରିଥିଲେ ଭଲ ହୋଇଥାନ୍ତା। ଏପରି କିଛି ନ କରି ବନ ବିଭାଗ ଏସ୍‌ଟିଏଫର କେସ୍‌କୁ ଦୁର୍ବଳ କରିବାକୁ ଯୋଜନା କରୁଥିବା ଜଣାପଡୁଛି। ଏ ନେଇ ଖୋର୍ଦ୍ଧା ଡିଏଫ୍‌ଓ ସୁଦୀପ୍ତ ନାୟକ କହନ୍ତି, ଗଣମାଧ୍ୟମ ବାଘ କେସ୍‌କୁ ବଢ଼ାଇଦେଲା। ଆପଣମାନେ ମନଇଚ୍ଛା କ'ଣ ଲେଖିବେ ଲେଖନ୍ତୁ କହି ଏଡାଇ ଯାଇଥିଲେ। କ୍ୱାରାଣ୍ଟାଇନ୍ ସେଣ୍ଟରରୁ ୨ଜଣ ପ୍ରବାସୀଙ୍କୁ ଉଠାଇନେବା ସମ୍ପର୍କରେ ନୟାଗଡ଼ ଜିଲାପାଳ ପୋମା ଟୁଡୁ କହନ୍ତି, କିଛି ଅସୁବିଧା ନାହିଁ। ପ୍ରବାସୀମାନେ ୯ଦିନରୁ ଅଧିକ ସମୟ ସଙ୍ଗରୋଧ କେନ୍ଦ୍ରରେ ରହିସାରିଥିଲେ। ବନ ବିଭାଗ ଏ ନେଇ ଅବଗତ କରାଇଥିଲା।

## ସଂକ୍ଷେପରେ

### ଉନ୍ନୟନମୂଳକ କାର୍ଯ୍ୟର ସମୀକ୍ଷା କଲେ ବିଧାୟକ

**ସଜନାଗଡ଼, ୧୯।୬(ଡି.ଏନ.ଏ.):** ବାଲେଶ୍ୱର ଜିଲା ନୀଳଗିରି ବ୍ଲକ ସମ୍ମିଳନୀ କକ୍ଷରେ ବିଧାୟକ ସୁକାନ୍ତ ନାୟକ ବିଭିନ୍ନ ଉନ୍ନୟନମୂଳକ କାର୍ଯ୍ୟର ସମୀକ୍ଷା କରିଛନ୍ତି। ବ୍ଲକର ୨୫ଟି ପଞ୍ଚାୟତର ସମସ୍ୟାକୁ ଉପସ୍ଥାପନା କରାଯାଇଥିଲା। ସିଏଫ୍‌ସିରେ ଖର୍ଚ୍ଚ ନ ହୋଇ ପଡିରହିଥିବା ବଳକା ଟଙ୍କା ବିନିଯୋଗ କରିବା ପାଇଁ ବିଧାୟକ ଜେଇ ଓ କାର୍ଯ୍ୟନିର୍ବାହୀ ଅଧିକାରୀଙ୍କୁ ଦାୟିତ୍ୱ ଦେଇଥିଲେ। ବୈଠକରେ ନୀଳଗିରି ବିଡ଼ିଓ ଅନିତା ନାୟକ, କେନ୍ଦ୍ରମନ୍ତ୍ରୀଙ୍କ ପ୍ରତିନିଧି କରୁଣାକର ପଣ୍ଡା, ବିଧାୟକଙ୍କ ପ୍ରତିନିଧି ଉପେନ୍ଦ୍ର ଦାସ, ଏବିଡିଓ ଶରତ କୁମାର ମୁଦୁଲି, ଆସିଷ୍ଟାଣ୍ଟ ଇଞ୍ଜିନିୟର ଅନୀଲ କୁମାର ପଣ୍ଡାଙ୍କ ସହ ନୀଳଗିରି ବ୍ଲକରେ କାର୍ଯ୍ୟରତ ଜେଇ, ପଞ୍ଚାୟତ ଦାୟିତ୍ୱରେ ରହୁଥିବା କାର୍ଯ୍ୟନିର୍ବାହୀ ଅଧିକାରୀ ଉପସ୍ଥିତ ଥିଲେ। ଏଥିରେ ବିଭିନ୍ନ ପଞ୍ଚାୟତରେ ନିର୍ମାଣଧୀନ କାର୍ଯ୍ୟ ସମ୍ବନ୍ଧରେ ତଥ୍ୟ ଉପସ୍ଥାପନ କରାଯାଇଥିଲା।

### 'ପଞ୍ଜୀକୃତ ପ୍ରବାସୀଙ୍କୁ ଚିକିତ୍ସା ସୁବିଧା ଦିଆଯାଉ'

**ଭୋଗରାଇ, ୧୯।୬(ଡି.ଏନ.ଏ.):** ବାଲେଶ୍ୱର ଜିଲା ଭୋଗରାଇ ବ୍ଲକରେ ଗତ ଗୁରୁବାର ୧୯ ଜଣ ବ୍ୟକ୍ତି କରୋନା ସଂକ୍ରମିତ ଚିହ୍ନଟ ହେବା ପରେ ସ୍ଥାନୀୟ ଅଞ୍ଚଳବାସୀ ଭୟଭୀତ ହୋଇପଡିଛନ୍ତି। ଅଞ୍ଚଳର ସ୍ଥିତିକୁ ନେଇ ଭୋଗରାଇ ବିଧାୟକ ତଥା ଜିଲା ଯୋଜନା ବୋର୍ଡ ଅଧକ୍ଷ ଅନନ୍ତ ଦାସ ଗମ୍ଭୀରତା ପ୍ରକାଶ କରି ଭୋଗରାଇ ଅଞ୍ଚଳର ସମସ୍ତ ସ୍ଥାୟୀ ଓ ଅସ୍ଥାୟୀ କ୍ୱାରାଣ୍ଟାଇନ୍‌ରେ ପଞ୍ଜୀକୃତ ହୋଇଥିବା ଭିନ୍ନ ରାଜ୍ୟର ପ୍ରବାସୀମାନଙ୍କୁ ଚିକିତ୍ସା ସୁବିଧା ଯୋଗାଇ ଦେବାକୁ ଦାବି କରିଛନ୍ତି। ଏହାସହିତ କରୋନା ବିରୋଧରେ ଲଢୁଥିବା ସ୍ୱାସ୍ଥ୍ୟକର୍ମୀ, ପୋଲିସ, ସାମାଜିକ ସଙ୍ଗଠନକୁ ସାହାଯ୍ୟ ଓ ସହଯୋଗ କରିବା ସହିତ ସାମାଜିକ ଦୂରତ୍ୱ ରକ୍ଷା କରି ନିରାପତ୍ତାଜନିତ ସମସ୍ତ ସୁରକ୍ଷା ପାଇଁ ଭୋଗରାଇ ଜନସାଧାରଣଙ୍କୁ ବିଧାୟକ ନିବେଦନ କରିଛନ୍ତି। ଅପରପକ୍ଷରେ ଜଗନ୍ନାଥପୁର ଟିଏମ୍‌ସି ସେଣ୍ଟରରେ ୧୨ଜଣ ବ୍ୟକ୍ତି କରୋନା ସଂକ୍ରମିତ ଜଣାପଡିବା ପରେ ସେଠାରେ ୭୨ଘଣ୍ଟିଆ ଶଟ୍‌ଡାଉନ୍ ଘୋଷଣା କରାଯାଇଛି।

### ବାଇକ୍ ଡିକିରୁ ୪୦ ହଜାର ଲୁଟ୍

**ବାସୁଦେବପୁର,୧୯।୬(ଡି.ଏନ୍.ଏ.):** ବାସୁଦେବପୁର ସହରସ୍ଥିତ ବ୍ଲକରୋଡ଼ର ଏକ ଦୋକାନ ସାମ୍ନାରୁ ଜଣେ ବ୍ୟକ୍ତିଙ୍କ ବାଇକ୍ ଡିକି ଖୋଲି ୪୦ ହଜାର ଟଙ୍କା ଓ ଅନ୍ୟ କେତେକ ସାମଗ୍ରୀ ଶୁକ୍ରବାର ଲୁଟ୍ ହୋଇଥିବା ଅଭିଯୋଗ ହୋଇଛି। ରାଧାମୋହନପୁର ଗ୍ରାମର ମହେଶ୍ୱର ପାଣିଗ୍ରାହୀ ଷ୍ଟେଟବ୍ୟାଙ୍କ ଶାଖାରୁ ଏହି ଟଙ୍କା ଉଠାଇ ବାଇକ୍ ଡିକିରେ ରଖି କାନାରା ବ୍ୟାଙ୍କ ନିକଟରେ ଏକ ଦୋକାନକୁ ଯାଇଥିବା ବେଳେ ଏଭଳି ଘଟଣା ଘଟିଛି। ପୋଲିସ ତଦନ୍ତ ଜାରି ରଖିଛି।

# ଭୁଶୁଡ଼ିଥିବା ପୋଲର ସ୍ଥିତି ଦେଖିଲେ ଅଧିକାରୀ

**ବାଲେଶ୍ୱର ଅଫିସ, ୧୯।୬**

■ ଯାତାୟାତ ଲାଗି ୩ହଜାର ଲୋକ ହଇରାଣ
■ ଅଧିକ ବର୍ଷା ହେଲେ ଜଳଘେରରେ ରହିବେ ଅଞ୍ଚଳବାସୀ

ବାଲେଶ୍ୱର ଜିଲା ରେମୁଣା ବ୍ଲକ ଡୁଣ୍ଡୁରା ପଞ୍ଚାୟତରେ କୋଷ୍ଟ କେନାଲ ଉପରେ ଥିବା ୪୫ବର୍ଷର ପୁରୁଣା ପାଦଚଲା ପୋଲ ଗତ ୧୭ ତାରିଖରେ ଭୁଶୁଡ଼ି ପଡ଼ିଥିଲା। ଏହି ପୋଲ ଉପରେ ପ୍ରାୟ ୩ହଜାର ଲୋକ ନିର୍ଭର କରୁଥିବାରୁ ଚଳପ୍ରଚଳ ଏକପ୍ରକାର ଠପ୍ ହୋଇଯାଇଛି। ଏଠାରେ ନୂତନ ପୋଲ ନିର୍ମାଣ ପାଇଁ ଗ୍ରାମବାସୀ ଶୁକ୍ରବାର ପୂର୍ବାହ୍ନ ସମୟରେ ଜିଲାପାଳ କେ. ସୁଦର୍ଶନ ଚକ୍ରବର୍ତ୍ତୀଙ୍କୁ ଭେଟି ଦାବି କରିଥିଲେ। ଜିଲାପାଳଙ୍କ ନିର୍ଦ୍ଦେଶରେ ଜଳସେଚନ ବିଭାଗର ନିର୍ବାହୀଯନ୍ତ୍ରୀ ଅଭିମନ୍ୟୁ ବେହେରା, ସହକାରୀ ଯନ୍ତ୍ରୀ ନିର୍ମଳକାନ୍ତି ଜେନା, କନିଷ୍ଠଯନ୍ତ୍ରୀ ହରେକୃଷ୍ଣ ଧଳ ଘଟଣାସ୍ଥଳରେ ପହଞ୍ଚି ସ୍ଥିତି ଅନୁଧ୍ୟାନ କରିବା ସହ ନୂତନ ପୋଲ ନିର୍ମାଣ ନିମନ୍ତେ ପ୍ରକଳ୍ପ ଆରମ୍ଭ କରିଛନ୍ତି।

ଏହି କୋଷ୍ଟକେନାଲ ପୋଲ ଉପରେ ପଞ୍ଚାୟତର ଖଡ଼ୁପାହି, କଣ୍ଟର୍ଦ୍ଦା, ଦେଉଳବାଡ଼, ଡୁଣ୍ଡୁରାପାହି ୪ଟି ରାଜସ୍ୱ ଗ୍ରାମର ୩ହଜାର ଲୋକ ସହରକୁ ଯା'ଆସ କରିଥାନ୍ତି। ପୋଲର ରକ୍ଷଣାବେକ୍ଷଣ ଅଭାବରୁ ପିଲରଗୁଡ଼ିକ ନଷ୍ଟ ହୋଇଯାଇଥିଲା। ବିପଦସଙ୍କୁଳ ଅବସ୍ଥାରେ ଏହି ପୋଲ ଦେଇ ସ୍କୁଲ ଓ କଲେଜ ଛାତ୍ରୀଛାତ୍ର, ରାଶନ ହିତାଧିକାରୀ, ଭଡ଼ାଧାରୀ, ବ୍ୟାଙ୍କ, ପଞ୍ଚାୟତ କାର୍ଯ୍ୟାଳୟ ଓ ଚାଷଜମିକୁ ଯାତାୟାତ କରୁଥିଲେ। ଗତ ବୁଧବାର ହଠାତ୍ ଉକ୍ତ ପୋଲ ଭୁଶୁଡ଼ିଯାଇଥିଲା। ଫଳରେ ଯାତାୟାତରେ ବ୍ୟାଘାତ ସୃଷ୍ଟି ହୋଇଛି। ଅଧିକ ବର୍ଷା ହେଲେ ୪ଟି ଗ୍ରାମର ଲୋକେ ଜଳଘେରରେ ରହିବା ସହ ସହରଠାରୁ ବିଚ୍ଛିନ୍ନ ହୋଇଯିବେ। ଯଥାଶୀଘ୍ର ପୋଲ ନିର୍ମାଣ ପାଇଁ ଗ୍ରାମବାସୀଙ୍କ ସମେତ ସରପଞ୍ଚ ଅଜୟ ବାରିକ ଦାବି କରିବା ସହ ପ୍ରଥମେ ଅସ୍ଥାୟୀ ପୋଲ ନିର୍ମାଣ କରାଯିବାକୁ ଜିଲାପାଳଙ୍କୁ ଆବେଦନ କରିଛନ୍ତି।

ଏ ସମ୍ପର୍କରେ ଜଳସେଚନ ବିଭାଗର ନିର୍ବାହୀଯନ୍ତ୍ରୀ ବେହେରାଙ୍କୁ ଯୋଗାଯୋଗ କରାଯିବାରୁ ସେ କହିଛନ୍ତି ଭୁଶୁଡ଼ିଥିବା ପୋଲ ମରାମତି କରିବା ସମ୍ଭବ ନୁହେଁ। ଉକ୍ତ କୋଷ୍ଟ କେନାଲ ଉପରେ ନୂତନ ପୋଲ ନିର୍ମାଣ କରାଯିବ। କିନ୍ତୁ ତାଙ୍କ ବିଭାଗ ଠାରେ ଅର୍ଥ ନ ଥିବା କାରଣରୁ ପୂର୍ତ୍ତ ବିଭାଗର ରୁରାଲ ଡେଭେଲପ୍‌ମେଣ୍ଟ ଏବଂ ଡ୍ରେନେଜ୍ ବିଭାଗକୁ ଉକ୍ତ ପୋଲ ନିର୍ମାଣ ପାଇଁ ଜିଲାପାଳଙ୍କ ସହ ଆଲୋଚନା କରିବେ ବୋଲି କହିଛନ୍ତି।


ବିଭାଗୀୟ ଅଧିକାରୀମାନେ ଭୁଶୁଡି ପଡିଥିବା ପୋଲକୁ ଦେଖୁଛନ୍ତି।


ହାତୀ ଭାଙ୍ଗିଥିବା ତାର ବାଡ଼।

# ଉପଦ୍ରବ ଚଳାଇଛନ୍ତି ହାତୀପଲ

**ଚମ୍ପୁଆ, ୧୯।୬(ଡି.ଏନ.ଏ.)**

ଭାଙ୍ଗିଲେ ତାର ବାଡ଼, ନଷ୍ଟ କଲେ କାଜୁ ଓ ଆମ୍ବ ବଗିଚା

ଚମ୍ପୁଆ ସେକ୍ସନରେ ହାତୀପଲଙ୍କ ଉପଦ୍ରବ ଲାଗି ରହିଛି। ଦିନସାରା ଜଙ୍ଗଲ ଭିତରେ ରହୁଥିବା ଏହି ହାତୀପଲ ରାତିବେଳେ ଜଙ୍ଗଲରୁ ବାହାରି ଧାନ ଚାଷଠାରୁ ଆରମ୍ଭ କରି ପରିବା ଚାଷକୁ ନଷ୍ଟ କରିପକାଉଛନ୍ତି। ଯେତିକି ଖାଉଛନ୍ତି, ତାଠୁ ଅଧିକ ଦଳଚକଟି ନଷ୍ଟ କରିପକାଉଛନ୍ତି। ବନ ବିଭାଗ ହାତୀ ପଲ ଉପରେ ନଜର ରଖିଥଲେ ମଧ ଘଉଡାଇବାରେ ସଫଳ ହୋଇପାରୁନାହିଁ। ହାତୀ ପଲ ମୁକୁନ୍ଦପୁର ଅଞ୍ଚଳରେ ମାନସିଂ ମୁଣ୍ଡା(କ), ମାନସିଂ ମୁଣ୍ଡା(ଖ), ସିଂରାୟ ମୁଣ୍ଡା, ମନଚଲିଆ ମୁଣ୍ଡା ଓ ଚତୁର୍ଭୁଜ ବେହେରାଙ୍କ ଆମ୍ବ ବଗିଚା ଓ କାଜୁ ବଗିଚାକୁ ନଷ୍ଟ କରି ପକାଇଛନ୍ତି। ଗତ ୨୦୧୯-୨୦ ବର୍ଷରେ ଦୁଇ ଏକର ଜାଗା ଉପରେ ଏହି ଆମ୍ବ ଓ କାଜୁ ଗଛ ଲଗାଯାଇ ସୁରକ୍ଷା ଦୃଷ୍ଟିରୁ ସିମେଣ୍ଟ ଖୁଣ୍ଟ ପୋତାଯିବା ସହ ତାର ବାଡ ଦିଆଯାଇଥିଲା। ମାତ୍ର ଏହି ହାତୀ ପଲ ଗତରାତିରେ ଉକ୍ତ ଅଞ୍ଚଳରେ ପ୍ରବେଶ କରି ତାର ବାଡକୁ ନଷ୍ଟ କରିବା ସହିତ ଗଛଗୁଡିକୁ ମଧ ଭାଙ୍ଗି ପକାଇଛନ୍ତି।

# ଘର ଘର ବୁଲି ସର୍ଭେ ଆରମ୍ଭ

**ବାଲେଶ୍ୱର ଅଫିସ, ୧୯।୬**

କରୋନା ମହାମାରୀକୁ ନିୟନ୍ତ୍ରଣ ଓ ପରିଚାଳନାକୁ ବିକେନ୍ଦ୍ରୀକରଣ କରିବା ପାଇଁ ରାଜ୍ୟ ସରକାରଙ୍କ ନିର୍ଦ୍ଦେଶରେ ସହର ଓ ଗାଁ ସବୁଠି ୱାର୍ଡସ୍ତରୀୟ କମିଟି ଗଠନ କରାଯାଇଛି। କମିଟିରେ ୱାର୍ଡସ୍ତରୀୟ ପ୍ରତିନିଧିଙ୍କ ସମେତ ଆଶା କର୍ମୀ, ଅଙ୍ଗନୱାଡି କର୍ମୀ, ଏଏନ୍ଏମ୍ ଓ ଏସ୍ଏଚ୍‌ଜିର ସଦସ୍ୟା ରହିବେ। ଏହି କମିଟିକୁ ସ୍ୱତନ୍ତ୍ର କ୍ଷମତା ଦିଆଯାଇଛି। ଗାଁ କଲ୍ୟାଣ ସମିତି, କୋଭିଡ୍ ପରିଚାଳନା କମିଟି ଏହାର ଦାୟିତ୍ୱ ନିର୍ବାହ କରିବେ। ପ୍ରତି କମିଟିକୁ ୧୦ହଜାର ଟଙ୍କା ପର୍ଯ୍ୟନ୍ତ ଖର୍ଚ୍ଚ କରିବାର କ୍ଷମତା ଦିଆଯାଇଛି। କୋଭିଡ୍ କେୟାରହୋମ୍ ଓ ଟିଏମ୍‌ସି ଦାୟିତ୍ୱ ପୂର୍ବଭଳି ସରପଞ୍ଚଙ୍କ ଉପରେ ନ୍ୟସ୍ତ ରହିବ ଏବଂ ସେଥିପାଇଁ ଆର୍ଥିକ ଓ ପ୍ରଶାସନିକ କ୍ଷମତା ମିଳିଛି। ସହରାଞ୍ଚଳରେ ୱାର୍ଡକମିଟିଗୁଡ଼ିକ ୱାର୍ଡ ଅଫିସରଙ୍କ ଦ୍ୱାରା ପରିଚାଳିତ ହେବା ଏବଂ ଏଥିରେ ସ୍ଥାନୀୟ ଲୋକେ, ସ୍ୱେଚ୍ଛାସେବୀମାନେ ରହିଥିବା ବେଳେ କରୋନା ମହାମାରୀ ସମ୍ପର୍କରେ ସଚେତନତା ସୃଷ୍ଟି ଆରମ୍ଭ ହୋଇଛି।

ଏହି ପରିପ୍ରେକ୍ଷୀରେ ବାଲେଶ୍ୱର ଜିଲାରେ ଏଏନ୍ଏମ୍, ଆଶାକର୍ମୀ, ଅଙ୍ଗନୱାଡିକର୍ମୀ, ଏସ୍ଏଚ୍‌ଜିର ସଦସ୍ୟା ମିଳିତ ଭାବେ ଗୁରୁବାରଠାରୁ ଘରକୁ ଘର ବୁଲି ସର୍ଭେ କାର୍ଯ୍ୟ ଆରମ୍ଭ କରିଛନ୍ତି। ପରିବାରର ଗୁରୁତର ରୋଗୀଙ୍କଠାରୁ ଆରମ୍ଭ କରି ଥଣ୍ଡା, କାଶ ଓ ଜ୍ୱର ରୋଗୀଙ୍କୁ ଚିହ୍ନଟ କରିବା ସହ ଆବଶ୍ୟକ ପରାମର୍ଶ ଓ ଚିକିତ୍ସା ବ୍ୟବସ୍ଥା ଆରମ୍ଭ ହୋଇଛି। ବୟସ୍କ ବ୍ୟକ୍ତି ଓ ୧୦ବର୍ଷରୁ କମ୍ ପିଲାଙ୍କ ସ୍ୱତନ୍ତ୍ର ଯତ୍ନ ନେବା ପାଇଁ ଉକ୍ତ ଟିମ୍ ପରାମର୍ଶ ଦେଉଥିବା ଜଣାପଡ଼ିଛି।


ୱାର୍ଡସ୍ତରୀୟ କମିଟି ପକ୍ଷରୁ ସର୍ଭେ କରାଯାଉଛି।

# ୨ ଜିଲାରେ ଆଉ ୨୪ କରୋନା ଆକ୍ରାନ୍ତ ଚିହ୍ନଟ

**ବାଲେଶ୍ୱର ଅଫିସ/ ବାହାନଗା/ବାରିପଦା ଅଫିସ, ୧୯।୬(ଡି.ଏନ.ଏ.)**

ଉତ୍ତର ଓଡ଼ିଶାର ବାଲେଶ୍ୱର ଓ ମୟୂରଭଞ୍ଜ ଜିଲାରେ ଶୁକ୍ରବାର ଆଉ ୨୪ କରୋନା ପଜିଟିଭ୍ ଚିହ୍ନଟ ହୋଇଛନ୍ତି। ବାଲେଶ୍ୱର ଜିଲାରେ ୨୧ ନୂଆ ଆକ୍ରାନ୍ତ ଚିହ୍ନଟ ପରେ ମୋଟ୍ ସଂକ୍ରମିତଙ୍କ ସଂଖ୍ୟା ୨୭୭ରେ ପହଞ୍ଚିଛି। ୧୯ କ୍ୱାରାଣ୍ଟାଇନ୍ ସେଣ୍ଟରର ଓ ଅନ୍ୟ ୨ ଆକ୍ରାନ୍ତ ହୋମ୍ କ୍ୱାରାଣ୍ଟାଇନ୍‌ରେ ଥିଲେ। ସେଥିମଧ୍ୟରୁ ବାହାନଗା ବ୍ଲକର ୧୪ ଆକ୍ରାନ୍ତ ଅଛନ୍ତି। ଏହି ବ୍ଲକରେ ସମୁଦାୟ ୫୨ ଆକ୍ରାନ୍ତ ଚିହ୍ନଟ ହେଲେଣି। ୧୦ଜଣ ନୂଆଦିଲ୍ଲୀ, ୫ ମହାରାଷ୍ଟ୍ର, ୨ ଜଣ କର୍ଣ୍ଣାଟକ, ପଶ୍ଚିମବଙ୍ଗ-ତେଲଙ୍ଗାନାରୁ ଜଣେ ଲେଖାଏଁ ଫେରିଥିବା ସୂଚନା ମିଳିଛି। ଶୁକ୍ରବାର ପୁଣି ୫ଜଣ କରୋନା ଆକ୍ରାନ୍ତ ସୁସ୍ଥ ହୋଇଛନ୍ତି। ଏହାକୁ ମିଶାଇ ମୋଟ୍ ସୁସ୍ଥ ସଂଖ୍ୟା ୧୯୫ରେ ପହଞ୍ଚିଛି। ସେହିପରି ମୟୂରଭଞ୍ଜ ଜିଲାରେ ୩ ନୂଆ ଆକ୍ରାନ୍ତ ଚିହ୍ନଟ ଫଳରେ ମୋଟ ଆକ୍ରାନ୍ତଙ୍କ ସଂଖ୍ୟା ୧୨୯କୁ ବୃଦ୍ଧି ପାଇଛି। କରଞ୍ଜିଆ ବ୍ଲକ ଅଞ୍ଚଳରୁ ଜଣେ ଓ ବାଙ୍ଗିରିପୋଷି ବ୍ଲକରୁ ୨ ଜଣ ଚିହ୍ନଟ ହୋଇଛନ୍ତି। ୨ ଜଣ ତାମିଲନାଡୁ ଓ ଜଣେ ପଶ୍ଚିମବଙ୍ଗ ଫେରନ୍ତା ବୋଲି ଜିଲା ପ୍ରଶାସନ ସୂଚନା ଦେଇଛି। ଆକ୍ରାନ୍ତଙ୍କ ମଧ୍ୟରୁ ୮୧ ଜଣ ସୁସ୍ଥ ହୋଇଥିବା ବେଳେ ୪୮ ଜଣ ବର୍ତ୍ତମାନ ଚିକିତ୍ସାଧିନ ରହିଛନ୍ତି।



# ଶହୀଦଙ୍କୁ ମୁସଲିମ ଜମାତ ପକ୍ଷରୁ ଶ୍ରଦ୍ଧାଞ୍ଜଳି



ଶହୀଦ ଯବାନଙ୍କ ଉଦ୍ଦେଶ୍ୟରେ ବାହାରିଥିବା କ୍ୟାଣ୍ଡେଲ ଶୋଭାଯାତ୍ରା।

**ଭଦ୍ରକ ଅଫିସ, ୧୯।୬**

ଶହୀଦ ହୋଇଥିବା ୨୦ ଅମର ଯବାନଙ୍କ ପ୍ରତି ଗଭୀର ଶ୍ରଦ୍ଧାଞ୍ଜଳି ଅର୍ପଣ କରିଛି ଭଦ୍ରକ ମୁସଲିମ ଜମାତ। ଶହୀଦଙ୍କ ସ୍ମୃତିରେ ଏକ ମହମବତୀ ଶୋଭାଯାତ୍ରା ଜମାତର ସଭାପତି ହାଜି ମହମ୍ମଦ ଅବଦୁଲ ବାରୀଙ୍କ ନେତୃତ୍ୱରେ ବାହାରି ମଦିନା ମଇଦାନଠାରେ ପହଞ୍ଚିଥିଲା। ଉପସ୍ଥିତ ଶତାଧିକ ଜମାତର ସଦସ୍ୟ ଶହୀଦଙ୍କ ପ୍ରତି ଶ୍ରଦ୍ଧାଞ୍ଜଳି ଅର୍ପଣ କରିଥିଲେ। ଏହି କାର୍ଯ୍ୟକ୍ରମରେ ଜମାତର ଯୁଗ୍ମ ସମ୍ପାଦକ ଅବଦୁଲ ମୁକିତ ଖାଁ, ଶେଖ ସିରାଜୁଦ୍ଦିନ, ହାଜୀ କାଶିମ ଖାନ, ଆଇନଜୀବୀ ଜୁଲଫୁକର ଅଲ୍ଲୀ, ଅସରଫ ଅଲ୍ଲୀ, ସଇଦ ସାହା, କୟୁମ ସାହା, ଫିପଜୁର ଖାଁ, ଇଂ.ମୁକ୍ତିଆର ଅହେମଦ ରସିଦ, ମିଡ଼ିଆ ସେଲ ସଂଯୋଜକ ଶେଖ ଅନାର, ମିର୍ଜା ଇକ୍ରାମ ବେଗ, ଶେଖ ଅବୁ କଲାମ, ମୁସ୍ତାକ ଗୀହର, ସଏଫ ଅଲ୍ଲୀ ଓ ଅନାର କୋରେସିଙ୍କ ସମେତ ଶତାଧିକ ଜମାତ ସଦସ୍ୟ ଯୋଗ ଦେଇଥିଲେ।

# ମୃତ ଚାଷୀଙ୍କ ପରିବାରଙ୍କୁ ମିଳିଲା ବୀମା

**ଖଇରା, ୧୯।୬ (ଡି.ଏନ.ଏ.)**

ବାଲେଶ୍ୱର ଜିଲା ଖଇରା ବ୍ଲକ ଅଧୀନ ହରିପୁର ଓ କନ୍ଧଡା ଗ୍ରାମରେ ମୃତ୍ୟୁବରଣ କରିଥିବା ୨ଚାଷୀଙ୍କ ପରିବାରକୁ ଶୁକ୍ରବାର ବୀମା ଅର୍ଥ ପ୍ରଦାନ କରାଯାଇଛି। ବାଲେଶ୍ୱର ଭଦ୍ରକ କେନ୍ଦ୍ରୀୟ ସମବାୟ ବ୍ୟାଙ୍କ ପରିସରରେ ଶାଖା ପରିଚାଳକ ସଞ୍ଜୟ କୁମାର ମହାନ୍ତିଙ୍କ ପୌରୋହିତ୍ୟରେ ଆୟୋଜିତ ସଭାରେ ବାଲେଶ୍ୱର-ଭଦ୍ରକ କେନ୍ଦ୍ରୀୟ ସମବାୟ ବ୍ୟାଙ୍କ ପରିଚାଳନା ବୋର୍ଡ ସଭାପତି ରଘୁନାଥ ଲେଙ୍କା, ପ୍ରଶାସକ ତଥା ସହକାରୀ ନିବନ୍ଧକ ସନ୍ତୋଷ କୁମାର ଦାଶ, ନିର୍ଦ୍ଦେଶିକା ଅସ୍ମିତା ନାୟକ ପ୍ରମୁଖ ଅତିଥି ଭାବେ ଯୋଗଦେଇଥିଲେ। ଏହି ଅବସରରେ କନ୍ଧଡା ଗ୍ରାମର ମୃତ ଚାଷୀ ଜଗବନ୍ଧୁ ବେହେରାଙ୍କ ପତ୍ନୀ ସତ୍ୟଭାମା ବେହେରା ଏବଂ ହରିପୁର ଗ୍ରାମର ସ୍ୱର୍ଗତ ମହେନ୍ଦ୍ର ଦାଶଙ୍କ ପତ୍ନୀ ରମାମଣି ଦାଶଙ୍କୁ ବୀମା ଅର୍ଥ ବାବଦକୁ ୫ଲକ୍ଷ ଲେଖାଏଁ ଟଙ୍କାର ଚେକ ପ୍ରଦାନ କରାଯାଇଥିଲା। ହରିପୁର ସେବା ସମବାୟ ସମିତି ସମ୍ପାଦକ ରଞ୍ଜନ କୁମାର ରାଉତ, ଓସଙ୍ଗ ସେବା ସମବାୟ ସମିତିର ସମ୍ପାଦକ ହରନାରାୟଣ ଦାସ, ସହ ସମ୍ପାଦକ ଅକ୍ଷୟ କୁମାର ମହାନ୍ତି, ଓସଙ୍ଗ ବୋର୍ଡର ପୂର୍ବତନ ସଭାପତି ନରେଶ କର ପ୍ରମୁଖ ଉପସ୍ଥିତ ଥିଲେ।


ମୃତ ଚାଷୀଙ୍କ ସ୍ତ୍ରୀକୁ ସହାୟତା ପ୍ରଦାନ କରାଯାଉଛି।

# ୨ଲକ୍ଷ ଟଙ୍କାର ଗଞ୍ଜେଇ ଜବତ, ୨ ଗିରଫ

**ବାଲେଶ୍ୱର ଅଫିସ, ୧୯।୬**

ବାଲେଶ୍ୱର ଜିଲା ଅବକାରୀ ବିଭାଗ ଭ୍ରାମ୍ୟମାଣ ଥାନା ପକ୍ଷରୁ ସିମୁଳିଆ ବ୍ଲକ ମଇଦାପୁର ଛକରେ ଶୁକ୍ରବାର ଚଢ଼ାଉ କରାଯାଇଥିଲା। ଚଢ଼ାଉରେ ୩୦ କିଲୋ ଗଞ୍ଜେଇ ଜବତ ହେବ ସହ ୨ଜଣ ଅଭିଯୁକ୍ତଙ୍କୁ ଗିରଫ କରାଯାଇଥିବା ଜିଲା ଅବକାରୀ ଅଧୀକ୍ଷକ ବିବେକାନନ୍ଦ ନାୟକ ପ୍ରକାଶ କରିଛନ୍ତି।

ପଶ୍ଚିମବଙ୍ଗ ଦକ୍ଷିଣ ଚବିଶପ୍ରଗଣା ଅଞ୍ଚଳର ବିଶାଲ ରଏ (୨୧) ଓ ପୁଦିନ ଶଙ୍କର ତିୱାରୀ (୨୩) ଏକ ବସ୍ତାରେ ୩୦କିଲୋ ଗଞ୍ଜେଇ ଧରି ମଇଦାପୁର ଛକରୁ ବାଲେଶ୍ୱର ଅଭିମୁଖେ ଆସିବା ପାଇଁ ବସ୍‌ଷ୍ଟାଣ୍ଡରେ ଅପେକ୍ଷା କରିଥିଲେ। ଏହି ସମୟରେ ଜିଲା ଅବକାରୀ ବିଭାଗ ଭ୍ରାମ୍ୟମାଣ ଥାନା ଆଇଆଇସି ଗାଲୁରାମ ସୋରେନ ଏକ ଟିମ୍ ସହ ଚଢ଼ାଉ କରି ଦୁଇଜଣଙ୍କୁ ଗିରଫ କରିବା ସହ ସେମାନଙ୍କ ନିକଟରୁ ଉକ୍ତ ଗଞ୍ଜେଇ ଜବତ କରିଥିଲେ। ଯାହାର ଆନୁମାନିକ ମୂଲ୍ୟ ୨ଲକ୍ଷ ୪୦ହଜାର ହେବ ବୋଲି ଜଣାପଡ଼ିଛି। ଏନେଇ ଜିଲା ଅବକାରୀ ବିଭାଗ ଭ୍ରାମ୍ୟମାଣ ଥାନାରେ ମାମଲା (ନଂ. ୩୨/୨୦୨୦-୨୧) ରୁଜୁ କରାଯାଇ ୨ଅଭିଯୁକ୍ତଙ୍କୁ କୋର୍ଟଚାଲାଣ କରାଯାଇଛି। ମିଳିଥିବା ସୂଚନାନୁସାରେ, ଭୁବନେଶ୍ୱର, ଭଦ୍ରକ, ଯାଜପୁର, ବାଲେଶ୍ୱର ଓ ପଶ୍ଚିମବଙ୍ଗର ବିଭିନ୍ନ ଅଞ୍ଚଳରେ ଥିବା ଖୁଚୁରା ବେପାରୀଙ୍କୁ ଉଭୟ ଯୁବକ ଏକ ବର୍ଷ ଧରି ଗଞ୍ଜେଇ ଯୋଗାଇ ଆସୁଛନ୍ତି।


ଗଞ୍ଜେଇ ସହ ଗିରଫ ୨ ଅଭିଯୁକ୍ତ।

# ପ୍ରାକୃତିକ ବିପର୍ଯ୍ୟୟ ମୁକାବିଲା ଲାଗି ଜିଲାସ୍ତରୀୟ ମକ୍‌ଡ୍ରିଲ




**କେନ୍ଦୁଝର, ୧୯।୬(ଡି.ଏନ.ଏ./ସ୍ୱ.ପ୍ର.)**

ବନ୍ୟା ବାତ୍ୟା ଆଦି ପ୍ରାକୃତିକ ବିପର୍ଯ୍ୟୟର ମୁକାବିଲା ଲାଗି ଜିଲାସ୍ତରୀୟ ବାର୍ଷିକ ମକ୍‌ଡ୍ରିଲ୍ ଶୁକ୍ରବାର ଜିଲା ସଦର ମହକୁମାରେ ଅନୁଷ୍ଠିତ ହୋଇଯାଇଛି। ଏହି ଅବସରରେ ଜିଲାପାଳଙ୍କ କାର୍ଯ୍ୟାଳୟ ପରିସରରେ ଅତିରିକ୍ତ ଜିଲାପାଳ ଭକ୍ତଚରଣ ପ୍ରଧାନ ମକ୍‌ଡ୍ରିଲ୍‌କୁ ଶୁଭାରମ୍ଭ କରିଥିଲେ। ଏକ ବାର୍ତ୍ତାରେ ଅତିରିକ୍ତ ଜିଲାପାଳ ପ୍ରଧାନ କହିଥିଲେ ଯେ, ପ୍ରତ୍ୟେକ ବ୍ୟକ୍ତି ପ୍ରାକୃତିକ ବିପର୍ଯ୍ୟୟର ମୁକାବିଲା ପାଇଁ ଆବଶ୍ୟକ କୌଶଳ ସମ୍ପର୍କରେ ସଚେତନ ହେଲେ ପ୍ରାକୃତିକ ବିପର୍ଯ୍ୟୟ ପ୍ରଶମନ ହୋଇପାରିବ ଏବଂ ଧନଜୀବନକୁ ସୁରକ୍ଷା ଦେଇ ହେବ। ସହକାରୀ ଅଗ୍ନିଶମ ଅଧିକାରୀ ଶଶାଙ୍କ ଶେଖର ମହାପାତ୍ର ପ୍ରାକୃତିକ ବିପର୍ଯ୍ୟୟ ବେଳେ ଅଗ୍ନିଶମ ବିଭାଗ ତରଫରୁ କିପରି ପଦକ୍ଷେପ ନିଆଯାଇଥାଏ ସେ ସମ୍ପର୍କରେ ଅବଗତ କରାଇଥିଲେ। କେନ୍ଦୁଝର ଉପଜିଲାପାଳ ରାମଚନ୍ଦ୍ର କିସ୍କୁ, ଆପତ୍ତକାଳୀନ ବିଭାଗର ଡେପୁଟି କଲେକ୍ଟର ସୁରଞ୍ଜିକା ବେହେରା, ଜିଲା ସୂଚନା ଓ ଲୋକ ସମ୍ପର୍କ ଅଧିକାରୀ ସଞ୍ଜୀବ ବାରିକଙ୍କ ସମେତ ଜିଲା କାର୍ଯ୍ୟାଳୟର ବିଭିନ୍ନ ବିଭାଗୀୟ ଅଧିକାରୀ/କର୍ମଚାରୀ ଏହି କାର୍ଯ୍ୟକ୍ରମରେ ଉପସ୍ଥିତ ଥିଲେ। ଜିଲା ରେଡ୍‌କ୍ରସ୍ ଶାଖାର ଯୁଗ୍ମ ସମ୍ପାଦକ ତଥା ଜାତୀୟ ବିପର୍ଯ୍ୟୟ ପ୍ରଶମନ ମାଷ୍ଟର ଟ୍ରେନର୍ ଏ.ଆର୍. ଖାନ୍ କାର୍ଯ୍ୟକ୍ରମର ସଂଯୋଜନା କରିଥିଲେ। ଜିଲାପାଳଙ୍କ କାର୍ଯ୍ୟାଳୟ ପରିସରରେ ଅଗ୍ନିଶମ ବିଭାଗ ତରଫରୁ ପ୍ରାକୃତିକ ବିପର୍ଯ୍ୟୟ ବେଳେ ଉଦ୍ଧାର କାର୍ଯ୍ୟ,ଆସ୍କା ଲାଇଟ୍‌ର ବ୍ୟବହାର, ହାଇଡ୍ରୋଲିକ୍ ଯନ୍ତ୍ର ଦ୍ୱାରା ରାସ୍ତାକୁ ଗମନାଗମନ ଉପଯୋଗୀ କରିବା, ପାୱାର ବୋଟ୍ ଓ ଜୀବନ ରକ୍ଷାକାରୀ ଜ୍ୟାକେଟ୍‌ର ବ୍ୟବହାର ସମ୍ପର୍କରେ ମକ୍‌ଡ୍ରିଲରେ ପ୍ରଦର୍ଶନ କରାଯାଇଥିଲା। ଏତଦ୍‌ବ୍ୟତୀତ କରୋନା ଭୂତାଣୁ ସଂକ୍ରମଣ ରୋକିବା ପାଇ କିପରି ସାନିଟାଇଜ୍ କରାଯାଉଛି ସେ ସମ୍ପର୍କରେ ନମୁନା ପ୍ରଦର୍ଶନ କରାଯାଇଥିଲା।

# ମାଛ ଧରିବାକୁ ଯାଇ ନାବାଳକ ମୃତ

**ଖଇରା, ୧୯।୬(ଡି.ଏନ.ଏ.)**

ବାଲେଶ୍ୱର ଜିଲା ଖଇରା ଥାନା ସାରକୋଣା ଗ୍ରାମ ପଞ୍ଚାୟତ ଅଧୀନ ଝିଙ୍କିରିଆ ଗ୍ରାମର ଜଣେ ନାବାଳକ ମାଛ ଧରିବାକୁ ଯାଇ ପୋଖରୀରେ ବୁଡି ପ୍ରାଣ ହରାଇଛନ୍ତି। ସକାଳେ ଗ୍ରାମ ପୋଖରୀରେ ଅଧିକାଂଶ ଗ୍ରାମବାସୀ ମାଛ ଧରୁଥିଲେ। ଆନନ୍ଦ ଦାସଙ୍କ ୯ବର୍ଷର ପୁଅ ଦୀପକ କୂଳରେ ବସି ମାଛ ଧରା ଦେଖୁ ଦେଖୁ ପାଣି ଭିତରେ ବୁଡି ଯାଇଥିଲେ। କିଛି ସମୟ ପରେ ଦୀପକଙ୍କ ଶରୀର ପାଣିରେ ଭାସିବା ପରେ ତାଙ୍କୁ ଖଇରା ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରକୁ ଅଣାଯାଇଥିଲା। ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ।

# ୩୦୫୪.୬୯ କୋଟି ଋଣ ଯୋଗାଣ ଲକ୍ଷ୍ୟ

**ବାରିପଦା ଅଫିସ,୧୯।୬**

## ଜିଲାସ୍ତରୀୟ ପରାମର୍ଶଦାତା କମିଟି ବୈଠକ

ମୟୂରଭଞ୍ଜ ଜିଲା ଅଗ୍ରଣୀ ବ୍ୟାଙ୍କ୍ ତରଫରୁ ୧୭୬ତମ ଜିଲାସ୍ତରୀୟ ପରାମର୍ଶଦାତା କମିଟି ବୈଠକ ଶୁକ୍ରବାର ଅନୁଷ୍ଠିତ ହୋଇଯାଇଛି। ଅତିରିକ୍ତ ଜିଲାପାଳ ସ୍ୱଧା ଦେବୀ ସିଂହଙ୍କ ଅଧକ୍ଷତାରେ ଅନୁଷ୍ଠିତ ହୋଇଥିବା ଏହି ବୈଠକରେ ୨୦୨୦-୨୧ ଆର୍ଥିକ ବର୍ଷ ଋଣ ଯୋଜନାରେ କୃଷି, କ୍ଷୁଦ୍ର ଏବଂ ମଧ୍ୟମ ଶିଳ୍ପ, ଗୃହ, ଶିକ୍ଷା, ଆଦି ବିଭିନ୍ନ କ୍ଷେତ୍ରରେ ଜିଲା ପାଇଁ ମୋଟ ୩୦୫୪.୬୯ କୋଟି ଋଣ ଯୋଗାଣ ଲକ୍ଷ୍ୟ ଧାର୍ଯ୍ୟ କରାଯାଇଥିବା ନେଇ ସୂଚନା ଦିଆଯାଇଥିଲା। ବର୍ତ୍ତମାନ ମହାମାରୀ କରୋନା ପାଇଁ ଜିଲାର ବହୁ ପ୍ରବାସୀ ଗ୍ରାମକୁ ଫେରିଛନ୍ତି, ସେମାନେ ଯଦି ଚାହିଁବେ କୌଣସି ଚାଷ କାର୍ଯ୍ୟ ଓ ବ୍ୟବସାୟ ନିମନ୍ତେ ବ୍ୟାଙ୍କ୍ ଋଣ ଯୋଗାଇଦେବା ପାଇଁ ଅତରିକ୍ତ ଜିଲାପାଳ ଗୁରୁତ୍ୱାରୋପ କରିଥିଲେ। ମହିଳାମାନଙ୍କୁ ସ୍ୱାବଲମ୍ବୀ କରିବା ପାଇଁ ଜିଲାର ବିଭିନ୍ନ ସ୍ୱୟଂ ସହାୟିକା ଗୋଷ୍ଠୀକୁ ଋଣ ପ୍ରଦାନ କରିବା ନିମନ୍ତେ ଅଗ୍ରଣୀ ବ୍ୟାଙ୍କର ମୁଖ୍ୟ ପ୍ରବନ୍ଧକ ଦିଲ୍ଲୀପ କୁମାର ସାହୁ ଗୁରୁତ୍ୱ ଦେଇଥିଲେ। ଓମଫେଡ଼ ଏବଂ ମତ୍ସ୍ୟ ବିଭାଗର ସହାୟତାରେ ଦୁଗ୍ଧ ଚାଷୀ ଓ ଏବଂ ମାଛ ଚାଷୀମାନଙ୍କୁ କିଶାନ କ୍ରେଡିଟକାର୍ଡରେ ଅନ୍ତର୍ଭୁକ୍ତ କରିବା ପାଇଁ ବୈଠକରେ ଆଲୋଚନା ହୋଇଥିଲା। ଏହି ଅବସରରେ ଅତିରିକ୍ତ ଜିଲାପାଳ ଦେବୀ ସିଂହ ୨୦୨୦-୨୧ ଆର୍ଥିକ ବର୍ଷର ଋଣ ଯୋଜନା ପୁସ୍ତକକୁ ଉନ୍ମୋଚନ କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ଏହି ବୈଠକରେ ନାବାର୍ଡ଼ର ଅଧିକାରୀ, ଲାଇନ ବିଭାଗର ଅଧିକାରୀମାନେ ଉପସ୍ଥିତ ଥିଲେ।


ଅତିଥିମାନେ ଋଣ ଯୋଜନା ପୁସ୍ତକକୁ ଉନ୍ମୋଚନ କରୁଛନ୍ତି।

## ସଂକ୍ଷେପରେ

### ୪ ପୋଲିସ କର୍ମଚାରୀଙ୍କୁ କରୋନା

**ଛତ୍ରପୁର,୧୯।୬(ଡି.ଏନ.ଏ.):** ଗଞ୍ଜାମ ପୋଲିସ ଜିଲା ଅଧୀନ ଶେରଗଡ଼ ଥାନାର ୪ ପୋଲିସ କର୍ମଚାରୀ କରୋନାରେ ଆକ୍ରାନ୍ତ ହୋଇଥିବା ନେଇ ଶୁକ୍ରବାର ଗଞ୍ଜାମ ଏସ୍‌ପି ବ୍ରିଜେଶ କୁମାର ରଏ ଟୁଇଟ କରି ସୂଚନା ଦେଇଛନ୍ତି। ଏସ୍‌ପି ଏହି କୋଭିଡ୍ ଯୋଦ୍ଧାମାନଙ୍କ ଆଶୁ ଆରୋଗ୍ୟ କାମନା କରିଛନ୍ତି। ସୂଚନାଯୋଗ୍ୟ, ଏହାପୂର୍ବରୁ ଛତ୍ରପୁର ଏସ୍‌ଡିପିଓ ଓ ଥାନା ଆଇଆଇସି, ପୋଲସରା ଥାନାର୨ ହୋମଗାର୍ଡ, ଖଲ୍ଲିକୋଟ ଥାନା ଓ ହୁମା ଫାଣ୍ଡି ଅଞ୍ଚଳରେ ପାଟ୍ରୋଲିଂ କରୁଥିବା ଓଏସଏସଏଫ ଯବାନ ପଜିଟିଭ ଚିହ୍ନଟ ହୋଇଥିଲେ।

### କେନାଲରୁ ମହିଳାଙ୍କ ମୃତଦେହ ଉଦ୍ଧାର

**ଭଞ୍ଜନଗର,୧୯।୬(ଡି.ଏନ.ଏ.):** ଭଞ୍ଜନଗର କୁଲାଡ଼ ରାସ୍ତା ବରଙ୍ଗ ନାଳରୁ ଶୁକ୍ରବାର ଅପରାହ୍ନରେ ଜଣେ ମହିଳାଙ୍କ ମୃତଦେହ ଉଦ୍ଧାର କରିଛି ପୋଲିସ। ସେହେଲେ ଭେଜିପୁଟର ଅନିତା ସ୍ୱାଇଁ (୩୮)। ମୃତଦେହ ଜବତ କରିବା ସହ ଏକ ଅପମୃତ୍ୟୁ ମାମଲା (ନଂ.୩୭/୨୦) ରୁଜୁକରି ପୋଲିସ ବ୍ୟବଚ୍ଛେଦ ପାଇଁ ସ୍ଥାନୀୟ ହସ୍‌ପିଟାଲକୁ ପଠାଯାଇଛି। ଅନିତା ମାନସିକ ବିକାରଗ୍ରସ୍ତ ହୋଇଥିବାବେଳେ କିଛିଦିନ ହେଲା ବ୍ଲକ ଛକ କୃଷି ବିଭାଗ କାର୍ଯ୍ୟାଳୟ ବାରଣ୍ଡାରେ ରହୁଥିଲେ। ଲକ୍‌ଡ଼ାଉନ ଯୋଗୁ ହଇରାଣ ହେଉଥିବାରୁ ଗତ ମାସରେ ତାଙ୍କର ୫ ବର୍ଷର ଝିଅକୁ ପ୍ରଶାସନ ନେଇ ଧରାକୋଟ ଅନାଥ ଆଶ୍ରମରେ ଛାଡ଼ିଥିଲା।

### ପୋଖରୀରୁ ନାବାଳିକାଙ୍କ ମୃତଦେହ ଉଦ୍ଧାର

**ପାଟପୁର,୧୯।୬:** ସାନଖେମୁଣ୍ଡି ବ୍ଲକ ଗୌତମୀ ପଞ୍ଚାୟତ ଦେଉଳପେଡି ଗ୍ରାମ ପୋଖରୀରୁ ଶୁକ୍ରବାର ସକାଳେ ଜଣେ ନାବାଳିକାଙ୍କ ମୃତଦେହ ଉଦ୍ଧାର ହୋଇଛି। ସେ ହେଲେ ଦେଉଳପେଡ଼ିର ନୀଳାଞ୍ଚଳ ବେହେରାଙ୍କ ଝିଅ ଶାଲିନି (୭)। ଶାଲିନି ସକାଳ ୬ ଟାରେ ପୋଖରୀକୁ ଶୌଚ ପାଇଁ ଯାଇଥିବା ବେଳେ ଗୋଡ ଖସିଯିବାରୁ ବୁଡି ଯାଇଥିଲେ। ପାଖରେ ଗାଧୋଉଥିବା ଲୋକମାନେ ତାଙ୍କୁ ଉଦ୍ଧାର କରି ବ୍ରହ୍ମପୁର ବଡ଼ ମେଡିକାଲରେ ଭର୍ତ୍ତି କରିଥିଲେ। ସେଠାରେ ଡାକ୍ତର ଶାଲିନୀଙ୍କୁ ମୃତ ଘୋଷଣା କରିଥିଲେ। ପାଟପୁର ପୋଲିସ ପହଞ୍ଚି ମୃତଦେହ ଜବତ କରି ଏକ ଅପମୃତ୍ୟୁ ମାମଲା (ନଂ.୧୩/୨୦) ରୁଜୁ କରି ବ୍ୟବଚ୍ଛେଦ ପାଇଁ ପଠାଇଛି।

### ଗୋଟିଏ ଦିନରେ ମିଳିଲା ଜମିପଟ୍ଟା

**ପୁରୁଷୋତ୍ତମପୁର,୧୯।୬(ଡି.ଏନ୍.ଏ.):** ୭ଦିନ ମଧ୍ୟରେ ଜମିପଟ୍ଟା ପ୍ରଦାନ ପାଇଁ ସରକାର ନୂତନ ନିୟମ ପ୍ରଣୟନ କରିଛନ୍ତି। ମାତ୍ର ପୁରୁଷୋତ୍ତମପୁର ତହସିଲ ପକ୍ଷରୁ ହିତାଧିକାରୀଙ୍କୁ ଗୋଟିଏ ଦିନରେ ପଟ୍ଟା ପ୍ରଦାନ କରାଯାଇଛି। ପୁରୁଷୋତ୍ତମପୁର ତହସିଲଦାର ଅରୁଣ କୁମାର ନାୟକ ଓ ଅତିରିକ୍ତ ତହସିଲଦାର ସୁନିଲ କୁମାର ଟୁଡୁ ଶୁକ୍ରବାର ୫ଜଣ ହିତାଧିକାରୀଙ୍କୁ ଜମିପଟ୍ଟା ଦାଖଲଖାରଜ ମାମଲା ପ୍ରକାରେ ପ୍ରଦାନ କରିଛନ୍ତି।

# ଦୁଇଦିନରେ ଚିହ୍ନଟ ହେଲେଣି ୯୮ ପଜିଟିଭ୍

**ଛତ୍ରପୁର,୧୯।୬(ଡି.ଏନ.ଏ.)**

■ଗଞ୍ଜାମରେ ସଂକ୍ରମଣ ସ୍ଥିତି ଉଦ୍‌ବେଗଜନକ
■କରୋନା ଯୋଦ୍ଧା, ସ୍ଥାନୀୟ ଲୋକ ହେଉଛନ୍ତି ଆକ୍ରାନ୍ତ

ଗଞ୍ଜାମ ଜିଲାରେ ଦିନକୁ ଦିନ କରୋନା ଆକ୍ରାନ୍ତଙ୍କ ସଂଖ୍ୟା ବୃଦ୍ଧି ପାଇବାରେ ଲାଗିଛି। ପୂର୍ବରୁ କେବଳ ଅନ୍ୟ ରାଜ୍ୟରୁ ଜିଲାକୁ ଫେରିଥିବା ପ୍ରବାସୀମାନଙ୍କଠାରେ କରୋନା ପଜିଟିଭ୍ ଚିହ୍ନଟ ହେଉଥିଲା। ଏବେ କରୋନା ଯୋଦ୍ଧା ଓ ସ୍ଥାନୀୟ ଲୋକ ମଧ୍ୟ ସଂକ୍ରମିତ ହେଉଥିବା ଦେଖାଯାଉଛି। ପଜିଟିଭ୍‌ମାନଙ୍କ ସଂସ୍ପର୍ଶରେ ଆସି ଏମାନେ ଆକ୍ରାନ୍ତ ହେଉଛନ୍ତି। ଜିଲାରେ ଗୁରୁବାର ୫୬ ଜଣ ପଜିଟିଭ୍ ଚିହ୍ନଟ ହୋଇଥିବା ବେଳେ ଶୁକ୍ରବାର ଆଉ ୪୨ ସଂକ୍ରମିତ ଚିହ୍ନଟ ହୋଇଛନ୍ତି। ୨ ଦିନରେ ମୋଟ ୯୮ ଆକ୍ରାନ୍ତ ଚିହ୍ନଟ ହୋଇଥିବାରୁ ଚିନ୍ତା ବଢ଼ିଛି।

ଶୁକ୍ରବାର ଚିହ୍ନଟ ୪୨ ପଜିଟିଭ୍‌ଙ୍କ ମଧ୍ୟରେ ୧୨ କରୋନା ଯୋଦ୍ଧା, ୩ ଜଣ ଅନ୍ୟ ରାଜ୍ୟ ଫେରନ୍ତା ଏବଂ ୨୭ ଜଣ ପଜିଟିଭ୍‌ଙ୍କ ସଂସ୍ପର୍ଶରେ ଆସି ସଂକ୍ରମିତ ହୋଇଛନ୍ତି। ୧୨ କରୋନା ଯୋଦ୍ଧାଙ୍କ ମଧ୍ୟରେ ଶେରଗଡ ବ୍ଲକର ୮ ଜଣ, ସାନଖେମୁଣ୍ଡି ବ୍ଲକର ୨ ଏବଂ ଆସିକା ଓ ଛତ୍ରପୁର ବ୍ଲକର ଜଣେ ଲେଖାଏଁ ରହିଛନ୍ତି। ଚେନ୍ନାଇ, କର୍ଣାଟକ ଓ ସୁରଟରୁ ଫେରି ସଂକ୍ରମିତ ହୋଇଥିବା ୩ ଜଣଙ୍କ ମଧ୍ୟରେ ଖଲ୍ଲିକୋଟ, ବେଗୁନିଆପଡା ଓ ଧରାକୋଟ ବ୍ଲକର ଜଣେ ଲେଖାଏ ଅଛନ୍ତି। ସେହିପରି ଆସିକା, ବେଗୁନିଆପଡା, ଛତ୍ରପୁର ଓ ଶେରଗଡ ବ୍ଲକର ଜଣେ ଲେଖାଏ, ବେଲଗୁଣ୍ଠା ବ୍ଲକ ଓ ବ୍ରହ୍ମପୁର ମହାନଗର ନିଗମର ୩ ଜଣ ଲେଖାଏ, ଭଞ୍ଜନଗର, କୁକୁଡାଖଣ୍ଡି ଓ ପୁରୁଷୋତ୍ତମପୁର ବ୍ଲକର ୨ ଜଣ ଲେଖାଏ, ଖଲ୍ଲିକୋଟ ବ୍ଲକର ୪ ଜଣ ଏବଂ ସାନଖେମୁଣ୍ଡି ବ୍ଲକର ୭ ଜଣ ପଜିଟିଭ୍‌ମାନଙ୍କ ସଂସ୍ପର୍ଶରେ ଆସି କରୋନା ସଂକ୍ରମିତ ହୋଇଛନ୍ତି। ଏ ସମ୍ପର୍କରେ ଶୁକ୍ରବାର ଜିଲାପାଳ ବିଜୟ ଅମୃତା କୁଲାଙ୍ଗେ ଟୁଇଟ୍ କରି ସୂଚନା ଦେଇଛନ୍ତି। ଅନ୍ୟପକ୍ଷରେ ଶୁକ୍ରବାର ୫ କରୋନା ଆକ୍ରାନ୍ତ ସୁସ୍ଥ ହୋଇଛନ୍ତି। ସେମାନଙ୍କୁ କୋଭିଡ୍ ହସ୍ପିଟାଲରୁ ଡିସଚାର୍ଜ କରାଯାଇଛି। ଜିଲାରେ ଶୁକ୍ରବାର ସୁଦ୍ଧା ୭୯୭ ଜଣ କରୋନାରେ ସଂକ୍ରମିତ ହୋଇଥିବା ବେଳେ ସେମାନଙ୍କ ମଧ୍ୟରୁ ୬୪୧ ଜଣ ସୁସ୍ଥ ହୋଇଛନ୍ତି। ୬ ଆକ୍ରାନ୍ତଙ୍କ ମୃତ୍ୟୁ ଘଟିଛି। ବର୍ତ୍ତମାନ ୧୫୦ ଜଣ କୋଭିଡ୍ ହସ୍ପିଟାଲରେ ଚିକିତ୍ସାଧୀନ ଅଛନ୍ତି।

ସୂଚନାଯୋଗ୍ୟ, ଜିଲାକୁ ୨ ଲକ୍ଷରୁ ଊର୍ଦ୍ଧ୍ୱ ପ୍ରବାସୀ ଫେରିଲେଣି। ଏବେ ବି ଟ୍ରେନ ଯୋଗେ ଦୈନିକ ଶତାଧିକ ଲୋକ ଫେରୁଥିବା ଦେଖିବାକୁ ମିଳୁଛି। ଅନ୍ୟ ରାଜ୍ୟରୁ ଫେରିଲେ ଘରେ କ୍ୱାରାଣ୍ଟାଇନ୍‌ରେ ରହିବାକୁ କୁହାଯାଉଛି। ଘର ଆଗରେ ହୋମ କ୍ୱାରେଟନାଇନ୍ ଷ୍ଟିକର ମରାଯାଇଛି। ତଥାପି କେତେଜଣ ନିୟମ ଉଲ୍ଲଂଘନ କରି ଘରୁ ବାହାରୁଛନ୍ତି। ଯାହାକି ଚିନ୍ତାର ବିଷୟ ହୋଇଛି।

# ଅଭିନନ୍ଦନ ଜଣାଇଲେ ମୁଖ୍ୟମନ୍ତ୍ରୀ

## ହିଞ୍ଜିଳି ବ୍ଲକ, ୨ ପଞ୍ଚାୟତକୁ ଜାତୀୟ ପୁରସ୍କାର




**ଛତ୍ରପୁର,୧୯।୬(ଡି.ଏନ୍.ଏ.)–** ଗଞ୍ଜାମ ପ୍ରଶାସନ ଗ୍ରାମାଞ୍ଚଳରେ ଉତ୍ତମ ସେବା ସୁନିଶ୍ଚିତ କରାଇପାରିଛି। ତେଣୁ ହିଞ୍ଜିଳି ବ୍ଲକ ସମେତ ଏହା ଅନ୍ତର୍ଗତ ଶାସନଆମ୍ବଗାଁ ପଞ୍ଚାୟତ ଓ ଶେରଗଡ଼ ବ୍ଲକର ଅଲାରିଗଡ଼ ପଞ୍ଚାୟତକୁ ଜାତୀୟସ୍ତରରେ ଦୀନଦୟାଲ ଉପାଧ୍ୟାୟ ପଞ୍ଚାୟତ ସଶକ୍ତୀକରଣ ପୁରସ୍କାର ମିଳିଛି। ଏ ନେଇ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଶୁକ୍ରବାର ଟୁଇଟ କରି ଅଭିନନ୍ଦନ ଜଣାଇଛନ୍ତି। ପଞ୍ଚାୟତକୁ କ୍ଷମତା ହସ୍ତାନ୍ତରୀକରଣ କରିବା ନେଇ ଓଡିଶା ପ୍ରତିଶ୍ରୁତିବଦ୍ଧ ବୋଲି ମୁଖ୍ୟମନ୍ତ୍ରୀ ଉଲ୍ଲେଖ କରିଛନ୍ତି।

# ଯାତ୍ରୀବାହୀ ବସ୍ ଓଲଟି ୧୨ ଆହତ

**ଆର.ଉଦୟଗିରି,୧୯।୬(ଡି.ଏନ.ଏ.)**

ଅଡବା ଥାନା ଖ୍ରୀଷ୍ଟପୁର ଗ୍ରାମରେ ଗାନ୍ଧୀ ନାମକ ଏକ ଘରୋଇ ଯାତ୍ରୀବାହୀ ବସ୍ (ନଂ.ଓଡି୧୫ଏଚ୍–୬୬୮୮) ଦୁର୍ଘଟଣାଗ୍ରସ୍ତ ହୋଇଛି। ବସ୍‌ଟି ରାୟଗଡାରୁ କଟକ ଯାଉଥିବାବେଳେ ଭାରସାମ୍ୟ ହରାଇ ରାସ୍ତା କଡକୁ ଓଲଟି ପଡିଥିବା ଜଣାପଡିଛି। ଦୁର୍ଘଟଣା ବେଳେ ବସ୍‌ରେ ୩୦ ଜଣ ଯାତ୍ରୀ ଥିବା ବେଳେ ୧୨ ଜଣ ଆହତ ହୋଇଛନ୍ତି। ଆହତଙ୍କୁ ମୋହନା ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ଭର୍ତ୍ତି କରାଯାଇଥିଲା। ୪ ଜଣଙ୍କ ଅବସ୍ଥା ଗୁରୁତର ଥିବାରୁ ବ୍ରହ୍ମପୁର ବଡ ମେଡିକାଲକୁ ସ୍ଥାନାନ୍ତର କରାଯାଇଛି। ଦୁର୍ଘଟଣା ପରେ ବସ୍ ଚାଳକ ଫେରାର ହୋଇଯାଇଛନ୍ତି। ଅଡବା ପୋଲିସ ବସ୍‌ଟିକୁ ଜବତ କରି ତଦନ୍ତ ଚଳାଇଥିବା ଥାନା ଅଧିକାରୀ ଆଲୋକ ରଞ୍ଜନ ଜଗଦଲା ସୂଚନା ଦେଇଛନ୍ତି।


ଦୁର୍ଘଟଣାଗ୍ରସ୍ତ ବସ୍।

# କଣ୍ଟେନ୍‌ମେଣ୍ଟ ଜୋନ୍ ଲୋକେ ବଜାରରେ ବୁଲିଲେ

**ଭଞ୍ଜନଗର,୧୯।୬(ଡି.ଏନ୍.ଏ.)**

ଭଞ୍ଜନଗର ବ୍ଲକରେ କରୋନା ଆକ୍ରାନ୍ତଙ୍କ ସଂଖ୍ୟା ବୃଦ୍ଧି ପାଉଥିବାବେଳେ ଝାଲିଆଗୋଚ୍ଛା ଗ୍ରାମକୁ ଗୁରୁବାର ରାତିରେ କଣ୍ଟେନ୍‌ମେଣ୍ଟ ଜୋନ୍ ଭାବେ ପ୍ରଶାସନ ପକ୍ଷରୁ ଘୋଷଣା କରାଯାଇଛି। ଏଥିସହ ଗାଲେରୀ, ବିଲୁଆପଡ଼ା ଓ ବ୍ରାହ୍ମଣପଦରକୁ ବଫର ଜୋନ ଭାବେ ଘୋଷଣା କରାଯାଇଛି। କଣ୍ଟେନମେଣ୍ଟ ଜୋନ୍ ଲୋକେ ବାହାରକୁ ନବାହାରିବା ପାଇଁ ପ୍ରଶାସନ ପକ୍ଷରୁ ଉକ୍ତ ଗ୍ରାମକୁ ସିଲ୍ କରାଯାଇଥିଲା। କିନ୍ତୁ ଗ୍ରାମର କେତେଜଣ ବ୍ୟକ୍ତି ଶୁକ୍ରବାର କୌଣସି ରାସ୍ତା ଦେଇ ଗାଲେରୀ ବଜାରକୁ ଆସି ବୁଲୁଥିବା ଦେଖିବାକୁ ମିଳିଥିଲା। ଯାହାକୁ ନେଇ ଗାଲେରୀ ଲୋକେ ଅସନ୍ତୋଷ ବ୍ୟକ୍ତ କରିଛନ୍ତି। କଣ୍ଟେନ୍‌ମେଣ୍ଟ ଓ ବଫର ଜୋନ୍ ଅଞ୍ଚଳରେ କୋଭିଡ୍ କଟକଣା କଡାକଡି ପାଳନ ପାଇଁ ଦାବି ହୋଇଛି।

# ଡକାୟତି ଉଦ୍ୟମ ପଣ୍ଡ, ୪ ଗିରଫ


ଗିରଫ ଅଭିଯୁକ୍ତ ଓ ଜବତ ମାରଣାସ୍ତ୍ର।

**ବୁଗୁଡ଼ା,୧୯।୬(ଡି.ଏନ୍.ଏ.)**

## ବୋମା, ଖଣ୍ଡା, କାତି ଜବତ

ବୁଗୁଡ଼ା ଥାନା ପଥରବଣି ରେଷ୍ଟସେଡ୍‌ଠାରେ ଗୁରୁବାର ବିଳମ୍ବିତ ରାତିରେ ପୋଲିସ ପାଟ୍ରୋଲିଂ କରୁଥିବା ବେଳେ ଡ଼କାୟତି ପାଇଁ ଯୋଜନା କରୁଥିବା ୪ ଜଣଙ୍କୁ ଗିରଫ କରିଛି। ସେମାନଙ୍କ ଠାରୁ ୪ ଅଫୁଟା ବୋମା, ଖଣ୍ଡା, କାତି, ଛୁରୀ ଓ ୪ ମଦ ବୋତଲ ଜବତ ହୋଇଛି। ତେବେ ସେଠାରୁ ଅନ୍ୟଜଣେ ଫେରାର ହୋଇଯାଇଛନ୍ତି। ଗିରଫମାନେ ହେଲେ ବୁଗୁଡ଼ା ଥାନା ଜେକ ଗ୍ରାମର ନୀର ନାୟକ, ଜଗନ୍ନାଥପ୍ରସାଦ ଥାନା ପଞ୍ଚୁଭୂତିର ପ୍ରଫୁଲ କୁମାର ନାୟକ, ତାରସିଂ ଥାନା ରାଇପଲ୍ଲୀ ଗ୍ରାମର ରବୀନ୍ଦ୍ର ନାୟକ ଓ ରାଜେନ୍ଦ୍ର ନାୟକ। ଏନେଇ ବୁଗୁଡ଼ା ଥାନାରେ ଏକ ମାମଲା (ନଂ.୧୬୭/୨୦) ରୁଜୁ ହୋଇଛି। ଗିରଫ ଅଭିଯୁକ୍ତଙ୍କୁ ଶୁକ୍ରବାର କୋର୍ଟଚାଲାଣ କରାଯାଇଥିବା ଥାନା ଅଧିକାରୀ ଚିତ୍ତରଞ୍ଜନ ବେହେରା କହିଛନ୍ତି।

# ଶହୀଦ ଯବାନଙ୍କୁ ଆର୍‌ଏସ୍‌ଏସ୍‌ର ଶ୍ରଦ୍ଧାଞ୍ଜଳି


ଶହୀଦ ଯବାନଙ୍କୁ ଶ୍ରଦ୍ଧାଞ୍ଜଳି ଜଣାଉଛନ୍ତି।

**ଶେରଗଡ଼,୧୯।୬(ଡି.ଏନ୍.ଏ.)**

ଲଦାଖସ୍ଥିତ ଗଲୱାନ୍ ଘାଟିରେ ଚୀନ ସୈନିକଙ୍କ ସହ ସଂଘର୍ଷବେଳେ ୨୦ ଭାରତୀୟ ଯବାନ ଶହୀଦ ହୋଇଥିଲେ। ଦେଶକୁ ରକ୍ଷା କରିବାକୁ ଯାଇ ଶହୀଦ ହୋଇଥିବା ଏହି ବୀର ଯବାନଙ୍କ ଅମର ଆତ୍ମାର ସଦ୍‌ଗତି ନିମନ୍ତେ ଶେରଗଡ଼ ବ୍ଲକ ଗୋଠଗାଁ ଗ୍ରାମରେ ରାଷ୍ଟ୍ରୀୟ ସ୍ୱୟଂସେବକ ସଂଘ ତରଫରୁ ଗୁରୁବାର ରାତିରେ ନୀରବ ପ୍ରାର୍ଥନା ସହ ଶ୍ରଦ୍ଧାଞ୍ଜଳି ସଭା ଆୟୋଜନ ହୋଇଥିଲା। କାର୍ଯ୍ୟକ୍ରମରେ ଏବିଭିପି ଗଞ୍ଜାମ ଜିଲା ସହ–ସଂଯୋଜକ କୃଷ୍ଣଚନ୍ଦ୍ର ସୁଆଁସିଆ, ରାଷ୍ଟ୍ରୀୟ ସ୍ୱୟଂସେବକ ସଂଘ ଶେରଗଡ଼ ଖଣ୍ଡ ପଦ ବିନ୍ୟାସ ପ୍ରମୁଖ କାହ୍ନୁ ଚରଣ ବିଶ୍ୱାଳ, ସାମାଜିକ କର୍ମୀ ନୀଳାଞ୍ଚଳ ମହାନ୍ତି, ଅନୀଲ କୁମାର ପ୍ରଧାନ ପ୍ରମୁଖ ସାମାଜିକ ଦୂରତା ରକ୍ଷା କରି ଶ୍ରଦ୍ଧାଞ୍ଜଳି ଅର୍ପଣ କରିଥିଲେ। ଏଥିସହ ଚୀନର ଦୋମୁହାଁ ନୀତିକୁ ନିନ୍ଦା କରିବା ସହ ଚାଇନା ସାମଗ୍ରୀ ବର୍ଜନ ପାଇଁ ସଂକଳ୍ପ ନେଇଥିଲେ।

# ମିଳିଲାନି ମହାପ୍ରୟାଣ ଗାଡ଼ି

## ସାପ କାମୁଡ଼ାରେ ନାବାଳିକା ମୃତ

**ବେଗୁନିଆପଡା,୧୯।୬(ଡି.ଏନ୍.ଏ.)**

ଗଞ୍ଜାମ ଜିଲା ବେଗୁନିଆପଡ଼ା ଫାଣ୍ଡି ଅଙ୍ଗାରଗାଁ ପଞ୍ଚାୟତ ନୂଆଗଡ଼ ଗ୍ରାମରେ ଶୁକ୍ରବାର ସାପ କାମୁଡାରେ ଜଣେ ନାବାଳିକାଙ୍କ ମୃତ୍ୟୁ ଘଟିଛି। ସେ ହେଲେ ମାଧବ ସ୍ୱାଇଁଙ୍କ ଝିଅ ପୁଷ୍ପାଞ୍ଜଳି (୧୫)। ସକାଳେ ପୁଷ୍ପାଞ୍ଜଳୀ ବିଲକୁ ବାପାଙ୍କ ପାଇଁ ଖାଇବାକୁ ନେଇ ଯାଇଥିବା ବେଳେ ସାପ କାମୁଡି ଦେଇଥିଲା। ତାଙ୍କୁ ପ୍ରଥମେ ସୁମଣ୍ଡଳ ଓ ପରେ ଅବସ୍ଥା ଗୁରୁତର ହେବାରୁ ବ୍ରହ୍ମପୁର ବଡ ମେଡିକାଲକୁ ସ୍ଥାନାନ୍ତର କରାଯାଇଥିଲା। ସେଠାରେ ପୁଷ୍ପାଞ୍ଜଳିଙ୍କୁ ଡ଼ାକ୍ତର ମୃତ ଘୋଷଣା କରିଥିଲେ। ପୋଲିସ ମୃତଦେହ ଜବତ କରି ବ୍ୟବଚ୍ଛେଦ କରାଇବା ପରେ ପରିବାର ଲୋକଙ୍କୁ ହସ୍ତାନ୍ତର କରିଥିଲା। ତେବେ ମହାପ୍ରୟାଣ ଗାଡି ନ ମିଳିବାରୁ ୫ ହଜାର ଟଙ୍କା ଭଡା ଦେଇ ଏକ ଘରୋଇ ଆମ୍ବୁଲାନ୍ସରେ ମୃତଦେହ ଗାଁକୁ ଆଣିଥିବା ମାଧବ କହିଛନ୍ତି।

# ଜରିମାନା ଅସହ୍ୟ ହେଲାଣି, କଂଗ୍ରେସର ଦାବିପତ୍ର

**ଭଞ୍ଜନଗର,୧୯।୬(ଡି.ଏନ.ଏ.)**

କରୋନା ଯୋଗୁ ଲୋକଙ୍କ ଆର୍ଥିକ ସ୍ଥିତି ଦୋହଲି ଗଲାଣି। ଦାନା ମୁଠାଏ ଯୋଗାଡ କରିବାକୁ ଲୋକଙ୍କୁ ସଂଘର୍ଷ କରିବାକୁ ପଡୁଛି। ଏହି ସମୟରେ କିଏ କୁଆଡ଼େ କାମ ଅନ୍ୱେଷଣରେ ଗଲେ ଭଞ୍ଜନଗର ପୋଲିସ ଅଟକାଇ ଲକ୍‌ଡ଼ାଉନ ନିୟମ ଉଲ୍ଲଂଘନ ଦର୍ଶାଇ ଅତ୍ୟଧିକ ଜରିମାନା ପକାଉଛନ୍ତି। ଯାହାକି ଅତ୍ୟନ୍ତ ଦୁର୍ଭାଗ୍ୟଜନକ। ପ୍ରଶାସନ ଆଗାମୀ ଦିନରେ ଏଭଳି ଜରିମାନା ଆଦାୟ କଲେ କଂଗ୍ରେସ ରାସ୍ତାକୁ ଓହ୍ଲାଇବ ବୋଲି ପିସିସି କୋର୍ କମିଟି ସଭ୍ୟ ଦେବୀ ବିଷୋୟୀ ଶୁକ୍ରବାର କହିଛନ୍ତି। ଏଥିସହ କଂଗ୍ରେସ ପକ୍ଷରୁ ଜିଲାପାଳଙ୍କ ଉଦ୍ଦେଶ୍ୟରେ ଭଞ୍ଜନଗର ଉପ ଜିଲାପାଳ ରାଜେନ୍ଦ୍ର ମିଞ୍ଜଙ୍କୁ ଏକ ଦାବିପତ୍ର ଶୁକ୍ରବାର ପ୍ରଦାନ କରାଯାଇଛି। ସକାଳ ୭ଟାର ମଧ୍ୟାହ୍ନ ୧୨ଟା ପର୍ଯ୍ୟନ୍ତ ଲକ୍‌ଡ଼ାଉନ କୋହଳ ସହ ଜରିମାନା ବନ୍ଦ, ଲୋକଙ୍କୁ ବିଭିନ୍ନ ଯୋଜନାରେ କାମ ଯୋଗାଇବା ପ୍ରମୁଖ ଦାବି ରହିଛି। ଦାବିପତ୍ର ପ୍ରଦାନବେଳେ କଂଗ୍ରେସ ନେତା ପ୍ରଶାନ୍ତ ବିଷୋୟୀ, ଅଯୋଧ୍ୟାନାଥ ମହାପାତ୍ର, ଲକ୍ଷ୍ମୀକାନ୍ତ ମହାପାତ୍ର, ବିଦ୍ୟାଧର ପ୍ରଧାନ ପ୍ରମୁଖ ଉପସ୍ଥିତ ଥିଲେ।


ଜିଲାପାଳଙ୍କ ଉଦ୍ଦେଶ୍ୟରେ ଉପଜିଲାପାଳଙ୍କୁ ଦାବିପତ୍ର ପ୍ରଦାନ କରାଯାଉଛି।

# ‘ଆମ ସ୍ୱାସ୍ଥ୍ୟ ଆମ ଦାୟିତ୍ୱ’ କାର୍ଯ୍ୟକ୍ରମ

**କବିସୂର୍ଯ୍ୟନଗର,୧୯।୬(ଡି.ଏନ୍.ଏ.)**

ଗଞ୍ଜାମ ଜିଲାରେ କରୋନା ସଂକ୍ରମିତଙ୍କ ସଂଖ୍ୟା ଦିନକୁ ଦିନ ବଢୁଥିଲେ ମଧ୍ୟ ଲୋକେ ସଚେତନ ହେଉନାହାନ୍ତି। ଏହାକୁ ଲକ୍ଷ୍ୟରଖି ଜିଲା ପ୍ରଶାସନର ନିର୍ଦ୍ଦେଶକ୍ରମେ କବିସୂର୍ଯ୍ୟନଗର ବ୍ଲକ ପ୍ରଶାସନ ତଥା ମିଶନ ଶକ୍ତିର ମିଳିତ ଉଦ୍ୟମରେ ପଞ୍ଚାୟତସ୍ତରୀୟ ସ୍ୱୟଂସିଦ୍ଧା ‘ଆମ ସ୍ୱାସ୍ଥ୍ୟ ଆମ ଦାୟିତ୍ୱ’ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଛି। ସ୍ୱୟଂସିଦ୍ଧାର ସଭ୍ୟା, ସ୍ୱୟଂ ସହାୟିକା, ପୁରୁଷ ଓ ମହିଳା ସ୍ୱେଚ୍ଛାସେବୀ, ଅଙ୍ଗନୱାଡ଼ି କର୍ମୀ, ଆଶାକର୍ମୀ ତଥା ବ୍ଲକସ୍ତରୀୟ ତାଲିମପ୍ରାପ୍ତ ତାଲିମଦାତାମାନେ ବିଭିନ୍ନ ବର୍ଗର କର୍ମକର୍ତ୍ତାଙ୍କୁ ତାଲିମ ଦେଉଛନ୍ତି। ସିଡିପିଓ ବୀଣାପାଣି ମିଶ୍ର, ମହିଳା ସୁପରଭାଇଜର ମଞ୍ଜୁଶ୍ରୀ ବେହେରା, ସ୍ୱାସ୍ଥ୍ୟ ପରିଦର୍ଶକ ଶଶାଙ୍କ ଶେଖର ମହାନ୍ତି ପ୍ରମୁଖ ଯୋଗଦେଇ ପଞ୍ଚାୟତର ଅଙ୍ଗନୱାଡ଼ି କର୍ମୀ, ସହାୟିକା, ଆଶାକର୍ମୀ, ଏସ୍‌ଏସଜି ଗ୍ରୁପ ସଦସ୍ୟମାନେ କିପରି କରୋନା ମୁକାବିଲା କରିବେ ଏବଂ ନିଜେ କିପରି ସୁସ୍ଥ ରହିବା ସହିତ ପ୍ରଶିକ୍ଷଣ ଦେବେ ଓ ସଚେତନ କରିବେ ସେ ନେଇ ପରାମର୍ଶ ଦିଆଯାଇଥିଲା। ପରେ ଏକ ରାଲି ସହର ପରିକ୍ରମା କରିଥିଲା। ବ୍ଲକ ପ୍ରକୋଷ୍ଠରେ ସଚେତନ କାର୍ଯ୍ୟକ୍ରମରେ ବିଡିଓ ବାସୁଦେବ ନାୟକ, ତହସିଲଦାର ପ୍ରକାଶ କୁମାର ମିଶ୍ର, ସ୍ୱାସ୍ଥ୍ୟ ଅଧିକାରୀ ଡ଼ା.ସୁଶାନ୍ତ କୁମାର ପ୍ରମୁଖ ଯୋଗ ଦେଇଥିଲେ।


ସଚେତନତା ରାଲି ସହର ପରିକ୍ରମା କରୁଛି।

# ଜିଲାପାଳଙ୍କ ଉନ୍ନୟନ କାର୍ଯ୍ୟ, ଲକ୍‌ଡାଉନ୍ ସ୍ଥିତି ଅନୁଧ୍ୟାନ

**ଚିକିଟି,୧୯।୬(ଡି.ଏନ୍.ଏ.)**

ଗଞ୍ଜାମ ଜିଲାପାଳ ବିଜୟ ଅମୃତା କୁଲାଙ୍ଗେ ଶୁକ୍ରବାର ବିଭିନ୍ନ ଅଞ୍ଚଳ ଗସ୍ତ କରି ଉନ୍ନୟନ କାର୍ଯ୍ୟ ଅନୁଧ୍ୟାନ କରିବା ସହ ଲକ୍‌ଡାଉନ୍ କଟକଣା ଠିକ୍ ପାଳନ ହେଉଛି କି ନାହିଁ ତାହା ଦେଖିଥିଲେ।

ଜିଲାପାଳ ଚିକିଟିପେଣ୍ଠସ୍ଥିତ ବର୍ଜ୍ୟବସ୍ତୁ ପରିଚାଳନା କେନ୍ଦ୍ର ବୁଲି ଦେଖିବା ସହ ୨୦୧୮–୧୯ ଆର୍ଥିକ ବର୍ଷରେ ହୋଇଥିବା ସହାରାଞ୍ଚଳ ବାସହୀନ ଆଶ୍ରୟସ୍ଥଳ ଗୃହ ବୁଲି ଦେଖିଥିଲେ। ଚିକିଟି ଏନ୍‌ଏସି କାର୍ଯ୍ୟନିର୍ବାହୀ ଅଧିକାରୀ ସୁଜିତ କୁମାର ଚୌଧୁରି, ବିଡିଓ ଫାଲ୍‌ଗୁନି ମାଝି ଓ ତହସିଲ୍‌ଦାର ହରପ୍ରସାଦ ଭୋଇ ପ୍ରମୁଖ ଉପସ୍ଥିତ ଥିଲେ।

**ପାଟପୁର:** ଜିଲାପାଳ କୁଲାଙ୍ଗେ ଓ ଗଞ୍ଜାମ ଏସ୍‌ପି ବ୍ରିଜେଶ କୁମାର ରଏ ସାନଖେମୁଣ୍ଡି ବ୍ଲକ ଗସ୍ତକରି ଲକ୍‌ଡାଉନ ସ୍ଥିତି ତଦାରଖ କରିବା ସହ କଟକଣା ମାନିବାକୁ ବ୍ୟାପକ ସଚେତନ କରିବାକୁ କହିଥିଲେ। ଜୀଉରା ଗ୍ରାମ ପରିଦର୍ଶନବେଳେ ନିର୍ମାଣାଧୀନ ପାର୍କ କାର୍ଯ୍ୟର ସମୀକ୍ଷା କରିଥିଲେ। ପନିପରିବା ଫସଲ ପାଇଁ ପ୍ରସିଦ୍ଧ ଜିଉରା ଗ୍ରାମର ବାଇଗଣ କ୍ଷେତକୁ ଯାଇ ଚାଷୀମାନଙ୍କ ସମସ୍ୟା ସମ୍ପର୍କରେ ଆଲୋଚନା ସହ ଗ୍ରାମ ସଙ୍ଗରୋଧ କେନ୍ଦ୍ରରେ ଥିବା ଅନ୍ତେବାସୀଙ୍କ ସମସ୍ୟା ସମ୍ପର୍କରେ ପଞ୍ଚାୟତ ପ୍ରତିନିଧିଙ୍କ ସହ ଆଲୋଚନା କରିଥିଲେ। ସାନଖେମୁଣ୍ଡି ବିଡିଓ ଗାୟତ୍ରୀଦତ୍ତ ନାୟକ, ପୂର୍ବତନ ବ୍ଲକ ଅଧ୍ୟକ୍ଷ ଲକ୍ଷ୍ମୀଚରଣ ପାତ୍ର, ସରପଞ୍ଚ ଲିସାରାଣୀ ପାତ୍ର ପ୍ରମୁଖ ଉପସ୍ଥିତ ଥିଲେ।

**ପୁରୁଷୋତ୍ତମପୁର:** ଜିଲାପାଳ ପୁରୁଷୋତ୍ତମପୁର ଗସ୍ତରେ ଆସି ଏନ୍‌ଏସି ପକ୍ଷରୁ ଓଦା ଓ ଶୁଖିଲା ବର୍ଜ୍ୟବସ୍ତୁ ପରିଚାଳନା କେନ୍ଦ୍ର (ଏମ୍‌ସିସି ଓ ଏମ୍‌ଆର୍‌ଏଫ୍)ର ନିର୍ମାଣାଧୀନ କାର୍ଯ୍ୟ ବୁଲି ଦେଖିଥିଲେ। କାମ ଠିକ୍ ଭାବେ ହେଉ ନ ଥିବାରୁ ଏନ୍‌ଏସି ନିର୍ବାହୀ ଅଧିକାରୀ ନାଗେଶ୍ୱର ରାଓ ଓ କନିଷ୍ଠ ଯନ୍ତ୍ରୀ ପ୍ରମୋଦିନି ମହାରଣାଙ୍କୁ ତାଗିଦ୍ କରିଥିଲେ। ତହସିଲଦାର ଅରୁଣ କୁମାର ନାୟକ, ବିଡିଓ ସୀମାଞ୍ଚଳ ମହାନ୍ତି, ବ୍ଲକ ସହକାରୀ ଯନ୍ତ୍ରୀ ମୋହନ ସାହୁ ପ୍ରମୁଖ ଉପସ୍ଥିତ ଥିଲେ।

**ଶେରଗଡ଼:** ଶେରଗଡ଼ ବ୍ଲକ ଗସ୍ତ ବେଳେ ଜିଲାପାଳ ନରେନ୍ଦ୍ରପୁର ପଞ୍ଚାୟତର ସମସ୍ତ ଗ୍ରାମକୁ ସ୍ୱତନ୍ତ୍ର ଦୃଷ୍ଟି ଦେବାକୁ ବିଡ଼ିଓ ସୁରଞ୍ଜନ କୁମାର ସାହୁଙ୍କୁ କହିଥିଲେ। ଏଥିସହ ଲକ୍‌ଡାଉନ୍ କଟକଣା କଡାକଡି କରିବାକୁ ଶେରଗଡ ତହସିଲଦାର ଡ. ଦୟାସିନ୍ଧୁ ପରିଡାଙ୍କୁ ନିର୍ଦ୍ଦେଶ ଦେଇଥିଲେ। ଉକ୍ତ ପଞ୍ଚାୟତରେ ୨ଜଣ କରୋନା ଯୋଦ୍ଧା ସଂକ୍ରମିତ ହୋଇ କୋଭିଡ୍ ହସ୍‌ପିଟାଲରେ ଅଛନ୍ତି। ଶୁକ୍ରବାର ଆଉ ୨ଜଣଙ୍କ ସ୍ୱାବ୍ ପରୀକ୍ଷା ପାଇଁ ପଠାଯିବା ସହ ସ୍ୱାସ୍ଥ୍ୟ ଟିମ୍ ଦ୍ୱାରା ଘରଘର ବୁଲି ଯାଞ୍ଚ ଚାଲିଛି। ଜିଲାପାଳ କେତେକ ସଙ୍ଗରୋଧ କେନ୍ଦ୍ର ମଧ୍ୟ ପରିଦର୍ଶନ କରିଥିଲେ।

## ଏସ୍‌ପିଙ୍କ ସହ ସାନଖେମୁଣ୍ଡିରେ ଚାଷୀଙ୍କ ସମସ୍ୟା ବୁଝିଲେ


ଚିକିଟିରେ ବର୍ଜ୍ୟବସ୍ତୁ ପରିଚାଳନା ପ୍ଲାଣ୍ଟ କାର୍ଯ୍ୟ ଦେଖୁଛନ୍ତି ଜିଲାପାଳ ।

## ସଂକ୍ଷେପରେ

### ବଲାଙ୍ଗୀର ଜିଲାରେ କରୋନା ରୋଗୀଙ୍କ ସଂଖ୍ୟା ୧୫୦

ବଲାଙ୍ଗୀର ଅଫିସ,୧୯।୬-ବଲାଙ୍ଗୀର ଜିଲାରେ ଗୁରୁବାର ଆଉ ୨ଜଣ କରୋନା ରୋଗୀ ଚିହ୍ନଟ ହୋଇଛନ୍ତି । ଏହି ୨ ଜଣଙ୍କୁ ମିଶାଇ ଜିଲାରେ ସଂକ୍ରମିତଙ୍କ ସଂଖ୍ୟା ୧୫୦ରେ ପହଞ୍ଚିଛି । ସେମାନଙ୍କ ମଧ୍ୟରୁ ୨୩ ଜଣ ସକ୍ରିୟ ରହିଥିବା ବେଳେ ୧୨୭ ଜଣ ସୁସ୍ଥ ହୋଇଛନ୍ତି । ସଂକ୍ରମିତ ୨ ଜଣଙ୍କ ମଧ୍ୟରୁ ଲୋଇସିଂହା ବ୍ଲକ କେଉଁଟପାଲି ଗ୍ରାମପଞ୍ଚାୟତର ଜଣେ ଓ ପୁଇଁତଲା ବ୍ଲକ ଅନ୍ତର୍ଗତ ଝାରବଲାଙ୍ଗୀରର ଜଣେ ବୋଲି ଜିଲା ପ୍ରଶାସନ ପକ୍ଷରୁ ସୂଚନା ଦିଆଯାଇଛି। କେଉଁଟପାଲିର ସଂକ୍ରମିତ ଜଣକ ତାମିଲନାଡୁରୁ ଫେରି କ୍ୱାରାଣ୍ଟାଇନ୍ ଅବଧି ସାରିବା ପରେ ହୋମ୍ କ୍ୱାରାଣ୍ଟାଇନ୍‌ରେ ଥିଲେ । ଝାରବଲାଙ୍ଗୀରର ସଂକ୍ରମିତ ଜଣକ ମୁମ୍ବାଇରୁ ଫେରି କ୍ୱାରାଣ୍ଟାଇନ୍ ସେଣ୍ଟରରେ ଥିଲେ । ଉଭୟଙ୍କ ସ୍ୱାବ୍ ରିପୋର୍ଟ ପଜିଟିଭ ଆସିଥିଲା ।

### ମାସ୍କ ନ ପିନ୍ଧି ଜରିମାନା ଗଣିଲେ

ବରଗଡ଼ ଅଫିସ୍,୧୯।୬ -ଘାତକ କରୋନା (କୋଭିଡ୍-୧୯) ସଂକ୍ରମଣକୁ ପ୍ରତିହତ କରିବା ପାଇଁ ସାମାଜିକ ଦୂରତ୍ୱ ଅବଲମ୍ବନ ସହିତ ମାସ୍କ ପିନ୍ଧିବାକୁ ଗୁରୁତ୍ୱ ଦିଆଯାଉଛି। ମାତ୍ର ଅନେକ ଲୋକ ଏହାକୁ ଉଲ୍ଲଂଘନ କରୁଥିବା ପରିଲକ୍ଷିତ ହୋଇଛି । ମାସ୍କ ନ ପିନ୍ଧି ଯାତାୟାତ କରୁଥିବାରୁ ଶୁକ୍ରବାର ପୋଲିସ ୫୦ଜଣଙ୍କଠାରୁ ୧୯ହଜାର ୫୦୦ ଟଙ୍କା ଜରିମାନା ଅସୁଲି କରିଥିବା ଜିଲା ସୂଚନା ଓ ଲୋକ ସମ୍ପର୍କ ଅଧିକାରୀ କଲ୍ୟାଣୀ ଦାଶ ସୂଚନା ଦେଇଛନ୍ତି ।

### ଯୁବକଙ୍କୁ ହତ୍ୟା ଅଭିଯୋଗ

ଅତାବିରା/ସରିଣ୍ଡା,୧୯।୬(ଡି.ଏନ.ଏ) ବରଗଡ଼ ଜିଲା ଅତାବିରା ଥାନା ପାହାଡ଼ଶ୍ରୀଗିଡ଼ାରେ ଜଣେ ଯୁବକଙ୍କୁ ହତ୍ୟା କରାଯାଇଥିବା ଅଭିଯୋଗ ହୋଇଛି। ମୃତ ଯୁବକ ଜଣକ ଉକ୍ତ ଗ୍ରାମର ଜମିଦାରପଡ଼ାର ରାଜୁ ଭୋଇ ବୋଲି ଜଣାପଡ଼ିଛି । ଏ ନେଇ ମୃତକଙ୍କ ମାଉସୀ ପୁଅ ରାଜେନ୍ଦ୍ର ଭୋଇ ଥାନାରେ ଏତଲା ଦେବା ପରେ ପୋଲିସ ଦଫା ୩୦୨ କ୍ରମେ ଏକ ମାମଲା (ନଂ.୧୨୬/୨୦) ରୁଜୁ କରିଛି ଏବଂ ମୃତଦେହକୁ ଜବତ କରି ବ୍ୟବଚ୍ଛେଦ ପାଇଁ ବରଗଡ଼ ପଠାଇଛି । ସୂଚନା ଅନୁଯାୟୀ, ରାଜୁ ଗୁରୁବାର ଘରୁ ବାହାରି ଆଉ ଫେରି ନ ଥିଲେ। ପରେ ପାହାଡ଼ଶ୍ରୀଗିଡ଼ା ନିକଟ ବଡ଼କେନାଲ ପାଖରେ ରହିଥିବା ଏକ ଗଛରେ ତାଙ୍କ ମୃତଦେହ ଗଛତଳ ମାଟିକୁ ଲାଗି ଝୁଲୁଥିବା ଅବସ୍ଥାରେ କେତେକ ଲୋକ ଦେଖିବାକୁ ପାଇଥିଲେ। ଏହାପରେ ପୋଲିସ ଘଟଣାସ୍ଥଳକୁ ପହଞ୍ଚିଥିଲା। ରାଜୁଙ୍କ ବେକରେ ଗାମୁଛା ବନ୍ଧା ଯାଇଥିବା ଏବଂ ମୃତଦେହ ମାଟିକୁ ଲାଗି ରହିଥିଲା। ସେହିପରି ତାଙ୍କ ଶରୀରର ବିଭିନ୍ନ ସ୍ଥାନରେ କ୍ଷତ ଚିହ୍ନ ଦେଖିବାକୁ ମିଳିଥିଲା। ଘଟଣାସ୍ଥଳର ପାରିପାର୍ଶ୍ୱିକ ସ୍ଥିତିରୁ ତାହା ହତ୍ୟାକାଣ୍ଡ ବୋଲି ଅନୁମାନ କରାଯାଇଥିଲା। ପରେ ମୃତକଙ୍କ ମାଉସୀ ପୁଅ ରାଜେନ୍ଦ୍ର ହତ୍ୟା ଅଭିଯୋଗ ଆଣିଥିଲେ। ଏହାପରେ ପୋଲିସ ଏକ ହତ୍ୟା ମାମଲା ରୁଜୁ କରି ଅଧିକ ତଦନ୍ତ କରୁଛି ।

### ଶହୀଦଙ୍କୁ ଶ୍ରଦ୍ଧାଞ୍ଜଳି

ସମ୍ବଲପୁର,୧୯।୬(ବ୍ୟୁରୋ)-ଲଦାଖର ଗଲୱାନ ଉପତ୍ୟକାରେ ଚାଇନା ସେନାଙ୍କ ଆକ୍ରମଣରେ ଭାରତର ୨୦ ଯବାନ ଶହୀଦ ହୋଇଥିଲେ । ଶୁକ୍ରବାର ସମ୍ବଲପୁର ଜିଲା ବିଜେଡି ପକ୍ଷରୁ କଚେରି ଛକ ସ୍ଥିତ ବୀର ଶହୀଦସ୍ତମ୍ଭରେ ସେମାନଙ୍କୁ ଶ୍ରଦ୍ଧାଞ୍ଜଳି ଅର୍ପଣ କରାଯାଇଛି। ଏହି ଅବସରରେ ୨ ମିନିଟ ନୀରବ ପ୍ରାର୍ଥନା କରାଯିବା ସହିତ ମହମବତି ଜଳାଇ ଅମର ଆତ୍ମାର ସଦ୍‌ଗତି କାମନା କରାଯାଇଥିଲା। ଜିଲା ସଭାପତି ସିଦ୍ଧାର୍ଥ ଦାସ, ସମ୍ବଲପୁର ଓ ଦେବଗଡ଼ ଜିଲା ପର୍ଯ୍ୟବେକ୍ଷକ ନଳିନୀକାନ୍ତ ପ୍ରଧାନ, ଜିଲା ବିଜେଡି କୃଷକ ସେଲ୍ ସଭାପତି ଆନନ୍ଦ ଜେନା, ଶ୍ରମିକ ନେତା ଗୋକୁଳ ମେହେର, ହୀରାଲାଲ ବେହେରା, ସୁରେନ୍ଦ୍ର ନାଏକ, ବବିତା ପୁରୋହିତ, ଉଷା ପ୍ରଧାନ, ସଙ୍ଗୀତା ସାହୁ ପ୍ରମୁଖ ଉପସ୍ଥିତ ଥିଲେ। ସମ୍ବଲପୁର, ରେଙ୍ଗାଲି, ମାନେଶ୍ୱର, ଧମା, ବୁର୍ଲା, ହୀରାକୁଦ ଅଞ୍ଚଳର ବିଜେଡି ନେତା ଓ କର୍ମୀମାନେ ଏଥିରେ ସାମିଲ ହୋଇଥିଲେ ।

**ସୁନ୍ଦରଗଡ଼, ୧୯।୬(ଡି.ଏନ୍.ଏ.)**-ଭାରତ-ଚୀନ୍ ସଂଘର୍ଷରେ ଶହୀଦ ହୋଇଥିବା ବୀର ଯବାନଙ୍କୁ ଜିଲା ବିଜେଡି ପକ୍ଷରୁ ଶ୍ରଦ୍ଧାଞ୍ଜଳି ଅର୍ପଣ କରାଯାଇଛି । ଶୁକ୍ରବାର ସ୍ଥାନୀୟ ଡିଆରଡିଏ ଛକରେ ଆୟୋଜିତ କାର୍ଯ୍ୟକ୍ରମରେ ବିଜେଡି କର୍ମୀମାନେ ସାମାଜିକ ଦୂରତ୍ୱକୁ ବଜାୟ ରଖି ହାତରେ କ୍ୟାଣ୍ଡେଲ ଧରି ଶହୀଦଙ୍କ ଫଟୋଚିତ୍ର ଆଗରେ ଏକତ୍ରିତ ହୋଇଥିଲେ । ଏଥିରେ ଜିଲା ବିଜେଡି ସଭାପତି ବିନୟ ଟପ୍ପୋ ,ପୂର୍ବତନ ବିଧାୟକ ଯୋଗେଶ କୁମାର ସିଂ , ଜିଲା ଉନ୍ନୟନ ପରିଷଦର ପୂର୍ବତନ ଅଧ୍ୟକ୍ଷ ସନ୍ତୋଷ ଅମାତ ,ବିଜୁ ଛାତ୍ର ଜନତା ଦଳର ପଶ୍ଚିମାଞ୍ଚଳ ଜୋନ ସଭାପତି ବୈକୁଣ୍ଠ ନାଏକ ,ଜିଲା ଯୁବ ବିଜେଡି ସଭାପତି ଦେବେନ୍ଦ୍ର ମାଝୀ, ଅଶୋକ ସ୍ୱାଇଁ , ସଦର ବ୍ଲକ ଉପାଧ୍ୟକ୍ଷ ଅଶ୍ୱିନୀ ନାଏକ ,ରୋଶନ ସାହୁ ,ଜିତେନ୍ଦ୍ର କର ,ସରୋଜ ପଟେଲ ,ଲଲାଟ ପରିଡା.ଗୋପ ମହାନ୍ତି ପ୍ରମୁଖ ଯୋଗଦେଇଥିଲେ ।

# କାହା ଭାଗ୍ୟରେ ଏସ୍‌ଡିଏ ଅଧ୍ୟକ୍ଷ ପଦ

ସମ୍ବଲପୁର,୧୯।୬(ବ୍ୟୁରୋ)




ସମ୍ବଲପୁର ଉନ୍ନୟନ ପ୍ରାଧିକରଣ (ଏସ୍‌ଡିଏ) ଅଧ୍ୟକ୍ଷ ପଦ ୨୦୧୯ ଅକ୍ଟୋବରରୁ ଖାଲି ପଡ଼ିଛି । କାର୍ଯ୍ୟକାଳ ପୂରଣର ୨ ମାସ ପୂର୍ବରୁ ପୂର୍ବତନ ଅଧ୍ୟକ୍ଷ ବିଜୟ କୁମାର ମହାନ୍ତି ଇସ୍ତଫା ଦେଇଥିଲେ। ଇସ୍ତଫା ପଛର କାରଣ ଜଣାପଡି ନ ଥିଲେ ହେଁ ଏବେ ଉକ୍ତ ପଦବୀ ପାଇଁ ଲବି ଆରମ୍ଭ ହୋଇଯାଇଛି । ଜିଲାର ଯୁବନେତାଙ୍କଠାରୁ ଆରମ୍ଭକରି ବହୁ ପୁରୁଖା ନେତା ଏହି ପଦ ପାଇଁ ଆଶାୟୀ ଅଛନ୍ତି। ଯୁବ ବିଜେଡି ରାଜ୍ୟ କାର୍ଯ୍ୟକାରୀ ସଭାପତି ସଞ୍ଜିତ ମହାନ୍ତି, ପୂର୍ବତନ ବିଧାୟିକା ରାସେଶ୍ୱରୀ ପାଣିଗ୍ରାହୀ, ପୂର୍ବତନ ଜିଲା ସଭାପତି ଡ. ପ୍ରମୋଦ ରଥ, ଆନନ୍ଦ ଜେନା, ରାଜକିଶୋର ଦାସ (ମଞ୍ଜୁ) ପ୍ରମୁଖଙ୍କ ନାମ ଆଶାୟୀ ତାଲିକାରେ ଥିବା ଚର୍ଚ୍ଚା ହେଉଛି। ହେଲେ ଦଳୀୟ ସଭାପତି ତଥା ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ କାହା ମୁଣ୍ଡରେ ସୁନାକଳସ ଢାଳିବେ ତାହା ସମୟ କହିବ ବୋଲି ରାଜନୈତିକ ବିଶେଷଜ୍ଞମାନେ କହିଛନ୍ତି।

ଯୁବନେତା ମହାନ୍ତି ଜଣେ ଯୁବ ସଙ୍ଗଠକ ଭାବେ ପରିଚିତ। କେନ୍ଦୁପତ୍ର କର୍ମଚାରୀ ସଂଘ ରାଜ୍ୟ ସମ୍ପାଦକ ତଥା ବିଭିନ୍ନ ଶ୍ରମିକ ସଂଘ ଓ ଅନୁଷ୍ଠାନ ସହିତ ସେ ଜଡିତ ଅଛନ୍ତି। ବିଜେଡି ଯୁବନେତାମାନଙ୍କୁ ବିଭିନ୍ନ କ୍ଷେତ୍ରରେ ସୁଯୋଗ ଦେଉଥିବାରୁ ସେ ଏହି ପଦ ପାଇବା ପାଇଁ ଆଶା ରଖିଛନ୍ତି। ଅନ୍ୟପକ୍ଷେ ଗତ ସାଧାରଣ ନିର୍ବାଚନରେ ପରାଜିତ ହୋଇଥିବା ଡା. ରାସେଶ୍ୱରୀ ପାଣିଗ୍ରାହୀ ଏହି ପଦବୀ ପାଇଁ ଆଶାୟୀ ରହିଛନ୍ତି। ପରାଜିତ ହୋଇଥିବା ନେତାଙ୍କୁ ଦଳ ଥଇଥାନ କରିବ ନାହିଁ ବୋଲି ପୂର୍ବରୁ ଚର୍ଚ୍ଚା ହେଉଥିଲା । ହେଲେ ରାଜ୍ୟ ଯୋଜନା ବୋର୍ଡ ଉପାଧ୍ୟକ୍ଷ ଭାବେ ସଞ୍ଜୟ ଦାସବର୍ମା ଓ ଉଠା ଜଳସେଚନ ନିଗମ ଅଧ୍ୟକ୍ଷ ଭାବେ ଅନୁପ ସାଏଙ୍କୁ ଅବସ୍ଥାପିତ କରାଯିବା ପରେ ରାସେଶ୍ୱରୀ ଏସ୍‌ଡିଏ ଅଧ୍ୟକ୍ଷ ପଦବୀ ପାଇଁ ଅପେକ୍ଷା କରିଛନ୍ତି । ତାଙ୍କ ସମୟରେ ସମ୍ବଲପୁର ସହରରେ ବିଭିନ୍ନ ଉନ୍ନୟନମୂଳକ କାମ ହୋଇଛି। ତେଣୁ ଦଳ ତାଙ୍କ ଉପରେ ଭରସା କରିବ ବୋଲି ସେ କହିଛନ୍ତି।

ଅନ୍ୟପକ୍ଷେ ଜିଲା ବିଜେଡି ସଭାପତି ଭାବେ ସିଦ୍ଧାର୍ଥ ଦାସଙ୍କୁ ନିଯୁକ୍ତ କରାଯାଇଛି। ସେହି ପଦ ପାଇଁ ଆଶାୟୀ ଥିବା ପୂର୍ବତନ ଜିଲା ସଭାପତି ଡ. ପ୍ରମୋଦ ରଥଙ୍କୁ ଏସ୍‌ଡିଏ ଅଧ୍ୟକ୍ଷ ପଦ ଦେଇ ଥଇଥାନ କରାଯାଇ ପରେ ବୋଲି ଚର୍ଚ୍ଚା ହେଉଛି । ସେ ମଧ ଏହି ପଦ ପାଇଁ ଲବି କରୁଛନ୍ତି। ସେହିପରି ପୁରୁଖା ନେତା ଆନନ୍ଦ ଜେନା ମଧ ନିଜ ଉଦ୍ୟମରେ ଲବି ଆରମ୍ଭ କରିଛନ୍ତି। ଏହି ପଦବୀକୁ ହାତେଇବା ପାଇଁ ସେ ଆଶାୟୀ ଥିବା ଏଥିରୁ ସ୍ପଷ୍ଟ ହୋଇଛି।

## ଦୌଡ଼ରେ ଯୁବନେତାଙ୍କଠାରୁ ବରିଷ୍ଠ ନେତା ପର୍ଯ୍ୟନ୍ତ

ଗତ ସାଧାରଣ ନିର୍ବାଚନରେ ପୂର୍ବରୁ କଂଗ୍ରେସରୁ ଆସି ବିଜେଡିରେ ଯୋଗ ଦେଇଥିବା ସ୍ୱାସ୍ଥ୍ୟମନ୍ତ୍ରୀ ନବ କିଶୋର ଦାସଙ୍କ ବଡ଼ଭାଇ ରାଜକିଶୋର ଦାସ (ମଞ୍ଜୁ) ଏହି ପଦ ପାଇଁ ଆଶାୟୀ ରହିଛନ୍ତି । ନବାଗତଙ୍କୁ ବିଜେଡି ଅଧିକାଂଶ ସମୟରେ ବିଭିନ୍ନ ପଦ ପଦବୀରେ ନିଯୁକ୍ତି ଦେଇ ଥଇଥାନ କରିଥିବା ଉଦାହରଣ ରହିଛି । ତେଣୁ ରାଜକିଶୋରଙ୍କୁ ମଧ ଦଳ ଏହି ପଦ ଦେଇ ଖୁସି କରିବାକୁ ଚେଷ୍ଟା କରିବ ବୋଲି ଚର୍ଚ୍ଚା ହେଉଛି ।

# ରାସ୍ତା ନ ଥାଇ କଲଭର୍ଟ ନିର୍ମାଣ

ଲୋଇସିଂହା,୧୯।୬(ଡି.ଏନ.ଏ.)

ବଲାଙ୍ଗୀର ଜିଲା ଲୋଇସିଂହା ବ୍ଲକ ବୁଡ଼ୀପଦର ପଞ୍ଚାୟତରେ ଉନ୍ନୟନ କାମରେ ବ୍ୟାପକ ଅନିୟମିତତା ହେଉଛି। ରାସ୍ତା ନ ଥିବା ଜାଗାରେ କଲଭର୍ଟ, ବିନା ଫାଇଲ ଖୋଲାରେ ଅଙ୍ଗନୱାଡି କେନ୍ଦ୍ର ନିର୍ମାଣ ଭଳି ସଙ୍ଗିନ ଅଭିଯୋଗ ଆଣିଛନ୍ତି ସ୍ଥାନୀୟ ଅଧିବାସୀ । ଏନେଇ ସେମାନେ ସ୍ଥାନୀୟ ବିଧାୟକ ଓ ବ୍ଲକ ପ୍ରଶାସନ ନିକଟରେ ଫେରାଦ ହୋଇ ତଦନ୍ତ ଦାବି କରିଛନ୍ତି। ଅଭିଯୋଗ ଅନୁଯାୟୀ, ବୁଡ଼ୀପଦର ପଞ୍ଚାୟତର ପିପିଲିପାଲି (ପଧାନପାଲି)ଠାରୁ ଆଗଲପୁର ବ୍ଲକ ବେଦ୍ରା ଗାଁକୁ ଏକ ପାଦଚଲା ରାସ୍ତା ରହିଛି । ଏହି ରାସ୍ତାରେ ଚାରିଚକିଆ ଯାନ ଦୂରେ ଥାଉ ଦୁଇ ଚକିଆ ଯାନରେ ଯିବା ଆସିବା କରିହୁଏ ନାହିଁ । ହେଲେ ପ୍ରଶାସନ ପକ୍ଷରୁ ସେହି ରାସ୍ତାରେ ମାଟି, ମୋରମ ରାସ୍ତା ନିର୍ମାଣ ଦିଗରେ ପ୍ରାଥମିକତା ନ ଦେଇ ଲକ୍ଷାଧିକ ଟଙ୍କା ବ୍ୟୟରେ କଲଭର୍ଟ ନିର୍ମାଣ କରାଯାଉଛି । ସରକାରୀ ତଥ୍ୟ ମୁତାବକ ୨୦୧୭-୧୮ ଓ ୨୦୧୮-୧୯ ଆର୍ଥିକ ବର୍ଷରେ ଉପରୋକ୍ତ ରାସ୍ତାରେ ଆବଶ୍ୟକତା ନ ଥାଇ ଲକ୍ଷାଧିକ ଟଙ୍କା ବ୍ୟୟରେ ୫ଟି କଲଭର୍ଟ ନିର୍ମାଣ ହୋଇଛି। ହେଲେ ଉକ୍ତ ରାସ୍ତାରେ କେବଳ ୩ଟି କଲଭର୍ଟ ଥିବାବେଳେ ବାକି ୨ଟି କଲଭର୍ଟର ଚିହ୍ନବର୍ଣ୍ଣ ନ ଥିବା ଅଭିଯୋଗକାରୀ ପ୍ରକାଶ କରିଛନ୍ତି। ସେହିପରି ପଞ୍ଚାୟତ ଅଧୀନ ନେଗିପାଲି ଗ୍ରାମରେ ବିନା ଫାଇଲ ଖୋଲା ତଥା ମଞ୍ଜୁରୀରେ ଏକ ଅଙ୍ଗନୱାଡି କେନ୍ଦ୍ର ନିର୍ମାଣ କାମ ଚାଲିଥିବା ଅଭିଯୋଗ ହୋଇଛି । ଏତଦ୍‌ବ୍ୟତୀତ ମାଟି କାମ ହେଉ କିମ୍ବା ଅନ୍ୟାନ୍ୟ ଉନ୍ନୟନ କାମ କେଉଁଠାରେ ସୂଚନା ଫଳକ ଲଗାଯାଉ ନାହିଁ। ଏ ସମ୍ପର୍କରେ ବ୍ଲକ ସହକାରୀ ଯନ୍ତ୍ରୀ ପ୍ରକାଶ ସେଠୀଙ୍କୁ ପଚାରିବାରୁ ନିକଟରେ ଏଠାରେ ମୁଁ ଯୋଗଦେଇଛି । ଅଭିଯୋଗ ଉପରେ ତଦନ୍ତ କରାଯିବ। ସତ୍ୟତା ଥିଲେ ନିଶ୍ଚିତ ଭାବେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ ବୋଲି କହିଛନ୍ତି।



ପିପିଲିପାଲି-ବେଦ୍ରା ରାସ୍ତାରେ ନିର୍ମାଣାଧୀନ କଲଭର୍ଟ ।

## ଅଭିଯୋଗର ତଦନ୍ତ ହେବ: ଯନ୍ତ୍ରୀ

### ଯୁବତୀଙ୍କ ଗଳାକାଟି ହତ୍ୟା

ପାଇକମାଳ,୧୯।୬(ଡି.ଏନ.ଏ)

ବରଗଡ଼ ଜିଲା ପାଇକମାଳ ଥାନା ଅନ୍ତର୍ଗତ କେଛୋଦାଦର ପଞ୍ଚାୟତର ଟେମରି ଛେଲିଆମାଳରେ ଶୁକ୍ରବାର ଜଣେ ଯୁବତୀଙ୍କ ଗଳାକାଟି ହତ୍ୟା କରାଯାଇଥିବା ଅଭିଯୋଗ ହୋଇଛି। ମୃତ ଯୁବତୀ ଜଣକ ଏହି ଗ୍ରାମର ମକରଧ୍ୱଜ ନାଏକଙ୍କ ଝିଅ ତପସ୍ୱିନୀ ନାଏକ (୧୯) । ସେ ସକାଳୁ କ୍ଷେତକୁ ଟୋଲ ସଂଗ୍ରହ ପାଇଁ ଯାଇଥିଲେ। ମାତ୍ର ଅପରାହ୍ନ ୨ଟା ପର୍ଯ୍ୟନ୍ତ ଘରକୁ ଫେରି ନ ଥିଲେ । ଫଳରେ ପରିବାର ଲୋକେ ତାଙ୍କୁ ଖୋଜାଖୋଜି କରିଥିଲେ। ଅପରାହ୍ନରେ ଟେମରି ଛେଲିଆମାଳ ସୀମା ଜମାନାଲିରେ ତପସ୍ୱିନୀଙ୍କ ମୃତଦେହ ପଡ଼ିଥିବା ସେମାନେ ଦେଖିବାକୁ ପାଇଥିଲେ। ଏ ନେଇ ସୂଚନା ପାଇବା ପରେ ପୋଲିସ ଘଟଣାସ୍ଥଳକୁ ପହଞ୍ଚିଥିଲା। ରାତ୍ରି ହୋଇଥିବାରୁ ସେଠାରେ ପୋଲିସ ମୃତଦେହକୁ ଜଗି ରହିଛି । ଶନିବାର ସାଇଣ୍ଟିଫିକ୍ ଟିମ୍ ପହଞ୍ଚିବା ପରେ ମୃତଦେହ ବ୍ୟବଚ୍ଛେଦ ପାଇଁ ପଦ୍ମପୁର ପଠାଯିବ ବୋଲି ପାଇକମାଳ ଥାନା ପୋଲିସ କହିଛି ।

### ଗୋଷ୍ଠୀ କେନ୍ଦ୍ର ନିର୍ମାଣକୁ ନେଇ ବିବାଦ

ଅମରପାଲି, ୧୯।୬ (ଡି.ଏନ.ଏ)

ସୁବର୍ଣ୍ଣପୁର ଜିଲା ବୀରମହାରାଜପୁର ଥାନା ଅନ୍ତର୍ଗତ ଗରଗଡବାହାଲ ଗ୍ରାମରେ ଗୋଷ୍ଠୀ କେନ୍ଦ୍ର ନିର୍ମାଣକୁ ନେଇ ବିବାଦ ଦେଖାଯାଇଛି। ଉକ୍ତ ଗ୍ରାମରେ ଏକ ଗୋଷ୍ଠୀ କେନ୍ଦ୍ର ନିର୍ମାଣ ପାଇଁ ସରକାରୀ ଅନୁଦାନ ଆସିଥିଲା । ଏ ନେଇ ଗ୍ରାମବାସୀ ଗ୍ରାମର ଏକ ସରକାରୀ ଜମିରେ ତାହା କରିବାକୁ ସ୍ଥିର କରିଥିଲେ । ତେଣୁ ଉକ୍ତ ସ୍ଥାନରେ ନିର୍ମାଣ କାମ ଆରମ୍ଭ କଲା ବେଳେ ସେହି ଗ୍ରାମର ଜଣେ ବ୍ୟକ୍ତି ଉକ୍ତ ସ୍ଥାନକୁ ନିଜ ଦଖଲରେ ଥିବା କହି ନିର୍ମାଣ କାମକୁ ବିରୋଧ କରିଥିଲେ। ତେଣୁ ଉଭୟ ପକ୍ଷ ବୀରମହାରାଜପୁର ଥାନାରେ ଅଭିଯୋଗ କରିବା ପରେ ପୋଲିସ ତଦନ୍ତ ଆରମ୍ଭ କରିଛି ।

# ସହାୟତା ଦାବିକଲେ ୪୦ କର୍ମଜୀବୀ ମହିଳା



ବଲାଙ୍ଗୀର କଂସାରିପଡାର କର୍ମଜୀବୀ ମହିଳାମାନେ ଜିଲାପାଳଙ୍କ କାର୍ଯ୍ୟାଳୟକୁ ଦାବିପତ୍ର ଦେବାକୁ ଆସିଛନ୍ତି ।

ବଲାଙ୍ଗୀର ଅଫିସ, ୧୯।୬

- କରୋନା ଭୟ, କାମ ମିଳୁନି
- ପରିବାର ଚଳାଇବା କଷ୍ଟକର ହେଲାଣି

କରୋନା ମହାମାରୀ ଓ ସଂକ୍ରମଣ ଭୟ କର୍ମଜୀବୀ ମହିଳାଙ୍କ ଜୀବିକା ଛଡାଇ ନେଇଛି । ଘର ଘର ବୁଲି ବାସନ ସଫା କରିବା ସହ ଅନ୍ୟକିଛି କାମ କରି ଦୁଇ ପଇସା ରୋଜଗାର କରୁଥିବା ଏହି ମହିଳାମାନେ ଏବେ ହାତବାନ୍ଧି ବସିଛନ୍ତି। ଗତ ୩ ମାସ ହେଲା ସେମାନଙ୍କୁ କାମ ମିଳୁନାହିଁ । ଏଭଳି ସ୍ଥିତିରେ ସେମାନେ ପରିବାର ଚଳାଇବା କଷ୍ଟକର ହୋଇପଡିଛି। ସରକାର ତୁରନ୍ତ ସହାୟତା ଯୋଗାଇ ନ ଦେଲେ ସେମାନଙ୍କ ଅବସ୍ଥା ସାଂଘାତିକ ହୋଇପଡିବ ବୋଲି ବଲାଙ୍ଗୀର ସହର କଂସାରୀପଡାର ୪୦ କର୍ମଜୀବୀ ମହିଳା ଜିଲାପାଳଙ୍କୁ ଲିଖିତ ଭାବେ ଜଣାଇଛନ୍ତି।

ଶୁକ୍ରବାର ଏହି କର୍ମଜୀବୀ ମହିଳାମାନେ ଜିଲାପାଳଙ୍କ କାର୍ଯ୍ୟାଳୟକୁ ଆସି ଜିଲାପାଳଙ୍କ ଉଦ୍ଦେଶ୍ୟରେ ଦାବିପତ୍ର ପ୍ରଦାନ କରିଛନ୍ତି । ସେମାନେ ଜିଲାପାଳଙ୍କ ଦୃଷ୍ଟିଆକର୍ଷଣ କରିଛନ୍ତି ଯେ, କରୋନା ଭୟରେ ଲୋକେ ଆଉ ସେମାନଙ୍କୁ କାମ କରିବାକୁ ଦେଉନାହାନ୍ତି। ସମସ୍ତଙ୍କୁ କରୋନା ଭୂତାଣୁ ସଂକ୍ରମଣ ଭୟ ଘାରିଛି। କରୋନା କଟକଣା କୋହଳ ହେଲେ ସେମାନେ କାମ ପାଇବେ ବୋଲି ଆଶା କରୁଥିଲେ, ମାତ୍ର ସେହି ମହିଳାମାନଙ୍କୁ ଏବେ ବି କାମ ମିଳୁନାହିଁ। ରୋଜଗାର ହରାଇବା ପରେ ସେମାନଙ୍କ ପକ୍ଷେ ପରିବାର ଚଳାଇବା କଷ୍ଟକର ହୋଇପଡିଛି । କେତେଜଣ ମହିଳା କହିଛନ୍ତି, ସରକାର କରୋନା ସହାୟତା ଯୋଗାଉଥିବା କହିଥିଲେ ମଧ ସେମାନଙ୍କୁ ତାହା ମିଳିନାହିଁ । ଏଭଳି ସ୍ଥିତିରେ ସରକାର ଆଉ ବିଳମ୍ବ ନ କରି ଆର୍ଥିକ ସହାୟତା ଯୋଗାଇବାକୁ ସେମାନେ ନିବେଦନ କରିଛନ୍ତି ।

## ସେବାୟତଙ୍କୁ ସହାୟତା ଲାଗି ଜିଲାପାଳଙ୍କୁ ଦାବିପତ୍ର

କନ୍ଧାପଙ୍କ, ୧୯।୬ (ଡି.ଏନ.ଏ)

ବର୍ତ୍ତମାନ କରୋନା ପରିସ୍ଥିତି ଉତ୍କଟ ହେବା ଯୋଗୁ ବୌଦ୍ଧ ଜିଲାର ବିଭିନ୍ନ ମନ୍ଦିର, ଦେବୀ ପୀଠ, ପଣ୍ଡାଇ ଆଦି ପୂଜା ସ୍ଥଳୀରେ ପୂଜା କରୁଥିବା ବ୍ରାହ୍ମଣ, ମାଳି ଓ କେଉଟ ସମ୍ପ୍ରଦାୟର ସେବକମାନଙ୍କର ପୂଜା କାର୍ଯ୍ୟ ବନ୍ଦ ରହିଛି । ଫଳରେ ସେମାନଙ୍କ ରୋଜଗାର ଉପରେ ପ୍ରଭାବ ପଡିଛି । କେନ୍ଦ୍ର ଓ ରାଜ୍ୟ ସରକାର ଶ୍ରମିକ ଏବଂ ବିଭିନ୍ନ ସମ୍ପ୍ରଦାୟକୁ ସରକାରୀ ସହାୟତା ପ୍ରଦାନ କରୁଛନ୍ତି । ତେବେ ମନ୍ଦିର ସେବାୟତମାନଙ୍କୁ ଅଣଦେଖା କରାଯାଉଥିବାରୁ ବୌଦ୍ଧ ଜିଲାପାଳଙ୍କ ଜରିଆରେ ମୁଖ୍ୟମନ୍ତ୍ରୀଙ୍କ ଉଦ୍ଦେଶ୍ୟରେ ମନ୍ଦିର ସେବାୟତମାନଙ୍କୁ ଆର୍ଥିକ ସହଯୋଗ କରିବା ପାଇଁ ଏକ ଦାବିପତ୍ର ପ୍ରଦାନ କରାଯାଇଥିଲା । ଭାରତୀୟ ମାନବାଧିକାର ସଂଘ ବୌଦ୍ଧ ଶାଖା ସଭାପତି ଯଦୁମଣି ମିଶ୍ରଙ୍କ ନେତୃତ୍ୱରେ ସଂଘର ସଭ୍ୟମାନେ ଉପସ୍ଥିତ ଥିଲେ ।

## କରୋନା ମୁକାବିଲା ପାଇଁ ସଚେତନତା ଆବଶ୍ୟକ

ଜୁନାଗଡ,୧୯।୬(ସ୍ୱ.ପ୍ର)

କଳାହାଣ୍ଡି ଜିଲା ଜୁନାଗଡରେ ଲୁଥରେନ ୱାର୍ଲ୍ଡ ସର୍ଭିସ ଇଣ୍ଡିଆ ଟ୍ରଷ୍ଟ ପକ୍ଷରୁ ଦୁନ୍ଦେଲମାଲ, ବାଙ୍କପଲାସ, ବଙ୍କି ଡୁଲସିପଲି, ଦେଦର, ଚାରଭାଟି ପଞ୍ଚାୟତରେ ଲୋକଙ୍କୁ ସଚେତନ କରାଯାଇଛି। କରୋନା ପରିସ୍ଥିତିରେ ମୁକାବିଲା ପାଇଁ ସାବୁନରେ ହାତ ଧୋଇବା ସହ ମାକ୍ସ ପିନ୍ଧିବାକୁ ସଚେତନ କରାଯାଇଛି । ଆବଶ୍ୟକ ନ ଥିଲେ ଆଦୌ ଘରକୁ ନ ବାହାରିବା ସହ ସାମାଜିକ ବ୍ୟବଧାନ ରଖିବା ଉପରେ ସଚେତନ କରାଯାଇଛି। ଚାରଭାଟି ପଞ୍ଚାୟତ ତେନ୍ତୁଲିଖୁଣ୍ଟିରେ ଜୁନାଗଡ ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ରର ଡାକ୍ତର ବିବେକାନନ୍ଦ ମହାନନ୍ଦ, ବ୍ଲକ ସ୍ୱାସ୍ଥ୍ୟ ପ୍ରକଳ୍ପ ପରିଚାଳାକ ସୁରେନ୍ଦ୍ର ନାଏକ ଅତିଥି ଭାବରେ ଯୋଗ ଦେଇଥିଲେ । ସତ୍ୟଶ୍ରୀ ନାୟକ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ । ଏହି ଶିବିରରେ ପୂର୍ଣ୍ଣଚନ୍ଦ୍ର ସେଠୀ, ସାଗରିକା ରାଉତ, ବୀରେନ୍ଦ୍ର ବାରିକ ପ୍ରମୁଖ ସହଯୋଗ କରିଥିଲେ । ଶେଷରେ ଦୁନ୍ଦେଲମାଲ ପଞ୍ଚାୟତ ନାଏବ ସରପଞ୍ଚ କସ୍ତୁରୀ ନାଏକ ଧନ୍ୟବାଦ ପ୍ରଦାନ କରିଥିଲେ ।

## ଏକ୍ସପାଏରି ବିଦେଶୀ ମଦ ବିକ୍ରି

ନୂଆପଡା ଅଫିସ,୧୯।୬: ନୂଆପଡ଼ାରେ ବିଦେଶୀ ମଦ ଦୋକାନୀଗୁଡ଼ିକ ଖୋଲା ଖୋଲି ଏକ୍ସପାଏରି ମଦ ବିକୁଛନ୍ତି। ସୋସିଆଲ ମିଡ଼ିଆରେ ଏହା ଭାଇରାଲ ମଧ ହୋଇଛି। ସ୍ଥାନୀୟ ଗରିବ ସେନାର ରବି ମଙ୍ଗରାଜ ଏ ନେଇ ଥାନାରେ ଏ ନେଇ ଏତଲା ଦେଇଛି। ତେବେ ଥାନା ଅଧିକାରୀ ଆଦିତ୍ୟ କୁମାର ମହାକୁଡ କହିଛନ୍ତି ଯେ, ଏହା ଉପରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ।

# ପଙ୍ଗପାଳ ମୁକାବିଲା ପାଇଁ ପ୍ରଶାସନ, କୃଷି ବିଭାଗ ସଜାଗ

ସୁନ୍ଦରଗଡ଼,୧୯।୬ (ଡି.ଏନ୍.ଏ.)

ମଧ୍ୟପ୍ରଦେଶରୁ ଛତିଶଗଡ଼ ମୁହାଁ ହୋଇଥିବା ପଙ୍ଗପାଳ ଆଗମନକୁ ନେଇ ସୁନ୍ଦରଗଡ ଜିଲା ଚାଷୀମାନେ ଚିନ୍ତାରେ ଅଛନ୍ତି । ଛତିଶଗଡ ସୀମାନ୍ତରେ ରହିଛି ସୁନ୍ଦରଗଡ଼ ଜିଲା । ବିଶେଷ କରି ଜିଲାର ହେମଗିର ,ଲେଫ୍ରିପଡା ,ବାଲିଶଙ୍କରା ଆଦି ବ୍ଲକର ଚାଷୀମାନଙ୍କୁ ପଙ୍ଗପାଳ ଭୟ ଘାରିଛି । ଜୁନ୍ ୧ରେ ପଙ୍ଗପାଳ ଛତିଶଗଡ ରାଜ୍ୟ ଓଡିଶା ସୀମାନ୍ତ କରେୟା ଜିଲାରେ ପ୍ରବେଶ କରିଥିଲେ । ସେହି ଜିଲାର ଭରତପୁର ବ୍ଲକରେ ପଙ୍ଗପାଳ ଦଳକୁ ଜିଲା ପ୍ରଶାସନ ଘଉଡାଇ ଥିଲେ ହେଁ ସେମାନେ ଦିନକୁ ୨୦୦ କିଲୋମିଟର ଅତିକ୍ରମ କରିଥାଆନ୍ତି । ସେଠାରୁ ୩୨୦କିମି ଦୂରରେ ସୁନ୍ଦରଗଡ ଜିଲା ସୀମା ରହିଛି। ପଙ୍ଗପାଳ ଦଳ ପଛକୁ ନ ଫେରି ଯଦି ଆଗକୁ ମାଡ଼ି ଆସନ୍ତି ତାହା ହେଲେ ସେମାନେ ଗୋଟିଏ ରାତିରେ ସୁନ୍ଦରଗଡ଼ ଜିଲାରେ ପ୍ରବେଶ କରିବାର ସମ୍ଭାବନା ରହିଥିବା ଚାଷୀମାନେ ଆଶଙ୍କା ବ୍ୟକ୍ତ କରିଛନ୍ତି । ଏ ସମ୍ପର୍କରେ ଜିଲା କୃଷି ଉପନିର୍ଦ୍ଦେଶକ ଲକ୍ଷ୍ମୀ ନାରାୟଣ ଦାଶଙ୍କୁ ପଚାରିବାରୁ ପଙ୍ଗପାଳଙ୍କ ସାମ୍ଭାବ୍ୟ ଆଗମନର ମୁକାବିଲା ନିମନ୍ତେ ଜିଲାପାଳ ନିଖିଲ ପବନକଲ୍ୟାଣଙ୍କ ଅଧ୍ୟକ୍ଷତାରେ ଏକ ବୈଠକ ଜୁନ୨ ତାରିଖରେ ଅନୁଷ୍ଠିତ ହୋଇଥିଲା । ଏହାର ମୁକାବିଲା ନିମନ୍ତେ ଜିଲା ପ୍ରଶାସନ ଓ ଜିଲା କୃଷି ବିଭାଗ ଅଧିକାରୀମାନେ ସଜାଗ ରହିବାକୁ ଜିଲାପାଳ ନିର୍ଦ୍ଦେଶ ଦେଇଛନ୍ତି । ପ୍ରତି ବ୍ଲକରେ କୃଷି କର୍ମଚାରୀମାନେ ଚାଷୀଙ୍କୁ ଆଗୁଆ ସୂଚନା ଦେବା ସହ କୃଷି ବିଭାଗ ପକ୍ଷରୁ ସ୍ପ୍ରେୟର ଓ ଆନୁଷଙ୍ଗିକ ଔଷଧ ମହଜୁଦ ରଖାଯାଇଛି ବୋଲି କୃଷି ଉପ ନିର୍ଦ୍ଦେଶକ ପ୍ରକାଶ କରିଛନ୍ତି ।

# ‘ଗରିବ କଲ୍ୟାଣ ଯୋଜନାର ସୁଫଳ ମିଳୁନାହିଁ’

ବଲାଙ୍ଗୀର ଅଫିସ, ୧୯।୬

ସରକାରଙ୍କ ଗରିବ କଲ୍ୟାଣ ଯୋଜନାର ସୁଫଳ ଗରିବ ଲୋକମାନେ ପାଉନାହାନ୍ତି। ଭୂମିହୀନମାନଙ୍କୁ ଜାଗା ମିଶନର ପଟ୍ଟା ମିଳୁନାହିଁ । ବସୁନ୍ଧରା ଯୋଜନାର ସୁଫଳ, ଜଙ୍ଗଲ ଜମି ଅଧିକାର ପଟ୍ଟା ମିଳୁନାହିଁ । ଏଭଳି ସ୍ଥିତିରେ ସରକାର ଯୋଜନା କରୁଛନ୍ତି, ମାତ୍ର ଗରିବ ଲୋକମାନେ ଯୋଜନାର ଲାଭ ପାଇବାରୁ ବଞ୍ଚିତ ହେଉଛନ୍ତି ବୋଲି ଭିଲେଜର୍ସ ଇଣ୍ଡିଆ ପାର୍ଟି ସଭାପତି ଡ. ବିପିନ କୁଶଲିଆ ମୁଖ୍ୟମନ୍ତ୍ରୀଙ୍କ ଉଦ୍ଦେଶ୍ୟରେ ଏକ ଦାବିପତ୍ର ବଲାଙ୍ଗୀର ଅତିରିକ୍ତ ଜିଲାପାଳଙ୍କୁ ପ୍ରଦାନ କରିଛନ୍ତି। ବଲାଙ୍ଗୀର ମ୍ୟୁନିସିପାଲିଟି ଅନ୍ତର୍ଗତ ବିଷ୍ଣୁମୁଣ୍ଡା ଗ୍ରାମର ମହିଳାମାନେ ଜିଲାପାଳ କାର୍ଯ୍ୟାଳୟକୁ ଆସି ଅତିରିକ୍ତ ଜିଲାପାଳ ଅନନ୍ତ ନାରାୟଣ ସିଂ ଲାଗୁରୀଙ୍କୁ ସେମାନଙ୍କ ଅସୁବିଧା ଜଣାଇଥିଲେ । କରୋନା ଲକ୍‌ଡାଉନ୍ ଯୋଗୁ ଜୀବିକା ହରାଇଥିବା ଏହି ମହିଳାମାନଙ୍କୁ ତୁରନ୍ତ ସରକାରୀ ସହାୟତା ଯୋଗାଇବାକୁ ସେମାନେ ଜଣାଇଥିଲେ । ଦାବିପତ୍ରକୁ ମୁଖ୍ୟମନ୍ତ୍ରୀଙ୍କ ପାଖକୁ ପଠାଇବେ ବୋଲି ଅତିରିକ୍ତ ଜିଲାପାଳ ଲାଗୁରୀ କହିଥିଲେ ।



ଅତିରିକ୍ତ ଜିଲାପାଳଙ୍କ ଜରିଆରେ ମୁଖ୍ୟମନ୍ତ୍ରୀଙ୍କ ଦାବିପତ୍ର ଦିଆଯାଉଛି ।

# ବିପର୍ଯ୍ୟୟ ପରିଚାଳନା ପାଇଁ ମକ୍‌ଡ୍ରିଲ

ସମ୍ବଲପୁର,୧୯।୬ (ବ୍ୟୁରୋ)

ସମ୍ବଲପୁର ଜିଲାପାଳଙ୍କ କାର୍ଯ୍ୟାଳୟ ପରିସରରେ ଜିଲାସ୍ତରୀୟ ବିପର୍ଯ୍ୟୟ ପରିଚାଳନା ମକ୍‌ଡ୍ରିଲ ଶୁକ୍ରବାର ଅନୁଷ୍ଠିତ ହୋଇଯାଇଛି । ଏଥିରେ ଏଡିଏମ୍ ସୂର୍ଯ୍ୟନାରାୟଣ ଦାଶ, ଜିଲା ଜରୁରୀକାଳୀନ ଅଧିକାରୀ ଶୁଭସ୍ମିତା ମିଶ୍ର ତଥା ବିଭିନ୍ନ ବିଭାଗର ଜିଲାସ୍ତରୀୟ ଅଧିକାରୀମାନେ ଉପସ୍ଥିତ ଥିଲେ । ଜିଲା ଅଗ୍ନିଶମ ବିଭାଗ ଅଧିକାରୀ ଲୋକେଶ୍ୱର ପଟେଲଙ୍କ ତତ୍ତ୍ୱାବଧାନରେ ଅଗ୍ନିଶମ ବିଭାଗ କର୍ମଚାରୀମାନେ ଗଛ କାଟିବା, ଅନ୍ଧାରରେ ଉଦ୍ଧାର କରିବା ଭଳି ବିଭିନ୍ନ କୌଶଳ ପ୍ରଦର୍ଶନ କରିଥିଲେ। ବିଭିନ୍ନ ସାମାଜିକ ଅନୁଷ୍ଠାନର ସଦସ୍ୟ, ସ୍ୱେଚ୍ଛାସେବୀମାନେ ଉପସ୍ଥିତ ରହି ତାଲିମ ନେଇଥିଲେ। ପରେ ବିନାଖଣ୍ଡିରେ ଥିବା ବହୁମୁଖୀ ଆଶ୍ରୟ ସ୍ଥଳିରେ ମଧ ମକ୍‌ଡ୍ରିଲ ଅନୁଷ୍ଠିତ ହୋଇଥିଲା।

**ବରଗଡ଼ ଅଫିସ୍,୧୯।୬–** ବରଗଡ଼ ଜିଲାପାଳଙ୍କ କାର୍ଯ୍ୟାଳୟ ସମେତ ଜିଲାର ବିଭିନ୍ନ ବ୍ଲକ ଅଫିସ ଏବଂ ୩ଟି ବହୁମୁଖୀ ଆଶ୍ରୟସ୍ଥଳୀରେ ବିପର୍ଯ୍ୟୟ ମୁକାବିଲା ପାଇଁ ମଧ ଶୁକ୍ରବାର ସାମୂହିକ ଅଭ୍ୟାସ (ମକ୍‌ଡ୍ରିଲ) ଅନୁଷ୍ଠିତ ହୋଇଯାଇଛି। ଜିଲାପାଳ ଜ୍ୟୋତିରଞ୍ଜନ ପ୍ରଧାନ, ଅତିରିକ୍ତ ଜିଲାପାଳ ମିର୍ଦ୍ଧା ଟପ୍ପୋ, ବରଗଡ଼ ଅଗ୍ନିଶମ ଅଧିକାରୀ ପ୍ରଶାନ୍ତ କୁମାର ମହାପାତ୍ର ଏବଂ ବିଭାଗୀୟ ଅଧିକାରୀମାନେ ସାମିଲ ହୋଇଥିଲେ।



ବିପର୍ଯ୍ୟୟ ମୁକାବିଲା ପାଇଁ ବରଗଡ଼ ଜିଲାପାଳଙ୍କ ଅଫିସରେ ଚାଲିଥିବା ମକ୍‌ଡ୍ରିଲ ।

**ସୋନପୁର, ୧୯।୬ (ନି.ପ୍ର.)–** ସୁବର୍ଣ୍ଣପୁର ଜିଲାସ୍ତରୀୟ ମକ୍‌ଡ୍ରିଲ୍ କାର୍ଯ୍ୟକ୍ରମ ଜିଲାପାଳଙ୍କ କାର୍ଯ୍ୟାଳୟ ସମ୍ମୁଖରେ ଶୁକ୍ରବାର ଅନୁଷ୍ଠିତ ହୋଇଥିଲା। ଜିଲାପାଳ ମୋନିଷା ବାନାର୍ଜୀ, ଅତିରିକ୍ତ ଜିଲା ମୁଖ୍ୟ ଚିକିତ୍ସା ଓ ଜନସ୍ୱାସ୍ଥ୍ୟ ଅଧିକାରୀ ଡା. ନବ କିଶୋର ବେହେରା, ଯୁବ ରେଡକ୍ରସର ଜିଲା ସଂଯୋଜକ ଅଧାପକ ଉମାକାନ୍ତ ନାଗ, ଜିଲା ଜରୁରିକାଳୀନ ଅଧିକାରୀ ମୁକ୍ତେଶ୍ୱର ପାଣିଗ୍ରାହୀ, ଜିଲା ସୂଚନା ଓ ଲୋକ ସମ୍ପର୍କ ଅଧିକାରୀ ହରିଚରଣ ମିଶ୍ର, ଡିପିସି ବିଶ୍ୱନାଥ ନାୟକ, ଅଗ୍ନିଶମ ଅଧିକାରୀ ବଳରାମ ପଧାନ, ଦୀନେଶ ରଞ୍ଜନ ମିଶ୍ର ଓ ସାମାଜିକ କର୍ମୀ ଶ୍ରୀବତ୍ସ ମଲ୍ଲିକ ପ୍ରମୁଖ ଯୋଗ ଦେଇଥିଲେ।

**ବଲାଙ୍ଗୀର ଅଫିସ, ୧୯।୬–** ସ୍ଥାନୀୟ ଗାନ୍ଧୀ ଭବନ ଠାରେ ଶୁକ୍ରବାର ବିପର୍ଯ୍ୟୟ ପରିଚାଳନା ପାଇଁ ଜିଲାସ୍ତରୀୟ ମକ୍‌ଡ୍ରିଲ ଓ ସଚେତନତା ସଭା ଅନୁଷ୍ଠିତ ହୋଇଥିଲା। ଅତିରିକ୍ତ ଜିଲାପାଳ ଅନନ୍ତ ନାରାୟଣ ଲାଗୁରୀ, ଜିଲା ଜରୁରିକାଳୀନ ଅଧିକାରୀ ଶଙ୍କର୍ଷଣ ପ୍ରଧାନ, ଜିଲା ଅଗ୍ନିଶମ ଅଧିକାରୀ ଏସ୍. ଏସ୍. ସିଂ, ଓସ୍‌ଡମାର ଜିଲା ପ୍ରକଳ୍ପ ଅଧିକାରୀ ଗୀତାଞ୍ଜଳି ସା, ଜିଲା ସୂଚନା ଓ ଲୋକସମ୍ପର୍କ ଅଧିକାରୀ ଜୟଦେବ ପାଣିଗ୍ରାହୀ ପ୍ରମୁଖ ଉପସ୍ଥିତ ଥିଲେ।

## ସଂକ୍ଷେପରେ

### ଗଛରେ ଝୁଲି ପ୍ରବାସୀ ଶ୍ରମିକଙ୍କ ଆତ୍ମହତ୍ୟା

ଟିଟିଲାଗଡ଼,୧୯।୬(ଡି.ଏନ.ଏ.): ଟିଟିଲାଗଡ଼ ହାଟପଦା ଅଞ୍ଚଳର ଜଣେ ବ୍ୟକ୍ତି ସ୍ଥାନୀୟ ଶବ ବ୍ୟବଚ୍ଛେଦ ଗୃହ ନିକଟ ଏକ ନିମ ଗଛରେ ଝୁଲି ଆତ୍ମହତ୍ୟା କରିଛନ୍ତି । ମୃତକ ହେଲେ ଗିରିଧାରୀ ସାହୁ (୫୫) । ସେ ଗୁରୁବାର ରାତିରେ ପରିବାର ସଦସ୍ୟଙ୍କ ସହ ଖାଇପିଇ ଶୋଇଥିଲେ । ଶୁକ୍ରବାର ସକାଳୁ ସେ ଘରେ ନ ଥିଲେ । ପରେ ସହର ଉପକଣ୍ଠ ଶବ ବ୍ୟବଚ୍ଛେଦ ଗୃହ ନିକଟ ଗଛରୁ ତାଙ୍କ ଝୁଲନ୍ତା ମୃତଦେହକୁ ଉଦ୍ଧାର କରାଯାଇଥିଲା । ଏ ନେଇ ଏକ ଅପମୃତ୍ୟୁ ମାମଲା(ନଂ.୨୦/୨୦) ରୁଜୁ ହୋଇଛି । ଗିରିଧର ଅନ୍ୟ ରାଜ୍ୟରେ କାମ କରୁଥିଲେ। ଲକ୍‌ଡାଉନ ଯୋଗୁ ସେଠାରେ କାମ ନ ମିଳିବାରୁ ସେ ଘରକୁ ଫେରିଥିଲେ ।

### ଝୁଲନ୍ତା ମୃତଦେହ ଉଦ୍ଧାର

ମନମୁଣ୍ଡା,୧୯।୬(ଡି.ଏନ.ଏ): ମନମୁଣ୍ଡା ଥାନା ବାସୁଦେବପାଲି ଗ୍ରାମରେ ଜଣେ ବ୍ୟକ୍ତିଙ୍କ ଝୁଲନ୍ତା ମୃତଦେହ ତାଙ୍କ ବାସଭବନରୁ ଶୁକ୍ରବାର ଉଦ୍ଧାର କରାଯାଇଛି । ମୃତକ ଜଣକ ହେଲେ ସ୍ୱର୍ଗତ ତୀର୍ଥବାସୀ ମେହେରଙ୍କ ବଡପୁଅ ଅଲେଖ (୪୫) । ମୃତ୍ୟୁର କାରଣ ଜଣାପଡି ନ ଥିଲେ ହେଁ ସେ ଆତ୍ମହତ୍ୟା କରିଥିବା ସନ୍ଦେହ କରାଯାଉଛି । ପୋଲିସ ମୃତଦେହ ଉଦ୍ଧାର କରି ବ୍ୟବଚ୍ଛେଦ ନିମନ୍ତେ ପଠାଇବା ସହ ଏକ ଅପମୃତ୍ୟୁ ମାମଲା ରୁଜୁ କରିଛି ।

### ଶିକାରୀ ଗୁଳିରେ ଦନ୍ତା ହାତୀର ମୃତ୍ୟୁ ଘଟଣା: ୬ ଅଟକ

ବୌଦ୍ଧ,୧୯।୬(ସ୍ୱ.ପ୍ର.)-ହରଭଙ୍ଗା ବ୍ଲକର ମୁଣ୍ଡେସର ସଂରକ୍ଷିତ ଜଙ୍ଗଲରେ ଗତ ବୁଧବାର ଶିକାରୀ ଗୁଳିରେ ଗୋଟିଏ ଦନ୍ତାହାତୀର ମୃତ୍ୟୁ ଘଟିଥିଲା । ମୃତ ହାତୀ ଦେହରେ ୧୦ରୁ ୧୨ଟି ଗୁଳି ବାଜିଥିବା ବେଳେ ଶିକାରୀମାନେ ହାତୀର ଦାନ୍ତ ନେବାକୁ ସକ୍ଷମ ହୋଇ ନ ଥିଲେ । ଏହି ଘଟଣାରେ ଶୁକ୍ରବାର ମାଧପୁର ରେଞ୍ଜର ବନ କର୍ମଚାରୀ ତଳଗାଁ ପଞ୍ଚାୟତ ୬ ଜଣଙ୍କୁ ଅଟକ ରଖି ତଦନ୍ତ ଚଳାଇଛି ।

### ୩ ବାଇକ୍ ଜବତ, ୪ ଅଭିଯୁକ୍ତ ଗିରଫ

କଣ୍ଟାବାଞ୍ଜି,୧୯।୬(ଡି.ଏନ୍.ଏ.): କଣ୍ଟାବାଞ୍ଜି ପୋଲିସ ଶୁକ୍ରବାର ୩ଟି ନମ୍ବର ବିହୀନ ମୋଟର ସାଇକେଲ ଜବତ କରିଛି । ଏହି ଘଟଣାରେ ପୋଲିସ ୪ଜଣଙ୍କୁ ଗିରଫ କରି କୋର୍ଟଚାଲାଣ କରିଛି । ସେମାନେ ହେଲେ ମୁଣ୍ଡାଗାଁର ରାଜକିଶୋର ମହାନନ୍ଦ (୨୦), କଣ୍ଟାବାଞ୍ଜିର ରୋହିତ ପାଣ୍ଡେ (୨୦),ପ୍ରେମ ବେହେରା (୨୧) ଓ ମନୋଜ ମେହେର (୩୨) । ଏ ସଂକ୍ରାନ୍ତରେ ଏକ ମାମଲା (ନଂ.୧୩୯/୧୮) ରୁଜୁ ହୋଇଛି ।

### ଶ୍ରମିକ ଟ୍ରେନ୍‌ରୁ ଉଦ୍ଧାର ପରେ ଶିଶୁକନ୍ୟା ଜନ୍ମ

ଟିଟିଲାଗଡ଼,୧୯।୬ (ଡି.ଏନ.ଏ.)- ଆନ୍ଧ୍ରପ୍ରଦେଶ ରାଜ୍ୟ ତିରୁପତିରୁ ସ୍ୱତନ୍ତ୍ର ଶ୍ରମିକ ଟ୍ରେନ୍ ଯୋଗେ ଫେରୁଥିବା ଜଣେ ପ୍ରବାସୀ ମହିଳା ଶ୍ରମିକ ଟିଟିଲାଗଡ଼ ଡାକ୍ତରଖାନାରେ କନ୍ୟା ସନ୍ତାନ ଜନ୍ମ ଦେଇଛନ୍ତି । ବଲାଙ୍ଗୀରର ପିଙ୍କି ଛତର ନାମ୍ନୀ ସମ୍ପୃକ୍ତ ମହିଳା ତିରୁପତିରୁ ନୂଆପଡାକୁ ସ୍ୱତନ୍ତ୍ର ଶ୍ରମିକ ଟ୍ରେନ୍‌ରେ ଫେରୁଥିଲେ । ଟିଟିଲାଗଡ଼ ଷ୍ଟେଶନ ନିକଟରେ ତାଙ୍କ ପ୍ରସବ ଯନ୍ତ୍ରଣା ଆରମ୍ଭ ହୋଇଥିଲା। ଏନେଇ ସୂଚନା ପାଇବା ପରେ ରେଲ୍‌ୱେ ମେଡିକାଲ ଅଧିକାରୀ, ଷ୍ଟେଶନ ପ୍ରବନ୍ଧକ ଓ କର୍ମଚାରୀମାନେ ତୁରନ୍ତ ତାଙ୍କୁ ଟ୍ରେନରୁ ଉଦ୍ଧାର କରି ଟିଟିଲାଗଡ଼ ଉପଖଣ୍ଡ ମୁଖ୍ୟ ଡାକ୍ତରଖାନାରେ ଭର୍ତ୍ତି କରିଥିଲେ। ସେଠାରେ ତାଙ୍କର ଏକ କନ୍ୟା ସନ୍ତାନ ଜନ୍ମ ହୋଇଛି। ପୂର୍ବରୁ ମଧ୍ୟ ଏପରି ୨ଟି ଘଟଣା ଘଟିଥିଲା ।

### ଶାଗୁଆନ, ଶାଳ ଗଣ୍ଡି ଜବତ: ଜଣେ ଗିରଫ

ବାଲିଶଙ୍କରା,୧୯।୬(ଡି.ଏନ.ଏ.): ସୁନ୍ଦରଗଡ଼ ବନଖଣ୍ଡ ଅଧୀନ ରାଉଲଡେଗା ସେକ୍ସନ୍‌ର ତଲସରା ଗ୍ରାମରୁ ଗୁରବାର ଲକ୍ଷାଧିକ ଟଙ୍କା ମୂଲ୍ୟର ଶାଗୁଆନ, ଶାଳ ଗଣ୍ଡି ଜବତ କରାଯାଇଛି। ଏହି ଘଟଣାରେ ଅଲେଖୀ ଆପଟ ନାମକ ଜଣେ ବ୍ୟକ୍ତିଙ୍କୁ ଗିରଫ କରାଯାଇଛି। ଅଲେଖୀ ଜଙ୍ଗଲରୁ ୧୧ଟି ଶାଗୁଆନ, ଶାଳ ଗଣ୍ଡି ଆଣି ଘରେ ରଖିଥିବା ସୁନ୍ଦରଗଡ ଜିଲା ବନଖଣ୍ଡ ଅଧିକାରୀଙ୍କୁ ସୂଚନା ମିଳିଥିଲା । ବନ କର୍ମଚାରୀମାନେ ତାଙ୍କ ଘରେ ଚଢ଼ାଉ କରି ସେହି ଗଣ୍ଡିଗୁଡ଼ିକୁ ଜବତ କରିବା ସହିତ ଅଲେଖଙ୍କୁ ଗିରଫ କରିଛନ୍ତି। ଜବତ ଗଣ୍ଡିର ମୂଲ୍ୟ ୧ ଲକ୍ଷରୁ ଊର୍ଦ୍ଧ୍ୱ ଟଙ୍କା ହେବ ବୋଲି ଜଣାପଡିଛି ।

# ନୂଆ ରୂପ ନେବ ଶାସନ କେନାଲ

ସମ୍ବଲପୁର, ୧୯।୬ (ବ୍ୟୁରୋ)



- ସମ୍ପୂର୍ଣ୍ଣ ୨୨ କି.ମି.କୁ ସିମେଣ୍ଟ ପ୍ରଲେପ ଦିଆଯିବ
- ପ୍ରଥମ ପର୍ଯ୍ୟାୟରେ ୮ କି.ମି ଲାଗି ଖର୍ଚ୍ଚ ହେବ ୬୩ କୋଟି

ସମ୍ବଲପୁର ଜିଲା ହୀରାକୁଦ ଜଳ ଭଣ୍ଡାରରୁ ବାହାରିଥିବା ଶାସନ କେନାଲ ଏବେ ବିପଦ ସଂକୁଳ ଅବସ୍ଥାରେ ରହିଛି । କେନାଲରେ ପ୍ରତିବର୍ଷ ଫାଟ ଓ ଘାଇ ମରାମତି କରାଯାଉଛି। ଏଣୁ ଜଳସମ୍ପଦ ବିଭାଗକୁ ଖର୍ଚ୍ଚାନ୍ତ ହେବାକୁ ପଡୁଛି। ଅନ୍ୟପକ୍ଷେ କେନାଲ ଭିତରେ ଅନାବନା ଲଟା ଓ ବୁଦା ଯୋଗୁ ଜଳ ପ୍ରବାହକୁ ବାଧା ଦେଉଛି। ଏଣୁ ତଳମୁଣ୍ଡକୁ ଠିକରେ ପାଣି ପହଞ୍ଚି ପାରୁନି। ଏହାଫଳରେ ଚାଷ କାର୍ଯ୍ୟରେ ବାଧା ସୃଷ୍ଟି ହେଉଛି। ଏହି ସମସ୍ୟାକୁ ସମାଧାନ କରିବାକୁ ଜଳସମ୍ପଦ ବିଭାଗ ସ୍ଥାୟୀ ପ୍ରତିକାର ବ୍ୟବସ୍ଥା ବାଛିଛି। ଏବେ ଶାସନ କେନାଲକୁ ଅତ୍ୟାଧୁନିକ ଜ୍ଞାନକୌଶଳରେ ମରାମତି କରିବା ପାଇଁ ବିଭାଗ ପକ୍ଷରୁ ପ୍ରସ୍ତାବ ଗୃହୀତ ହୋଇଛି। ୨୨ କି.ମି. ଏହି କେନାଲ ଭିତରର ଉଭୟ ପାର୍ଶ୍ୱ ସହ ତଳ (ବେଡ୍)ସମ୍ପୂର୍ଣ୍ଣ ସିମେଣ୍ଟ ପ୍ରଲେପ କରାଯିବାକୁ ନିଷ୍ପତ୍ତି ହୋଇଛି। ଏଥିପାଇଁ ପ୍ରଥମ ପର୍ଯ୍ୟାୟରେ ୮କି.ମି. ନିର୍ମାଣ କରିବାକୁ ୬୩ କୋଟି ଟଙ୍କାର ବ୍ୟୟ ଅଟକଳ କରାଯାଇ ରାଜ୍ୟ ସରକାରଙ୍କୁ ପ୍ରସ୍ତାବ ଦିଆଯାଇଛି। ତେବେ ରାଜ୍ୟ ସରକାରଙ୍କ ଦ୍ୱାରା ଏହି ପ୍ରସ୍ତାବ ଗୃହୀତ ହେଲେ ଖୁବ୍ ଶୀଘ୍ର ପ୍ରକଳ୍ପ କାମ ଆରମ୍ଭ କରାଯିବ। ହୀରାକୁଦ ଜଳ ଭଣ୍ଡାରର ଯେଉଁସ୍ଥାନରୁ କେନାଲ ବାହାରିଛି ସେହିସ୍ଥାନରେ ପ୍ରତିବର୍ଷ ସଫେଇ କରାଯାଇଥାଏ । ସେଠାରେ ଶିଉଳି ଓ ଲଟା ହେଉଥିବାରୁ ପାଣି ପ୍ରବାହିତ ହେବାରେ ସମସ୍ୟା ଉପୁଜିଥାଏ। ପାଣି ଜମା ରହୁଥିବାରୁ କିନ୍ତୁ ସମ୍ପୂର୍ଣ୍ଣ ଭାବେ ସଫା ହୋଇ ପାରି ନ ଥାଏ । ଏଣୁ ତଳି ଅଞ୍ଚଳର ଚାଷୀଙ୍କ ପାଇଁ ଠିକ୍ ଭାବରେ ପାଣି ପହଞ୍ଚିବା କଷ୍ଟକର ହୋଇଥାଏ । କେନାଲକୁ କଙ୍କଡା ଓ ମୂଷା ଗାତ କରି ଦେଉଛନ୍ତି। ସିମେଣ୍ଟ ପ୍ରଲେପ ହେଲେ ଏ ସବୁ ସମସ୍ୟା ଦୂର ହୋଇଯିବ। ଏହି କେନାଲ ଦ୍ୱାରା ପ୍ରାୟ ୨୧ ହଜାର ୫ଶହ ହେକ୍ଟର ଜମି ଚାଷ ହୋଇଥାଏ। ସମ୍ପୂର୍ଣ୍ଣ କେନାଲ ସିମେଣ୍ଟ ପ୍ରଲେପ ହେଲେ ଲଟା, ଅନାବନା ଗଛ କେନାଲ ହିଡରେ ଆଉ ଉଠି ପାରିବ ନାହିଁ। କେନାଲ ମରାମତି କରିବା ମଧ୍ୟ ଆଉ ଆବଶ୍ୟକ ହେବନି। କେନାଲରୁ ମଧ୍ୟ ପାଣି ଲିକ୍ ହେବାର କୌଣସି ସମ୍ଭାବନା ରହିବ ନାହିଁ। ଜଳସେଚନ ବିଭାଗର ମୁଖ୍ୟଯନ୍ତ୍ରୀ ସୁନୀଲ ନାୟକ ଗତ ୬ ତାରିଖରେ ସମ୍ବଲପୁର ଗସ୍ତରେ ଆସିଥିଲେ । ତାଙ୍କୁ ଏହି ପ୍ରସ୍ତାବ ଦେବା ପରେ ସେ ଶାସନ କେନାଲ ପରିଦର୍ଶନ କରିଥିଲେ। ସମ୍ବଲପୁର ଜିଲା ଜଳସେଚନ ବିଭାଗର ନିର୍ବାହୀଯନ୍ତ୍ରୀ ପ୍ରମୋଦ ପଣ୍ଡା ଏହି ସୂଚନା ଦେଇଛନ୍ତି। ସୂଚନାଯୋଗ୍ୟ, ସିମେଣ୍ଟ ଓ କେମିକାଲର ମିଶ୍ରଣରେ ଏହି ପ୍ରଲେପ ପ୍ରସ୍ତୁତ ହୋଇଥାଏ। କେନାଲର ଉଭୟ ପାର୍ଶ୍ୱ ଓ ବେଡ୍‌କୁ ସଫେଇ କଲାପରେ ପ୍ରଲେପକୁ ଦିଆଯାଏ। ପାଣି ସିଞ୍ଚନ ପରେ ପ୍ରାୟ ଅଧ ଘଣ୍ଟାରୁ ୧ ଘଣ୍ଟା ଭିତରେ ତାହା ଟାଣ ହୋଇଯାଇଥାଏ। କଂକ୍ରିଟଠାରୁ ମଧ୍ୟ ଏହା ଅଧିକ ସୁଦୃଢ ରହିଥାଏ।

# ରାପ୍ କଣ୍ଠଶିଳ୍ପୀ ଡୁଲେଶ୍ୱରଙ୍କୁ ହ୍ୟୁମାନ ସାଗରଙ୍କ ସହାୟତା

ଭବାନୀପାଟଣା,୧୯।୬ (ଡି.ଏନ୍.ଏ.)



ଡୁଲେଶ୍ୱର ତାଣ୍ଡି ।

କଳାହାଣ୍ଡି ଜିଲାର ଡୁଲେଶ୍ୱର ତାଣ୍ଡି ଜଣେ ବିପ୍ଳବୀ ରାପ୍ କଣ୍ଠଶିଳ୍ପୀ। ସେ ସୋସିଆଲ ମିଡ଼ିଆରେ ବେଶ ଚର୍ଚ୍ଚିତ। ହେଲେ ତାଙ୍କ ପରିବାରର ଆର୍ଥିକ ସ୍ଥିତି ଭଲ ନ ଥିବା କଥା ବିଭିନ୍ନ ଗଣମାଧ୍ୟମରେ ଖବର ପ୍ରକାଶ ପାଇବା ପରେ ଜଣାଶୁଣା କଣ୍ଠଶିଳ୍ପୀ ହ୍ୟୁମାନ ସାଗର ତାଙ୍କୁ ସହାୟତା ପ୍ରଦାନ ପାଇଁ ଆଗେଇ ଆସିଛନ୍ତି। ସେ ଜଣେ ପ୍ରତିଭାଙ୍କ ମନର କଥାକୁ ସହଜରେ ବୁଝି ପାରିଛନ୍ତି। ବୁଧବାର ହ୍ୟୁମାନ ସାଗର ଡୁଲେଶ୍ୱରଙ୍କ ସହ ଫୋନ ଯୋଗେ କଥା ହେବା ପରେ ୩୦ ହଜାର ଟଙ୍କା ସହାୟତା ରାଶି ପ୍ରଦାନ କରିଛନ୍ତି। ଆବଶ୍ୟକ ହେଲେ ଆଗକୁ ସହାୟତା ଦିଆଯିବ ବୋଲି ପ୍ରତିଶ୍ରୁତି ଦେଇଛନ୍ତି। ଏହା ପରେ ଡୁଲେଶ୍ୱର ଫେସବୁକ୍ ଆଇଡିରେ ପୋଷ୍ଟ କରି ହ୍ୟୁମାନ୍ ସାଗରଙ୍କୁ ଏଥିପାଇଁ ଧନ୍ୟବାଦ ଜଣାଇଛନ୍ତି।

ଡୁଲେଶ୍ୱର ଭବାନୀପାଟଣା ବ୍ଲକ ବୋର୍ଡା ଗାଁ ସ୍କୁଲରେ ପ୍ରାଥମିକ ଶିକ୍ଷା ଶେଷ ପରେ ୨୦୦୮ରେ ଭବାନୀପାଟଣା ସ୍ୱୟଂଶାସିତ ମହାବିଦ୍ୟାଳୟରେ ନାମ ଲେଖାଇ ଥିଲେ। ଯୁକ୍ତ ୩ ସାରିବା ପରେ ତାଙ୍କ ମାଆଙ୍କ ଦେହ ଖରାପ ହୋଇଥିଲା । ତାଙ୍କ ଚିକିତ୍ସା ପାଇଁ ଟଙ୍କାର ଆବଶ୍ୟକ ପଡିବାରୁ ସେ ପାଠ ଛାଡି ଟଙ୍କା ରୋଜଗାର ପାଇଁ ରାୟପୁରକୁ ଚାଲି ଯାଇଥିଲେ। ରାୟପୁରରେ କିଛି ଦିନ କାମ କରିଥିଲେ । ୨୦୧୬ରେ ତାଙ୍କ ବାପା ନୀଳାଞ୍ଚଳ ତାଣ୍ଡିଙ୍କ ଦେହାନ୍ତ ହୋଇଥିଲା। ଏବେ ମାଆଙ୍କ ସହ ରହୁଥିବା ଡୁଲେଶ୍ୱର ନିଜ ପ୍ରତିଭାର ନୂଆ ପରିଚୟ ସୃଷ୍ଟି କରିପାରିଛନ୍ତି। ରାପର ଡୁଲେ ରୋକର୍ ଭାବେ ପରିଚିତ ଡୁଲେଶ୍ୱର ନିଜ ଅଭାବୀ ସମସ୍ୟାକୁ ନେଇ ନନ୍ ଷ୍ଟପ୍ ରାପ୍ ସଙ୍ଗ ଉପସ୍ଥାପନା କରୁଛନ୍ତି। ସମାଜର ସାମ୍ପ୍ରତିକ ପରିସ୍ଥିତିରେ ବାସ୍ତବ ଚିତ୍ର ଉପସ୍ଥାପନା କରିବାରେ ସଫଳ ହୋଇପାରିଛନ୍ତି। ବେକାର ଥିବା ଡୁଲେ ଖପର ଘରର ରାପର୍ ଭାବେ ପରିଚିତ। ସେ ଦେଶର ବ୍ୟବସ୍ଥା, ଗରିବୀ ଓ ସାମାଜିକ ଅବ୍ୟବସ୍ଥା ଆଦିକୁ ନେଇ ନିଜ ରାପ୍ ସଙ୍ଗ ମାଧ୍ୟମରେ ବିପ୍ଳବ ଆରମ୍ଭ କରିଛନ୍ତି।

# ୧୫ କେଜି ଚାଉଳ ହିଁ ଭରସା

ଲାଠୋର,୧୯।୬(ଡି.ଏନ.ଏ.)



ବଲାଙ୍ଗିର ଜିଲା ଖପ୍ରାଖୋଲ ବ୍ଲକ କରୁଆଁଝର ପଞ୍ଚାୟତ ଅଧୀନ ଚାଉଲଡିଆ ଗ୍ରାମର ସାଏବାନି ରଣା (୫୫)। ଗତ ୨ ବର୍ଷ ତଳେ ସ୍ୱାମୀଙ୍କୁ ହରାଇବା ପରେ ଏବେ ସେ ଆର୍ଥିକ ଅନଟନ ମଧ୍ୟରେ ଦିନ କାଟୁଛନ୍ତି । ଘରେ ଯାହା ସଞ୍ଚିତ ଟଙ୍କା ଥିଲା ସ୍ୱାମୀଙ୍କ ରୋଗରେ ତାହା ଖର୍ଚ୍ଚ ହୋଇସାରିଛି । ଏଥିସହିତ ଧାର କରଜ ବି ବଢ଼ିଛି। ଏପରି ପରିସ୍ଥିତିରେ ତାଙ୍କୁ ସରକାରଙ୍କ ସାମାଜିକ କଲ୍ୟାଣ ଯୋଜନାରେ ଅଦ୍ୟାବଧି ସାମିଲ କରାଯାଇନାହିଁ । ଫଳରେ ସେ ବିଧବା ଭତ୍ତା ପାଉନାହାନ୍ତି । ସ୍ୱାମୀଙ୍କ ମୃତ୍ୟୁ ପରେ ତାଙ୍କୁ ସରକାରୀ ନିୟମ ଅନୁଯାୟୀ ଭତ୍ତା ପ୍ରଦାନ କରାଯିବା କଥା । ଏଥିପାଇଁ ସେ ଆବଶ୍ୟକ କାଗଜ ପତ୍ର ପଞ୍ଚାୟତ ଅଫିସ ଓ ବ୍ଲକ କାର୍ଯ୍ୟାଳୟରେ ପ୍ରଦାନ କରିସାରିଛନ୍ତି । ବହୁ ଥର ସେ ବିଭାଗୀୟ ଅଧିକାରୀଙ୍କୁ ସାକ୍ଷାତ୍ କରି ନିଜର ଦୁଃଖ ଜଣାଇଛନ୍ତି । ତଥାପି ତାଙ୍କୁ ଭତ୍ତା ପ୍ରଦାନ କରାଯାଉ ନାହିଁ। ଅନ୍ୟ କୌଣସି ଉପାୟ ନ ପାଇ ସାଏବାନି ଏହି ପରିଣତି ବୟସରେ ପର ଘରେ କାମ କରି ଚଳୁଛନ୍ତି। ପଞ୍ଚାୟତରୁ ପ୍ରତିମାସରେ ତାଙ୍କୁ ୧୫ କେଜି ଚାଉଳ ମିଳୁଛି । ତାକୁ ହିଁ ଭରସା କରି ସେ ଚଳୁଥିବା କହିଛନ୍ତି। ଏନେଇ କରୁଆଁଝର ପଞ୍ଚାୟତ କାର୍ଯ୍ୟନିର୍ବାହୀ ଅଧିକାରୀ ପୃଥ୍ୱୀରାଜ ରାଉତଙ୍କୁ ଯୋଗାଯୋଗ କରିବାରୁ ସେ କୁହନ୍ତି, ସାଏବାନି ପ୍ରଦାନ କରିଥିବା କାଗଜ ପତ୍ର ଦେଖି ଆବଶ୍ୟକ ପଦକ୍ଷେପ ଗ୍ରହଣ କରାଯିବ। ଶୀଘ୍ର ତାଙ୍କୁ ବିଧବା ଭତ୍ତା ପ୍ରଦାନ କରିବାକୁ ସାଧାରଣରେ ଦାବି ହୋଇଛି।

# ଅସରାଏ ବର୍ଷାରେ ଗାଁ ଦାଣ୍ଡରେ ଜମୁଛି ପାଣି

ଜହ୍ନାପଙ୍କ,୧୯।୬(ଡି.ଏନ.ଏ)

ବୌଦ୍ଧ ବ୍ଲକ ତେଲିବନ୍ଧ ପଞ୍ଚାୟତ ଅନ୍ତର୍ଗତ ଚନ୍ଦ୍ରପୁର ଗାଁ ଦାଣ୍ଡରେ ଅସରାଏ ବର୍ଷା ହେଲେ ପାଣି ଜମୁଛି । ଲଘୁଚାପଜନିତ ବର୍ଷାରେ ଏହି ଦୃଶ୍ୟ ଦେଖିବାକୁ ମିଳିଛି । ପାଣି ନିଷ୍କାସନ ପାଇଁ ଥିବା ଡ୍ରେନ ପୋତି ହୋଇ ପଡିବା ଯୋଗୁ ଏପରି ପରିସ୍ଥିତି ସୃଷ୍ଟି ହେଉଛି । ଫଳରେ ଗ୍ରାମବାସୀ ଯାତାୟାତ କରିବାରେ ଅସୁବିଧାର ସମ୍ମୁଖୀନ ହେଉଛନ୍ତି । ଅପରପକ୍ଷରେ



ପାଣି ଜମିବା ଦ୍ୱାରା ମଶାବଂଶ ବୃଦ୍ଧି ପାଇବାରେ ଲାଗିଛି । ପଞ୍ଚାୟତ କର୍ତ୍ତୃପକ୍ଷ ଏ ଦିଗରେ ବିହିତ ପଦକ୍ଷେପ ନେବାକୁ ଗ୍ରାମବାସୀ ଦାବି କରିଛନ୍ତି ।

# କେଏସ୍‌ସିସି ପକ୍ଷରୁ ବିକ୍ଷୋଭ ପ୍ରଦର୍ଶନ




ମନମୁଣ୍ଡା ଗାନ୍ଧୀଛକଠାରେ ବିକ୍ଷୋଭ ପ୍ରଦର୍ଶନ କରାଯାଉଛି ।

ମନମୁଣ୍ଡା,୧୯।୬(ଡି.ଏନ.ଏ.)

କୋଶଳ ରାଜ୍ୟ ସମନ୍ୱୟ ସମିତି (କେଏସସିସି) ତରଫରୁ 'ବନ୍ଦେ ଉତ୍କଳ ଜନନୀ'କୁ ରାଜ୍ୟ ସଙ୍ଗୀତ ମାନ୍ୟତା ପ୍ରଦାନକୁ ବିରୋଧ କରି ଶୁକ୍ରବାର ମନମୁଣ୍ଡା ଗାନ୍ଧୀଛକଠାରେ ବିକ୍ଷୋଭ ପ୍ରଦର୍ଶନ କରାଯାଇଥିଲା । କେଏସସିସି ଜିଲା ଆବାହକ ସୁବେଦାର ଲଳିତ କୁମାର ସାହୁଙ୍କ ନେତୃତ୍ୱରେ ବହୁ କୋଶଳ ସଂଗ୍ରାମୀ ଏକତ୍ରିତ ହୋଇ ସାମାଜିକ ଦୂରତା ବଜାୟ ରଖି ବିକ୍ଷୋଭ ପ୍ରଦର୍ଶନ କରିଥିଲେ । ଏହି ଅବସରରେ ସଂଗ୍ରାମୀମାନେ ବନ୍ଦେ ଉତ୍କଳ ଜନନୀ କୋଶଳାଞ୍ଚଳରେ ଚଳିବ ନାହିଁ, କୋଶଳ ରାଜ୍ୟ ଆମର ଦାବି, ସରକାର ତୁମେ ମାନି ନିଅ ସ୍ଲୋଗାନ ଦେଇ ମୁଖ୍ୟମନ୍ତ୍ରୀଙ୍କ କୁଶ ପୁତ୍ତଳିକା ଦାହ କରିଥିଲେ । ବିକ୍ଷୋଭରେ ଦୀପକ ଜ୍ୟୋତି ମିଶ୍ର, ମୃତ୍ୟୁଞ୍ଜୟ ମେହେର, ଆଇନଜୀବୀ ମନୋଜ ବିଶି, ସତ୍ୟନାରାୟଣ ମହାକୁଳ, କୋଶଳି କବି ହଜାରି ପ୍ରଧାନ, ଶିବ ପ୍ରସାଦ ସାହୁ, କାହ୍ନୁ ସେନାପତି ପ୍ରମୁଖ ସାମିଲ ହୋଇ ଥିଲେ ।

# ବିପଦସଙ୍କୁଳ ଅବସ୍ଥାରେ ଗୁନାପଥର ମେହେରୁଣି ପୋଲ

ମନମୁଣ୍ଡା,୧୯।୬(ଡି.ଏନ.ଏ.)

କନ୍ଧମାଳ ବ୍ଲକ ଅଧୀନ ରୁଣ୍ଡିମହୁଲ ପଞ୍ଚାୟତର ଗୁନାପଥର ମେହେରୁଣି ପୋଲ ଭାଙ୍ଗିଯାଇ ବିପଦଶଙ୍କୁଳ ଅବସ୍ଥାରେ ରହିଛି । ଫଳରେ ଏହି ପୋଲ ଉପରେ ନିର୍ଭର କରୁଥିବା ଆଖପାଖ ଅଞ୍ଚଳର ଲୋକେ ବିପଦଜନକ ଭାବେ ଯାତାୟାତ କରୁଛନ୍ତି। ପ୍ରକାଶ ଯେ, ଗତ ୨ ବର୍ଷ ତଳେ ଉକ୍ତ ପୋଲ ନିର୍ମାଣ କରାଯାଇଥିଲା। ତେବେ ଗତବର୍ଷ ବନ୍ୟାରେ ପୋଲ ଭାଙ୍ଗିଯାଇଛି । ନିମ୍ନମାନର କାମ ଯୋଗୁ ଏପରି ହେଲା ବୋଲି ଅଞ୍ଚଳବାସୀ ଅଭିଯୋଗ କରିବା ସହ ବର୍ଷା ଋତୁ ପୂର୍ବରୁ ପୋଲ ମରାମତି ପାଇଁ ପ୍ରଶାସନର ଦୃଷ୍ଟି ଆକର୍ଷଣ କରିଥିଲେ । କିନ୍ତୁ ଏ ପର୍ଯ୍ୟନ୍ତ କାମ ଆରମ୍ଭ ହୋଇନାହିଁ । ଫଳରେ ବର୍ଷା ଅଧିକ ହେଲେ ସେହି ପୋଲ ଦେଇ ଯାତାୟାତ ଏକରକମ ଠପ୍ ହୋଇଯିବା ଆଶଙ୍କା ରହିଛି । ଏହି ପୋଲ ଉପରେ ବରଗୋଛା, ଦପଲା, ରୁଣ୍ଡିମହୁଲ , ଲମ୍ବସରି, ଶୁଣ୍ଢିପଥର ପଞ୍ଚାୟତର ଲୋକେ ପ୍ରତିଦିନ ଯିବା ଆସିବା କରିଥାନ୍ତି । ସେହିପରି ଗୁନାପଥରର ପ୍ରସିଦ୍ଧ ଶିବ ମନ୍ଦିର, ବ୍ୟବସାୟ କେନ୍ଦ୍ରସ୍ଥଳ ପଲସାଗୋରାକୁ ଜିନିଷପତ୍ର କିଣିବା ପାଇଁ ଲୋକେ ଯାଉଥିବା ବେଳେ ଅଞ୍ଚଳର ଛାତ୍ରୀଛାତ୍ରମାନେ ସ୍କୁଲ ଓ କଲେଜକୁ ଏହି ବାଟରେ ଯାଇଥାନ୍ତି । ପୋଲ ମରାମତି ନ ହେଲେ ବର୍ଷାଋତୁରେ ଉକ୍ତ ଅଞ୍ଚଳ ବାହ୍ୟଜଗତରୁ ବିଚ୍ଛିନ୍ନ ହୋଇପଡିବ । ଏ ଦିଗରେ ଯଥାଶୀଘ୍ର ବିହିତ ପଦକ୍ଷେପ ନେବାକୁ ଅଞ୍ଚଳବାସୀ ଦାବି କରିଛନ୍ତି ।

# ଭୋଇପାଲିରେ ହେବ ଏକଲବ୍ୟ ବିଦ୍ୟାଳୟ

ବଡଗାଁ,୧୯।୬ (ଡି.ଏନ.ଏ.)

ସୁନ୍ଦରଗଡ଼ ଜିଲା ବଡଗାଁ ବ୍ଲକ ଅନ୍ତର୍ଗତ ଭୋଇପାଲି ଗାଁ ନିକଟ ସଫେଇ ନଦୀ ତଟ (ଡୁଙ୍ଗାକୁଦର)ରେ ଏକଲବ୍ୟ ମଡେଲ ଆବାସିକ ବିଦ୍ୟାଳୟ ନିର୍ମାଣ ପାଇଁ ଶୁକ୍ରବାର ଜମି ଚିହ୍ନଟ କରାଯାଇଛି । ସୁନ୍ଦରଗଡ଼ ପିଏଆଇଟିଡିଏ ରମେଶ ଗଣ୍ଡ, ଡିଡବ୍ଲ୍ୟୁଓ ସୁନୀଲ କୁମାର ତାଣ୍ଡି, ବଡଗାଁ ତହସିଲଦାର ବିନୟ କୁଲୁ, ଉପଜିଲାପାଳ ଅଭିମନ୍ୟୁ ବେହେରା, ବଡଗାଁ ଆରଆଇ ବବିତା ନାଏକ ହେବାକୁ ଥିବା ସ୍କୁଲ ପାଇଁ ଜମି ଚିହ୍ନଟ କରିଛନ୍ତି । ଏହି ସ୍କୁଲ ନିର୍ମାଣ ହେଲେ ୧୨୪ ଛାତ୍ରୀଛାତ୍ର ଛାତ୍ରାବାସରେ ରହି ପାଠ ପଢ଼ି ପାରିବେ ।

# ପ୍ରାକୃତିକ ବିପର୍ଯ୍ୟୟ ମୁକାବିଲା ପାଇଁ ମକ୍‌ଡ୍ରିଲ

କୋକସରା, ୧୯।୬ (ଡି.ଏନ.ଏ)




ବ୍ଲକ ଅଫିସ୍ ପରିସରରେ ମକ୍‌ଡ୍ରିଲ କରାଯାଉଛି ।

କଳାହାଣ୍ଡି ଜିଲା କୋକସରା ବ୍ଲକ କାର୍ଯ୍ୟାଳୟ ସଭାଗୃହରେ ବିଡିଓ ମନୀଷା ଦାସଙ୍କ ଅଧ୍ୟକ୍ଷତାରେ ପ୍ରାକୃତିକ ବିପର୍ଯ୍ୟୟ ମୁକାବିଲା ପାଇଁ ବ୍ଲକସ୍ତରୀୟ ମକ୍‌ଡ୍ରିଲ କାର୍ଯ୍ୟକ୍ରମ ଶୁକ୍ରବାର ଅନୁଷ୍ଠିତ ହୋଇଯାଇଛି। କୋଭିଡ-୧୯ କଟକଣା ଦୃଷ୍ଟିରୁ ସମସ୍ତଙ୍କୁ ପ୍ରଥମେ ମାସ୍କ ଦେବା ସହ ସାମାଜିକ ଦୂରତା ବଜାୟ ରଖାଯାଇ କାର୍ଯ୍ୟକ୍ରମ ଆରମ୍ଭ କରାଯାଇଥିଲା। କାର୍ଯ୍ୟକ୍ରମରେ ଅତିଥି ଭାବେ ବ୍ଲକ ଅଧ୍ୟକ୍ଷା ସବ୍ୟାରାଣୀ ବାଗ, ତହସିଲଦାର ଟିଙ୍କୋ ପୋଟା, ବ୍ଲକ ଉପାଧ୍ୟକ୍ଷା ଧିରାମଣି ଦାସ ଯୋଗଦେଇ ଥିଲେ। କୋକସରା ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର ଜନ ସମ୍ପ୍ରସାରଣ ଅଧିକାରୀ ଚିଦାନନ୍ଦ ପଣ୍ଡା, ଅଗ୍ନିଶମ ଅଧିକାରୀ କୈଳାସ ଚନ୍ଦ୍ର ପ୍ରଧାନ, ଉମେଶ ବାଗ ପ୍ରମୁଖ ଯୋଗଦେଇ ପ୍ରାକୃତିକ ବିପର୍ଯ୍ୟୟ ସମୟରେ କିଭଳି ସ୍ୱାସ୍ଥ୍ୟ ପ୍ରତି ଯତ୍ନବାନ ହେବେ ଓ କିପରି ମୁକାବିଲା କରିବେ ସେ ବିଷୟରେ ପୁଙ୍ଖାନୁପୁଙ୍ଖ ଆଲୋକପାତ କରିଥିଲେ। ସିଡିପିଓ ଜୟନ୍ତୀ ମହାନ୍ତି, କୋକସରା ଆରଆଇ ଝାନ୍ସିରାଣୀ ଦିଶାରୀ, କୋକସରା ସମିତି ସଭ୍ୟ ତ୍ରିଭୁବନ ନାଏକ, ଟେମରା ସମିତି ସଭ୍ୟ ରାଜେନ୍ଦ୍ର ନାଏକ, ଡୁଡୁକାଠେଙ୍ଗା ସମିତି ସଭ୍ୟ ମନୋଜ ଶବର, କନ୍ଦାବୁଟ୍ରା ସମିତି ସଭ୍ୟା ଅଶୋକା ନାଏକ, ଡାଲଗୁମ୍ପା ସରପଞ୍ଚ ଯଦୁମଣି ହଂସଙ୍କ ସମେତ ବିଭିନ୍ନ ପଞ୍ଚାୟତର ସରପଞ୍ଚ, ସମିତି ସଭ୍ୟ ଓ ବିଭିନ୍ନ ବିଭାଗର କର୍ମଚାରୀ ମାନେ ଯୋଗ ଦେଇଥିଲେ । ବ୍ଲକ ସାମାଜିକ ସୁରକ୍ଷା ଅଧିକାରୀ ଦୀପକ ବେହେରା ସଭା ପରିଚାଳନା କରିଥିଲେ ।

ବୌଦ୍ଧ,୧୯।୬(ସ୍ୱପ୍ର)-ପ୍ରାକୃତିକ ବିପର୍ଯ୍ୟୟର ମୁକାବିଲା ପାଇଁ ଜିଲା ପ୍ରଶାସନ ପକ୍ଷରୁ ବୌଦ୍ଧ ଟାଉନହଲଠାରେ ଶୁକ୍ରବାର ମକ୍‌ଡ୍ରିଲ ଅନୁଷ୍ଠିତ ହୋଇଯାଇଛି। ଜିଲା ବିପର୍ଯ୍ୟୟ ପରିଚାଳନା କମିଟି ପକ୍ଷରୁ ଆୟୋଜିତ ଏହି କାର୍ଯ୍ୟକ୍ରମ ଅବସରରେ ଅଗ୍ନିଶମ ବିଭାଗ କର୍ମଚାରୀମାନେ ବିଭିନ୍ନ ବିଦ୍ୟାଳୟର ଛାତ୍ରୀଛାତ୍ରମାନଙ୍କୁ ପ୍ରାକୃତିକ ବିପର୍ଯ୍ୟୟ ମୁକାବିଲା ପାଇଁ ବିଭିନ୍ନ କୌଶଳ ସମ୍ପର୍କରେ ଶିକ୍ଷା ଦେଇଥିଲେ। ବିଶେଷ କରି ବନ୍ୟା ଭଳି ପ୍ରାକୃତିକ ବିପର୍ଯ୍ୟୟ ସମୟରେ ନିଜର ଜୀବନ ବଞ୍ଚାଇବା ସହିତ ଉଦ୍ଧାର କାର୍ଯ୍ୟ କିପରି କରାଯାଇ ପାରିବ ସେ ସଂପର୍କରେ ତାଲିମ ପ୍ରଦାନ କରାଯାଇଥିଲା। ଏହାବ୍ୟତୀତ ଗ୍ୟାସ ସିଲିଣ୍ଡରରେ ନିଆଁ ଲାଗିଗଲେ ତୁରନ୍ତ ନିଆଁ ଲିଭାଇବା ପାଇଁ କିପରି କୌଶଳ ଅବଲମ୍ବନ କରାଯିବ ସେ ସଂପର୍କରେ ମଧ୍ୟ ତାଲିମ ଦିଆଯାଇଥିଲା। ଏହି ଅବସରରେ ଜିଲା ଜରୁରିକାଳୀନ ଅଧିକାରୀ ଅବିନାଶ ପାଣ୍ଡିଆନ୍‌ଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ସଭାରେ ମୁଖ୍ୟଅତିଥି ଭାବରେ ଜିଲାପାଳ ଲଲାଟେନ୍ଦୁ ମିଶ୍ର , ସମ୍ମାନିତ ଅତିଥି ଭାବରେ ଜିଲା ଆରକ୍ଷୀ ଅଧୀକ୍ଷକ ଭି. ରଘୁନାଥ ରାଓ ଓ ମୁଖ୍ୟବକ୍ତା ଭାବରେ ଜିଲା ଯୁବ ରେଡକ୍ରସର ସଂପାଦକ ପ୍ରବୀର କୁମାର ଦାସ ଯୋଗଦେଇ ଛାତ୍ରୀଛାତ୍ରମାନେ ବିଭିନ୍ନ କୌଶଳ ଶିକ୍ଷା କରି ଜରୁରୀ ସମୟରେ ଉପଯୋଗ କରିବାକୁ ପରାମର୍ଶ ଦେଇଥିଲେ। ତାଲିମ ପ୍ରଦାନ କାର୍ଯ୍ୟକ୍ରମରେ ରେଡକ୍ରସର ଛାତ୍ରୀଛାତ୍ରମାନେ ସାମିଲ ହୋଇଥିଲେ । ଏହି ଅବସରରେ ଚୀନ ସୀମାନ୍ତରେ ଦେଶ ପାଇଁ ଶହୀଦ ହୋଇଥିବା ବୀର ଯବାନଙ୍କ ଅମର ଆତ୍ମାର ସଦ୍‌ଗତି ଲାଗି ୨ ମିନିଟ ନୀରବ ପ୍ରାର୍ଥନା କରାଯାଇଥିଲା।

# ସୁନାହଣ୍ଡା ଆଶାରେ ଜମିରେ ପୂଜାର୍ଚ୍ଚନା ଘଟଣା : ୧୦ ଜଣଙ୍କୁ କୋର୍ଟ ଚାଲାଣ

ବୌଦ୍ଧ,୧୯।୬(ସ୍ୱ.ପ୍ର.)

ସୁନାହଣ୍ଡା ପାଇବା ଆଶାରେ ହରଭଙ୍ଗା ବ୍ଲକ ଅଧୀନ କରଞ୍ଜକଟା ଗ୍ରାମର ଅଲେଖ ବେହେରା ଓ ତାଙ୍କ ପୁଅ ଈଶ୍ୱର ଅନ୍ୟ ଜିଲାର ଲୋକଙ୍କୁ ଆଣି ବୁଧବାର ରାତିରେ ନିଜ ଘର ପଛପଟ ଜମିରେ ପୂଜାର୍ଚ୍ଚନା କରିବା ସହ ଏକ ଗାତ ଖୋଳିଥିଲେ । କରୋନା ସମୟରେ ଏପରି କରାଯିବା ଜାଣିବା ପରେ ଗ୍ରାମବାସୀ ବିରୋଧ କରି ପୋଲିସରେ ଖବର ଦେଇଥିଲେ । ପୋଲିସ ଏହି ଘଟଣାରେ ୧୦ ଜଣଙ୍କୁ ଗିରଫ କରି ଶୁକ୍ରବାର କୋର୍ଟ ଚାଲାଣ କରିଛି । ଗିରଫ ବ୍ୟକ୍ତିମାନେ ହେଲେ ଗଞ୍ଜାମ ଜିଲା କବିସୂର୍ଯ୍ୟନଗର ଥାନାର ଅଲେଖ ଚନ୍ଦ୍ର ମହାପାତ୍ର, କନ୍ଧମାଳ ଜିଲା ଖଜୁରୀପଡା ଥାନା କଲାଡି ଗ୍ରାମର ରଜନୀକାନ୍ତ ଦିଗାଲ, ଅନୁଗୋଳ ଜିଲା କିଶୋରନଗର ଥାନା ମାଣିକପୁରର ନେହୁର ବେହେରା, ଢେଙ୍କାନାଳ ଜିଲା ରାସୋଳ ଥାନା ଚିତାପୁରର ପ୍ରଦୀପ ମହାପାତ୍ର, , ଗଞ୍ଜାମ ଜିଲା ରମ୍ଭାର ଗୋକୁଳାନନ୍ଦ ପଟ୍ଟନାୟକ, ଭଞ୍ଜନଗର ଥାନା ଲଣ୍ଡେଇସାହିର ଶିବରାମ ମହାପାତ୍ର , କନ୍ଧମାଳ ଜିଲା ରାଇକିଆ ଥାନା ସୁଧିପଡା ଗ୍ରାମର ପ୍ରିୟମ୍ବଦା ମଲିକ , କରଞ୍ଜକଟା ଗ୍ରାମର ଈଶ୍ୱର ବେହେରା, ଅଲେଖ ବେହେରା ଓ ପ୍ରଫୁଲ୍ଲ ବେହେରା । ପୋଲିସ ଏହି ଘଟଣାରେ ଡକାୟତି ଉଦ୍ୟମ ନେଇ ମାମଲା ରୁଜୁ କରିଛି ।

# ତେଲିବନ୍ଧରେ ଯାତ୍ରୀ ବିଶ୍ରାମାଗାର ନିର୍ମାଣ ଦାବି

ଜହ୍ନାପଙ୍କ,୧୯।୬(ଡି.ଏନ.ଏ.)

ବୌଦ୍ଧ-ବଲାଙ୍ଗୀର ଜାତୀୟ ରାଜପଥ କଡ଼ରେ ତେଲିବନ୍ଧ ଗ୍ରାମ ରହିଛି । ଏହି ଛକ ଉପରେ ଆଖପାଖ ପଞ୍ଚାୟତର ୪୦ଟି ଗ୍ରାମର ଲୋକେ ନିର୍ଭର କରନ୍ତି। ଏଠାରେ ପ୍ରାଥମିକ ବିଦ୍ୟାଳୟଠାରୁ ଆରମ୍ଭ କରି ଉଚ୍ଚ ବିଦ୍ୟାଳୟ, ଆରଆଇ ଅଫିସ, ପଞ୍ଚାୟତ କାର୍ଯ୍ୟାଳୟ, ସେବା ସମବାୟ ସମିତି ରହିଛି । ଦୂର ଦୂରାନ୍ତକୁ ଯିବାକୁ ହେଲେ ଯାତ୍ରୀମାନେ ଏହି ଗ୍ରାମ ନିକଟ ଛକରେ ବସକୁ ଅପେକ୍ଷା କରିଥାନ୍ତି । ଏଠାରେ ଥିବା ଯାତ୍ରୀ ବିଶ୍ରାମାଗାର ଏକ ଗାଡି ଧକ୍କାରେ ଭାଙ୍ଗି ଜରାଜୀର୍ଣ୍ଣ ଅବସ୍ଥାରେ ରହିଛି । ଫଳରେ ଯାତ୍ରୀମାନଙ୍କୁ ଖରା, ବର୍ଷା, ଶୀତରେ ଖୋଲା ଆକାଶ ତଳେ କିମ୍ବା ଦୋକାନ ନିକଟରେ ଛିଡା ହୋଇ ବସକୁ ଅପେକ୍ଷା କରିବାକୁ ପଡୁଛି । ଯାତ୍ରୀ ବିଶ୍ରାମାଗାର ପାଇଁ ପଶ୍ଚିମ ଓଡିଶା ବିକାଶ ପରିଷଦରୁ ୩ ଲକ୍ଷ ଟଙ୍କା ମଞ୍ଜୁର ହୋଇଥିଲେ ହେଁ ଏହା ନିର୍ମାଣ କରାଯାଉ ନ ଥିବାରୁ ସାଧାରଣରେ ଅସନ୍ତୋଷ ଦେଖାଯାଇଛି । ଏ ନେଇ ସରପଞ୍ଚ ପ୍ରତିନିଧି ସୁଜିତ ପ୍ରଧାନଙ୍କୁ ଯୋଗାଯୋଗ କରିବାରେ ଖୁବଶୀଘ୍ର ଯାତ୍ରୀନିବାସ ନିର୍ମାଣ କରାଯିବ ବୋଲି କହିଥିଲେ । ଜିଲା ପ୍ରଶାସନ ଏଥିପ୍ରତି ଦୃଷ୍ଟି ଦେବାକୁ ଦାବି ହେଉଛି ।

## ମଧ୍ୟପ୍ରଦେଶ ଗଲେ ୧୨ ପ୍ରବାସୀ

ଅନୁଗୋଳ ଅଫିସ, ୧୯।୬- ଅନୁଗୋଳ ଜିଲାରେ ଫସି ରହିଥିବା ୧୨ ଜଣ ପ୍ରବାସୀଙ୍କୁ ଶୁକ୍ରବାର ସେମାନଙ୍କ ରାଜ୍ୟ ମଧ୍ୟପ୍ରଦେଶ ପଠାଯାଇଛି। ଜିଲା ପ୍ରଶାସନ ପକ୍ଷରୁ ଏକ ସ୍ୱତନ୍ତ୍ର ଗାଡ଼ି ଯୋଗେ ସେମାନଙ୍କୁ ନିଜ ଅଞ୍ଚଳକୁ ପଠାଯାଇଥିବା ସୂଚନା ଓ ଲୋକ ସମ୍ପର୍କ ଅଧିକାରୀ ଶରତ ଚନ୍ଦ୍ର ସେଠୀ ସୂଚନା ଦେଇଛନ୍ତି। ସୁପ୍ରିମକୋର୍ଟଙ୍କ ନିର୍ଦ୍ଦେଶନାମାକୁ ପାଳନ କରି ସେମାନଙ୍କୁ ଘରକୁ ପଠାଯାଇଥିବା ସେ କହିଛନ୍ତି।

**ସଂକ୍ଷେପରେ**

## ଚାଇନା ରାଷ୍ଟ୍ରପତିଙ୍କ କୁଶପୁତ୍ତଳିକା ଦାହ

**ଢେଙ୍କାନାଳ ଅଫିସ, ୧୯।୬:** ଗଲୱାନ ଘାଟିରେ ଚାଇନା ସୈନ୍ୟଙ୍କ ସହ ମୁହାଁମୁହିଁରେ ୨୦ ଭାରତୀୟ ଯବାନ ଶହୀଦ ହେବା ଘଟଣାକୁ ନେଇ ଢେଙ୍କାନାଳ ଓକିଲ ସଂଘ ପକ୍ଷରୁ ତୀବ୍ର ପ୍ରତିକ୍ରିୟା ପ୍ରକାଶ ପାଇଛି। ସଂଘ ସଦସ୍ୟମାନେ ଗୁରୁବାର ଜିଲା ସିଭିଲ୍ କୋର୍ଟ ମୁଖ୍ୟ ଫାଟକ ସମ୍ମୁଖରେ ବିକ୍ଷୋଭ ପ୍ରଦର୍ଶନ କରିବା ସହ ଚାଇନା ରାଷ୍ଟ୍ରପତିଙ୍କ କୁଶପୁତ୍ତଳିକା ଦାହ କରିଥିଲେ। ଏଥିସହ ଶହୀଦ ଯବାନଙ୍କ ସ୍ମୃତିରେ ନୀରବ ପ୍ରାର୍ଥନା କରାଯାଇଥିଲା। ସଂଘର ଅନ୍ତରୀଣ କମିଟି ଅଧକ୍ଷ ଓମ୍ ପ୍ରକାଶ ଶରଣ, ସଭ୍ୟ ଦୀପକ ପ୍ରସାଦ ପଟ୍ଟନାୟକ, ଶିବସାଇ ମହାପାତ୍ର, ପ୍ରଦୀପ୍ତ ତ୍ରିପାଠୀ, ଜୟନ୍ତ ମିଶ୍ର, ସୁଶାନ୍ତ ପାଣିଗ୍ରାହୀ, ଦୀପ୍ତିଶ ପ୍ରସାଦ ପଟ୍ଟନାୟକଙ୍କ ସମେତ ବହୁ ଆଇନଜୀବୀ ଉପସ୍ଥିତ ଥିଲେ।

## ସୁରକ୍ଷା କୌଶଳ ଶିଖାଇଲେ ଅଗ୍ନିକ

**ପରଜଙ୍ଗ, ୧୯।୬(ଡି.ଏନ.ଏ.):** ଢେଙ୍କାନାଳ ଜିଲା ପରଜଙ୍ଗ ବ୍ଲକ ପାଣିଗେଙ୍ଗୁଟିଆସ୍ଥିତ ବାତ୍ୟା ଆଶ୍ରୟସ୍ଥଳୀରେ ବ୍ଲକ ପ୍ରଶାସନ, ଅଗ୍ନିଶମ ବିଭାଗର ମିଳିତ ଆନୁକୂଲ୍ୟରେ ଶୁକ୍ରବାର ପ୍ରାକୃତିକ ବିପର୍ଯ୍ୟୟ ପରିଚାଳନା ସମ୍ପର୍କିତ କୌଶଳ ପ୍ରଶିକ୍ଷଣ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ବାତ୍ୟା, ବନ୍ୟା ଆଦି ପ୍ରାକୃତିକ ବିପର୍ଯ୍ୟୟ ସାଙ୍ଗକୁ ଗ୍ୟାସ୍ ଲିକ୍, ଅଗ୍ନିକାଣ୍ଡ ଭଳି ଦୁର୍ଘଟଣାରୁ ଧନଜୀବନକୁ ସୁରକ୍ଷିତ କରିବା ନେଇ ଅଗ୍ନିକମାନେ ଅଞ୍ଚଳବାସୀଙ୍କୁ ତାଲିମ ଦେଇଥିଲେ। ବିଡିଓ ବସନ୍ତ କୁମାର ମଲ୍ଲିକ, ଏବିଡିଓ ଅଶୋକ ମିଶ୍ର, ସହକାରୀ ଯନ୍ତ୍ରୀ ସୁଜନ ସାହୁ, ସଞ୍ଜୟ ଲେଙ୍କା, ଜିପିଇଓ ଅକ୍ଷୟ ସାହୁ ପ୍ରମୁଖ ଉପସ୍ଥିତ ଥିଲେ।

## ଫେରାର ୨ ଅନ୍ତେବାସୀ ଧରାପଡ଼ିଲେ

**ଅନୁଗୋଳ ଅଫିସ, ୧୯।୬:** ଅନୁଗୋଳ ବାଳସୁଧାର ଗୃହରୁ ବୁଧବାର ବିଳମ୍ବିତ ରାତିରେ ଫେରାର ହୋଇଯାଇଥିବା ୪ ଅନ୍ତେବାସୀଙ୍କ ମଧ୍ୟରୁ ୨ଜଣଙ୍କୁ ଗୁରୁବାର ଧରାଯାଇଥିବା ବେଳେ ଅନ୍ୟ ୨ଜଣଙ୍କୁ ଶୁକ୍ରବାର ଅନୁଗୋଳ ପୋଲିସ ଧରିବାରେ ସକ୍ଷମ ହୋଇଛି। ଫେରାର ଦୁଇ ଜଣ ଜଙ୍ଗଲରେ ଆତ୍ମଗୋପନ କରିଥିବା ଖବରପାଇ ପୋଲିସ ସେମାନଙ୍କୁ କାବୁ କରିଥିଲା। ଏସ୍ଆଇ ପ୍ରକାଶ ଚନ୍ଦ୍ର ମାଝିଙ୍କ ନେତୃତ୍ୱରେ ଗଠିତ ଏକ ଟିମ୍ ଓ ଏସ୍ଆଇ ବିପ୍ଳବ ସାହୁଙ୍କ ନେତୃତ୍ୱରେ ଆଉ ଏକ ଟିମ୍ ଚଢ଼ାଉ କରିଥିଲେ। ଏ ସଂକ୍ରାନ୍ତରେ ଅନୁଗୋଳ ଥାନାରେ ଏକ ମାମଲା ରୁଜୁ ସହ ୨ ଅନ୍ତେବାସୀଙ୍କୁ ବାଳସୁଧାର ଗୃହ କର୍ତ୍ତୃପକ୍ଷଙ୍କୁ ହସ୍ତାନ୍ତର କରାଯାଇଥିବା ପୋଲିସ କହିଛି।

## ସାପ କାମୁଡ଼ାରେ ଛାତ୍ରୀ ମୃତ

**ବଇଣ୍ଡା, ୧୯।୬(ଡି.ଏନ.ଏ.):** ଆଠମଲ୍ଲିକ ବ୍ଲକ ଠାକୁରଗଡ ଥାନା ବଆଁରନାଳୀ ଗ୍ରାମର ଷଷ୍ଠ ଶ୍ରେଣୀରେ ପଢ଼ୁଥିବା ଜନ୍ମେଶ୍ୱର ନାୟକଙ୍କ ଝିଅ ନନ୍ଦିନୀ ନାୟକ(୧୧)ଙ୍କ ଶୁକ୍ରବାର ସାପ କାମୁଡ଼ାରେ ମୃତ୍ୟୁ ହୋଇଛି। ନନ୍ଦିନୀ ଘରେ ଶୋଇଥିବାବେଳେ ଭୋର ସମୟରେ ଏକ ସାପ ତାଙ୍କ ହାତକୁ କାମୁଡ଼ି ଦେଇଥିଲା। ପରିବାର ଲୋକେ ତାଙ୍କୁ ଅନୁଗୋଳ ଜିଲା ମୁଖ୍ୟ ଚିକିତ୍ସାଳୟରେ ଭର୍ତ୍ତି କରିଥିଲେ। ସେଠାରେ ଡାକ୍ତର ମୃତ ଘୋଷଣା କରିଥିଲେ।

## ରଥଯାତ୍ରା ବନ୍ଦ ପାଇଁ ନିର୍ଦ୍ଦେଶନାମା

**ଅନୁଗୋଳ ଅଫିସ, ୧୯।୬:** କରୋନା ସଂକ୍ରମଣକୁ ଦୃଷ୍ଟିରେ ରଖି ବିଶ୍ୱ ପ୍ରସିଦ୍ଧ ପୁରୀ ରଥଯାତ୍ରା ବନ୍ଦ କରିବାକୁ ଗୁରୁବାର ସୁପ୍ରିମକୋର୍ଟ ନିର୍ଦ୍ଦେଶନାମା ଜାରି କରିବା ପରେ ଅନୁଗୋଳ ଜିଲାରେ ମଧ ରଥଯାତ୍ରା ପାଳନ ନ କରାଯିବାକୁ ପ୍ରଶାସନ ପ୍ରସ୍ତୁତି କରିଛି। ସର୍ବୋଚ୍ଚ କୋର୍ଟଙ୍କ ନିଷ୍ପତ୍ତିର ଅନୁପାଳନ ପାଇଁ ଜିଲା ପ୍ରଶାସନ ପକ୍ଷରୁ କୌଣସି ସ୍ଥାନରେ ରଥଯାତ୍ରା ପାଳନ ନ କରାଯିବାକୁ ଶୁକ୍ରବାର ଜିଲାପାଳ ମନୋଜ କୁମାର ମହାନ୍ତି ନିର୍ଦ୍ଦେଶନାମା ଜାରି କରିଛନ୍ତି।

## ଗାଡ଼ି ଧକ୍କାରେ ମହିଳା ମୃତ

ବଆଁରପାଳ, ୧୯।୬(ଡି.ଏନ.ଏ.)- ନାଲ୍କୋ ଥାନା ଟାଉନଶିପ୍ ଛକ ନିକଟରେ ଗୁରୁବାର ରାତିରେ ଅଜଣା ଗାଡ଼ି ଧକ୍କାରେ ଜଣେ ମହିଳାଙ୍କ ମୃତ୍ୟୁ ଘଟିଛି। ତାଙ୍କ ପରିଚୟ ଜଣାପଡିନାହିଁ। ସେ ୫୫ ନମ୍ବର ଜାତୀୟ ରାଜପଥରେ ଚାଲିଚାଲି ଯାଉଥିବାବେଳେ କୌଣସି ଗାଡ଼ି ଧକ୍କା ଦେଇ ପଳାଇଥିବା ଜଣାପଡିଛି। ପୋଲିସ ମୃତଦେହ ଜବତ କରି ବ୍ୟବଚ୍ଛେଦ ପାଇଁ ଅନୁଗୋଳ ଡାକ୍ତରଖାନା ପଠାଇଛି।

# ବିଗିଡ଼ିଯାଇଛି ଟ୍ରକ୍ ବ୍ୟବସାୟ

**ବଆଁରପାଳ,୧୯।୬(ଡି.ଏନ.ଏ.)**

କରୋନା କଟକଣା ପୂର୍ବରୁ ଠିକ୍ଠାକ୍ ଚାଲିଥିଲା ବ୍ୟବସାୟ। ଟ୍ରକ୍ଗୁଡ଼ିକୁ ନିୟମିତ ଲୋଡ୍ ମିଳୁଥିବା ବେଳେ ମାସିକ ରୋଜଗାର ମଧ୍ୟ ମନ୍ଦ ନ ଥିଲା। ଋଣ କିସ୍ତି ସହ ଚାଳକ, ହେଲପରଙ୍କୁ ଦରମା ଦେବାରେ ଅସୁବିଧା ହେଉ ନ ଥିଲା। ହେଲେ ଲକ୍ଡାଉନ୍ ପରଠାରୁ ମାନ୍ଦା ପଡ଼ିଯାଇଛି ଅନୁଗୋଳ ଜିଲା ନାଲ୍କୋ କୁଲାଡ଼ ଟ୍ରକ୍ ମାଲିକ ସଂଘର ବ୍ୟବସାୟ। ବିଭିନ୍ନ ରାଜ୍ୟରେ ଥିବା ଶିଳ୍ପାନୁଷ୍ଠାନ ବନ୍ଦ ରହିବା ଓ ଆଲୁମିନିୟମର ଚାହିଦା ହ୍ରାସ ଯୋଗୁ ସଂଘର ଟ୍ରକ୍ଗୁଡ଼ିକୁ ଆଉ ପୂର୍ବପରି ଲୋଡ୍ ମିଳୁନାହିଁ। ଫଳରେ ମାସ ମାସ ଧରି ଗାଡ଼ି ଠିଆ ହୋଇ ରହୁଥିବାରୁ ଏବେ ଋଣ କିସ୍ତି ଶୁଝିବା ଏବଂ କର୍ମଚାରୀଙ୍କୁ ଦରମା ଦେବା ମାଲିକମାନଙ୍କ ପକ୍ଷେ ସମ୍ଭବ ହେଉନାହିଁ। ଏହାକୁ ନେଇ ଚିନ୍ତାରେ ପଡ଼ିଛନ୍ତି ସଂଘର ୫ଶହ ସଦସ୍ୟ।

ସଂଘର କେତେଜଣ ସଦସ୍ୟଙ୍କ କହିବା ଅନୁଯାୟୀ, ନାଲ୍କୋର ବହୁ କ୍ଷତିଗ୍ରସ୍ତ ଟ୍ରକ୍ ଖଣ୍ଡିଏ ଲେଖାଏ କିଣି ଦେଶର ବିଭିନ୍ନ ସ୍ଥାନକୁ ଆଲୁମିନିୟମ ପରିବହନ କରିଥାନ୍ତି। ନାଲ୍କୋରୁ ଲୋଡ୍ ନେଇ ଏହି ଟ୍ରକ୍ଗୁଡ଼ିକ ମାସରେ ଥରେ କିମ୍ବା ଦୁଇଥର ମହାରାଷ୍ଟ୍ର, ଦିଲ୍ଲୀ, କୋଲକାତା, ରାଜସ୍ଥାନ, ପଞ୍ଜାବ, ହରିୟାଣା ଆଦି ରାଜ୍ୟକୁ ଯାଇଥାଏ। ମାତ୍ର ଦେଶରେ ଲକ୍ଡାଉନ୍ ଲାଗୁ ପରଠାରୁ ଏହି ବ୍ୟବସାୟ ସମ୍ପୂର୍ଣ୍ଣ ବାଧାପ୍ରାପ୍ତ ହୋଇଛି। ଟ୍ରକ୍ ଚଳାଚଳ ଉପରେ କଟକଣା ନ ଥିଲେ ହେଁ କଞ୍ଚାମାଲ ଭାବେ ଆଲୁମିନିୟମ ଆମଦାନୀ କରୁଥିବା ଶିଳ୍ପଗୁଡ଼ିକ ବନ୍ଦ ରହିବା କିମ୍ବା ଉତ୍ପାଦନ ହ୍ରାସ କରିଥିବାରୁ ଏବେ ନିୟମିତ ଟ୍ରକ୍ଗୁଡ଼ିକୁ ଲୋଡ୍ ମିଳୁନାହିଁ। ଦୁଇରୁ ତିନି ମାସରେ ଥରେ ଟ୍ରକ୍ ଗଡ଼ିବା ଏବେ ବଡ଼କଥା ହୋଇଯାଉଛି। ଏଥିଯୋଗୁ ମାଲିକମାନଙ୍କୁ ବହୁ କ୍ଷତି ସହିବାକୁ ପଡୁଛି। ଫାଇନାନ୍ସରେ ଗାଡ଼ି କରିଥିବା କେତେଜଣ ମାଲିକ ଠିକ୍ ଭାବେ କିସ୍ତି ପରିଶୋଧ କରିପାରୁ ନାହାନ୍ତି। ଏପରିକି ଚାଳକ ଓ ହେଲପରମାନଙ୍କୁ ହାତରୁ ଦରମା ଦେବାକୁ ପଡୁଥିବା ମାଲିକମାନେ ପ୍ରକାଶ କରିଛନ୍ତି।



ଲୋଡ୍ ମିଳୁ ନ ଥିବାରୁ ଟ୍ରକ୍ଗୁଡ଼ିକ ଠିଆ ହୋଇରହିଛି।

- ୨ ମାସରେ ଥରେ ମିଳୁଛି ଆଲୁମିନିୟମ ଲୋଡ୍
- ଋଣ କିସ୍ତି ଦେଇପାରୁନାହାନ୍ତି ୫ଶହ ମାଲିକ
- ଚିନ୍ତାରେ ନାଲ୍କୋ କୁଲାଡ଼ ଟ୍ରକ୍ ମାଲିକ ସଂଘ

### ବ୍ୟବସାୟୀ ଏବେ ବେକାର



"ପରିବାର ପ୍ରତିପୋଷଣ ପାଇଁ ବହୁ ବେକାର ଯୁବକ ଟ୍ରକ୍ ବ୍ୟବସାୟକୁ ଆଦରି ନେଇଥିଲେ। ମାତ୍ର କରୋନା ଜନିତ କଟକଣା ଏବେ ସେମାନଙ୍କୁ ପୁନର୍ବାର ବେକାର କରିଦେଇଛି। ବ୍ୟବସାୟ ସେପରି ହେଉ ନ ଥିବାରୁ ବ୍ୟାଙ୍କ ଲୋନ ଶୁଝି ନ ପାରି ସେମାନେ ଚିନ୍ତାରେ ପଡ଼ିଛନ୍ତି।

-ରାଜୀବ ଜେନା, ସଂଘ ସଭାପତି

### ସରକାରୀ ସହାୟତା ଲୋଡ଼ା



"ପୂର୍ବପରି ଆଉ ଟ୍ରକ୍ ଗଡୁ ନାହିଁ। ଏଥିଯୋଗୁ କ୍ଷତି ସହିବାକୁ ପଡୁଛି। ଦୀର୍ଘ ୩ ମାସ ହେଲା ଲାଗି ରହିଥିବା ଏପରି ସ୍ଥିତି କେବେ ସୁଧୁରିବ ତାହାକୁ ଅପେକ୍ଷା କରାଯାଉଛି। ଯଦି ସରକାରଙ୍କ ପକ୍ଷରୁ ଏ କ୍ଷେତ୍ରରେ କିଛି ସହାୟତା କରାଯାଆନ୍ତା ତା'ହେଲେ ବହୁ ଟ୍ରକ୍ ମାଲିକଙ୍କୁ ଆଶ୍ୱସ୍ତି ମିଳିପାରନ୍ତା।

-ରଞ୍ଜିତ ସେଠ, ସମ୍ପାଦକ

## ଚୋରା ମଦ ଜବତ, ୫ ଗିରଫ

**ଅନୁଗୋଳ ଅଫିସ, ୧୯।୬**

ଅନୁଗୋଳ ଅବକାରୀ ବିଭାଗ ପକ୍ଷରୁ ଶୁକ୍ରବାର ବିଭିନ୍ନ ସ୍ଥାନରେ ଚଢ଼ାଉ କରାଯାଇ ୮୫ ଲିଟର ଚୋରା ମଦ ସହ ଏକ ସ୍କୁଟି ଜବତ କରାଯାଇଛି। ଏଥିସହ ଜରାସିଂହା ଉଚ୍ଚ ବିଦ୍ୟାଳୟ ନିକଟରୁ ସନ୍ତୋଷ ଦେହୁରୀ ଓ ଆଠମଲ୍ଲିକ ରେଞ୍ଜର ଅନ୍ୟ ୪ ଜଣଙ୍କୁ ଗିରଫ କରାଯାଇଥିବା ଅବକାରୀ ଏସ୍ପି କ୍ରିଷ୍ଣା ନାୟକ ସୂଚନା ଦେଇଛନ୍ତି। କିଶୋରନଗର ଅଞ୍ଚଳର ଜଣକୁ ନୋଟିସ୍ ଦିଆଯାଇ ଛଡ଼ାଯାଇଥିବା ସେ କହିଛନ୍ତି। ମୋବାଇଲ ସ୍କ୍ୱାଡ୍ କରୁଣା ଶଙ୍କର ତିୱାରୀଙ୍କ ନେତୃତ୍ୱରେ ଜାକିର୍ ହୁସେନ୍, ସନ୍ତୋଷ ସାହୁ, କୁନ୍ତଳା ବେହେରା, ସାନୁ ନାଏକ ପ୍ରମୁଖ ଚଢ଼ାଉ କରିଥିଲେ।



ଗିରଫ ଜଣେ ଅଭିଯୁକ୍ତ।

## ଅବକାରୀ କାର୍ଯ୍ୟାଳୟ କୋଠାରୁ ଚୋରି

**ବଇଣ୍ଡା, ୧୯।୬(ଡି.ଏନ.ଏ.)**

କିଶୋରନଗର ବ୍ଲକ ହଣ୍ଡପା ଥାନା ଜାମୁନାଳୀଠାରେ ନୂତନ ଭାବେ ନିର୍ମାଣ ହୋଇଥିବା ବଇଣ୍ଡା ଅବକାରୀ କାର୍ଯ୍ୟାଳୟ କୋଠାରୁ ଲକ୍ଷାଧିକ ଟଙ୍କାର ସାମଗ୍ରୀ ଚୋରି ହୋଇଯାଇଛି। ଏ ନେଇ ଗୁରୁବାର ଉକ୍ତ କାର୍ଯ୍ୟାଳୟର ଠିକାଦାର ଲୁହାମୁଣ୍ଡା ଗ୍ରାମର ସୁଶୀଲ ବିଶ୍ୱାଳ ବଇଣ୍ଡା ଫାଣ୍ଡିରେ ଅଭିଯୋଗ କରିଛନ୍ତି। ପୋଲିସ ନଂ. ୧୩୩/୨୦ରେ ଏକ ମାମଲା ରୁଜୁ କରିବା ସହ ବିଭିନ୍ନ ଅଞ୍ଚଳରେ ଚଢ଼ାଉ କରି କିଛି ସାମଗ୍ରୀ ଜବତ କରିଥିବା ଜଣାପଡିଛି। ଏଥିସହ ଜଣଙ୍କୁ ଅଟକ ରଖି ପଚରାଉଚରା ଚଳାଇଛି। ଫାଣ୍ଡି ଅଧିକାରୀ ଅରୁଣ କୁମାର ପଣ୍ଡା କୁହନ୍ତି, ନୂତନ ଭାବେ ନିର୍ମାଣ ହୋଇଥିବା କୋଠାରୁ ବହୁ ମୂଲ୍ୟବାନ ଯନ୍ତ୍ରାଂଶ ଓ ଅନ୍ୟାନ୍ୟ ସାମଗ୍ରୀ ଚୋରି ହୋଇଥିବା ଅଭିଯୋଗ ହୋଇଛି। ଘଟଣାର ତଦନ୍ତ ଆରମ୍ଭ ହୋଇଛି।

## ରାଜପଥ ମରାମତି ନିମନ୍ତେ ଦାବିପତ୍ର



ସଙ୍ଗଠନ ପକ୍ଷରୁ ଉପଜିଲାପାଳଙ୍କୁ ଦାବିପତ୍ର ପ୍ରଦାନ କରାଯାଉଛି।

**ଅନୁଗୋଳ ଅଫିସ, ୧୯।୬**

କଟକ-ସମ୍ବଲପୁର ୫୫ ନମ୍ବର ଜାତୀୟ ରାଜପଥର ଅନୁଗୋଳ ଆର୍ଟିଓ ଅଫିସ୍ ଠାରୁ ବଆଁରପାଳ ପର୍ଯ୍ୟନ୍ତ ରାସ୍ତା ଅତି ଶୋଚନୀୟ ହୋଇପଡ଼ିଛି। ଫଳରେ ଏଠାରେ ଅନେକ ସମୟରେ ଦୁର୍ଘଟଣା ଘଟୁଥିବାରୁ ମରାମତି ଦିଗରେ ପଦକ୍ଷେପ ନେବାକୁ ଅଲ୍ଇଣ୍ଡିଆ ଡେମୋକ୍ରାଟିକ୍ ୟୁଥ୍ ଅର୍ଗାନାଇଜେଶନ୍ (ଏଆଇଡିୱାଇଓ) ପକ୍ଷରୁ ଅତିରିକ୍ତ ଜିଲାପାଳ ତପନ କୁମାର ଶତପଥୀଙ୍କୁ ଦାବିପତ୍ର ପ୍ରଦାନ କରାଯାଇଛି। ଏଥିରେ ଦର୍ଶାଯାଇଛି ଯେ, ଏହି ରାଜପଥ ଦେଇ ଦୈନିକ ହଜାର ହଜାର ଭାରିଯାନ ଯାତାୟତ କରୁଛି। ରାସ୍ତା ମରାମତି ଓ ଉନ୍ନତୀକରଣ ପାଇଁ ଗତବର୍ଷ ଜିଲା ପ୍ରଶାସନ ପକ୍ଷରୁ ଏନ୍ଏଚ୍ଏଆଇକୁ ତାଗିଦ୍ କରାଯାଇଥିଲା। କିନ୍ତୁ ଅଦ୍ୟାବଧି କୌଣସି ଆଖି ଦୃଶିଆ ପଦକ୍ଷେପ ଗ୍ରହଣ କରାଯାଇନାହିଁ। ତୁରନ୍ତ ମରାମତି ନ ହେଲେ ଆନ୍ଦୋଳନ କରାଯିବ ବୋଲି ଏଆଇଡିୱାଇଓ ପକ୍ଷରୁ ଚେତାବନୀ ଦିଆଯାଇଛି।

## ଜନଅସନ୍ତୋଷ ପରେ ଉଠିଲା ଶଟ୍ଡାଉନ

**ପରଜଙ୍ଗ, ୧୯।୬(ଡି.ଏନ.ଏ.)**

ଢେଙ୍କାନାଳ ଜିଲା ପରଜଙ୍ଗ ବ୍ଲକ କୁଆଳୋ ପଞ୍ଚାୟତକୁ ଗୁରୁବାର ସନ୍ଧ୍ୟାଠାରୁ ରବିବାର ସନ୍ଧ୍ୟା ଯାଏ ଶଟ୍ଡାଉନ୍ ଘୋଷଣା କରିଥିଲେ ସରପଞ୍ଚ ଦୀପାରାଣୀ ସାହୁ। ଭିଡ଼ ନିୟନ୍ତ୍ରଣ କରିବାକୁ ଏଭଳି ପଦକ୍ଷେପ ନିଆଯାଇଥିବା ସେ ସୂଚନା ଦେଇଥିଲେ। ତେବେ ଏହାକୁ ନେଇ ଜନଅସନ୍ତୋଷ ବୃଦ୍ଧି ପାଇବା ପରେ ବ୍ଲକ ପ୍ରଶାସନ ପକ୍ଷରୁ ଏହାକୁ ଉଠାଇ ଦିଆଯାଇଛି। ପଞ୍ଚାୟତରେ ସଙ୍ଗରୋଧ କେନ୍ଦ୍ର ନାହିଁ। କରୋନା ଆକ୍ରାନ୍ତ ମାମଲା ମଧ ସାମ୍ନାକୁ ଆସିନାହିଁ। ତଥାପି ସରପଞ୍ଚ ଜିଲାପାଳ କ୍ଷମତା ପ୍ରୟୋଗ କରି ପରମହଂସପୁର ଛକ, କୁଆଳୋ ହାଟ, କୁଆଳୋ କଲେଜ ଛକ ଅଞ୍ଚଳକୁ ଶଟ୍ଡାଉନ୍ ଘୋଷଣା କରିଥିଲେ। ଏହାକୁ ନେଇ ଲୋକଙ୍କ ମଧ୍ୟରେ ତୀବ୍ର ପ୍ରତିକ୍ରିୟା ପ୍ରକାଶ ପାଇବା ପରେ ବିଡିଓ ବସନ୍ତ କୁମାର ମଲ୍ଲିକ ଏହାକୁ ଉଠାଇ ଦେଇଛନ୍ତି। ଏ ନେଇ ସରପଞ୍ଚ କୁହନ୍ତି, ଅଭିଯୋଗ ହେବାରୁ ପ୍ରଶାସନର ନିର୍ଦ୍ଦେଶରେ ଶଟ୍ଡାଉନ୍ କଟକଣା ଉଠାଇ ଦିଆଯାଇଛି।

## ଆକ୍ରାନ୍ତଙ୍କ ସଂଖ୍ୟା ୫୦ ଛୁଇଁଲା

**ଅନୁଗୋଳ ଅଫିସ, ୧୯।୬**

ଅନୁଗୋଳ ଜିଲା ବଆଁରପାଳ ବ୍ଲକର ଏକ ଅସ୍ଥାୟୀ ସ୍ୱାସ୍ଥ୍ୟ ଶିବିରରୁ ଶୁକ୍ରବାର ଜଣେ କରୋନା ଆକ୍ରାନ୍ତ ଚିହ୍ନଟ ହୋଇଛନ୍ତି। ଏହାକୁ ମିଶାଇ ଜିଲାରେ ଆକ୍ରାନ୍ତଙ୍କ ସଂଖ୍ୟା ୫୦ରେ ପହଞ୍ଚିଛି। ସଂକ୍ରମିତ ୨୮ ବର୍ଷୀୟ ଯୁବକ ଜଣକ ଗତ ୧୩ ତାରିଖରୁ ଆନ୍ଧ୍ରପ୍ରଦେଶରୁ ଫେରି ସଙ୍ଗରୋଧରେ ଥିଲେ। କୌଣସି ଲକ୍ଷଣ ନ ଥାଇ ନମୁନା ପଜିଟିଭ୍ ଜଣାପଡ଼ିବା ପରେ ତାଙ୍କୁ ତାଳଚେର କୋଭିଡ୍ ହସ୍ପିଟାଲକୁ ସ୍ଥାନାନ୍ତର କରାଯାଇଥିବା ଜିଲାପାଳ ମନୋଜ କୁମାର ମହାନ୍ତି ସୂଚନା ଦେଇଛନ୍ତି।

## କୂଅରେ ପଡ଼ି ନାବାଳକ ମୃତ

**ପରଜଙ୍ଗ, ୧୯।୬(ଡି.ଏନ.ଏ.)**–ପରଜଙ୍ଗ ଥାନା ତୋରଡିନାଳି ଉପରସାହିରେ ଥିବା ଏକ କୂଅରେ ଖସିପଡ଼ି ଶୁକ୍ରବାର ଜଣେ ନାବାଳକଙ୍କ ମୃତ୍ୟୁ ଘଟିଛି। ମୃତକ ହେଲେ ଜ୍ଞାନରଞ୍ଜନ ନାୟକ (୧୪)। ଗାଧୋଇବା ଲାଗି କୂଅରୁ ପାଣି ବାହାର କରୁଥିବାବେଳେ ତାଙ୍କ ଗୋଡ଼ ଖସିଯାଇଥିଲା। ଫଳରେ ସେ କୂଅ ଭିତରେ ଖସିପଡ଼ିଥିଲେ। ପରିବାର ଲୋକେ ତାଙ୍କୁ ଉଦ୍ଧାର କରି ପରଜଙ୍ଗ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ଭର୍ତ୍ତି କରିଥିଲେ। ସେଠାରେ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ। ମୃତଦେହ ବ୍ୟବଚ୍ଛେଦ ପରେ ପରିବାରକୁ ହସ୍ତାନ୍ତର କରାଯାଇଛି। ଏ ନେଇ ଥାନାରେ ଏକ ଅପମୃତ୍ୟୁ ମାମଲା ରୁଜୁ ହୋଇଛି।

## ରୁପ୍ଦୀପ୍ତାଙ୍କୁ ଟ୍ରେନିଂ ଇନଚାର୍ଜ ଦାୟିତ୍ୱ

**ଅନୁଗୋଳ ଅଫିସ,୧୯।୬(ଡି.ଏନ.ଏ.)**– ରାଜ୍ୟ ମହିଳା କଂଗ୍ରେସର ସାଧାରଣ ସମ୍ପାଦକ ଥିବା ଅନୁଗୋଳର ରୁପ୍ଦୀପ୍ତା ମହାପାତ୍ରଙ୍କୁ ରାଉରକେଲା କଂଗ୍ରେସର ଟ୍ରେନିଂ ଇନ୍ଚାର୍ଜ ଭାବେ ନିଯୁକ୍ତି ଦିଆଯାଇଛି। ସେ ରାଉରକେଲା ସହ ଢେଙ୍କାନାଳ, ଅନୁଗୋଳ, ସମ୍ବଲପୁର, ଝାରସୁଗୁଡା, ସୁନ୍ଦରଗଡ ଓ ଦେବଗଡରେ ମଧ କାର୍ଯ୍ୟ କରିବେ। ଏହାଛଡ଼ା ଅନୁଗୋଳ ଜିଲା ଟ୍ରେନିଂ ଇନ୍ଚାର୍ଜ ଭାବେ ସତ୍ୟବ୍ରତ ନାୟକଙ୍କୁ ଦାୟିତ୍ୱ ଦିଆଯାଇଛି। ଏଥିପାଇଁ ଜିଲା କଂଗ୍ରେସ କମିଟି ପକ୍ଷରୁ ସେମାନଙ୍କୁ ଶୁଭେଚ୍ଛା ଜଣାଯାଇଛି।

## ବିପର୍ଯ୍ୟୟ ପୂର୍ବରୁ ସଜାଗ ରୁହ

**ଅନୁଗୋଳ ଅଫିସ/ଛେଣ୍ଡିପଦା, ୧୯।୬**

ବନ୍ୟା ଓ ବାତ୍ୟା ଭଳି ପ୍ରାକୃତିକ ବିପର୍ଯ୍ୟୟ ସମୟରେ ଧନ ଜୀବନର ସୁରକ୍ଷା ପାଇଁ ଶୁକ୍ରବାର ଅନୁଗୋଳ ଜିଲାପାଳଙ୍କ କାର୍ଯ୍ୟାଳୟ ପରିସରରେ ସମୂହ ମକ୍ଡ୍ରିଲ ଅନୁଷ୍ଠିତ ହୋଇଯାଇଛି। ଅନୁଗୋଳ ସ୍ୱୟଂଶାସିତ ମହାବିଦ୍ୟାଳୟର ଏନ୍ସିସି ଓ ନେହେରୁ ଯୁବକେନ୍ଦ୍ରର ସାମାଜିକ କର୍ମୀମାନଙ୍କୁ ନେଇ ସାମାଜିକଦୂରତାରେ ଏହି ଅଭ୍ୟାସ କରାଯାଇଥିଲା। ଜିଲାପାଳ ମନୋଜ କୁମାର ମହାନ୍ତି କାର୍ଯ୍ୟକ୍ରମ ଶୁଭାରମ୍ଭ କରିବା ସହ ପ୍ରାକୃତିକ ବିପର୍ଯ୍ୟୟ ସମୟରେ କିପରି ସତର୍କତା ଅବଲମ୍ବନ କରାଯିବ ସେ ସମ୍ପର୍କିତ ଜ୍ଞାନ କୌଶଳ ଏହି ସମୂହ ଅଭ୍ୟାସରୁ ଶିକ୍ଷା କରିବାକୁ ପରାମର୍ଶ ଦେଇଥିଲେ। ଏଥିସହ ବିପର୍ଯ୍ୟୟ ପୂର୍ବରୁ ସର୍ବଦା ସତର୍କ ଓ ସଜାଗ ରହିବା ଜରୁରୀ ବୋଲି ସେ କହିଥିଲେ।

ଜିଲା ପ୍ରଶାସନ ଦ୍ୱାରା ଆୟୋଜିତ ଓ ନେହେରୁ ଯୁବ କେନ୍ଦ୍ର ସହାୟତାରେ ଅନୁଷ୍ଠିତ ଏହି କାର୍ଯ୍ୟକ୍ରମରେ ଜିଲା ଗ୍ରାମ୍ୟ ଉନ୍ନୟନ ସଂସ୍ଥାର ପ୍ରକଳ୍ପ ନିର୍ଦ୍ଦେଶକ ଅତୁଲ୍ୟ କୁମାର ଚମ୍ପତିରାୟ, ଅତିରିକ୍ତ ଜିଲାପାଳ (ରାଜସ୍ୱ) ସନ୍ତୋଷ କୁମାର ପ୍ରଧାନ, ଅନୁଗୋଳ ଉପଜିଲାପାଳ ବାସୁଦେବ ଶତପଥୀ ପ୍ରମୁଖ ଯୋଗଦେଇଥିଲେ। ଜିଲା ଅଗ୍ନିଶମ ବିଭାଗର ଅଧିକାରୀ ସର୍ବେଶ୍ୱର ବରାଳ ଓ କର୍ମଚାରୀମାନେ ନିରାପତ୍ତା ସାମଗ୍ରୀ ମାଧ୍ୟମରେ କୌଶଳ ପ୍ରଦର୍ଶନ କରିଥିଲେ। ସେହିପରି ଛେଣ୍ଡିପଦା ଅଗ୍ନିଶମ ବିଭାଗ ପକ୍ଷରୁ ସ୍ଥାନୀୟ ପଞ୍ଚାୟତ ସମିତି ପରିସରରେ ଏକ ମକଡ୍ରିଲ ମୁଖ୍ୟ ଅଗ୍ନିକ ଭାବଗ୍ରାହୀ ବିଶ୍ୱାଳଙ୍କ ତତ୍ତ୍ୱାବଧାନରେ ଅନୁଷ୍ଠିତ ହୋଇଯାଇଛି।

# ଆତ୍ମବିଶ୍ୱାସ ବଢ଼ାଇବ ମକ୍ଡ୍ରିଲ୍

**ଢେଙ୍କାନାଳ ଅଫିସ, ୧୯।୬**

ଢେଙ୍କାନାଳ ଜିଲା କାର୍ଯ୍ୟାଳୟରେ ଶୁକ୍ରବାର ପ୍ରାକୃତିକ ବିପର୍ଯ୍ୟୟର ମୁକାବିଲା ଲାଗି ମକ୍ଡ୍ରିଲ ଅନୁଷ୍ଠିତ ହୋଇଯାଇଛି। ଜିଲା ବିପର୍ଯ୍ୟୟ ପ୍ରଶମନ ବିଭାଗ, ପ୍ରଥମ ବାଟାଲିୟନ ଏବଂ ଓଡ୍ରାଫ୍ ଟିମ୍ର ମିଳିତ ସହଯୋଗରେ ମକ୍ଡ୍ରିଲ୍ ପ୍ରଦର୍ଶିତ ହୋଇଥିଲା। କାର୍ଯ୍ୟକ୍ରମରେ ମୁଖ୍ୟଅତିଥି ଭାବେ ଯୋଗଦେଇ ଜିଲାପାଳ ଭୂମେଶ ଚନ୍ଦ୍ର ବେହେରା କହିଲେ, ମକ୍ଡ୍ରିଲ୍ ପ୍ରଦର୍ଶନ ଲୋକଙ୍କ ମଧ୍ୟରେ ଆତ୍ମବିଶ୍ୱାସ ବଢ଼ାଇବ। ସେମାନଙ୍କୁ ପ୍ରାକୃତିକ ବିପର୍ଯ୍ୟର ମୁକାବିଲା ଲାଗି ମାନସିକସ୍ତରରେ ପ୍ରସ୍ତୁତ ରହିବାକୁ ପ୍ରେରିତ କରିବ। ବିପଦ ସମୟରେ ଉଦ୍ଧାର କାର୍ଯ୍ୟରେ ନିୟୋଜିତ ଓଡ୍ରାଫ୍ ଟିମ୍କୁ ସବୁଠି ପ୍ରଶଂସା ମିଳୁଛି। ସେମାନେ ଦେଶବାସୀଙ୍କ ମନରେ ସ୍ୱତନ୍ତ୍ର ସ୍ଥାନ ସୃଷ୍ଟି କରିପାରିଛନ୍ତି। ଜିଲାରେ ବଜ୍ରପାତଜନିତ ମୃତ୍ୟୁହାର ବଢୁଛି। ତେଣୁ ବଜ୍ରପାତ ସମୟରେ କେହି ଘରୁ ନ ବାହାରିବାକୁ ଜିଲାପାଳ ପରାମର୍ଶ ଦେଇଛନ୍ତି। ଜନସାଧାରଣ ଏବଂ ସ୍ୱେଚ୍ଛାସେବୀଙ୍କ ସହଯୋଗରେ ଜିଲାରେ କରୋନା ସ୍ଥିତି ନିୟନ୍ତ୍ରଣରେ ରହିଛି। ଆଗାମୀ ଦିନରେ ମଧ ସମସ୍ତେ ସତର୍କ ରହିବାକୁ ସେ ନିବେଦନ କରିଛନ୍ତି। ଅତିରିକ୍ତ ଜିଲାପାଳ ଭବେଶ କୁମାର ନାୟକ, ସୌଦାମିନୀ ସେଠୀ, ଓଡ୍ରାଫ୍ ଟିମ୍ର ଆସିଷ୍ଟାଣ୍ଟ କମାଣ୍ଡାଣ୍ଟ ରମେଶ ଚନ୍ଦ୍ର ମହାଲି, ଜିଲା ରେଡ୍କ୍ରସ୍ ଶାଖା ଉପସଭାପତି ବିରଞ୍ଚି ନାରାୟଣ ପାଣି, ଓସ୍ଡମା ରାଜ୍ୟ ପ୍ରକଳ୍ପ ଅଧିକାରୀ ମେଘନାଦ ବେହେରା, ଜିଲା ପ୍ରକଳ୍ପ ଅଧିକାରୀ ନିମାଇଁ ଚରଣ ଦାସ, ଆପାତ୍କାଳୀନ ଅଧିକାରୀ ଶଶାଙ୍କ ଶେଖର ମିଶ୍ର ପ୍ରମୁଖ ଉପସ୍ଥିତ ଥିଲେ।



ଜିଲାପାଳ ମକ୍ଡ୍ରିଲ୍ କାର୍ଯ୍ୟକ୍ରମ ତଦାରଖ କରୁଛନ୍ତି।

- ସତର୍କତାମୂଳକ ପଦକ୍ଷେପ କମାଇବ କ୍ଷୟକ୍ଷତି
- ବଜ୍ରପାତ ସମୟରେ ଘରେ ରହିବାକୁ ପରାମର୍ଶ

**ଶହୀଦ୍ଙ୍କୁ ଶ୍ରଦ୍ଧାଞ୍ଜଳି**



ଢେଙ୍କାନାଳ ଜିଲା କଂଗ୍ରେସ ପକ୍ଷରୁ ବସ୍ଷ୍ଟାଣ୍ଡସ୍ଥିତ ଶହୀଦ ସ୍ତମ୍ଭରେ ଶ୍ରଦ୍ଧାଞ୍ଜଳି ଅର୍ପଣ କରାଯାଉଛି।




ଅନୁଗୋଳ ଜିଲା କଣିହାଁସ୍ଥିତ ଏନ୍ଟିପିସି ପକ୍ଷରୁ କ୍ୟାଣ୍ଡେଲ ଜାଳି ଶ୍ରଦ୍ଧାଞ୍ଜଳି ଅର୍ପଣ କରାଯାଉଛି।

## ପୋଲ ତଳୁ ବୃଦ୍ଧଙ୍କ ମୃତଦେହ ଉଦ୍ଧାର

କୋରୁକୋଣ୍ଡା,(ଡି.ଏନ୍.ଏ.)–ମାଲକାନଗିରି ଜିଲା କୋରୁକୋଣ୍ଡା ବ୍ଲକ ଚିତାପାରି–୩ ପଞ୍ଚାୟତର ନୂଆଁଗୁଡ଼ା ଗ୍ରାମ ନିକଟରେ ଥିବା ଏକ ପୋଲ ତଳୁ ଜଣେ ବୃଦ୍ଧଙ୍କ ମୃତଦେହ ଶୁକ୍ରବାର ଉଦ୍ଧାର କରାଯାଇଛି। ମୃତକ ଜଣକ ହେଲେ ନୂଆଁଗୁଡ଼ା ଗ୍ରାମର ଘାସି ପାଙ୍ଗି (୪୭)। ଶୁକ୍ରବାର ସକାଳେ ସେହି ପୋଲ ନିକଟ ରାସ୍ତାରେ ବିଏସ୍ଏଫ୍ ଯବାନମାନେ ଡ୍ୟୁଟି କରୁଥିବା ବେଳେ ପୋଲ ତଳେ ଏକ ମୃତଦେହ ପଡିଥିବା ଦେଖି ଓର୍କେଲ ଥାନାକୁ ଖବର ଦେଇଥିଲେ। ଖବର ପାଇ ପୋଲିସ ପହଞ୍ଚି ମୃତଦେହ ଉଦ୍ଧାର କରି ବ୍ୟବଚ୍ଛେଦ ଲାଗି ପଠାଇଥିଲା। ଏନେଇ ୧୧/୨୦ରେ ଏକ ଅପମୃତ୍ୟୁ ମାମଲା ରୁଜୁ ହୋଇଛି। ଏନେଇ ତଦନ୍ତ ଜାରି ରହିଛି ବୋଲି ଥାନା ଅଧିକାରୀ ଜଗଦୀଶ ବାରା କହିଛନ୍ତି।

**ସଂକ୍ଷେପରେ**

### ଯୁବକଙ୍କ ମୃତଦେହ ଉଦ୍ଧାର

ନବରଙ୍ଗପୁର,୧୯।୬(ବି.ପ୍ର.)- ନବରଙ୍ଗପୁର -କୋଷାଗୁମୁଡାକୁ ସଂଯୋଗ କରୁଥିବା ସାନମସିଗାଁ ଛକ ନିକଟରେ ଦେଓଳା ଗ୍ରାମର ଈଶ୍ୱର ପୂଜାରୀ(୨୦)ଙ୍କ କ୍ଷତବିକ୍ଷତ ମୃତଦେହ ରାସ୍ତା ଉପରେ ପଡି ରହିଥିବା ଖବର ପାଇ ନବରଙ୍ଗପୁର ପୋଲିସ ଏହାକୁ ଉଦ୍ଧାର କରିଛି। ଈଶ୍ୱରଙ୍କ ମୁଣ୍ଡରେ ଧାରୁଆ ଅସ୍ତ୍ରରେ ମାଡ ହୋଇଛି। ତାଙ୍କ ପ୍ୟାଣ୍ଟଶାର୍ଟ ଚିରିଯାଇଛି। ଏହା ଦେଖି ପରିବାର ଲୋକେ ହତ୍ୟା ଅଭିଯୋଗ ଆଣିଛନ୍ତି। ଏହାର ଅଧିକ ତଦନ୍ତ କରି ଦୋଷୀଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ପାଇଁ ଦାବି କରିଛନ୍ତି। ଈଶ୍ୱର ଗୁରୁବାର ରାତି ୯ରେ ତାଙ୍କର ଜଣେ ସାଙ୍ଗଙ୍କ ପାଖକୁ ଯାଉଥିବା କହି ଘରୁ ଯାଇଥିଲେ। ତେବେ ସେ ଆଉ ଫେରି ନ ଥିଲେ। ଶୁକ୍ରବାର ରାସ୍ତା ଉପରେ ତାଙ୍କ ମୃତଦେହ ପଡିଥିବା ସ୍ଥାନୀୟ ଲୋକେ ଦେଖି ପରେ ପୋଲିସକୁ ଜଣାଇଥିଲେ। ପରିବାର ଲୋକ ମଧ ଖବର ପାଇ ପହଞ୍ଚିଥିଲେ। ପୋଲିସ ଏକ ମାମଲା ରୁଜୁ କରି ମୃତଦେହ ବ୍ୟବଚ୍ଛେଦ ପରେ ପରିବାର ଲୋକଙ୍କୁ ହସ୍ତାନ୍ତର କରିଛି।

### ଶହୀଦଙ୍କୁ କ୍ୟାଣ୍ଡେଲ ଜାଳି ଶ୍ରଦ୍ଧାଞ୍ଜଳି

ସେମିଳିଗୁଡା/କୁଡୁମୁଲୁଗୁମା,୧୯।୬(ଡି.ଏନ.ଏ.)- ଭାରତ-ଚାଇନା ସୈନ୍ୟଙ୍କ ମଧ୍ୟରେ ଘଟିଥିବା ସଙ୍ଘର୍ଷରେ ଶହୀଦ ହୋଇଥିବା ୨୦ ଭାରତୀୟ ଯବାନଙ୍କୁ ଶୁକ୍ରବାର କୋରାପୁଟ ଜିଲା ସେମିଳିଗୁଡାର ଟ୍ରାଫିକ ଛକଠାରେ ସେମିଳିଗୁଡା ଅଞ୍ଚଳ ବାସୀଙ୍କ ପକ୍ଷରୁ ଶ୍ରଦ୍ଧାଞ୍ଜଳି ଅର୍ପଣ କରାଯାଇଛି। ବହୁ ଜନସାଧାରଣ ଏକତ୍ରିତ ହୋଇ କ୍ୟାଣ୍ଡେଲ ଜାଳି ଶହୀଦଙ୍କ ଉଦ୍ଦେଶ୍ୟରେ ନୀରବ ପ୍ରାର୍ଥନା କରିଥିଲେ। ଏଥିସହ ପୂର୍ବତନ ବିଧାୟକ ରାମଚନ୍ଦ୍ର କାଡାମ ନେତୃତ୍ୱରେ ପଟାଙ୍ଗି ନିର୍ବାଚନ ମଣ୍ଡଳୀର ୩ଟି ବ୍ଲକର ଶତାଧିକ କଂଗ୍ରେସ କର୍ମୀ ଏକତ୍ରିତ ହୋଇ ସେମିଳିଗୁଡା ବ୍ଲକର ଦଳେଇଗୁଡା ପଞ୍ଚାୟତର ରାଣୀକଣା ଗ୍ରାମରେ ଶହୀଦଙ୍କ ଉଦ୍ଦେଶ୍ୟରେ ନୀରବ ପ୍ରାର୍ଥନା କରିଥିଲେ।

କୁଡୁମୁଲୁଗୁମାରେ ଭାରତର ଶହୀଦ ହୋଇଥିବା ୨୦ ଯବାନଙ୍କୁ ସମ୍ମାନ ପ୍ରଦର୍ଶନ କରି ସ୍ଥାନୀୟ ବାସିନ୍ଦା ମାସ୍କ ପିନ୍ଧି, ସାମାଜିକ ଦୂରତା ଅବଲମ୍ବନ କରି ଶୁକ୍ରବାର ଏକ କ୍ୟାଣ୍ଡେଲ ଶୋଭାଯାତ୍ରା କରିଛନ୍ତି। ମୁଖ୍ୟଛକଠାରୁ ବାହାରି ସେମାନେ ବିଏସ୍ଏଫ କ୍ୟାମ୍ପ ନିକଟରେ ପହଞ୍ଚିଥିଲେ। ସେଠାରେ ଶହୀଦମାନଙ୍କ ତୈଳଚିତ୍ରରେ ମାଲ୍ୟାର୍ପଣ କରି ୨ ମିନିଟ ନୀରବ ପ୍ରାର୍ଥନା କରିଥିଲେ। ସ୍ଥାନୀୟ ତହସିଲଦାର, ଭୁବନାନନ୍ଦ ସାହୁ, ପ୍ରଭାକର ସୁନା, ବାଳକୃଷ୍ଣ ପ୍ରଧାନ, ଦିବାକର ସୁନା, ବାପୁଜୀ ସ୍ୱାଇଁ, ହୃଷୀକେଷ ସେଠୀ, ଉଦ୍ଧବ ରାଓ ଖରାଙ୍କ ସହ ଅନ୍ୟମାନେ ଉପସ୍ଥିତ ଥିଲେ। ସମସ୍ତେ ଚାଇନାରୁ ଆସୁଥିବା ସାମଗ୍ରୀ ବର୍ଜନ କରି ଏହାକୁ ବ୍ୟବହାର ନ କରିବା ପାଇଁ ଶପଥ ନେଇଥିଲେ।

### ଅମାନିଆଙ୍କୁ ଜରିମାନା

ଚିତ୍ରକୋଣ୍ଡା,୧୯।୬(ଡି.ଏନ.ଏ.)- ଶୁକ୍ରବାର ଚିତ୍ରକୋଣ୍ଡା ତହସିଲ ଓ ଥାନା ପକ୍ଷରୁ ସ୍ଥାନୀୟ ପଞ୍ଚାବୀଛକଠାରେ ମାସ୍କ ପିନ୍ଧି ନ ଥିବା ଲୋକଙ୍କଠାରୁ ଜରିମାନା ଆଦାୟ କରାଯାଇଛି। ରାସ୍ତାରେ ଚାଲିଚାଲି, ସାଇକେଲ, ବାଇକ୍ ଓ ଚାରିଚକିଆ ଯାନରେ ଯାଉଥିବା ଲୋକଙ୍କୁ ମାସ୍କ ପିନ୍ଧି ନ ଥିବାରୁ ଜରିମାନା ଆଦାୟ କରାଯାଇଥିଲା। ଏବାବଦରେ ୨ ହଜାର ୮ଶହ ଟଙ୍କା ଆଦାୟ କରାଯାଇଥିବା ଜଣାପଡିଛି।

### ବିପର୍ଯ୍ୟୟ ପରିଚାଳନା କୌଶଳ ପ୍ରଦର୍ଶନ

ରାୟଗଡ଼ା ଅଫିସ/ଗୁଣପୁର,୧୯।୬: ପ୍ରାକୃତିକ ବିପର୍ଯ୍ୟୟ ପରିଚାଳନା ନିମନ୍ତେ ରାୟଗଡ଼ା ଜିଲା ପ୍ରଶାସନ ପକ୍ଷରୁ ଏକ ମକ୍‌ଡ୍ରିଲ କାର୍ଯ୍ୟକ୍ରମ ସ୍ଥାନୀୟ ଜିସିଡି ହାଇସ୍କୁଲ ପଡ଼ିଆରେ ଅନୁଷ୍ଠିତ ହୋଇଯାଇଛି। ଏଥିରେ ଏନ୍‌ଡିଆର୍‌ଏଫ ଏବଂ ଅଗ୍ନିଶମ ବାହିନୀ ଉପସ୍ଥିତ ରହି ବିପର୍ଯ୍ୟୟ ସମୟରେ କିପରି ଧନ, ଜୀବନ ସୁରକ୍ଷା କରାଯାଇପାରିବ, ତାହାର କୌଶଳ ଶିଖାଇଥିଲେ। ଏଥିରେ ଜିଲାପାଳ ପ୍ରମୋଦ କୁମାର ବେହେରା, ଉପଜିଲାପାଳ ପ୍ରତାପ ଚନ୍ଦ୍ର ପ୍ରଧାନ, ତହସିଲଦାର ଉମାଶଙ୍କର ବେହେରା, ବିଡିଓ ରାଜେନ୍ଦ୍ର ମାଝୀ, ଅତିରିକ୍ତ ଜିଲାପାଳ ଶରତ ଚନ୍ଦ୍ର ପଣ୍ଡା, ପୌର ପରିଷଦର କାର୍ଯ୍ୟ ନିର୍ବାହୀ ଅଧିକାରୀ ବି.ଏଲ.ଏନ୍. ପୃଷ୍ଟି ପ୍ରମୁଖ ଉପସ୍ଥିତ ଥିଲେ। ସେହିପରି ଗୁଣପୁରସ୍ଥିତ ବିକ୍ରମପୁରଠାରେ ପୌର ପରିଷଦ ପକ୍ଷରୁ ମକ୍‌ଡ୍ରିଲ୍ ଅନୁଷ୍ଠିତ ହୋଇଥିଲା। ସ୍ଥାନୀୟ ବନ୍ୟା ଆଶ୍ରୟସ୍ଥଳିଠାରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ଅଗ୍ନିଶମ ବିଭାଗର କର୍ମଚାରୀମାନେ ଉପସ୍ଥିତ ରହି ବିପର୍ଯ୍ୟୟ ପରିଚାଳନାର କୌଶଳ ପ୍ରଦର୍ଶନ କରିଥିଲେ। ଏଥିରେ ଗୁଣପୁର ଉପଜିଲାପାଳ ସିଦ୍ଧେଶ୍ୱର ବଳିରାମ ବନ୍ଦର, ତହସିଲଦାର ଲକ୍ଷ୍ମୀ ନାରାୟଣ ସାବତ, ପୌର ନିର୍ବାହୀ ଅଧିକାରୀ ଉମା ପ୍ରସାଦ ଦାସ ଉପସ୍ଥିତ ଥିଲେ।

# ୪ ଜିଲାରୁ ଚିହ୍ନଟ ହେଲେ ୩୩ ଆକ୍ରାନ୍ତ

ମାଲକାନଗିରି/ ନବରଙ୍ଗପୁର/ଜୟପୁର, ୧୯।୬(ଡି.ଏନ୍.ଏ./ବି.ପ୍ର./ନି.ପ୍ର.)

ଶୁକ୍ରବାର ଦକ୍ଷିଣ ଓଡ଼ିଶାର ମାଲକାନଗିରି, ନବରଙ୍ଗପୁର ଓ କୋରାପୁଟ ଜିଲାରୁ ୫ଜଣ କରୋନା ଆକ୍ରାନ୍ତ ଚିହ୍ନଟ ହୋଇଛନ୍ତି। ମାଲକାନଗିରି ଜିଲାରୁ ଜଣେ, ନବରଙ୍ଗପୁର ଜିଲାରୁ ୩ଜଣ ଏବଂ କୋରାପୁଟ ଜିଲାରୁ ଜଣେ ଚିହ୍ନଟ ହୋଇଛନ୍ତି। ମାଲକାନଗିରିରୁ ଚିହ୍ନଟ ବ୍ୟକ୍ତି ଜଣକ ମାଲକାନଗିରି ବ୍ଲକ ଗୌଡଗୁଡା ସଙ୍ଗରୋଧ କେନ୍ଦ୍ରର ବୋଲି ଜଣାପଡିଛି। ତାମିଲନାଡୁରୁ ଆସି ସେ ଏଠାରେ ଥିଲେ। ତାଙ୍କର ଲକ୍ଷଣ ଦେଖା ଦେବାରୁ ନମୁନା ପରୀକ୍ଷା ଲାଗି ପଠାଯାଇଥିଲା। ଶୁକ୍ରବାର ରିପୋର୍ଟ ପଜିଟିଭ୍ ଆସିବା ପରେ ତାଙ୍କୁ ପ୍ରଶାସନ ପକ୍ଷରୁ ମାଲକାନଗିରି କୋଭିଡ୍–୧୯ ଚିକିତ୍ସାଳୟକୁ ପଠାଯାଇଛି ବୋଲି ଜିଲାପାଳ ମନୀଷ ଅଗ୍ରୱାଲ କହିଛନ୍ତି। ଗୌଡଗୁଡା ଅଞ୍ଚଳକୁ କଣ୍ଟେନମେଣ୍ଟ ଜୋନ୍ ଭାବେ ଘୋଷଣା କରଯାଇଛି। ସୂଚନାଯୋଗ୍ୟ ଯେ, ଜିଲାରେ ଏଯାବତ୍ ୪୯ କରୋନା ସଂକ୍ରମିତ ଚିହ୍ନଟ ହୋଇଛନ୍ତି। ସେଥିରୁ ୨୪ ଜଣ ସୁସ୍ଥ ହୋଇ ଘରକୁ ଫେରିଛନ୍ତି। ଅନ୍ୟମାନେ ଚିକିତ୍ସାଧୀନ ଅଛନ୍ତି।

ନବରଙ୍ଗପୁର ଜିଲାରେ ପୁଣି ୩ ଜଣ କରୋନା ପଜିଟିଭ ବାହାରିଛି। ସମସ୍ତେ ବିଏସ୍ଏଫ୍ ଯବାନ ବୋଲି ଜଣାପଡିଛି। ସେମାନେ ମହାରାଷ୍ଟ୍ରରୁ ଆସି ପଲିଟେକ୍ନିକ କଲେଜରେ ହୋଇଥିବା ସଙ୍ଗରୋଧ କେନ୍ଦ୍ରରେ ରହୁଥିଲେ। ସେମାନଙ୍କ ସ୍ୱାବ୍ ସଂଗ୍ରହ କରାଯାଇ ପରୀକ୍ଷା ଲାଗି ପଠାଯାଇଥିଲା। ଏବେ ରିପୋର୍ଟ ପଜିଟିଭ୍ ଆସିଛି। ଏହି ଯବାନମାନେ କରୋନା ଆକ୍ରାନ୍ତ ହୋଇଥିବା ଜଣାପଡିବା ନବରଙ୍ଗପୁର ବିଇଡି କଲେଜଠାରେ ହୋଇଥିବା କୋଭିଡ୍–୧୯ ସେମାନଙ୍କୁ ଚିକିତ୍ସା ପାଇଁ ଭର୍ତ୍ତି କରାଯାଇଛି ବୋଲି ଜିଲାପାଳ ଅଜିତ୍ କୁମାର ମିଶ୍ର କହିଛନ୍ତି। ନବରଙ୍ଗପୁର ସଦର ମହକୁମା ଡାକ୍ତରଖାନା ଅଞ୍ଚଳକୁ ସାନିଟାଇଜ କରାଯାଇଛି। ଲୋକେ ଭୟଭୀତ ନ ହେବା ପାଇଁ ଜିଲାପାଳ ପରାମର୍ଶ ଦେଇଛନ୍ତି। ସୂଚନାଯୋଗ୍ୟ ଯେ, ଗୁରୁବାର ଜିଲାରେ ୭ଜଣ ଆକ୍ରାନ୍ତ ହୋଇଥିଲେ। ସେମାନଙ୍କ ମଧ୍ୟରେ ୩ଜଣ ବିଏସ୍ଏଫ୍ ଯବାନ ଥିଲେ। ୨ ଦିନରେ ୬ଜଣ ବିଏସ୍ଏଫ୍ ଯବାନ ଆକ୍ରାନ୍ତ ହେବା ଚିନ୍ତାର ବିଷୟ ହୋଇଛି।

ସେହିପରି କୋରାପୁଟ ଜିଲାରେ ଜଣେ କରୋନା ପଜିଟିଭ ଚିହ୍ନଟ ହୋଇଛନ୍ତି। ସେ ପଶ୍ଚିମବଙ୍ଗ ଫେରନ୍ତା ବୋଲି ଜଣାଯାଇଛି। ପଶ୍ଚିମବଙ୍ଗରୁ ଆସି ସେ ହୋମ୍ କ୍ୱାରାଣ୍ଟାଇନରେ ଥିଲେ। ଶୁକ୍ରବାର ସନ୍ଧ୍ୟା ୬ଟାରୁ ଆସନ୍ତା ୨୩ ତାରିଖ ସନ୍ଧ୍ୟା ୬ଟାଯାଏ ସମ୍ପୃକ୍ତ ବ୍ୟକ୍ତି ରହୁଥିବା ରେଲୱେ କଲୋନୀ ଅଞ୍ଚଳକୁ କଣ୍ଟେନମେଣ୍ଟ ଜୋନ ରୂପେ ଘୋଷଣା କରାଯାଇଛି ବୋଲି ଜିଲା ପ୍ରଶାସନ ପକ୍ଷରୁ କୁହାଯାଇଛି। ଆକ୍ରାନ୍ତଙ୍କୁ ଜୟପୁରସ୍ଥିତ ଜିଲା କୋଭିଡ୍ ହସ୍ପିଟାଲରେ ଭର୍ତ୍ତି କରାଯାଇଛି। ସମ୍ପୃକ୍ତ ଅଞ୍ଚଳରେ କଣ୍ଟାକ୍ଟ ଟ୍ରେସିଂ ଆରମ୍ଭ ହୋଇଛି। ତାଙ୍କ ସମ୍ପର୍କୀୟ ସହ ଅନ୍ୟ କେତେଜଣଙ୍କ ସ୍ୱାସ୍ଥ୍ୟ ପରୀକ୍ଷା କରାଯିବାକୁ ନିଷ୍ପତ୍ତି ହୋଇଛି।

## କେବଳ ଗଜପତିରୁ ୨୮ : ଜଣେ ନାବାଳକ

ପାରଳାଖେମୁଣ୍ଡି,୧୯।୬(ସ୍ୱ.ପ୍ର.)

ଗଜପତି ଜିଲାରେ କରୋନା ସଂକ୍ରମିତଙ୍କ ସଂଖ୍ୟା ଦ୍ରୁତଗତିରେ ବଢ଼ିବାରେ ଲାଗିଛି। ଶୁକ୍ରବାର ଦିନକରେ ୨୮ ପଜିଟିଭ୍ ଚିହ୍ନଟ ହୋଇଛନ୍ତି। ଏମାନଙ୍କ ମଧ୍ୟରେ ଜଣେ ନାବାଳକ ରହିଥିବା ଜଣାପଡ଼ିଛି। ଏଥିସହ ଜିଲାରେ ମୋଟ ସଂକ୍ରମିତଙ୍କ ସଂଖ୍ୟା ୧୯୧ରେ ପହଞ୍ଚିଛି। ଏ ନେଇ ଗଜପତି ଜିଲାପାଳ ଅନୁପମ ଶାହା ଏକ ପ୍ରେସ୍ ଇସ୍ତାହାର ମାଧ୍ୟମରେ ଜଣାଇଛନ୍ତି। ନୂତନଭାବେ ଚିହ୍ନଟ ହୋଇଥିବା ୨୮ ପଜିଟିଭଙ୍କ ମଧ୍ୟରୁ ୧୯ଜଣ ତାମିଲନାଡୁରୁ ଫେରିଥିବାବେଳେ ତେଲଙ୍ଗାନାରୁ ୭ ଏବଂ ଆନ୍ଧ୍ରପ୍ରଦେଶରୁ ୨ ଜଣ ଫେରିଥିଲେ। ତେବେ ଏମାନେ ସମସ୍ତେ ସଙ୍ଗରୋଧରେ ଥିବା ସମୟରେ ଚିହ୍ନଟ ହୋଇଥିବା ଜଣାପଡ଼ିଛି। ସମସ୍ତଙ୍କୁ ଆର୍.ସୀତାପୁରସ୍ଥିତ କୋଭିଡ୍ ହସ୍ପିଟାଲକୁ ସ୍ଥାନାନ୍ତର କରାଯାଇଛି। ତେବେ ଭୟଭୀତ ନ ହୋଇ ସଚେତନ ଓ ସତର୍କ ରହିବା ପାଇଁ ପ୍ରଶାସନ ପକ୍ଷରୁ କୁହାଯାଇଛି।

## ଜନଜାତି ସୁରକ୍ଷା ମଞ୍ଚର ରାଜ୍ୟପାଳଙ୍କୁ ଦାବିପତ୍ର



ଜନଜାତି ସୁରକ୍ଷା ମଞ୍ଚ କର୍ମକର୍ତ୍ତା ଦାବିପତ୍ର ଦେଉଛନ୍ତି।

ନବରଙ୍ଗପୁର,୧୯।୬(ବି.ପ୍ର)

ଆଦିବାସୀଙ୍କ ସ୍ଥାବର ସମ୍ପତ୍ତିକୁ ଅଣଆଦିବାସୀଙ୍କୁ ହସ୍ତାନ୍ତର କରିବା ଦାବି ପ୍ରତ୍ୟାଖାନ କରିବାକୁ ଜନଜାତି ସୁରକ୍ଷା ମଞ୍ଚ ପକ୍ଷରୁ ରାଜ୍ୟପାଳଙ୍କ ଉଦ୍ଦେଶ୍ୟରେ ଏକ ଦାବିପତ୍ର ଜିଲାପାଳଙ୍କୁ ପ୍ରଦାନ କରାଯାଇଛି। ରାଜନୈତିକ ଓ ନସ୍ୟସ୍ୱାର୍ଥ ଉଦ୍ଦେଶ୍ୟ ରଖି ନିକଟରେ ନବରଙ୍ଗପୁରର ପୂର୍ବତନ ଏମପି ବଳଭଦ୍ର ମାଝୀ ରାଜ୍ୟପାଳଙ୍କୁ ଆଦିବାସୀଙ୍କ ସ୍ଥାବର ସମ୍ପତ୍ତିକୁ ଅଣଆଦିବାସୀଙ୍କୁ ବିକ୍ରି, ଋଣ ଗ୍ରହୀତା, ଇଚ୍ଛାପତ୍ର ଓ ଦାନ କରିବା ନେଇ ଏକ ସ୍ମାରକପତ୍ର ପ୍ରଦାନ କରିଛନ୍ତି। ଏହା ଓଡିଶା ସେଡୁଲ ଏରିଆ ଅଫ ଇମୋଭେବୁଲ ପ୍ରପରଟି ରେଗୁଲେସନ ୧୯୫୬ (ଓଏସଏଟିଆଇପିଆର)ର ବିରୁଦ୍ଧାଚରଣ କରୁଛି। ଆଦିବାସୀମାନେ ସମାଜର ଦୁର୍ବଳ ସ୍ତରରେ ଅଛନ୍ତି। ସେମାନଙ୍କୁ ଆଇନର ସୁରକ୍ଷା ଆବଶ୍ୟକ। ସମ୍ବିଧାନ ଆଦିବାସୀ ଅଞ୍ଚଳ ପାଇଁ ସ୍ୱତନ୍ତ୍ର ଦୃଷ୍ଟି ଦେଇଛନ୍ତି। ତେଣୁ ଆଦିବାସୀଙ୍କର ସ୍ଥାବର ସମ୍ପତି ଅଣଆଦିବାସୀଙ୍କୁ ହସ୍ତାନ୍ତର ପାଇଁ କୌଣସି ପଦକ୍ଷେପ ନ ନେବାକୁ ମଞ୍ଚ ପକ୍ଷରୁ କୁହାଯାଇଛି। ନବରଙ୍ଗପୁର,କୋରାପୁଟ ସହ ଅନ୍ୟ ଜିଲାର କୌଣସି ଆଦିବାସୀ ସଙ୍ଗଠନପୂର୍ବତନ ଏମପିଙ୍କ ପ୍ରସ୍ତାବକୁ ସମର୍ଥନ କରୁ ନ ଥିବା ସ୍ମାରକପତ୍ରରେ ଉଲ୍ଲେଖ ରହିଛି। ଏହାର ନକଲ ମୁଖ୍ୟମନ୍ତ୍ରୀ, ରାଷ୍ଟ୍ରପତି ଓ ପ୍ରଧାନମନ୍ତ୍ରୀଙ୍କର ଉଦ୍ଦେଶ୍ୟରେ ପ୍ରଦାନ କରାଯାଇଛି। ମଞ୍ଚର ସଭାପତି ଗୋପୀନାଥ ମାଝୀ, ସାଧାରଣ ସମ୍ପାଦକ ରତନ ମାଝୀ, ଅଖିଳ ଭାରତୀୟ ଭତରା ବିକାଶ ପରିଷଦର ଜିଲା ସଭାପତି ଅର୍ଜୁନ ଭତରା, ରାଷ୍ଟ୍ରୀୟ ଆଦିବସୀ ଏକତା ପରିଷଦର ଜିଲା ସଭାପତି ଦାମୋଦର ପୂଜାରୀ, କୃଷକ ସଂଘ ସଭାପତି ସନରାଜ ଗଣ୍ଡଙ୍କ ସହ ଅନ୍ୟମାନେ ଉପସ୍ଥିତ ଥିଲେ। ପୂର୍ବତନ ଏମପି ଇଂ.ବଳଭଦ୍ରମାଝୀଙ୍କୁ ଏସମ୍ପର୍କରେ ପଚାରିବାରୁ ସେ କହିଲେ ଯେ, ଏନେଇ ରାଜ୍ୟପାଳଙ୍କୁ କୌଣସି ସ୍ମାରକପତ୍ର ପ୍ରଦାନ କରାଯାଇନାହିଁ। ଆଦିବାସୀ ସମାଜ ଭିତରେ ଏବିଷୟରେ ଆଲୋଚନା କରାଯିବା ଉଚିତ ବୋଲି ପ୍ରକାଶ କରିଥିଲେ।

# ରାୟଗଡ଼ାରେ ଖୁବ୍‌ଶୀଘ୍ର କରୋନା ଚିକିତ୍ସା

ରାୟଗଡା ଅଫିସ,୧୯।୬:

ରାୟଗଡା ଅଫିସ,୧୯।୬: ଏଣିକି ରାୟଗଡ଼ା ଜିଲାରେ ହେବ କରୋନା ସଂକ୍ରମିତଙ୍କ ଚିକିତ୍ସା। ଆଇସିୟୁ ଓ ଅକ୍ସିଜେନ୍ ବ୍ୟବସ୍ଥା ନ ଥିବାରୁ ଜିଲାରୁ ଚିହ୍ନଟ ହେଉଥିବା ସଂକ୍ରମିତଙ୍କୁ ଅନ୍ୟ ଜିଲାକୁ ପଠାଯାଉଥିଲା। ଶୁକ୍ରବାର ଜିଲାର ଜେକେପୁରସ୍ଥିତ କୋଭିଡ୍ ସ୍ୱାସ୍ଥ୍ୟକେନ୍ଦ୍ରରେ ଅକ୍ସିଜେନ୍ ଉତ୍ପନ୍ନ ଏବଂ ଆଇସିୟୁକୁ ଏହାର ଯୋଗାଣ ନିମନ୍ତେ ସମସ୍ତ ସୁବିଧା କରାଯାଇଛି। ଜିଲାପାଳ ପ୍ରମୋଦ କୁମାର ବେହେରାଙ୍କ ନିର୍ଦ୍ଦେଶକ୍ରମେ ଅତିରିକ୍ତ ଜିଲାପାଳ ଶରତ ଚନ୍ଦ୍ର ପଣ୍ଡା, ସିଡିଏମ୍‌ଓ ଡା. ଆର୍ତ୍ତବନ୍ଧୁ ନାୟକ, ଆଇଟିଡିଏର ପିଏ ଟୁକୁ ବାରିକ, ଡିପିଏମ୍ ରାଜେଶ ପଟ୍ଟନାୟକ ଉପସ୍ଥିତ ରହି ଅମ୍ଳଜାନ ଉତ୍ପନ୍ନ ବ୍ୟବସ୍ଥାର ଆରମ୍ଭ କରିଛନ୍ତି। ତେଣୁ ଖୁବ୍‌ଶୀଘ୍ର ଏଠାରେ ସଂକ୍ରମିତଙ୍କ ଚିକିତ୍ସା ହୋଇପାରିବ ବୋଲି ଜଣାପଡ଼ିଛି। ହେଲେ କେବେଠାରୁ ଚିକିତ୍ସା ଆରମ୍ଭ ହେବ, ଏ ନେଇ କୌଣସି ସୂଚନା ମିଳିନାହିଁ। ଉଲ୍ଲେଖଯୋଗ୍ୟ, ଜେକେପୁରଠାରେ ୧୧୦ ଶଯ୍ୟା ବିଶିଷ୍ଟ କୋଭିଡ୍ ସ୍ୱାସ୍ଥ୍ୟକେନ୍ଦ୍ର ଏପ୍ରିଲ ୧୨ରେ ଉଦ୍‌ଘାଟିତ ହୋଇଥିଲା। ପରେ ୫–ଟି ସଚିବ ଭି.କେ. ପାଣ୍ଡିଆନ ଏବଂ ଉନ୍ନୟନ କମିଶନର ସୁରେଶ ଚନ୍ଦ୍ର ମହାପାତ୍ର ସ୍ୱାସ୍ଥ୍ୟକେନ୍ଦ୍ର ପରିଦର୍ଶନରେ ଆସି ଏଠାରେ ଚିକିତ୍ସା ସୁବିଧା କରିବାକୁ ନିର୍ଦ୍ଦେଶ ଦେଇଥିଲେ।



ଜେକେପୁର କୋଭିଡ ହସ୍ପିଟାଲରେ ସିଡିଏମ୍‌ଓଙ୍କ ସହ ଅନ୍ୟମାନେ ଅକ୍ସିଜେନ୍ ବ୍ୟବସ୍ଥାକୁ ଦେଖୁଛନ୍ତି।

**ପ୍ରସ୍ତୁତ ହେଲା କୋଭିଡ୍ ହସ୍ପିଟାଲ ଆଇସିୟୁ**

## ଶହୀଦଙ୍କୁ ଶ୍ରଦ୍ଧାଞ୍ଜଳି

କାଶୀନଗର,୧୯।୬(ଡି.ଏନ୍.ଏ.): ଭାରତ ଓ ଚାଇନା ସୈନ୍ୟଙ୍କ ମଧ୍ୟରେ ଘଟିଥିବା ସଂଘର୍ଷରେ ଶହୀଦ ଭାରତୀୟ ଯବାନମାନଙ୍କୁ ଶୁକ୍ରବାର ଗଜପତି ଜିଲା କାଶୀନଗରଠାରେ ଶ୍ରଦ୍ଧାଞ୍ଜଳି ଅର୍ପଣ କରାଯାଇଛି। ସ୍ଥାନୀୟ ବଂଶଧାରା ପାଠାଗାର ନିକଟରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ଶହୀଦଙ୍କ ଉଦ୍ଦେଶ୍ୟରେ ନୀରବ ପ୍ରାର୍ଥନା କରାଯାଇଥିଲା। ସେହିପରି ଏକ କ୍ୟାଣ୍ଡେଲ ଶୋଭାଯାତ୍ରା ଅନୁଷ୍ଠିତ ହୋଇଥିଲା। ଏଥିରେ ପୂର୍ବତନ ସୈନିକ ଏସ୍. ମୀନା ରାଓ, ଏସ୍. ମୋହନ ରାଓ, ଏସ୍. ଆଦେୟା ଯୋଗଦେଇଥିଲେ। ସ୍ୱଦେଶୀ ଜାଗରଣ ମଞ୍ଚର ଆବାହକ ହୃଷୀକେଶ ଗୌଡ଼ ଯୋଗଦେଇ ଚାଇନା ଜିନିଷ ବର୍ଜନ କରିବାକୁ ଆହ୍ୱାନ କରିଥିଲେ।

## ଶହୀଦଙ୍କ ଉଦ୍ଦେଶ୍ୟରେ ଶୋଭାଯାତ୍ରା



ରାୟଗଡ଼ା ଅଫିସ,୧୯।୬: ଭାରତ ଓ ଚାଇନା ସୈନ୍ୟଙ୍କ ମଧ୍ୟରେ ଘଟିଥିବା ସଂଘର୍ଷରେ ଶହୀଦ ଭାରତୀୟ ଯବାନଙ୍କୁ ରାୟଗଡ଼ା ପୌର ପରିଷଦ ପକ୍ଷରୁ ଶ୍ରଦ୍ଧାଞ୍ଜଳୀ ଅର୍ପଣ କରାଯାଇଛି। ଏହି ଅବସରରେ ଏକ ଶୋଭାଯାତ୍ରା ପୌର ପରିଷଦ କାର୍ଯ୍ୟାଳୟ–ଥାନା ଦେଇ ଗାନ୍ଧୀ ପ୍ରମୋଦ ଉଦ୍ୟାନ ପାର୍କଠାରେ ପହଞ୍ଚିଥିଲା। କାର୍ଯ୍ୟକ୍ରମରେ ପୌର ପରିଷଦର କାର୍ଯ୍ୟ ନିର୍ବାହୀ ଅଧିକାରୀ ସଚ୍ଚିଦାନନ୍ଦ ଶତପଥୀଙ୍କ ସମେତ ଅନ୍ୟ ଅଧିକାରୀ, କର୍ମଚାରୀ ଓ ସ୍ୱାଛସାଥୀମାନେ ଉପସ୍ଥିତ ଥିଲେ।

## ଗଳାଚିପି ସ୍ତ୍ରୀଙ୍କୁ ହତ୍ୟା

ପଡିଆ, ୧୯।୬(ଡି.ଏନ.ଏ.)

ମାଲକାନାଗିରି ଜିଲା ସୀମାନ୍ତ ପଡିଆ ଥାନା ଅର୍ନ୍ତଗତ ସିଙ୍ଗାନିଗୁଡା ଗ୍ରାମରେ ଜଣେ ସାମୀ ତାଙ୍କ ସ୍ତ୍ରୀଙ୍କୁ ହତ୍ୟା କରିଥିବା ଜଣାପଡିଛି। ଅଭିଯୁକ୍ତ ସ୍ୱାମୀଙ୍କୁ ଗିରଫ କରାଯାଇଛି। ଖବରରୁ ଜଣାପଡିଛି ବୁଧବାର ରାତିରେ ଗ୍ରାମର ଆଡମେ ବେକ କୌଣସି କାରଣରୁ ସ୍ତ୍ରୀ ଗାଙ୍ଗୀ ବେକଙ୍କୁ ଗଳା ଚିପି ହତ୍ୟା କରିଥିଲେ। ସକାଳେ ଏହାକୁ ଭିନ୍ନ ରୂପ ଦେବାକୁ ଗାଙ୍ଗୀଙ୍କ ଭାଇ ମାଡ଼ି ମୁକାଙ୍କୁ ଫୋନ କରି ତୁମ ଭଉଣୀ ରାତିରେ ଅସୁସ୍ଥ ହେବାରୁ ମୁଁ ଡାକ୍ତରଖାନା ନେଉଥିଲି। ମାତ୍ର ବାଟରେ ମରିଗଲା ବୋଲି କହିଥିଲେ। ଖବର ପାଇ ମୁକା ସିଙ୍ଗାନିଗୁଡା ଗ୍ରାମରେ ପହଞ୍ଚି ଭଉଣୀର ଗଳା ସହ ଏକାଧିକ ସ୍ଥାନରେ କ୍ଷତ ଚିହ୍ନ ଦେଖି ତାଙ୍କୁ ହତ୍ୟା କରାଯାଇଥିବା ଜାଣିପାରିଥିଲେ। ପରେ ସେ ପଡିଆ ଥାନାରେ ଏତଲା ଦେଇଥିଲେ। ପୋଲିସ ପହଞ୍ଚି ମୃତଦେହ ଜବତ କରି ବ୍ୟବଚ୍ଛେଦ ଲାଗି ପଠାଇଥିଲା। କେସ୍ ନଂ. ୨୬/୨୦ରେ ଏକ ହତ୍ୟା ମାମଲା ରୁଜୁ ହୋଇଥିବା ଥାନା ଅଧିକାରୀ ପ୍ରଭାତ କୁମାର ବେହେରା କହିଛନ୍ତି।

## ପାଚିକା ସହାୟିକା ମହାସଂଘର ବିକ୍ଷୋଭ

ଗୁଣପୁର,୧୯।୬(ଡି.ଏନ୍.ଏ.):

ଗୁଣପୁର,୧୯।୬(ଡି.ଏନ୍.ଏ.): ବିଭିନ୍ନ ଦାବି ନେଇ ଦକ୍ଷିଣ ଓଡ଼ିଶା ପାଚିକା ସହାୟିକା ମହାସଂଘ ପକ୍ଷରୁ ଶୁକ୍ରବାର ରାୟଗଡ଼ା ଜିଲାର ଗୁଣପୁରଠାରେ ବିକ୍ଷୋଭ ପ୍ରଦର୍ଶନ କରାଯାଇଛି। ଏ ନେଇ ମୁଖ୍ୟମନ୍ତ୍ରୀଙ୍କ ଉଦ୍ଦେଶ୍ୟରେ ଏକ ଦାବିପତ୍ର ବିଡିଓଙ୍କ ଜରିଆରେ ପ୍ରଦାନ କରାଯାଇଛି। ସଂଘର ପ୍ରମୁଖ ଦାବିଗୁଡ଼ିକ ମଧ୍ୟରେ ପାଚିକା ଏବଂ ସହାୟିକାଙ୍କୁ ନିୟମିତ କରିବା, ତାଲାବନ୍ଦ ସମୟରେ ପାଚିକା ସହାୟିକା, ଆଶା, ଅଙ୍ଗନୱାଡି କର୍ମୀଙ୍କୁ ସ୍ୱତନ୍ତ୍ରଭାବେ ପାଚିକା ଓ ସହାୟିକା, ଆଶା ଓ ଅଙ୍ଗନୱାଡି କର୍ମୀମାନଙ୍କୁ ମାସିକ ୨୧ହଜାର ଟଙ୍କା ପ୍ରଦାନ କରିବା, ୧୦ହଜାର ଟଙ୍କା ଭତ୍ତା ପ୍ରଦାନ, ସମସ୍ତ ଶ୍ରମିକଙ୍କୁ ବୀମାଭୁକ୍ତ କରିବା ସହ ଅନ୍ୟାନ୍ୟ ଆଦି ରହିଛି। ଶୋଭାଯାତ୍ରାରେ ସିପିଆଇ(ଏମ୍‌ଏଲ୍)ର ଜିଲା ସମ୍ପାଦକ ତ୍ରିପତି ଗମାଙ୍ଗଙ୍କ ସମେତ ମନୁ ଶବର, ସରୋଜିନୀ ଗୌଡ଼, ଜୟନ୍ତୀ ଶବର ଉପସ୍ଥିତ ଥିଲେ।

# ସର୍ବୋଚ୍ଚ ନ୍ୟାୟାଳୟଙ୍କ ନିଷ୍ପତ୍ତି ସ୍ୱାଗତଯୋଗ୍ୟ

ମାଲକାନଗିରି,୧୯।୬(ଡି.ଏନ୍.ଏ.)

ଚଳିତବର୍ଷ ସାରା ବିଶ୍ୱରେ ମହାମାରୀ କରୋନା ଯୋଗୁ ଚଳିତବର୍ଷ ବିଶ୍ୱ ପ୍ରସିଦ୍ଧ ରଥଯାତ୍ରା ହେବ କି ନାହିଁ କଳ୍ପନାଜଳ୍ପନା ପ୍ରକାଶ ପାଇଥିଲା। ବିଳମ୍ବରେ ହେଲେ ମଧ ସରକାରଙ୍କ ଅନୁମତିକ୍ରମେ ରଥ ନିର୍ମାଣ ହୋଇଥିଲା। ରାଜ୍ୟର ପୁରୀଠାରୁ ଆରମ୍ଭ କରି ସହର ଓ ଗ୍ରାମାଞ୍ଚଳରେ ରଥଯାତ୍ରା ଲାଗି ରଥ ନିର୍ମାଣ ଆରମ୍ଭ ହୋଇ ଶେଷ ହୋଇଥିଲା। ତେବେ ଶେଷ ମୁହୂର୍ତ୍ତରେ ରଥଯାତ୍ରା ବନ୍ଦ ପାଇଁ ଏକ ଆବେଦନର ବିଚାରକରି ସୁପ୍ରିମକୋର୍ଟ ରଥଯାତ୍ରାକୁ ବନ୍ଦ କରିଛନ୍ତି। ଓଡ଼ିଶାରେ କେଉଁଠାରେ ମଧ ରଥଯାତ୍ରା ନ କରିବାକୁ ନିର୍ଦ୍ଦେଶ ଦେଇଛନ୍ତି। ଏହାକୁ ବିଭିନ୍ନ ମହଲରେ ସ୍ୱାଗତ କରାଯାଇଛି।

ଏ ସମ୍ବନ୍ଧରେ ମାଲକାନଗିରି ସଦର ମହକୁମା ଜଗନ୍ନାଥ ମନ୍ଦିରର ରାଜ ପୁରୋହିତ ବିନାୟକ ଶତପଥୀ କହିଛନ୍ତି ଯେ, ଏହି ରାୟ ସମସ୍ତ ଜଗନ୍ନାଥପ୍ରେମୀଙ୍କୁ ଦୁଃଖ ଦେଇଛି। ତେବେ କରୋନା ମହାମାରୀରୁ ମୁକ୍ତି ପାଇଁ ଆମେ ଏହି ଯାତ୍ରାକୁ ମନ୍ଦିର ପରିସରରେ ବିଧିବିଧାନ ଅନୁଯାୟୀ ପାଳନ କରିବୁ ବୋଲି କହିଛନ୍ତି।

ରଥ ନିର୍ମାଣ କରୁଥିବା ମୁଖ୍ୟ କାରିଗର ଲକ୍ଷ୍ମଣ ମହାରଣା କହନ୍ତି, ରଥଯାତ୍ରା ବନ୍ଦ ହେବା ଖବର ଶୁଣି ଆମେ ମହାରଣାମାନେ ଦୁଃଖିତ ହୋଇଛୁ। ପ୍ରଭୁଙ୍କ ନିକଟରେ ପ୍ରାର୍ଥନା କରୁଛୁ ବିଶ୍ୱରୁ ମହାମାରୀ ଦୂର କରନ୍ତୁ। ଏ ବର୍ଷର ଦୁଃଖ ଭୁଲି ଆମେ ଆସନ୍ତାବର୍ଷ ରଥରେ ତିନିଠାକୁରଙ୍କୁ ଦେଖିବା ପାଇଁ ଅପେକ୍ଷା ରଖିଲୁ।

ମାଲକାନଗିରି ଠାକୁରାଣୀ ମନ୍ଦିର ପୂଜକ ତ୍ରିନାଥ ରାଜୁ କହନ୍ତି, ରଥଯାତ୍ରା ବନ୍ଦ ଯୋଗୁ କରୋନା ମହାମାରୀ ସଂକ୍ରମିତ ବୃଦ୍ଧି ହେବନାହିଁ। ମାଲକାନଗିରି ରଥଯାତ୍ରାରେ ପଡ଼ୋଶୀ ଆନ୍ଧ୍ର, ତେଲଙ୍ଗାନା, ଛତିଶଗଡ଼ରୁ ବହୁ ସଂଖ୍ୟାରେ ଶ୍ରଦ୍ଧାଳୁ ଆସିଥାନ୍ତି। ଫଳରେ କରୋନା ସଂକ୍ରମିତର ଆଶଙ୍କା ରହିଥିଲା। ତାହା ଏବେ ଦୂର ହୋଇଛି।

ମାଲକାନଗିରିର ବୁଦ୍ଧିଜୀବୀ ସନ୍ତୋଷ ନାଗ କହନ୍ତି, କରୋନା ମହାମାରୀରୁ ମୁକ୍ତି ପାଇଁ ପ୍ରତ୍ୟେକ ବ୍ୟକ୍ତି ଚିନ୍ତା କରୁଥିବା ବେଳେ ସର୍ବୋଚ୍ଚ ନ୍ୟାୟାଳୟଙ୍କ ରଥଯାତ୍ରା ବନ୍ଦ ନିଷ୍ପତ୍ତି ସ୍ୱାଗତଯୋଗ୍ୟ। ଏହି ରୋଗ ସବୁଦିନ ରହିବ ନାହିଁ। ଆସନ୍ତା ବର୍ଷକୁ ନିଶ୍ଚିତ ଆମେ ରଥଯାତ୍ରା କରିପାରିବା।

## ଦୁର୍ଘଟଣାଗ୍ରସ୍ତଙ୍କୁ ସହାୟତା କରି ପୁରସ୍କୃତ ହେଲେ ପଙ୍କଜ

ଜୟପୁର ,୧୯।୬ (ଡି.ଏନ.ଏ )

ସଡକ ଦୁର୍ଘଟଣାରେ ୨ ଗୁରୁତରଙ୍କୁ ଉଦ୍ଧାର କରିବା ଓ ଚିକିତ୍ସାଳୟରେ ପହଞ୍ଚାଇଥିବା ନେଇ ଜୟପୁର ସହର ଖ୍ରୀଷ୍ଟିଆନ ସାହିର ପଙ୍କଜ ନାଗ (୨୫)ଙ୍କୁ ତାଙ୍କ ସାହସିକତା ପାଇଁ କୋରାପୁଟ ଜିଲା ପରିବହନ କାର୍ଯ୍ୟାଳୟଠାରେ ପୁରସ୍କୃତ କରାଯାଇଛି। ତାଙ୍କୁ ୨ ହଜାର ଟଙ୍କା ପ୍ରଦାନ କରାଯାଇଛି। ଡିସେମ୍ବର ୩୧ ବିଳମ୍ବିତ ରାତି ୩ଟାରେ ଖ୍ରୀଷ୍ଟିଆନ ସାହି ଛକଠାରେ ଏକ ବାଇକ୍ ଦୁଇଜଣ ଯୁବକଙ୍କୁ ଧକ୍କା ଦେଇଥିଲା। ସମ୍ପୃକ୍ତ ଦୁଇ ଯୁବକଙ୍କ ସହ ବାଇକ୍ ଚାଳକ ଗୁରୁତର ହୋଇଥିଲେ। ସେମାନଙ୍କୁ ପଙ୍କଜ ଦେଖି ତୁରନ୍ତ ନିଜ ଅଟୋରେ ମେଡିକାଲରେ ପହଞ୍ଚାଇଥିଲେ।

# ୩ ଜିଲାରେ ମକ୍‌ଡ୍ରିଲ : ସାମୂହିକ ଅଭ୍ୟାସ ପ୍ରଦର୍ଶନ କଲେ କର୍ମଚାରୀ

ମାଲକାନଗିରି/ନବରଙ୍ଗପୁର/ଜୟପୁର/ ଚିତ୍ରକୋଣ୍ଡା/ପଡିଆ/ବୈପାରିଗୁଡ଼ା, ୧୯।୬(ଡି.ଏନ୍.ଏ.)

ମାଲକାନଗିରି ଜିଲା ସଦର ମହକୁମାସ୍ଥିତ ବାଲିସାଗରଠାରେ ଶୁକ୍ରବାର ପ୍ରାକୃତିକ ବିପର୍ଯ୍ୟୟର ମୁକାବିଲା ପାଇଁ ଜିଲାସ୍ତରୀୟ ମକ୍ ଡ୍ରିଲ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଛି। ଜିଲାପାଳ ମନୀଷ ଅଗ୍ରୱାଲଙ୍କ ତତ୍ତ୍ୱାବଧାନରେ ଅଗ୍ନିଶ୍ରମ କର୍ମଚାରୀମାନେ ପ୍ରାକୃତିକ ବିପର୍ଯ୍ୟୟ ଏବଂ ବନ୍ୟା,ବାତ୍ୟା ସମୟରେ କିପରି ବିପଦରେ ପଡିଥିବା ଜନସାଧାରଣ ଏବଂ ପଶୁପକ୍ଷୀଙ୍କୁ ଉଦ୍ଧାର କରାଯାଇପାରିବ ସେନେଇ ମକ୍‌ଡ୍ରିଲ ବେଳେ ପ୍ରଦର୍ଶନ କରିଥିଲେ। ଏଥିସହ ଜଳବନ୍ଦୀ ହୋଇ ରହିଥିବା ଲୋକଙ୍କୁ ଉଦ୍ଧାର ଲାଗି କର୍ମଚାରୀ ମାନେ ମୋଟର ବୋଟ ଯୋଗେ ରଣକୌଶଳ ପ୍ରଦର୍ଶନ କରିଥିଲେ। ଡିଆର୍‌ଡିଏ ପିଡି ବାଳମୁକୁନ୍ଦ ଭୂୟାଁ, ଅତିରିକ୍ତ ଜିଲାପାଳ ବୀରସେନ ପ୍ରଧାନ, ଉପଜିଲାପାଳ ରାମେଶ୍ୱର ପ୍ରଧାନ, ଅତିରିକ୍ତ ଆରକ୍ଷୀ ଅଧୀକ୍ଷକ ଉଦ୍ଧବ ନାୟକ, ଜିଲା ପରିଷଦ ଅଧ୍ୟକ୍ଷ ଦଶରଥ ପଡିଆମି, ଆଇଆଇସି ରାମପ୍ରସାଦ ନାଗ, ଅଗ୍ନିଶମ ଅଧିକାରୀ ସୁବାସ ଚରଣ କିସ୍କୁ, ସହକାରୀ ଜିଲାପାଳ ପ୍ରମୋଦ କୁମାର ବେହେରା, ଅତିରିକ୍ତ ଜିଲା ଚିକିତ୍ସାଧିକାରୀ ଡା. ଶଶି ଭୂଷଣ ମହାପାତ୍ର, ଡା. ଆଶିଷ ରଥ, ସହକାରୀ ବନ ସଂରକ୍ଷକ ଶ୍ରୀକାନ୍ତ ନାୟକ ଉପସ୍ଥିତ ଥିଲେ।



ମାଲକାନଗିରିରେ ଅଗ୍ନିଶମ କର୍ମଚାରୀମାନେ ମକ୍‌ଡ୍ରିଲ୍ କୌଶଳ ପ୍ରଦର୍ଶନ କରୁଛନ୍ତି।

ଚିତ୍ରକୋଣ୍ଡା ସ୍ପିଲୱେ ଲଞ୍ଚ ଘାଟଠାରେ ବ୍ଲକ, ଥାନା ଓ ତହସିଲର ମିଳିତ ଆନୁକୂଲ୍ୟରେ ବ୍ଲକସ୍ତରୀୟ ପ୍ରାକୃତିକ ବିପର୍ଯ୍ୟୟ ମୁକାବିଲା ପାଇଁ ମକ୍‌ଡ୍ରିଲ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଛି। ବିଡ଼ିଓ ଲରିମନ ଖରସେଲ, ତହସିଲଦାର ଟି. ପଦ୍ମନାଭ ଦୋରା, ଥାନା ଅଧିକାରୀ ଯୁଗଳ ଶବର ଏବଂ କୁଡୁମୁଲୁଗୁମା ଅଗ୍ନିଶମ କର୍ମଚାରୀ ଉପସ୍ଥିତ ଥିଲେ।

ପଡିଆ ବ୍ଲକ ଅନ୍ତର୍ଗତ ଗିରିକାନପାଲି ପଞ୍ଚାୟତର ଗିରିକାନପାଲି ଗ୍ରାମରେ ଥିବା ବନ୍ୟା ବାତ୍ୟା ଆଶ୍ରୟସ୍ଥଳିଠାରେ ବ୍ଲକସ୍ତରୀୟ ମକଡ୍ରିଲ କାର୍ଯ୍ୟକ୍ରମ ହୋଇଥିଲା। ବିଡିଓ ରଘୁନାଥ ମୁଣ୍ଡାରୀ, ଅଗ୍ନିଶ୍ରମ ବିଭାଗ ଅଧିକାରୀ ବୀରେନ୍ଦ୍ର କୁମାର ସିଂଙ୍କ ତତ୍ତ୍ୱାବଧାନରେ ଅଗ୍ନିଶମ କର୍ମଚାରୀମାନେ ବିଭିନ୍ନ କୌଶଳ ପ୍ରଦଶନ କରିଥିଲେ। ଡାକ୍ତର ଚିତ ରଞ୍ଜନ ମିଶ୍ର, ସରପଞ୍ଚ ଦୁଲେ ମାଡିଙ୍କ ସହ ଅନ୍ୟମାନେ ଉପସ୍ଥିତ ଥିଲେ।

ନବରଙ୍ଗପୁର ସଦର ମହକୁମା ପ୍ରତାପ ସାଗର ପୋଖରୀଠାରେ ଜିଲା ପ୍ରଶାସନ ଓ ଦମକଳ ବାହିନୀ ପକ୍ଷରୁ ଜିଲାସ୍ତରୀୟ ବିପର୍ଯ୍ୟୟ ମୁକାବିଲା ପ୍ରସ୍ତୁତି ଅଭ୍ୟାସ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ଜିଲାପାଳ ଡ. ଅଜିତ କୁମାର ମିଶ୍ର ମୁଖ୍ୟଅତିଥି ଭାବେ ଯୋଗ ଦେଇଥିଲେ। ବିଭିନ୍ନ ସମୟରେ ବାତ୍ୟା, ବନ୍ୟା ଓ କାଳ ବୈଶାଖୀ ହେଉଛି। ଏଥିରେ ପ୍ରଭାବିତ ଲୋକଙ୍କୁ କିଭଳି ସୁରକ୍ଷିତ ଭାବେ ଉଦ୍ଧାର କରାଯାଇପାରିବ ସେନେଇ ମକଡ୍ରିଲ କରାଯାଇଥିଲା। ଏଥିରେ ସ୍ଥାନୀୟ ଆଶା କର୍ମୀ, ଅଙ୍ଗନୱାଡି କର୍ମୀ ଓ ସ୍ୱାସ୍ଥ୍ୟକର୍ମୀ ମଧ ସାମିଲ ହୋଇଥିଲେ। କାର୍ଯ୍ୟକ୍ରମରେ ଅତିରିକ୍ତ ଜିଲାପାଳ ସୁବାଶିଷ ମାନସିଂ, ଜିଲା ଜରୁରୀ କାଳୀନ ଅଧିକାରୀ ନିର୍ମଳ ନାୟକ, ଜିଲା ସୂଚନା ଓ ଲୋକ ସମ୍ପର୍କ ଅଧିକାରୀ ହଳଧର ନିଆଲ,ଜିଲା ଜରୁରୀକାଳିନ ବିଭାଗର ତ୍ରିପତି ବାଲାଜୀ ସାହୁଙ୍କ ସମେତ ଅନ୍ୟମାନେ ଉପସ୍ଥିତ ଥିଲେ।

କୋରାପୁଟ ଜିଲା ସଦର ଷ୍ଟାଡିୟମଠାରେ ରାଜ୍ୟରେ ବନ୍ୟା, ବାତ୍ୟା ତଥା ଅନ୍ୟାନ୍ୟ ପ୍ରାକୃତିକ ଦୁର୍ବିପାକ ସମୟରେ ଏହାକୁ କିଭଳି ମୁକାବିଲା କରାଯାଇ ଲୋକଙ୍କୁ ଉଦ୍ଧାର କାର୍ଯ୍ୟ ହୋଇପାରିବ ସେନେଇ ଏକ ମକଡ୍ରିଲ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଛି। ଏଥିରେ ମୁଖ୍ୟ ଅତିଥି ଭାବେ ଜିଲାପାଳ ମଧୁସୂଦନ ମିଶ୍ର ଯୋଗ ଦେଇଥିଲେ। ଜିଲା ମୁଖ୍ୟାଳୟ ଏବଂ ବ୍ଲକ ମୁଖ୍ୟାଳୟଠାରେ ଏହି ମକଡ୍ରିଲ କାର୍ଯ୍ୟକ୍ରମ ଆୟୋଜନ କରାଯାଇଛି। ଓଡ୍ରାଫ, ଅଗ୍ନିଶମ ଏବଂ ସାଧାରଣ ଉଦ୍ଧାରକାରୀ ଦଳ ପ୍ରାକୃତିକ ବିପର୍ଯ୍ୟୟ ସମୟର ଉଦ୍ଧାର ନେଇ ବିଭିନ୍ନ ରଣକୌଶଳ ପ୍ରଦର୍ଶନ କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ଏଡିଏମ ଦେବେନ ପ୍ରଧାନ, ଉପଜିଲାପାଳ ଲଳିତ ମୋହନ କଅଁର, ଓଡ୍ରାଫ ଆସିଷ୍ଟାଣ୍ଟ କମାଣ୍ଡଣ୍ଟ, ଅଗ୍ନିଶମ ବିଭାଗର ସହକାରୀ ଅଧିକାରୀ ଉପସ୍ଥିତ ଥିଲେ। ସେହିପରି ଜୟପୁର ବ୍ଲକ କାର୍ଯ୍ୟାଳୟଠାରେ ବିଡିଓ ସୂରଜ ପଟ୍ଟନାୟକଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ମକଡ୍ରିଲ କାର୍ଯ୍ୟକ୍ରମରେ ମୁଖ୍ୟଅତିଥି ଭାବେ ଉପଜିଲାପାଳ ଲୋକନାଥ ଦଳ ବେହେରାଙ୍କ ସହ ଅନ୍ୟମାନେ ଉପସ୍ଥିତ ଥିଲେ।

ବୈପାରିଗୁଡାରେ ବନ୍ୟା ବାତ୍ୟା ସମୟରେ ବିପନ୍ନ ମାନଙ୍କୁ କିପରି ଉଦ୍ଧାର କରାଯିବ ସେ ନେଇ ସ୍ଥାନୀୟ ଅଗ୍ନିଶମ ବିଭାଗ ପକ୍ଷରୁ ବ୍ଲକ କାର୍ଯ୍ୟାଳୟ ପରିସରରେ ଏକ ମକ୍ ଡ୍ରିଲ୍ କାର୍ଯ୍ୟକ୍ରମ କରାଯାଇଥିଲା। ଭାରପ୍ରାପ୍ତ ଅଗ୍ନିଶମ ଅଧିକାରୀ ଶୁସାନ୍ତ କମାର ମହାନ୍ତିଙ୍କ ନେତୃତ୍ୱରେ କର୍ମଚାରୀମାନେ ବିଭିନ୍ନ କୌଶଳ ପ୍ରଦର୍ଶନ କରିଥିଲେ। ବିଡିଓ ଅଭିମନ୍ୟୁ କବିଶତପଥୀ,ତହସିଲଦାର କୈଳାସ ଚନ୍ଦ୍ର ତ୍ରିପାଠୀ,ବ୍ଲକ ଅଧକ୍ଷା ସରୋଜିନି କାଣ୍ଡିକି , ଥାନା ଅଧିକାରୀ ଅଂଶୁମାନ ଦ୍ୱିବେଦୀ ଉପସ୍ଥିତ ଥିଲେ।

## ଟ୍ରାକ୍ଟରରୁ ଖସିପଡି ବାଳକଙ୍କ ମୃତ୍ୟୁ

କାଲିମେଳା,୧୯।୬(ଡି.ଏନ.ଏ.)– ମାଲାକନଗିରି ଜିଲା କାଲିମେଳା ବ୍ଲକ ପଟେରୁ ଫାଣ୍ଡି ଅନ୍ତର୍ଗତ ମାନ୍ଦାପାଲି ପଞ୍ଚାୟତର ଏମଭି–୬୩ ଗ୍ରାମରେ ଶୁକ୍ରବାର ସକାଳେ ଏକ ଟ୍ରାକ୍ଟରରୁ ଖସିପଡି ଜଣେ ୮ ବର୍ଷର ବାଳକଙ୍କ ମୃତ୍ୟୁ ହୋଇଯାଇଛି। ସେ ହେଲେ ଗ୍ରାମର କ୍ରିଷ୍ଣ ମଣ୍ଡଳଙ୍କ ପୁଅ ବିଟୁ ମଣ୍ଡଳ। ପଟେରୁ ଫାଣ୍ଡି ଅଧିକାରୀ ମନୋହର ସାହୁ ଘଟଣା ସ୍ଥଳରେ ପହଞ୍ଚି ମୃତଦେହ ଜବତ କରିଛନ୍ତି। ଗ୍ରାମର ମୃତ୍ୟୁଞ୍ଜୟ ଢାଲି ନିଜ ଘର ସମ୍ନାରେ ଟ୍ରାକ୍ଟର (ଓଡି୩୦ ଡି– ୭୨୬୩) ରଖିଥିଲେ। ଏହି ସମୟରେ ଗ୍ରାମର ଅନ୍ୟ ୪ ପିଲାଙ୍କ ସହ ବିଟୁ ଟ୍ରାକ୍ଟର ଡାଲାରେ ଚଢି ଖେଳୁଥିଲେ। ମୃତ୍ୟୁଞ୍ଜୟ ନିଜ କାମରେ ଯିବାକୁ ଟ୍ରାକ୍ଟର ବାହାର କରିଥିଲେ। ଅଳ୍ପ କିଛିଦୂର ଯିବା ପରେ ଡାଲାରେ ବସିଥିବା ବିଟୁ ଓହ୍ଲାଇବା ପାଇଁ ଚଳନ୍ତା ଟ୍ରାକ୍ଟରରୁ ତଳକୁ ଡେଇଁବାକୁ ଚେଷ୍ଟା କରି ତଳକୁ ଖସିପଡିଥିଲେ। ଫଳରେ ତାଙ୍କ ମୁଣ୍ଡ ମାଡ ହେବା ସହ ଟ୍ରାକ୍ଟରର ପଛ ଚକା ତଳେ ଚାପି ହୋଇ ଯାଇଥିଲେ। ଫଳରେ ଘଟଣାସ୍ଥଳରେ ବିଟୁଙ୍କ ମୃତ୍ୟୁ ହୋଇଯାଇଥିଲା। ପରିବାର ଲୋକେ ତାଙ୍କୁ କାଲିମେଳା ମେଡିକାଲ ଆଣିଥିଲେ। ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ। ଏନେଇ ପଟେରୁ ଫାଣ୍ଡିରେ ୮/୨୦ରେ ଏକ ମାମଲା ରୁଜୁ ହୋଇ ଟ୍ରାକ୍ଟର ଜବତ ହୋଇଛି।

ଧରିତ୍ରୀ
DHARITRI
www.orissakhabar.com/ www.dharitri.com ପୃଷ୍ଠା ୨୦ Press Regd. No. R.N. 21326/74 Postal Regd. No. BN/42/18-20. ଶନିବାର, ଜୁନ୍ ୨୦/୨୦୨୦ Saturday, June 20/2020

## ସଂକ୍ଷେପରେ

### ଏନ୍‌ଆଇପିଏଫ୍‌ପିର ଅଧ୍ୟକ୍ଷ ଭାର ସମ୍ଭାଳିବେ ଉର୍ଜିତ

**ନୂଆଦିଲ୍ଲୀ,୧୯।୬:** ରିଜର୍ଭ ବ୍ୟାଙ୍କ ଅଫ୍ ଇଣ୍ଡିଆ(ଆର୍‌ବିଆଇ)ର ପୂର୍ବତନ ଗଭର୍ନର ଉର୍ଜିତ ପଟେଲ ନ୍ୟାଶନାଲ ଇନ୍‌ଷ୍ଟିଚ୍ୟୁଟ ଅଫ୍ ପବ୍ଲିକ ଫାଇନାନ୍ସ ଆଣ୍ଡ ପିଲିସି(ଏନ୍‌ଆଇପିଏଫ୍‌ପି)ର ଅଧ୍ୟକ୍ଷ ଭାର ସମ୍ଭାଳିବେ। ଜୁନ ୨୨ଠାରୁ ସେ ଏହି ଦାୟିତ୍ୱରେ କାର୍ଯ୍ୟ କରିବେ ବୋଲି ଥିଙ୍କ ଟ୍ୟାଙ୍କ ପକ୍ଷରୁ ସୂଚନା ଦିଆଯାଇଛି। ୨୦୧୪ ନଭେମ୍ବର ୧ରୁ କାମ କରୁଥିବା ବିଜୟ୍ କେଲକରଙ୍କ ପରେ ଉର୍ଜିତ ଅଧ୍ୟକ୍ଷ ଭାବେ ଅବସ୍ଥାପିତ ହୋଇଛନ୍ତି। ଉକ୍ତ ପଦବୀରେ ଉର୍ଜିତ ୪ବର୍ଷ ଲାଗି କାମ କରିବେ। ଡ.କେଲକରଙ୍କ କାର୍ଯ୍ୟକାଳ ଅନୁଷ୍ଠାନ ପାଇଁ ବେଶ୍ ଲାଭକାରୀ ଥିଲା। ଉର୍ଜିତ ଏହି ଧାରାକୁ ବଢାଇବା ସହ ଅନୁଷ୍ଠାନର ଅଭିବୃଦ୍ଧିକୁ ତ୍ୱରାନ୍ୱିତ କରିବା ଦିଗରେ ସହାୟକ ହେବେ ବୋଲି ଏନ୍‌ଆଇପିଏଫ୍‌ପି ପକ୍ଷରୁ କୁହାଯାଇଛି।

### ଶୀଘ୍ର ଆସିବ ଏଲ୍‌ଆଇସିର ଆଇପିଓ

**ନୂଆଦିଲ୍ଲୀ,୧୯।୬:** ଭାରତୀୟ ଜୀବନ ବୀମା ନିଗମ (ଏଲ୍‌ଆଇସି)ର ଇନିସିଆଲ ପବ୍ଲିକ ଅଫରିଂ( ଆଇପିଓ) ଶୀଘ୍ର ଆସିବ। ଏଥି ଲାଗି ସରକାର ପରାମର୍ଶଦାତାଫାର୍ମ, ନିବେଶ ବ୍ୟାଙ୍କର ଏବଂ ବିତ୍ତୀୟ ସଂସ୍ଥାଗୁଡିକଠାରୁ ଟେଣ୍ଡର ଆମନ୍ତ୍ରଣ କରିଛନ୍ତି। ଏଲ୍‌ଆଇସି ଆଇପିଓ ଆସିଲେ ଏହା ଦେଶର ସବୁଠାରୁ ବଡ ଆଇପିଓ ହେବ ବୋଲି କୁହାଯାଉଛି। ଏଥିଲାଗି ସରକାର ୨ ପୂର୍ବ ଟ୍ରାଞ୍ଜାକଶନ ପରାମର୍ଶଦାତା ସାମିଲ କରିବେ। ସରକାର ଏୟାର ଇଣ୍ଡିଆ, ବିପିସିଏଲ୍,କନକର ସମେତ ଅନ୍ୟ କମ୍ପାନୀଗୁଡିକରୁ ଅଂଶଧନ ବିକ୍ରି କରିବା ଲାଗି ବର୍ତ୍ତମାନ ଯୋଜନା ରଖିଛନ୍ତି।

# ଇ-କମର୍ସ ନୀତିରେ ହୋଇପାରେ ପରିବର୍ତ୍ତନ

**ନୂଆଦିଲ୍ଲୀ,୧୯।୬**



**ପ୍ରଡକ୍ଟ ମେଡ୍ ଇନ୍ ଇଣ୍ଡିଆ କି ନୁହେଁ ଜାଣି ହେବ**

ଭାରତ-ଚାଇନା ସୀମା ବିବାଦ ପରେ କେନ୍ଦ୍ର ସରକାର ଚାଇନା ବିରୋଧରେ କଠୋର ନୀତି ଗ୍ରହଣ କରୁଥିବା ଜଣାପଡ଼ିଛି। ଚାଇନାରୁ ଭାରତ ଆସୁଥିବା ସାମଗ୍ରୀଗୁଡିକ ଉପରେ ଉଚ୍ଚ ପରିମାଣର ଟିକସ ଲାଗୁ କରିବା ଯୋଜନା ହେଉଛି। ଚାଇନା ସାମଗ୍ରୀ ଉପରେ ସୀମା ଟିକସ ବୃଦ୍ଧି କରାଯିବାକୁ ଥିବା ବେଳେ ଇ-କମର୍ସ କମ୍ପାନୀଗୁଡ଼ିକ ଲାଗି ନିୟମରେ ପରିବର୍ତ୍ତନ ହେବା ସମ୍ଭାବନା ରହିଥିବା ଜଣାପଡିଛି। ବାଣିଜ୍ୟ ଏବଂ ଉଦ୍ୟୋଗ ମନ୍ତ୍ରଣାଳୟ ଏନେଇ ରୋଡ୍‌ମ୍ୟାପ ପ୍ରସ୍ତୁତ କରୁଛି। ନୂଆ ନୀତି ମୁତାବକ ଇ-କମର୍ସ କମ୍ପାନୀଗୁଡିକୁ ପ୍ରଡକ୍ଟ କେଉଁଠାରେ ତିଆରି ହୋଇଛି ତା'ର ସବିଶେଷ ବିବରଣୀ ଦେବାକୁ ପଡିବ। ପ୍ରଡକ୍ଟ ମେଡ୍ ଇନ୍ ଇଣ୍ଡିଆ କି ନୁହେଁ ସେ ସମ୍ପର୍କରେ କମ୍ପାନୀ ତଥ୍ୟ ପ୍ରଦାନ କରିବେ।

ସରକାର ଇ-କମର୍ସ ଲାଗି ଯଦି ଏଭଳି ନୀତି ଆଣନ୍ତି ଏହା ଆତ୍ମନିର୍ଭର ଭାରତ ଯୋଜନା ଲାଗି ସହାୟକ ହେବ। ଚାଇନା ସାମଗ୍ରୀ ଭାରତ ଆସିବା କମ୍ କରିବା ସହ ସ୍ଥାନୀୟ ସାମଗ୍ରୀ କିଣିବାର ବିକଳ୍ପ ହେବ ବୋଲି ଜଣେ ଅଧିକାରୀ କହିଛନ୍ତି। ଗତ ଆର୍ଥିକ ବର୍ଷର ୧୧ ମାସରେ ଚାଇନାର ଭାରତ ସହ ବାଣିଜ୍ୟ ସରପ୍ଲସ୍ ବା ବଳକା ୪୭ ବିଲିୟନ ଡଲାର ରହିଛି। ଅର୍ଥାତ୍ ଚାଇନା ଭାରତକୁ ଅଧିକ ପରିମାଣର ସାମଗ୍ରୀ ବିକ୍ରି କରିଛି। ଭାରତ ୧୭ ବିଲିୟନ ଡଲାରର ରିଟେଲ ସାମଗ୍ରୀ ଚାଇନାରୁ ମଗାଉଛି। ଚାଇନାରୁ ଆସୁଥିବା ପ୍ରଡକ୍ଟ ମଧ୍ୟରେ ଖେଳନା, ଘରେଇ ଆସବାବପତ୍ର, ମୋବାଇଲ ଫୋନ, ଇଲେକ୍‌ଟ୍ରିକ ଏବଂ ଇଲେକ୍‌ଟ୍ରୋନିକ୍ସ ସାମଗ୍ରୀ ଏବଂ ପ୍ରସାଧନ ସାମଗ୍ରୀର ଅଂଶ ଅଧିକ ରହିଛି। ଏହାର ବିକଳ୍ପ ଭାବେ ଭାରତୀୟ ପ୍ରଡକ୍ଟର ବ୍ୟବହାର କରାଯାଇ ପାରିବ।

ଭାରତର ମୋଟ ଆମଦାନୀ କ୍ଷେତ୍ରରେ ଚାଇନାର ଅଂଶ ୧୪% ରହିଛି। ଏପ୍ରିଲ ୨୦୧୯ ଠାରୁ ୨୦୨୦ ଫେବୃୟାରୀ ମଧ୍ୟରେ ଭାରତ ଚାଇନାଠାରୁ ୪.୭ ଲକ୍ଷ କୋଟି ଟଙ୍କାର ସାମଗ୍ରୀ ମଗାଇଛି। ଏହି ସମୟରେ ଚାଇନା ଭାରତରୁ ୧.୧ ଲକ୍ଷ କୋଟି ଟଙ୍କାର ସାମଗ୍ରୀ ନେଇଛି। ଚାଇନା ଭାରତକୁ ଘଣ୍ଟା, ମ୍ୟୁଜିକାଲ ଉପକରଣ, ଖେଳନା, ଖେଳ ସରଞ୍ଜାମ, ଫର୍ନିଚର, ମ୍ୟାଟ୍ରେସ, ପ୍ଲାଷ୍ଟିକ, ଇଲେକ୍‌ଟ୍ରୋନିକ୍ସ, ଇଲେକ୍ଟ୍ରିକାଲ୍ସ, ମେଶିନାରି, କେମିକାଲ, ଆଇରନ, ଷ୍ଟିଲ, ସାର, ମେଟାଲ ଭଳି ବିଭିନ୍ନ ବର୍ଗରେ ସାମଗ୍ରୀ ମଗାଉଛି।

# ଭାରତକୁ ଜିଏସ୍‌ପି ମାନ୍ୟତା ଫେରାଇବା ନେଇ ୟୁଏସ୍‌ର ବିଚାର

**ୱାଶିଂଶନ,୧୯।୬:** ବାଣିଜ୍ୟ ସୁବିଧା ଲାଗି ଆମେରିକା ପ୍ରଦାନ କରୁଥିବା ଜେନେରାଲାଇଜ୍ଡ ସିଷ୍ଟମ ଅଫ୍ ପ୍ରିଫରେନ୍ସ(ଜିଏସ୍‌ପି) ମାନ୍ୟତା ଭାରତକୁ ପୁଣି ଥରେ ପ୍ରଦାନ କରିବାକୁ ଆମେରିକା ବିଚାର କରୁଛି। ଟ୍ରମ୍ପ ପ୍ରଶାସନର ଜଣେ ବରିଷ୍ଠ ଅଧିକାରୀ ଏ ସମ୍ପର୍କରେ ସୂଚନା ଦେଇଛନ୍ତି। ଭାରତ ଆମେରିକାର ସାମଗ୍ରୀ ଉପରେ ବର୍ତ୍ତମାନ ଉଚ୍ଚ ଟିକସ ଲାଗୁ କରୁଛି। ଏଥିଯୋଗୁ ବାଧ ହୋଇ ଭାରତକୁ ଜିଏସ୍‌ପି ମାନ୍ୟତା ଦ୍ୱାରା ବାଣିଜ୍ୟ ସୁବିଧା ଦେବାକୁ ଆମେରିକା ଚାହୁଁଛି। ଟ୍ରମ୍ପ ପ୍ରଶାସନ ୨୦୧୯ ଜୁନରେ ଆମେରିକା ଭାରତକୁ ଦେଉଥିବା ଜିଏସ୍‌ପି ମାନ୍ୟତା ପ୍ରତ୍ୟାହାର କରିନେଇଥିଲା। ଭାରତ ବଜାରରେ ନ୍ୟାୟପୂର୍ଣ୍ଣ ଭାବେ ଆମେରିକାକୁ ଏହାର ବଜାରରେ କାରବାର କରିବା ନେଇ ସୁଯୋଗ ଦେଉ ନ ଥିବା ଅଭିଯୋଗ କରି ଜିଏସ୍‌ପି ମାନ୍ୟତା ପ୍ରତ୍ୟାହାର କରାଯାଇଥିଲା। ବର୍ତ୍ତମାନ ଆମେରିକାର ସେଓ, ଡାଲି ସମେତ ଅନ୍ୟ ବର୍ଗର



ସାମଗ୍ରୀ ଉପରେ ଭାରତ ଉଚ୍ଚ ଟିକସ ଲାଗୁ କରୁଛି। ୨୦୧୮ରେ ଭାରତ ଆମେରିକାକୁ ୫୧.୪ ବିଲିୟନ ଡଲାର ସାମଗ୍ରୀ ପଠାଇ ଥିବା ବେଳେ ମାତ୍ର ୬.୩୫ ବିଲିୟନ ଡଲାରର ସାମଗ୍ରୀ ଜିଏସ୍‌ପି ପରିସରଭୁକ୍ତ ହୋଇଥିଲା।

## ୫ହଜାରରୁ ଉର୍ଦ୍ଧ୍ୱ ଉଠାଣରେ ଲାଗିପାରେ ଚାର୍ଜ

**ମୁମ୍ବାଇ, ୧୯।୬:** ଏଟିଏମ୍‌ରୁ ଏକାଥରକେ ୫ହଜାର ଟଙ୍କାରୁ ଉର୍ଦ୍ଧ୍ୱ ଉଠାଣ ଉପରେ ଗ୍ରାହକଙ୍କୁ ଚାର୍ଜ ଲାଗିପାରେ। ଏହା ପ୍ରସଙ୍ଗ ଉପରେ ବର୍ତ୍ତମାନ ରିଜର୍ଭ ବ୍ୟାଙ୍କ ବିଚାର ବିମର୍ଷ କରୁଛି। ଆର୍‌ଟିଆଇରେ ମଗାଯାଇଥିବା ସୂଚନାରୁ ଏଭଳି ତଥ୍ୟ ସାମ୍ନାକୁ ଆସିଛି। ଡିଜିଟାଲ ନେଣଦେଣକୁ ଉତ୍ସାହିତ କରିବା ଏବଂ ନଗଦ କାରବାରକୁ କମ୍ କରିବା ଲାଗି କେନ୍ଦ୍ରୀୟ ବ୍ୟାଙ୍କ ଏଭଳି ଏକ ଦିଗ ଉପରେ ଧ୍ୟାନ ରଖିଛି। ଇଣ୍ଡିଆନ ବ୍ୟାଙ୍କ ଆସୋସିଏଶନର ଚିଫ ଏକଜିକ୍ୟୁଟିଭ୍ ଭି.ଜି. କନ୍ନନଙ୍କ ଅଧ୍ୟକ୍ଷତାରେ ଗଠିତ କମିଟି କେନ୍ଦ୍ରୀୟ ବ୍ୟାଙ୍କକୁ ଏ ସମ୍ପର୍କରେ ଏକ ରିପୋର୍ଟ ପ୍ରଦାନ କରିଛି। ଅକ୍ଟୋବର ୨୨ରେ କେନ୍ଦ୍ରୀୟ ବ୍ୟାଙ୍କ ଏହି ରିପୋର୍ଟ ଲାଭ କରିଥିଲା। ଏହି ରିପୋର୍ଟକୁ ସାର୍ବଜନୀନ କରାଯାଇ ନାହିଁ। ଆର୍‌ଟିଆଇ କର୍ମୀ ଶ୍ରୀକାନ୍ତ ଏଲ୍‌ଙ୍କ ଏଥି ସଂକ୍ରାନ୍ତ ଆବେଦନକୁ ଆର୍‌ବିଆଇର ପବ୍ଲିକ ଇନଫରମେଶନ ଅଫିସର ପୂର୍ବରୁ ଖାରଜ କରି ଦେଇଥିଲେ। ରିଜର୍ଭ ବ୍ୟାଙ୍କର ରେସପନ୍ସ ବିରୋଧରେ ଶ୍ରୀକାନ୍ତ ପୁଣି ଥରେ ଆବେଦନ କରିବା ପରେ ତାଙ୍କୁ ତଥ୍ୟ ମିଳିଥିଲା।

## ତେଲ ଦର ବୃଦ୍ଧିକୁ ନେଇ ଗ୍ରାହକ ଅସନ୍ତୁଷ୍ଟ

**ନୂଆଦିଲ୍ଲୀ,୧୯।୬:**ଦେଶରେ କରୋନା ସଂକ୍ରମଣର ସମୟରେ କ୍ରମାଗତ ତେଲ ଦର ବୃଦ୍ଧିକୁ ନେଇ ଗ୍ରାହକଙ୍କ ମଧ୍ୟରେ ଅସନ୍ତୁଷ୍ଟ ଦେଖାଦେଲାଣି। ଗତ ୧୩ ଦିନ ହେଲା ତେଲ ଦର କ୍ରମଶଃ ବୃଦ୍ଧି ପାଇ ଚାଲିଛି।ଚଳିତ ମାସ ଜୁନ ୭ ରୁ ଆଜି ପର୍ଯ୍ୟନ୍ତ (ଶୁକ୍ରବାର) ଦେଶର ତେଲ ଦର କ୍ରମାଗତ ଭାବରେ ବୃଦ୍ଧି ପାଉଛି।ଫଳରେ ଗତ ୧୩ ଦିନ ମଧ୍ୟରେ ପେଟ୍ରୋଲ ଉପରେ ୭.୧୧ଟଙ୍କା ଏବଂ ଡ଼ିଜେଲ ୭.୬୭ ଟଙ୍କା ବଢିଛି।ପ୍ରମୁଖ ତୈଳ କମ୍ପାନୀ ଗୁଡିକର ସୂଚନା ଅନୁସାରେ ୧୯ ତାରିଖରେ ପେଟ୍ରୋଲ ଲିଟର ପିଛା ୫୬ ପଇସା ଏବଂ ଡ଼ିଜେଲ ୬୩ ପଇସା ବୃଦ୍ଧି ପାଇଛି।ଗୁରୁବାର ପେଟ୍ରୋଲ ଦର ୭୭.୮୧ଟଙ୍କାରୁ ବୃଦ୍ଧିପାଇ ୭୮.୩୭ ଟଙ୍କା ଏବଂ ଡ଼ିଜେଲ ଦର ୭୬.୪୨ଟଙ୍କାରୁ ବୃଦ୍ଧି ପାଇଁ ୭୭.୦୫ ଟଙ୍କାରେ ପହଞ୍ଚିଛି।

## ୧୦ନିୟୁତ ଡଲାର ପୁଞ୍ଜି ଉଠାଇଲା ମିଲ୍କ ମନ୍ତ୍ରା

**ମୁମ୍ବାଇ,୧୯।୬:** ପ୍ରମୁଖ ଦୁଗ୍ଧ ଷ୍ଟାର୍ଟଅପ୍ କମ୍ପାନୀ ମିଲ୍କ ମନ୍ତ୍ରାରେ ଆମେରିକାର ଇଣ୍ଟରନେସନାଲ ଡେଭଲମେଣ୍ଟ ଫାଇନାନ୍ସ କର୍ପୋରେଶନ (ଡିଏଫସି) ୧୦ ନିୟୁତ ଡଲାର ପୁଞ୍ଜି ନିବେଶ କରିବାକୁ ଘୋଷଣା କରିଛି। ୫୦ ବିଲିୟନ ଡଲାର ବିଶିଷ୍ଟ ଭାରତୀୟ ଡେରୀ ଉଦ୍ୟୋଗରେ ଖାଦ୍ୟ ଓ ଗ୍ରାହକଙ୍କ ମଧ୍ୟରେ ହ୍ରାସ ପାଉଥିବା ଭରସାକୁ ପୂରଣ କରିବା ଲକ୍ଷ୍ୟରେ ଏହି ଷ୍ଟାର୍ଟ ଅପ୍ କମ୍ପାନୀ ଆରମ୍ଭ କରାଯାଇଛି। ଡିଏଫସି ମଧ୍ୟ ମିଲ୍କ ମନ୍ତ୍ରାରେ ନିଜ ନିବେଶର ପ୍ରଭାବ ବୃଦ୍ଧି କରିବାକୁ ୩୭୧,୦୦୦ଡଲାର (୨.୮କୋଟି)ଟଙ୍କା ବୈଷୟକ ସହାୟତା ଭାବେ ଋଣ ଆକାରରେ ମଞ୍ଜୁର କରିଛି। ୟୁଏସ୍ ଡିଏଫସି ପକ୍ଷରୁ ଏହି ୮୦ କୋଟିର ପୁଞ୍ଜି ନିବେଶ ଓଡିଶାରେ ପ୍ରଥମ ଓ ପ୍ରତ୍ୟକ୍ଷ ପୁଞ୍ଜି ନିବେଶ ବୋଲିଜଣାପଡିଛି।ଏହିନିବେଶକୁ ମିଶାଇ କମ୍ପାନୀ ବର୍ତ୍ତମାନ ସୁଦ୍ଧା ୩ଶହ କୋଟିର ପୁଞ୍ଜି ହାସଲ କରିଛି। ଡିଏଫ୍‌ସି ମିଲ୍କ ମନ୍ତ୍ରାର କୃଷି ସଂପ୍ରସାରଣ ଓ ନୀତିପୂର୍ଣ୍ଣ ଦୁଗ୍ଧ ସଂଗ୍ରହ କାର୍ଯ୍ୟକ୍ରମକୁ ସହାୟତା କରିବାକୁ ଏହି ସହାୟତା ରାଶି ମଞ୍ଜୁର ହୋଇଥିବା କମ୍ପାନୀର ପ୍ରତିଷ୍ଠାତା ଶ୍ରୀ କୁମାର ମିଶ୍ର ସୂଚନା ଦେଇଛନ୍ତି।

# ଖେଳ ଖବର

# ବକ୍ସଟର ଓଡ଼ିଶା ଏଫ୍‌ସିର ନୂଆ କୋଚ୍

**ଭୁବନେଶ୍ୱର, ୧୯।୬(କ୍ରୀଡ଼ା ପ୍ରତିନିଧି)**



ଇଣ୍ଡିଆନ ସୁପର ଲିଗ୍(ଆଇଏସ୍‌ଏଲ୍)ର ସପ୍ତମ ସଂସ୍କରଣ ପୂର୍ବରୁ ଷ୍ଟୁଆର୍ଟ ବକ୍ସଟରଙ୍କୁ ମୁଖ୍ୟ କୋଚ୍ ନିଯୁକ୍ତ କରିଛି ଓଡ଼ିଶା ଏଫ୍‌ସି। ଅଭିଜ୍ଞ ବକ୍ସଟରଙ୍କ ସହ ଭୁବନେଶ୍ୱରଭିତ୍ତିକ କ୍ଲବ ୨ ବର୍ଷୀୟା ଚୁକ୍ତି କରିଛି। ଇଂଲଣ୍ଡରେ ଜନ୍ମିତ ବକ୍ସଟରଙ୍କର ୨୫ ବର୍ଷର କୋଚିଂ ଅଭିଜ୍ଞତା ରହିଛି। ସେ ପୂର୍ବରୁ ଦକ୍ଷିଣ ଆଫ୍ରିକା ଜାତୀୟ ଦଳ ଓ ୧୯ ବର୍ଷରୁ କମ୍ ଇଂଲଣ୍ଡର ଦଳର କୋଚ୍ ରହି ସାରିଥିବାବେଳେ ଆସନ୍ତା ସିଜନ ପାଇଁ ଓଡ଼ିଶା ଏଫ୍‌ସି ଦଳର ଦାୟିତ୍ୱ ନେଇଛନ୍ତି। ଦକ୍ଷିଣ ଆଫ୍ରିକା ବ୍ୟତୀତ ସେ ଫିନ୍‌ଲାଣ୍ଡ ସିନିୟର ଫୁଟବଲ ଦଳର କୋଚ୍ ମଧ୍ୟ ରହିଛନ୍ତି। ଏହା ବ୍ୟତୀତ ସେ ସ୍ୱିଡେନ, ନରୱେ, ପର୍ତ୍ତୁଗାଲ, ଜାପାନ ଓ ଦକ୍ଷିଣ ଆଫ୍ରିକାର ଅନେକ ପେସାଦାର କ୍ଲବର ମ୍ୟାନେଜର ଦାୟିତ୍ୱ ତୁଲାଇଛନ୍ତି। କ୍ଲବସ୍ତରରେ ସେ କାଇଜର ଚିଫ୍ସ, ଭିସେଲ କୋବେ, ସୁପରସ୍ପୋର୍ଟ ୟୁନାଇଟେଡ ଏବଂ ସାନ୍‌ଫ୍ରେକ ହିରୋଶିମା ଆଦି ଜଣାଶୁଣା ଦଳକୁ କୋଚିଂ ଦେଇଛନ୍ତି। ୬୬ ବର୍ଷୀୟ ବକ୍ସଟର ନିଜ କାର୍ଯ୍ୟକାଳ ମଧ୍ୟରେ କାଇଜର ଚିଫ୍ସକୁ ୨ ଥର ପ୍ରିମିୟର ଲିଗ୍ ଫୁଟବଲ ଲିଗ୍ ଟାଇଟଲ ଜିତାଇଛନ୍ତି। ଏହା ବ୍ୟତୀତ ସେ ହିରୋଶିମାର ସାନଫ୍ରେକ ଟିମ୍‌କୁ ଜେ୧ ଲିଗ୍(ପ୍ରଥମ ଚରଣ) ଟାଇଟଲ ବିଜୟୀ କରାଇଛନ୍ତି।

''ଓଡ଼ିଶା ଏଫ୍‌ସିକୁ ବକ୍ସଟରଙ୍କୁ ସ୍ୱାଗତ କରି ମୁଁ ବହୁତ ଖୁସି। ଓଡ଼ିଶା ଏଫ୍‌ସିର ଆଗାମୀ ସିଜନକୁ ଦୃଷ୍ଟିରେ ରଖି ଆମ ଦୃଷ୍ଟିକୋଣ ସହିତ ଖାପ ଖାଇବା ପରି ଜଣେ କୋଚ୍‌ଙ୍କ ସନ୍ଧାନରେ ଆମେ ଥିଲୁ। ଷ୍ଟୁଆର୍ଟ ଆମ ଯୁବ ଖେଳାଳିଙ୍କୁ ମୋଟିଭେଟ କରିବା ସହ ଭାରତୀୟ ଦଳ ପାଇଁ ପ୍ରସ୍ତୁତ କରିପାରିବେ ବୋଲି ଆଶା ରହିଛି। ଏହାଦ୍ୱାରା ଆମ ଯୁବ ଏକାଡେମୀ ମଧ୍ୟ ଦୃଢ଼ ହେବ। ଆମ ଦର୍ଶକ ଏବଂ ଓଡ଼ିଆ ସମୁଦାୟ ଆମ ନିଷ୍ପତ୍ତିରେ ଏକମତ ହୋଇଥିବା ଆଶା। ଷ୍ଟୁଆର୍ଟ ଆମକୁ ଗର୍ବିତ କରବା ନେଇ ମୁଁ ଦୃଢ଼ ନିଶ୍ଚିତ'' ବୋଲି ଜିଏମ୍‌ଏସ୍(ଓଡ଼ିଶା ଏଫ୍‌ସିର ପ୍ୟାରେଣ୍ଟ କମ୍ପାନୀ)ର ପ୍ରତିଷ୍ଠାତା ତଥା ମୁଖ୍ୟ କାର୍ଯ୍ୟନିର୍ବାହୀ ଅଫିସର ଅନିଲ ଶର୍ମା ପ୍ରକାଶ କରିଛନ୍ତି। ''ଆସନ୍ତା ଆଇଏସ୍‌ଏଲ୍ ସିଜନକୁ ଦୃଷ୍ଟିରେ ରଖି ମୁଁ ଓଡ଼ିଶା ଏଫ୍‌ସି ସହିତ ଚୁକ୍ତି କରିଛି। କ୍ରୀଡ଼ାଭିତ୍ତିକ ରାଜ୍ୟ ଓଡ଼ିଶା ପକ୍ଷରୁ ପ୍ରତିନିଧିତ୍ୱ କରିବା ଆନନ୍ଦର କଥା। ଦଳର ଉନ୍ନତି ସହ ଟିମ୍‌ୱାର୍କ ଏବଂ ସହଯୋଗ ଦ୍ୱାରା ଆମେ ଆଗାମୀ ଦିନର ଚ୍ୟାଲେଞ୍ଜକୁ ମୁକାବିଲା କରିବୁ। ଖେଳାଳି ଓ କୋଚ୍‌ଙ୍କ ଉନ୍ନତି ସହ ଭାରତୀୟ ଫୁଟବଲର ଚ୍ୟାଲେଞ୍ଜକୁ ସମ୍ମୁଖୀନ ହେବାକୁ ମୁଁ ପ୍ରସ୍ତୁତ। ମୁଁ ସମସ୍ତ ସମର୍ଥକ, ଖେଳାଳି ଓ ଷ୍ଟାଫ୍‌ଙ୍କୁ ଶୁଭେଚ୍ଛା ଜଣାଉଛି। ସମସ୍ତେ ମିଶି ଆମେ ଏହି ଅଞ୍ଚଳ ପାଇଁ ସଫଳତା ଏବଂ ଖୁସି ଆଣିବା'' ବୋଲି ବକ୍ସଟର ପ୍ରକାଶ କରିଛନ୍ତି।

## କେନ୍ଦ୍ର କ୍ରୀଡ଼ା ମନ୍ତ୍ରଣାଳୟର ଗୁରୁତ୍ୱପୂର୍ଣ୍ଣ ନିଷ୍ପତ୍ତି

**ନୂଆଦିଲ୍ଲୀ,୧୯।୬(ପି.ଟି.):** ଗଲ୍ଫ, ସ୍କୁଲ ଗେମ୍ସ ଓ ରୋଇଂ ଜାତୀୟ ଫେଡେରେଶନଗୁଡିକୁ ସାମୟିକ ସରକାରୀ ମାନ୍ୟତା ପ୍ରଦାନ କରିବାକୁ କେନ୍ଦ୍ର କ୍ରୀଡ଼ା ମନ୍ତ୍ରଣାଳୟ ନିଷ୍ପତ୍ତି ନେଇଛି। ଏ ନେଇ ମନ୍ତ୍ରଣାଳୟ ତା'ର ପୂର୍ବ ନିଷ୍ପତ୍ତିର ସମୀକ୍ଷା କରିବା ପରେ ଏହି ନିଷ୍ପତ୍ତି ନେଇଛି। ମନ୍ତ୍ରଣାଳୟ ଦିଲ୍ଲୀ ହାଇକୋର୍ଟରେ ଏକ ସତ୍ୟପାଠ ଦାଖଲ କରିବା ପରେ ଏ ଘଟଣା ଲୋକଲୋଚନକୁ ଆସିଛି।

ଗତ ମେ ୧୧ ତାରିଖରେ ମନ୍ତ୍ରଣାଳୟ ଆସନ୍ତା ସେପ୍ଟେମ୍ବର ପର୍ଯ୍ୟନ୍ତ ୫୪ଟି ଜାତୀୟ ଫେଡେରେଶନକୁ ସାମୟିକ ସରକାରୀ ମାନ୍ୟତା ପ୍ରଦାନ କରିଥିଲା। ତେବେ ଭାରତୀୟ ଗଲ୍ଫ ୟୁନିୟନ (ଆଇଜିୟୁ), ସ୍କୁଲ ଗେମ୍ ଫେଡେରେଶନ ଅଫ୍ ଇଣ୍ଡିଆ (ଏସ୍‌ଜିଏଫ୍‌ଆଇ) ଓ ରୋଇଂ ଫେଡେରେଶନ ଅଫ୍ ଇଣ୍ଡିଆ (ଆରଏଫ୍‌ଆଇ)କୁ ବିଭିନ୍ନ କାରଣରୁ ଏଥିରୁ ବଞ୍ଚିତ କରିଥିଲା। ସାଧାରଣତଃ ଗୋଟିଏ ବର୍ଷ ପାଇଁ ଜାତୀୟ ଫେଡେରେଶନଗୁଡିକୁ ସରକାରୀ ମାନ୍ୟତା ପ୍ରଦାନ କରାଯାଇଥାଏ।




## ଖେଳରତ୍ନ ପାଇଁ ଶ୍ରୀକାନ୍ତଙ୍କ ନାମ ସୁପାରିସ

**ନୂଆଦିଲ୍ଲୀ, ୧୯।୬(ପି.ଟି.):** ବ୍ୟାଡ୍‌ମିଣ୍ଟନ ଆସୋସିଏଶନ ଅଫ୍ ଇଣ୍ଡିଆ (ବାଇ) ପକ୍ଷରୁ ତାରକା ଖେଳାଳି କିଡାମ୍ବି ଶ୍ରୀକାନ୍ତଙ୍କ ନାମ ଖେଳରତ୍ନ ପୁରସ୍କାର ପାଇଁ ସୁପାରିସ କରାଯାଇଛି। ଏକ ଟୁର୍ନାମେଣ୍ଟ ଅଧାରୁ ଓହରିଥିବାରୁ କ୍ଷମା ମାଗିବା ପରେ ତାଙ୍କ ନାମକୁ ବାଇ ସୁପାରିସ କରିଛି। ଅନ୍ୟପକ୍ଷରେ ଅର୍ଜୁନ ପୁରସ୍କାର ପାଇଁ ସୁପାରିସ କରା ନ ଯିବାରୁ ଆସୋସିଏଶନ ବିରୋଧରେ ବିକ୍ଷୋଦ୍‌ଗାର କରିଥିବା ଏସ.ଏସ. ପ୍ରଣୟଙ୍କୁ କାରଣ ଦର୍ଶାଅ ନୋଟିସ ଜାରି କରାଯାଇଛି। ଗତ ଫେବୃୟାରୀରେ ଉଭୟ ଶ୍ରୀକାନ୍ତ ଓ ପ୍ରଣୟ ମାନିଲାଠାରେ ଅନୁଷ୍ଠିତ ଏସିଆନ ଟେଷ୍ଟ ଚାମ୍ପିୟନଶିପ୍ ସେମିଫାଇନାଲ ନ ଖେଳି ବାର୍ସିଲୋନାରେ ଅନ୍ୟ ଏକ ଟୁର୍ନାମେଣ୍ଟ ଖେଳିଥିଲେ। ଭାରତ ସେମିଫାଇନାଲରେ ହାରିଥିଲେ ହେଁ ଏସିଆନ ଟେଷ୍ଟ ଚାମ୍ପିୟନଶିପ୍‌ରେ ତୃତୀୟ ସ୍ଥାନ ହାସଲ କରିଥିଲା। ଶୃଙ୍ଖଳାଗତ କାରଣରୁ ବାଇ ପକ୍ଷରୁ ଖେଳରତ୍ନ ପାଇଁ ଶ୍ରୀକାନ୍ତ ଏବଂ ଅର୍ଜୁନ ପାଇଁ ପ୍ରଣୟଙ୍କ ନାମ ସୁପାରିସ କରାଯାଇ ନ ଥିଲା। ଶ୍ରୀକାନ୍ତଙ୍କ ସୁପାରିସ ପତ୍ର କ୍ରୀଡ଼ା ମନ୍ତ୍ରଣଳୟ ନିକଟକୁ ପଠା ଯାଇଥିବାବେଳେ ପ୍ରଣୟଙ୍କୁ ୧୫ ଦିନ ମଧ୍ୟରେ ଉତ୍ତର ରଖିବା ପାଇଁ ସମୟ ଦିଆଯାଇଛି।

# ୧୦୦୦ ଜିଲାସ୍ତରୀୟ ଖେଲୋ ଇଣ୍ଡିଆ ସେଣ୍ଟର

**ନୂଆଦିଲ୍ଲୀ,୧୯।୬(ପି.ଟି.)**

ସାରା ଦେଶରେ କେନ୍ଦ୍ର କ୍ରୀଡ଼ାମନ୍ତ୍ରଣାଳୟ ୧୦୦୦ଟି ଜିଲାସ୍ତରୀୟ ଖେଲୋ ଇଣ୍ଡିଆ ସେଣ୍ଟର (କେଆଇସି) ସ୍ଥାପନ କରିବ। ସ୍ପୋର୍ଟିଂ ଚାମ୍ପିୟନଙ୍କ ସହାୟତାରେ ଏହି ସେଣ୍ଟରଗୁଡିକ ସ୍ଥାପନ କରାଯିବ ବୋଲି କ୍ରୀଡ଼ା ମନ୍ତ୍ରଣାଳୟ ତରଫରୁ କୁହାଯାଇଛି। ଏହି ସେଣ୍ଟରଗୁଡିକୁ ପୂର୍ବତନ ଚାମ୍ପିୟନ କିମ୍ବା କୋଚ୍‌ମାନଙ୍କ ଦ୍ୱାରା ପରିଚାଳିତ ହେବ। ଭାରତକୁ ଏକ ସ୍ପୋର୍ଟ୍ସ ସୁପର ପାଓ୍ୱାରରେ ପରିଣତ କରିବାକୁ ହେଲେ କ୍ରୀଡ଼ାକୁ ବ୍ୟବହାରିକ ରୂପେ କ୍ୟାରିୟରର ରୂପ ଦେବାର ଆବଶ୍ୟକତା ରହିଛି ବୋଲି କ୍ରୀଡ଼ାମନ୍ତ୍ରୀ କିରେନ ରିଜିଜୁ କହିଛନ୍ତି।

ଆଥଲେଟମାନଙ୍କୁ କ୍ରୀଡ଼ା ଜୀବନ ଜୀବିକାର ମାଧ୍ୟମ ହେବ। ପ୍ରତିଯୋଗିତାମୂଳକ କ୍ରୀଡ଼ା ଛାଡିବା ପରେ ମଧ୍ୟ ଏମାନେ ଯେପରି କୌଣସି ଅସୁବିଧାର ସମ୍ମୁଖୀନ ନ ହେବେ ସେ ନେଇ ଧ୍ୟାନ ଦେବାର ଆବଶ୍ୟକତା ରହିଛି। କ୍ରୀଡ଼ା ମଧ୍ୟ ଆଥ୍‌ଲେଟମାନଙ୍କ ଏହି ଆବଶ୍ୟକତାକୁ ପୂରଣ କରିବ ବୋଲି ସେ କହିଛନ୍ତି। ଏଥିପାଇଁ ପ୍ରତିଭା ଚିହ୍ନଟର ଆବଶ୍ୟକତା ରହିଛି। ନ ହେଲେ ଆଥ୍‌ଲେଟମାନେ ଅନ୍ୟ କ୍ୟାରିୟରକୁ ଗ୍ରହଣ କରିବେ। ପୂର୍ବତନ ଚାମ୍ପିୟନମାନେ ନିଜର ଏକାଡେମୀ ପ୍ରତିଷ୍ଠା କରିବେ କିମ୍ବା କେଆଇସିରେ କୋଚ୍ ହିସାବରେ କାର୍ଯ୍ୟ କରିବେ ସେ ନେଇ ମନ୍ତ୍ରଣାଳୟ ଆବଶ୍ୟକ ପଦକ୍ଷେପ ଗ୍ରହଣ କରିବ। ଏ ନେଇ ଚାମ୍ପିୟନମାନଙ୍କ ସହ ଆଲୋଚନା ମଧ୍ୟ କରାଯିବ ବୋଲି ସେ କହିଛନ୍ତି।

ଯେଉଁମାନେ ଭାରତ ପାଇଁ ବିଭିନ୍ନ ଅନ୍ତର୍ଜାତୀୟ ଇଭେଣ୍ଟରେ ପ୍ରତିଦ୍ୱନ୍ଦ୍ୱିତା କରିଛନ୍ତି ସେମାନେ ପ୍ରଥମ ବର୍ଗର ଆଥ୍‌ଲେଟ ଭାବେ ପରିଗଣିତ ହେବେ। ସେହିପରି ଯେଉଁମାନେ ସିନିୟର ଜାତୀୟ ଚାମ୍ପିୟନଶିପ୍‌ରେ ଓ ଖେଲୋ ଇଣ୍ଡିଆ ଗେମ୍ସରେ ପଦକ ଜିତିଛନ୍ତି ସେମାନେ ଦ୍ୱିତୀୟ ବର୍ଗର ଆଥଲେଟ୍‌ରେ ସାମିଲ ହେବେ। ସେହିପରି ଯେଉଁମାନେ ଜାତୀୟ ସର୍ବଭାରତୀୟ ବିଶ୍ୱବିଦ୍ୟାଳୟ ଗେମ୍ସରେ ପଦକ ଜିତିଛନ୍ତି ସେମାନେ ତୃତୀୟ ବର୍ଗରେ ସାମିଲ ହେବେ। ସେହିପରି ଯେଉଁମାନେ ସିନିୟର ଜାତୀୟ ଚାମ୍ପିୟନଶିପ୍‌ରେ କିମ୍ବା ଖେଲୋ ଇଣ୍ଡିଆ ଗେମ୍ସରେ ଅଂଶଗ୍ରହଣ କରିଛନ୍ତି ସେମାନେ ଚତୁର୍ଥ ବର୍ଗରେ ସାମିଲ ହେବେ। ଏହି ୪ଟି ବର୍ଗର ଆଥ୍‌ଲେଟମାନେ କେଆଇସି ଦାୟିତ୍ୱରେ ରହିପାରିବେ ଓ ଏଥିପାଇଁ ଆବେଦନ କରିପାରିବେ।

ତେବେ ଜମ୍ମୁ-କଶ୍ମୀର, ଆଣ୍ଡାମାନ ଓ ନିକୋବର ଦ୍ୱୀପପୁଞ୍ଜ ଓ ଲଦାଖରେ ସ୍ଥିତି ଭିନ୍ନ ହୋଇଥିବାରୁ ଏଠାରେ ନ୍ୟାଶନାଲ ଇନ୍‌ଷ୍ଟିଚ୍ୟୁଟ ଅଫ୍ ସ୍ପୋର୍ଟ୍ସ (ଏନ୍‌ଆଇଏସ୍) ଦ୍ୱାରା ପ୍ରଶିକ୍ଷତ ହୋଇଥିବା କୋଚ୍‌ମାନେ ମଧ୍ୟ ଆବଦେନ କରିପାରିବେ। ସାରା ଦେଶରେ ଖେଲୋ ଇଣ୍ଡିଆ ସେଣ୍ଟର ଖୋଲିବା ଉପରେ ଗୁରୁତ୍ୱ ଦିଆଯିବ। କ୍ରୀଡ଼ାର ପ୍ରଚାର ଓ ପ୍ରସାର ପାଇଁ ଯେଉଁ ସଂସ୍ଥା ଅତିକମ୍‌ରେ ୫ ବର୍ଷ କାର୍ଯ୍ୟ କରିଥିବେ ସେଗୁଡିକ ମଧ୍ୟ କେଆଇସି ସ୍ଥାପନ କରିବାକୁ ଯୋଗ୍ୟ ବିବେଚିତ ହେବେ। ତେବେ ଜମ୍ମୁ- କଶ୍ମୀର, ଲଦାଖ, ଡାମନ ଓ ଡ୍ୟୁ, ଆଣ୍ଡାମାନ ଓ ନିକୋବର ଦ୍ୱୀପପୁଞ୍ଜ ଏହି ୫- ବର୍ଷୀୟ ନିୟମରୁ କୋହଳ ପାଇବେ। କେଆଇସିରେ ୧୪ଟି କ୍ରୀଡ଼ା ଯଥା ଆର୍ଚେରୀ, ଆଥଲେଟିକ୍ସ, ବକ୍ସିଂ, ବ୍ୟାଡମିଣ୍ଟନ, ସାଇକ୍ଲିଂ, ଫେନ୍ସିଂ, ହକି, ଜୁଡୋ, ରୋଇଂ, ଶୁଟିଂ, ସୁଇମିଂ, ଟେବୁଲ ଟେନିସ, ୱେଟଲିଫ୍ଟିଂ ଓ ରେସ୍‌ଲିଂରେ ପ୍ରଶିକ୍ଷଣ ପାଇବେ। ସେହିପରି ଫୁଟବଲ ଓ ପାରମ୍ପରିକ କ୍ରୀଡ଼ାକୁ ମଧ୍ୟ ଏଥିରେ ସାମିଲ କରାଯାଇ ପାରିବ।

ବିଭିନ୍ନ ରାଜ୍ୟ ତଥା କେନ୍ଦ୍ର ଶାସିତ ଅଞ୍ଚଳର କ୍ରୀଡ଼ା ବିଭାଗ ନୂଆ କେଆଇସି ଚିହ୍ନଟ ପ୍ରକ୍ରିୟାରେ ସାମିଲ ହେବେ। ଜିଲାପାଳମାନେ ଏଥିରେ ସହାୟତା କରିବେ। ପରେ ଆଞ୍ଚଳିକ ସ୍ପୋର୍ଟ୍ସ ଅଥରିଟି ଅଫ୍ ଇଣ୍ଡିଆ (ସାଇ)କୁ କେଆଇସି ସ୍ଥାପନ ନେଇ ମୂଲ୍ୟାଙ୍କନ ପାଇଁ ଆବେଦନ କରାଯାଇ ପାରିବ ବୋଲି କୁହାଯାଇଛି।

3-Printed and published by Tathagata Satpathy on behalf of Navajat Printers & Media Pvt. Ltd. and printed at Navajat Printers, B-15, Industrial Estate, Rasulgarh, Bhubaneswar, Editor - Tathagata Satpathy, ସମ୍ପାଦକ- ତଥାଗତ ସତପଥୀ